# ଧରିତ୍ରୀ

DHARITRI

ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୧୬/୨୦୧୯ (୨୦ ପୃଷ୍ଠା) | Bhubaneswar, Monday, September 16/2019 | ★★★★

୪୫ଶ ଭାଗ ୨୯୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-







KP GROUP
Quality Since 1965
Safal
PAN MASALA
ସେହି ମଜାର ପ୍ରତିଶ୍ରୁତି
ଏବେ ଦୁଇଗୁଣରୁ ବି ବେଶି !
20% EXTRA
MADHUBAN
Safal
PAN MASALA
NO TOBACCO, NO NICOTINE ADDED
9g.
₹10/-
ମୂଲ୍ୟର ନୂଆ
ଜମ୍ବୋ ପ୍ୟାକ୍
0% TOBACCO • NICOTINE NOT ADDED • NOT FOR MINORS • ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୧୬/୨୦୧୯ | Bhubaneswar, Monday, September 16/2019 | ପୃଷ୍ଠା-୧




## ନଭେମ୍ବରରୁ ରାମମନ୍ଦିର ନିର୍ମାଣ ଆରମ୍ଭ

ରାମ ଜନ୍ମଭୂମି-ବାବ୍ରୀ ମସ୍‌ଜିଦ ଜମି ବିବାଦ ମାମଲାର ରାୟ ନଭେମ୍ବର ସୁଦ୍ଧା ପ୍ରକାଶ ପାଇବା ପରେ ଭବ୍ୟ ରାମମନ୍ଦିର ନିର୍ମାଣ ଆରମ୍ଭ ହେବ ବୋଲି ଭାଜପା ନେତା ସୁବ୍ରମଣ୍ୟମ୍ ସ୍ୱାମୀ କହିଛନ୍ତି।

୧୨

୧୬

## ସ୍ୱସ୍ତିକଙ୍କୁ ଶ୍ରେଷ୍ଠ ଯୁବ କ୍ରିକେଟର ପୁରସ୍କାର

ଶ୍ରେଷ୍ଠ ଯୁବ କ୍ରିକେଟରଭାବେ ରବିବାର ସରୋଜ ମହାସୁଆର ସ୍ମୃତି ପୁରସ୍କାରରେ ସମ୍ମାନିତ ହୋଇଛନ୍ତି ପ୍ରତିଭା ସମ୍ପନ୍ନ ସ୍ୱସ୍ତିକ ସାମଲ।



■ ଗୋଦାବରୀରେ ବୁଡ଼ିଲା ପର୍ଯ୍ୟଟନ ବୋଟ୍

# ୧୨ ମୃତ, ୩୦ ନିଖୋଜ



ଏନ୍‌ଡିଆରଏଫ୍ ଟିମ୍ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି।

**ଅମରାବତୀ,୧୫।୯(ପି.ଟି.)**

ଆନ୍ଧ୍ରପ୍ରଦେଶର ଗୋଦାବରୀ ନଦୀରେ ରବିବାର ଏକ ପର୍ଯ୍ୟଟନ ବୋଟ୍ ବୁଡ଼ିଯିବାରୁ ୧୨ ଜଣଙ୍କ ମୃତ୍ୟୁ ହୋଇଛି। ୧୭ ଜଣଙ୍କୁ ଉଦ୍ଧାର କରାଯାଇଥିବାବେଳେ ୩୦ରୁ ଊର୍ଦ୍ଧ୍ୱ ନିଖୋଜ ଅଛନ୍ତି। ଉକ୍ତ ବୋଟ୍‌ରେ ୯ ଜଣ କର୍ମଚାରୀଙ୍କ ସମେତ ପାଖାପାଖି ୬୦ ଜଣ ଥିଲେ। ଅନ୍ୟମାନଙ୍କ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ବନ୍ୟା ଆସିଥିବା ଗୋଦାବରୀ ନଦୀରେ ଯାତ୍ରୀମାନଙ୍କୁ ନେଇ ପର୍ଯ୍ୟଟନ ସ୍ଥଳୀ ପାପିକୋଣ୍ଡାଲୁ ଯାଉଥିବା ଘରୋଇ ସଂସ୍ଥାର ଏହି ବୋଟ୍‌ଟି ଏକ ମୁଣ୍ଡିଆରେ ଧକ୍କାହୋଇ ବୁଡ଼ିଯାଇଥିଲା। ମୁଖ୍ୟମନ୍ତ୍ରୀ ୱାଇ.ଏସ୍. ଜଗନମୋହନ ରେଡ୍ଡୀ ଏହି ମର୍ମନ୍ତୁଦ ଦୁର୍ଘଟଣା ପାଇଁ ଶୋକବ୍ୟକ୍ତ କରିବା ସହ ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଦେବାକୁ ଘୋଷଣା କରିଛନ୍ତି।

୧୨ ଜଣଙ୍କ ମୃତଦେହ ମିଳିଥିବାବେଳେ ସ୍ଥାନୀୟ ଲୋକେ ୧୭ ଜଣଙ୍କୁ ଉଦ୍ଧାର କରିଛନ୍ତି। ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ) ଏବଂ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବଳ (ଏସ୍‌ଡିଆର୍‌ଏଫ୍)ର ଦୁଇଟି ଟିମ୍‌କୁ ଉଦ୍ଧାର କାର୍ଯ୍ୟରେ ନିୟୋଜିତ କରାଯାଇଛି। ଏଥିସହିତ ଏକ ସ୍ୱତନ୍ତ୍ର ହେଲିକପ୍ଟରକୁ ମଧ୍ୟ ଉଦ୍ଧାର କାର୍ଯ୍ୟରେ ସାମିଲ କରାଯାଇଛି। ସୂଚନା ଅନୁଯାୟୀ ପର୍ଯ୍ୟଟକମାନେ ଦିନ ୧୦ଟାରେ ଦେବୀକୋଣ୍ଡାଠାରୁ ବାହାରିଥିଲେ। ଅପରାହ୍ନ ୨ଟା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ଆନ୍ଧ୍ରପ୍ରଦେଶର ପର୍ଯ୍ୟଟନ ମନ୍ତ୍ରୀ ଅବନ୍ତି ଶ୍ରୀନିବାସ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟର ତଦାରଖ କରୁଥିବା ଜଣାପଡ଼ିଛି। ତୁଟୁଗୁଣ୍ଟା ଗ୍ରାମବାସୀ ପ୍ରାଥମିକ ପର୍ଯ୍ୟାୟରେ ୧୪ ଜଣଙ୍କୁ ଉଦ୍ଧାର କରିଥିଲେ। ୧୨ ଜଣଙ୍କ ମୃତ୍ୟୁକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକବ୍ୟକ୍ତ କରିବା ସହ ସେମାନଙ୍କ ପରିବାର ସଦସ୍ୟମାନଙ୍କୁ ସମବେଦନା ଜଣାଇଛନ୍ତି। ପୂର୍ବ ଗୋଦାବରୀ ଜିଲ୍ଲାରେ ବୋଟ୍ ବୁଡ଼ି ଘଟଣାରେ ସେ ଅତ୍ୟନ୍ତ ମର୍ମାହତ ବୋଲି ପ୍ରଧାନମନ୍ତ୍ରୀ ଟୁଇଟ୍ କରିଛନ୍ତି।

'ରୟାଲ ବଶିଷ୍ଟ' ନାମକ ଏହି ବୋଟ୍‌ର ଦୁଇ ଚାଳକ ମଧ୍ୟ ପ୍ରାଣ ହରାଇଛନ୍ତି। ବୋଟ୍‌ର ଲାଇସେନ୍ସ ରହିଛି। ବନ୍ୟା ପାଇଁ ଗୋଦାବରୀରେ ଯାତ୍ରାକୁ ନିଷେଧ କରାଯାଇଥିବାବେଳେ ଉକ୍ତ ବୋଟ୍‌କୁ ପର୍ଯ୍ୟଟକ ପରିବହନ କରିବା ପାଇଁ ଆବଶ୍ୟକ ଅନୁମତି ମିଳିଥିଲା କି ନାହିଁ ଜଣାପଡିନି। କିଛିଦିନ ହେଲା ଗୋଦାବରୀରେ ବନ୍ୟା ଆସିଥିବାବେଳେ ରବିବାର ଉକ୍ତ ନଦୀ ଦେଇ ୫.୧୩ ଲକ୍ଷ କ୍ୟୁସେକ୍ ବନ୍ୟାଜଳ ପ୍ରବାହିତ ହେଉଥିଲା। ଘଟଣାର ତଦନ୍ତ ଲାଗି ମୁଖ୍ୟମନ୍ତ୍ରୀ ପୂର୍ବ ଗୋଦାବରୀ ଜିଲାର ଜିଲାପାଳ ମୁରଲୀଧର ରେଡ୍ଡୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବନ୍ୟା ଛାଡ଼ିବା ପର୍ଯ୍ୟନ୍ତ ବୋଟ୍ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରଖିବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି। ବୋଟରେ ଅଧିକାଂଶ ପର୍ଯ୍ୟଟକ ପଡୋଶୀ ତେଲେଙ୍ଗାନାର ହାଇଦ୍ରାବାଦ ଓ ୱାରାଙ୍ଗଲ ସହରର ଥିଲେ ବୋଲି ଜଣାପଡିଛି।

■ ପରାଜୟ ସ୍ୱୀକାର କଲେ, ଭାରତକୁ ଭୟ ବି ଦେଖାଇଲେ ଇମ୍ରାନ୍

# ଯୁଦ୍ଧରେ ହାରିଯିବ ପାକିସ୍ତାନ

"ଦୁଇଟି ଆଣବିକ ଅସ୍ତ୍ରସମ୍ପନ୍ନ ରାଷ୍ଟ୍ର ଯୁଦ୍ଧ କଲେ ତାହାର ପରିଣାମ ଆଣବିକ ଯୁଦ୍ଧ ହିଁ ହୋଇପାରେ। ଆତ୍ମସମର୍ପଣ ଓ ଯୁଦ୍ଧ ମଧ୍ୟରୁ ଗୋଟିଏକୁ ବାଛିବାକୁ କୁହାଗଲେ ପାକିସ୍ତାନ ନିଜ ସ୍ୱାଧୀନତା ବଜାୟ ରଖିବା ପାଇଁ ଶେଷ ପର୍ଯ୍ୟନ୍ତ ଯୁଦ୍ଧ କରିବାକୁ ପସନ୍ଦ କରିବ।'



**ଇସ୍‌ଲାମାବାଦ,୧୫।୯(ପି.ଟି.)**

ଭାରତ ସହ ପାରମ୍ପରିକ ଯୁଦ୍ଧ ହେଲେ ପାକିସ୍ତାନ ହାରିଯିବ। ହେଲେ ଆତ୍ମସମର୍ପଣ କରିବା ପୂର୍ବରୁ ଏକ ସ୍ୱାଧୀନ ରାଷ୍ଟ୍ର ଭାବେ ଶେଷ ପର୍ଯ୍ୟନ୍ତ ଲଢ଼େଇ ଜାରି ରଖିବ। ଦୁଇଟି ଆଣବିକ ଅସ୍ତ୍ରସମ୍ପନ୍ନ ଦେଶ ଯୁଦ୍ଧ କଲେ ଶେଷରେ ତାହା ଆଣବିକ ଯୁଦ୍ଧର ରୂପ ନେବ। ଏହାର ପରିଣାମ ଭୟାବହ ହେବ ବୋଲି ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଦୋମୁହାଁ କଥା କହିଛନ୍ତି। ତାଙ୍କର ଏଭଳି ମନ୍ତବ୍ୟକୁ କେବଳ ଭାରତ ନୁହେଁ, ପାକିସ୍ତାନରେ ମଧ୍ୟ ନିନ୍ଦା କରାଯାଇଛି।

ଅଗଷ୍ଟ ୫ରେ ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରଠୁ ଭାରତକୁ ଆଣବିକ ଯୁଦ୍ଧର ଭୟ ଦେଖାଉଥିବା ପାକିସ୍ତାନର ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ କେତେବେଳେ କ'ଣ କହୁଛନ୍ତି ନିଜେ ବି ଜାଣିପାରୁ ନାହାନ୍ତି। ସାମରିକ ବିଦ୍ରୋହଜନିତ କ୍ଷମତା ପରିବର୍ତ୍ତନର ଆଶଙ୍କା ଥିବାରୁ ଇମ୍ରାନ୍ ଥରକୁ ଥର କଥା ବଦଳାଇ ନିଜ ଆସନ ବଞ୍ଚାଇବା ପାଇଁ ଉଦ୍ୟମ ଚଳାଇଛନ୍ତି। ଏହି କ୍ରମରେ ସେ ଭାରତକୁ ପୁଣିଥରେ ଯୁଦ୍ଧ ଭୟ ଦେଖାଇଛନ୍ତି। ମାତ୍ର ଦୁଇଦେଶ ମଧ୍ୟରେ ଯୁଦ୍ଧ ହେଲେ ଶକ୍ତିଶାଳୀ ଭାରତଠାରୁ ପାକିସ୍ତାନ ହାରିଯିବ ବୋଲି ମଧ୍ୟ ସେ ସ୍ୱୀକାର କରିଛନ୍ତି। ଅନ୍ତର୍ଜାତୀୟ ଟିଭି ଚ୍ୟାନେଲ 'ଅଲ୍ ଜଜିରା'କୁ ଦେଇଥିବା ସାକ୍ଷାତ୍‌କାରରେ ଇମ୍ରାନ୍ କହିଛନ୍ତି, ଜମ୍ମୁ-କଶ୍ମୀରର ସ୍ୱାୟତ୍ତତା ପ୍ରତ୍ୟାହାର ପରେ ନୂଆଦିଲ୍ଲୀ ସହ ଆଲୋଚନାର ପ୍ରଶ୍ନ ଉଠୁନାହିଁ। ଏହାକୁ ନେଇ ଭାରତ-ପାକିସ୍ତାନ ମଧ୍ୟରେ ଯଦି ପାରମ୍ପରିକ ଯୁଦ୍ଧ ହୁଏ ତେବେ ପାକିସ୍ତାନ ହାରିଯିବ। ନୂଆଦିଲ୍ଲୀ ଏହାକୁ ଭାରତୀୟ ଉପମହାଦେଶ ବାହାରକୁ ନେଇଯାଇପାରେ। ତେଣୁ କଶ୍ମୀର ପ୍ରସଙ୍ଗକୁ ନେଇ ଆମେ ଜାତିସଂଘର ଦ୍ୱାରସ୍ଥ ହୋଇଛୁ ଓ ସମସ୍ତ ଅନ୍ତର୍ଜାତୀୟ ମଞ୍ଚରେ ଉଠାଉଛୁ। ☞ପୃଷ୍ଠା-୨

## ଆତଙ୍କବାଦୀଙ୍କୁ ପ୍ରୋତ୍ସାହନ ବନ୍ଦ ନ କଲେ

# ଖଣ୍ଡ ଖଣ୍ଡ ହେବ ପାକ୍

**ସୁରଟ,୧୫।୯**

ଆତଙ୍କବାଦୀଙ୍କୁ ପ୍ରୋତ୍ସାହନ ଦେବା ବନ୍ଦ ନ କଲେ ପାକିସ୍ତାନ ଖଣ୍ଡ ଖଣ୍ଡ ହୋଇଯିବ। ପାକିସ୍ତାନୀମାନେ ନିୟନ୍ତ୍ରଣରେଖା (ଏଲ୍‌ଓସି) ଅତିକ୍ରମ କଲେ ଭାରତୀୟ ସେନା ସେମାନଙ୍କୁ ଆଉ ଫେରିବାକୁ ଦେବ ନାହିଁ। ସେଇଠି ନିପାତ କରିଦେବ ବୋଲି ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଚେତାବନୀ ଦେଇଛନ୍ତି।

କର୍ତ୍ତବ୍ୟ ସମ୍ପାଦନ ବେଳେ ଶହୀଦ ହୋଇଥିବା ୧୨୨ ଯବାନଙ୍କ ପରିବାରକୁ ସମ୍ବର୍ଦ୍ଧିତ କରିବା ପାଇଁ ଉଦ୍ଦିଷ୍ଟ ଏକ କାର୍ଯ୍ୟକ୍ରମ ଗୁଜରାଟର ସୁରଟରେ ଶନିବାର ଆୟୋଜନ କରାଯାଇଥିଲା। ଏଥିରେ ଯୋଗଦେଇ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ କହିଥିଲେ, ପାକିସ୍ତାନ ଆତଙ୍କବାଦୀଙ୍କୁ ପ୍ରୋତ୍ସାହନ ଦେବା ବନ୍ଦ କରୁ। ଅନ୍ୟଥା ପଡ଼ୋଶୀ ଦେଶକୁ ଖଣ୍ଡ ବିଖଣ୍ଡିତ ହେବାରୁ କେହି ରକ୍ଷା କରିପାରିବେ ନାହିଁ। ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଏଲ୍‌ଓସି ଅତିକ୍ରମ ନ କରିବାକୁ ଦେଶବାସୀଙ୍କୁ ଉପଯୁକ୍ତ ପରାମର୍ଶ ଦେଇଛନ୍ତି। କାରଣ ସୀମାରେ ପ୍ରସ୍ତୁତ ହୋଇରହିଥିବା ଭାରତୀୟ ଯବାନମାନେ ସେମାନଙ୍କୁ ଫେରିବାକୁ ଦେବେନାହିଁ ବୋଲି ରାଜନାଥ କହିଛନ୍ତି। ପ୍ରକାଶ ଯେ, ଇମ୍ରାନ୍ ଶୁକ୍ରବାର ପାକ୍-ଅଧିକୃତ କଶ୍ମୀର (ପିଓକେ) ରାଜଧାନୀ ମୁଜାଫରାବାଦରେ ଉଦ୍‌ବୋଧନ ଦେଇଥିଲେ। ସେ ନିର୍ଦ୍ଦେଶ ନ ଦେବା ଯାଏ ଏଲ୍‌ଓସି ନିକଟକୁ ଅଗ୍ରସର ନ ହେବାକୁ ପିଓକେବାସୀଙ୍କୁ ପରାମର୍ଶ ଦେଇଥିଲେ।

**ରାଜନାଥଙ୍କ ଚେତାବନୀ**

## ଆଜିଠାରୁ ପୁଣି ବର୍ଷା
# ୯ ଜିଲାକୁ ୟେଲୋ ୱାର୍ନିଂ

**ଭୁବନେଶ୍ୱର, ୧୫।୯(ବ୍ୟୁରୋ)**

ସୋମବାର ରାଜ୍ୟର କିଛି ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ଗତ ଦୁଇଦିନ ଧରି ପାଗ ଶୁଖିଲା ରହିବା ପରେ ସୋମବାରଠାରୁ ରାଜ୍ୟର ବିଭିନ୍ନ ସ୍ଥାନରେ ଘଡ଼ଘଡ଼ି, ବିଜୁଳି ସହ ବର୍ଷାହେବ। ଏନେଇ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। କୋରାପୁଟ, ରାୟଗଡ଼ା, ଗଜପତି, ନୟାଗଡ଼, ଖୋର୍ଦ୍ଧା, କଟକ, ଢେଙ୍କାନାଳ, ଯାଜପୁର ଓ ମୟୂରଭଞ୍ଜ ଜିଲାକୁ ୟେଲୋ ୱାର୍ନିଂ ଦିଆଯିବା ସହ ବଜ୍ରପାତଜନିତ ସତର୍କ ସୂଚନା ଦିଆଯାଇଛି।

ଉତ୍ତରପ୍ରଦେଶରୁ ଆନ୍ଧ୍ରପ୍ରଦେଶ ମଧ୍ୟରେ ଏକ ବିସ୍ତୀର୍ଣ୍ଣ ଘୂର୍ଣ୍ଣିବଳୟ ରହିଥିବାବେଳେ ଏହାର ପ୍ରଭାବରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବ। ଆସନ୍ତା ୧୯ ପର୍ଯ୍ୟନ୍ତ ରାଜ୍ୟରେ ବଜ୍ରପାତ ସତର୍କ ସୂଚନା ରହିଥିବାବେଳେ ବର୍ଷାର ପରିମାଣ କିନ୍ତୁ କମ୍ ରହିବ। ତେବେ ୧୯ ପରଠାରୁ ରାଜ୍ୟରେ ବର୍ଷାର ପରିମାଣ ବଢ଼ିବା ସହିତ ଦୁଇଦିନ ☞ପୃଷ୍ଠା-୨

**ବ୍ରାଉନ୍‌ସୁଗାର କାରବାରର ପର୍ଦ୍ଦାଫାଶ**

# ମୁଖ୍ୟ ବେପାରୀ ସମେତ ୩ ଗିରଫ

**ବାଲେଶ୍ୱର ଅଫିସ,୧୫।୯**

ବ୍ରାଉନ୍‌ସୁଗାର ଭଳି ମାରାତ୍ମକ ନିଶାଦ୍ରବ୍ୟ କାରବାରର ହବ୍ ପାଲଟିଛି ବାଲେଶ୍ୱର। ବାଂଲାଦେଶରୁ ପଶ୍ଚିମବଙ୍ଗ ଦେଇ ଏଠାକୁ ବ୍ରାଉନ୍‌ସୁଗାର ଅଣାଯାଇ ପରେ ବିଭିନ୍ନ ସ୍ଥାନକୁ ଚାଲାଣ କରାଯାଉଛି। ଶନିବାର ଅପରାହ୍ନରେ ମସ୍‌ଜିଦ୍ ଗଳିରୁ ୩୦୨ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ ସହ ୩ ଜଣ ଚୋରା ବେପାରୀଙ୍କୁ ଗିରଫ ପରେ ନିଶାଦ୍ରବ୍ୟ କାରବାର ସମ୍ପର୍କରେ ଅନେକ ତଥ୍ୟ ପୋଲିସର ସ୍ୱତନ୍ତ୍ର ସ୍କ୍ୱାଡ୍‌କୁ ମିଳିଛି। ଜବତ ବ୍ରାଉନ୍‌ସୁଗାରର ମୂଲ୍ୟ ୩୦ ଲକ୍ଷ ଟଙ୍କା ହେବ। ଗିରଫ ୩ ବେପାରୀଙ୍କଠାରୁ ୯ଲକ୍ଷ ୪୪ ହଜାର ୮୦ ଟଙ୍କା ଜବତ କରାଯାଇଛି। ଗିରଫ ୩ ଜଣଙ୍କ ମଧ୍ୟରୁ ୨ ଯୁବକଙ୍କ ଘର ଖୋର୍ଦ୍ଧା ଜିଲାରେ। ସେମାନଙ୍କଠାରୁ ୩ଟି ଦାମୀ ମୋବାଇଲ୍ ଫୋନ୍ ଜବତ କରାଯାଇଛି। ଏହାସହ ବାଲେଶ୍ୱରର ମୁଖ୍ୟ ବ୍ୟବସାୟୀ ସେକ୍ ହାଇଦର ଅଲ୍ଲୀଙ୍କୁ ମଧ୍ୟ ଗିରଫ କରାଯାଇଥିବା ସହଦେବଖୁଣ୍ଟା ମଡେଲ ଥାନା ପରିସରରେ ରବିବାର ମଧ୍ୟାହ୍ନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ବି. ଯୁଗଳ କିଶୋର କୁମାର ସୂଚନା ଦେଇଛନ୍ତି।

ପୋଲିସ ସୂଚନା ଅନୁସାରେ, ଖୋର୍ଦ୍ଧା ଜିଲାର ଟାଉନ ଥାନା କୁମ୍ଭିଲୋ ଅଞ୍ଚଳର ପୀତବାସ ରଣା (୨୯) ଓ ଜାଗୁଳିପାଟଣା ଅଞ୍ଚଳର ଭବାନୀ ପ୍ରସାଦ ସ୍ୱାଇଁ (୨୨) ଅରଡ଼ବଜାରସ୍ଥିତ ମସଜିଦ୍ ଗଳିର ସେକ୍ ହାଇଦର ଅଲ୍ଲୀ (୨୬)ଙ୍କଠାରୁ ବ୍ରାଉନ୍‌ସୁଗାର କିଣିବାକୁ ଆସିଥିବା ପୋଲିସକୁ ଖବର ମିଳିଥିଲା। ଜିଲା ପୋଲିସର ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ଘଟଣାସ୍ଥଳରେ ପହଞ୍ଚିବାରୁ ଉକ୍ତ ଦୁଇ ଯୁବକ ମୋଟରସାଇକେଲ ଯୋଗେ ପଳାଇ ଯାଉଥିଲେ। ଉକ୍ତ ସ୍କ୍ୱାଡ୍ ଫୁଲାଡ଼ି ରାସ୍ତାର ଗୁଣିଆପୋଡ଼ି ପୋଲସ୍ଥିତ 'ମୁକ୍ତିଦ୍ୱାର' ସମ୍ମୁଖରୁ ସେମାନଙ୍କୁ କାବୁ କରିଥିଲା। ପୋଲିସର ଅନ୍ୟ ଏକ ଟିମ୍ ସେକ୍ ହାଇଦର ଅଲ୍ଲୀଙ୍କୁ ଗିରଫ କରିଥିଲା। ୩ ଜଣଙ୍କୁ ଗିରଫ କରିବା ସହ ସେମାନେ ବ୍ୟବହାର କରୁଥିବା ଦୁଇଟି ମୋଟରସାଇକେଲ (ନଂ. ଓଡି ୩୩ୟୁ-୪୦୦୨, ଓଡି ୦୧ଜେଡ୍-୪୧୪୨) ସହ ୩ଟି ଦାମୀ ମୋବାଇଲ ଏବଂ ୯ ଲକ୍ଷ ୪୪ ହଜାର ୮୦ ଟଙ୍କା ଜବତ ☞ପୃଷ୍ଠା-୨



ଗିରଫ ବ୍ରାଉନ୍‌ସୁଗାର ବେପାରୀଙ୍କ ସମ୍ପର୍କରେ ଏସ୍‌ପି ସୂଚନା ଦେଉଛନ୍ତି।

■ ୩୦ ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗାର, ୯ ଲକ୍ଷ ୪୪ ହଜାର ୮୦ ଟଙ୍କା, ୨ ବାଇକ୍ ଜବତ

## ଅଟୋ ସେକ୍ଟରରେ ମାନ୍ଦାବସ୍ଥା ନେଇ ମାରୁତିର ମତ

# ମାଲିକାନା ଚାର୍ଜ ବୃଦ୍ଧି ଯୋଗୁ କାର୍ ବିକ୍ରି କମିଛି

**ନୂଆଦିଲ୍ଲୀ,୧୫।୯**

ଅର୍ଥନୀତିରେ ନଗଦ ସଙ୍କଟ ଗୁରୁତର ହେବା ଓ ଓନରଶିପ୍ ବା ମାଲିକାନା ଚାର୍ଜ ବୃଦ୍ଧି ପାଇବା କାରଣରୁ ଅଟୋ ସେକ୍ଟରରେ ମାନ୍ଦାବସ୍ଥା ଆସିଛି ଆଉ ଏଥିପାଇଁ କାର୍ ବିକ୍ରି କମିଛି ବୋଲି ମାରୁତି ସୁଜୁକି ଏକ୍ସିକ୍ୟୁଟିଭ ଡାଇରେକ୍ଟର(ମାର୍କେଟିଂ ଓ ସେଲ୍‌ସ) ଶଶାଙ୍କ ଶ୍ରୀବାସ୍ତବ ରବିବାର କହିଛନ୍ତି।

ଅଟୋ ସେକ୍ଟରରେ ଦେଖାଦେଇଥିବା ମାନ୍ଦାବସ୍ଥା ସମ୍ପର୍କରେ ସେ କହିଛନ୍ତି ଯେ, ବ୍ୟାଙ୍କ ଏବଂ ଏନ୍‌ବିଏଫ୍‌ସିଙ୍କ ଦ୍ୱାରା ଋଣ ପ୍ରଦାନ ନେଇ ନିୟମ କଡାକଡି କରାଯିବା ଯୋଗୁ ନଗଦ ସଙ୍କଟ ଗଭୀର ହୋଇଛି। ଏହାଛଡ଼ା ବିଏସ୍-୬ ଗାଡ଼ିକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହେବା ଗାଡ଼ି ବିକ୍ରି ହ୍ରାସର ଅନ୍ୟତମ ମୁଖ୍ୟ କାରଣ ବୋଲି ସେ କହିଛନ୍ତି। ତାଙ୍କ ମତରେ ଗତ ଆର୍ଥିକ ବର୍ଷର ପ୍ରଥମ ୪ ମାସରେ ଅଟୋ ସେକ୍ଟରରେ ଅଭିବୃଦ୍ଧି ୨୬% ରହିଥିବାବେଳେ ବର୍ଷ ଶେଷ ବେଳକୁ ଏହା ୩% ହ୍ରାସ ପାଇଥିଲା। ଏପ୍ରିଲ ସୁଦ୍ଧା ଡିଲରଙ୍କ ନିକଟକୁ ଆଉ ନୂଆ ଗାଡ଼ି ପଠାଇବା ସମ୍ଭବ ହୋଇପାରି ନାହିଁ। କାରଣ ସେମାନଙ୍କ ନିକଟରେ ବିକ୍ରି ନ ହୋଇ ପଡିରହିଥିବା ଗାଡ଼ି ସଂଖ୍ୟା ବଢ଼ି ଚାଲିଛି। ଗାଡ଼ିର ଓନରଶିପ୍ ଦର ବୃଦ୍ଧି ପାଇବା ମୁଖ୍ୟ କାରଣ ଯୋଗୁ ଗାଡ଼ିର ବିକ୍ରି ଧିମା ହୋଇଛି ବୋଲି ଶ୍ରୀବାସ୍ତବ ମତପ୍ରକାଶ କରିଛନ୍ତି। ଏହାବ୍ୟତୀତ ରୋଡ୍ ଟ୍ୟାକ୍ସ ବୃଦ୍ଧି ପାଇବା, ଉତ୍ପାଦନ ଖର୍ଚ୍ଚ ବଢ଼ିବା, ବିଏସ୍-୬କୁ ଆପଣାଇବା ଯୋଗୁ ଗାଡ଼ିର ଦାମ ଅନ୍ ରୋଡ୍ ପ୍ରାୟ ୧୪ରୁ ୧୫% ବଢ଼ିଯାଇଛି। ଏପରି କି କେତେକ ରାଜ୍ୟରେ ରୋଡ୍ ଟ୍ୟାକ୍ସ ଅଧିକ ଥିବାରୁ ଗାଡ଼ିର ଅନ୍ ରୋଡ୍ ଦାମ ୨୦ ପ୍ରତିଶତରୁ ଅଧିକ ହୋଇଛି। ଏଥିଯୋଗୁ ଏଣ୍ଟ୍ରି ଲେଭେଲ ସେଗମେଣ୍ଟ ସବୁଠୁ ପ୍ରଭାବିତ ହୋଇଛି ବୋଲି ସେ କହିଛନ୍ତି। ଲୋକେ ଗାଡ଼ି ଦାମ୍‌କୁ ନେଇ ଅତ୍ୟଧିକ ସମ୍ବେଦନଶୀଳ ଥିବାରୁ ଗାଡ଼ି ବିକ୍ରି ପ୍ରଭାବିତ ହୋଇଛି ବୋଲି ଶ୍ରୀବାସ୍ତବ ମତପ୍ରକାଶ କରିଛନ୍ତି। ଅଟୋମୋବାଇଲ ନିର୍ମାତା ସଂଘ ସିଆମ୍‌ର ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

ବାଟବଣା

**ଆଜିର ମନ୍ତବ୍ୟ**

"ଉତ୍ତର ଭାରତୀୟ ଯୁବତୀ ଯୁବକ ନିଯୁକ୍ତି ପାଇବା ପାଇଁ ସକ୍ଷମ ନୁହନ୍ତି।

-ସନ୍ତୋଷ ଗଙ୍ଗୱାର, ଶ୍ରମ ଓ ନିୟୋଜନ ରାଷ୍ଟ୍ରମନ୍ତ୍ରୀ(ସ୍ୱାଧୀନ)


NECC NATIONAL EGG CO-ORDINATION COMMITTEE 15.09.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 67 | 115 | 125 |
| CTC | 67 | 115 | 125 |
| DKL | 67 | 115 | 125 |
| BDK | 69 | 118 | 128 |
| BLS | 69 | 118 | 128 |
| ANG | 67 | 115 | 125 |
| BHM | 62 | 109 | 119 |

*Conditions Apply

Eggs Retail Price- 46/-Dozen
Issued in the Interest of Consumers


## ଡିଏଲ୍, ଗାଡ଼ି କାଗଜପତ୍ର ସମସ୍ୟା ଦୂର ପାଇଁ ପଦକ୍ଷେପ

# ରବିବାର ଚାଲିଲା ଆର୍‌ଟିଓ କାର୍ଯ୍ୟ

**ଭୁବନେଶ୍ୱର,୧୫।୯(ବ୍ୟୁରୋ)**

ପରିବହନ ସଚିବଙ୍କ ନିର୍ଦ୍ଦେଶକ୍ରମେ ରବିବାର ଛୁଟିଦିନରେ ରାଜ୍ୟର ସମସ୍ତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆର୍‌ଟିଓ) କାର୍ଯ୍ୟ କରିଥିଲା। ଅଧିକ ଭିଡ଼ ହେଉଥିବା ଭୁବନେଶ୍ୱରର ଆର୍‌ଟିଓ-୧ ଓ ଆର୍‌ଟିଓ-୨ରେ ସୁରୁଖୁରୁରେ କାର୍ଯ୍ୟ ଚାଲିଥିଲା। ଡ୍ରାଇଭିଂ ଲାଇସେନ୍ସ ଓ ଗାଡ଼ି କାଗଜପତ୍ର ପାଇଁ ଲୋକେ ଧାଡିରେ ରହିଥିଲେ। ପୂର୍ବରୁ ଆବେଦନ କରିଥିବା ଲୋକେ ଲର୍ନିଂ ଟେଷ୍ଟ ଦେଇଥିଲେ। ଅନ୍ୟଦିନ ଅପେକ୍ଷା ଭିଡ଼ କମ୍ ରହିଥିବାବେଳେ ଆର୍‌ଟିଓ-୧କୁ ପ୍ରାୟ ଦୁଇ ହଜାର ଓ ଆର୍‌ଟିଓ-୨କୁ ୭ଶହ ଲୋକ ଆସିଥିଲେ। ତେବେ ଛୁଟିଦିନ ହୋଇଥିବାରୁ ଏମାନଙ୍କ ମଧ୍ୟରୁ ଅଧିକାଂଶ ସରକାରୀ କର୍ମଚାରୀ ଥିବା ଜଣାପଡ଼ିଛି।

ଅନ୍ୟଦିନ ଭଳି ପୂର୍ବାହ୍ନ ୧୦ଟାରେ ଅଫିସ ଖୋଲିଥିଲା। ଅଧିକାରୀ ଓ କର୍ମଚାରୀମାନେ ନିର୍ଦ୍ଧାରିତ ସମୟରେ ପହଞ୍ଚି ଲୋକଙ୍କୁ ସେବା ଯୋଗାଇଦେଇଥିଲେ। ଆରମ୍ଭରେ ଟିକେ ଭିଡ଼ ରହିଥିଲା। ପରେ ଲୋକେ ଲାଇନ୍‌ରେ ଆସି ସୁରୁଖୁରୁରେ ନିଜର କାର୍ଯ୍ୟ ସାରିଥିଲେ। ଯେଉଁମାନେ ଫର୍ମ ଫିଲ୍‌ଅପ୍ ବା ଅନ୍ୟ କାଗଜପତ୍ର କିପରି କରିବେ ତାହା ସମ୍ପର୍କରେ ଜାଣିପାରୁ ନ ଥିଲେ ସେମାନଙ୍କୁ ସହଯୋଗ କରିବାକୁ ଆବଶ୍ୟକ ବ୍ୟବସ୍ଥା କରାଯାଇଥିଲା।

■ ଅଧିକାଂଶ ଆବେଦନକାରୀ ଥିଲେ ସରକାରୀ କର୍ମଚାରୀ

■ ୧୫ଦିନରେ ଡିଏଲ୍ ଆବେଦନ ପାଇଁ ୩୮ ହଜାର ସ୍ଲଟ୍ ବୁକ୍

■ ଅଟୋ ଚାଳକ ସଂଘକୁ ସତର୍କ କଲା ଆର୍‌ଟିଓ

ଆର୍‌ଟିଓ ଆଗରେ ରହିଥିବା ଦୁଇଟି ଅନ୍‌ଲାଇନ୍ ମେଶିନରୁ ଲୋକେ ଡ୍ରାଇଭିଂ ଲାଇସେନ୍ସ ସହ ଅନ୍ୟ କାଗଜପତ୍ର ସମ୍ପର୍କରେ ସୂଚନା ପାଇପାରୁଥିଲେ। ଏହାସହ ସେ ଥିଲେ ☞ପୃଷ୍ଠା-୨



ଭୁବନେଶ୍ୱର ଆରଟିଓ କାର୍ଯ୍ୟାଳୟରେ ରବିବାର ଲୋକଙ୍କ ଭିଡ଼।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଶ୍ରୀରାମ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# କାର୍ ଆଗ ସିଟ୍‌ରେ ବେଲ୍ଟ ବାନ୍ଧି ଶିଶୁଙ୍କୁ ନେବା ମନା

- ଟୁଇଟ୍ ମାଧ୍ୟମରେ ଜାଣିବାକୁ ଚାହିଁଥିଲେ ଲୋକେ
- ପୋଲିସ କମିଶନରଙ୍କ ଚିଠିରେ ଉତ୍ତର ରଖିଲେ ଆର୍‌ଟିଓ

ଭୁବନେଶ୍ୱର,୧୫।୯(ବ୍ୟୁରୋ)
କାର୍‌ର ଆଗ ସିଟ୍‌ରେ ୬ବର୍ଷ କିମ୍ବା ଏହାଠାରୁ କମ୍ ବର୍ଷ ବୟସର ପିଲାଙ୍କୁ ବସାଇ ନେବା ମନା। ଏପରିକି ସିଟ୍ ବେଲ୍ଟ ବାନ୍ଧି ନିଆଯିବା ମଧ୍ୟ ଠିକ୍ ନୁହେଁ। ଏହା ଶିଶୁଙ୍କ ପାଇଁ ବିପଦ ଆଣିପାରେ। ତେଣୁ ଏହାକୁ ଦଣ୍ଡନୀୟ ଭାବେ ବିଚାର କରାଯାଇପାରେ ବୋଲି ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ଆର୍‌ଟିଓ ସୂଚନା ଆଧାରରେ କହିଛନ୍ତି।

ମିଳିଥିବା ସୂଚନାନୁସାରେ, ନୂଆ ମୋଟର ଯାନ ଆଇନ ଲାଗୁ ହେବା ପରେ ଲୋକଙ୍କ ମଧ୍ୟରେ ଛନକା ପଶିଛି। କାରଣ ଏଯାଏ ବହୁ ନିୟମ ବିଷୟରେ ଲୋକେ ଜାଣିନାହାନ୍ତି। ଏଥିପାଇଁ କମିଶନର ଷଡ଼ଙ୍ଗୀ ସୋସିଆଲ ମିଡିଆ ମାଧ୍ୟମରେ ଲୋକଙ୍କ ସହ ଯୋଡ଼ିହୋଇଛନ୍ତି। ନିକଟରେ ଜଣେ ବ୍ୟକ୍ତି କମିଶନରଙ୍କୁ ଟୁଇଟ୍ କରି କାର୍‌ରେ ଛୋଟ ଶିଶୁଙ୍କ ଯାତାୟାତ ସମ୍ପର୍କରେ ଜାଣିବାକୁ ଚାହିଁଥିଲେ। ଏ ସଂକ୍ରାନ୍ତରେ ଉତ୍ତର ରଖିବା ପାଇଁ କମିଶନରେଟ ପୋଲିସ ପକ୍ଷରୁ ଆର୍‌ଟିଓ-୧କୁ ଜଣାଇବାକୁ କୁହାଯାଇଥିଲା। ଆର୍‌ଟିଓ ପ୍ରଦୀପ ମହାନ୍ତି ଜଣାଇନ୍ତି ଯେ, କାର୍‌ର ଆଗ ସିଟ୍‌ରେ ୬ ବର୍ଷ କିମ୍ବା ଏହାଠାରୁ କମ୍ ବର୍ଷର ଶିଶୁଙ୍କୁ ସିଟ୍‌ବେଲ୍ଟ ବାନ୍ଧି କେହି ନେଇପାରିବେ ନାହିଁ। କାରଣ ଗାଡ଼ିଟି ହମ୍ପ କିମ୍ବା ଖାଲରେ ପଡ଼ିଗଲେ ପିଲାଟି ସିଟ୍‌ରୁ ବାହାରି ଯିବାର ସମ୍ଭାବନା ରହିଛି। ତେଣୁ ଶିଶୁଙ୍କୁ ଏଭଳି ନେବା ଦଣ୍ଡନୀୟ। କିନ୍ତୁ କାର ଆଗରେ ଜଣେ ବୟସ୍କ ବ୍ୟକ୍ତି ଏହି ବୟସର ଶିଶୁଙ୍କୁ ଧରି ନିଜେ ସିଟ୍‌ବେଲ୍ଟ ବାନ୍ଧି ନେଇପାରିବେ ବୋଲି ଆର୍‌ଟିଓ ମହାନ୍ତି କହିଛନ୍ତି।

କେବଳ ଏହି ଗୋଟିଏ ସମସ୍ୟା ନୁହେଁ, ସାଇବର ଅପରାଧ ହେଉ କିମ୍ବା ଡିଏଲ୍ ହଜିଯିବା କଥା ହେଉ ଅଥବା ଛୋଟବଡ଼ କୌଣସି ସମସ୍ୟା ହେଉ ପୋଲିସ କମିଶନର ନିଜ ଟୁଇଟ୍ ମାଧ୍ୟମରେ ସମାଧାନର ବାଟ ବତାଉଛନ୍ତି। ଯଦି କୌଣସି ବ୍ୟକ୍ତି ଏକ ଥାନାରୁ ନ୍ୟାୟ ପାଇପାରୁନାହାନ୍ତି, ସେ ଘଟଣା ସମ୍ପର୍କରେ କମିଶନରଙ୍କୁ ଜଣାଇଲେ ତୁରନ୍ତ ତଦାରଖ କରିବା ସହ କାର୍ଯ୍ୟାନୁଷ୍ଠାନ ପାଇଁ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଉଛନ୍ତି। ତେଣୁ ଟୁଇଟ୍ ମାଧ୍ୟମରେ ସମସ୍ୟା ଜଣାଇବାକୁ କମିଶନର ଷଡ଼ଙ୍ଗୀ ଜଣାଇଛନ୍ତି।

## ଓପିଟିସିଏଲ୍‌ରେ ଇଞ୍ଜିନିୟର ଦିବସ ପାଳିତ
# ‘୫-ଟି ମନ୍ତ୍ର ବ୍ୟବହାର କରି ଉତ୍ତମ ସେବା ଯୋଗାନ୍ତୁ’



ଅତିଥିଙ୍କ ଗହଣରେ ପୁରସ୍କୃତ ଇଞ୍ଜିନିୟରମାନେ।

**୨୧ଜଣ ଇଞ୍ଜିନିୟର ପୁରସ୍କୃତ**

ଭୁବନେଶ୍ୱର, ୧୫।୯(ବ୍ୟୁରୋ)
ମୁଖ୍ୟମନ୍ତ୍ରୀଙ୍କ ୫ ‘ଟି’ ମନ୍ତ୍ରକୁ ପାଳନ କଲେ ଯେକୌଣସି ସଂସ୍ଥାର ବିକାଶ ସୁନିଶ୍ଚିତ। ମୁଖ୍ୟତଃ ଓଡ଼ିଶା ପାୱାର ଟ୍ରାନ୍ସମିଶନ କର୍ପୋରେଶନ ଲିମିଟେଡ୍ (ଓପିଟିସିଏଲ୍) ଭଳି ସଂସ୍ଥା ପାଇଁ ପ୍ରତ୍ୟେକ ‘ଟି’ର ଗୁରୁତ୍ୱ ରହିଛି। ଟେକ୍ନୋଲୋଜି ଜରିଆରେ କେଉଁ ଅଞ୍ଚଳରେ ବିଦ୍ୟୁତ୍ ସେବା ବ୍ୟାହତ ହେଉଛି ତାହା ଜାଣି ତତ୍‌କ୍ଷଣାତ୍ କାର୍ଯ୍ୟାନୁଷ୍ଠାନ ନେବା ଜରୁରୀ। ଓପିଟିସିଏଲ ଲୋକଙ୍କ ଆସ୍ଥାଭାଜନ ହେବା ପାଇଁ ଅଧିକାରୀ ଓ କର୍ମଚାରୀମାନେ କାର୍ଯ୍ୟଶୈଳୀରେ ଏସବୁ ମନ୍ତ୍ରକୁ ବ୍ୟବହାର କରି ଉତ୍ତମ ସେବା ଯୋଗାନ୍ତୁ ବୋଲି ଅଧ୍ୟକ୍ଷ ଡ. ସୌରଭ ଗର୍ଗ କହିଛନ୍ତି।
ରବିବାର ଭାରତ ରତ୍ନ ସାର୍ ଏମ୍ ବିଶ୍ୱେଶ୍ୱରାୟଙ୍କ ଜନ୍ମ ଦିବସ ଉପଲକ୍ଷେ ଓପିଟିସିଏଲ୍‌ର ଚନ୍ଦକା ପ୍ରଶିକ୍ଷଣ କେନ୍ଦ୍ର ପରିସରରେ ଜାତୀୟ ଇଞ୍ଜିନିୟର ଦିବସ ପାଳନ କରାଯାଇଥିଲା। ଏହି ଅବସରରେ ଅଧ୍ୟକ୍ଷ ଡ. ଗର୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ୨୧ ଜଣ ଶ୍ରେଷ୍ଠ ଇଞ୍ଜିନିୟରଙ୍କୁ ପୁରସ୍କୃତ କରିଥିଲେ। ଏଥିସହିତ ସାରା ରାଜ୍ୟ ପାଇଁ ଓପିଟିସିଏଲ ଗୋଟିଏ ଟୋଲ୍ ଫ୍ରି ନମ୍ବର ପରିଚାଳନା କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ଇଂ. ଅମଳେନ୍ଦୁ ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦେଇ ଅତ୍ୟାଧୁନିକ ପାୱାର ଟ୍ରାନ୍ସଫର୍ମରର ବିଭିନ୍ନ ବୈଷୟିକ ଦିଗ ଉପରେ ଆଲୋକପାତ କରିଥିଲେ। ପ୍ରକଳ୍ପ ନିର୍ଦ୍ଦେଶକ ରାଧା ରମଣ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରତ୍ୟେକ ଇଞ୍ଜିନିୟର ସମୟସୀମା ମଧ୍ୟରେ ଗୁଣାତ୍ମକ କାର୍ଯ୍ୟ କରିବା ପାଇଁ ଉପଦେଶ ଦେଇଥିଲେ। ମାନବ ସମ୍ବଳ ବିଭାଗର ବରିଷ୍ଠ ମହାପ୍ରବନ୍ଧକ ଅଜୟ ପ୍ରସାଦ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପ୍ରାଥମିକ ସଦସ୍ୟ ପଦରୁ ଇତିଶଙ୍କୁ ନିଲମ୍ବନ କଲା ଏନ୍‌ଏସୟୁଆଇ

ଭୁବନେଶ୍ୱର,୧୫।୯(ବ୍ୟୁରୋ)
ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ବିରୋଧରେ ମନ୍ତବ୍ୟ ଦେବାପରେ ରାଜ୍ୟ ଛାତ୍ର କଂଗ୍ରେସ ଆବାହକ ଇତିଶ ପ୍ରଧାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ନ୍ୟାଶନାଲ ଷ୍ଟୁଡେଣ୍ଟସ୍ ୟୁନିୟନ ଅଫ ଇଣ୍ଡିଆ(ଏନ୍‌ଏସ୍‌ୟୁଆଇ) ପକ୍ଷରୁ ଇତିଶଙ୍କୁ ରବିବାର ଦଳରୁ ନିଲମ୍ବିତ କରିଦିଆଯାଇଛି। ସଙ୍ଗଠନରେ ବିଶୃଙ୍ଖଳା ସୃଷ୍ଟି କରିବା ଅଭିଯୋଗରେ ଏନ୍‌ଏସୟୁଆଇ ଜାତୀୟ ସମ୍ପାଦକ ମୋତହା ରୋହିତ ତାଙ୍କୁ ପ୍ରାଥମିକ ସଦସ୍ୟ ପଦରୁ ନିଲମ୍ବିତ କରିଛନ୍ତି। ଗତ ୧୨ ତାରିଖରେ ଏକ ଖବରଦାତା ସମ୍ମିଳନୀ ଜରିଆରେ ଇତିଶ ସିଧାସଳଖ ନିରଞ୍ଜନଙ୍କୁ ଟାର୍ଗେଟ କରିଥିଲେ। ବହିଷ୍କୃତ ହେବାପରେ ଇତିଶ କହିଛନ୍ତି, ସତ କହିବାପରେ ଏଭଳି ପୁରସ୍କାର ମିଳିଛି। ସାଢ଼େ ୪ ବର୍ଷ ଛାତ୍ର କଂଗ୍ରେସ ସଭାପତି ରହିଛି। କଂଗ୍ରେସକୁ ଯିଏ କ୍ଷତି ପହଞ୍ଚାଇବ ତା ବିରୋଧରେ ଲଢ଼ିବି। ଏନ୍‌ଏସୟୁଆଇର ପ୍ରାଥମିକ ସଦସ୍ୟ ପଦରୁ ନିଲମ୍ବନ କରାଯାଇଛି, କଂଗ୍ରେସରୁ ନୁହେଁ। ନିରଞ୍ଜନ ବାବୁଙ୍କୁ ୨୦୧୨ରେ ହଠାତ୍ ପିସିସି ସଭାପତି ପଦରୁ କାଢ଼ି ଦିଆଯାଇଥିଲା। ସେଥିଲାଗି ସେ ରାଗ ଶୁଝାଇବା ପାଇଁ ଦଳକୁ କ୍ଷତି ପହଞ୍ଚାଉଛନ୍ତି ବୋଲି ଇତିଶ କହିଛନ୍ତି। ସୂଚନାଯୋଗ୍ୟ ଯେ, ନିରଞ୍ଜନଙ୍କ ନିଦ ହଜାଇ ଦିଆଯିବ ବୋଲି ଇତିଶ ଗତ ୧୨ତାରିଖରେ ଏକ ଖବରଦାତା ସମ୍ମିଳନୀ କରି କହିଥିଲେ। ଏହାର ଦିନକ ପରେ ଇତିଶ ହତୋତ୍ସାହିତ ହୋଇ ପିଲାଳିଆମି କଥା କହୁଛନ୍ତି ବୋଲି ନିରଞ୍ଜନ କହିଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜିର ଚନ୍ଦ୍ର ଗୁରୁଦୃଷ୍ଟିରେ ରହିଥିବାରୁ ଯାତ୍ରାରେ ଲକ୍ଷ୍ୟପୂରଣ ହେବା ସହ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିବାକୁ ମନସ୍ଥ କରିପାରନ୍ତି। ଆର୍ଥିକ ସ୍ଥିତି କ୍ରମଶଃ ବୃଦ୍ଧି ପାଉଥିବାରୁ ଜମିଜମା ବିକ୍ରି ସକାଶେ ଯୋଜନା କରିପାରନ୍ତି।

**ବୃଷ**
କର୍ମକ୍ଷେତ୍ରରେ ଅପ୍ରିୟ ସତ୍ୟ ଭାଷଣ ସମସ୍ୟା ସୃଷ୍ଟିର ଏକମାତ୍ର ମୁଖ୍ୟ କାରଣ ହେବ। ରାଜନୈତିକ କ୍ଷେତ୍ରରେ ସାଂଗଠନିକ କାର୍ଯ୍ୟ ସକାଶେ ତତ୍ପରତା ବଢ଼ିପାରେ। ଦେବଦର୍ଶନର ସୁଯୋଗ ମିଳିପାରେ। କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ସାହିତ୍ୟ, ଚର୍ଚ୍ଚା ଓ ସାମ୍ବାଦିକତା କ୍ଷେତ୍ରରୁ ସୁନାମ ଅର୍ଜନ କରିପାରିବେ।

**ମିଥୁନ**
ଦୀର୍ଘ ଦିନରୁ ଆପଣ ମନେ ମନେ ଚିନ୍ତା କରିଥିବା କାମଗୁଡ଼ିକ ଆଜି ବାସ୍ତବରେ ଫଳପ୍ରଦ ହୋଇପାରିବ। ବନ୍ଧୁମାନଙ୍କ ମେଳରେ ଆଜିର ମନୋରଞ୍ଜନ କାର୍ଯ୍ୟକ୍ରମ ପ୍ରୀତିପ୍ରଦ ରହିବ। କଳା, ସାହିତ୍ୟ ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। ଅଫିସ୍ କାମର କେତେକ ଘଟଣାର ବିବରଣୀ ସମୂହ ଜାଣିଶୁଣି ସୁଦ୍ଧା ଚୁପ୍ ରହିବାକୁ ବାଧ୍ୟ ହେବେ।

**କର୍କଟ**
କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଆବଶ୍ୟକତା ପୂରଣ କରିବା ଦିଗରେ ଋଣ ସୂତ୍ରରେ ଅର୍ଥ ଆଣିପାରନ୍ତି। ବାଣିଜ୍ୟ,ବ୍ୟବସାୟରେ ପ୍ରତିବନ୍ଧକ ଲାଗି ରହିବାରୁ ବ୍ୟସ୍ତତା ପ୍ରକାଶ କରିପାରନ୍ତି। ସାହିତ୍ୟ,କଳା,କ୍ରୀଡ଼ା ପ୍ରଭୃତି ସହ ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**ସିଂହ**
ବିଭିନ୍ନ ସମସ୍ୟା ଲାଗି ରହିଥିବା କାରଣରୁ କୌଣସି ନିଶ୍ଚିତ କାର୍ଯ୍ୟପନ୍ଥା ଗ୍ରହଣ କରିପାରିବେ ନାହିଁ। ବାଣିଜ୍ୟ, ବ୍ୟବସାୟ ଓ ଶିଳ୍ପ ଓ ଏଜେନ୍ସିପରୁ ଖୁସି ରହିବେ। ଆଜିର ଯାତ୍ରା, ପ୍ରଶାସନ, ଆଇନ କଳା ସାହିତ୍ୟ କ୍ଷେତ୍ର ମନ୍ଦ ହେବନି। ଅର୍ଥ ଅଭାବ ଥିଲେ ମଧ୍ୟ ତାହାକୁ ବନ୍ଧୁଙ୍କ ସାହାଯ୍ୟକ୍ରମେ ସୁଧାରି ନେଇପାରିବେ।

**କନ୍ୟା**
ବାରମ୍ବାର ଧୋକା ଖାଇ ଓ ସମସ୍ୟା ମଧ୍ୟରେ ଚଳିବା ସହ କାର୍ଯ୍ୟଗୁଡ଼ିକ ମଧ୍ୟ ଠିକ୍ ସମୟରେ ସମ୍ପନ୍ନ ହେବା କଷ୍ଟକର ହୋଇପଡ଼ିବ। ବନ୍ଧୁ ପ୍ରତିଶ୍ରୁତି ରକ୍ଷାକରି ଠିକ୍ ସମୟରେ ଆସି ସାହାଯ୍ୟ କରିବେ। ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ। ଯେତେ ଭଲ କାମ କଲେ କ'ଣ ହେବ, ଟିକିଏ ଟିକିଏ କଥାରେ ଚିହ୍ନା ପଡ଼ି ସମାଲୋଚିତ ହୋଇପାରନ୍ତି।

**ତୁଳା**
ଯେତେ ପ୍ରକାରର ଉପାୟ ଅବଲମ୍ବନ କଲେ ମଧ୍ୟ କାର୍ଯ୍ୟ ହାସଲ କରିବା ଦୁରୂହ ହୋଇପଡ଼ିବ। ଅପରାହ୍ନେ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିପାରନ୍ତି। ସରକାରୀ କାମ ଓ ପଦସ୍ଥ ବ୍ୟକ୍ତି ବିଶେଷଙ୍କ କ୍ଷେତ୍ରରୁ ଉପକୃତ ହେବ। ସ୍ୱାସ୍ଥ୍ୟରେ ସାମାନ୍ୟ ଉନ୍ନତି ଦେଖାଯିବ। ଫଳରେ ଟେନସନ୍ କିଛି ମାତ୍ରାରେ କମି ଯାଇପାରେ।

**ବିଛା**
ଦୀର୍ଘଦିନରୁ ଅପେକ୍ଷା କରିଥିବା କାମ ସମ୍ପର୍କରେ କିଛି ଆଶାଜନକ ଖବର ପାଇ ସାମୟିକ ଖୁସି ହୋଇଯିବେ। ବନ୍ଧୁମାନଙ୍କ ସହ ଆଳାପ ଆଲୋଚନାରେ ଅଧିକ ସମୟ କଟିବ। ସଂଗଠନ, ରାଜନୀତି,ପ୍ରଶାସନ ପାଇଁ ଆଜି ଦିନଟି ବହୁତ ଭଲ। ଅନୁରାଧା ନକ୍ଷତ୍ରର ପ୍ରତ୍ୟେକ କ୍ଷେତ୍ରରେ ଦୁର୍ଭାବନା ବଢ଼ିଚାଲିବ।

**ଧନୁ**
ବିଶିଷ୍ଟବ୍ୟକ୍ତିଙ୍କ ପୃଷ୍ଠପୋଷକତା ଲାଭକରି କାର୍ଯ୍ୟ ହାସଲ କରିବେ। ଆଶା ପୂରଣ ହେବାରେ ଜଣେ ବନ୍ଧୁ ସାହାଯ୍ୟ କରିବେ। ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ। ଆଜିର ଦୂରଯାତ୍ରା ସଫଳ ହେବ ଓ ଆଶା କରିଥିବା ଦିଗରୁ ଅର୍ଥଲାଭ ଘଟିବ। ପାରିବାରିକ କ୍ଷେତ୍ରରେ ଅସ୍ଥିରତା ହିଁ ମାନସିକ ଅଶାନ୍ତିର କାରଣ ହୋଇପାରେ।

**ମକର**
ବହୁତ ଦିନରୁ ଚେଷ୍ଟା ଚଳାଇଥିବା କାମଟି କାମ ହାସଲ ହେବା କାରଣରୁ ମାନସିକ ସ୍ଥିତି ଏକ ପ୍ରକାର ଭଲ ରହିବ। ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ରୁହନ୍ତୁ। ନଚେତ୍ ଅଦଳବଦଳ ହୋଇ ଯାଇପାରେ। ବନ୍ଧୁଙ୍କ ଫେରିବାର ବିଳମ୍ବତାକୁ ଲକ୍ଷ୍ୟକରି ବ୍ୟସ୍ତ ହୋଇପଡ଼ିବେ। କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ।

**କୁମ୍ଭ**
ଅଫିସରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ଶିଳ୍ପ, ବାଣିଜ୍ୟ,ପରିବହନ ଓ ବ୍ୟବସାୟରେ ସଫଳତା ହାସଲ କରିବେ। ଆର୍ଥିକ ଦୁଃସ୍ଥିତି ଚିନ୍ତାଜନକ ପରିଣାମ ସୃଷ୍ଟି କରିବାର ଆଶଙ୍କା ରହିଛି। ଆତ୍ମୀୟସ୍ୱଜନଙ୍କ ପରୋକ୍ଷ ଶତ୍ରୁତା ମନୋଭାବକୁ ଲକ୍ଷ୍ୟକରି ମାନସିକ ସ୍ତରରେ ଯନ୍ତ୍ରଣା ଅନୁଭବ କରିବେ।

**ମୀନ**
ଉପରିସ୍ଥଙ୍କ ଆଦେଶପ୍ରାପ୍ତ ହୋଇ ଆକସ୍ମିକ ଭାବରେ ଦୂରଯାତ୍ରାର ସୁଯୋଗ ପାଇବେ। କର୍ମକ୍ଷେତ୍ରରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। ବନ୍ଧୁଙ୍କ ଅନୁରୋଧ କ୍ରମେ ଦୂରଯାତ୍ରା କରିବାକୁ ପଡ଼ିପାରେ। ଦୀର୍ଘ ପଥ ଭ୍ରମଣ ହେତୁକ କ୍ଳାନ୍ତି ଦେଖାଦେଇପାରେ। ଆଜି ହିଁ ଶେଷ କରିବାକୁ ଭାବୁଥିବା କାମଟିକୁ ଶେଷ କରିପାରିବେନି।

ଆଜି ମାସାନ୍ତ, ଆଶ୍ୱିନ କୃଷ୍ଣ ଦ୍ୱିତୀୟା ଯୁକ୍ତ ତୃତୀୟା ସୋମବାର, ସେପ୍ଟେମ୍ବର ୧୬ ତାରିଖ, ବିଶ୍ୱ ଓଜୋନ ଦିବସ, ରାଶି ନକ୍ଷତ୍ର-ରେବତୀ/ମୀନ,ମିଥୁନ ରାଶିର ଘାତବାର, ଦିବା ଘ୬।୦୯ମି. ମଧ୍ୟେ, ଘ୧।୧୩ମି. ଗତେ ଘ୨।୪୩ମି. ମଧ୍ୟେ, ଘ୪।୧୩ମି. ଗତେ ଘ୫।୪୩ମି. ମଧ୍ୟେ ଅମୃତବେଳା। ସକାଳ ଘ୮।୩୯ମି. ଗତେ ଘ୧୦।୦୯ମି. ମଧ୍ୟେ ମାହେନ୍ଦ୍ରବେଳା। ସକାଳ ଘ୭।୦୮ମି. ଗତେ ଘ୮।୩୯ମି. ମଧ୍ୟେ ରାହୁକାଳ।

**ପ୍ରଥମ ପୃଷ୍ଠାରୁ...**

## ଯୁଦ୍ଧରେ...

ବିଶ୍ୱ ସମୁଦାୟ ଏହା ଉପରେ ପଦକ୍ଷେପ ନେବା ଜରୁରୀ ବୋଲି ଇମ୍ରାନ୍ କହିଛନ୍ତି। ସମ୍ଭାବ୍ୟ ଯୁଦ୍ଧକୁ ନେଇ ପ୍ରଶ୍ନର ଉତ୍ତରରେ ପାକିସ୍ତାନ ପ୍ରଧାନମନ୍ତ୍ରୀ କହିଛନ୍ତି, ପାକିସ୍ତାନ କେବେ ଯୁଦ୍ଧ ଚାହେଁ ନାହିଁ। ସେ ଜଣେ ଶାନ୍ତିବାଦୀ ଓ ଯୁଦ୍ଧବିରୋଧୀ। ଯୁଦ୍ଧ କୌଣସି ସମସ୍ୟାର ସମାଧାନ କରିପାରିବ ନାହିଁ। ଏହାସତ୍ତ୍ୱେ ଭାରତ ସହ ନିଶ୍ଚିତ ଭାବେ ଯୁଦ୍ଧ ହୋଇପାରେ। ଦୁଇଟି ଆଣବିକ ଅସ୍ତ୍ରସମ୍ପନ୍ନ ରାଷ୍ଟ୍ର ଯୁଦ୍ଧ କଲେ ତାହାର ଶେଷ ପରିଣାମ ଆଣବିକ ଯୁଦ୍ଧ ହିଁ ହୋଇପାରେ। ପାରମ୍ପରିକ ଯୁଦ୍ଧରେ ଆମେ ହାରିବୁ। କିନ୍ତୁ ଯେତେବେଳେ ଆତ୍ମସମର୍ପଣ ଓ ଯୁଦ୍ଧ ମଧ୍ୟରୁ ଗୋଟିଏକୁ ବାଛିବାକୁ କୁହାଯିବ ସେତେବେଳେ ପାକିସ୍ତାନ ନିଜ ସ୍ୱାଧୀନତା ପାଇଁ ଶେଷ ପର୍ଯ୍ୟନ୍ତ ଯୁଦ୍ଧ କରିବାକୁ ପସନ୍ଦ କରିବ ବୋଲି ସେ ସ୍ପଷ୍ଟ କରିଛନ୍ତି।

ସେହିପରି ଫାଇନାନ୍ସିଆଲ ଆକ୍ସନ ଟାସ୍କ ଫୋର୍ସ (ଏଫ୍‌ଏଟିଏଫ୍) ପକ୍ଷରୁ ପାକିସ୍ତାନକୁ କଳାତାଲିକାଭୁକ୍ତ କରାଗଲେ ଦେଶ ଉପରେ ଅନେକ କଟକଣା ଜାରି କରାଯିବ। ଆମକୁ ଅର୍ଥନୈତିକ ସ୍ତରରେ ଦେବାଳିଆ ସ୍ଥିତିକୁ ଠେଲିଦେବା ପାଇଁ ଭାରତ ଏପରି ଉଦ୍ୟମ ଚଳାଇଛି। ଦୁଇଟି ସଭ୍ୟ ପଡ଼ୋଶୀ ଭଳି ଚଳିବା ସହ ଆଲୋଚନା ମାଧ୍ୟମରେ କଶ୍ମୀର ପ୍ରସଙ୍ଗର ସମାଧାନ ପାଇଁ ଭାରତକୁ ନିକଟରେ ପାକିସ୍ତାନ ପ୍ରସ୍ତାବ ଦେଇଥିଲା। ହେଲେ ଭାରତ ଆଗ୍ରହ ପ୍ରକାଶ କରିନାହିଁ। ତେଣୁ ପାକିସ୍ତାନ ମଧ୍ୟ ଆଉ ଆଲୋଚନା ଚାହୁଁନାହିଁ ବୋଲି ଇମ୍ରାନ କହିଛନ୍ତି।

## ମୁଖ୍ୟ ବେପାରୀ...

କରାଯାଇଛି। ସହଦେବଖୁଣ୍ଟା ମଡେଲ ଥାନାରେ ଏ ନେଇ ଏକ ମାମଲା (ନଂ.୨୭୪/୧୯) ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତମାନଙ୍କ ବୟାନକୁ ଭିତ୍ତିକରି ଖୋର୍ଦ୍ଧାରେ ଥିବା ମୁଖ୍ୟ ବ୍ରାଉନ୍‌ସୁଗାର ବ୍ୟବସାୟୀ ମୁନା ନାୟକଙ୍କୁ ମଧ୍ୟ ବାଲେଶ୍ୱର ପୋଲିସ ତତ୍ତ୍ୱାବଧାନରେ ଖୋର୍ଦ୍ଧା ପୋଲିସ ଗିରଫ କରିଥିବା ଏସ୍‌ପି ସୂଚନା ଦେଇଛନ୍ତି। ଗତ ଜୁନ୍ ୧୭ ତାରିଖରେ ସେକ୍ ହାଇଦରଙ୍କ ବାପା ସେକ୍ ରାଜୁ, ଭାଇ ସେକ୍ ହୁସେନ ଓ ମାମୁ ସେକ୍ ମକ୍‌ସଦଙ୍କଠାରୁ ୧ କେଜି ୬୫୫ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ କରାଯାଇଥିଲା। ଏ ନେଇ ସହଦେବଖୁଣ୍ଟା ମଡେଲ ଥାନାରେ ମାମଲା (ନଂ.୧୬୫/୧୯) ରୁଜୁ କରାଯାଇ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଉକ୍ତ ପରିବାର ଏହି କାରବାରରେ ଲିପ୍ତ ଥିବାରୁ ଜିଲାପାଳଙ୍କ ସହ ଆଲୋଚନା କରି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି କହିଛନ୍ତି। ଖବରଦାତା ସମ୍ମିଳନୀରେ ସହଦେବଖୁଣ୍ଟା ଥାନାଧିକାରୀ ପରେଶ ରାଉତ ଉପସ୍ଥିତ ଥିଲେ।

## ମାଲିକାନା...

ତଥ୍ୟ ଅନୁଯାୟୀ ଅଗଷ୍ଟରେ ଗାଡ଼ି ବିକ୍ରି ୨୩.୫୫ ପ୍ରତିଶତ ହ୍ରାସ ପାଇ ୧୮,୨୧,୪୯୦ ୟୁନିଟ ହୋଇଛି। ଗତବର୍ଷ ଏହି ସମୟରେ ୨୩,୮୨,୪୩୬ ୟୁନିଟ୍ ବିକ୍ରି ହୋଇଥିଲା। ସେହିପରି ଏପ୍ରିଲରୁ ଅଗଷ୍ଟ ମଧ୍ୟରେ ବିକ୍ରି ୧୫.୮୯ ପ୍ରତିଶତ ହ୍ରାସ ପାଇ ୯୭,୩୨,୦୪୦ ୟୁନିଟ ହୋଇଛି। ବର୍ଷକ ପୂର୍ବରୁ ଏହି ସମୟରେ ୧,୧୫,୭୦,୪୦୧ୟୁନିଟ ଗାଡ଼ି ବିକ୍ରି ହୋଇଥିଲା। ଶ୍ରୀବାସ୍ତବ କହିଛନ୍ତି ଯେ, ଭାରି ଡିସ୍କାଉଣ୍ଟ ଘୋଷଣା କରି କମ୍ପାନୀ ଅଟୋ ସେକ୍ଟରରେ ମାନ୍ଦାବସ୍ଥାର ମୁକାବିଲା ପାଇଁ ଉଦ୍ୟମ କରୁଛି। ବିଏସ୍-୬ ନିୟମ ଲାଗୁ ହେବା ପୂର୍ବରୁ କମ୍ପାନୀ ସମସ୍ତ ବିଏସ୍-୪ ଗାଡ଼ି ବିକ୍ରି କରିବାକୁ ଚେଷ୍ଟା କରୁଛି ବୋଲି ସେ କହିଛନ୍ତି।

## ୯ ଜିଲାକୁ...

ପର୍ଯ୍ୟନ୍ତ ବର୍ଷା ଲାଗି ରହିବାର ସମ୍ଭାବନା ରହିଛି ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହି ସମୟରେ ଲୋକମାନଙ୍କୁ ସତର୍କ ରହିବା ପାଇଁ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଦିଆଯାଇଥିବା ବେଳେ ଆସନ୍ତା ୫ଦିନ ପାଇଁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମଧ୍ୟକୁ ଯିବାକୁ ମନାକରାଯାଇଛି। ଅନ୍ୟପକ୍ଷରେ ରବିବାର ସନ୍ଧ୍ୟା ସୁଦ୍ଧା କେନ୍ଦୁଝରରେ ସର୍ବାଧିକ ୮୪ ମିଲିମିଟର ବର୍ଷା ହୋଇଥିବାବେଳେ ଫୁଲବାଣୀରେ ୪୮.୮ ମିଲିମିଟର ବର୍ଷା ହୋଇଛି।

## ରବିବାର ଚାଲିଲା...

ମଧ୍ୟ ଲୋକେ ଲାଇସେନ୍ସ ପାଇଁ ଆବେଦନ କରୁଥିଲେ। ତେବେ ଅପରାହ୍ନ ପ୍ରାୟ ୨ଟାରେ ଇଣ୍ଟରନେଟ ସମସ୍ୟା ଦେଖାଦେବାରୁ କୌଣସି ଫାଇଲ୍ ଅପଲୋଡ୍ ହୋଇ ନ ଥିଲା। ଘଣ୍ଟାଏ ଧରି କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ଏହାକୁ ନେଇ ଲାଇନ୍‌ରେ ଛିଡ଼ା ହୋଇଥିବା ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା।

ଆର୍‌ଟିଓ-୧ର ଆର୍‌ଟିଓ ପ୍ରଦୀପ ମହାନ୍ତି କହିଛନ୍ତି, ନୂଆ ମୋଟର ଆଇନ ସେପ୍ଟେମ୍ବର ୧ରୁ ଲାଗୁ ହେବାଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ଡିଏଲ୍ ଆବେଦନ ପାଇଁ ୨୦ହଜାରରୁ ଊର୍ଦ୍ଧ୍ୱ ସ୍ଲଟ୍ ବୁକ୍ ହୋଇଛି। ନିୟମ କୋହଳ ହେବା ପରେ ଏବେ ଅଟୋ ଡ୍ରାଇଭର ପୂର୍ବଭଳି ବେପରୁଆଭାବେ ଗାଡ଼ି ଚାଳନା କରୁଛନ୍ତି। ଏକାଧିକ ଯାତ୍ରୀଙ୍କୁ ଗାଡିରେ ବସାଇ ବିପଦପୂର୍ଣ୍ଣ ଭାବେ ନେଉଛନ୍ତି। ତେଣୁ ଏଭଳି କଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଅଟୋ ଚାଳକ ସଂଘକୁ ସତର୍କ କରାଯାଇଥିବା ସେ କହିଛନ୍ତି। ସେହିଭଳି ଆର୍‌ଟିଓ-୨ରେ ୧୮ହଜାରରୁ ଊର୍ଦ୍ଧ୍ୱ ସ୍ଲଟ୍ ବୁକ୍ ହୋଇଥିବା ଆର୍‌ଟିଓ ସଞ୍ଜୟ ବେହେରା ସୂଚନା ଦେଇଛନ୍ତି। ତେବେ ଏତେ ସଂଖ୍ୟକ ଲୋକ ଡିଏଲ୍ କରି ନ ଥିବାରୁ ସେ ଆଶ୍ଚର୍ଯ୍ୟପ୍ରକାଶ କରିବା ସହ କାହିଁକି ବିନା ଲାଇସେନ୍ସରେ ଗାଡ଼ି ଚଢୁଥିଲେ ବୋଲି ପ୍ରଶ୍ନ କରିଛନ୍ତି।

# ଲର୍ନିଂ ଟେଷ୍ଟ ପାଇଁ ନାଲ୍‌କୋ ଛକରେ ଆଜି ଖୋଲିବ କ୍ୟାମ୍ପ ଅଫିସ

ଭୁବନେଶ୍ୱର, ୧୫।୯ (ବ୍ୟୁରୋ) - ଭୁବନେଶ୍ୱରରେ ଥିବା ଦୁଇ ଆର୍‌ଟିଓରେ ଏକସଙ୍ଗେ ବିଭିନ୍ନ କାର୍ଯ୍ୟ ହେଉଥିବାରୁ ଲୋକଙ୍କୁ ସେବା ଯୋଗାଇବାରେ ସମସ୍ୟା ହେଉଛି। ତେଣୁ ଡ୍ରାଇଭିଂ ଲାଇସେନ୍ସ ପାଇଁ ଲର୍ନିଂ ଟେଷ୍ଟ କରିବାକୁ କ୍ୟାମ୍ପ ଅଫିସ ଖୋଲିବ। ସୋମବାରଠାରୁ ନାଲକୋ ଛକ ନିକଟ ବିଏମ୍‌ସି ଡେପୁଟି କମିଶନରଙ୍କ କାର୍ଯ୍ୟାଳୟ ପରିସରରେ ଆର୍‌ଟିଓ-୨ର କ୍ୟାମ୍ପ ଅଫିସ୍ କାର୍ଯ୍ୟ କରିବ ବୋଲି ଆର୍‌ଟିଓ ସଞ୍ଜୟ ବେହେରା କହିଛନ୍ତି। ସେହିଭଳି ଶହୀଦନଗର ୱାର୍ଡ ଅଫିସ ଓ ସ୍ଥାନୀୟ ବିଏମ୍‌ସି କାର୍ଯ୍ୟାଳୟରେ ଆର୍‌ଟିଓ-୧ର ଶାଖା ଅଫିସ୍ ରହିଛି। କିନ୍ତୁ ଏହି ଦୁଇ ଶାଖା ଅଫିସ୍ ଏବେ ବନ୍ଦ ରହିଥିବାରୁ ତାହାର ସ୍ଥିତି ଅନୁଧ୍ୟାନ କରାଯିବ। ଆବଶ୍ୟକ ବ୍ୟବସ୍ଥା କରାଯାଇ ଲୋକଙ୍କୁ ସେବା ଯୋଗାଇ ଦିଆଯିବ ବୋଲି ଆର୍‌ଟିଓ ପ୍ରଦୀପ ମହାନ୍ତି କହିଛନ୍ତି।

# ଖୋଲିଲା ରେଙ୍ଗାଳି ଡ୍ୟାମ୍ ଗେଟ

କଣିହାଁ,୧୫।୯(ଡି.ଏନ.ଏ.)- ଅନୁଗୋଳ ଜିଲା କଣିହାଁ ବ୍ଲକ ସ୍ଥିତ ରେଙ୍ଗାଳି ଡ୍ୟାମରେ ଜଳସ୍ତର ବୃଦ୍ଧି ପାଇଥିବା ଯୋଗୁ ରବିବାର ଗୋଟିଏ ଗେଟ୍ ଖୋଲାଯାଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ଡ୍ୟାମର ଜଳ ଧାରଣା କ୍ଷମତା ୧୨୩.୫୦ ରହିଥିବାବେଳେ ସକାଳ ୯ଟା ସୁଦ୍ଧା ଜଳସ୍ତର ୧୨୩.୩୩ ମିଟର ଛୁଇଁଥିଲା। ଡ୍ୟାମର ନିର୍ବାହୀ ଯନ୍ତ୍ରୀ ଅଜିତ କୁମାର ଜେନା ଓ କର୍ମଚାରୀ ସକାଳ ୯ଟାରେ ୨୪ ଟି ଗେଟ୍ ମଧ୍ୟରୁ ୭ ନମ୍ବର ଗେଟ୍ ଖୋଲିଥିଲେ। ସନ୍ଧ୍ୟା ସୁଦ୍ଧା ଡ୍ୟାମର ଜଳସ୍ତର ୧୨୨.୬୭ ମିଟର ରହିଛି। ଖବରଲେଖା ହେବା ସୁଦ୍ଧା ପ୍ରତି ସେକେଣ୍ଡରେ ଜଳ ଭଣ୍ଡାର ମଧ୍ୟକୁ ୧୧୯୨.୨୨ ଘନମିଟର ଜଳ ପ୍ରବେଶ କରୁଥିବାବେଳେ ପାୱାର ଚ୍ୟାନେଲ ଓ ଖୋଲାଯାଇଥିବା ଗେଟ ଦେଇ ୨୧୦୩.୪୪ ଘନ ମିଟର ଜଳ ନିଷ୍କାସିତ ହେଉଛି। ସୂଚନାଯୋଗ୍ୟ, ଗତ ୮ ତାରିଖରେ ଡ୍ୟାମର ଗୋଟିଏ ଗେଟ୍ ଖୋଲାଯାଇଥିଲା। ପରେ ଜଳସ୍ତର ହ୍ରାସ ପାଇବା ଯୋଗୁ ଏହାକୁ ବନ୍ଦ କରିଦିଆଯାଇଥିଲା।

# ଡଙ୍ଗାବୁଡ଼ି ଘଟଣା ମିଳିଲା ୨ ନିଖୋଜଙ୍କ ମୃତଦେହ

ଚିତ୍ରକୋଣ୍ଡା,୧୫।(ଡି.ଏନ.ଏ.)- ମାଲକାନଗିରି ଜିଲା ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ବିଚ୍ଛିନାଞ୍ଚଳ ଯନ୍ତ୍ରୀ ପଞ୍ଚାୟତ ତୋଟାଗୁଡା ଗ୍ରାମର ୪ ଜଣ ଶୁକ୍ରବାର ନାକାମାମୁଡି ଗ୍ରାମକୁ ଯାଇ ନଦୀପାର ହୋଇ ଫେରୁଥିବା ବେଳେ ଆମ୍ଳିବେଡା ନିକଟରେ ଡଙ୍ଗା ବୁଡିଯାଇଥିଲା। ଫଳରେ ସନାଦେଈ ଗଲରିଙ୍କ ମୃତ୍ୟୁ ହୋଇଥିଲା। ସନାଦେଈଙ୍କ ସ୍ୱାମୀ ମଙ୍ଗଳା ଗଲରି(୩୦) ୮ମାସର ଝିଅ ଦୀପାଳି ଗଲରି ଏବଂ ସାନାତା ଶିଶା(୨୦) ନିଖୋଜ ଥିଲେ। ରବିବାର ଖୋଜାଖୋଜି କରିବାରୁ ମଙ୍ଗଳା ଏବଂ ସାନାତାଙ୍କ ମୃତଦେହ ଉଦ୍ଧାର ହୋଇଛି। ଝିଅ ଦୀପାଳିଙ୍କ ମୃତଦେହ ଉଦ୍ଧାର ହୋଇପାରିନାହିଁ।

**କିଛି ତଥ୍ୟ**

ଚଳିତ ଆର୍ଥିକ ବର୍ଷର ପ୍ରଥମ ୫ ମାସରେ ଦେଶର ମୋଟ ଜୁଏଲେରୀ ରପ୍ତାନି ୯% ହ୍ରାସ ଘଟି ୧୫.୩୩ ବିଲିୟନ ଡଲାର ରହିଛି।
– ଜୁଏଲେରୀ ଏକ୍ସପୋର୍ଟ ପ୍ରମୋଶନ କାଉନସିଲ୍


# classifieds Everyday
0674-2580101, 2549302




SALE

ଭୁବନେଶ୍ୱର IIT ଅରଗୁଳ ରେଲଓ୍ୱେଷ୍ଟେସନ ଠାରେ 1200 କୁ 2,00,000/- registry free, Puja offer. Outright / Installment. 9348817649. D-66783

ଭୁବନେଶ୍ୱର ଜଟଣୀଗେଟ୍ NH-5 ରୁ ଅଳ୍ପ ଦୂରତାରେ 1200 କୁ 2,16,000/- outrightରେ plot ମିଳୁଅଛି। 7894433357, 8144706560. D-66782

ଭୁବନେଶ୍ୱର ସୁନ୍ଦରପଦା Xavier University ପଛପଟରେ Immediate registration & Possession ସହିତ ସ୍ଥିତିବାନ ପ୍ଲଟ ସୁଲଭମୂଲ୍ୟରେ ମିଳୁଅଛି। Contact: 8249292535. D-66780

Residential plot sale at Patrapada 600mtr from NH, Sqft-2200/- (Size-2024) near Kalinganagar DAV School (Nuagaon) Sqft. 1950/- (Gharabari). 9853606253, 7978332619. D-66781

212 decml gharabari sthitiban plot, yellowzone on 60ft road adjacent to 200ft road at a distance of 100mtrs @ 1.1 crore for sale. Contact: Owner -9338342502. D-67390




Prime location single room attach bath, kitchen, Lewis road, Bhubaneswar. 9861124451. D-67230

Prime location 1000sqft office / godown, Lewi road, Bhubaneswar. 9861124451. D-67231




Fully refreshed / relaxed body massage by expert therapist, Shastri Nagar. 7377984773. D-67368

Rejuvenate and ayurvedic full body massage by smart therapist. 9114402304. D-67367

Ayurvedic herbal body massage trend therapist. Mob: 8018246332. D-66961

Herbal full body massage by smart / expert therapist. Contact: 8338067247. D-67386

Summer special mesmerizing offer expert therapeutic refreshing massage appointment. 9668374480. D-67387

Experience full body massage with us (expert). Call: 7377048581, 06742597822. D-67389

Full body herbal massage with refreshment expert therapist. 7381239385, 06742540855. D-67388

Refresh your mind and soul with best therapy at Orchid Salon/ Spa. 9937287222. D-66963

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ରାଜ୍ୟ ସରକାରଙ୍କ 'ମୋ କଲେଜ' କାର୍ଯ୍ୟକ୍ରମର ଅଧକ୍ଷ ଭାବେ ଦାୟିତ୍ୱ ନେବା ପରେ ଆକାଶଦାସ ନାୟକ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀଙ୍କୁ ରବିବାର ସୌଜନ୍ୟମୂଳକ ସାକ୍ଷାତ୍ କରିଛନ୍ତି।

### ଏସ୍‌ସିବିରେ ଜଗା-କାଳିଆଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଲେ ମନ୍ତ୍ରୀ ପ୍ରତାପ

# ମୁଣ୍ଡରେ ଖପୁରି ପ୍ରତିରୋପଣ ପରେ ସ୍କୁଲ ଯିବ ଜଗା

**କଟକ ଅଫିସ, ୧୫।୯**

କଟକ ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହେଉଥିବା କନ୍ଧମାଳ ଜିଲାର ଯୋଡାମୁଣ୍ଡ ଶିଶୁ ଜଗା-କାଳିଆଙ୍କୁ ରବିବାର ଆଇନ ଏବଂ ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ଭେଟିଛନ୍ତି। ଏଥିସହ ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ମେଡିକାଲର ସୁପରିଣ୍ଟେଣ୍ଡେଣ୍ଟ ଓ ଚିକିତ୍ସା ଦାୟିତ୍ୱରେ ଥିବା ଅଧିକାରୀଙ୍କଠାରୁ ପଚାରି ବୁଝିଥିଲେ। ମେଡିକାଲରେ ଜଗାକୁ କିଛି ସମୟ ମନ୍ତ୍ରୀ ଜେନା କୋଳରେ ଧରିଥିବା ଦେଖିବାକୁ ମିଳିଥିଲା। ଏ ନେଇ ମନ୍ତ୍ରୀ ଜେନା କହିଛନ୍ତି, ଜଗା ଏବେ ବୁଲୁଛି, ଖେଳୁଛି, ଖାଉଛି। କିନ୍ତୁ କାଳିଆ ଅବସ୍ଥା ଏମ୍ସରୁ ଆସିବା ସମୟରୁ ହିଁ ସ୍ଥିର ରହିଛି। ଖୁବ୍‌ଶୀଘ୍ର କାଳିଆ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆସିବ ବୋଲି ଡାକ୍ତର କହିଛନ୍ତି। ଜଗା ମୁଣ୍ଡରେ ଖପୁରି ପ୍ରତିରୋପଣ କରାଯିବା ପରେ ଜଗାକୁ ପାଠ ପଢିବା ପାଇଁ ସ୍କୁଲ ପଠାଯିବ। ଏଥିସହ ମନ୍ତ୍ରୀ ଜେନା ଆହୁରି କହିଛନ୍ତି, ପୃଥିବୀରେ ଏଭଳି ବିରଳ ଅସ୍ତ୍ରୋପଚାର କ୍ୱଚିତ୍ ମାତ୍ରାରେ ହୋଇଥାଏ। ଜଗା-କାଳିଆଙ୍କ ଏହି ଘଟଣା ମେଡିକାଲ କ୍ଷେତ୍ରରେ ଗୋଟିଏ ବଡ଼ ସଫଳତା। ଏହି ଘଟଣା ଓ ଅନ୍ୟ ଘଟଣା ଭିତରେ ପାର୍ଥକ୍ୟ ହେଲା ଅନ୍ୟ କେସ୍‌ଗୁଡ଼ିକ ପାର୍ଟଲି ଜଏଣ୍ଟ ହୋଇଥାଏ। କିନ୍ତୁ ଜଗା-କାଳିଆଙ୍କ କ୍ଷେତ୍ରରେ ମୁଣ୍ଡ ସମ୍ପୂର୍ଣ୍ଣ ଭାବେ ଲାଗିକି ଥିଲା। ଜଗାର ବ୍ରେନ୍ କାଳିଆ ମୁଣ୍ଡ ଭିତରେ ଓ କାଳିଆ ବ୍ରେନ୍ ଜଗା ମୁଣ୍ଡ ଭିତରେ ପଶିକି ଥିଲା। କିନ୍ତୁ ମହାପ୍ରଭୁଙ୍କ ଆଶୀର୍ବାଦରୁ ଉଭୟ ସୁସ୍ଥ ଅଛନ୍ତି। ସେଥିପାଇଁ ଏମ୍ସ ଟିମ୍‌କୁ ଧନ୍ୟବାଦ ଦେବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଶା ପୂରଣ ହୋଇଛି। ଅନ୍ୟପକ୍ଷରେ ଏସ୍‌ସିବି ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଡା. ସିବିକେ ମହାନ୍ତି କହିଛନ୍ତି, ଜଗା-କାଳିଆଙ୍କ ଚିକିତ୍ସା ପାଇଁ ୧୪ ଜଣିଆ ଡାକ୍ତରୀ ଟିମ୍ ଲାଗିଛନ୍ତି। ଜଗା ସମ୍ପୂର୍ଣ୍ଣ ସୁସ୍ଥ ଅଛି, କିନ୍ତୁ କାଳିଆର ଅବସ୍ଥା ସ୍ଥିର ରହୁଛି। ଡାକ୍ତରମାନେ ପରିଶ୍ରମ କରୁଛନ୍ତି। ଆଶା ରଖିଛୁ ଖୁବ୍‌ଶୀଘ୍ର କାଳିଆ ମଧ୍ୟ ସୁସ୍ଥ ହୋଇଯିବ।



ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ରବିବାର କଟକ ବଡ଼ ମେଡିକାଲରେ ଜଗା-କାଳିଆଙ୍କୁ ଭେଟି ସ୍ୱାସ୍ଥ୍ୟ ସମ୍ବନ୍ଧରେ ଆଲୋଚନା କରିଛନ୍ତି।

# ହରିୟାଣାରେ ସିବିଜି ଉତ୍ପାଦନ ପ୍ରକଳ୍ପର ଶୁଭାରମ୍ଭ କଲେ ଧର୍ମେନ୍ଦ୍ର





ବାୟୋ ଗ୍ୟାସ୍ (ସିବିଜି) ଉତ୍ପାଦନ ପ୍ରକଳ୍ପକୁ ରବିବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁଭାରମ୍ଭ କରୁଛନ୍ତି।

**ଭୁବନେଶ୍ୱର, ୧୫।୯ (ବ୍ୟୁରୋ)**

ହରିୟାଣାର ଫରିଦାବାଦଠାରେ ଉଚ୍ଚମାନର କମ୍ପ୍ରେସଡ୍ ବାୟୋ ଗ୍ୟାସ୍ (ସିବିଜି) ଉତ୍ପାଦନ ପ୍ରକଳ୍ପକୁ ରବିବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁଭାରମ୍ଭ କରିଛନ୍ତି। ଏହାସହ ଇଣ୍ଡିଆନ୍ ଅଏଲର ଫରିଦାବାଦ୍‌ସ୍ଥିତ ଅନୁସନ୍ଧାନ ଓ ବିକାଶ(ଆର ଆଣ୍ଡ ଡି) କେନ୍ଦ୍ରକୁ ଧର୍ମେନ୍ଦ୍ର ବୁଲି ଦେଖିଛନ୍ତି। ଫରିଦାବାଦ୍‌ଠାରେ ଏହି ସିଏନ୍‌ଜି ଉତ୍ପାଦନ ପ୍ରକଳ୍ପ ପ୍ରଥମ ଥର ପାଇଁ କାର୍ଯ୍ୟକ୍ଷମ ହେବ। ଏହାସହ କୃଷି ଓ ଅନ୍ୟାନ୍ୟ ଜୈବ ବର୍ଜ୍ୟରୁ ଉଚ୍ଚମାନର ସିବିଜି ଉତ୍ପାଦନ କେନ୍ଦ୍ର କରାଯିବ। ଏହି ପ୍ରକଳ୍ପରୁ ଉତ୍ପାଦିତ ହୋଇଥିବା ପ୍ରଥମ ୨୫୦ କେଜି ସିବିଜି ବୋଝେଇ ଗାଡିକୁ ଫରିଦାବାଦ୍ ସେକ୍ଟର -୭ ସ୍ଥିତ ଇସ୍କନର ମିଡ୍ ଡେ ମିଲ୍ ପ୍ରସ୍ତୁତ କେନ୍ଦ୍ରକୁ ପତାକା ଦେଖାଇ କେନ୍ଦ୍ରମନ୍ତ୍ରୀ ଶୁଭାରମ୍ଭ କରିଛନ୍ତି। ଇସ୍କନ ଦ୍ୱାରା ଦୈନିକ ପାଖାପାଖି ୬୦ହଜାର ସ୍କୁଲ ଛାତ୍ରୀଛାତ୍ରଙ୍କ ପାଇଁ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ କରାଯାଉଛି। ଏହି ପ୍ରକଳ୍ପର ଶୁଭାରମ୍ଭ ପରେ ଧର୍ମେନ୍ଦ୍ର କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ବର୍ଜ୍ୟବସ୍ତୁକୁ ଉର୍ଜା ସମ୍ପତ୍ତିରେ ପରିଣତ କରିବା ପାଇଁ ଦିଆଯାଇଥିବା ଆହ୍ୱାନର ଏହା ସଫଳ କ୍ରିୟାନ୍ୱୟନ। ଫରିଦାବାଦ୍‌ସ୍ଥିତ ଏହି ପ୍ରକଳ୍ପ ଦୈନିକ ୫ ଟନ୍ ଜୈବ ବର୍ଜ୍ୟବସ୍ତୁକୁ ସିବିଜିରେ ପରିଣତ କରିବ। ଏହାଦ୍ୱାରା ଫରିଦାବାଦ୍‌ର ଜୈବ ବର୍ଜ୍ୟ ପରିଚାଳନା ଓ ଉର୍ଜା ଆବଶ୍ୟକତାକୁ ପୂରଣ କରିବା ପାଇଁ ସହାୟକ ହେବ। ଫରିଦାବାଦ୍ ଗସ୍ତ ଅବସରରେ ଏଠାରେ ଥିବା ଇଣ୍ଡିଆନ୍ ଅଏଲ୍‌ର ଆର ଆଣ୍ଡ ଡି ପ୍ରତିଷ୍ଠାନକୁ ବୁଲି ଦେଖିଛନ୍ତି। ଏଠାରେ ବିକଳ୍ପ ଉର୍ଜା ପ୍ରସ୍ତୁତି ବିଶେଷ ଭାବରେ ୨ଜି ଓ ୩ଜି ଇଥାନଲ, ହାଇଡ୍ରୋଜେନ୍ ମିଶ୍ରିତ ସିଏନଜି, ହାଇଡ୍ରୋଜେନ୍ ଜାଳେଣି ତଥା ଭବିଷ୍ୟତର ନିରନ୍ତର ଅକ୍ଷୟ ଉର୍ଜା ପାଇଁ କାମରେ ଏହି ପ୍ରତିଷ୍ଠାନ ନିୟୋଜିତ। ଆଇଓସିଏଲ୍ ଦ୍ୱାରା ଉର୍ଜା ଗବେଷଣା କେନ୍ଦ୍ର ମାଧ୍ୟମରେ ନୂତନ ଉର୍ଜାର ବିକଳ୍ପ ସନ୍ଧାନରେ ଏକ ନୂତନ କେନ୍ଦ୍ର ପ୍ରତିଷ୍ଠା ସହ ଯୁବ ବୈଜ୍ଞାନିକମାନଙ୍କ ନିୟୋଜନକୁ ଆଗକୁ ବଢାଉଥିବାରୁ ଧର୍ମେନ୍ଦ୍ର ଆଇଓସିଏଲ୍ ଅଧିକାରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ଦିବ୍ୟାଙ୍ଗ ଯୁବତୀଙ୍କୁ ବଳାତ୍କାର ଅଭିଯୋଗ

**ଫୁଲବାଣୀ ଅଫିସ/ଖଜୁରିପଡା, ୧୫।୯**

କନ୍ଧମାଳ ଜିଲା ଖଜୁରିପଡା ଥାନା ଅଞ୍ଚଳର ଜଣେ ଦିବ୍ୟାଙ୍ଗ ଯୁବତୀଙ୍କୁ ବଳାତ୍କାର କରାଯାଇଥିବା ନେଇ ଥାନାରେ ରବିବାର ଅଭିଯୋଗ ହୋଇଛି। ପୋଲିସ ଏହି ଘଟଣାରେ ସମ୍ପୃକ୍ତ ଜଣେ କନଷ୍ଟେବଲଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ଦିବ୍ୟାଙ୍ଗ ଯୁବତୀ ଜଣକ ସମ୍ପୃକ୍ତ କନଷ୍ଟେବଲଙ୍କ ବାସଭବନରେ ବହୁଦିନ ହେବ କାର୍ଯ୍ୟ କରି ଆସୁଥିଲେ। ପ୍ରାୟ ୫/୬ ମାସ ତଳେ ସେଠାରେ ଆଉ କାମ ନ କରି ଘରକୁ ପଳାଇ ଆସିଥିଲେ। ତେବେ ସେ ବର୍ତ୍ତମାନ ୫ ମାସର ଗର୍ଭବତୀ ଥିବା ନେଇ ରବିବାର ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଘଟଣାର ଗୁରୁତ୍ୱକୁ ଦେଖି ପଚରାଉଚରା ଜାରି ରହିଛି। ଏ ନେଇ ନଂ. ୮୨/୧୯ରେ ଏକ ମାମଲା ରୁଜୁ ହୋଇଛି। ଘଟଣା ସମ୍ପର୍କରେ ତଦନ୍ତ ଜାରି ରହିଥିବାରୁ ଅଧିକ ସୂଚନା ଦେଇପାରିବେନି ବୋଲି ଖଜୁରିପଡ଼ା ଥାନାଧିକାରୀ ରମାକାନ୍ତ ପାତ୍ର କହିଛନ୍ତି।



## ଜିଲ୍ଲା ଚିଠି
## ପୁରୀ

# କଥାକୁ ଭରସା ନାହିଁ

ବଦଳିଯିବ ପୁରୀର ଚେହେରା। ପୁରୀ ହେବ ବିଶ୍ୱ ଐତିହ୍ୟ ସହର। ଭକ୍ତ, ପର୍ଯ୍ୟଟକ, ତୀର୍ଥଯାତ୍ରୀଙ୍କ ପାଇଁ ବିଶ୍ୱସ୍ତରୀୟ ସୁବିଧା ସୁଯୋଗ ସୃଷ୍ଟି କରାଯିବ। ପୁରୀ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିବ। ଏସବୁ ପରିକଳ୍ପନା ଭିତରେ ଶ୍ରୀମନ୍ଦିର ସୁରକ୍ଷା ହୋଇଛି ସବୁଠୁ ବଡ଼ ପ୍ରଶ୍ନ। ଆତଙ୍କବାଦୀଙ୍କ ଟାର୍ଗେଟରେ ଥିବା ବଡ଼ଦେଉଳର ସୁରକ୍ଷା ଏବଂ ସୌନ୍ଦର୍ଯ୍ୟକରଣ ପାଇଁ ମେଘନାଦ ପାଚେରି କଡ଼ରୁ ୭୫ ମିଟର ପରିଧି ମଧ୍ୟରେ ଜାଗା ଖାଲି କରାଯିବ। ଏମିତି ଅନେକ ସ୍ୱପ୍ନ ଦେଖିଛନ୍ତି ରାଜ୍ୟ ସରକାର। ଆଉ ଏହାକୁ ସାକାର କରିବା ଲାଗି ପ୍ରଥମେ ୨୬୫ କୋଟି ଏବଂ ପରେ ୫୦୦ କୋଟି ଟଙ୍କା ମଧ୍ୟ ଘୋଷଣା କରିଛନ୍ତି। ୭୫ ମିଟର ଜାଗା ଖାଲି ପାଇଁ ଭାଙ୍ଗିବ ପ୍ରାୟ ୧୮ ମଠ, ଶତାଧିକ ବାସଗୃହ ଆଉ ବ୍ୟବସାୟ ପ୍ରତିଷ୍ଠାନ। ଏହି ଯୋଜନାକୁ ଫଳପ୍ରଦ କରିବା ଲାଗି ଇତିମଧ୍ୟରେ ଅଭିଯାନ ଆରମ୍ଭ ହୋଇଯାଇଛି। ପ୍ରଥମେ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ଏବଂ ଶ୍ରୀମନ୍ଦିର କାର୍ଯ୍ୟାଳୟଠାରୁ ସିଂହଦ୍ୱାର ପର୍ଯ୍ୟନ୍ତ ସବୁ ଉଠାଦୋକାନୀଙ୍କୁ ହଟାଇ ଦିଆଯାଇଛି। ମେଘନାଦ ପାଚେରୀ କଡ଼କୁ ଲାଗି ରହିଥିବା ସବୁ ନିର୍ମାଣ ଉଚ୍ଛେଦ କରାଯାଇଥିବା ବେଳେ ୩ଟି ପୁରାତନ ମଠ ବି ମାଟିରେ ମିଶିଛି। ବ୍ରିଟିଶ୍ ଅମଳର ରଘୁନନ୍ଦନ ଲାଇବ୍ରେରି ସତ୍ତା ହରାଇଛି। ବିସ୍ଥାପିତଙ୍କ ଲାଗି ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରାଯାଇଛି। ହେଲେ ସରକାରଙ୍କ କଥାକୁ ବିଶ୍ୱାସକୁ ନେଇପାରୁ ନାହାନ୍ତି କ୍ଷତିଗ୍ରସ୍ତ। ବିଗତ ଦିନର ଅନୁଭୂତିକୁ ନେଇ ବିସ୍ଥାପିତମାନେ ସନ୍ଦିହାନ ରହିଛନ୍ତି। ୨୦୧୫ ନବକଳେବର ସମୟରେ ବହୁସଂଖ୍ୟାରେ ବ୍ୟବସାୟିକ ଗୃହ, ଏକାଧିକ ବ୍ୟକ୍ତିଙ୍କ ଘର ମଧ୍ୟ ଭାଙ୍ଗି ଦିଆଗଲା। ସେତେବେଳେ ପ୍ରଶାସନ ଥଇଥାନ କରିବ ବୋଲି ସେମାନଙ୍କୁ ପ୍ରତିଶ୍ରୁତି ଦେଇଥିଲା। ହେଲେ ଏହାପରେ ବେସାହାରା ହୋଇପଡିଲେ ବିସ୍ଥାପିତ। ବାରମ୍ବାର ପ୍ରଶାସନ ନିକଟକୁ ଦୌଡୁଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଅନେକଙ୍କୁ ଥଇଥାନ କରାଯାଇ ନାହିଁ। କେବଳ ୨୦୧୫ ନୁହେଁ, ଏହା ପୂର୍ବରୁ ମଧ୍ୟ ଏଭଳି ଉଚ୍ଛେଦ କରାଯାଇଛି। କିନ୍ତୁ ବିସ୍ଥାପିତଙ୍କୁ ଠିକ୍ ଭାବେ ଥଇଥାନ କରାଯାଇ ନ ଥିବାରୁ ସେମାନଙ୍କ ମନରେ ସନ୍ଦେହ ବସା ବାନ୍ଧିଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ସରକାର ମେଘନାଦ ପାଚେରି କଡ଼ରୁ ୭୫ ମିଟର ପରିଧି ମଧ୍ୟରେ ସବୁ ନିର୍ମାଣ ଉଚ୍ଛେଦ କରିବାକୁ ନିଷ୍ପତ୍ତି ନେଇଛନ୍ତି। ପ୍ରାଥମିକ ଭାବେ ଏ ଦିଗରେ କାମ ବି ଆରମ୍ଭ କରିଦେଇଛନ୍ତି। ୭୫ ମିଟର ପରେ ବିଭିନ୍ନ ମଠକୁ ଥଇଥାନ କରିବେ ବୋଲି କହୁଛନ୍ତି। ଆନ୍‌ସିଏଣ୍ଟ ମନୁମେଣ୍ଟ୍ସ ଆକ୍ଟ ଅନୁଯାୟୀ ଶ୍ରୀମନ୍ଦିରଠାରୁ ୧୦୦ ମିଟର ମଧ୍ୟରେ କୌଣସି ନିର୍ମାଣ କରାଯାଇ ପାରିବ ନାହିଁ ବୋଲି ନିୟମ ରହିଛି। ପ୍ରଶାସନ କିଭଳି କନ୍‌ଷ୍ଟ୍ରକସନ କରି ମଠକୁ ଥଇଥାନ କରିବ, ସେ ନେଇ ମହନ୍ତମାନେ ବି ସନ୍ଦେହରେ ରହିଛନ୍ତି। ତେଣୁ ସରକାରଙ୍କ କଥାକୁ ଭରସା କରିପାରୁ ନାହାନ୍ତି ବିସ୍ଥାପିତ।

– ହେମନ୍ତ କୁମାର ନାୟକ


# ପେମେଣ୍ଟରେ ବିଳମ୍ବର କାରଣ

**ମୋର ସମ୍ମାନୀୟ ନିବେଶକର୍ତ୍ତା ସାଥୀଗଣ,**

ସର୍ବପ୍ରଥମେ ଈଶ୍ୱରଙ୍କଠାରେ ପ୍ରାର୍ଥନା କରୁଛି କି ଆପଣଙ୍କର ଜୀବନ ସପରିବାର ସର୍ବଦା ସୁଖୀ ଏବଂ ସମ୍ପନ୍ନ ରହୁ।

ଠିକ୍ ସମୟରେ ପେମେଣ୍ଟ କରିବାର ଯେଉଁ ସ୍ଥାପିତ ପରମ୍ପରା ଅଛି ତାହା ବିପରୀତ ଏଠାରେ କିଛି ଜାଗାରେ ପେମେଣ୍ଟ କରିବାରେ ବିଳମ୍ବ ହେଉଅଛି, କାରଣ ମାନନୀୟ ସର୍ବୋଚ୍ଚ ନ୍ୟାୟାଳୟର ପ୍ରତିବନ୍ଧ (ଏମ୍ବ୍ରେଗୋ) କାରଣରୁ ଆମେ ନିଜର ପରିସମ୍ପତ୍ତି ବିକ୍ରି କରି, ବନ୍ଧାରଖି କିମ୍ବା ଜଏଣ୍ଟ ଭେଞ୍ଚର୍‌ରେ ଧନ ଏକଜୁଟ କରି ଏକଟଙ୍କା ମଧ୍ୟ ସଂସ୍ଥାଗତ କାର୍ଯ୍ୟ ପାଇଁ ବ୍ୟବହାର କରିପାରିବୁ ନାହିଁ, ଏପରିକି ନିବେଶକଙ୍କର ପେମେଣ୍ଟ ପାଇଁ ମଧ୍ୟ ନୁହେଁ।

ଏହି ପ୍ରକାରର ଏକଜୁଟ୍ କରାଯାଇଥିବା ସମୁଦାୟ ଧନରାଶି ସାହାରା-ସେବି ଖାତାକୁ ଚାଲିଯାଇଥାଏ। ଏ ପର୍ଯ୍ୟନ୍ତ ସାହାରା-ସେବି ଖାତାରେ ମୋଟ ସୁଧ ସହ ପ୍ରାୟ **₹21,000** କୋଟି ଟଙ୍କା ଜମା ହୋଇଯାଇଅଛି। ସେବି ଦ୍ୱାରା **4** ଥର **150**ଟି ଖବର କାଗଜ ଜରିଆରେ ପୂରା ଦେଶରେ, ବିଜ୍ଞାପନ ଦେବା ସତ୍ତ୍ୱେ ମଧ୍ୟ ସେବି କେବଳ **₹96** କୋଟି ଟଙ୍କା ସମ୍ମାନିତ ନିବେଶକମାନଙ୍କୁ ପ୍ରଦାନ କରିପାରିଛି। ଏହା ଏଥିପାଇଁ କି ଅଧିକାଂଶ ନିବେଶକମାନଙ୍କ ପେମେଣ୍ଟ ଆମେ ପ୍ରଥମରୁ ହିଁ କରିସାରିଅଛୁ।

ଏଣୁ ନ୍ୟାୟାଳୟ ନିର୍ଦ୍ଦେଶାନୁସାରେ ଯେମିତି ଖାତାଗୁଡ଼ିକର ଯାଞ୍ଚ ହୋଇଯିବ, ଆମେ ଜମା କରିଥିବା ସମସ୍ତ ଧନରାଶି ଆମକୁ ଫେରସ୍ତ ମିଳିଯିବ, ଯାହାକୁ ଯାହା ଦେୟ ପାଇବାର ଅଛି, ତା'ର ତାହା ପୂରା ହୋଇଯିବ, ତା ସହିତ ଆଗକୁ ପ୍ରତିବନ୍ଧ ମଧ୍ୟ ହଟିଯିବ। ସେତେବେଳେ ଦେୟ ସମ୍ବନ୍ଧୀୟ ବିଳମ୍ବର ସମସ୍ୟା ଧୀରେ ଧୀରେ ସମାପ୍ତ ହୋଇଯିବ। ହଁ, ଏହି ପ୍ରକ୍ରିୟା ପୂରା କରିବାରେ କିଛି ସମୟ ଅବଶ୍ୟ ଲାଗିବ। ଯାହା ସମ୍ପୂର୍ଣ୍ଣ ରୂପେ ସମ୍ମାନୀୟ ନ୍ୟାୟାଳୟ ଉପରେ ନିର୍ଭର କରିଥାଏ।

ଏହା ବ୍ୟତୀତ ସାହାରାର ପରିସମ୍ପତ୍ତି ତାହାର ସମୁଦାୟ ଦେଣଦାରୀ/ଦେୟତା ତୁଳନାରେ ତିନିଗୁଣା ଅଧିକ ଅଟେ। ଏଣୁ ନିବେଶକମାନଙ୍କ ଧନ ସମ୍ପୂର୍ଣ୍ଣ ରୂପେ ସୁରକ୍ଷିତ ଅଟେ।

ବର୍ତ୍ତମାନ ଟିକିଏ ଅସୁବିଧା ତ ନିଶ୍ଚୟ ଅଛି। ଦୁଃଖର ବିଷୟ ଏହି କି ଯେ କଠିନ ପରିସ୍ଥିତିର ଲାଭ ନେବାପାଇଁ ଆମର ଏଠାରୁ ନିଷ୍କାସିତ ହୋଇଥିବା କିଛି କର୍ମଚାରୀ କିମ୍ବା କିଛି କ୍ଷେତ୍ରୀୟ କାର୍ଯ୍ୟକର୍ତ୍ତା ଯେଉଁମାନେ ସଂସ୍ଥାରୁ କାମ ଛାଡ଼ି ଦେଇଛନ୍ତି ସେମାନେ ପରିସ୍ଥିତିର ଫାଇଦା ଉଠାଇ କିଛି କୁଜି ନେତାମାନଙ୍କ ସହ ମିଶି ସମ୍ମାନିତ ନିବେଶକର୍ତ୍ତା ସାଥୀମାନଙ୍କ ମଧ୍ୟରେ ଅପପ୍ରଚାର କରୁଛନ୍ତି ଓ ସେମାନଙ୍କୁ ଭ୍ରମିତ କରୁଛନ୍ତି ତଥା ସଂସ୍ଥା ଏବଂ ସମ୍ମାନିତ ନିବେଶକାରୀମାନଙ୍କ ମଧ୍ୟରେ ବିବାଦ ସୃଷ୍ଟି କରିବା ପାଇଁ ଚେଷ୍ଟା କରୁଛନ୍ତି। ବ୍ଲାକମେଲ୍‌ର ପରି ସଂସ୍ଥା ବିରୋଧୀ କାର୍ଯ୍ୟକଳାପରେ ଲିପ୍ତ ଏପରି ଲୋକମାନଙ୍କ ପ୍ରତି ଆପଣମାନଙ୍କୁ ସମ୍ପୂର୍ଣ୍ଣ ସାବଧାନତା ଅବଲମ୍ବନ କରିବାର ଆବଶ୍ୟକତା ଅଛି।

ଆପଣ ନିବେଶକର୍ତ୍ତା ସାଥୀମାନଙ୍କର ହିତ ଆମ ପାଇଁ ସର୍ବଦା ସର୍ବୋଚ୍ଚ ରହିଅଛି ଏବଂ ସବୁବେଳେ ରହିବ ମଧ୍ୟ।

ଆପଣମାନଙ୍କୁ ମୋର ଅନୁରୋଧ ଯେ ବିଚଳିତ ହୁଅନ୍ତୁ ନାହିଁ ଏବଂ ଧୈର୍ଯ୍ୟ ରଖନ୍ତୁ। ଆପଣଙ୍କୁ ଆପଣଙ୍କର ନିବେଶିତ ଧନ ସମ୍ପୂର୍ଣ୍ଣ ସୁଧ ସହ ମିଳିଯିବ। ଯେଉଁ ବିଳମ୍ବ ହେଉଅଛି ତାକୁ ଆପଣ ଏହା ଭାବି ନିଅନ୍ତୁ ଯେ, ଆପଣ ଅଧିକ ସୁଧ ଅର୍ଜନ କରିବା ପାଇଁ ନିଜ ଧନକୁ ଟିକିଏ ଅଧିକ ସମୟ ନିବେଶିତ କରିଛନ୍ତି।

ମୁଁ ପୁଣି ଥରେ ଆପଣଙ୍କୁ ଆଶ୍ୱସ୍ତ କରୁଅଛି ଯେ ଆପଣଙ୍କ ଧନ ପୂର୍ଣ୍ଣମାତ୍ରାରେ ସୁରକ୍ଷିତ ଏବଂ ଆପଣଙ୍କୁ କୌଣସି ପ୍ରକାରର କିଛି କ୍ଷତି ହେବନାହିଁ। ଆପଣମାନଙ୍କୁ ଅନୁରୋଧ ଆମ ସହିତ ସହଯୋଗ କରନ୍ତୁ ଓ ପୂର୍ବପରି ଆମ ଉପରେ ବିଶ୍ୱାସ ରଖନ୍ତୁ।

**ଉକ୍ତ ବିଜ୍ଞାପନ ଜରିଆରେ ଆମେ ଏହି ବିଷୟ ସଂକ୍ରାନ୍ତରେ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟକୁ ଆବେଦନ କରିବାକୁ ସମ୍ମାନନୀୟ ରାଜ୍ୟ ସରକାରଙ୍କୁ ବିନମ୍ରତାର ସହ ଅନୁରୋଧ କରୁଛୁ। ଏହା ଆମର ସମ୍ମାନନୀୟ ନିବେଶକଙ୍କ ପାଇଁ ଏକ ବଡ଼ ସହାୟକ ହେବ।**

ସମ୍ମାନ ଏବଂ ଶୁଭକାମନା ସହିତ
ସର୍ବଦା ଆପଣଙ୍କର
Saharashri
ସୁବ୍ରତ ରାୟ ସାହାରା

SAHARA INDIA PARIWAR

ବିଶୃଙ୍ଖଳା ଓ ଅନ୍ଧକାର ମଧ୍ୟରୁ ମୁକ୍ତି ପାଇବାର ଏକମାତ୍ର ଉପାୟ ହେଲା ସଂପୂର୍ଣ୍ଣ ଭାବେ ଶାନ୍ତ ଓ ଧୀରସ୍ଥିର ହୋଇ ରହିବା। ଏବଂ ଝଡ଼ଝଞ୍ଜାକୁ ବାଟ ଛାଡ଼ିଦେବା।
– ଶ୍ରୀମା



# ବାଟବଣା

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ ବିଧିବଦ୍ଧ ଘୋଷଣା କରି କହିଛନ୍ତି ଯେ, ଗୋଟିଏ ଦେଶରେ ଗୋଟିଏ ଭାଷା ରହିବା ଆବଶ୍ୟକ। ସେଥିପାଇଁ ହିନ୍ଦୀ ଜାତୀୟ ଭାଷା ହେବା ଦରକାର। ଉତ୍ତର ଭାରତର କେତେକ ରାଜ୍ୟରେ ବ୍ୟବହୃତ ହେଉଥିବା ହିନ୍ଦୀ ଭାଷାକୁ ଭାରତୀୟ ସମ୍ବିଧାନରେ ସ୍ଥାନ ଦିଆଯାଇଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଭାରତର ୪୪ ପ୍ରତିଶତ ନାଗରିକ ହିନ୍ଦୀକୁ ନିଜର ଭାଷା ଭାବେ ଜନଗଣନା ବେଳେ କହିଥିଲେ। ଅପରପକ୍ଷରେ କେତେ ସଂଖ୍ୟକ ଲୋକ ଇଂଲିଶ୍ ବ୍ୟବହାର କରନ୍ତି ବୋଲି ଜନଗଣନାରେ ପ୍ରଶ୍ନ ନ ଥିବାରୁ ସରକାର କହୁଛନ୍ତି ମାତ୍ର ୩ ପ୍ରତିଶତ ନାଗରିକ ଇଂଲିଶ୍ ବ୍ୟବହାର କରୁଛନ୍ତି। ଅନେକ ଶିକ୍ଷିତ ବ୍ୟକ୍ତି ଏସବୁକୁ ଭଲ ଭାବେ ବୁଝି ନ ପାରି ଚିନ୍ତା କରନ୍ତି ଯେ, ହିନ୍ଦୀ ହେଉଛି ଜାତୀୟ ଭାଷା। କିନ୍ତୁ ବାସ୍ତବରେ ଦେଖିଲେ ବୁଝାପଡୁଛି, ଇଂଲିଶ୍ ସମେତ ସମ୍ବିଧାନରେ ହିନ୍ଦୀ ହେଉଛି ଦ୍ୱିତୀୟ ସରକାରୀ ବା ରାଜଭାଷା। ସ୍ୱାଧୀନତା ପୂର୍ବରୁ ଏହି ଉପମହାଦେଶର ଇତିହାସ ଦେଖିଲେ ଜଣାପଡ଼େ ଯେ, ବିଭିନ୍ନ ଅଞ୍ଚଳରେ ଭିନ୍ନ ଭିନ୍ନ ଭାଷା ବ୍ୟବହାର କରି ରାଜାମାନେ ପ୍ରଜାଙ୍କୁ ଶାସନ କରୁଥିଲେ। ବିଦେଶରୁ ଆସି ଏହି ଭୂଖଣ୍ଡର କିଛି ଅଂଶ ଉପରେ ଶାସନ କରିଥିବା ମୁସଲମାନ ରାଜାମାନେ ଆରବୀୟ, ପାର୍ସୀ ଭଳି ଅନେକ ଭାଷାର ସାହାଯ୍ୟ ନେଇ ପ୍ରଶାସନ ଚଳାଇଥିଲେ। ପରବର୍ତ୍ତୀ ସମୟରେ ଏହି ମାଟିରୁ ଜନ୍ମ ନେଇଥିଲା ଉର୍ଦ୍ଦୁ ଭାଷା। ପଞ୍ଜାବ ଓ ସିନ୍ଧ୍ ଭଳି ଉତ୍ତର ପଶ୍ଚିମାଞ୍ଚଳରେ ବସବାସ କରୁଥିବା ଉଭୟ ହିନ୍ଦୁ ଓ ମୁସଲମାନମାନେ ମଧ୍ୟ ଉର୍ଦ୍ଦୁ ପଠନ ସହ କଥାବାର୍ତ୍ତା ମଧ୍ୟ କରୁଥିଲେ। କିନ୍ତୁ ହିନ୍ଦୀ ଏକ ଜାରଜ ଭାଷା। ତାହାର ଅନେକ ଶବ୍ଦ ଉର୍ଦ୍ଦୁ, ଫରାସୀ, ଆରବୀୟ ସମେତ ଅନେକ ୟୁରୋପୀୟ ଭାଷାରୁ ନିଆଯାଇଛି। ଉଲ୍ଲେଖଯୋଗ୍ୟ, ହିନ୍ଦୀ ଏକ ଶାସ୍ତ୍ରୀୟ ଭାଷା ନୁହେଁ। ଭାରତର ମାତ୍ର ୬ଟି ଶାସ୍ତ୍ରୀୟ ଭାଷା ତାମିଲ, ସଂସ୍କୃତ, ତେଲୁଗୁ, କନ୍ନଡ, ମାଲାୟାଲମ୍ ଏବଂ ଓଡ଼ିଆ ଜୀବିତ ଅଛନ୍ତି। ଆମେ ଓଡ଼ିଆ ଗୌରବାନ୍ୱିତ ହେବା କଥା ଯେ, ଏହି ଉପମହାଦେଶର ପ୍ରଥମ ଭାଷାଭିତ୍ତିକ ରାଜ୍ୟ ଭାବେ ୧ ଏପ୍ରିଲ ୧୯୩୬ରେ ଓଡ଼ିଶା ଜନ୍ମ ନେଇଥିଲା। ସ୍ୱାଧୀନତା ପରେ ବିଶେଷକରି ଗତ ଶତାବ୍ଦୀର ୬୦ ଦଶନ୍ଧିରେ ଅମିତ୍ ଶାହଙ୍କ ଭଳି କେତେକ ରାଜନୈତିକ ବ୍ୟକ୍ତି ଅନୁରୂପ ଆକାରରେ ହିନ୍ଦୀକୁ ଜାତୀୟ ଭାଷାର ଆଖ୍ୟା ଦେବାକୁ ଚେଷ୍ଟା କରିଥିଲେ। ସେତେବେଳେ ସେହି ରାଜନୀତିଜ୍ଞମାନେ କିମ୍ବା ଆଜିର ଅମିତ୍ ଶାହ ଯଦି ତାଙ୍କର ମନ୍ଦ ଉଦ୍ଦେଶ୍ୟରେ ସଫଳତା ହାସଲ କରନ୍ତି, ତେବେ ସବୁ ଛାତ୍ରୀଛାତ୍ରଙ୍କୁ ହିନ୍ଦୀ ଭାଷା ମାଧ୍ୟମରେ ଶିକ୍ଷା ଲାଭ କରିବାକୁ ଜୋରଜବରଦସ୍ତ ପଡ଼ିବ। ଯେତେବେଳେ ବିଦ୍ୟାଳୟସ୍ତରରୁ ମାତୃଭାଷାକୁ ଏକ ଗୌଣ ବିଷୟ ଭାବରେ ବୁଝେଇ ଦିଆଯିବ, ସେତେବେଳେ ହିନ୍ଦୀ ବ୍ୟତୀତ ଭାରତର ଅନ୍ୟ ସବୁ ଭାଷା କ୍ରମଶଃ ଲୋପ ପାଇଯିବାର ଯଥେଷ୍ଟ ଆଶଙ୍କା ରହିଛି। ତତ୍‌କ୍ଷଣାତ୍ ନ ହେଲେ ମଧ୍ୟ ଦୁଇତିନିଟି ପିଢ଼ି ପରେ ଓଡ଼ିଆ, ବଙ୍ଗଳା, ତାମିଲ, ତେଲୁଗୁ, କନ୍ନଡ, ମାଲାୟାଲମ୍ ଭଳି ପୁରାତନ ଭାଷା ନିଶ୍ଚିତ ଭାବେ ନିଶ୍ଚିହ୍ନ ହୋଇଯିବ।

ଆଜିର ସରକାର ଭାବୁଛନ୍ତି ଯେ ଜିଏସ୍‌ଟି ଲାଗୁ କଲା ପରେ 'ଗୋଟିଏ ଦେଶ ଗୋଟିଏ ଟିକସ' ଅନେକ ସଫଳତା ପାଇଛି। ଏହି ଦାବିକୁ ଭଲଭାବେ ଦେଖିଲେ ଜଣାପଡୁଛି ଯେ, ବିମୁଦ୍ରୀକରଣ ପରେ ଆସିଥିବା ଜିଏସ୍‌ଟି ବ୍ୟବସ୍ଥା ଯୋଗୁ ଆଜିର ଜାତୀୟ ଅର୍ଥନୀତିରେ ମାନ୍ଦାବସ୍ଥା ଦେଶକୁ ଭୋଗିବାକୁ ପଡୁଛି। ଏହି ଅପ୍ରାକୃତିକ ଅର୍ଥନୈତିକ ଦୁଃସ୍ଥିତି ପାଇଁ ଜୋରଜବରଦସ୍ତ କରାଯାଉଥିବା କାର୍ଯ୍ୟ ମୁଖ୍ୟତଃ ଦାୟୀ। ଆଜି ମଧ୍ୟବିତ୍ତ ବର୍ଗ ଏହାର କୁଫଳ ଭୋଗ କରି ନୀରବ ରହିଛନ୍ତି। ଆସନ୍ତା କିଛିମାସ ମଧ୍ୟରେ ଦୁଃସ୍ଥିତିର ପ୍ରଭାବ ଯେତେବେଳେ ଗରିବଙ୍କ ପେଟରେ ଲାତ ମାରିବ, ସେତେବେଳେ କେଉଁ ପରିସ୍ଥିତି ଉପୁଜିବ ତାହା ଦେଖିବାକୁ ବାକି ଅଛି। ଏଠାରେ ଉଲ୍ଲେଖଯୋଗ୍ୟ, ଭାରତର ସମ୍ବିଧାନ କେବଳ ଇଂଲିଶ୍ ଓ ହିନ୍ଦୀରେ ଉପଲବ୍ଧ। ଯଦି ଭାଷାର ଇତିହାସକୁ ଦେଖାଯାଏ, ତେବେ ଗତ ଶତାବ୍ଦୀର ତୃତୀୟ ଦଶକକୁ ମନେପକାଇବାକୁ ପଡ଼ିବ। ଦକ୍ଷିଣ ଭାରତରେ ହିନ୍ଦୀ ବିରୋଧୀ ଆନ୍ଦୋଳନ ୧୯୩୦ରୁ ଆରମ୍ଭ ହୋଇ ୧୯୬୦ ଯାଏ ଚାଲିଥିଲା। ଦ୍ରାବିଡ଼ୀୟମାନେ ଏହାକୁ ଘୋର ବିରୋଧ କରିବା ପରେ ସାମ୍ବିଧାନିକ ସଭାରେ ଏ ନେଇ ଆଲୋଚନା ହୋଇଥିଲା। ପରବର୍ତ୍ତୀ ସମୟରେ 'ମୁନ୍‌ସି-ଆୟାଙ୍ଗାର ସୂତ୍ର' ଅନୁଯାୟୀ ହିନ୍ଦୀକୁ ଭାରତର ଅନ୍ୟାନ୍ୟ ଭାଷା ଭଳି ଅନ୍ୟତମ ସରକାରୀ ଭାଷା ଭାବେ ଅଭିହିତ କରାଯାଇଥିଲା। କନୈୟାଲାଲ ମାନିକ୍‌ଲାଲ ମୁନ୍‌ସି ଏବଂ ଏନ୍. ଗୋପାଳସ୍ୱାମୀ ଆୟାଙ୍ଗାର ସମ୍ବିଧାନର ଚିଠା କମିଟିର ସଦସ୍ୟ ଥିଲେ। ମୁନ୍‌ସି ଗୁଜରାଟୀ ଥିବା ବେଳେ ଆୟାଙ୍ଗାର ମାଡ୍ରାସର ଲୋକ। ଉଭୟେ ଦେଶବାସୀଙ୍କ ଭାବାବେଗ ବୁଝି ସବୁ ଭାଷାକୁ ସମାନ ଗୁରୁତ୍ୱ ଦେଇଥିଲେ। କେବଳ ଭାରତ ନୁହେଁ, ପୃଥିବୀର ପ୍ରତ୍ୟେକ ରାଷ୍ଟ୍ରରେ ବହୁବିଧ ଭାଷା ବ୍ୟବହାର କରାଯାଉଛି। ଆମେରିକାରେ ଏପରିକି ସାଧାରଣ ଯାନବାହନ ଏବଂ ସରକାରୀ କାଗଜପତ୍ରରେ ଇଂଲିଶ୍ ସମେତ ସ୍ପେନୀୟ ଭାଷା ବ୍ୟବହୃତ ହୋଇଥାଏ। ସେହିଭଳି ବିଶ୍ୱର ସର୍ବବୃହତ୍ ଜନସଂଖ୍ୟାବହୁଳ ରାଷ୍ଟ୍ର ଚାଇନାରେ ମାଣ୍ଡାରିନ୍ ଓ କାଣ୍ଟୋନିଜ୍ ପ୍ରଚଳିତ। କିନ୍ତୁ ଚାଇନାରେ ମଧ୍ୟ ଅନେକ ଲକ୍ଷ ଯୁବତୀଯୁବକ ଇଂଲିଶ୍ ଶିଖିବା ପାଇଁ ସରକାରଙ୍କ ତରଫରୁ ବ୍ୟବସ୍ଥା କରାଯାଉଛି। ଏବେ ବୁଝିବାକୁ ହେବ ଯେ, ବିଜ୍ଞାନର ଭାଷା ଇଂଲିଶ୍ ହୋଇ ନ ଥିଲେ ମଧ୍ୟ ଇଣ୍ଟରନେଟ ଭାଷା ହେଉଛି ଇଂଲିଶ୍। ଆମେ ସମସ୍ତେ ନିଜ ମାତୃଭାଷାରେ ଇ-ମେଲ୍ ଓ ହ୍ୱାଟ୍‌ସଆପ୍ ପଠାଇପାରୁ କିମ୍ବା ଖବରକାଗଜ ପଢ଼ିପାରୁ, କିନ୍ତୁ ସେହି ବାଇନାରୀ ବ୍ୟବସ୍ଥାକୁ ପ୍ରଚଳିତ ରଖିବା ପାଇଁ ଇଂଲିଶ୍‌ର ବ୍ୟବହାର ଅପରିହାର୍ଯ୍ୟ। ଅନୁରୂପ ଭାବେ ଜଣେ ରୁଷୀୟ ପାଇଲଟ ଭିଏତ୍‌ନାମରେ ବିମାନ ଅବତରଣ କଲାବେଳକୁ ସେଠାକାର ବିମାନବନ୍ଦର କଣ୍ଟ୍ରୋଲ ଟାୱାର ସହିତ ଇଂଲିଶ୍‌ରେ କଥା ହୋଇଥାଆନ୍ତି। ସେଥିପାଇଁ ଭବିଷ୍ୟତର ପୃଥିବୀରେ ଇଂଲିଶ୍‌ର ଗୁରୁତ୍ୱକୁ ଗୌଣ କରାଯାଇ ନ ପାରେ। ଏଠାରେ ଏକ କୌତୂହଳ ବିଷୟ ମନକୁ ଆସେ। ଭାରତୀୟମାନେ ଆଇଟି ବା ସୂଚନା ପ୍ରଯୁକ୍ତିବିଦ୍ୟାରେ ବିଶ୍ୱସ୍ତରରେ ଅନେକ ସଫଳତା ହାସଲ କରିଛନ୍ତି। ସେହିଭଳି ସିଙ୍ଗାପୁରରୁ ଆରମ୍ଭ କରି ସାନ୍‌ଫ୍ରାନ୍‌ସିସ୍କୋ ପର୍ଯ୍ୟନ୍ତ ଅନେକ ଲକ୍ଷ ଭାରତୀୟ ବ୍ୟବସାୟ ଗବେଷଣା, ବିଶ୍ୱବିଦ୍ୟାଳୟରେ ପ୍ରଫେସର, ଡାକ୍ତର, ଇଞ୍ଜିନିୟର ଏପରିକି ବିଦେଶରେ ରାଜନୀତିରେ ଉତ୍କର୍ଷ ଲାଭ କରିପାରିଛନ୍ତି। ଭାରତରେ ହିନ୍ଦୀକୁ ଜାତୀୟ ଭାଷା ଭାବେ ସ୍ଥାନ ଦେବା ପୂର୍ବରୁ ଏହିସବୁ ସଫଳ ପ୍ରବାସୀ ଭାରତୀୟମାନଙ୍କୁ ପଚରାଯିବା ଦରକାର ଯେ ସେମାନଙ୍କ ସଫଳତା ପଛରେ ହିନ୍ଦୀ ନା ଇଂଲିଶ୍ ରହିଛି। ଏହା କହିଲା ବେଳକୁ ମନେରଖିବାକୁ ହେବ ଯେ, ଅନେକ ଗବେଷକ ସ୍ପଷ୍ଟଭାବେ ତଥ୍ୟ ଦେଇଛନ୍ତି, ନିଜ ମାତୃଭାଷାରେ ଯେଉଁ ବ୍ୟକ୍ତି ନିପୁଣ ହୋଇପାରିବେ ନାହିଁ ସେହି ବ୍ୟକ୍ତି ଅନ୍ୟଭାଷାରେ ପାରଦର୍ଶିତା ଲାଭ କରିବା କଷ୍ଟକର। ସେଥିପାଇଁ ଏ ଲେଖାରେ ହିନ୍ଦୀକୁ ବିରୋଧ କରାଯାଉନାହିଁ। ଯାହାକୁ ଯେଉଁ ଭାଷା ପସନ୍ଦ ହେବ ଛାତ୍ରୀଛାତ୍ର ତାହାକୁ ଆପଣାଇନେବେ। କୌଣସି ଜୋରଜବରଦସ୍ତ ଉଚିତ ନୁହେଁ। ଏଥିସହିତ ଭାରତରେ ଅନେକ ପରିବାର ଏଭଳି ଅଛନ୍ତି, ଯେଉଁଥିରେ ମାତାପିତା ଉଭୟଙ୍କ ଭାଷା ଭିନ୍ନ। ସେହି ବିବିଧତା ହେଉଛି ଭାରତର ସୌନ୍ଦର୍ଯ୍ୟ। ତାହାକୁ ନଷ୍ଟ କରିବା ପାଇଁ ପାଗ ଭିଡ଼ିଥିବା ଶକ୍ତିମାନଙ୍କୁ କୌଣସି ଭାବେ ସମର୍ଥନ ମିଳିବା ଉଚିତ ନୁହେଁ।

ମନେରଖିବାକୁ ହେବ ଯେ, ଭାରତର ସହରାଞ୍ଚଳରେ ସିନେମା, ଟେଲିଭିଜନ ସହିତ ସେଠାରେ ବାସ କରୁଥିବା ବାହାର ରାଜ୍ୟର ଲୋକଙ୍କ ସହ ମିଶୁଥିବା ବାସିନ୍ଦାମାନେ ହିନ୍ଦୀକୁ ଚଳେଇ ନେଇପାରନ୍ତି। କିନ୍ତୁ ଗ୍ରାମାଞ୍ଚଳର ନାଗରିକ ହିନ୍ଦୀ ବୁଝିବା କଷ୍ଟକର। ସେଥିପାଇଁ ନିଜ ମାତୃଭାଷାକୁ ଯିଏ ବଳି ପକେଇ ଦେଇପାରିବ, ସେହି ବ୍ୟକ୍ତି ବା ଜାତି ନିଜର ମା', ସ୍ତ୍ରୀ, ଭଉଣୀ କିମ୍ବା ଝିଅକୁ ବଜାରରେ ବିକ୍ରି ମଧ୍ୟ କରିଦେଇପାରିବ।

୧୪ ସେପ୍ଟେମ୍ବର ୨୦୧୯, ଯାହାକୁ କେନ୍ଦ୍ର ସରକାର ହିନ୍ଦୀ ଦିବସ ଭାବେ ପାଳନ କରୁଛନ୍ତି, ସେହି ଅବସରରେ ଅମିତ୍‌ଶାହ କାହିଁକି ଏଭଳି ଅଯଥା ବିସ୍ଫୋରକ ମନ୍ତବ୍ୟ ଦେଲେ ତାହା ବୁଝିବାକୁ ସମୟ ଲାଗିପାରେ, କିନ୍ତୁ କଷ୍ଟକର ନୁହେଁ। ଆଜି ଭାରତର ଅର୍ଥନୀତି ସମ୍ପୂର୍ଣ୍ଣ ଭାବେ ଭୁଶୁଡ଼ିବାକୁ ଯାଉଛି। ବହୁ ଶିଳ୍ପ ଓ ବ୍ୟବସାୟ ବନ୍ଦ ହୋଇଗଲାଣି। ଅନେକ ଉଦ୍ୟୋଗୀ ଦେଶ ଛାଡ଼ି ପଳାଇଗଲେଣି। ଆହୁରି କେତେକେ ଆତ୍ମହତ୍ୟା କରିବାକୁ ବାଧ୍ୟ ହେଉଛନ୍ତି। ଅନେକ ଲକ୍ଷଙ୍କ ଚାକିରି ମଧ୍ୟ ଚାଲିଗଲାଣି। ନୂଆ ନିଯୁକ୍ତି ସୃଷ୍ଟି ହୋଇପାରୁନାହିଁ। ଏକ ଭୟ ଓ ଅନିଶ୍ଚିତତାର ବାତାବରଣ ସୃଷ୍ଟି କରି ଆଲୋଚନାକୁ କଣ୍ଠରୋଧ କରିବା ପାଇଁ ସବୁ ଚେଷ୍ଟା ଲାଗିରହିଛି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍, ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋଏଲ ଉଭୟେ ଜାଣିଶୁଣି ହେଉ ବା ଅନଭିଜ୍ଞତା ଯୋଗୁ ଗଣମାଧ୍ୟମରେ ଅବାଞ୍ଛିତ କଥା କହି ଦେଶର ଅର୍ଥନୈତିକ ପରିସ୍ଥିତିରୁ ଦୃଷ୍ଟି ହଟାଇବାରେ ବିଫଳ ହେଲେ। ସେହି ଦୁହିଁଙ୍କ ଦେଶବାସୀଙ୍କୁ ବାଟବଣା କରିବାର ଉଦ୍ୟମ ବିଫଳ ହେବା ପରେ ଅମିତ ଶାହଙ୍କ ଅଯଥା ମନ୍ତବ୍ୟ ଦେଶର ମାରାତ୍ମକ ପରିସ୍ଥିତିଠାରୁ ଗଣମାଧ୍ୟମ ଓ ଲୋକଙ୍କ ଦୃଷ୍ଟି ଅନ୍ୟତ୍ର ଟାଣିନେବାର ପ୍ରୟାସ ଭଳି ମନେହେଉଛି। ଜନସାଧାରଣ ଏହାକୁ କିଭଳି ସତର୍କତାର ସହିତ ବୁଝିବେ ତାହା ଦେଖିବାକୁ ବାକି ଅଛି।

ତଥାଗତ ସତପଥୀ

## ଚିରନ୍ତନୀ

ମୁହୂର୍ତ୍ତକେ ଉଦେ ହୋଇ ମୁହୂର୍ତ୍ତକେ ପଡ଼ିଲେ ମଉଳି
ନବୋଦ୍‌ଗତ ଅଙ୍କୁରଟି ରବିକରେ ନଇଁଲେ ଝାଉଁଳି,
ଅକାରଣ ନୁହେ ତା'ର କ୍ଷଣିକ ବିକାଶ-
ଅକଳଙ୍କ ସୃଷ୍ଟିର ନିର୍ଯାସ। (ସୃଜନ ବ୍ୟଥା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୧୬ ସେପ୍ଟେମ୍ବର ୧୯୯୪

- ଚଳିତବର୍ଷ ନଭେମ୍ବର ସୁଦ୍ଧା ରାଜ୍ୟର ସବୁ ଭୋଟରଙ୍କୁ ପରିଚୟପତ୍ର ପ୍ରଦାନକରି ରାଜ୍ୟ ଗୁଡ଼ିକ ନିର୍ବାଚନ ଲାଗି ପ୍ରସ୍ତୁତ ରହିବାକୁ ନିର୍ବାଚନ କମିଶନ ସମସ୍ତ ରାଜ୍ୟକୁ ନିର୍ଦ୍ଦେଶ ଦେଇଛନ୍ତି।
- କେନ୍ଦ୍ର ସରକାର ନୂତନ ଔଷଧ ନୀତି ଘୋଷଣା କରିବା ସହ ୬୯ଟି ଔଷଧ ଉପରୁ ମୂଲ୍ୟ ନିୟନ୍ତ୍ରଣ ବ୍ୟବସ୍ଥା ଉଠାଇଛନ୍ତି।

## ସାପ୍ତାହିକ ପଞ୍ଜିକା

ସେପ୍ଟେମ୍ବର ୮- ବରିଷ୍ଠ ଆଇନଜୀବୀ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ରାମ ଜେଠାମାଲାନିଙ୍କ ୯୫ ବର୍ଷ ବୟସରେ ପରଲୋକ।
୯- ଭାରତୀୟ ସେନା କାର୍ଯ୍ୟାନୁଷ୍ଠାନ ପିଓକେରେ ଥିବା ପାକ୍ ସେନାର ଏକ ଶିବିର ଓ ଆତଙ୍କବାଦୀଙ୍କ ଲଞ୍ଚ୍ ପ୍ୟାଡ୍ ଧ୍ୱଂସ ହୋଇଯାଇଛି।
୧୦-ପାକିସ୍ତାନ ଆତଙ୍କବାଦୀ ସଂଗଠନ ଲସ୍କର-ଇ-ତୋଇବାର ୮ ସହଯୋଗୀ କଶ୍ମୀରରୁ ଗିରଫ ହୋଇଛନ୍ତି।
୧୩- ମହାରାଷ୍ଟ୍ର, ମଧ୍ୟପ୍ରଦେଶ ଓ ଦିଲ୍ଲୀରେ ଗଣେଶ ମୂର୍ତ୍ତି ବିସର୍ଜନ କରିବାକୁ ଯାଇ ପାଣିରେ ବୁଡ଼ି ୩୩ ଜଣଙ୍କ ପ୍ରାଣହାନି ଘଟିଛି।

# ସବୁଠାରୁ ଛୋଟ-ସବୁଠାରୁ ବଡ଼



ଜନାର୍ଦ୍ଦନ ବନ୍ଦ୍ୟୋପାଧ୍ୟାୟ

ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କର ବାଲ୍ୟସଖା ତଥା ଅନ୍ୟତମ ପ୍ରଧାନଶିଷ୍ୟ ଅନନ୍ତନାଥ ରାୟ ଥିଲେ ଅପୂର୍ବ ସାଧନ-ଶକ୍ତିର ଅଧିକାରୀ। ଯୌବନରେ ସ୍ତ୍ରୀ, ପୁତ୍ରଙ୍କୁ ହରାଇ ସେ ସଂସାର ବିରାଗୀ ହୋଇଉଠିଲେ ଏବଂ ବୈଷ୍ଣବ ମନ୍ତ୍ରରେ ଦୀକ୍ଷା ଗ୍ରହଣ କରି ନିଜ ଗ୍ରାମ କାଶୀପୁରରେ ଗୋଟିଏ ସାଧନଗୃହ ନିର୍ମାଣକରି ଈଶ୍ୱରପ୍ରାପ୍ତି ଆଶାରେ କଠୋର ସାଧନା ଆରମ୍ଭ କଲେ। ଆହାର, ନିଦ୍ରା ସମ୍ପୂର୍ଣ୍ଣ ତ୍ୟାଗକରି କେତେବେଳେ ୧୦ ଦିନ, କେତେବେଳେ ୧୫-୧୮ ଦିନ ପର୍ଯ୍ୟନ୍ତ ଧ୍ୟାନମଗ୍ନ ରହୁଥିଲେ। ତଥାପି ଈଶ୍ୱର ଦର୍ଶନ ନ ମିଳିବାରୁ ହତାଶାରେ ଭାଙ୍ଗିପଡ଼ି ଜୀବନ ହାରିବାକୁ ମନସ୍ଥ କଲେ। ଗୋଟିଏ ବର୍ଷଣମୁଖର ରାତ୍ରିରେ ସାଧନଗୃହର କବାଟ କିଳି ନିଜର ପିନ୍ଧା ଧୋତିକୁ ଦଉଡି ଭଳି ବଳି ଘରର ରୁଅରେ ବାନ୍ଧି ଗଳାରେ ଫାଶ ଲଗାଇ ଆତ୍ମହତ୍ୟା କରିବାର ଉପକ୍ରମ କଲେ। ସେହି ସମୟରେ ଅନୁକୂଳଚନ୍ଦ୍ର ନିଜ ଗ୍ରାମ ହିମାଇତପୁରରେ ଭକ୍ତପ୍ରବର କିଶୋରୀମୋହନଙ୍କ ଘରେ ଭାବାବେଗରେ କୀର୍ତ୍ତନରତ। ହିମାଇତପୁରରୁ କାଶୀପୁରର ଦୂରତା ପ୍ରାୟ ତିନି ମାଇଲ। ହଠାତ୍ ଅନୁକୂଳଚନ୍ଦ୍ର କିଶୋରୀମୋହନଙ୍କୁ କହିଲେ, "ତୁମେ କୀର୍ତ୍ତନ ଚାଲୁ ରଖ, ମୁଁ ସଙ୍ଗେ ସଙ୍ଗେ ଆସୁଛି।" ଏହା କହି ସେହି ଝଡ଼ବର୍ଷାର ତାଣ୍ଡବ ମଧ୍ୟରେ ଦୌଡ଼ି ଅଦୃଶ୍ୟ ହୋଇଗଲେ। ଏଣେ ଅନନ୍ତନାଥ ନିଜ ବେକରେ ଫାଶ ଲଗାଇବାର ଉଦ୍ୟମ କଲାବେଳକୁ ବାହାରେ ଶୁଣାଗଲା ପରିଚିତ କଣ୍ଠସ୍ୱର- "ଅନ୍ତା, କବାଟ ଖୋଲ। ପୂରା ତିନ୍ତିଗଲି।"

ଅନନ୍ତନାଥ ଭାବିଲେ, ଏ ବେଳରେ ଅନୁକୂଳ ଏଠାକୁ କିପରି ଆସିଲା। ସବୁ ପଣ୍ଡ କରିଦେବ। ଏହା ଭାବି ତରବରରେ ଗଳାରେ ଫାଶ ଲଗାଇଲା ବେଳକୁ ଅନୁକୂଳଚନ୍ଦ୍ରଙ୍କର ପ୍ରଚଣ୍ଡ ଧମକ- "କବାଟ ଖୋଲ୍ ଶଳା।" ତାଙ୍କର ପ୍ରଚଣ୍ଡ ପଦାଘାତରେ କବାଟର ଅର୍ଗଳ ଭାଙ୍ଗିଗଲା। ଘର ଭିତରକୁ ପଶିଆସି ପ୍ରିୟ ସଖାକୁ କୋଳାଗ୍ରତ କରି ଟେକି ଧରିଲେ, ଗଳାରୁ ଫାଶ ବାହାର କରି ଫିଙ୍ଗିଦେଲେ। କହିଲେ ଦୂର୍ ଶଳା! ତୁ ଭଗବାନ ଭଗବାନ କହି କାନ୍ଦୁଛୁ- ଆଉ ଭଗବାନ ଯେ ତୋର ପଛେ ପଛେ ଘୂରି ବୁଲୁଛନ୍ତି ତାହା କ'ଣ ଆଖି ଖୋଲି ଦେଖିପାରୁନୁ। ହଠାତ୍ ଅନନ୍ତନାଥ ଅନୁଭବ କଲେ ଝଲକ ଝଲକ ଜ୍ୟୋତିଃ ତରଙ୍ଗ ତାଙ୍କ ସତ୍ତାକୁ ଆଚ୍ଛନ୍ନ କରିପକାଇଛି- ଶାନ୍ତ, ସମାହିତ ହୋଇ ଆସୁଛି ମନ- ଅଗଣିତ ନାଦ ଗୋଟିଏ ପରେ ଗୋଟିଏ ଧ୍ୱନିତ ହୋଇଚାଲିଛି ତାଙ୍କ କର୍ଣ୍ଣପଟରେ। ଗୋଟିଏ କେନ୍ଦ୍ରରୁ ସେହି ଦ୍ରୁତ କମ୍ପମାନ ଆଲୋକର ସ୍ରୋତ ଦୂରଦୂରାନ୍ତକୁ ବିଚ୍ଛୁରିତ ହୋଇ ପୁଣି କେଉଁ ଏକ ମହାକର୍ଷଣରେ କେନ୍ଦ୍ରାୟିତ ହେବାକୁ ଯାଇ ପୁନରାୟ ବହିର୍ମୁଖ ହୋଇ ଧାଇଁଚାଲିଛି। ସେଥି ସହିତ ଧ୍ୱନିତ ହେଉଛି ଏକ ଦ୍ରୁତ ତାଳରେ କମ୍ପିତ ନାଦ- ଯାହାର ପ୍ରଥମାର୍ଦ୍ଧରେ ଆଲୋକର ତରଙ୍ଗ ବିଚ୍ଛୁରିତ ହେଉଛି ଏବଂ ଦ୍ୱିତୀୟାର୍ଦ୍ଧରେ ପୁଣି କେନ୍ଦ୍ର ଆଡ଼କୁ ଫେରିଆସୁଛି। ସେ ବିସ୍ମିତ ହୋଇ ଦେଖିଲେ, ସେହି ଜ୍ୟୋତିଃ ତରଙ୍ଗର କେନ୍ଦ୍ରରେ ସମାସୀନ ଯେଉଁ ପୁରୁଷ, ଯାହାଙ୍କ ଦେହକୁ କେନ୍ଦ୍ରକରି ସେହି ଅପୂର୍ବ ଜ୍ୟୋତିଃ ଆଉ ନାଦର ଖେଳ ଚାଲିଛି, ସେ ଆଉ କେହି ନୁହନ୍ତି- ତାଙ୍କରି ବାଲ୍ୟବନ୍ଧୁ ଅନୁକୂଳଚନ୍ଦ୍ର। ତାଙ୍କୁ ଅଧିକ କିଛି ଭାବିବାର ସୁଯୋଗ ନ ଦେଇ ଅନୁକୂଳଚନ୍ଦ୍ର ଧମକ ଦେଇ କହିଲେ, ଚାଲ୍ ଶଳା, ମା'ଙ୍କ (ଅନୁକୂଳଚନ୍ଦ୍ରଙ୍କ ଜନନୀ ମନୋମୋହିନୀ ଦେବୀ) ପାଖରୁ ଏହି ମନ୍ତ୍ରରେ (ସତ୍‌ମନ୍ତ୍ରରେ) ଦୀକ୍ଷା ନେବୁ। ବନ୍ଧୁଙ୍କୁ ଟାଣି ଟାଣି ଆଣି ନିଜ ଘରେ ମା'ଙ୍କ ମାଧ୍ୟମରେ ଦୀକ୍ଷା ଦିଆଇଲେ।

ଏହା ପରେ ଅନନ୍ତନାଥ ଆଉ ପଛକୁ ଫେରିନାହାନ୍ତି। ସତ୍‌ମନ୍ତ୍ରରେ କଠୋର ସାଧନା କରି ଉପଲବ୍ଧିର ଚରମରେ ଉପନୀତ ହୋଇ ପ୍ରତ୍ୟକ୍ଷ କଲେ- ସେହି ସତ୍ୟଲୋକର ଅନାମୀ ପୁରୁଷ ହିଁ ଅନୁକୂଳଚନ୍ଦ୍ର ରୂପରେ ଧରାବତରଣ କରିଛନ୍ତି। ନିଜ ସାଧନାରେ ନିଶ୍ଚିତ ହୋଇ ସେ ଅନୁକୂଳଚନ୍ଦ୍ରଙ୍କୁ 'ଠାକୁର, ଭଗବାନ' ବୋଲି ପ୍ରଚାର କରିବାକୁ ଲାଗିଲେ। ଏଭଳି ପ୍ରଚାରରୁ ନିବୃତ୍ତ କରିବା ପାଇଁ ଅନୁକୂଳଚନ୍ଦ୍ର ତାଙ୍କୁ ବାରମ୍ବାର ତିରସ୍କାର କଲେ ଏବଂ ବେଳେ ବେଳେ ପ୍ରହାର ମଧ୍ୟ କରିଛନ୍ତି। କିନ୍ତୁ ଅନନ୍ତନାଥ ଆଦୌ ନିରସ୍ତ ହେଲେ ନାହିଁ। କହିଲେ ମୁଁ ଯାହା ସତ୍ୟ ବୋଲି ଜାଣିଛି ତାହା ସମସ୍ତ ଜଗତବାସୀଙ୍କୁ କହିବି, ଏଥିରେ ମୋର ଯାହା ବି ପରିଣତି ହେଉନା କାହିଁକି। ଏକରୁ ଅନେକ- କ୍ରମେ କ୍ରମେ ଠାକୁର ଅନୁକୂଳଚନ୍ଦ୍ରଙ୍କ ଖ୍ୟାତି ଚତୁର୍ଦ୍ଦିଗରେ ପରିବ୍ୟାପ୍ତ ହେବାକୁ ଲାଗିଲା। ଆସିଲେ ଦୁଃଖଦୈନ୍ୟ ପୀଡ଼ିତ, ସମସ୍ୟାଜର୍ଜରିତ ମଣିଷ ଜୀବନପଥର ନୂତନ ସନ୍ଧାନ ପାଇବା ଆଶାରେ। ଆସିଲେ ଜ୍ଞାନୀ, ଗୁଣୀ, ବିଜ୍ଞାନୀ, ଜିଜ୍ଞାସୁ, ଶାସ୍ତ୍ରଜ୍ଞ ପଣ୍ଡିତ, ଶିକ୍ଷାବିତ୍, ଦାର୍ଶନିକ। ଆସିଲେ ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିଆନ। ଆସିଲେ କେତେ ନେତା, ଜନତା, ନାନାବିଧ ସମସ୍ୟାର ସମାଧାନ ଆଶାରେ। ସେମାନେ ତାଙ୍କୁ ଦେଖିଲେ, ବୁଝିଲେ, ପରଖିଲେ, ଜାଣିଲେ- ତାଙ୍କର ଅନନ୍ତ ଜ୍ଞାନ-କର୍ମ-ପ୍ରେମର ସ୍ପର୍ଶରେ ମୁଗ୍ଧ ହେଲେ, ତୃପ୍ତ ହେଲେ ଏବଂ ତାଙ୍କର ଆଗମନ ବାର୍ତ୍ତା ବହନ କରି ଚାଲିଲେ ଗ୍ରାମରୁ ନଗରକୁ, ଦେଶରୁ ଦେଶାନ୍ତରକୁ। ଆସିଥିଲେ କୃତବିଦ୍ୟ ବୈଜ୍ଞାନିକ ପ୍ରଫେସର କୃଷ୍ଣପ୍ରସନ୍ନ, ବୈଷ୍ଣବଗୁରୁ ସତୀଶଚନ୍ଦ୍ର, ସ୍ୱଭାବକବି ହେମଚନ୍ଦ୍ର, ଆମେରିକାନ ନାଭାଲ ଅଫିସର ସ୍ପେନସର ସାହେବ, ହାଉଜରମ୍ୟାନ ସାହେବ, ଆସିଥିଲେ ଦେଶବନ୍ଧୁ ଚିତ୍ତରଞ୍ଜନ, ମହାତ୍ମା ଗାନ୍ଧୀ, ନେତାଜୀ ସୁଭାଷଚନ୍ଦ୍ର- ଏମିତି ଅନେକେ। ପଦ୍ମାନଦୀ ତୀରର ସେହି କ୍ଷୁଦ୍ର ହିମାଇତପୁର ଗ୍ରାମରେ ଗଢ଼ିଉଠିଲା ବିରାଟ ସତ୍‌ସଙ୍ଗ ଆଶ୍ରମ- ମଣିଷର ପ୍ରୟୋଜନରେ, ମଣିଷକୁ ନେଇ, ମଣିଷର ମଙ୍ଗଳ ପାଇଁ ମହାମିଳନର ତୀର୍ଥଭୂମିରୂପେ। ଧର୍ମ ସମ୍ବନ୍ଧରେ ସମସ୍ତ ଜଟିଳତା, ଆନୁଷ୍ଠାନିକତା ଏବଂ ସଂକୀର୍ଣ୍ଣତାର ଅନ୍ତ ଘଟାଇ ଶ୍ରୀଶ୍ରୀଠାକୁର ଘୋଷଣା କଲେ- ପରିବେଶର ସମସ୍ତଙ୍କୁ ନେଇ ସୁନ୍ଦର ସଫଳ ଭାବରେ ବଞ୍ଚିବା ଏବଂ ଜୀବନର ସର୍ବାଙ୍ଗୀଣ ଉନ୍ନତି ପଥରେ ଆଗେଇ ଯିବାର ନୀତିନିୟମକୁ ହିଁ ଧର୍ମ କହନ୍ତି ଏବଂ ଏହା ହିଁ ଜାତି-ବର୍ଣ୍ଣ-ସମ୍ପ୍ରଦାୟ ନିର୍ବିଶେଷରେ ସମସ୍ତଙ୍କର ଅନୁସରଣୀୟ ମାନବ ଧର୍ମ- ତାଙ୍କ ପ୍ରବର୍ତ୍ତିତ ସତ୍‌ସଙ୍ଗ ଆନ୍ଦୋଳନ ଏହି ଉଦାର ମାନବଧର୍ମର ଆଦର୍ଶ ବହନ କରିଚାଲିଛି।

ହେଲେ ସେହି ମହାନ୍ ପୁରୁଷ ମଣିଷର ମଙ୍ଗଳ ପାଇଁ କିପରି କୃଚ୍ଛ୍ର ସାଧନା କରିଥିଲେ ତାହା ଭାବିଲେ ଆଶ୍ଚର୍ଯ୍ୟ ଲାଗେ। ପଦ୍ମାନଇ କୂଳର ଗ୍ରାମ ହିମାଇତପୁର ଗୋଟିଏ ବନ୍ୟାପ୍ଲାବିତ ଅଞ୍ଚଳ। ବର୍ଷାଦିନେ ରାସ୍ତାଘାଟ ସବୁ ପାଣିରେ ବୁଡ଼ିଯାଏ। ଆଶ୍ରମରେ ଥିଲା କେତେକ ହାତସଫା ପାଇଖାନା। ବର୍ଷାଦିନେ ସୁଇପର ଆସି ନ ପାରିବାରୁ ଦିନ ଦିନ ଧରି ମଇଳା ଜମିରହେ। ଫଳରେ ଆଶ୍ରମର ପରିବେଶ ଦୂଷିତ, ପୂତିଗନ୍ଧମୟ ହୋଇଉଠେ। କେହି କିଛି କରିପାରନ୍ତି ନାହିଁ। ଏହାର ପ୍ରତିକାର ପାଇଁ ଶ୍ରୀଶ୍ରୀଠାକୁର ଏକାକୀ ସମସ୍ତଙ୍କ ଅଲକ୍ଷ୍ୟରେ ଗଭୀର, ନିସ୍ତବ୍ଧ ରାତ୍ରିରେ ଗୋଟିଏ ଟିଣରେ ପାଇଖାନାଗୁଡ଼ିକରୁ ପଚା, ଦୁର୍ଗନ୍ଧ ମଳ ବାହାରକରି ମୁଣ୍ଡରେ ବୋହିନେଇ ଦୂରରେ ନିକ୍ଷେପ କରନ୍ତି ଏବଂ ଭଲଭାବରେ ପଦ୍ମାନଦୀରେ ସ୍ନାନକରି ବିଛଣାରେ ଆସି ଶୁଅନ୍ତି। ପରିବେଶର ଶୁଦ୍ଧତା ପାଇଁ ରାତି ପରେ ରାତି ଚାଲେ ତାଙ୍କର ଏହି କୃଚ୍ଛ୍ର ଲୋକସେବା ସମସ୍ତଙ୍କ ଅଲକ୍ଷ୍ୟରେ। କେହି ଜାଣି ପାରନ୍ତି ନାହିଁ ଯେ ତାଙ୍କର ଏକାନ୍ତ ଆରାଧ୍ୟ ଦେବତା ଏପରି କାର୍ଯ୍ୟ କରିଚାଲିଛନ୍ତି ନିଭୃତରେ ସମସ୍ତଙ୍କ ମଙ୍ଗଳ ପାଇଁ। ଦିନେ ଅବଶ୍ୟ ତାଙ୍କର ପୁତ୍ର ଅମରେନ୍ଦ୍ରନାଥ (ଶ୍ରୀଶ୍ରୀବଡ଼ଦା), ଯିଏ ସେତେବେଳେ ତପୋବନ ହାଇସ୍କୁଲର ଛାତ୍ର, ଏ କଥା ଜାଣି ପକାଇଲେ। ତାହା ପରଠାରୁ ବାଳକ ଅମରେନ୍ଦ୍ରନାଥ ନିଜ ସାଙ୍ଗ ପିଲାମାନଙ୍କ ସହିତ ମିଶି ଏହି କାର୍ଯ୍ୟ କରିବାକୁ ବ୍ରତୀ ହେଲେ, ଯେଉଁଥିପାଇଁ ପରବର୍ତ୍ତୀ ସମୟରେ ଆଶ୍ରମ କର୍ତ୍ତୃପକ୍ଷ ତାଙ୍କୁ ଗୋଟିଏ ରୌପ୍ୟପଦକରେ ପୁରସ୍କୃତ କରିଥିଲେ। ଏଭଳି ଜଣେ ଠାକୁରଙ୍କୁ ଆମେ କେଉଁ ଭାଷାରେ ବର୍ଣ୍ଣନା କରିପାରିବା? ବୋଧହୁଏ ସେଥିପାଇଁ ଶାସ୍ତ୍ର ତାଙ୍କୁ କହିଛି- 'ଅଣୋରଣୀୟାନ୍ ମହତୋ ମହୀୟାନ୍'- ଅର୍ଥାତ୍ ସେ ଅଣୁଠାରୁ କ୍ଷୁଦ୍ର ଓ ମହତ୍‌ଠାରୁ ଆହୁରି ମହାନ୍।



ଠାକୁର ଅନୁକୂଳଚନ୍ଦ୍ରଙ୍କ ଜନ୍ମଦିବସ ଉପଲକ୍ଷେ

# ମଣ୍ଟ୍ରିଲ ପ୍ରୋଟୋକଲର ତିରିଶ ବର୍ଷ



ଇଂ. ମାୟାଧର ସ୍ୱାଇଁ

ପୃଥିବୀର ବାୟୁମଣ୍ଡଳରେ ଥିବା ଓଜୋନ ସ୍ତରକୁ ରକ୍ଷାକରିବା ପାଇଁ ହୋଇଥିବା ମଣ୍ଟ୍ରିଲ ପ୍ରୋଟୋକଲକୁ ୩୦ବର୍ଷ ପୂରିଲା। ଓଜୋନ କ୍ଷୟକାରୀ ପଦାର୍ଥଗୁଡ଼ିକର ଉତ୍ପାଦନ ଓ ବ୍ୟବହାର ନ କରିବା ପାଇଁ ୧୯୮୭ ସେପ୍ଟେମ୍ବର ୧୬ରେ କାନାଡାର ମଣ୍ଟ୍ରିଲଠାରେ ୪୩ଟି ଦେଶ ସମ୍ମିଳିତ ହୋଇ ଏହି ପ୍ରୋଟୋକଲ ପ୍ରସ୍ତୁତ କରିଥିଲେ ଏବଂ ଏହା ୧୯୮୯ ମସିହାରୁ କାର୍ଯ୍ୟକାରୀ ହେଲା। ଏହି ଚୁକ୍ତିରେ ୧୯୭ଟି ଦେଶ ସ୍ୱାକ୍ଷର କରିଛନ୍ତି। ଏହା ହେଉଛି ଏକମାତ୍ର ଅନ୍ତର୍ଜାତୀୟ ଚୁକ୍ତି ଯାହାକୁ କୌଣସି ଦେଶ ବିରୋଧ କରିନାହାନ୍ତି। ପୃଥିବୀର ପ୍ରତ୍ୟେକ ଦେଶ ଏହି ଚୁକ୍ତି ଅନୁଯାୟୀ କାର୍ଯ୍ୟ କରିଛନ୍ତି ଏବଂ ଫଳରେ ପୃଥିବୀରେ ଓଜୋନ କ୍ଷୟକାରୀ ପଦାର୍ଥର ଉତ୍ପାଦନ ବହୁ ପରିମାଣରେ ହ୍ରାସ ପାଇଛି।

ପୃଥିବୀର ବାୟୁମଣ୍ଡଳ ଅନେକ ସ୍ତରକୁ ନେଇ ଗଠିତ। ସବୁଠାରୁ ତଳ ସ୍ତର ଭୂପୃଷ୍ଠରୁ ୧୦ କି.ମି. ଉଚ୍ଚତା ପର୍ଯ୍ୟନ୍ତ ବ୍ୟାପ୍ତ। ଏହାକୁ ଟ୍ରପୋସ୍ପିୟର କୁହାଯାଏ। ଏହା ଉପରେ ୧୦ରୁ ୫୦ କି.ମି. ପର୍ଯ୍ୟନ୍ତ ବାୟୁମଣ୍ଡଳକୁ ଷ୍ଟ୍ରାଟୋସ୍ପିୟର କୁହାଯାଏ। ଷ୍ଟ୍ରାଟୋସ୍ପିୟରରେ ଏକ ପତଳା ସ୍ତରର ଓଜୋନ ଅଛି ଯାହାକୁ ଓଜୋନ ସ୍ତର କୁହାଯାଏ। ଏହି ସ୍ତରକୁ ପୃଥିବୀର ଜୀବଜଗତ ପାଇଁ ରକ୍ଷାକବଚ କହିଲେ ଅତ୍ୟୁକ୍ତି ହେବନାହିଁ। ଏହା ସୂର୍ଯ୍ୟରୁ ଆସୁଥିବା କ୍ଷତିକାରକ ଅତିବାଇଗଣୀ ରଶ୍ମିକୁ ଶୋଷଣ କରିଦିଏ।

ତିନୋଟି ଅମ୍ଳଜାନ ପରମାଣୁକୁ ନେଇ ଓଜୋନ ଗଠିତ। ସୂର୍ଯ୍ୟାଲୋକର ଅତିବାଇଗଣୀ ରଶ୍ମି ସହ ଅମ୍ଳଜାନର ପ୍ରତିକ୍ରିୟାରେ ବାୟୁମଣ୍ଡଳରେ ଓଜୋନ ସୃଷ୍ଟି ହୋଇଥାଏ। ଏହି ଓଜୋନ ଅଣୁ ପୁଣି ଅତିବାଇଗଣୀ ରଶ୍ମି ସହ ପ୍ରତିକ୍ରିୟା କରିବା ଦ୍ୱାରା ଏହାର ବିଘଟନ ହୋଇଥାଏ। ଏହିପରି ପ୍ରକୃତିରେ ଓଜୋନ ଅଣୁର ସୃଷ୍ଟି ଓ ବିଘଟନ ନିରନ୍ତର ହୋଇ ବାୟୁମଣ୍ଡଳରେ ଓଜୋନର ପରିମାଣ ସମାନ ଥାଏ। କିନ୍ତୁ ଗତ ଶତାବ୍ଦୀରେ ମନୁଷ୍ୟ ନିଜର କେତେକ ବିଳାସ ସାମଗ୍ରୀ ଉପକରଣ ଉଦ୍ଭାବନ କରି ସେଥିରେ କ୍ଲୋରିନ ଓ ବ୍ରୋମିନ ଯୌଗିକ ପଦାର୍ଥ ବ୍ୟବହାର କଲା। ଏହିସବୁ ପଦାର୍ଥ ସେଥିରୁ ନିର୍ଗତ ହୋଇ ବାୟୁମଣ୍ଡଳକୁ ଗଲା ଏବଂ ସେଠାରେ ଓଜୋନ ସହ ପ୍ରତିକ୍ରିୟା କରି ତାକୁ ବିଖଣ୍ଡନ କଲା। ଫଳରେ ବାୟୁମଣ୍ଡଳରେ ଓଜୋନ ସ୍ତରର ସ୍ଥୂଳତା ହ୍ରାସ ପାଇଲା। ଓଜୋନ କ୍ଷୟକାରୀ ପଦାର୍ଥଗୁଡ଼ିକ ହେଉଛି କ୍ଲୋରୋଫ୍ଲୋରୋ କାର୍ବନ, କାର୍ବନ ଟେଟ୍ରାକ୍ଲୋରାଇଡ, ମିଥାଇଲ ବ୍ରୋମାଇଡ ଏବଂ ହାଇଡ୍ରୋ କ୍ଲୋରୋଫ୍ଲୋରୋ କାର୍ବନ। ଏଗୁଡ଼ିକ ରେଫ୍ରିଜରେଟର, ଶୀତତାପ ନିୟନ୍ତ୍ରକ, ଅଗ୍ନିଶମ ଉପକରଣ ଆଦିରେ ବ୍ୟବହୃତ ହେଉଥିଲା। ଓଜୋନ ସ୍ତରର ହ୍ରାସ ଆଣ୍ଟାର୍କଟିକା ଉପରେ ଅଧିକ ଥିଲା। ଏପରିକି ସେଠାରେ ସେହି ସ୍ତରରେ ଛିଦ୍ର ହୋଇଥିବାର ଜଣାପଡ଼ିଲା।

ବିଶ୍ୱ ଓଜୋନ ଦିବସ ଉପଲକ୍ଷେ

ନେଦରଲାଣ୍ଡର ରସାୟନ ବିଜ୍ଞାନୀ ପଲ୍ କ୍ରୁଜେନ ୧୯୬୯ ମସିହାରେ ପ୍ରକାଶ କଲେ ଯେ, ନାଇଟ୍ରୋଜେନ ଅକ୍‌ସାଇଡ ଯୋଗୁ ବାୟୁମଣ୍ଡଳରେ ଓଜୋନର ପରିମାଣ ହ୍ରାସ ପାଉଛି। ଏହାପରେ ୧୯୭୪ ମସିହାରେ ଆମେରିକାର ଦୁଇଜଣ ରସାୟନ ବିଜ୍ଞାନୀ ମେରିଓ ମୋଲିନା ଏବଂ ଶେରଉଡ୍ ରୋଲାଣ୍ଡ ମନୁଷ୍ୟ ଦ୍ୱାରା ଉତ୍ପାଦିତ କ୍ଲୋରୋଫ୍ଲୋରୋ କାର୍ବନ ଯୋଗୁ ଓଜୋନ ସ୍ତର ହ୍ରାସପାଉଛି ବୋଲି ଗବେଷଣାତ୍ମକ ନିବନ୍ଧ ପ୍ରକାଶ କଲେ। ଏହି ପଦାର୍ଥ କ୍ଲୋରିନ, ଫ୍ଲୋରିନ, କାର୍ବନ ଓ ଉଦ୍‌ଜାନ ପରମାଣୁରୁ ଗଠିତ ଏବଂ ଏହା ରେଫ୍ରିଜରେଟର ଓ ଶୀତତାପ ନିୟନ୍ତ୍ରକରେ ବ୍ୟବହୃତ ହେଉଥିଲା। ବିଷାକ୍ତ ଆମୋନିଆ ଜାଗାରେ ଏହାର ବ୍ୟବହାର ପାଇଁ ଆମେରିକାର ଜେନେରାଲ ମୋଟର କମ୍ପାନୀ ୧୯୨୮ ମସିହାରେ ପ୍ରଥମେ ଏହାକୁ ଉତ୍ପାଦନ କରିବା ପରେ ଏହାକୁ ବିସ୍ମୟ ପଦାର୍ଥ ଆଖ୍ୟା ଦିଆଯାଇଥିଲା। ବହୁଳ ବ୍ୟବହାର ପରେ ଏହାର ପ୍ରକୃତ ଚେହେରା ଜଣାପଡ଼ିଲା ଏବଂ ବର୍ତ୍ତମାନ ଏହାର ଉତ୍ପାଦନକୁ ବନ୍ଦ କରାଯାଇଛି।

ଓଜୋନ ସ୍ତର ହ୍ରାସର ପ୍ରମାଣ ଏବଂ ବିଶେଷକରି ଆଣ୍ଟାର୍କଟିକା ଉପରେ ଏଥିରେ ଛିଦ୍ର ହେବା ପରେ ମାନବ ସମାଜର ଚେତା ପଶିଲା। ଏହାର ନିରାକରଣ ପାଇଁ ୧୯୮୫ ମସିହାରେ ଭିଏନା ସମ୍ମିଳନୀରେ ନୀତିଗତ ନିଷ୍ପତ୍ତି ନିଆଯାଇଥିଲା ଏବଂ ଏହାର ଦୁଇବର୍ଷ ପରେ ମଣ୍ଟ୍ରିଲ ପ୍ରୋଟୋକଲ ସ୍ୱାକ୍ଷରିତ ହେଲା। ଏହି ପ୍ରୋଟୋକଲ ଅନୁଯାୟୀ ବିକାଶଶୀଳ ଦେଶଗୁଡ଼ିକୁ ଓଜୋନ କ୍ଷୟକାରୀ ପଦାର୍ଥର ଉତ୍ପାଦନ ବନ୍ଦ କରି ବିକଳ୍ପ ବ୍ୟବସ୍ଥା କରିବା ପାଇଁ ଅର୍ଥ ବ୍ୟବସ୍ଥା କରାଗଲା। ମଣ୍ଟ୍ରିଲ ପ୍ରୋଟୋକଲ ଯୋଗୁ ଓଜୋନ ସ୍ତରର ସ୍ଥୂଳତା କ୍ରମଶଃ ବୃଦ୍ଧି ପାଇଲା। ମାତ୍ର ଏହା ପୂର୍ବାବସ୍ଥାକୁ ଫେରିଆସିବା ପାଇଁ ଆହୁରି ଅନେକ ବର୍ଷ ଲାଗିବ।

୧୯୮୭ ସେପ୍ଟେମ୍ବର ୧୬ରେ ମଣ୍ଟ୍ରିଲ ପ୍ରୋଟୋକଲ ସ୍ୱାକ୍ଷରିତ ହୋଇଥିବା ଯୋଗୁ ଜନସଚେତନତା ନିମିତ୍ତ ମିଳିତ ଜାତିସଂଘ ୧୯୯୪ ସେପ୍ଟେମ୍ବର ୧୬କୁ 'ଓଜୋନ ଦିବସ' ଭାବେ ଘୋଷଣା କରିଛି ଏବଂ ସେହି ବର୍ଷଠାରୁ ଏହା ପ୍ରତିବର୍ଷ ପାଳିତ ହୋଇଆସୁଛି।

ଭୁବନେଶ୍ୱର, ମୋ-୯୪୩୮୬୯୩୭୨୪

## ଏଇ ଭାରତରେ

ପରିବାରକୁ ନୂଆ ସନ୍ତାନଟିଏ ଆସିବାକୁ ଥିଲେ ଝିଅ କି ପୁଅ ହେବ ତାହାକୁ ନେଇ ଆରମ୍ଭ ହୋଇଯାଏ ଜ୍ୟୋତିଷ ଗଣନା। ଅନେକେ ବି ଗର୍ଭବତୀଙ୍କ ଲକ୍ଷଣକୁ ନେଇ ବାଢନ୍ତି ମନଗଢା କଥା। କିନ୍ତୁ ଏମିତି ଗାଁ ଅଛି ଯେଉଁଠି ଗର୍ଭବତୀଙ୍କର ଝିଅ କି ପୁଅ ହେବ ସେ ବିଷୟରେ ଆଗୁଆ ଜାଣିବାର ଏକ ଅନ୍ଧବିଶ୍ୱାସ ଏବେ ବି ସୁଦ୍ଧା ବଳବତ୍ତର ରହିଛି। ଗାଁର ନାଁ କୁର୍କା। ଝାଡ଼ଖଣ୍ଡ ଲୋହରଦଗା ଜିଲାରେ ଥିବା ଏହି ଗାଁରେ ଏକ ପାହାଡ଼ ଅଛି। ଚାନ୍ଦ ଆକୃତିର ଏକ ଚିହ୍ନ ରହିଛି ପାହାଡ଼ରେ। ଏଥିପାଇଁ ସ୍ଥାନୀୟ ଲୋକମାନେ ଏହାକୁ ଚାନ୍ଦ ପାହାଡ଼ କହନ୍ତି। ଝିଅ କି ପୁଅ ହେବ ତାହା ଜାଣିବା ଲାଗି ସନ୍ତାନ ଅଶାୟୀ ମା'-ବାପା ପାହାଡ଼ ଉପରେ ବିଶ୍ୱାସ ରଖିଛନ୍ତି। ଏଥିପାଇଁ ସେମାନେ ଅନ୍ଧବିଶ୍ୱାସଭିତ୍ତିକ ଏକ ଭିନ୍ନ ତରିକା ଆପଣାଉଛନ୍ତି। ପାହାଡ଼ ପାଖକୁ ଯାଇ ପଥର ଫିଙ୍ଗା ପରୀକ୍ଷା ଦିଅନ୍ତି ଗର୍ଭବତୀ ମହିଳା। ପାହାଡ଼ ପାଖରେ ପହଞ୍ଚିବା ପରେ ସେମାନେ ଦୂରରେ ଠିଆ ହୋଇ ପାହାଡ଼ରେ ଥିବା ଚାନ୍ଦକୁ ଲକ୍ଷ୍ୟ କରି ଏକ ପଥର ଫିଙ୍ଗନ୍ତି। ଯଦି ଚାନ୍ଦ ଭିତରେ ପଥର ବାଜେ ତେବେ ପୁଅ ଓ ବାହାରେ ବାଜିଲେ ଝିଅ ହେବ ବୋଲି ସେମାନେ ବିଶ୍ୱାସ କରନ୍ତି। କେବଳ ଏତିକି ନୁହେଁ ପାହାଡ଼ରେ ଥିବା ଚାନ୍ଦର ଆକୃତିରୁ ମାତୃଗର୍ଭରେ ବଢୁଥିବା ପିଲାର ଆକୃତି ବି ଜାଣିହୁଏ ବୋଲି ଏଠାକାର ଲୋକଙ୍କ ବିଶ୍ୱାସ ରହିଛି। ନାଗବଂଶୀ ରାଜାଙ୍କ ସମୟରୁ ଚାଲିଆସୁଥିବା ଏହି ପରମ୍ପରାରେ କିଛି ଅର୍ଥ ବ୍ୟୟ ନ କରି ମଧ୍ୟ ଗର୍ଭସ୍ଥ ସନ୍ତାନର ଲିଙ୍ଗ ନିରୂପଣ କରିହେଉଛି ବୋଲି କହନ୍ତି ଗ୍ରାମବାସୀ।

## sudoku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | 5 | 4 | 3 | 0 | 7 | | | 6 | | | A |
| | A | | | | | 1 | | | | D | 9 | 0 | | |
| | 7 | | | | | | | 9 | E | | | | B | |
| | | | 2 | | E | | | | | | 1 | | 4 | C |
| | | | 6 | D | C | | | A | 0 | | | | 2 | |
| 6 | B | | | | | | 3 | | | | | | | |
| C | | 5 | | 3 | 0 | A | | | | 8 | | 2 | | 7 |
| | | | | | 9 | B | 1 | | | | | | | 5 |
| 2 | | 1 | | E | B | | | | | | 0 | | | |
| | | A | D | 2 | 5 | 7 | | | C | | | | | |
| 5 | | 2 | | | | | 7 | | | | | | E | |
| | | 0 | | | | E | | D | 1 | 9 | | | | |
| | | E | 8 | 4 | 6 | | | | | | 3 | 5 | 9 | |
| 7 | C | | 1 | A | | 4 | | | | | | | 3 | |
| 3 | 9 | 6 | | C | | | 8 | | 5 | B | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 7 | 4 | B | E | 5 | 8 | A | 0 | 3 | 2 | C | 6 | D | 9 | 1 |
| 0 | 9 | 6 | D | 3 | A | C | 2 | E | 1 | 4 | 5 | 8 | 7 | B |
| A | 1 | 5 | B | C | 2 | 8 | 6 | D | 9 | 7 | 3 | 0 | E | 4 |
| 8 | D | C | 7 | 0 | 9 | 4 | 5 | 1 | B | A | E | 6 | 2 | 3 |
| 2 | 3 | E | 6 | 4 | 1 | 9 | B | 7 | D | 8 | 0 | 5 | A | C |
| 1 | 6 | 8 | 9 | B | 3 | D | C | 2 | 4 | E | A | 7 | 0 | 5 |
| C | 7 | 3 | A | E | 0 | B | 4 | 5 | 6 | 2 | D | 1 | 8 | 9 |
| B | 2 | 9 | 5 | 6 | 7 | E | A | 8 | 3 | 0 | 1 | 4 | C | D |
| 5 | A | D | C | 1 | 4 | 3 | 7 | 0 | 8 | 9 | B | E | 6 | 2 |
| 4 | E | 0 | 8 | 2 | D | 1 | 9 | 6 | 7 | 5 | C | B | 3 | A |
| 3 | 8 | A | 0 | 7 | E | 5 | 1 | 4 | C | D | 9 | 2 | B | 6 |
| D | C | 4 | 2 | A | 6 | 0 | E | 9 | 5 | B | 8 | 3 | 1 | 7 |
| 6 | 0 | 1 | 4 | 9 | 5 | 7 | 8 | B | A | 3 | 2 | C | D | E |
| E | B | 7 | 1 | D | C | 2 | 3 | A | 0 | 6 | 4 | 9 | 5 | 8 |
| 9 | 5 | 2 | 3 | 8 | B | 6 | D | C | E | 1 | 7 | A | 4 | 0 |

ଗତକାଲିର ଉତ୍ତର

## ଆମ ସମସ୍ୟା

### ତାଳଚେର ଶତାବ୍ଦୀ ମେଡିକାଲ କଲେଜ କାର୍ଯ୍ୟକ୍ଷମ ହେଉ

ମହାଶୟ,

ମହାନଦୀ କୋଇଲା ଖଣିସମୂହ (ଏମ୍‌ସିଏଲ୍) ତାଳଚେରରେ ଏକ ଶତାବ୍ଦୀ ମେଡିକାଲ କଲେଜ ଓ ହସ୍ପିଟାଲ ନିର୍ମାଣ କରିସାରିଛି। କିନ୍ତୁ ଏହାକୁ କାର୍ଯ୍ୟକ୍ଷମ କରାଯାଇନାହିଁ। ରାଜ୍ୟ ସରକାର ନା ମହାନଦୀ କୋଇଲା ଖଣି ଏହାର ପରିଚାଳନା କରିବ, ତା'ର ସମାଧାନ ହୋଇନାହିଁ। ଏହି ବିବାଦର ସମାଧାନ ହୋଇ ତୁରନ୍ତ ମେଡିକାଲ କଲେଜ ଓ ହସ୍ପିଟାଲ କାର୍ଯ୍ୟକ୍ଷମ ହେଉ।

ରବିନାରାୟଣ ପାଣି, କଳିଙ୍ଗବିହାର, ଭୁବନେଶ୍ୱର

### ପିସି ଓ ପ୍ରିୟାପ୍ରୀତି ତୋଷଣ

ବିଭିନ୍ନ ସରକାରୀ ଯୋଜନାରେ ନିରପେକ୍ଷତାର ଘୋର ଅଭାବ କାରଣରୁ ବ୍ୟାପକ ଅର୍ଥ ବ୍ୟୟ ସତ୍ତ୍ୱେ ବହୁ ଯୋଗ୍ୟ ହିତାଧିକାରୀ ରାଷ୍ଟ୍ରୀୟ ଖାଦ୍ୟ ସୁରକ୍ଷା ଏବଂ ପ୍ରଧାନମନ୍ତ୍ରୀ ଆବାସ (ଗ୍ରାମାଞ୍ଚଳ) ଭଳି ମୌଳିକ ଆବଶ୍ୟକତାରୁ ବର୍ଷ ବର୍ଷ ଧରି ବଞ୍ଚିତ ହୋଇ ଅତି ଦୟନୀୟ ଅବସ୍ଥାରେ କାଳାତିପାତ କରୁଛନ୍ତି। ପ୍ରାୟ ପ୍ରତିଦିନ ଏଭଳି ଘଟଣାମାନ ବିଭିନ୍ନ ଗଣମାଧ୍ୟମରୁ ଜାଣିବାକୁ ମିଳୁଛି। କେନ୍ଦ୍ର ତଥା ରାଜ୍ୟ ସରକାର ବିକାଶର ଡିଣ୍ଡିମ ପିଟୁଥିବା ବେଳେ ଦାରିଦ୍ର୍ୟ ହ୍ରାସ ତଥା କୃଷକର ଆୟ ବଢିବାର ବାହାଦୁରିକୁ ଏହି କରୁଣ ଦୃଶ୍ୟମାନ ପ୍ରଶାସନର ନିଷ୍ଠା ଓ ନିରପେକ୍ଷତାରେ ପ୍ରଶ୍ନ ଚିହ୍ନ ଲଗାଇଛି। ଗ୍ରାମାଞ୍ଚଳରେ ଏକ ଅଲିଖିତ ନିୟମ କାର୍ଯ୍ୟକାରୀ ହେଲା ଭଳି ଲାଗୁଛି- ଗାଁ କୁଜିନେତା ହୁଅ, ପି.ଏମ୍. ଆବାସ ନିଅ ଓ ନିଜ ଭାଇ ବିରାଦରଙ୍କୁ ଦିଅ। ଏହି ଯୋଜନାରେ ହେଉଥିବା ପିସି ଓ ପ୍ରିୟାପ୍ରୀତି ତୋଷଣକୁ ସରକାର ରୋକନ୍ତୁ।

ସୁଶାନ୍ତ ବଳ, ରାଜକନିକା, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଅଭିନେତା ଅକ୍ଷୟ କୁମାର ଓ ଟ୍ୱିଙ୍କଲ ଖାନ୍ନାଙ୍କ ପୁଅ ଆରବ ରବିବାର ୧୭ ବର୍ଷରେ ପଦାର୍ପଣ କରିଛନ୍ତି। ଏହି ସ୍ୱତନ୍ତ୍ର ଅବସରରେ ଅକ୍ଷୟ ହ୍ୟାପି ବାର୍ଥ ଡେ ମେସେଜ୍ ସହ ପୁଅ ପାଇଁ ଏକ ଆବେଗପୂର୍ଣ୍ଣ ପତ୍ର ଲେଖିଛନ୍ତି। ଏହାକୁ ସେ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି।

# ସୁସ୍ଥ ପୃଥିବୀ ପାଇଁ ସଂକଳ୍ପ

ଓଜୋନ୍ ଆମ ବାୟୁମଣ୍ଡଳରେ ପୃଥିବୀ ପୃଷ୍ଠରୁ ୧୦ ରୁ ୪୦ କିଲୋମିଟର (ଷ୍ଟ୍ରାଟୋସ୍ଫିୟର)ମଧ୍ୟରେ ରହିଛି। ପୃଥିବୀ ପୃଷ୍ଠରେ ଏହାର ପରମାଣ ଖୁବ୍ କମ୍। କିନ୍ତୁ ବାୟୁମଣ୍ଡଳର ୯୦ ପ୍ରତିଶତ ଓଜୋନ୍ ଷ୍ଟ୍ରାଟୋସ୍ଫିୟରରେ ହିଁ ରହିଛି। ଏହା ଆମ ଜୀବନ ପାଇଁ ଅତି ଦରକାରୀ। ଷ୍ଟ୍ରାଟୋସ୍ଫିୟରରେ ଥିବା ଓଜୋନ ସୂର୍ଯ୍ୟଙ୍କ ଅତିବାଇଗଣୀ ରଶ୍ମିର ପ୍ରଭାବରୁ ଆମକୁ ରକ୍ଷା କରେ।ଏହା ବି ବାୟୁମଣ୍ଡଳର ନିମ୍ନସ୍ତରରେ ରହି ବାୟୁମଣ୍ଡଳରୁ ବିଷାକ୍ତ କଣିକା ଦୂର କରିବାରେ ସାହାଯ୍ୟ କରେ । ୧୯୮୫ରେ ପ୍ରଥମେ ଆଣ୍ଟାର୍କଟିକା ଉପରେ ଏକ ଓଜୋନ ହୋଲ୍ ବା ଗର୍ତ୍ତ ହୋଇଥିବା ବ୍ରିଟିଶ ଆଣ୍ଟାର୍କାଟିକା ସର୍ଭେରେ ପ୍ରକାଶ ପାଇଥିଲା। ଓଜୋନ୍ ହୋଲ୍ ପ୍ରଥମେ ନୋବେଲ ପୁରସ୍କାର ବିଜେତା ଶେର୍‌ଉଡ ରୋଲ୍ୟାଣ୍ଡ ଠାବ କରିଥିଲେ। ପରେ ଏହାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇବା ସହ ଏହାର ସୁରକ୍ଷା ଉପରେ ଜାତିସଂଘ ଗୁରୁତ୍ୱ ଦେଇଥିଲା।

ଆମେ ଅତ୍ୟଧିକ ରାସାୟନିକ ପଦାର୍ଥ ବ୍ୟବହାର ତଥା କାର୍ବନ୍‌ଡାଇଅକ୍ସାଇଡ ନିର୍ଗମନ କରାଇବା ଦ୍ୱାରା ବାୟୁମଣ୍ଡଳର ଉପର ଓ ନିମ୍ନ ସ୍ତରରେ ଥିବା ଓଜୋନ ସ୍ତରରେ କ୍ଷତି ହେଉଛି। ଆମେ ବ୍ୟବହାର କରୁଥିବା ବହୁ ରାସାୟନିକ ପଦାର୍ଥ ମୁଖ୍ୟତଃ କ୍ଲୋରିନ ଓ ବ୍ରୋମିନ ଥିବା ମିଥାଇଲ ବ୍ରୋମାଇଡ , ମିଥାଇଲ କ୍ଲୋରୋଫର୍ମ, କାର୍ବନ ଟେଟ୍ରାକୋଲରାଇଡ ଦ୍ୱାରା ଓଜୋନ ସ୍ତର ବେଶି କ୍ଷତି ହେଉଛି। କ୍ଲୋରୋଫ୍ଲୁରୋକାର୍ବନ୍‌ସ ଓ ହାଇଡ୍ରୋକ୍ଲୋରୋଫ୍ଲୁରୋକାର୍ବନ୍‌ସ ବି ଓଜୋନ ପରସ୍ତକୁ ଦୁର୍ବଳ କରୁଛି। ବିଶ୍ୱର ଅନେକ ଦେଶ ଓଜୋନ ସ୍ତରକୁ ଦୁର୍ବଳ କରୁଥିବା ପଦାର୍ଥ ଉପରେ ନିୟନ୍ତ୍ରଣ ଅଣିବା ପାଇଁ ମଣ୍ଟ୍ରିଲ ପ୍ରୋଟୋକଲରେ ୧୯୮୭ ସେପ୍ଟେମ୍ବର ୧୬ରେ ହସ୍ତାକ୍ଷର କରିଥିଲେ। ଏହାକୁ ସ୍ମରଣ କରିବା ପାଇଁ ୧୯୯୪ରେ ଜାତିସଂଘ ପକ୍ଷରୁ ସେପ୍ଟେମ୍ବର ୧୬କୁ ଆନ୍ତର୍ଜାତିକ ଓଜୋନ ସ୍ତର ସଂରକ୍ଷଣ ଦିବସ ଭାବେ ଘୋଷଣା କରାଯାଇଥିଲା। ଓଜୋନ ସ୍ତରକୁ କ୍ଷତି କରୁଥିବା ରାସାୟନିକ ପଦାର୍ଥର ଉତ୍ପାଦନ ଓ ବ୍ୟବହାରକୁ ନିୟନ୍ତ୍ରଣ କରିବା ମଣ୍ଟ୍ରିଲ ପ୍ରୋଟୋକଲର ମୁଖ୍ୟ ଲକ୍ଷ୍ୟ। ପ୍ରାୟ ୧୦୦ଟି ରାସାୟନିକ ପଦାର୍ଥକୁ ନିୟନ୍ତ୍ରଣ କରିବା ଉପରେ ଏହା ଜୋର୍ ଦିଏ। ଏହାପରେ ତିନି ଦଶନ୍ଧି ଧରି ଓଜୋନ ପରସ୍ତ ଓ ଜଳବାୟୁକୁ ସୁରକ୍ଷା ଦେବାରେ ଆନ୍ତର୍ଜତିକ ସ୍ତରରେ ମିଳିଥିବା ସହଯୋଗକୁ ସମୀକ୍ଷା ହେଉଛି ଚଳିତବର୍ଷ (୨୦୧୯)ର ଏହି ଦିବସ ପାଳନର ଲକ୍ଷ୍ୟ। ଜୀବନ ଓ ପୃଥିବୀକୁ କେମିତି ସୁସ୍ଥ ରଖିହେବ ତାହା ପାଇଁ ଏହା ଆମକୁ ସ୍ମରଣ କରିପାରିଛି।




ରେଫ୍ରିଜେରେଟର ,ଏୟାର କଣ୍ଡିସନର ଏବଂ ଅନ୍ୟ ଉତ୍ପାଦ ଯାହା ଓଜୋନକୁ କ୍ଷତି କରୁଛି ତାହାକୁ କମାଇବା ଲାଗି ମଣ୍ଟ୍ରିଲ ପ୍ରୋଟୋକଲ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉଛି। ଫଳସ୍ୱରୂପ ୨୦୧୮ରେ ଓଜୋନ ସ୍ତରରେ ଉନ୍ନତି ଆସିଥିବା ଏକ ବୈଜ୍ଞାନିକ ଆକଳନରୁ ଜଣାଯାଇଛି। ୨୦୦୦ରୁ ପ୍ରତି ଦଶନ୍ଧିରେ ଓଜୋନ ପରସ୍ତର ୧.୩ ପ୍ରତିଶତ ଭରଣା ହୋଇପାରିଛି। ଏହା ମଧ୍ୟ ପ୍ରକାଶ କରିଛି ଯେ ୨୦୩୦ ସୁଦ୍ଧା ଉତ୍ତର ଗୋଲାର୍ଦ୍ଧ ଓ ମଧ୍ୟ ଅକ୍ଷାଂଶ ଅଞ୍ଚଳରେ କ୍ଷତି ହୋଇଥିବା ଓଜୋନ ସ୍ତର ପୂରା ପୂରଣ ହୋଇଯିବ। ଦକ୍ଷିଣ ଗୋଲାର୍ଦ୍ଧରେ ୨୦୫୦ ଓ ମେରୁ ଅଞ୍ଚଳରେ ୨୦୬୦ ସୁଦ୍ଧା ଏହା ପୂରଣ ହୋଇଯିବ ବୋଲି କୁହାଯାଇଛି ।

ଓଜୋନ ସ୍ତରକୁ ସୁରକ୍ଷା କରିବା ପାଇଁ ନିଆଯାଉଥିବା ପଦକ୍ଷେପ ବି ପରୋକ୍ଷରେ ୧୯୯୦ରୁ ୨୦୧୦ ମଧ୍ୟରେ ଜଳବାୟୁ ପରିବର୍ତ୍ତନକୁ ରୋକିବାରେ କିଛି ସଫଳତା ପାଇଛି। ୧୩୫ ବିଲିୟନ ଟନ୍ କାର୍ବନ ଡାଇଅକ୍ସାଇଡ ନିର୍ଗମନ କମ୍ କରିବାରେ ସକ୍ଷମ ହୋଇଛି। ୨୦୦୯, ସେପ୍ଟେମ୍ବର ୧୬ରେ ଭିଏନା କନଭେନଶନ ଏବଂ ମଣ୍ଟ୍ରିଲ ପ୍ରୋଟୋକଲ ମଧ୍ୟରେ ସାର୍ବଭୌମିକ ସମର୍ଥନ ଲାଭ କରିବା ପାଇଁ ଏକ ଚୁକ୍ତି ବି କରାଯାଇଛି।୨୦୧୬ ଅକ୍ଟୋବର ୧୫ରେ ରାୱାଣ୍ଡାର କିଗାଲିରେ ଓଜୋନ ପରସ୍ତକୁ କ୍ଷତି କରୁଥିବା ପଦାର୍ଥ ଉପରେ ମଣ୍ଟ୍ରିଲ ପ୍ରୋଟୋକଲର ଅଂଶୀଦାର ଦେଶମାନଙ୍କ ମଧ୍ୟରେ ଏକ ବୁଝାମଣା ବି ହୋଇଛି। ଓଜୋନର ସୁରକ୍ଷା ଆମ ସମସ୍ତଙ୍କର। ଏଥିପ୍ରତି ସଜାଗ ରହିଲେ ଏକ ସୁସ୍ଥ ପୃଥିବୀ ଆମକୁ ତଥା ଆମ ପରପିଢିକୁ ସ୍ୱାଗତ କରିବ । ୨୦୧୮ରେ ଏହି ଦିବସର ସ୍ଲୋଗାନ ଥିଲା– 'ମଣ୍ଟ୍ରିଲ ପ୍ରୋଟୋକଲ :ଶାନ୍ତ ରୁହ ଓ ଆଗେଇ ଚାଲ' । ୨୦୧୯ରେ ଏହି ଦିବସର ସ୍ଲୋଗାନ ରହିଛି –"୩୨ ବର୍ଷ ଏବଂ ଉପଚାର।' ଏହାର ସମୀକ୍ଷା କରି ସାରା ବିଶ୍ୱ ଏକ ମହତ ଦିଶାରେ ଆଗେଇବାର ସଂକଳ୍ପ ନେବାର ଏହି ଦିବସ ଏକ ଶୁଭ ମୁହୂର୍ତ୍ତ ବୋଲି କୁହାଯାଇପାରେ।

## ବିହାର ଟୁରିଜମ୍‌ର ସ୍ୱତନ୍ତ୍ର ପ୍ୟାକେଜ୍

## ଅନ୍‌ଲାଇନରେ କରିହେବ ପିଣ୍ଡଦାନ

ପିତୃପୁରୁଷଙ୍କ ପୁଣ୍ୟତିଥିରେ ପିଣ୍ଡଦାନ କରାଯିବାର ବିଧି ରହିଛି। କିନ୍ତୁ ଏବର ବ୍ୟସ୍ତବହୁଳ ଜୀବନରେ ଏଥିପାଇଁ ଲୋକଙ୍କ ପାଖରେ ସମୟର ଘୋର ଅଭାବ। ତେଣୁ ମୋକ୍ଷସ୍ଥଳ ଗୟାଠାରେ ଗୁରୁବାରଠାରୁ ଆରମ୍ଭ ହୋଇଛି ଅନ୍‌ଲାଇନ ପିଣ୍ଡଦାନ ବ୍ୟବସ୍ଥା। ବିହାରର ଉପମୁଖ୍ୟମନ୍ତ୍ରୀ ସୁଶୀଲ କୁମାର ମୋଦି ଏହାର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ନିକଟସ୍ଥ ବିଷ୍ଣୁପଦ ମନ୍ଦିର ପରିସରରେ ଚାରାରୋପଣ କରାଯାଇଛି। ଗୟାଠାରେ ଅନୁଷ୍ଠିତ ପିତୃପକ୍ଷ ମେଳା ଦେଶ ବିଦେଶରେ ବେଶ୍ ପ୍ରସିଦ୍ଧ। ଚଳିତ ବର୍ଷ ଏହି ମେଳା ଆରମ୍ଭରୁ ଏଠାରେ ଅନଲାଇନ୍‌ରେ ପିଣ୍ଡଦାନର ବ୍ୟବସ୍ଥା ଆରମ୍ଭ କରାଯାଇଛି। 'ପିଣ୍ଡଦାନ ଗୟା' ଆପ୍ ଭର୍ସନ ଥ୍ରି ଡାଉନଲୋଡ୍ କରି ଅନ୍‌ଲାଇନ ପିଣ୍ଡଦାନ ସମ୍ପର୍କରେ ଶ୍ରଦ୍ଧାଳୁମାନେ ସମସ୍ତ ତଥ୍ୟ ପାଇପାରିବେ। ଏହି ଆପ୍‌ରୁ ଗୟାକୁ ଯିବାଆସିବା ପାଇଁ ଟ୍ରେନ୍ ଓ ଫ୍ଲାଇଟ୍‌ର ସୂଚନା ମଧ୍ୟ ମିଳିପାରିବ। ବିହାର ଟୁରିଜିମ୍ ବିଭାଗ ପକ୍ଷରୁ ଏହି ଇ–ପିଣ୍ଡଦାନ ବ୍ୟବସ୍ଥା କରାଯାଇଛି। ଲୋକମାନେ ପିତ୍ରପକ୍ଷଗୟା.କମ୍‌ରେ ପିଣ୍ଡଦାନ ପାଇଁ ବୁକିଂ କରିପାରିବେ। ଏଥିରେ ପିତୃପୁରୁଷଙ୍କ ନାମ ଏଣ୍ଟ୍ରି କରିବା ସହ ନିର୍ଦ୍ଧାରିତ ଶୁଳ୍କ ଜମା କରିବା ପରେ ସେଠାରେ ଥିବା ସରକାରୀ ପଣ୍ଡାମାନେ ପିଣ୍ଡଦାନ କରିବେ। ଏହି ପିଣ୍ଡଦାନର ଭିଡିଓ ରେକର୍ଡିଂ କରାଯିବ। ଏଥିସହ ଏହାକୁ ସିଡୀ ବା ପେନ୍‌ଡ୍ରାଇଭ୍ ଯୋଗେ ଇ–ପିଣ୍ଡଦାନ ପାଇଁ ବୁକିଂ କରିଥିବା ଲୋକଙ୍କ ଠିକଣାରେ ପଠାଇ ଦିଆଯିବ। ଡିସେମ୍ବର ୨୮ ତାରିଖ ପର୍ଯ୍ୟନ୍ତ ଲୋକମାନେ ଏହାର ସୁବିଧା ପାଇପାରିବେ। ଏଥିପାଇଁ ୧୯ ହଜାର ଟଙ୍କା ସହ ୯୫୦ ଟଙ୍କା ଜିଏସ୍‌ଟି ଦେବାକୁ ହେବ। ଅନ୍ୟପଟେ ପର୍ଯ୍ୟଟନ ବିଭାଗର ଏହି ପ୍ୟାକେଜ୍‌କୁ ଗୟା ପଣ୍ଡା ସମାଜ ପକ୍ଷରୁ ବିରୋଧ କରାଯାଉଛି। ଏ ନେଇ ପଣ୍ଡା ରାଜନ ସିଜୁଆର ଓ ମହେଶ ଲାଲ ଗୁପ୍ତ କହିଛନ୍ତି, ସରକାର ଇ–ପିଣ୍ଡଦାନ ବ୍ୟବସ୍ଥା କରି ଲୋକଙ୍କ ଧାର୍ମିକ ଭାବାବେଗ ପ୍ରତି ଉପହାସ କରୁଛନ୍ତି।



## ମଙ୍ଗଳସୂତ୍ର ପାଇଁ ୮ଦିନ ଗୋବର ଘାଣ୍ଟିଲେ ବଳଦ ମାଲିକ

ଅହମ୍ମଦନଗର: ଆକାଶଛୁଆଁ ହୋଇଛି ସୁନାଦର। କିଣିବାକୁ ଗଲାବେଳେ ଶହେ ଥର ଭାବିବାକୁ ପଡୁଛି। ଏପରିସ୍ଥିତିରେ ଏକ ଗୋରୁ ଦେଢ଼ ଲକ୍ଷ ଟଙ୍କାର ମଙ୍ଗଳସୂତ୍ର ଗିଳିଦେବା ଆଉ ତାକୁ ବାହାର କରିବାକୁ ଯାଇ ଗୋରୁ ମାଲିକ ୮ଦିନ ଧରି ଗୋବର ଘାଣ୍ଟିଛନ୍ତି। ଏଭଳି ଘଟଣା ଘଟିଛି ମହାରାଷ୍ଟ୍ରର ଅହମ୍ମଦନଗର ଅଞ୍ଚଳରେ। ମହାରାଷ୍ଟ୍ରର କୃଷିଭିତ୍ତିକ ପର୍ବ 'ପୋଲା'ର ରହିଛି ସ୍ୱତନ୍ତ୍ରତା। ଏହି ପର୍ବରେ ଗୋରୁଙ୍କୁ ଭଲ ଖାଦ୍ୟ ଖାଇବାକୁ ଦେଇ ପୂଜାର୍ଚ୍ଚନା କରାଯାଇଥାଏ। ସୁନା ଅଳଙ୍କାର ସହ ସ୍ୱତନ୍ତ୍ର ବେଶରେ ସଜାଯାଇ ନଗର ପରିକ୍ରମାରେ ସାମିଲ କରାଯାଏ। ଜଣେ ଚାଷୀ ଜାକଜମକରେ ପାଳନ କରିଥିଲେ'ପୋଲା' । ନିଜ ବଳଦକୁ ପୂଜାର୍ଚ୍ଚନା କରିବା ପରେ ଗାଁ ସାରା ବୁଲାଇଥିଲେ। ସନ୍ଧ୍ୟାରେ ହଠାତ୍ ବିଜୁଳି ଚାଲିଯାଇଥିଲା। ଏହି ସମୟରେ ପୂଜା ଥାଳିରେ ମିଠା ସହିତ ସମ୍ପୃକ୍ତ ଚାଷୀଙ୍କ ସ୍ତ୍ରୀ ରଖିଥିବା ମଙ୍ଗଳସୂତ୍ରକୁ ଗିଳି ଦେଇଥିଲା ବଳଦ। ମାଲିକ ପାଟିରେ ହାତ ଭର୍ତ୍ତି କରି ଅଳଙ୍କାରକୁ ବାହାର କରିବାକୁ ଚେଷ୍ଟା କରିଥିଲେ। ହେଲେ ବଳଦ ପେଟ ଭିତରକୁ ମଙ୍ଗଳସୂତ୍ରଟି ଚାଲିଯାଇଥିଲା। ଗ୍ରାମବାସୀଙ୍କ କଥା ମାନି ଚାଷୀ ଜଣକ ୮ଦିନ ଧରି ବଳଦକୁ ଗୋଟିଏ ସ୍ଥାନରେ ବାନ୍ଧି ରଖିଥିଲେ। ଆଶା ଥିଲା ଗୋବରରେ ମଙ୍ଗଳସୂତ୍ର ବାହାରି ଆସିବ। ହେଲେ ତାଙ୍କୁ ନିରାଶ ହେବାକୁ ପଡ଼ିଲା। ଅନ୍ୟ ଉପାୟ ନ ପାଇ ଶେଷରେ ଚାଷୀ ଜଣକ ଡାକ୍ତରଙ୍କ ସହାୟତା ଲୋଡ଼ିଲେ। ଅପରେଶନ ପରେ ପାକସ୍ଥଳୀରେ ଫସି ରହିଥିବା ମଙ୍ଗଳସୂତ୍ରକୁ ବାହାର କରାଯାଇଛି।

## ଗ୍ୟାଙ୍ଗ୍ସ ଅଫ୍ ୱାସେପୁରକୁ ମିଳିଲା ୫୯ତମ ସ୍ଥାନ

**ମୁମ୍ବାଇ:** ଲୋକପ୍ରିୟ ଫିଲ୍ମ ନିର୍ଦ୍ଦେଶକ ଅନୁରାଗ କଶ୍ୟପଙ୍କ ସୁପରହିଟ୍ ଫିଲ୍ମ 'ଗ୍ୟାଙ୍ଗ୍ସ ଅଫ୍ ୱାସେପୁର'କୁ ବ୍ରିଟିଶ୍ ଖବରକାଗଜ 'ଦ ଗାର୍ଡିୟାନ୍' ୨୧ଶତାବ୍ଦୀର ସର୍ବଶ୍ରେଷ୍ଠ ଚଳଚ୍ଚିତ୍ର ତାଲିକାରେ ସ୍ଥାନ ଦେଇଛି। ଖବରକାଗଜ ପକ୍ଷରୁ ୨୦୦୦ ମସିହା ପରେ ମୁକ୍ତିଲାଭ କରିଥିବା ସାରା ଦୁନିଆର ସର୍ବଶ୍ରେଷ୍ଠ ୧୦୦ ଚଳଚ୍ଚିତ୍ରର ନାମ ପ୍ରକାଶ କରାଯାଇଛି। ବଲିଉଡ୍ ଫିଲ୍ମ 'ଗ୍ୟାଙ୍ଗ୍ସ ଅଫ୍ ୱାସେପୁର' ଏକମାତ୍ର ଭାରତୀୟ ଚଳଚ୍ଚିତ୍ର ଭାବେ ଏହି ତାଲିକାରେ ସ୍ଥାନ ପାଇଛି। ଫିଲ୍ମଟି ଶ୍ରେଷ୍ଠ ୫୯ତମ ସ୍ଥାନ ପାଇଛି। ତେବେ ଏହି ସଫଳତାକୁ ନେଇ ପିଟର ବ୍ରେଡ୍ ଶୌଁ, କ୍ୟାଥ୍ କ୍ଲାର୍କ,ଏଣ୍ଡ୍ର୍ୟୁ ପଲ୍‌ୱର ଏବଂ କାଥରିନ୍ ଶାଁର୍ଡ ଏହି ତାଲିକା ପ୍ରସ୍ତୁତ କରିଛନ୍ତି। ଏକବିଂଶ ଶତାବ୍ଦୀର ସମସ୍ତ ଚଳଚ୍ଚିତ୍ରକୁ ନେଇ ସ୍ୱତନ୍ତ୍ର ଭାବେ ସମୀକ୍ଷା କରି ଏବଂ ବିଶେଷଜ୍ଞଙ୍କ ସହ ଚର୍ଚ୍ଚା କରିବା ପରେ ଏହାକୁ ପ୍ରସ୍ତୁତ କରିଥିଲେ। ବଲିଉଡ୍ ଫିଲ୍ମ 'ଗ୍ୟାଙ୍ଗ୍ସ ଅଫ୍ ୱାସେପୁର'ଭାରତରେ ଅନେକ ଲୋକପ୍ରିୟତା ହାସଲ କରିବା ପରେ ଏବେ ଅନ୍ତର୍ଜାତୀୟକସ୍ତରରେ ମଧ୍ୟ ସଫଳତା ସାଉଁଟୁଛି। ଏନେଇ ନିର୍ଦ୍ଦେଶକ କଶ୍ୟପ କହିଛନ୍ତି, ଯଦି ସେ ତାଲିକା ପ୍ରସ୍ତୁତ କରିଥାନ୍ତେ, ତେବେ ତାଲିକାଟି ଏଭଳି ହୋଇ ନ ଥାନ୍ତା। ଅନେକ ଭଲ ଭଲ ଫିଲ୍ମକୁ ଏହି ଫିଲ୍ମ ତଳେ ରଖାଯାଇଛି। ଯେପରି 'ଦ ଡାର୍କ ନାଇଟ୍', ସେ ଏହାକୁ ଆଗରେ ସ୍ଥାନ ଦେଇଥାନ୍ତେ। ତେବେ ଏହି ସଫଳତା ପାଇ ସେ ଗର୍ବ ଅନୁଭବ କରୁଥିବା ମଧ୍ୟ କହିଛନ୍ତି। ସେହିପରି ତାଲିକାରେ ପ୍ରଥମ ସ୍ଥାନ ପାଇଥିବା ଫିଲ୍ମ 'ଦେୟର ୱିଲ୍ ବି ବ୍ଲଡ୍'ଫିଲ୍ମଟି ସର୍ବଶ୍ରେଷ୍ଠ ସ୍ଥାନ ପାଇଁ ସମ୍ପୂର୍ଣ୍ଣ ଯୋଗ୍ୟ ବୋଲି ସେ ପ୍ରତିକ୍ରିୟା ରଖିଛନ୍ତି। ପ୍ରକାଶ ଥାଉ କି, 'ଗ୍ୟାଙ୍ଗ୍ସ ଅଫ୍ ୱାସେପୁର'ର ଦୁଇଟି ସିରିଜ୍ ୨୦୧୨ରେ ରିଲିଜ୍ ହୋଇଥିଲା। ଝାରଖଣ୍ଡର ଧାନବାଦସ୍ଥିତ ୱାସେପୁରର ଏକ କୋଇଲା ମାଫିଆ ପରିବାର କାହାଣୀକୁ ନେଇ ଫିଲ୍ମଟି ଚିତ୍ରଣ କରାଯାଇଥିଲା। ଉଭୟ ସିରିଜ୍ ବକ୍ସ ଅଫିସରେ ସୁପରହିଟ୍ ହୋଇଥିଲା। ଫିଲ୍ମରେ ଭେଟେରାନ ଅଭିନେତା ମନୋଜ ବାଜପେୟୀ, ନୱାଜୁଦ୍ଦୀନ ସିଦ୍ଦିକୀ, ପୀୟୂଷ ମିଶ୍ର ଏବଂ ରିଚା ଚଡ୍ଢାଙ୍କ ଚମତ୍କାର ଅଭିନୟ ଦେଖିବାକୁ ମିଳିଥିଲା। 'ଗ୍ୟାଙ୍ଗ୍ସ ଅଫ୍ ୱାସେପୁର'ର ସମ୍ପୂର୍ଣ୍ଣ ଟିମ୍ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ସୂଚନାଯୋଗ୍ୟ, 'ଦ ଗାର୍ଡିୟାନ'ର ସମୀକ୍ଷକ ମଣ୍ଡଳରେ ଥିବା

ଦ ଗାର୍ଡିୟାନ୍‌ର ସର୍ବଶ୍ରେଷ୍ଠ ଚଳଚ୍ଚିତ୍ର ତାଲିକାରେ ଭାରତୀୟ ସିନେମା




## ଇନ୍ସୁଲିନ ସ୍ତରକୁ ନିୟନ୍ତ୍ରଣରେ ରଖେ କାକୁଡ଼ି

କାକୁଡ଼ିରେ ରହିଛି ଫାଇବର ଓ ପୋଟାସିୟମ। ଏହାକୁ ନିୟମିତି ଖାଇଲେ ସବୁ ପ୍ରକାର କିଡନୀ ସମସ୍ୟା ଠିକ ହୋଇଥାଏ ବୋଲି ଆୟୁର୍ବେଦ ବିଶେଷଜ୍ଞମାନେ ମତ ଦେଇଛନ୍ତି। ନିକଟରେ ଆମେରିକାର କାଲିଫର୍ନିଆଠାରେ ଥିବା ଆୟୁର୍ବେଦ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ ମତ ଦେଇଛି, କାକୁଡ଼ି କ୍ୟାନସର ଭଳି ମାରାତ୍ମକ ରୋଗକୁ ମଧ୍ୟ ଦୂରେଇ ଦେଇଥାଏ। ଏହା ପେଟ ସମ୍ବନ୍ଧୀୟ ସବୁ ପ୍ରକାର ସମସ୍ୟାକୁ ଠିକ କରେ। କାକୁଡ଼ି ପାଚନତନ୍ତ୍ରକୁ ମଜଭୁତ କରିଥାଏ। ନିୟମିତ କାକୁଡ଼ି ଖାଇଲେ ଶରୀରରେ ଜଳୀୟ ଅଂଶ କମ ହୋଇ ନ ଥାଏ। ସୁଗାର ସମସ୍ୟା ବା ଡାଇବେଟିସ ଥିଲେ କାକୁଡ଼ି ଖାଇବା ଭଲ। ଏହା ଇନ୍ସୁଲିନ ସ୍ତରକୁ ନିୟନ୍ତ୍ରଣରେ ରଖିଥାଏ। ଫଳରେ ଶରୀରରେ ସୁଗାର ସ୍ତର ମଧ୍ୟ ଆପଣାଛାଏଁ ନିୟନ୍ତ୍ରିତ ହୋଇଥାଏ।



NOTICE
IN THE DEBTS RECOVERY TRIBUNAL, CUTTACK
C-71, SECTOR-7, CDA, CUTTACK-753014
O.A. No. 173 of 2019
Syndicate Bank, Paradeep Port Branch, Paradeep, Dist.: Jagatsinghpur ...Applicant
-Versus-
Sitabala Mandal and others ...Defendants
To,
1. Smt. Sitabala Mandal, W/o- Anil Kumar Mandal, At- Nimidhi, P.O.: Paradeepgarh, P.S.: Paradeep Lock, Dist.: Jagatsinghpur-754141
2. Mr. Samir Kumar Swain, S/o- Bachha Swain, At- Bijayachandrapur, P.O.: Atharbanki, P.S.: Paradeep, Dist.: Jagatsinghpur-754141
3. Anil Kumar Mandal, S/o- Ananta Charan Mandal, At- Nimidhi, P.O.: Paradeepgarh, P.S.: Paradeep Lock, Dist.: Jagatsinghpur-754141
4. Amaresh Mandal, S/o- Ananta Charan Mandal, At- Nimidhi, P.O.: Paradeepgarh, P.S.: Paradeep Lock, Dist.: Jagatsinghpur-754141
SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED
Take notice that the applicant has instituted a suit in O.A. No. 173 of 2019 in the Court of Debts Recovery Tribunal at Cuttack for a recovery of Rs.31,00,492.34 only together with current and future interest, costs and other relief's. The above mentioned defendants are therefore hereby directed to appear before this tribunal in person or through an Advocate or duly authorized agent, in support of their defense to show cause within 30 days from the date of publication or on 24th day of Oct. 2019 at 10.30 A.M. as to why relief's prayed for should not be granted.
Take notice that in case of default the application will be heard and determined in their absence.
Given under my hand and seal of this Tribunal on this 10th day of September 2019.
Sd/- Registrar
Manoj Kumar Patnaik
Debts Recovery Tribunal

DIRECTORATE OF STATE INSTITUTE OF HEALTH & FAMILY WELFARE, ODISHA
Nayapalli, Bhubaneswar-751012
Re-advertisement Reference No. 4287 dated 13.09.19
TRAINING OF GOVERNMENT DOCTORS
No. 329-E:- In continuation of classified advertisement vide caption no. 236-E dated 19.08.2019, it is informed that the last date for apply for training of Government doctors for the course of 1 Year Training of Post Graduate Diploma in Public Health Management (PGDPHM), has been extended to 25.09.2019. Those doctors who have already applied need not apply again. All other terms and condition remain same.
Sd./- Director, SIH&FW (Odisha), Bhubaneswar
10003/11/0045/1920

NOTICE
IN THE DEBTS RECOVERY TRIBUNAL, CUTTACK
C-71, SECTOR-7, CDA, CUTTACK-753014
O.A. No. 179 of 2019
Syndicate Bank, Paradeep Port Branch, Paradeep, Dist.: Jagatsinghpur ...Applicant
-Versus-
Sushant Kumar Behera and others ...Defendants
To
1. Mr. Sushant Kumar Behera, S/o- Chandramani Behera, At/P.O.: Mangarajpur, P.S.: Kujanga, Dist.: Jagatsinghpur-754141
2. Mr. Mohan Kumar Swain, S/o- Dullava Charan Swain, At- Kathagada, P.O.: Bhutamundai, Paradeepgarh, P.S.: Kujanga, Dist.: Jagatsinghpur-754141
SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED
Take notice that the applicant has instituted a suit in O.A. No. 179 of 2019 in the Court of Debts Recovery Tribunal at Cuttack for a recovery of Rs.52,70,917.69 only together with current and future interest, costs and other relief's. The above mentioned defendants are therefore hereby directed to appear before this tribunal in person or through an Advocate or duly authorized agent, in support of their defense to show cause within 30 days from the date of publication or on 24th day of Oct. 2019 at 10.30 A.M. as to why relief's prayed for should not be granted.
Take notice that in case of default the application will be heard and determined in their absence.
Given under my hand and seal of this Tribunal on this 10th day of September 2019.
Sd/- Registrar
M.K. Patnaik
Debts Recovery Tribunal

ମନେ ପଡ଼ନ୍ତି

ଏକାଦଶାହ ଅବସରରେ



✓ ମହନି ଚରଣ ବାରିକ
ଏକତଳା, ମଧୁବନ ହାଟ, ଯାଜପୁର
ଜନ୍ମ: ତା.୦୨.୦୧.୧୯୫୦
ମୃତ୍ୟୁ: ତା.୦୬.୦୯.୨୦୧୯
ଜଣେ କୃତି ଶିକ୍ଷକ ଭାବରେ ଆପଣଙ୍କର ପାଣ୍ଡିତ୍ୟ ଓ ସମାଜ ପ୍ରତି ସର୍ଜନାତ୍ମକ ଦୃଷ୍ଟିଭଙ୍ଗୀ ଦିଗ୍‌ଦର୍ଶନ ଦେଇ ଆସୁଥିଲା, ଆପଣଙ୍କ ଅବର୍ତ୍ତମାନରେ ବି ଦେଉଥିବ । ଆପଣ ତ ଆମ ପାଇଁ ଥିଲେ କୋଟି ସୂର୍ଯ୍ୟର ଶକ୍ତି ।ପବିତ୍ରଆତ୍ମା ଆପଣଙ୍କର ଶାନ୍ତିପାଉ, ଏତିକି ପ୍ରଭୁଙ୍କ ନିକଟରେ ପ୍ରାର୍ଥନା ।
-ଶୋକସନ୍ତପ୍ତ ପରିବାର ଓ ପ୍ରିୟଜନ
ଧ–୧୪୩୬୧

ପ୍ରଥମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତା ସତ୍ୟଭାମା ଦାଶ
ସ୍ୱାମୀ: ସ୍ୱର୍ଗତ ବସନ୍ତ କୁମାର ଦାଶ
(ଆୟକର ଅଧିକାରୀ)
ଉତ୍ତର ମଧୁବନ, ଗୁଡ଼ିଆନାଳୀ, ଢେଙ୍କାନାଳ
ତିରୋଧାନ: ୨୬।୦୯।୨୦୧୮
ତୁମର ଅମର ଆତ୍ମା ଶାନ୍ତି ଓ ସଦ୍‌ଗତି ଲାଭକରୁ, ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା।
ଶୋକସନ୍ତପ୍ତ:
ସୁନିଲ, ସୁଶିଲ, ନିଳିମା, ସ୍ୱର୍ଣ୍ଣପ୍ରଭା, ଶାନ୍ତିଲତା, ଗୀତାରାଣୀ, ବିଜୟଲକ୍ଷ୍ମୀ, ତନ୍ମୟୀ, ନାତିନାତୁଣୀ: ବର୍ଣ୍ଣି, ସିପୁ, ନିକି, ଶ୍ରୀ, ବନ୍ଧୁ, ପରିବାର ଓ ଆତ୍ମୀୟସ୍ୱଜନ।
ଧ–୬୬୮୧୯

## ବେଲୁନ ଲ୍ୟାମ୍ପ: ଉଚ୍ଚତା ୩୫ ସେ.ମି., ମୂଲ୍ୟ ୩୭ ଡଲାର

ହରର୍ ମୁଭି ଦେଖିବାକୁ ଭଲ ପାଉଥିବା ବ୍ୟକ୍ତି ନିଶ୍ଚିତଭାବେ ୨୦୧୭ରେ ଆସିଥିବା ଷ୍ଟିଫେନ କିଙ୍ଗଙ୍କ ଉପନ୍ୟାସ 'ଇଟ' ଉପରେ ଆଧାରିତ ଚଳଚ୍ଚିତ୍ର ଦେଖିଥିବେ। ସେଥିରେ ମୁଖ୍ୟ ଖଳନାୟକ ଚରିତ୍ରରେ ଅଭିନୟ କରୁଥିବା ଜୋକର୍ ହାତରେ ଏକ ଲାଲ ରଙ୍ଗର ବେଲୁନ ଦେଖିଥିବେ। ବେଲୁନ୍‌ଟି ବେଶ ସୁନ୍ଦର କିନ୍ତୁ ବେଶ ରହସ୍ୟଜନକ ଓ ଭୟାନକ ଲାଗୁଥିଲା। ସେହି ବେଲୁନ୍‌କୁ ନଜରରେ ରଖି ତିଆରି ହୋଇଛି ଏକ ଲ୍ୟାମ୍ପ, ଯାହାକି ଅବିକଳ ଚଳଚ୍ଚିତ୍ରର ଲାଲ ବେଲୁନ ପରି ଦେଖାଯାଏ। ଆଉ ଯେବେ ସେଥିରେ ବିଦ୍ୟୁତ ସଂଯୋଗ କରାଯାଏ ତାହା ଜଳିଉଠେ, ଲାଗେ ବେଶ ସୁନ୍ଦର କିନ୍ତୁ ରହସ୍ୟମୟ। ବର୍ତ୍ତମାନ ଏହି ବେଲୁନ ଲ୍ୟାମ୍ପ ଅନଲାଇନ ବିକ୍ରି ହେଉଛି। ଏହାର ଉଚ୍ଚତା ୩୫ ସେ.ମି. ଓ ମୂଲ୍ୟ ୩୭ ଡଲାର।



NOTICE
IN THE DEBTS RECOVERY TRIBUNAL, CUTTACK
C-71, SECTOR-7, CDA, CUTTACK-753014
O.A. No. 174 of 2019
Syndicate Bank, Paradeep Port Branch, Paradeep, Dist.: Jagatsinghpur ...Applicant
-Versus-
Dhula Das and others ...Defendants
To
1. Mr. Dhula Das, S/o- Late Purna Chandra Das, At- Bhandua, P.O.: Kujanga, P.S.: Kujanga, Dist.: Jagatsinghpur-754141
2. Mr. Balaram Das, S/o- Dhula Das, At- Bhandua, P.O.: Kujanga, P.S.: Kujanga, Dist.: Jagatsinghpur-754141
3. Mr. Braja Kishore Nayak, S/o- Purna Chandra Nayak, At: Balarampur (Nuasahi), P.O./P.S.: Kujanga, Dist.: Jagatsinghpur-754141
SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED
Take notice that the applicant has instituted a suit in O.A. No. 174 of 2019 in the Court of Debts Recovery Tribunal at Cuttack for a recovery of Rs.31,16,327.30 only together with current and future interest, costs and other relief's. The above mentioned defendants are therefore hereby directed to appear before this tribunal in person or through an Advocate or duly authorized agent, in support of their defense to show cause within 30 days from the date of publication or on 24th day of Oct. 2019 at 10.30 A.M. as to why relief's prayed for should not be granted.
Take notice that in case of default the application will be heard and determined in their absence.
Given under my hand and seal of this Tribunal on this 10th day of September 2019.
Sd/-Registrar
Manoj Kumar Patnaik
Debts Recovery Tribunal

Your classified advertisement published in Dharitri will be listed free in Dharitri online edition : www.dharitri.com

ତହସିଲଦାରଙ୍କ କାର୍ଯ୍ୟାଳୟ, ମାହାଙ୍ଗା
ନିଲାମ ଇସ୍ତାହାର
ବିଜ୍ଞାପନ ସଂଖ୍ୟା : ୨୪୭୭ ତାରିଖ : ୧୨।୦୯।୨୦୧୯
ମାହାଙ୍ଗା ତହସିଲଦାରଙ୍କ କାର୍ଯ୍ୟାଳୟର ଗାଡି ସଂଖ୍ୟା ଓଆର୍ ୦୫–୦୬୪୧ଟି ଆସନ୍ତା ତା ୨୫।୦୯।୨୦୧୯ ରିଖ ଘ ୦୪.୩୦ ମିନିଟ୍‌ରେ ତହସିଲଦାରଙ୍କ କାର୍ଯ୍ୟାଳୟରେ ନିଲାମ କରାଯିବା ପାଇଁ ସ୍ଥିରୀକୃତ ହୋଇଅଛି। ଏତଦ୍ ସମ୍ବନ୍ଧୀୟ ସମସ୍ତ ନିୟମାବଳୀ ସଂପୂର୍ଣ୍ଣ ବିବରଣୀ www.cuttack.nic.in ରେ ଉପଲବ୍ଧ ଅଟେ। ଇଚ୍ଛୁକ ଆବେଦନକାରୀମାନେ ସଂପୂର୍ଣ୍ଣ ବିବରଣୀ ଏହି ୱେବସାଇଟ୍‌ରୁ **download** କରିପାରିବେ କିମ୍ବା ମାହାଙ୍ଗା ତହସିଲଦାରଙ୍କ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିପାରିବେ।
ସ୍ୱାକ୍ଷର/– ତହସିଲଦାର, ମାହାଙ୍ଗା।

## ସଂକ୍ଷେପରେ

### ଅଙ୍ଗନୱାଡି ଗୃହ ଉଦ୍‌ଘାଟିତ

ଡେରାବିଶ, ୧୫।୯ (ସ୍ୱ.ପ୍ର)
ଡେରାବିଶ ବ୍ଳକ ଖମୋଳ ପଞ୍ଚାୟତ ଅଧୀନ ବଡ଼ଫଗୋଳ ଗ୍ରାମ ଅଙ୍ଗନୱାଡି କେନ୍ଦ୍ରର ନୂତନ ଗୃହ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ଉଦ୍ଘାଟନ ସଭାରେ ଗ୍ରାମର ଗଙ୍ଗାଧର ମିଶ୍ର ସଭାପତିତ୍ୱ କରିଥିଲେ। ଏଥିରେ ସାମାଜିକ କର୍ମୀ ଗୌତମ କୁମାର ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସ୍ଥାନୀୟ ସରପଞ୍ଚ ଲିଲିମା ପରିଡ଼ା ନୂତନ ଗୃହ ଉଦ୍‌ଘାଟନ କରିଥିଲେ। ଅଙ୍ଗନୱାଡି କର୍ମୀ ଅନସୂୟା ଶତପଥୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶ୍ୟାମସୁନ୍ଦର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଗୃହ ନିର୍ମାଣ କରିଥିବା ସେହି ଗ୍ରାମର ରାଜମିସ୍ତ୍ରି ଦିଲ୍ଲୀପ ଶତପଥୀଙ୍କୁ ସରପଞ୍ଚ ପରିଡ଼ା ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ଅବସରପ୍ରାପ୍ତ ଶିକ୍ଷକ ରାଜକିଶୋର ମଲ୍ଲ ଧନ୍ୟବାଦ ଅର୍ପଣ କରିଥିଲେ। ଗ୍ରାମର ବିପ୍ରବର ଜେନା, ଘନଶ୍ୟାମ ଶତପଥୀ, ରବୀନ୍ଦ୍ର ବଳ, ପୀତାମ୍ବର ବାରିକ ଓ ଉମାକାନ୍ତ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### କଂଗ୍ରେସର ଜୋନସ୍ତରୀୟ କର୍ମୀ ସମ୍ମିଳନୀ



ରାଜକନିକା,୧୫।୯(ଡି.ଏନ୍.ଏ.): ରାଜକନିକା ବ୍ଳକ ଅଧୀନ ପେଗରପଡାଠାରେ ୨୭ନଂ ଜୋନସ୍ତରୀୟ କର୍ମୀ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ଜୋନ ସଭାପତି ଅଜୟ କୁମାର ଦାସ ଏଥିରେ ଅଧକ୍ଷତା କରିଥିଲେ। ଏହି ସମ୍ମିଳନୀରେ ଆଳି ନିର୍ବାଚନମଣ୍ଡଳୀର ପ୍ରାକ୍ତନ ବିଧାୟକ ଦେବେନ୍ଦ୍ର ନାଥ ଶର୍ମା ଯୋଗଦେଇ ତୃଣମୂଳସ୍ତରରେ ଦଳୀୟ ସଂଗଠନକୁ ମଜଭୂତ୍ କରିବାକୁ ଉପସ୍ଥିତ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଆସନ୍ତା ଅକ୍ଟୋବର ଶେଷ ସୁଦ୍ଧା ଏହି ଜୋନର ୧୧ଟି ପଞ୍ଚାୟତରେ କମିଟି ଗଠନ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଆଳିରେ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳନ କରିବାକୁ ସ୍ଥିର କରାଯାଇଥିଲା। ପଞ୍ଚାୟତସ୍ତରରେ ହେଉଥିବା ଦୁର୍ନୀତିଗୁଡିକୁ ସୂଚନା ଆଇନ ବଳରେ ଲୋକଲୋଚନକୁ ଆଣିବାକୁ ସମ୍ମିଳନୀରେ ଆଲୋଚନା କରାଯାଇଥିଲା। ସମ୍ମିଳନୀରେ ରାଜକନିକା ବ୍ଳକ ଅନ୍ତର୍ଗତ ୧୧ ପଞ୍ଚାୟତର ଦଳୀୟ ନେତା ଓ କର୍ମୀମାନେ ଯୋଗଦେଇଥିଲେ। ଏଥିରେ ରାଜକନିକା ପଞ୍ଚାୟତ ସମିତିର ପ୍ରାକ୍ତନ ଅଧକ୍ଷ ସୁବାସ ଚନ୍ଦ୍ର ପରିଡା, ଜିଲା କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ବାବୁରାମ ଜେନା, ସରପଞ୍ଚ ମୀନକେତନ ମହାପାତ୍ର, ସମିତିସଭ୍ୟ ପଦ୍ମନାଭ ଦାସ, ସରୋଜକାନ୍ତ ବଳ, ସୂର୍ଯ୍ୟକାନ୍ତ ଦାସ ଓ ବିପିନି ବିହାରୀ ନାୟକ ପ୍ରମୁଖ ଯୋଗଦେଇଥିଲେ।

### ବରିଷ୍ଠ ନାଗରିକଙ୍କ ପାଇଁ ଟ୍ରାଫିକ ନିୟମ କୋହଳ କରିବାକୁ ଦାବି

ମାର୍ଶାଘାଇ,୧୫।୯(ଡି.ଏନ୍.ଏ.): ରାସ୍ତାରେ ନିରାପଦ ଯାତାୟାତ ପାଇଁ ସରକାରଙ୍କ ପକ୍ଷରୁ ଟ୍ରାଫିକ ନିୟମ କଡ଼ାକଡ଼ି କରାଯାଇଛି। ମାତ୍ର ଅବସରପାପ୍ତ ବରିଷ୍ଠ ନାଗରିକଙ୍କ ପକ୍ଷରୁ ଏହି ନିୟମ କୋହଳ କରିବା ପାଇଁ ଦାବି ହୋଇଛି। ଏନେଇ ମାର୍ଶାଘାଇ ଅଞ୍ଚଳର ନିତିନ ବିହାରୀ ସ୍ୱାଇଁ, ଭାଗବତ ସାହୁ, ପିତାମ୍ବର ମଲ୍ଲ, ନିରଞ୍ଜନ ବସନ୍ତିଆ, ଦେବେନ୍ଦ୍ର ମହାନ୍ତି, କାମପାଳ ରାଉତ, ସୁକାନ୍ତ କୁମାର ନାୟକ ପ୍ରମୁଖ ବରିଷ୍ଠ ନାଗରିକ ଦାବି କରିଛନ୍ତି। ସେମାନେ କହିଛନ୍ତି, ପରିଣତ ବୟସରେ ଡ୍ରାଇଭିଂ ପାଇଁ ଲାଇସେନ୍ସ ମିଳିବାରେ ବାଧା ସୃଷ୍ଟି ହେଉଛି। ଏଥିଯୋଗୁ ଅନେକ ବରିଷ୍ଠ ନାଗରିକ ଚାକିରୀରୁ ଅବସର ନେବା ପରେ ସ୍କୁଟି ଚାଳନାରେ ସମସ୍ୟା ଭୋଗୁଛନ୍ତି।ସେ ନିଜର ଦୈନନ୍ଦିନ ଆବଶ୍ୟକତା ପାଇଁ ଔଷଧପତ୍ର ଅବା ପନିପରିବା ଆଣିବା ନପାରି ସମସ୍ୟା ଭୋଗୁଛନ୍ତି। ତେଣୁ ସେମାନଙ୍କ ପାଇଁ ଡ୍ରାଇଭିଂ ଲାଇସେନ୍ସ ସାର୍ଟିଫିକେଟ ନିୟମରେ କୋହଳ କରି ଅନ୍ୟାନ୍ୟ ଆଇନଗୁଡ଼ିକ ଉପରେ ଗୁରୁତ୍ୱ ଦେବାକୁ ବରିଷ୍ଠ ନାଗରିକଙ୍କ ପକ୍ଷରୁ ଦାବି ହୋଇଛି। ସୂଚନାଯୋଗ୍ୟ ବାଇକ ଚଳାଇବା ସମୟରେ ହେଲେମେଟ ବ୍ୟବହାର, ଲାଇସେନ୍ସ ଓ ଇନ୍ସ୍ୟୁରାନ୍ସ ସମେତ ଅନ୍ୟାନ୍ୟ ଟ୍ରାଫିକ ନିୟମ ଉପରେ ଗୁରୁତ୍ୱ ଦିଆଯାଉଛି।

# ରାସ୍ତା ଖାଲଖମାରେ ଭର୍ତ୍ତି, ବଢୁଛି ଦୁର୍ଘଟଣା

ରାଜନଗର, ୧୫।୯ (ଡି.ଏନ୍.ଏ.)
କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଳକର ରିଘାଗଡ଼-ଗୁପ୍ତି ରାସ୍ତାକୁ ଦୁଇବର୍ଷ ପୂର୍ବେ ଜାତୀୟ ରାଜପଥ କର୍ତ୍ତୃପକ୍ଷ (ଏନ୍ଏଚ୍ଏଆଇ) ନିଜ ଅଧୀନକୁ ନେଇଛନ୍ତି। ଏହା ପୂର୍ବରୁ ଉକ୍ତ ରାସ୍ତା ପୂର୍ତ୍ତ ବିଭାଗ ଅଧୀନରେ ଥିଲା। ମାତ୍ର ଏନ୍ଏଚ୍ଏଆଇ କର୍ତ୍ତୃପକ୍ଷ ଅଧୀନକୁ ଯିବା ପରେ ଏହାର ମରାମତି ପ୍ରତି କେହି ଦୃଷ୍ଟି ଦେଉନାହାନ୍ତି। ରାସ୍ତା ଖାଲଖମାରେ ଭର୍ତ୍ତି ହୋଇ ରହିଥିବାରୁ ପ୍ରତିଦିନ ଏକାଧିକ ଦୁର୍ଘଟଣା ଘଟି ବହୁ ଧନଜୀବନ ହାନି ଘଟୁଛି। ଚାରିଚକିଆ ଯାନବାହନ ଚଳାଚଳ କରିପାରୁ ନ ଥିବା ବେଳେ ସାଇକେଲ ଆରୋହୀ ମଧ୍ୟ ଏହି ରାସ୍ତା ନେଇ ଯା'ଆସ କରିବାକୁ ଭୟ କରୁଛନ୍ତି। ଏହି ରାସ୍ତାକୁ କେବଳ ନାଁକୁ ମାତ୍ର ଜାତୀୟ ରାଜପଥରେ ସାମିଲ କରାଯାଇଥିବା ବେଳେ ମରାମତି ପ୍ରତି ଦୃଷ୍ଟି ଦିଆ ନ ଯିବାରୁ ଅଞ୍ଚଳବାସୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।



ଈଶ୍ୱରପୁର-ରିଘାଗଡ଼ ରାସ୍ତା।

ଲୋକଙ୍କ କହିବା ଅନୁସାରେ, ଏହି ରାସ୍ତାକୁ ଜାତୀୟ ରାଜପଥ ମାନର କରିବା ତ ଦୂରର କଥା ଖାଲଖମା ବି ମରାମତି କରାଯାଉନି। କେନ୍ଦ୍ରାପଡ଼ା ଜିଲାରେ ଜାତୀୟ ରାଜପଥ ବିଭାଗ କାର୍ଯ୍ୟାଳୟ ନ ଥିବାରୁ ଏ ନେଇ ଅଭିଯୋଗ ମଧ୍ୟ କରାଯାଇ ପାରୁନି। ରିଘାଗଡ଼ରୁ ଜୁନୁସ୍‌ନଗର ପର୍ଯ୍ୟନ୍ତ ୯.୭ କିମି ରାସ୍ତା ଉପରେ ଈଶ୍ୱରପୁର, ଦିଘି, ରାବଣେଶ୍ୱର, ଜୁନୁସନଗର, ବଳଭଦ୍ରପୁର, ପୁରୁଷୋତ୍ତମପୁର, ରାଜବିଜୟନଗର, ଅଜଗରପାଟିଆ ଗ୍ରାମବାସୀଙ୍କ ସମେତ ୨୯ ପଞ୍ଚାୟତର ଲୋକେ ନିର୍ଭରଶୀଳ। ରାସ୍ତା ସାରା ବିଭିନ୍ନ ସ୍ଥାନରେ ଛୋଟ ଛୋଟ ଖାଲ ହୋଇଥିବା ବେଳେ ରିଘାଗଡ ନିକଟରେ ଥିବା ଥାନପତି କଲଭର୍ଟର ଦୁଇପାର୍ଶ୍ୱରେ ବିରାଟ ଗାଡ଼ ସୃଷ୍ଟି ହୋଇଛି। ବର୍ଷାପରେ ଖାଲରେ ପାଣି ରହିଯିବା ଯୋଗୁ ଦୁର୍ଘଟଣା ଘଟିବା ଭୟରେ ଲୋକମାନେ ଏହି ରାସ୍ତାଦେଇ ଯା'ଆସ କରୁନାହାନ୍ତି। ସେହିପରି ଏହି ଜାତୀୟ ରାଜପଥର ବଳଭଦ୍ରପୁରଠାରୁ ଜୁନୁସନଗର ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। କଂକ୍ରିଟ ରାସ୍ତାର ପଥର ଖଣ୍ଡ ଉପରକୁ ବାହାରି ରହିଥିବା ବେଳେ ଖାଲରେ ପାଣି ଜମି ରହୁଛି। ଏହି ରାସ୍ତାଦେଇ ଯାଆସ କରୁଥିବା ସ୍ଥାନୀୟ ଲୋକଙ୍କ ସମେତ ସ୍କୁଲକଲେଜ ଛାତ୍ରୀଛାତ୍ର ମଧ୍ୟ ହଇରାଣ ହେଉଛନ୍ତି। ପାଣିକୋଇଲିସ୍ଥିତ ଜାତୀୟ ରାଜପଥ ବିଭାଗ କନିଷ୍ଠଯନ୍ତ୍ରୀ ଶକ୍ତିବ୍ରତ ଜେନାଙ୍କୁ ପଚାରିବାରୁ ରାସ୍ତା ଶୋଚନୀୟ ହୋଇପଡ଼ିଥିବା ଫଟୋ ପାଇଛି। ଘଟଣାସ୍ଥଳ ପରିଦର୍ଶନ କରାଯିବା ପରେ ମରାମତି ଦିଗରେ ଦୃଷ୍ଟି ଦିଆଯିବ ବୋଲି କହିଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପକେଇଲା ଛେପ ଢୋକିବ ନାହିଁ,**
**ଦେଲା ଦାନ ହରିବ ନାହିଁ।**

ଯେଉଁ ବିଷୟରେ କଥା ଦିଆହୋଇଛି ତାହା ନିଶ୍ଚୟ ପାଳନ କରିବା ଉଚିତ। ପ୍ରତିଶ୍ରୁତି ଭଙ୍ଗକରିବା ଅନ୍ୟାୟ। ସ୍ୱୀକାରବଦ୍ଧ କଥାରୁ ଓହରି ଆସିବା ବା ହଟିଆସିବା ଶୋଭନୀୟ ହୋଇ ନ ଥାଏ। ସେହିପରି ଦାନ ଦେଲା ପରେ ସ୍ୱତଃ ଦାନ ଦିଆଯାଇଥିବା ବସ୍ତୁ ବା ଜିନିଷ ଉପରୁ ଅଧିକାର ହଟିଯାଇଥାଏ। ଏପରିସ୍ଥଳେ ଦାନ ପୁନଶ୍ଚ ଛଡ଼ାଇ ଆଣିବା ବା ପ୍ରତ୍ୟାଖ୍ୟାନ କରିବା ଅନୁଚିତ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ପରଧନରେ ମୁହଁ ହଲାଇ,**
**ଟାକର ମାରି ନେବ ଛଡ଼ାଇ।**

ପର ଲୋକଠାରୁ ମିଳିଥିବା ଧନକୁ ନିଜର ବୋଲି କହିବାର କିଛି ଅଧିକାର ନ ଥାଏ। ଏପରି ମିଳିଥିବା ଧନରାଶିକୁ ନିଜର ବୋଲି ଦାବି କରି ଦାମ୍ଭିକତା ବା ବଡ଼ିମା ଦେଖାଉଥିବା ବ୍ୟକ୍ତିଙ୍କୁ ବେଳେବେଳେ ଏଥିପାଇଁ ଅପଦସ୍ଥ ହେବାକୁ ମଧ୍ୟ ପଡ଼ିଥାଏ। ସାଧାରଣତଃ ଅନ୍ୟ ଉପରେ ନିର୍ଭର କରୁଥିବା ବ୍ୟକ୍ତି ଜୀବନରେ କେବେ ସିଧା ଠିଆ ହୋଇ ପାରି ନ ଥାଏ। ତେଣୁ ପରଧନକୁ ନିଜର ବୋଲି ଭାବି ବୃଥା ଗର୍ବ କରିବା ଅନୁଚିତ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

### ନଦୀ ତଟବନ୍ଧ ବିଭାଗ ମୁଖ୍ୟଯନ୍ତ୍ରୀଙ୍କ ମହାକାଳପଡ଼ା ଗସ୍ତ

# ସ୍ଲୁଇସ୍‌ଗେଟ୍, ପଥରସ୍ପର ନିର୍ମାଣ କାର୍ଯ୍ୟ ପରିଦର୍ଶନ

ମହାକାଳପଡ଼ା,୧୫।୯(ଡି.ଏନ୍.ଏ.)
ମହାକାଳପଡା ବ୍ଳକର ମହାନଦୀ ଶାଖା ଗୁପ୍ତଗିରିସ୍ଥିତ ଆଖଡାସାହିରେ ଆଳି ତଟବନ୍ଧ ବିଭାଗ ପକ୍ଷରୁ ନୂତନ ସ୍ଲୁଇସଗେସ ନିର୍ମାଣ କାର୍ଯ୍ୟ ଚାଲିଛି। ଏହି କାର୍ଯ୍ୟ ତଦାରଖ କରିବାପାଇଁ ନଦୀ ତଟବନ୍ଧ ବିଭାଗ ମୁଖ୍ୟଯନ୍ତ୍ରୀ ଯୁଗଳକିଶୋର ତ୍ରିପାଠୀ ମହାକାଳପଡା ବ୍ଳକ ଗସ୍ତରେ ଆସିଥିଲେ। ସେ ଏଠାକୁ ଆସି ସ୍ଲୁଇସ୍ ଗେଟ୍ ନିର୍ମାଣ କାର୍ଯ୍ୟ ବୁଲି ଦେଖିବା ସହ ଷାଠିଏବାଟି ଗ୍ରାମ ସଂଲଗ୍ନ ଲୁଣାନଦୀ ପାର୍ଶ୍ୱରେ ମେଗା ପଥରସ୍ପର ନିର୍ମାଣର ଅଗ୍ରଗତି ସମ୍ପର୍କରେ ଗ୍ରାମବାସୀଙ୍କଠାରୁ ବୁଝିଥିଲେ। ଏହି ସମୟରେ ଷାଠିଏବାଟି ଗ୍ରାମବାସୀ ଲୁଣାନଦୀ ପଥର ପ୍ୟାକିଂକୁ ଅଧିକ ସୁଦୃଢ଼ ଓ ଲମ୍ବ କରିବା ପାଇଁ ମୁଖ୍ୟଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପୂର୍ବରୁ ଏସବୁ ଅଞ୍ଚଳରେ ସମୁଦ୍ରର ଲୁଣାଜଳ ପ୍ରବେଶ କରି ବହୁ ଚାଷ ଜମି କ୍ଷତିଗ୍ରସ୍ତ ହେଉଥିଲା। ଏହି ନିର୍ମାଣ କାର୍ଯ୍ୟ ଶେଷ ହେଲେ ଏସବୁ ସମସ୍ୟାର ସମାଧାନ ହୋଇପାରିବ। ମୁଖ୍ୟଯନ୍ତ୍ରୀଙ୍କ ଏହି ଗସ୍ତ ସମୟରେ ଇଷ୍ଟର୍ନ ସର୍କଲ(୨) ଚଣ୍ଡିଖୋଲସ୍ଥିତ ଅଧୀକ୍ଷଣ ଯନ୍ତ୍ରୀ ଚଣ୍ଡେଶ୍ୱର ବେହେରା, ଆଳି ନଦୀତଟବନ୍ଧ ବିଭାଗ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ରଥ, ସହକାରୀ ଯନ୍ତ୍ରୀ ନିରଞ୍ଜନ ସ୍ୱାଇଁ, କନିଷ୍ଠ ଯନ୍ତ୍ରୀ ସୁଶାନ୍ତ ପଣ୍ଡା,ଓସିସି ଜେନେରାଲ ମ୍ୟାନେଜର ସରୋଜ କୁମାର ପଟ୍ଟନାୟକ ଓ ପ୍ରାଣନାଥ ମୁଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।


ପ୍ରଶାସନିକ ଅଧିକାରୀମାନେ ନିର୍ମାଣ କାର୍ଯ୍ୟ ବୁଲି ଦେଖୁଛନ୍ତି।

# ସିନ୍ଧୁରୁ ଆସିଛି ହିନ୍ଦୁ ଶବ୍ଦ

କେନ୍ଦ୍ରାପଡା ଅଫିସ, ୧୫।୯
କେନ୍ଦ୍ରାପଡା ସହରର ସାନ୍ତସାହିସ୍ଥିତ ସରସ୍ୱତୀ ଶିଶୁମନ୍ଦିର ପରିସରରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସଏସ)ର ବୁଦ୍ଧିଜୀବୀ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀରେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫୁଲ୍ଲ କୁମାର ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗ ଦେଇ ହିନ୍ଦୁ ଓ ହିନ୍ଦୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ । ସେ କହିଥିଲେ ଯେ, ଭାରତର ପ୍ରାଚୀନ ସିନ୍ଧୁ ସଭ୍ୟତାକୁ ବୈଦେଶିକ ଶତ୍ରୁ ଆକ୍ରମଣ କରି କ୍ଷତାକ୍ତ କରିଛି । ସିନ୍ଧୁରୁ ହିନ୍ଦୁ ଶବ୍ଦ ଆସିଥିବା ବେଳେ ଏହି ଦେଶକୁ ହିନ୍ଦୁସ୍ଥାନ ଭାବେ ଗଣାଯାଉଥିଲା । ତେବେ ପରବର୍ତ୍ତିକାଳରେ ହିନ୍ଦୁସ୍ଥାନ ଇଣ୍ଡସ ବା ଇଣ୍ଡିଆ ଭାବେ ନାମିତ ହେଲା' ତତ୍କାଳୀନ ସମୟରେ ଏଠାକାର ଅଧିବାସୀ ଧର୍ମ ନିରପେକ୍ଷ ବଦଳରେ ପନ୍ଥନିରପେକ୍ଷ ଥିଲେ । ଏହି ଅବସରରେ ସେ ଭାରତର ସ୍ୱର୍ଣ୍ଣିମ ଇତିହାସ, ଧର୍ମ, ସମ୍ପ୍ରଦାୟ, ରାଜ୍ୟ, ପ୍ରଜା ଶବ୍ଦର ବ୍ୟାପକତା ସମ୍ପର୍କରେ ଆଲୋକପାତ କରିଥିଲେ । ହିନ୍ଦୁ ସଂସ୍କୃତିର ପ୍ରବାହମାନ ଧାରାକୁ ହିନ୍ଦୁମାନେ ହିଁ ବଞ୍ଚାଇ ରଖିଛନ୍ତି ବୋଲି ସେ କହିଥିଲେ । ଆରଏସଏସର ଜିଲା ସଂଘଚାଳକ ନିହାରରଞ୍ଜନ ପଣ୍ଡା ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏଥିରେ ଶତାଧିକ ବୁଦ୍ଧିଜୀବୀ ଯୋଗ ଦେଇ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଭାଗ ନେଇଥିଲେ ।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ASTROLOGY

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଲେଶ, ଚାକିରି, ବ୍ୟବସାୟ, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, ବିବାହରେ ବାଧା
3 ଘଣ୍ଟାରେ ଘରେ ବସି ସମାଧାନ।
81 26 92 24 05
ହରିଦ୍ୱାର

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

FINANCE

ଲୋନ! ଲୋନ! ଲୋନ
୧ ରୁ ୫୦ ଲକ୍ଷ୍ୟ ଲୋନ
NRC FINANCE
ଗୃହରୁଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
99901-64008
99901-64236
nrcfinanceonline@gmail.com
Office no. 09 11th floor statesman House plot no. 48 Connaught Place N.D 110001

FINANCE
ଲୋନ ଧମାକା ପ୍ରଥମେ ଆସନ୍ତୁ ପ୍ରଥମ ପାଆନ୍ତୁ Vasundhara Capital ଭାରତର ଏକ ନମ୍ବର କମ୍ପାନୀ ପ୍ରପର୍ଟି, ମାର୍କସିଟ୍, ପର୍ସନାଲ, ଆଧାରକାର୍ଡ, ବିଜିନେସ, ଷ୍ଟାଟପ୍, କ୍ଷୁଦ୍ର ବ୍ୟବସାୟ ଏବଂ ଦୋକାନୀମାନେ ଋଣ ଘରେ ବସି ୩୬ ଘଣ୍ଟା ମଧ୍ୟରେ ପାଆନ୍ତୁ। କମ୍ ସୁଧ ଏବଂ ସହଜ କିସ୍ତି । କର୍ମଚାରୀ ଓ ମହିଳାଙ୍କ ପାଇଁ ବିଶେଷ ରିହାତି ।
Office No. 2b/44, Indra Complex, Main Market Road, Ranchi, Jharkhand, 834001
9582606103
9654417419

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ୍
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ ୫୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ଆଦର୍ଶ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ, ରାଶନ କାର୍ଡ, ଆଧାର କାର୍ଡ, ଚାଷ, ଏଗ୍ରିକଲ୍ଚର
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
7289999543
7289948952
SCO- 106, Second Floor, Vishal Tower, Cannaught Place, Delhi.

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD.
(Reg. No. - U6519TN198PLC00855)
ମାର୍କଶିଟ୍. ପ୍ରପର୍ଟି. ପର୍ସନାଲ. ଗ୍ରୁପ୍. ବ୍ୟବସାୟ ।
ସମସ୍ତ ଋଣ 3-4 ଦିନରେ ଘରେ ବସି ପାଆନ୍ତୁ । 2% ସୁଧ 40% ରିହାତି।
7310644620
9499439810
VISHAL ENCLAVE, M. ROAD, UP

FINANCE
ବିଶ୍ୱାସର ପ୍ରତୀକ, ଲୋନର ଗ୍ୟାରେଣ୍ଟି SHREE FINANCE ଦ୍ୱାରା ପ୍ରପର୍ଟି, ପର୍ସନାଲ BPL ଆଧାରକାର୍ଡ ଲୋନ 24 ଘଣ୍ଟାରେ ଘରେ ବସି ପାଆନ୍ତୁ।
Mob: 9351833615
Address - 12, Govt. Place (East), 2nd floor, Kolkata, west Bengal- 700069

TIRUPATI FINANCE
ସମସ୍ତ ପ୍ରକାର ଲୋନ ମାତ୍ର ୪୮ ଘଣ୍ଟାରେ କମ୍ ସୁଧରେ ଦିଆଯାଉଛି । ତୁରନ୍ତ ଯୋଗାଯୋଗ କରନ୍ତୁ ଏବଂ ଘରେ ବସି ଲୋନ ପାଆନ୍ତୁ । ମହିଳା ଏବଂ ସିନିୟର ସିଟିଜନ୍‌ଙ୍କ ପାଇଁ ବିଶେଷ ସୁବିଧା ।
HIMAYAT NAGAR, MAIN ROAD, HYDERABAD- 500029
8658503781
9667987587
9717166871
balajitrusty@gmail.com

BASUNDHAR FINANCE
ପର୍ସନାଲ, ବିଜିନେସ୍, ମାର୍କଶିଟ୍, ଗୃହ, ଶିକ୍ଷା, କୃଷି, ଗାଈ ଓ କୁକୁଡା ପାଳନ ଇତ୍ୟାଦି BASUNDHAR FINANCE ସମସ୍ତ ପ୍ରକାର LOAN ଯୋଗାଇ ଦେଉଛି।
ସୁଧ = 1%
CONTACT
7683914951
9658224887
Plot No.4720, Shahnajaf Rd, Chandigarh-226002, At-Hemamura, Luhapank, Rairakhol, Sambalpur-768106

CAPITAL FINANCE
ପାର୍ବଣ ଋତୁରେ ଲୋନ ମେଳା
୨୦ ବର୍ଷରୁ କ୍ୟାପିଟାଲ ଫାଇନାସ ଦ୍ୱାରା ନିଜର ମାର୍କସିଟ, ପଶୁପାଳନ, ଆଧାରକାର୍ଡ, ହୋମ୍, ମାଛଚାଷ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୪୮ ଘଣ୍ଟାରେ । ୨% ସୁଧ ୪୦%ଛାଡ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
8607237523

BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ ଭାରତର ସର୍ବଶ୍ରେଷ୍ଠ କଂପାନୀ ହିନ୍ଦୁସ୍ଥାନ ଡିଜିଟାଲ କଂପାନୀର ଉପକରଣ ବସାଇ ଅଗ୍ରୀମ ୨୦,୦୦୦,୦୦/- ପାଆନ୍ତୁ ଓ ମାସକୁ ଭଡା ୨୦,୦୦୦/- ଟଙ୍କା ପାଆନ୍ତୁ । ୨ ଚାକିରି + ବାଇକ୍
ଧୋକା ଖାଇଥିବା ବ୍ୟକ୍ତି ଫୋନ କରନ୍ତୁ
Plot No - 14/271, Devaraja Mohalla, Bangalore, Karnataka 570001
9499452368

Hi-Tech Telecom Company Ltd.
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 60,000,00/-, ଭଡା 40,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ। ଦରମା - 20,000/- ଓ ଅନ୍ୟାନ ସୁବିଧା ମାତ୍ର ୭୨ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ କରନ୍ତୁ
ଠକ ମାନ ଙ୍କୁ ସାବଧାନ !
10, 2nd Floor, Subramanya Arcade. Tower D, Bannerghatta Main Road Banglore, Karnataka - 560029
Call or SMS Now
9728782718

Shinghania Tower
ନିଜର ଛାତ, ଜମି, କ୍ଷେତ, ଫ୍ଲାଟ୍ ଉପରେ ଡିଜିଟାଲ ଟାୱାର ଲଗାନ୍ତୁ। ଘରେ ବସି ରୋଜଗାର କରନ୍ତୁ । ଅଗ୍ରିମ 60 ଲକ୍ଷ + ଭଡ଼ା 45000/- + ବାଇକ୍
ଯୋଗାଯୋଗ: 8887232676
Add- Ashoka puram, Mysore, Karnataka- Pin Code 570008

ଆଗେ ଆସନ୍ତୁ, ଆଗେ ପାଆନ୍ତୁ
GOVT. APPROVED ପଞ୍ଜୀକୃତ କମ୍ପାନୀ
GLOBAL TOWER
ନିଜର ଖାଲି ଜମି, ଛାତ, କ୍ଷେତ୍ର, ପ୍ଲଟ୍‌ରେ ଡିଜିଟାଲ ମଲ୍ଟିମିଡିଆ ଟାୱାର ଲଗାନ୍ତୁ
ଅଗ୍ରିମ ୨୦ ଲକ୍ଷ, ଭଡ଼ା + 75000 + 25,000ର ଅନ୍ୟାନ୍ୟ ସୁବିଧା + ରହିବା ଖାଇବା ଫ୍ରି + ବାଇକ୍
7325835499
B-36/7 A-Block Vijay Enclave Burari New Delhi 74

EDUCATION

ADMISSION OPEN
MAA TARA TARINI SCHOOL OF NURSING,
Neelachal Nagar, Berhampur
ANM/ Multipurpose Health Worker (Female) Training Programme Recognised by Govt. of Odisha H&FW Dept. Affiliated by INC, New Delhi.
We also offered Course (OT Technician, DMLT X-ray Technician)
Contact No:
9437425759
8280476992
Email : maataratarinison@gmail.com


### ପାଠକଙ୍କ ପାଇଁ ସୂଚନା:

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ଯବାନ ମୃତ, ଜଣେ ଗୁରୁତର

ମାଲକାନଗିରି/ପାଣ୍ଡ୍ରିପାଣି,୧୫।୯ (ଡି.ଏନ.ଏ./ସ୍ୱ.ପ୍ର.): ମାଲାକନଗିରି ଜିଲା ମାଥିଲି ବ୍ଲକ ଅନ୍ତର୍ଗତ ନାୟକଗଡା ଗ୍ରାମରେ ଥିବା ୪ର୍ଥ ଏସ୍ଏସ୍ବିଏନ୍ର ୨ ଜଣ ଯବାନ ରବିବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସିଛନ୍ତି। ଫଳରେ ଜଣକର ମୃତ୍ୟୁ ହୋଇଥିବା ବେଳେ ଅନ୍ୟଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ରାହୁଲ କୁମାର ବେହେରା। ଗୁରତର ଯବାନ ଜଣକ ହେଲେ ଗଙ୍ଗା ଶବର। ସେମାନେ ରହୁଥିବା ସ୍ଥାନରେ ଥିବା ବିଦ୍ୟୁତ୍ ଖୁଣ୍ଟରେ ହାଇମାଷ୍ଟ ଲାଇଟଟି ବୁଲି ଯାଇଥିଲା। ଏହାକୁ ସଜାଡ଼ିବାକୁ ଶିଡ଼ି ପକାଇ ଖୁଣ୍ଟରେ ଚଢୁଥିବା ସମୟରେ ଏହି ଅଘଟଣ ଘଟିଥିଲା। ଗୁରୁତର ଯବାନ ଗଙ୍ଗାଙ୍କୁ ପ୍ରଥମେ ମାଥିଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ କୋରାପୁଟ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି।

### ୫ ଆନ୍ତଃ ଜିଲା ହାଇୱେ ଡକାୟତ ଗିରଫ

ଟଙ୍କା, ମୋବାଇଲ, ବାଇକ୍ ଜବତ

ସମ୍ବଲପୁର,୧୫।୯ (ବ୍ୟୁରୋ): ସମ୍ବଲପୁର ଜିଲା ଚାରମାଲ ଥାନା ପୋଲିସ ୫ ଜଣ ଆନ୍ତଃ ଜିଲା ଡକାୟତଙ୍କୁ ଗିରଫ କରିଛି। ସେମାନେ ହେଲେ ସୁରେଶ ଦେହୁରୀ, ରମାକାନ୍ତ ବାଦୀ, ସୌଲେନ୍ଦ୍ର କୁମାର ବେହେରା ଓ ସୋନପୁର ଜିଲାର ରସାନନ୍ଦ କୁମ୍ଭାର, ବବୁଲୁ ବେହେରା। ଏମାନଙ୍କ ନିକଟରୁ ମୋବାଇଲ ଫୋନ୍, ଟାବଲଏଡ, ୧୧ ହଜାର ଟଙ୍କା ସହ ଏକ ବାଇକ୍କୁ ପୋଲିସ ଜବତ କରିଛି। ଏସ୍ପି ଅଫିସରେ ଏକ ଖବରଦାତା ସମ୍ମିଳନୀରେ ଏସ୍ପି କନୱର ବିଶାଲ ସିଂ ଏହି ସୂଚନା ଦେଇଛନ୍ତି। ଗତ ସେପ୍ଟମ୍ବର ୧୧ ତାରିଖ ଭାରତ ଫାଇନାନ୍ସ କମ୍ପାନୀର ଜଣେ କର୍ମଚାରୀ ଭରତପୁର ଗ୍ରାମରୁ ଋଣ ଟଙ୍କା ଅସୁଲ କରି ଫେରୁଥିଲେ। ଏମାନେ ତାଙ୍କ ପିଛା କରି ଲୁଟ୍ କରିଥିଲେ। ଅଭିଯୋଗ ପରେ ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ କରି ଏମାନଙ୍କୁ ଗିରଫ କରିଛି। ତେବେ ଏମାନଙ୍କୁ ଜେରା ବେଳେ ଭରତପୁର ରାମେଶ୍ୱର ଶିବ ମନ୍ଦିରରୁ ମଧ ଚୋରି ଘଟଣାରେ ଏମାନେ ଜଡିତ ଥିବା ପୋଲିସ ନିକଟରେ ସ୍ୱୀକାର କରିଛନ୍ତି। ଏଣୁ ମନ୍ଦିରରୁ ଚୋରି ହୋଇଥିବା ଚାଉଳ, ମାଇକ୍ ସେଟକୁ ମଧ ପୋଲିସ ଜବତ କରିଛି।

### ବାଇକ୍ ଆରୋହୀଙ୍କୁ ୨୨ହଜାର ୫ଶହ ଟଙ୍କା ଜରିମାନା

ବଲାଙ୍ଗୀର ଅଫିସ/କଣ୍ଟାବାଞ୍ଜି, ୧୫।୯(ଡି.ଏନ.ଏ.): କଣ୍ଟାବାଞ୍ଜି-ବେଲପଡ଼ା ୪୨ ନମ୍ବର ରାଜ୍ୟ ରାଜପଥରେ ଚେକିଂ ବେଳେ ରବିବାର ଜଣେ ବାଇକ ଆରୋହୀ ପରିବହନ ବିଭାଗ ଓ ପୋଲିସ ହାବୁଡରେ ପଡିଥିଲେ। ନୂଆ ମୋଟରଯାନ ଆଇନ ଅନୁଯାୟୀ ବାଇକ ଆରୋହୀଙ୍କୁ ପରିବହନ ବିଭାଗ କର୍ମଚାରୀମାନେ ୨୨ହଜାର ୫ଶହ ଟଙ୍କା ଜରିମାନା କରିଥିବା ଜଣାପଡିଛି। ଜରିମାନା ଦେଇଥିବା ବାଇକ ଆରୋହୀ ଜଣକ ହେଲେ ବେଲପଡ଼ାର ସୁଶାନ୍ତ କୁମାର ମେହେର। ମିଳିଥିବା ସୂଚନା ମୁତାବକ, ସୁଶାନ୍ତ ଏକ ବାଇକ୍ରେ ଯାଉଥିବାବେଳେ ରବିବାର କଣ୍ଟାବାଞ୍ଜି-ବେଲପଡ଼ା ରାସ୍ତାରେ ଚାଲିଥିବା ଯାନବାହନ ଚେକିଂରେ ପଡିଥିଲେ। ପୋଲିସ ଅଧିକାରୀମାନେ ଯାଞ୍ଚବେଳେ ସୁଶାନ୍ତ ମଦ୍ୟପାନ କରି ବାଇକ୍ ଚଲାଉଥିବା ଜାଣିବାକୁ ପାଇଥିଲେ। ଏପରିକି ଅଧିକାରୀମାନେ ତାଙ୍କୁ ବାଇକ କାଗଜପତ୍ର ଦେଖାଇବାକୁ କହିଥିଲେ। ହେଲେ ସେ କାଗଜପତ୍ର ଦେଖାଇ ପାରି ନ ଥିଲେ। ଫଳରେ ପରିବହନ ବିଭାଗ କର୍ମଚାରୀମାନେ ଭେଲିଡ ଲାଇସେନ୍ସ ନ ଥିବାରୁ ୫ ହଜାର ଟଙ୍କା, ମଦ୍ୟପାନ କରିଥିବାରୁ ୧୦ ହଜାର ଟଙ୍କା, ବିପଦଜନକ ଭାବେ ଗାଡିଚାଳନା ପାଇଁ ୫ ହଜାର ଟଙ୍କା, ଏନ୍ଫୋର୍ସମେଣ୍ଟ ଅଧିକାରୀଙ୍କୁ ଅମାନ୍ୟ କରିବାରୁ ୨ ହଜାର ଟଙ୍କା ଓ ସାଧାରଣ ଅପରାଧ ପାଇଁ ୫ ଶହ ଟଙ୍କା ଏହିପରି ମୋଟ ସୁଶାନ୍ତଙ୍କ ନାମରେ ୨୨ ହଜାର ୫ ଶହ ଟଙ୍କା ଜରିମାନ୍ କରି ଚାଲାଣ କାଟିଥିବା ଜଣାପଡିଛି। ବଲାଙ୍ଗୀର ଜିଲାରେ ପ୍ରଥମ ଥର ପାଇଁ ଏଭଳି ବଡଧରଣର ଜରିମାନା ଆଦାୟ୍ ପରେ ସାଧାରଣରେ କୋକୁଆଭୟ ଦେଖାଦେଇଛି। ତେବେ ଏ ସମ୍ପର୍କରେ କଣ୍ଟାବାଞ୍ଜି ପୋଲିସ ଓ ବଲାଙ୍ଗୀର ପରିବହନ ଅଧିକାରୀମାନେ ସବିଶେଷ ସୂଚନା ଦେବାକୁ ମନା କରିଦେଇଛନ୍ତି।

## ■ ଶାହଙ୍କ 'ଏକ ରାଷ୍ଟ୍ର ଏକ ଭାଷା' ପ୍ରସ୍ତାବ

# ବିବିଧତାକୁ କ୍ଷୁଣ୍ଣ କରିବାର ପ୍ରୟାସ

- ■ ମାପିଚୁପି ବକ୍ତବ୍ୟ ରଖିଲେ ଭାଜପା ନେତା ପ୍ରଦୀପ
- ■ ଯୁକ୍ତିଯୁକ୍ତ ନୁହେଁ : ସଂସ୍କୃତି ମନ୍ତ୍ରୀ
- ■ କଂଗ୍ରେସ, ବାମପନ୍ଥୀ ଦଳର ବିରୋଧ

ଭୁବନେଶ୍ୱର, ୧୫।୯(ବ୍ୟୁରୋ)

ଦେଶର ବିଭିନ୍ନ ସ୍ଥାନରେ ଶନିବାର ହିନ୍ଦୀ ସପ୍ତାହ ପାଳନ କରାଯାଉଛି। ଏହି ଅବସରରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ 'ଗୋଟିଏ ଦେଶ ଗୋଟିଏ ଭାଷା' ସପକ୍ଷରେ ମତ ଦେଇଛନ୍ତି। ଏହାକୁ ସାଧାରଣ ଭାଷା ଭାବେ ଗ୍ରହଣ କରାଗଲେ ସାରା ଦେଶକୁ ଏକତା ସୂତ୍ରରେ ବନ୍ଧାଯାଇପାରିବ ବୋଲି ଶାହ ମତ ଦେଇଛନ୍ତି। ଶାହଙ୍କ ଏଭଳି ପ୍ରସ୍ତାବକୁ ନେଇ ଦକ୍ଷିଣ ଭାରତ ସମେତ ବିଭିନ୍ନ ରାଜ୍ୟରେ ଏହାକୁ ବିରୋଧ କରାଯାଇଛି। ବହୁଭାଷୀ ତଥା ଆଞ୍ଚଳିକ ଭାଷା ସପକ୍ଷବାଦୀ ସଙ୍ଗଠନଗୁଡ଼ିକ ଶାହଙ୍କ 'ଏକ ରାଷ୍ଟ୍ର ଏକ ଭାଷା' ପ୍ରସ୍ତାବ ବିରୋଧରେ ରାସ୍ତାକୁ ମଧ ଓହ୍ଲାଇଛନ୍ତି। ୧୯୩୬ ଏପ୍ରିଲ ୧ରେ ଭାଷାଭିତ୍ତିରେ ଗଠିତ ହୋଇଥିବା ପ୍ରଥମ ରାଜ୍ୟ ହେଉଛି ଓଡ଼ିଶା। ଏଠାରେ ଓଡ଼ିଆ ଭାଷା ବହୁଳ ବ୍ୟବହାର କରାଯାଇଥାଏ। ସେହିପରି ରାଜ୍ୟରେ ପ୍ରାୟ ୨୨ ପ୍ରତିଶତ ଅନୁସୂଚିତ ଜନଜାତି(ଏସ୍ଟି) ରହିଛନ୍ତି, ସେମାନଙ୍କର ମଧ ସ୍ୱତନ୍ତ୍ର ଭାଷା ଏବଂ କେତେକଙ୍କର ସ୍ୱତନ୍ତ୍ର ଲିପି ରହିଛି। ରାଜ୍ୟର ପଶ୍ଚିମ ପ୍ରାନ୍ତରେ କଥିତ ଭାବେ ସମ୍ବଲପୁରୀ ଭାଷାର ମଧ ପ୍ରଚଳନ ରହିଛି। ତେଣୁ ପ୍ରାୟ ୪ କୋଟି ୬୦ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ରାଜ୍ୟରେ ଭାଷାକୁ ନେଇ ବ୍ୟାପକ ବିବିଧତା ରହିଛି। ଏପରି ସ୍ଥିତିରେ ହିନ୍ଦୀ ଭଳି ଏକ ଭାଷାକୁ ଲାଗୁ କରିବା ପାଇଁ ଦେଶର ଶୀର୍ଷସ୍ତରରୁ ଚେଷ୍ଟା କରାଯିବାକୁ ଅଧିକାଂଶ ନାପସନ୍ଦ କରିଛନ୍ତି।

କଂଗ୍ରେସ ନେତା ଗଣେଶ୍ୱର ବେହେରା କହିଛନ୍ତି ଯେ, ବିବିଧତା ହିଁ ଭାରତବର୍ଷ ଏବଂ ଭାରତୀୟମାନଙ୍କର ପରିଚୟ। କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳରେ କୁହାଯାଉଥିବା ଭାଷାକୁ ଜୋର୍ଜବରଦସ୍ତ ଲଦିଦେବା ଆଦୌ ଗ୍ରହଣୀୟ ହେବନାହିଁ। ଏହା ଏକ ଉଦ୍ଭଟ ଚିନ୍ତାଧାରା। ନିକଟରେ କେନ୍ଦ୍ର ସରକାର ଡ୍ରାଫ୍ଟ ଏଜୁକେଶନ ପଲିସି ଦ୍ୱାରା ହିନ୍ଦୀକୁ ପ୍ରାଧାନ୍ୟ ଦେବା ପାଇଁ ଚେଷ୍ଟା କରିଥିଲେ। ହେଲେ ଦକ୍ଷିଣ ଭାରତ ଓ ଅନ୍ୟ ରାଜ୍ୟଗୁଡ଼ିକର ପ୍ରବଳ ବିରୋଧ କାରଣରୁ ସେହି ନିଷ୍ପତ୍ତିରୁ ଓହରିବାକୁ ବାଧ୍ୟ ହେଲେ। ସମ୍ବିଧାନ ୨୨ଟି ଭାଷାକୁ ସ୍ୱୀକୃତି ଦେଇଛି। ତେଣୁ ହିନ୍ଦୀକୁ ଲଦିବାର ବୃଥା ପ୍ରୟାସ ନ କରିବାକୁ ଗଣେଶ୍ୱର କହିଛନ୍ତି। ବାମପନ୍ଥୀ ନେତା ଅଳିକିଶୋର ପଟ୍ଟନାୟକ କହିଛନ୍ତି ଯେ, ଏକ ଦେଶ-ଏକ ନିର୍ବାଚନ, ଏକ ଦେଶ-ଏକ ସମ୍ବିଧାନ ଭଳି ଏକ ଦେଶ-ଏକ ଭାଷା ବ୍ୟବସ୍ଥା କଥା କହିବା ରାଷ୍ଟ୍ରର ବିବିଧତା ଉପରେ ଆକ୍ରମଣ ସଦୃଶ। ପ୍ରତି ଧର୍ମ, ଭାଷା, ଜାତି, ପ୍ରାନ୍ତରେ ସ୍ୱତନ୍ତ୍ର ପରିଚୟ ରହିଛି। ଏହି ବିବିଧତା ହିଁ ଭାରତ ବର୍ଷକୁ ସୁନ୍ଦର କରିଛି। ସେହିପରି ଓଡ଼ିଶାରେ ସରକାରୀସ୍ତରରେ ବାଧ୍ୟତାମୂଳକ ଭାବେ ଲାଗୁ କରାଯିବା ନେଇ ଦାବି ରହିଛି। ଏପରି କି ବ୍ୟବହାର ନ ହେଲେ ଦଣ୍ଡବ୍ୟବସ୍ଥା ମଧ ରହିଛି। ତେଣୁ ଏପରି ସ୍ଥିତିରେ ହିନ୍ଦୀ ଭାଷାକୁ ଲଦିଦେବା ଓଡ଼ିଶା ସ୍ୱାଭିମାନ ପ୍ରତି କୁଠାରାଘାତ ବୋଲି ଅଳି କହିଛନ୍ତି। ସେହିପରି ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ କହିଛନ୍ତି ଯେ, ଓଡ଼ିଆ ଆମ ରାଜ୍ୟର ଭାଷା। ହିନ୍ଦୀ ଦେଶର ଅନ୍ୟ ଏକ ଭାଷା। ଆଗାମୀ ଦିନରେ ସରକାରୀସ୍ତରରେ ଓଡ଼ିଆ ଭାଷାକୁ ଆହୁରି ବ୍ୟାପକ ଭାବେ ବ୍ୟବହାର କରାଯିବ। ଏଥିପାଇଁ ଆବଶ୍ୟକ ପ୍ରସ୍ତୁତି, ନଥି ପ୍ରଣୟନ ଇତ୍ୟାଦି ଆରମ୍ଭ ହୋଇଛି। ତେଣୁ ଏ ପରିସ୍ଥିତିରେ ଅନ୍ୟ କେଉଁ ଭାଷା ଲଦିଦେବା ଆଦୌ ଗ୍ରହଣୀୟ ନୁହେଁ ବୋଲି ମନ୍ତ୍ରୀ ପାଣିଗ୍ରାହୀ କହିଛନ୍ତି। ଅପରପକ୍ଷରେ ଭାଜପା ନେତା ପ୍ରଦୀପ ପୁରୋହିତ ମାପିଚୁପି ତାଙ୍କ ମନ୍ତବ୍ୟ ରଖିଛନ୍ତି। ଏ ସମ୍ପର୍କରେ ସେ ଗଣମାଧ୍ୟମକୁ କହିଛନ୍ତି ଯେ, ଏକ ରାଷ୍ଟ୍ର-ଏକ ଭାଷା ଦ୍ୱାରା କୌଣସି ଆଞ୍ଚଳିକ ଭାଷାକୁ ନ୍ୟୂନ କରିବା କିମ୍ବା ଏହାର ପ୍ରଚଳନ ବନ୍ଦ କଥା କୁହାଯାଇନାହିଁ। ହିନ୍ଦୀ ଭାଷାକୁ ସାଧାରଣରେ ବହୁଳ ବ୍ୟବହାର କରାଯାଉଥିବାରୁ ଏହି କଥା କୁହାଯାଇଛି।

ଉଲ୍ଲେଖଯୋଗ୍ୟ, ସରକାରୀ ଭାଷା ଆଇନ-୧୯୬୩ ଅନୁଯାୟୀ, କେନ୍ଦ୍ର ସରକାର ଓ ପାର୍ଲାମେଣ୍ଟ ପାଇଁ ହିନ୍ଦୀ ଏବଂ ଇଂଲିଶକୁ ସରକାରୀ ଭାଷା ଭାବେ ଗ୍ରହଣ କରାଯାଇଥିଲା। ଦେଶର ୨୨ଟି ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସ୍ୱୀକୃତି ପ୍ରଦାନ କରାଯାଇଛି। ଅନ୍ୟପକ୍ଷରେ ସମ୍ବିଧାନର ଅନୁଚ୍ଛେଦ ୨୯ ପ୍ରତ୍ୟେକ ଭାରତୀୟଙ୍କୁ ନିଜସ୍ୱ ଭାଷା ଓ ସଂସ୍କୃତି ବାଛିବାର ଅଧିକାର ଦେଇଛି।

## ■ ଗଞ୍ଜାମ: ୨୪ ଘଣ୍ଟାରେ ଦ୍ୱିତୀୟ ଏନ୍କାଉଣ୍ଟର

# ପୋଲିସ ଗୁଳିରେ ପ୍ରମୋଦ ଆହତ

- ■ ବିଜେଡି ନେତାଙ୍କୁ ବୋମାମାଡ଼ ଘଟଣାରେ ସମ୍ପୃକ୍ତ ଥିଲେ
- ■ ମାଉଜର, ଗୁଳି, ବାଇକ ଜବତ



ଆହତ ପ୍ରମୋଦ ବାରିକି।

ଗଞ୍ଜାମ,୧୫।୯(ଡି.ଏନ.ଏ.)

ଗଞ୍ଜାମ ଜିଲାରେ ପୁଣି ଜଣଙ୍କୁ ଏନ୍କାଉଣ୍ଟର ହୋଇଛି। ଶନିବାର ଗଞ୍ଜାମ ଥାନା ପୋଲିସ ଗୁଳିରେ ବ୍ରହ୍ମପୁର ଗୋଷାଣୀ ନୂଆଗାଁର ସୁଶାନ୍ତ ବେହେରା ଓରଫ କୋକ ଆହତ ହୋଇଥିଲେ। ଏହାର ୨୪ ଘଣ୍ଟା ନ ପୂରୁଣୁ ଏକାଧିକ ମାମଲାର ଅଭିଯୁକ୍ତ ତଥା ସୁଶାନ୍ତଙ୍କ ଜଣେ ସହଯୋଗୀଙ୍କୁ ରବିବାର ଭୋର୍ରେ ରମ୍ଭା ପୋଲିସ ଏନ୍କାଉଣ୍ଟର କରିଛି। ସେ ହେଲେ ଗଞ୍ଜାମ ଥାନା ପୁଇଁତୋଳା ଗ୍ରାମର ପ୍ରମୋଦ ବାରିକି (୩୦)। ପ୍ରମୋଦଙ୍କ ଡାହାଣ ଗୋଡ଼ରେ ଗୁଳି ବାଜିଛି। ତାଙ୍କୁ ପ୍ରଥମେ ଛତ୍ରପୁର ଡାକ୍ତରଖାନା ଓ ପରେ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଛି। ପୋଲିସ ତାଙ୍କ ନିକଟରୁ ଗୋଟିଏ ମାଉଜର, ଗୁଳି ଓ ବାଇକ୍ ଜବତ କରିଛି। ବିଜେଡି ନେତା ତଥା ପୂର୍ବତନ ଏମ୍ପି ପ୍ରତିନିଧିଙ୍କ ଉପରକୁ ବୋମାମାଡ ଘଟଣାରେ ପ୍ରମୋଦ ମଧ ସମ୍ପୃକ୍ତ ଥିଲେ ବୋଲି ଛତ୍ରପୁର ଏସ୍ଡିପିଓ ଉତ୍କଳ କେଶରୀ ଦାସ ସୂଚନା ଦେଇଛନ୍ତି।

ଗତ ୨୨ ତାରିଖ ସନ୍ଧ୍ୟାରେ ଗଞ୍ଜାମରେ ପୂର୍ବତନ ଏମ୍ପି ପ୍ରତିନିଧି ସୁଧୀର ପାଢ଼ୀଙ୍କ ଉପରକୁ ବୋମାମାଡ଼ ହୋଇଥିଲା। ଏହି ଘଟଣାରେ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ଜୋରଦାର ଉଦ୍ୟମ ଚଳାଇଥିଲା। ଅଭିଯୁକ୍ତ ସୁଶାନ୍ତଙ୍କୁ ଶନିବାର ଭୋର ପ୍ରାୟ ୪ଟାରେ ଗଞ୍ଜାମ ଜୟଶ୍ରୀ ଛକ ନିକଟରେ ଏନ୍କାଉଣ୍ଟର କରାଯାଇଥିଲା। ସେ ଏବେ ବ୍ରହ୍ମପୁର ବଡ଼ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଅନ୍ୟପକ୍ଷରେ ଅଭିଯୁକ୍ତ ପ୍ରମୋଦ ରାତିରେ କୃଷ୍ଣପ୍ରସାଦଗଡ଼ ଅଞ୍ଚଳରୁ ଜଣେ ସହଯୋଗୀଙ୍କ ସହ ବାଇକ ଯୋଗେ ଗଞ୍ଜାମ ଆସୁଥିବା ପୋଲିସକୁ ସୂଚନା ମିଳିଥିଲା। ତେଣୁ ପାଲୁର ଜଙ୍କଶନସ୍ଥିତ ପାଲୁର ଗ୍ରାମଠାରେ ରମ୍ଭା ଥାନା ପୋଲିସର ଏକ ଟିମ୍ ଜଗି ରହିଥିଲା। ରାତି ପ୍ରାୟ ସାଢ଼େ ୩ଟାରେ ପ୍ରମୋଦଙ୍କ ବାଇକ୍କୁ ପୋଲିସ ଅଟକାଇବାକୁ ଚେଷ୍ଟା କରିବା ବେଳେ ସେ ପ୍ରଥମେ ଗୁଳି ଚଳାଇ ଖସିଯିବାକୁ ଉଦ୍ୟମ କରିଥିଲେ। ପୋଲିସ ପାଲଟା ଗୁଳି ଚଳାଇବାରୁ ପ୍ରମୋଦଙ୍କ ଗୋଡ଼ରେ ବାଜିଥିଲା। ଫଳରେ ସେ ସେଠାରେ ପଡ଼ିଯାଇଥିବା ବେଳେ ସହଯୋଗୀ ଜଣକ ଖସି ପଳାଇଥିଲେ। ପ୍ରମୋଦଙ୍କୁ କାବୁ କରିବା ବେଳେ ଧସ୍ତାଧସ୍ତିରେ ୨ କନ୍ଷ୍ଟେବଲ ଆହତ ହୋଇଥିବା ରମ୍ଭା ଥାନା ପୋଲିସ ପକ୍ଷରୁ କୁହାଯାଇଛି। ପ୍ରମୋଦଙ୍କ ନାମରେ ବିଭିନ୍ନ ଥାନାରେ ଏକାଧିକ ମାମଲା ଥିବା ପୋଲିସ ସୂଚନା ଦେଇଛି।

## ନୂଆଦିଲ୍ଲୀରେ ନୂଆଁଖାଇ ଭେଟ୍ଘାଟ କାର୍ଯ୍ୟକ୍ରମରେ ଯୋଗଦେଲେ କେନ୍ଦ୍ରମନ୍ତ୍ରୀ

# 'କଳା ଓ ସଂସ୍କୃତିକୁ ସମୟ ଦେବା ପ୍ରଶଂସନୀୟ'



ନୂଆଦିଲ୍ଲୀଠାରେ ଜୁହାର ପରିବାର ପକ୍ଷରୁ ଆୟୋଜିତ ନୂଆଁଖାଇ ଭେଟ୍ଘାଟ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟମାନେ।

ଭୁବନେଶ୍ୱର,୧୫।୯(ବ୍ୟୁରୋ)

ବ୍ୟସ୍ତବହୁଳ ଜୀବନ ଭିତରେ ଥାଇ ମଧ ନିଜର କଳା, ସଂସ୍କୃତି, ସଂସ୍କାରକୁ ନୂଆ ପିଢିଙ୍କ ପାଖରେ ପହଞ୍ଚାଇବା ଏକ ପ୍ରଶଂସନୀୟ କାମ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ନୂଆଦିଲ୍ଲୀଠାରେ ଜୁହାର ପରିବାର ପକ୍ଷରୁ ଆୟୋଜିତ ନୂଆଁଖାଇ ଭେଟ୍ଘାଟ କାର୍ଯ୍ୟକ୍ରମରେ ଯୋଗଦେଇ ଧର୍ମେନ୍ଦ୍ର କହିଛନ୍ତି, କାର୍ଯ୍ୟବ୍ୟସ୍ତତା ମଧ୍ୟରେ ଆମର ସଂସ୍କୃତି ପରମ୍ପରାକୁ ଉଜ୍ଜୀବିତ କରିବା ପାଇଁ ଯେଉଁ କାମ ହୋଇଛି ତାହା ପ୍ରଶଂସନୀୟ। ଧୀରେ ଧୀରେ ଜୁହାର ପରିବାର ପ୍ରବାସୀ ପଶ୍ଚିମ ଓଡ଼ିଶା ଭଉଣୀ,ଭାଇମାନଙ୍କ ପାଇଁ ଏକ ଜନ ଆନ୍ଦୋଳନରେ ପରିଣତ ହୋଇଯାଇଛି। ବାଙ୍ଗାଲୁର, ହାଇଦ୍ରାବାଦଠାରୁ ଆରମ୍ଭ କରି ଭାରତବର୍ଷ ଓ ବିଶ୍ୱର ସବୁ ଅଞ୍ଚଳରେ ନୂଆଁଖାଇ ଭେଟଘାଟ, ସାମାଜିକ ଏକତ୍ରୀକରଣ କାମ ଚାଲିଛି। ମହାପ୍ରଭୁ ଜଗନ୍ନାଥ, ମା' ସମଲେଇ, ମାଣିକେଶ୍ୱରୀଙ୍କ ଆଶୀର୍ବାଦ ଯୋଗୁ ନୂଆଁଖାଇ ଜୁହାର ଆମର ସଂସ୍କୃତିକୁ ଉଜ୍ଜୀବିତ କରି ରଖିଛି ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ନନ୍ଦନକାନନର ହାତୀଛୁଆ ଚନ୍ଦନ ମୃତ



ବାରଙ୍ଗ,୧୫।୯(ଡି.ଏନ.ଏ)

ପ୍ରାଣୀ ଉଦ୍ୟାନ ନନ୍ଦନକାନନର ହାତୀସଫାରିର ହାତୀଶାଳରେ ଥିବା ଏକମାତ୍ର ଅଣ୍ଡିରା ଦନ୍ତା ହାତୀଛୁଆ ଚନ୍ଦନର ଶନିବାର ବିଳମ୍ବିତ ରାତିରେ ମୃତ୍ୟୁ ଘଟିଛି। ୧୦ବର୍ଷର ଏହି ଚନ୍ଦନ ନନ୍ଦନକାନନ ଓ ପର୍ଯ୍ୟଟକମାନଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟି ଯାଇଥିଲା। ଏହି ଦନ୍ତାହାତୀ ଚନ୍ଦନ ନନ୍ଦନକାନନ ପାଇଁ ହାତୀବଂଶର ମୁଖ୍ୟ ଆୟୁଧ ସାଜିବାକୁ ଯାଇଥିଲା। କିନ୍ତୁ ଏହାର ମୃତ୍ୟୁପରେ ନନ୍ଦନକାନନରେ ଥିବା ହାତୀମାନଙ୍କ ବଂଶବୃଦ୍ଧିରେ ଅନ୍ତରାୟ ଦେଖାଦେଇଛି । ତେବେ ଗତ ୧୩ତାରିଖରୁ ଚନ୍ଦନ ଅସୁସ୍ଥ ହେବା ପରେ ବିଭିନ୍ନ ଔଷଧ, ଇଞ୍ଜେକ୍ସନ ଦିଆଯାଇଥିଲା। କିନ୍ତୁ ସ୍ୱାସ୍ଥ୍ୟ ଅବସ୍ଥା ବିଗିଡି ଯିବାରୁ ଶନିବାର ରାତି ୨ଟାରେ ମୃତ୍ୟୁ ଘଟିଥିଲା। ତେବେ ନୂଆ ରୋଗ ହରପିସ ଭାଇରସରେ ଆକ୍ରାନ୍ତ ହୋଇ ରକ୍ତନଳୀ ସବୁକଣା ହୋଇଯିବାରୁ ଚନ୍ଦନର ମୃତ୍ୟୁ ଘଟିଛି ବୋଲି ରବିବାର ବ୍ୟବଚ୍ଛେଦ ରିପୋର୍ଟ ଆସିଥିବା ନନ୍ଦନକାନନ ଉପନିର୍ଦ୍ଦେଶକ ଜୟନ୍ତ କୁମାର ଦାସ କହିଛନ୍ତି। ବାପାମାଆକୁ ହରାଇ ୪ମାସର ହୋଇଥିବାବେଳେ ୨୮ଜୁଲାଇ ୨୦୧୦ରେ ଚନ୍ଦକା-ଡମପଡା ଡିଭିଜନରୁ ଉଦ୍ଧାର ହୋଇ ନନ୍ଦନକାନନକୁ ଆସିବାପରେ ଏହାର ନାମ ଚନ୍ଦନ ରଖାଯାଇଥିଲା।

# ସଚିନ ତେନ୍ଦୁଲକର ହୋଇପାରନ୍ତି ଓଡ଼ିଶା ଟୁରିଜମ୍ ବ୍ରାଣ୍ଡ ଆମ୍ବାସାଡର

ଭୁବନେଶ୍ୱର, ୧୫।୯(ବ୍ୟୁରୋ)

ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଓଡ଼ିଶା ପର୍ଯ୍ୟଟନର ପ୍ରଚାର ପ୍ରସାର ପାଇଁ ଜଣେ ପରିଚିତ ଚେହେରା ହୋଇପାରନ୍ତି ଟୁରିଜମ୍ ବ୍ରାଣ୍ଡ୍ ଆମ୍ବାସାଡର। ବିଶେଷ ସୂତ୍ରରୁ ମିଳିଥିବା ସୂଚନା ମୁତାବକ କ୍ରିକେଟ୍ କିମ୍ବଦନ୍ତୀ ସଚିନ ତେନ୍ଦୁଲକର ହୋଇପାରନ୍ତି ଓଡ଼ିଶା ପର୍ଯ୍ୟଟନର ସେଲିବ୍ରିଟି ବ୍ରାଣ୍ଡ୍ ଆମ୍ବାସାଡର। ଏନେଇ ବର୍ତ୍ତମାନ ସୁଦ୍ଧା କୌଣସି ନିଷ୍ପତ୍ତି ହୋଇ ନ ଥିଲେ ମଧ ଆଲୋଚନା ଜୋର୍ ଧରିଛି। ଯଦି ସବୁକିଛି ଠିକ୍ଠାକ୍ ଚାଲେ ତା'ହେଲେ ଖୁବ୍ଶୀଘ୍ର ତେନ୍ଦୁଲକର ଓଡ଼ିଶାର ଉତ୍କୃଷ୍ଟ ପର୍ଯ୍ୟଟନ ସମ୍ବଳକୁ ଜାତୀୟ ଓ ଅନ୍ତର୍ଜାତୀୟସ୍ତରୀୟ ପ୍ଲାଟଫର୍ମରେ ପ୍ରମୋଟ କରୁଥିବାର ଦେଖିବାକୁ ମିଳିବ।

ବିଦେଶୀ ଏବଂ ଦେଶୀୟ ପର୍ଯ୍ୟଟକଙ୍କୁ ଓଡ଼ିଶା ପ୍ରତି ଆକୃଷ୍ଟ କରିବାକୁ ଜଣେ ଖ୍ୟାତନାମା ସେଲିବ୍ରିଟିଙ୍କୁ ଓଡ଼ିଶା ଟୁରିଜମ୍ 'ବ୍ରାଣ୍ଡ୍ ଆମ୍ବାସାଡର' କରିବାକୁ ଦୀର୍ଘଦିନ ହେଲା ଦାବି ହୋଇଆସୁଛି। ଗୁଜରାଟ, ପଶ୍ଚିମବଙ୍ଗ, ଆସାମ ଓ ଆନ୍ଧ୍ରପ୍ରଦେଶ ପରି ରାଜ୍ୟ ଅମିତାଭ ବଚ୍ଚନ, ଶାହରୁଖ୍ ଖାନ, ପ୍ରିୟଙ୍କା ଚୋପ୍ରା ଓ ଅଜୟ ଦେବଗନ ଭଳି ବଲିଉଡ୍ ସେଲିବ୍ରିଟିଙ୍କୁ ସେମାନଙ୍କ ପର୍ଯ୍ୟଟନର ବ୍ରାଣ୍ଡ୍ ଆମ୍ବାସାଡର କରିଥିବାବେଳେ ଓଡ଼ିଶା ଏ କ୍ଷେତ୍ରରେ ବହୁପଛରେ ପଡ଼ିଯାଇଛି। ସେଲିବ୍ରିଟି ଆମ୍ବାସାଡର ନ ଥିବାରୁ ବିଭିନ୍ନ କାର୍ଯ୍ୟକ୍ରମ ହେବା ସତ୍ତ୍ୱେ ରାଜ୍ୟ ପର୍ଯ୍ୟଟନ ସେଭଳି ଲୋକଲୋଚନକୁ ଆସିପାରୁନାହିଁ। ଏନେଇ ବିଭିନ୍ନ ସମୟରେ ହୋଟେଲିୟର ଏବଂ ଟୁର୍ ଅପରେଟରମାନେ ଅଭିଯୋଗ କରିଛନ୍ତି। ଓଡ଼ିଶା ପର୍ଯ୍ୟଟନ ବିଭାଗ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କୁ ବ୍ରାଣ୍ଡ୍ ଆମ୍ବାସାଡର କରିଥିବାବେଳେ ଟିଭି ଚ୍ୟାନେଲ ବିଜ୍ଞାପନରେ ଓଡ଼ିଆ ଅଭିନେତ୍ରୀ, ଅଭିନେତାଙ୍କୁ ପ୍ରାୟତଃ ଦେଖିବାକୁ ମିଳୁଛି। ମାତ୍ର ଦେଶ କିମ୍ବା ଦେଶ ବାହାରେ ଏହି ଅଭିନେତ୍ରୀ, ଅଭିନେତାମାନେ ପରିଚିତ ନ ଥିବାରୁ ବିଦେଶୀ ପର୍ଯ୍ୟଟକଙ୍କୁ ଓଡ଼ିଶା ଆକୃଷ୍ଟ କରିବାରେ ବିଫଳ ହେଉଥିବା କୁହାଯାଉଛି। ଏହାକୁ ଦୃଷ୍ଟିରେ ରଖି ପୂର୍ବତନ ଷ୍ଟାର୍ କ୍ରିକେଟର୍ ତଥା କିମ୍ବଦନ୍ତୀ ସଚିନ ତେନ୍ଦୁଲକରଙ୍କୁ ରାଜ୍ୟ ପର୍ଯ୍ୟଟନର ଆମ୍ବାସାଡର କରିବାକୁ ବିଭାଗ ଚିନ୍ତା କରିଛି। ଏନେଇ ତେନ୍ଦୁଲକରଙ୍କ ସହ କଥାବର୍ତ୍ତା ଚାଲିଥିବାବେଳେ ଖୁବ୍ଶୀଘ୍ର ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ଜଣାପଡ଼ିଛି। ତେଣୁ ସଚିନଙ୍କ ବ୍ରାଣ୍ଡ୍ ଭାଲ୍ୟୁ ବଲିଉଡ୍ କଳାକାରଙ୍କଠାରୁ ମଧ ବିଶେଷ ଅଧିକ। ଏଭଳିସ୍ଥଳେ ଯଦି ସେ ଓଡ଼ିଶା ପର୍ଯ୍ୟଟନର ଜାତୀୟ ଓ ଅନ୍ତର୍ଜାତୀୟସ୍ତରୀୟ ବିଜ୍ଞାପନରେ ନଜର ଆସନ୍ତି ତା'ହେଲେ ରାଜ୍ୟ ପର୍ଯ୍ୟଟନ ବିଶ୍ୱସ୍ତରରେ ବିଶେଷଭାବେ ପରିଚିତ ହୋଇପାରିବ। ଓଡ଼ିଶାର ବ୍ରାଣ୍ଡିଂ କ୍ୟାମ୍ପେନକୁ ଏକ ନୂଆ ଦିଗ ମିଳିବ ଏବଂ ଆସାମ, ଗୁଜରାଟ ଓ ମଧ୍ୟପ୍ରଦେଶ ଭଳି ଓଡ଼ିଶା ଟୁରିଜମ୍ ଏକ ନୂତନ ସ୍ତରକୁ ଯାଇପାରିବ ବୋଲି ଆଲୋଚନା ହେଉଛି।

## ୪ର୍ଥ ଓଡ଼ିଶା ଟୁରିଜମ୍ କନ୍କ୍ଲେଭ

# ଗଲ୍ଫ ଟୁରିଜମ୍, ଆଡ୍ଭେଞ୍ଚର୍ ସ୍ପୋର୍ଟସ ଫୋକସ୍‌ରେ

- ■ ୨୦୨୦ ପର୍ଯ୍ୟଟନ ନୀତି ପାଇଁ ପ୍ରସ୍ତୁତ ହେବ ରୋଡ୍ମ୍ୟାପ୍
- ■ ପର୍ଯ୍ୟଟନ କ୍ଷେତ୍ରରେ ପୁଞ୍ଜି ବିନିଯୋଗକୁ ଗୁରୁତ୍ୱ
- ■ ଓଡ଼ିଶାର ଐତିହ୍ୟ, ଖାଦ୍ୟ, ହସ୍ତତନ୍ତ, ହସ୍ତଶିଳ୍ପରେ ନୂଆ ସୁଯୋଗ




ଖବରଦାତା ସମ୍ମିଳନୀରେ ଏଚ୍ଆର୍ଏଓର ଅଧ୍ୟକ୍ଷ ଜେ.କେ. ମହାନ୍ତି ଓ ଅନ୍ୟମାନେ।

ଭୁବନେଶ୍ୱର, ୧୫।୯(ବ୍ୟୁରୋ)

ବିଶ୍ୱସ୍ତରରେ ଓଡ଼ିଶା ପର୍ଯ୍ୟଟନକୁ ପହଞ୍ଚାଇବା ଏବଂ ଅଧିକରୁ ଅଧିକ ଘରୋଇ ପର୍ଯ୍ୟଟକଙ୍କୁ ଓଡ଼ିଶା ପ୍ରତି ଆକୃଷ୍ଟ କରିବା ଲକ୍ଷ୍ୟ ନେଇ ୪ର୍ଥ ଥର ପାଇଁ ଆୟୋଜିତ ହେବାକୁ ଯାଉଛି ଓଡ଼ିଶା ଟୁରିଜମ୍ କନ୍କ୍ଲେଭ୍। ହୋଟେଲ ଆଣ୍ଡ୍ ରେଷ୍ଟୁରା ଆସୋସିଏଶନ୍ ଅଫ୍ ଓଡ଼ିଶା(ଏଚ୍ଆର୍ଏଓ) ପକ୍ଷରୁ ହୋଟେଲ ସ୍ୱସ୍ତି ପ୍ରିମିୟମ୍ଠାରେ ଆସନ୍ତା ୧୮ ତାରିଖରେ ଏହା ଅନୁଷ୍ଠିତ ହେବ। ତେବେ ଚଳିତବର୍ଷ ଓଡ଼ିଶାର ଐତିହ୍ୟ, ସଂସ୍କୃତି, ଖାଦ୍ୟ, ପାରମ୍ପରିକ ହସ୍ତତନ୍ତ ଓ ହସ୍ତଶିଳ୍ପ ଉପରେ ଫୋକସ୍ ରହିବ। ଏହାସହ ପର୍ଯ୍ୟଟନ ପ୍ରଚାର ପ୍ରସାରରେ ଡିଜିଟାଲ ମିଡ଼ିଆର ଉପଯୋଗ, ଇଣ୍ଟରନ୍ୟାଶନାଲ ବିମାନ ସେବା, ପର୍ଯ୍ୟଟନ କ୍ଷେତ୍ରରେ ଅଧିକ ପୁଞ୍ଜି ବିନିଯୋଗ ଭଳି ବିଭିନ୍ନ ବିଷୟ ଏଥର କନ୍କ୍ଲେଭ୍ର ମୁଖ୍ୟ ଆଲୋଚନାର ବିଷୟ ହେବ। ପ୍ରଥମ ଥର ପାଇଁ ରାଜ୍ୟରେ ଗଲ୍ଫ ଟୁରିଜମ୍ର ବିକାଶ ପାଇଁ ଏହି କନ୍କ୍ଲେଭ୍ରେ ବିଶେଷଜ୍ଞମାନଙ୍କ ସହ ଆଲୋଚନା କରାଯିବ।

ଏଚ୍ଆର୍ଏଓ ଅଧ୍ୟକ୍ଷ ଜେ.କେ. ମହାନ୍ତିଙ୍କ ସୂଚନା ଅନୁଯାୟୀ, କନ୍କ୍ଲେଭ୍ରେ ଚଳିତବର୍ଷ ଜାତୀୟ ଓ ଅନ୍ତର୍ଜାତୀୟସ୍ତରୀୟ ପର୍ଯ୍ୟଟନ ବିଶେଷଜ୍ଞମାନଙ୍କ ସହ ଟ୍ରାଭେଲ ବ୍ଲଗର୍, କଣ୍ଟେଣ୍ଟ ରାଇଟର୍, ଫୁଡ୍ ବ୍ଲଗର୍, ଇକୋ ଟୁରିଜମ୍ ଓ ଡିଜିଟାଲ ମାର୍କେଟିଂ ବିଶେଷଜ୍ଞ, ଫିଲ୍ମମେକର୍ ଏବଂ ଏୟାରଲାଇନ୍ସ ଓ ଆଡ୍ଭେଞ୍ଚର ସ୍ପୋର୍ଟସ୍ ବିଶେଷଜ୍ଞମାନେ ଯୋଗଦେବେ। କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ ପ୍ରହ୍ଲାଦ ସିଂ ପଟେଲ ଏବଂ କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହାସହ ଆଡ୍ଭେଞ୍ଚର୍ ଟୁର୍ ଅପରେଟର୍ସ ଆସୋସିଏଶନ୍ ଅଫ୍ ଇଣ୍ଡିଆର ସଭାପତି କ୍ୟାପ୍ଟେନ୍ ସ୍ୱଦେଶ କୁମାର, ଆସୋସିଏଶନ୍ ଅଫ୍ ଡୋମେଷ୍ଟିକ୍ ଟୁର୍ ଅପରେଟର୍ସ ଅଫ୍ ଇଣ୍ଡିଆର ସଭାପତି ପି.ପି. ଖାନ୍ନା, ଇଣ୍ଡିଆ ଗଲ୍ଫ ଟୁରିଜିମ୍ ଆସୋସିଏଶନ୍ ସଭାପତି ରାଜନ ଶେହଗଲ ଏବଂ ଦେଶର ଆଗଧାଡ଼ିର ଇନ୍ବାଉଣ୍ଡ ଟୁର୍ ଅପରେଟର୍ ରାଜୀବ କୋହଲି ଏହି କନ୍କ୍ଲେଭ୍ରେ ଯୋଗଦେଇ ଓଡ଼ିଶାରେ ଗଲ୍ଫ ଟୁରିଜମ୍, ଆଡ୍ଭେଞ୍ଚର୍ ସ୍ପୋର୍ଟସ୍ ଏବଂ ଇକୋ ଟୁରିଜମ୍ କ୍ଷେତ୍ରରେ ଥିବା ସୁଯୋଗ ଓ ସମ୍ଭାବନା ସମ୍ପର୍କରେ ଆଲୋଚନା କରିବେ। ରାଜ୍ୟ ପର୍ଯ୍ୟଟନ ସଚିବ ବିଶାଲ ଦେବ, ଜଙ୍ଗଲ ଓ ପରିବେଶ ବିଭାଗ ସଚିବ ଡ. ମୋନା ଶର୍ମା, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ସଚିବ ଶୁଭା ଶର୍ମା ଏହି ଅବସରରେ ପର୍ଯ୍ୟଟନ, ପରିବେଶ ପର୍ଯ୍ୟଟନ ଏବଂ ଓଡ଼ିଶାର ଉତ୍କୃଷ୍ଟ ହସ୍ତତନ୍ତ ଓ ହସ୍ତଶିଳ୍ପ ସମ୍ପର୍କରେ ବକ୍ତବ୍ୟ ରଖିବେ। 'ବ୍ରାଣ୍ଡିଂ ଓଡ଼ିଶା' ଏହି କନ୍କ୍ଲେଭ୍ର ମୁଖ୍ୟ ବିଷୟ ଥିବାବେଳେ ରାଜ୍ୟ ପର୍ଯ୍ୟଟନ କ୍ଷେତ୍ରକୁ ୩୬୦ ଡିଗ୍ରୀ ପ୍ରୋତ୍ସାହନ ଦେବା ଲାଗି ଏଠାରେ ରୋଡ୍ମ୍ୟାପ୍ ପ୍ରସ୍ତୁତ କରାଯିବ। ପର୍ଯ୍ୟଟନ କ୍ଷେତ୍ରରେ ପୁଞ୍ଜି ନିବେଶ, ପର୍ଯ୍ୟଟନ ଓ ଆତିଥ୍ୟ କ୍ଷେତ୍ରରେ ଥିବା ସାମ୍ଭାବ୍ୟ ସୁଯୋଗକୁ ଭିତ୍ତିକରି ଷ୍ଟେକ୍ହୋଲ୍ଡରମାନଙ୍କ ପରାମର୍ଶ ନିଆଯିବ। 'ଟୁରିଜମ୍ ଟୁ ବି ଦ ଡ୍ରାଇଭିଂ ଫୋର୍ସ ଅଫ୍ ଷ୍ଟେଟ୍ ଇକୋନୋମୀ' ବା 'ପର୍ଯ୍ୟଟନ ରାଜ୍ୟ ଅର୍ଥ ବ୍ୟବସ୍ଥାର ପ୍ରେରକ ଶକ୍ତି' ଏହି କନ୍କ୍ଲେଭ୍ର ମୁଖ୍ୟ ଥିମ୍ ରହିବ। କନ୍କ୍ଲେଭ୍ରେ ବିଭିନ୍ନ ଏୟାରଲାଇନ୍ସର ମୁଖ୍ୟମାନେ ଯୋଗଦେବାକୁ ଥିବାବେଳେ ରାଜ୍ୟକୁ କିଭଳି ଅଧିକରୁ ଅଧିକ ଇଣ୍ଟରନ୍ୟାଶନାଲ ଏବଂ ଡୋମେଷ୍ଟିକ୍ ଫ୍ଲାଇଟ୍ ସେବା ଯୋଗାଇହେବ ତାହା ଉପରେ ଆଲୋଚନା କରାଯିବ। ଏନେଇ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ। ଏହାସହ ଅଧିକ ଷ୍ଟାର୍ ହୋଟେଲ ପ୍ରତିଷ୍ଠା, ଜିଏସ୍ଟିକୁ ନେଇ ଲାଗି ରହିଥିବା ସମସ୍ୟା, ହୋଟେଲ୍କୁ ଇନ୍ଫ୍ରାଷ୍ଟ୍ରକ୍ଚର କାଟାଗୋରୀରେ ଅନ୍ତର୍ଭୁକ୍ତ କରିବା, ପ୍ରସ୍ତୁତ ହେବାକୁ ଥିବା ରାଜ୍ୟର ନୂଆ ଟୁରିଜମ୍ ପଲିସି ୨୦୨୦ ଆଦି ଉପରେ ଆଲୋଚନା କରାଯିବା ସହ ପ୍ରାପ୍ତ ନିଷ୍କର୍ଷକୁ ରାଜ୍ୟ ସରକାରଙ୍କ ନିକଟକୁ ପଠାଯିବ ବୋଲି ରବିବାର ଏଚ୍ଆର୍ଏଓ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି।



ଶତ୍ରୁକୁ ମିତ୍ରରେ ପରିଣତ କରିବା ହେଉଛି ଅହିଂସାର ଏକ ଯାଦୁକରୀ ଶକ୍ତି।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ଦୁର୍ଘଟଣାରେ ଜଣେ ଗୁରୁତର

**ରସୁଲପୁର,୧୫।୯(ଡିଏନଏ):** ରସୁଲପୁର ବ୍ଲକ ସୁଆଁସାହି ଗ୍ରାମର ଶ୍ୟାମସୁନ୍ଦର ନାୟକ(୫୫) ନାମକ ବ୍ୟକ୍ତି ଏକ ଦୁର୍ଘଟଣାର ଶିକାର ହୋଇ ଗୁରୁତର ହୋଇଛନ୍ତି। ଶ୍ୟାମ ସୁନ୍ଦର ପେଶାରେ ଜଣେ ଦରଜୀ ଅଟନ୍ତି। ସେ କାମ ସାରି ରବିବାର ରାତିରେ ସାହାପୁରରୁ ଫେରୁଥିବାବେଳେ ସୁଆଁସାହି ଛକ ନିକଟରେ ରାସ୍ତା ପାର ହେଉଥିଲେ। ଏହି ସମୟରେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।

### ସ୍ୱଚ୍ଛତା ଦିବସ ପାଳିତ

**ସିଂହପୁର,୧୫।୯(ଡିଏନଏ):** ବିଞ୍ଝାରପୁର ବ୍ଲକ ସିଂହପୁର ନବଘନ ମହନ୍ତ ମାୟାଧର ନୋଡାଲ ଉପ୍ରା ବିଦ୍ୟାଳୟ ପକ୍ଷରୁ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକମାନେ ସ୍ୱଚ୍ଛତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଶପଥ ପାଠ, ପତ୍ରଲିଖନ, ଜଳସଂରକ୍ଷଣ, ସୌଚାଳୟ ବ୍ୟବହାର ଆଦି ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି ଦିବସରେ ପ୍ରଧାନ ଶିକ୍ଷକ ପ୍ରତାପ ପାତ୍ର, ସହକାରୀ ଶିକ୍ଷକ ଜ୍ଞାନରଞ୍ଜନ ସାମଲ, ମନୋରଞ୍ଜନ ବେଉରିଆ, ପ୍ରଭାତ ସାହୁ, କଳା ଶିକ୍ଷକ ଦିନେଶ ମଲିକ, ସତ୍ୟଭାମା ବାରିକ, ନମିତା ମଲିକ, ମଞ୍ଜୁଲତା ଥାଟୋଇ, କାଜଲ ଦଳାଇ ଓ ରଶ୍ମିତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ପାଣିକୋଇଲି ପୋଲିସ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା

**କୋରେଇ,୧୫।୯(ସ୍ୱ.ପ୍ର.):** ପାଣିକୋଇଲି ଥାନା ପକ୍ଷରୁ ରବିବାର ଏକ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ଶୋଭାଯାତ୍ରା ପାଣିକୋଇଲି ମା' ତାରିଣୀ ମନ୍ଦିରରୁ ବାହାରି ବଜାର ପରିକ୍ରମା କରି ଥାନାରେ ପହଞ୍ଚିଥିଲା। ଏଥିରେ ପାଣିକୋଇଲି ପୋଲିସ, ଆମ ପୋଲିସ ସମିତି, ବରିଷ୍ଠ ନାଗରିକ ମଞ୍ଚ, ଆମେ ବିପଦର ସାଥୀ, ମା' ତାରିଣୀ ଟ୍ୟାକ୍ସି ଓ ପିକ୍‌ଅପ୍ ଆସୋସେଶନ ଓ ବିଦ୍ୟା ଗ୍ରୁପ ଅଫ ଇନ୍‌ଷ୍ଟିଚ୍ୟୁଶନ ଏବଂ ଡିଗ୍ରୀ କଲେଜର ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ଥାନାଧିକାରୀ ଅଜୟ କୁମାର ଜେନାଙ୍କ ନେତୃତ୍ୱରେ ଏସ୍ଆଇ କୈଳାସ ଚନ୍ଦ୍ର ଭୋଇ, ପୁଷ୍ପଲତା ବେହେରା, ଏଏସ୍ଆଇ ସଞ୍ଜୟ କୁମାର ଦାଶ, ହାବିଲଦାର ବିଜୟ ଦାସ, ସୁଶାନ୍ତ ଦାଶ, ନିର୍ମଳ ସାହୁ, ଅଞ୍ଜୁଲତା ସାହୁ, ନୃସିଂହ ଦଳାଇ, ସୁରେନ୍ଦ୍ର ରାୟଙ୍କ ସମତେ ଅନ୍ୟମାନେ ସାମିଲ ହୋଇଥିଲେ। ସେହିପରି ଆମେ ବିପଦର ସାଥି ସଭାପତି ଅଶୋକ କୁମାର ବେହେରା, ସୁବାସ ଧଳ, ତାରିଣୀ ପଟ୍ଟନାୟକ, ପ୍ରଫୁଲ୍ଲ ଦାସ, ଦୋଳଗୋବିନ୍ଦ ଦେଠୀ, ଅଦ୍ୱୈତ ପ୍ରଶାଦ ଦାଶ, ସୂର୍ଯ୍ୟମଣୀ ପଣ୍ଡା, ପ୍ରାର୍ଥ ସାରଥି ଜେନା, ମାୟାଧର ସାହୁଙ୍କ ସମେତ ଶତାଧିକ ଯୁବ ଛାତ୍ର କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

### ଅବସରପ୍ରାପ୍ତ କର୍ମଚାରୀ ମହାସଂଘ ପକ୍ଷରୁ ଚାରାରୋପଣ

**ଧର୍ମଶାଳା,୧୫।୯(ଡି.ଏନ୍.ଏ.):** ରାଜ୍ୟ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ମହାସଂଘ ଧର୍ମଶାଳା ଶାଖା ପକ୍ଷରୁ ରବିବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜଗନ୍ନାଥ ସଡ଼କର ଉଭୟ ପାର୍ଶ୍ୱରେ ଶତାଧିକ ଚାରାରୋପଣ କରାଯାଇ ବୃକ୍ଷର ଉପକାରିତା ଉପରେ ଜନସଚେତନତା କରାଯାଇଛି। ଏହି କାର୍ଯ୍ୟକ୍ରମରେ ପରିବେଶବିତ ଶ୍ରୀନିବାସ ଜେନା, ଧର୍ମଶାଳା ଥାନା ଅଧିକାରୀ ସରୋଜ କୁମାର ସାହୁ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଜଳଧର ମହାନ୍ତି, ରୋଟାରିଆନ ମାଧୁରୀ ଶତପଥୀ, ବିନି ଦେଇ, ଧର୍ମଶାଳା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଚ୍ୟାଉ ପଟ୍ଟନାୟକ, କେନ୍ଦ୍ର ବାଲ୍ ଶିଶୁ ସାହିତ୍ୟିକ ପୁରସ୍କାର ପ୍ରାପ୍ତ ବଟକୃଷ୍ଣ ଓଝା, ଜିଲା ଅବସରପ୍ରାପ୍ତ କର୍ମଚାରୀ ସଙ୍ଘ ସମ୍ପାଦକ ବିବେକାନନ୍ଦ ରାୟ ପ୍ରମୁଖ ଯୋଗଦେଇ ଚାରାରୋପଣ କରିଥିଲେ। ଧର୍ମଶାଳା ଶାଖା ସଭାପତି ଯଧିଷ୍ଠିର ସ୍ୱାଇଁ, ସମ୍ପାଦକ ବୈକୁଣ୍ଠନାଥ ପାଣି, ଭିକାରୀ ଚରଣ ମଲିକ, ପ୍ରଫୁଲ୍ଲ କୁମାର ନାୟକ, ସୁନାକର ସାହୁ, ପୀତବାସ ପାତ୍ର, ଭାସ୍କର ନାରାୟଣ ସେଠୀ, ବଟକୃଷ୍ଣ ସାହୁ, ମହମ୍ମଦ ଅଜିଜୁଲ୍ଲା ପ୍ରମୁଖ ଯୋଗଦେଇ ଚାରାରୋପଣର ଉପକାରିତା ଉପରେ ସଚେତନତା ସୃଷ୍ଟି କରିଥିଲେ।

---

■ ଦୁର୍ନୀତିରେ ବୁଡ଼ିଛି ମେଗା ପାନୀୟ ଜଳ ପ୍ରକଳ୍ପ

# ଘୋଷଣା ଅନେକ, ଅଗ୍ରଗତି ନୈରାଶ୍ୟଜନକ

**ଯାଜପୁର ଅଫିସ,୧୫।୯**

ଯାଜପୁର ଜିଲାର ଗ୍ରାମାଞ୍ଚଳରେ ପାନୀୟ ଜଳ ବ୍ୟବସ୍ଥାକୁ ସୁଧାରିବା ପାଇଁ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ (ଆର୍‌ଡବ୍ଲ୍ୟୁଏସ୍‌ଏସ୍) ବିଭାଗ ପକ୍ଷରୁ ବିଭିନ୍ନ ମେଗା ପ୍ରକଳ୍ପର ପରିକଳ୍ପନା କରାଯାଉଛି। ଏଥିପାଇଁ ବ୍ୟୟ ଅଟକଳ ହେଉଛି। ଗତ ୧୧ ତାରିଖରେ ଆର୍‌ଡବ୍ଲ୍ୟୁଏସ୍‌ଏସ୍‌ର ଇଞ୍ଜିନିୟର-ଇନ୍-ଚିଫ୍ ଯାଜପୁର ଓ ବିଞ୍ଝାରପୁର ବ୍ଲକ ପାଇଁ ୪୧୮.୮୭ କୋଟି ଏବଂ ଦାନଗଦୀ ବ୍ଲକ ପାଇଁ ୧୩୫.୮୪ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇ ପ୍ରଶାସନିକ ମଞ୍ଜୁରୀ ପାଇଁ ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗର ପ୍ରିନ୍ସିପାଲ ସେକ୍ରେଟାରୀଙ୍କୁ ଅବଗତ କରାଇଛନ୍ତି। ଅନୁରୂପଭାବେ ପୂର୍ବରୁ ବଡଚଣା, ଧର୍ମଶାଳା ଓ ରସୁଲପୁର ବ୍ଲକ ପାଇଁ ବ୍ୟୟ ଅଟକଳ ପ୍ରସ୍ତୁତ ହୋଇଥିଲା। ହେଲେ ଏ ସବୁର କାର୍ଯ୍ୟକାରିତା କ୍ଷେତ୍ରରେ ବିଫଳତା ଜିଲାବାସୀଙ୍କୁ ନିରାଶ କରିଛି। ଏଥିଯୋଗୁ ସମ୍ପୃକ୍ତ ଲୋକଙ୍କ ମଧ୍ୟରେ ପ୍ରତିକୂଳ ପ୍ରଭାବ ପଡିବା ସହିତ ସରକାର ଭୁଆଁ ବୁଲାଉଛନ୍ତି ବୋଲି ମତପ୍ରକାଶ ପାଉଛି। ଅନ୍ୟପକ୍ଷେ ନିର୍ମାଣାଧୀନ ସୁକିନ୍ଦା ମେଗା ପାଇପ୍ ଜଳଯୋଗାଣ ପ୍ରକଳ୍ପରେ ନିମ୍ନମାନର ପାଇପ ଓ ଲୁହା ସାମଗ୍ରୀ ବ୍ୟବହାର ପ୍ରକଳ୍ପର ଦୀର୍ଘସ୍ଥାୟୀତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ପ୍ରକଳ୍ପରେ ବିଭାଗୀୟ ଅଧିକାରୀ, ଲୁହା ସାମଗ୍ରୀ ଯୋଗାଣକାରୀ ସଂସ୍ଥା ଶ୍ୟାମ ଷ୍ଟିଲ ଓ ଦାୟିତ୍ୱରେ ଥିବା ଠିକାସଂସ୍ଥା ନାଗାର୍ଜୁନ କନଷ୍ଟ୍ରକ୍ସନ କମ୍ପାନୀ ମଧ୍ୟରେ କୋଟିକୋଟି ଟଙ୍କାର ମୂଳଚାଲ ହୋଇଥିବା ସନ୍ଦେହ କରାଯାଇଛି। ଏହାର ଏକ ଉଚ୍ଚସ୍ତରୀୟ ନିରପେକ୍ଷ ତଦନ୍ତର ଆବଶ୍ୟକତା ରହିଛି ବୋଲି ସ୍ଥାନୀୟ ଅଞ୍ଚଳରେ ଦାବି ହେଉଛି।

୨୦୧୮ରେ ଆର୍‌ଡବ୍ଲ୍ୟୁଏସ୍‌ଏସ୍ ପକ୍ଷରୁ ବଡଚଣା ବ୍ଲକର ୨୦୭ଟି ଗ୍ରାମକୁ ନେଇ ଏକ ବୃହତ୍ ପାନୀୟ ଜଳ ଯୋଗାଣ ପ୍ରକଳ୍ପର ପରିକଳ୍ପନା କରାଯାଇଥିଲା। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଧର୍ମଶାଳା ବ୍ଲକର ୨୧ଟି ଗ୍ରାମ ମଧ୍ୟ ସ୍ୱଚ୍ଛ ତଥା ପର୍ଯ୍ୟାପ୍ତ ପାନୀୟ ଜଳର ସୁବିଧା ପାଇପାରିବେ ବୋଲି ଅଟକଳରେ ସ୍ଥାନ ପାଇଥିଲା। ଏହି ପ୍ରକଳ୍ପ ଗେଙ୍ଗୁଟି ନଦୀର ଜଳ ବ୍ୟବହାର ପାଇଁ ରହିଥିବାବେଳେ ରାଧାଦେଇପୁର ନିକଟସ୍ଥ ଦାମୋଦରପୁରଠାରେ ଏହାର ଜଳ ସଂଗ୍ରହ ପ୍ରକଳ୍ପ ସ୍ଥାପନର ଯୋଜନା ରହିଥିଲା। ଏଥିପାଇଁ ୩୪୦.୭୬ କୋଟି ଟଙ୍କା ସମ୍ଭାବ୍ୟ ଅଟକଳ ପ୍ରସ୍ତୁତ ହୋଇଥିଲା। ସେହିପରି ଧର୍ମଶାଳା ଓ ରସୁଲପୁର ବ୍ଲକର ୨୦୮ଟି ଗ୍ରାମକୁ ଜଳଯୋଗାଣ ପାଇଁ ଏକ ମେଗା ପ୍ରକଳ୍ପର ପରିକଳ୍ପନା କରାଯାଇଥିଲା। ଏଥିପାଇଁ ୨୬୬.୬୮ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା। ଅଥଚ ଏହିସବୁ ପ୍ରସ୍ତାବ କେବଳ ଘୋଷଣାରେ ସୀମିତ ରହିଛି। ଟେଣ୍ଡର କିମ୍ବା ବିଭାଗୀୟ କାର୍ଯ୍ୟ ଆଗକୁ ବଢ଼ିବାର ନାଁ ଧରୁନାହିଁ। ଫଳରେ ଗ୍ରୀଷ୍ମ ଋତୁରେ ଜିଲାବାସୀଙ୍କ ପାନୀୟ ସମସ୍ୟାର ସମାଧାନ ଅଧାରେ ଅଟକି ରହିଛି। ଆର୍‌ଡବ୍ଲ୍ୟୁଏସ୍‌ଏସ୍‌ର ଇଞ୍ଜିନିୟର-ଇନ୍-ଚିଫ୍ ନିକଟରେ ଆରଆଇଡିଏଫ୍ କାର୍ଯ୍ୟକ୍ରମରେ ବିଞ୍ଝାରପୁର ଓ ଯାଜପୁର ବ୍ଲକ ପାଇଁ ୪୧୮.୮୭ କୋଟି ଟଙ୍କାର ପ୍ରସ୍ତାବ ଦେଇଛନ୍ତି। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଦୁଇ ବ୍ଲକର ୨୦୦ରୁ ଊର୍ଦ୍ଧ୍ୱ ଗ୍ରାମ ସ୍ୱଚ୍ଛ ପାନୀୟ ଜଳ ପାଇ ପାରିବେ। ସେହିପରି ଦାନଗଦୀ ବ୍ଲକର ଶତାଧିକ ଗ୍ରାମ ପାଇଁ ୧୩୫.୮୪ କୋଟି ଟଙ୍କାର ମେଗା ଜଳଯୋଗାଣ ପ୍ରକଳ୍ପର ପରିକଳ୍ପନା କରାଯାଇଛି। ପୂର୍ବରୁ ଡିଏମ୍‌ଫ ପାଣ୍ଠିରେ ପ୍ରାୟ ୮୦କୋଟି ଟଙ୍କାର ସୁକିନ୍ଦା ମେଗା ପାଇପ୍ ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ଏଥିରେ ନିମ୍ନମାନର ଷ୍ଟିଲ ବ୍ୟବହାର ହେଉଥିବା ପୂର୍ବରୁ ଇଞ୍ଜିନିୟର ପ୍ରାଧିକରଣ ମୋହର ମାରିଥିଲା। ହେଲେ ଏହାକୁ ନ ମାନି ବିଭାଗୀୟ ଅଧିକାରୀମାନେ ପୁଣି ଷ୍ଟିଲ ସାମଗ୍ରୀକୁ କଟକ ସେଣ୍ଟ୍ରାଲ ଲାବୋରୋଟାରୀ (ଆରଆଣ୍ଡବି) ଏବଂ ଭୁବନେଶ୍ୱର ଆଇଏମଏମଟି ଲାବୋରୋଟୋରୀରେ ପରୀକ୍ଷା କରାଯାଇ ବ୍ୟବହାର ଉପଯୋଗୀ ବୋଲି ଦର୍ଶାଯାଇଛି। ଏଥିରେ ଏକ ବଡଧରଣର କିକବ୍ୟାକ ହୋଇଥିବା ଆଲୋଚନା ହେଉଛି। ଏହି ଅଭିଯୋଗକୁ ଆର୍‌ଡବ୍ଲ୍ୟୁଏସ୍‌ଏସ୍‌ର ନିର୍ବାହୀ ଯନ୍ତ୍ରୀ ଅମିୟ କୁମାର ପରିଜା ଖଣ୍ଡନ କରି ଉପଯୁକ୍ତ ପରୀକ୍ଷାନିରୀକ୍ଷା କରି ଷ୍ଟିଲ ସାମଗ୍ରୀ ବ୍ୟବହାର କରାଯାଉଛି ବୋଲି କହିଛନ୍ତି।



■ ପ୍ରସ୍ତାବରେ ସୀମିତ ବଡଚଣା, ଧର୍ମଶାଳା, ରସୁଲପୁର ପ୍ରକଳ୍ପ

■ ଯାଜପୁର, ବିଞ୍ଝାରପୁର ଓ ଦାନଗଦୀ ବ୍ଲକ ପାଇଁ ପୁଣି ୫୫୪.୭୧ କୋଟି ମଞ୍ଜୁର

---

## ଯାଜପୁର ଔଷଧ ବ୍ୟବସାୟୀ ସଂଘର କର୍ମକର୍ତ୍ତା ନିର୍ବାଚନ

**ଯାଜପୁର ଟାଉନ,୧୫।୯(ଡିଏନଏ)**

ଯାଜପୁର ଜିଲା ଔଷଧ ବ୍ୟବସାୟୀ ସଂଘର କର୍ମକର୍ତ୍ତା ନିର୍ବାଚନ ରବିବାର ଅନୁଷ୍ଠିତ ହୋଇଯାଇଛି। ଯାଜପୁର ରୋଟାରୀ ଭବନଠାରେ ୨୦୧୯-୨୦୨୨ ମସିହା ପାଇଁ ନିର୍ବାଚନ କମିଟିର ସଭ୍ୟ ରାକେଶ ଦାସ, ବୀରକିଶୋର ଅଗ୍ରୱାଲ, କମଳାକାନ୍ତ ନାୟକଙ୍କ ଉପସ୍ଥିତିରେ ଯାଜପୁର ଟାଉନ୍ ଜୋନ୍‌ର ୭୦ରୁ ଊର୍ଦ୍ଧ୍ୱ ମେଡିସିନ୍ ବ୍ୟବସାୟୀଙ୍କ ଉପସ୍ଥିତିରେ ନିର୍ବାଚନ କରାଯାଇଥିଲା। ସର୍ବସମ୍ମତିକ୍ରମେ ଅଭୟ ମିଶ୍ର, ଗୋପାଳ ଚନ୍ଦ୍ର ପୃଷ୍ଟି, ଜ୍ୟୋତି ପ୍ରକାଶ ସାହୁ, ଅଜୟ କୁମାର ଦାସ, କମଳାକାନ୍ତ ନାୟକ ଓ ମାନସ ରଞ୍ଜନ ଦାସଙ୍କୁ ଜିଲା କାର୍ଯ୍ୟକାରୀ କମିଟିର ସଭ୍ୟ ଭାବେ ମନୋନୀତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଜିଲା ସମ୍ପାଦକ ମନୋଜ ଜେନା ପରିଚାଳନା କରିଥିବାବେଳେ ବରିଷ୍ଠ ସଭ୍ୟ ଶ୍ୟାମସୁନ୍ଦର ଶତପଥୀ, ଗୋବିନ୍ଦ ଚନ୍ଦ୍ର ସାମଲ, କୁଲିନ୍ ବିହାରୀ ଖୁଣ୍ଟିଆ, ଗସ୍ ଅଲ୍ଲୀ ଖାଁ, ଦିପ୍ତିପ୍ରକାଶ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ବେହେରା, ଶ୍ରୀକାନ୍ତ କୁମାର କର, ଜିତେନ୍ଦ୍ର କୁମାର ଦାସ, ପ୍ରତାପ କୁମାର ଦାସ, ଶ୍ରୀକାନ୍ତ କର, ପ୍ରଦୀପ କୁମାର ମହାନ୍ତି, ଅଭୟ କୁମାର ସାହୁ, ତ୍ରିଲୋଚନ ଉପାଧ୍ୟାୟ, ରଞ୍ଜନ କୁମାର ନାୟକଙ୍କ ସମେତ ୭୦ରୁ ଊର୍ଦ୍ଧ୍ୱ ଔଷଧ ବ୍ୟବସାୟୀ ଉପସ୍ଥିତ ଥିଲେ।

---

■ ବ୍ୟାସନଗରରେ ନୂଆଁଖାଇ ଭେଟ୍‌ଘାଟ୍

# 'ଭାଇଚାରା, ଆବେଗର ପର୍ବ ନୂଆଁଖାଇ'

**ଯାଜପୁର ଅଫିସ,୧୫।୯**

ପର୍ବପର୍ବାଣି ପଶ୍ଚିମ ଓଡ଼ିଶାର ଲୌକିକତା। ଯାନିଯାତ୍ରା ଚଳଣିର ଏକ ପ୍ରତିରୂପ। ଜୀବନ ଜୀଇବା ସହ ମଣିଷର ସଂସ୍କୃତି ଓ ସାମାଜିକତାର ସମ୍ବନ୍ଧ ଅତି ନିବିଡ। ଭାରତର ବିଭିନ୍ନ ସମାଜରେ, ବିଭିନ୍ନ ସ୍ଥାନରେ ନୂଆଁଖାଇ ପର୍ବ ପାଳିତ ହୁଏ। କିନ୍ତୁ ପଶ୍ଚିମ ଓଡ଼ିଶାରେ ଏହା ଯେପରି ସାମୂହିକ ଭାବରେ ପାଳିତ ହୁଏ, ଅନ୍ୟତ୍ର ତାହା ପରିଦୃଷ୍ଟ ହୁଏ ନାହିଁ। ଜୀବନର ଦୁଃଖ, ଶୋକ, ପ୍ରଣୟ, ସ୍ନେହ ମମତା, ଭାଇଚାରା ଓ ଆବେଗର ପର୍ବ ନୂଆଁଖାଇରେ ସମସ୍ତେ ସାମିଲ ହେବା ନିଶ୍ଚିତଭାବେ ଅନ୍ୟମାନଙ୍କ ପାଇଁ ଉଦାହରଣ ହୋଇପାରେ ବୋଲି ବକ୍ତାମାନେ ମତପୋଷଣ କରିଛନ୍ତି। ରବିବାର ବ୍ୟାସଦେବ ଟାଉନହଲଠାରେ ବ୍ୟାସନଗର ନୂଆଁଖାଇ ପରିବାରର ବାଙ୍କବିହାରୀ ମିଶ୍ର, ସୁବୋଧ ପଣ୍ଡା, ପ୍ରଦୀପ ଚାନ୍ଦ, ଉମାରାଣୀ ପଣ୍ଡା ଓ ସଂସ୍କୃତି ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଭେଟ୍‌ଘାଟ୍ ଉତ୍ସବରେ ପଶ୍ଚିମ ଓଡ଼ିଶାର ୪୦୦ରୁ ଊର୍ଦ୍ଧ୍ୱ ପରିବାର ଯୋଗଦେଇ ଭରପୂର ମନୋରଞ୍ଜନ କରିଥିଲେ। ସ୍ନିଗ୍ଧାରାଣୀ ହୋତା, ଦେବସ୍ମିତା କର, ମନନ ପଧାନ ଓ ସୋନିଆ ପ୍ରସାଦଙ୍କ ଛାନ୍ଦାୟିତ ନୃତ୍ୟରେ ସମସ୍ତେ ଝୁମି ଉଠିଥିଲେ। ପରେ ବରଗଡର କୋଶଳି ଅର୍କେଷ୍ଟ୍ରା କଳାକାରଙ୍କ ପାରମ୍ପରିକ ନୃତ୍ୟ ଓ ସଂଗୀତ ସମସ୍ତଙ୍କୁ ଆମୋଦିତ କରିଥିଲା। ଏହାସହ ସୁବଳ ପଧାନ, ବିଭାସ ଦାସ, ଅର୍ଚ୍ଚନା ପଧାନ ଓ ଅଲିନ ସାହୁ ବିଭିନ୍ନ ସମ୍ବଲପୁରୀ ଗୀତ ଗାଇ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟା, ଯାଜପୁର ଜିଲା ପ୍ରତିନିଧି ସଂଯୁକ୍ତା ମହାପାତ୍ର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନୂଆଁଖାଇ ପଶ୍ଚିମଓଡିଶାବାସୀଙ୍କ ପାରିବାରିକ ସଂହତି ବୋଲି କହିବା ସହିତ କେବଳ ବ୍ୟକ୍ତିଗତ ଜୀବନର ସୁଖ ବା ଦୁଃଖ ନୁହେଁ, ଏଠାରେ ଦାମ୍ପତ୍ୟ ଜୀବନର ସମ୍ପୂର୍ଣ୍ଣ ଚିତ୍ର ଦେଖିବାକୁ ମିଳେ। ଏପରିଭାବେ ଏକ ଉନ୍ନତଶୀଳ ସାମାଜିକ ଜୀବନଯାପନ କରିବା ପାଇଁ ଏହି ମହାନ୍ ପର୍ବ ପ୍ରେରଣାର ଏକ ପ୍ରତୀକ ହୋଇଛି ବୋଲି କହିଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ହୋଇଥିବା ଝୋଟି, ବକ୍ତୃତା, ସଂଗୀତ, ଚିତ୍ରାଙ୍କନ ଆଦି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ବ୍ୟାସନଗର ନୂଆଁଖାଇ ପରିବାରର ହର୍ଷବର୍ଦ୍ଧନ ବେହେରା, ନୀଳକଣ୍ଠ ପଧାନ, ନରେନ୍ଦ୍ର ପଧାନ, ପ୍ରିତୀଶ ଗଡତ୍ୟା, ରାଧାକାନ୍ତ ସାହୁ, ପୂର୍ଣ୍ଣେନ୍ଦୁ ଶୁକ୍ଲା, ବରୁଣ ବନଛୋର, ଟଙ୍କଧର ବାରିକ ପ୍ରମୁଖ ପରିଚାଳନାରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ।




ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

---

## ନାଳକୁ ଗାଧୋଇବାକୁ ଯାଇ ନାବାଳକଙ୍କ ମୃତ୍ୟୁ

**ବିଞ୍ଝାରପୁର,୧୫।୯(ଡି.ଏନ.ଏ)**

ବିଞ୍ଝାରପୁର ବ୍ଲକ କପିଳା ଗ୍ରାପ ମାନ୍ଧାତାପାଟଣା ଗ୍ରାମର ବିଦ୍ୟାଧର ମଲ୍ଲିକଙ୍କ ପୁଅ ରାଜା ମଲ୍ଲିକ(୯) ରବିବାର ପୂର୍ବାହ୍ନରେ ସ୍ଥାନୀୟ ଯୋକେଇ ନାଳକୁ ଗାଧୋଇବାକୁ ଯାଇଥିବାବେଳେ ବୁଡି ଯାଇଥିଲେ। ଫଳରେ ତାଙ୍କର ମୃତ୍ୟୁ ହୋଇଯାଇଛି। ଖବର ମୁତାବକ, ରାଜା ସକାଳେ ସାଙ୍ଗଙ୍କ ସହିତ ତାଙ୍କ ଘର ନିକଟସ୍ଥ ଯୋକେଇ ନାଳ ସଂଲଗ୍ନ ଗଣେଶ ପୋଲ ନିକଟକୁ ଗାଧୋଇବାକୁ ଯାଇଥିଲେ। ଗାଧୋଇବାବେଳେ ସେ ବୁଡିଯାଉଥିବା ଦେଖି ଅନ୍ୟ ସାଙ୍ଗମାନେ ତାଙ୍କୁ ଉଦ୍ଧାର କରିବାକୁ ଚିତ୍କାର କରିଥିଲେ। ହେଲେ ଆଖପାଖରେ କେହି ନ ଥିବାରୁ ରାଜାଙ୍କୁ ଉଦ୍ଧାର କରିବା ସମ୍ଭବ ହୋଇପାରି ନ ଥିଲା। ତୁରନ୍ତ ରାଜାଙ୍କ ସାଙ୍ଗମାନେ ଘଟଣା ସମ୍ପର୍କରେ ଗ୍ରାମରେ ଆସି କହିବାରୁ ଗ୍ରାମବାସୀମାନେ ଘଟଣାସ୍ଥଳରେ ପହଞ୍ଚିବାବେଳକୁ ରାଜା ପାଣିରେ ନିଖୋଜ ହୋଇଯାଇଥିଲେ। ଏହାପରେ ଗ୍ରାମବାସୀମାନେ ଯୋକେଇ ନାଳରେ ତାଙ୍କୁ ଖୋଜାଖୋଜି କରିବା ପରେ ତାଙ୍କ ମୃତଦେହକୁ ଉଦ୍ଧାର କରିବା ସହିତ ଘଟଣା ସମ୍ପର୍କରେ ପୋଲିସକୁ ଖବର ଦେଇଥିଲେ। ବିଞ୍ଝାରପୁର ପୋଲିସ ରାଜାଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ଏକ ମାମଲା (ନଂ. ୨୭/୧୯) ରୁଜୁ କରିଛି। ରାଜା ସ୍ଥାନୀୟ ମାନ୍ଧାତାପାଟଣା ପ୍ରାଥମିକ ବିଦ୍ୟାଳୟର ୪ର୍ଥ ଶ୍ରେଣୀର ଛାତ୍ର ଥିଲେ।

---

ସ୍ୱାମୀ ମୌନାନନ୍ଦ ସରସ୍ୱତୀଙ୍କ ବ୍ରହ୍ମଲୀନର ବାର୍ଷିକ ମହୋତ୍ସବ

# ଯୋଗଦେଲେ ଶତାଧିକ ସାଧୁସନ୍ଥ

**ଚଣ୍ଡିଖୋଲ,୧୫।୯(ଡିଏନଏ)**

ଯାଜପୁର ଜିଲାର ମଧୁପୁର ବେଢା ପର୍ବତ ଶିଖରରେ ପ୍ରତିଷ୍ଠିତ ଶ୍ରୀ ଗୁରୁ ଆଶ୍ରମର ପ୍ରାଣ ପ୍ରତିଷ୍ଠାତା ତଥା ସନାତନ ଧର୍ମ ଓ ସଂସ୍କୃତି ପ୍ରଚାରକ ସନ୍ଥ ଶିରୋମଣି ସ୍ୱାମୀ ମୌନାନନ୍ଦ ସରସ୍ୱତୀ ମହାରାଜଙ୍କ ବ୍ରହ୍ମଲୀନର ଚତୁର୍ଥ ବାର୍ଷିକ ମହୋତ୍ସବ ଚଢ଼େଇଧରାସ୍ଥିତ ଆଶ୍ରମ ପରିସରରେ ମହାସମାରୋହରେ ପାଳିତ ହୋଇଯାଇଛି। ଇତ୍ୟବସରରେ ଶନିବାର ପ୍ରତ୍ୟୁଷରୁ ଆଶ୍ରମରେ ସାହଣ ମେଲା ଦର୍ଶନ କରାଯାଇଥିଲା। ଆଶ୍ରମ ତତ୍ତ୍ୱାବଧାରକ ବାବା ଜ୍ଞାନାନନ୍ଦ ସରସ୍ୱତୀଙ୍କ ତତ୍ତ୍ୱାବଧାନରେ ଆଶ୍ରମର ଅଧିଷ୍ଠାତା ଦେବ ଶଙ୍କଟମୋଚନ ସିଦ୍ଧେଶ୍ୱର ମହାଦେବଙ୍କ ଷୋଡ଼ଷ ଉପଚାର ପୂଜା, ମହାଭିଷେକ, ଭାଗବତ ସପ୍ତାହ ପାରାୟଣ ଓ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ମଧ୍ୟାହ୍ନରେ ଉତ୍କଳ ପ୍ରାନ୍ତ ସାଧୁସନ୍ଥ ସଂଯୋଜକ ବ୍ରହ୍ମଚାରୀ ସନ୍ତୋଷ ଚୈତନ୍ୟଙ୍କ ଅଧକ୍ଷତାରେ ଆଶ୍ରମ ପରିସରରେ ଏକ ସନ୍ଥ ସମ୍ମିଳନୀ ଆୟୋଜିତ ହୋଇଥିଲା। ଏଥିରେ ସ୍ୱାମୀ ସଚ୍ଚିଦାନନ୍ଦ ଦାସ ମହାରାଜ, ସ୍ୱାମୀ ଉଦୟାନନ୍ଦ ପର୍ବତ, ବାବା ପର୍ଶୁରାମ ଦାସ, ସ୍ୱାମୀ ଅରୂପାନନ୍ଦ, ବାବାଜୀ କୃଷ୍ଣ ଦାସ, ବାବାଜୀ ଅନନ୍ତ ଦାସ, କୈବଲ୍ୟାନନ୍ଦ ସରସ୍ୱତୀ, ବାବାଜୀ ଜଗନ୍ନାଥ ଦାସ, କୁଞ୍ଜବିହାରୀ ଦାସ, ବାବାଜୀ ନାଗରାଜ, ବାବାଜୀ ଗୋବିନ୍ଦ ଦାସଙ୍କ ସହ ରାଜ୍ୟ ତଥା ରାଜ୍ୟ ବାହାରୁ ଶତାଧିକ ସାଧୁସନ୍ଥ ଯୋଗଦେଇ ସନ୍ଥ ସମାଜର ଉତ୍‌ଥାନ ଓ ରାଜ୍ୟରେ ବୈଦିକ ଦେବ ସ୍ଥଳୀଗୁଡ଼ିକର ସଂରକ୍ଷଣ ଓ ଉନ୍ନତି ପାଇଁ ସମସ୍ତେ ସହଯୋଗ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଉପଲକ୍ଷେ ନବରଙ୍ଗପୁରରୁ ଆସିଥିବା ୨୦ଜଣ ଦୃଷ୍ଟିହୀନ କଳାକାର ଭଜନ ପରିବେଷଣ କରିଥିଲେ। ବାବାଙ୍କ ସ୍ମରକୀ ପାଇଁ ଖୁବଶୀଘ୍ର ଆଶ୍ରମ ପରିସରରେ ଏକ ପଦ୍ମ ପୁଷ୍କରିଣୀ ଖନନ କରିବାକୁ ଆଶ୍ରମ ପକ୍ଷରୁ ଘୋଷଣା କରାଯାଇଥିଲା। ଉତ୍ସବ ପରିଚାଳନାରେ ଆଶ୍ରମର ଭକ୍ତ ମଣ୍ଡଳୀ ଓ ପଣ୍ଡିତ ମଣ୍ଡଳୀ ସକ୍ରିୟ ସହଯୋଗ କରିଥିଲେ।



ସାଧୁସନ୍ଥଙ୍କ ସମ୍ମିଳନୀ ଓ ବ୍ରହ୍ମଲୀନ ବାବା ମୌନାନନ୍ଦଙ୍କ ଜଳାଭିଷେକ।

---

# ମଦ ପିଇ ଗାଡ଼ି ଚଳାଇବା ଯୋଗୁ ୩ ଗିରଫ

**ଚଣ୍ଡିଖୋଲ/ ରସୁଲପୁର,୧୫।୯(ଡି.ଏନ.ଏ)**

୧୬ନଂ ଜାତୀୟ ରାଜପଥର ଚଣ୍ଡିଖୋଲ ନିକଟ ରାଜପଥ ଢାବା ନିକଟରେ ପୋଲିସ ତରଫରୁ ତନଖି କରାଯାଉଥିଲାବେଳେ ୨ଜଣ ଯୁବକ ମଦ୍ୟପାନ କରି ଗାଡ଼ି ଚଳାଉଥିବା ଅଭିଯୋଗରେ ବଡ଼ଚଣା ପୋଲିସ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଜଣେ ହେଲେ କଟକ ଜିଲା ମାହାଙ୍ଗା ଥାନା ହରିପୁର ଗ୍ରାମର ପ୍ରକାଶ ସାହୁ ଓ ଅନ୍ୟ ଜଣେ ଯାଜପୁର ଥାନା ଅନ୍ତର୍ଗତ ରିସିପୁରୁ ଗ୍ରାମର ଶିଶୁ ରଞ୍ଜନ ବିଶ୍ୱାଳ। ଉଭୟ ମଦ ପିଇ ବାଇକ୍ ଚଳାଉଥିବାବେଳେ ଧରାପଡ଼ି ଗିରଫ ହୋଇଥିଲେ। ସେମାନଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଥିବାବେଳେ ଶନିବାର ମଧ୍ୟରାତ୍ରରେ କୁଆଖିଆ ପରିବା ବଜାର ନିକଟରେ ପ୍ରଶାନ୍ତ ମଲିକ(୩୨) ନାମକ ଜଣେ ଯୁବକ ମଧ ମଦ୍ୟପାନ କରି ଗାଡ଼ି ଚଳାଉଥିବାବେଳେ କୁଆଖିଆ ପୋଲିସ ହାତରେ ଧରାପଡ଼ିଥିଲେ। ତାଙ୍କୁ ମଧ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ପ୍ରଶାନ୍ତଙ୍କ ଘର ନରସିଂହପୁର ପଞ୍ଚାୟତ ଘୋଳପୁର ଗ୍ରାମରେ ବୋଲି ଜଣାପଡ଼ିଛି।

---

## ଓଡ଼ିଶା ବୈଦିକ ବ୍ରାହ୍ମଣ ପରିଷଦ ଜିଲାସ୍ତରୀୟ ଅଧିବେଶନ

**ଚଣ୍ଡିଖୋଲ,୧୫।୯(ଡି.ଏନ.ଏ)**

ଓଡ଼ିଶା ବୈଦିକ ବ୍ରାହ୍ମଣ ପରିଷଦ ତରଫରୁ ଜିଲାସ୍ତରୀୟ ଅଧିବେଶନ ରବିବାର ମହାବିନାୟକ ପୀଠରେ ଅନୁଷ୍ଠିତ ହୋଇଯାଇଛି। ପରିଷଦ ସଭାପତି ପଣ୍ଡିତ ଶ୍ରୀକାନ୍ତ ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କିପରି ଆଗାମୀ ଦିନରେ ଓଡ଼ିଶାର ବିଭିନ୍ନ ଜିଲାରେ ବ୍ରାହ୍ମଣ ସମାଜ ତରଫରୁ କାର୍ଯ୍ୟକ୍ରମ ହାତକୁ ନିଆଯାଇପାରିବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ବିଶେଷ ଭାବେ ଗୋ-ବ୍ରାହ୍ମଣ-ବେଦକୁ ରକ୍ଷା କରିବା ବ୍ରାହ୍ମଣଙ୍କ କର୍ତ୍ତବ୍ୟ ତଥା ପରମ୍ପରାକୁ ସୁରକ୍ଷିତ ରଖିବା ଉପରେ ଆଲୋଚନା ହୋଇଥିଲା। ଆରକ୍ଷଣକୁ ସମ୍ପୂର୍ଣ୍ଣ ହଟାଇବା ପାଇଁ ପରିଷଦର କର୍ମକର୍ତ୍ତାମାନେ ଦାବି କରିଥିଲେ। ଯାଜପୁର ଜିଲାର ବିଭିନ୍ନ ବ୍ଲକ ଓ ପଞ୍ଚାୟତରେ ବ୍ରାହ୍ମଣଙ୍କୁ ଏକତ୍ରିତ କରିବା ଉପରେ ପରିଷଦର ସମ୍ପାଦକ ସତ୍ୟ ନାରାୟଣ ତ୍ରିପାଠୀ ଗୁରୁତ୍ୱାରୋପ କରିଥିଲେ। ପଣ୍ଡିତ ବିଜୟ କୁମାର କର ମହାବିନାୟକ ପୀଠର ଐତିହ୍ୟ ସମ୍ପର୍କରେ ପଣ୍ଡିତ ସଭାକୁ ସୂଚନା ଦେଇଥିଲେ। ବୈଠକରେ ମୁକ୍ତି ମଣ୍ଡପ ପଣ୍ଡିତ ମହାସଭାର ଭଗବାନ ମହାପାତ୍ର, ଦୂର୍ଗା ଚରଣ ମିଶ୍ର, ସୁଧାଂଶୁ ଶେଖର ମହାପାତ୍ର, ବ୍ରଜ କିଶୋର ତ୍ରିପାଠୀ, ପୁରୁଷୋତ୍ତମ ପଣ୍ଡା, ସଂଗ୍ରାମ କେଶରୀ ଶତପଥୀ ଓ ରାମଚନ୍ଦ୍ର ପଣ୍ଡା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ୨ଶହ ଜଣ ପଣ୍ଡିତଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା। ଯାଜପୁର ଜିଲାର ପ୍ରହରୀ ଭାବେ ୩ଜଣଙ୍କୁ ମନୋନୀତ କରାଯିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

---

# ଭଗବାନଙ୍କ ସାହାରା ଭଉଣୀ, ଟ୍ରାଇ ସାଇକେଲ

**ଯାଜପୁର ରୋଡ,୧୫।୯(ନି.ପ୍ର)**

ବ୍ୟାସନଗର ପୌରାଞ୍ଚଳର ପନାସିଆଗ୍ରାମର ୨ନମ୍ବର ୱାର୍ଡରେ ବାସ କରନ୍ତି ଭଗବାନ ନାୟକ(୫୫)। ୪ବର୍ଷ ତଳେ ହସ ଖୁସିରେ ଚାଲିଥିଲା ତାଙ୍କ ସୁଖର ସଂସାର। କିନ୍ତୁ ତାହା ଏବେ ସମ୍ପୂର୍ଣ୍ଣ ଛାରଖାର। ଉଜୁଡ଼ା ପରିବାର ଓ ଅକାମୀ ଗୋଡ଼କୁ ନେଇ ବଞ୍ଚିବାକୁ ଚେଷ୍ଟା କରୁଛନ୍ତି ଭଗବାନ। ଦୁଇବର୍ଷ ତଳୁ ସ୍ତ୍ରୀ ଆରପାରିକୁ ଚାଲି ଯାଇଛନ୍ତି। ପୁଅ ମଧ୍ୟ ଛୋଟବେଳୁ ତାଙ୍କୁ ଛାଡି କେଉଁଆଡେ ଚାଲି ଯାଇଛି। ଏବେ ତାଙ୍କର ଭରସା କହିଲେ ଭଉଣୀ ଓ ଏକ ଟ୍ରାଇ ସାଇକେଲ। ଉଭୟ ଏବେ ଭିକ୍ଷା ବୃତ୍ତି କରି ପେଟ ପୋଷୁଛନ୍ତି। ୩୦ବର୍ଷ ପୂର୍ବେ କାମଧନ୍ଦା ଆଶାରେ ସେ ଯାଜପୁର ରୋଡ ଅଞ୍ଚଳକୁ ଆସିଥିଲେ। ପନାସିଆଠାରେ ଏକ ଝୁମ୍ପଡି ଘର କରି ରହିବା ସହିତ ମୂଲ ମଜୁରୀ ଲାଗି ପରିବାର ପ୍ରତିପୋଷଣ କରୁଥିଲେ। ମାତ୍ର ୪ବର୍ଷ ତଳେ ଟ୍ରେନ ଯିବା ସମୟରେ ଟ୍ରେନରୁ ପଡି ତାଙ୍କର ଗୋଡ ଦୁଇଟି ଭାଙ୍ଗି ଯାଇଥିଲା। ଚିକିତ୍ସା ପାଇଁ ଅର୍ଥ ନ ଥିବାରୁ ଗୋଡ ଦୁଇଟି ଧୀରେ ଧୀରେ ଅକାମି ହୋଇଯାଇଥିଲା। ଏହାପରେ ତାଙ୍କ ସ୍ତ୍ରୀ କାମଧନ୍ଦା କରି ପରିବାର ପୋଷୁଥିଲେ। ମାତ୍ର ଭାଗ୍ୟର ବିଡମ୍ବନା ଯେ ଦୁଇବର୍ଷ ତଳେ ସ୍ତ୍ରୀ ଆରପାରିକୁ ଚାଲିଯିବାରୁ ସେ ବେସାହାରା ହୋଇଯାଇଥିଲେ। ଏହାପରେ ସେ ପୁଅକୁ ଧରି ଭଉଣୀ ନିକଟରେ ଆଶ୍ରୟ ନେଇଥିଲେ। ମାତ୍ର ପୁଅ ବି ତାଙ୍କୁ ଛାଡ଼ି କେଉଁଆଡ଼େ ଚାଲିଯାଇଥିଲା। ତତ୍କାଳୀନ କାଉନସିଲର ଓ ସମାଜିକ କର୍ମୀମାନେ ଭଗବାନଙ୍କ ଅବସ୍ଥା ଦେଖି ଭିନ୍ନକ୍ଷମ ପ୍ରମାଣ ପତ୍ର ପାଇବାରେ ସହଯୋଗ କରିଥିଲେ। ଏହାପରେ ସେ ୫୦୦ଟଙ୍କା ମାସିକ ଭତ୍ତା ଓ ୧୦ କେ.ଜି ଚାଉଳ ପାଇଆସୁଛନ୍ତି। କିନ୍ତୁ ଟ୍ରାଇ ସାଇକେଲ ପାଇଁ ଆବେଦନ କରିଥିଲେ ମଧ୍ୟ ଏହି ସାଇକେଲ ମିଳିବା ପାଇଁ ତାଙ୍କୁ ୪ବର୍ଷ ଲାଗିଯାଇଥିଲା। ପରିଶେଷରେ ସାଇକେଲଟି ପୌରପରିଷଦ ପକ୍ଷରୁ ପ୍ରଦାନ କରାଯାଇଥିଲା। କିନ୍ତୁ ଏହି ସାଇକେଲଟି ଚଲାଇବା ପାଇଁ ସେ ଭଉଣୀ ସୁକୁମାରୀ ମୁଣ୍ଡାଙ୍କ ସହାୟତା ନେଉଛନ୍ତି। ଭିକ୍ଷା ବୃତ୍ତିରୁ ଯାହା ପାଆନ୍ତି ଭାଇ, ଭଉଣୀ ଚଳିଆସୁଛନ୍ତି। ସରକାରୀ ଜମିରେ ରହୁଥିବାରୁ ତାଙ୍କର ପଟ୍ଟା ନାହିଁ। ତାଙ୍କୁ ସରକାରଙ୍କ ଯୋଜନା ଅନୁଯାୟୀ ପଟ୍ଟା ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ଖଣ୍ଡେ ଯୋଗାଇ ଦେବାକୁ ଦାବି ହୋଇଛି।



■ ୪ବର୍ଷ ତଳୁ ଟ୍ରେନରୁ ପଡ଼ି ହରାଇଛନ୍ତି ଗୋଡ଼

■ ସ୍ତ୍ରୀ ମୃତ୍ୟୁ ପରେ ଛାଡ଼ି ଚାଲିଗଲେ ପୁଅ

■ ଭଉଣୀ ସାହାରାରେ ଭିକ୍ଷାବୃତ୍ତି କରି ଚଳୁଛନ୍ତି



ଯେଉଁ ଲୋକ କାମ ପ୍ରବୃତ୍ତି ଓ ନିଦ୍ରାକୁ ଜୟ କରିଛି, ସେ ପ୍ରକୃତ ଅର୍ଥରେ ଅମର ହୋଇ ଯାଇଛି।
- ଆରିଷ୍ଟଟଲ



## ସଂକ୍ଷେପରେ

### ଚଣ୍ଡିଖୋଲ କୋର୍ଟରେ ରାଷ୍ଟ୍ରୀୟ ଲୋକ ଅଦାଲତ



**ଚଣ୍ଡିଖୋଲ,୧୫।୯(ଡ଼ି.ଏନ.ଏ):** ସାରା ଭାରତ ବର୍ଷରେ ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବାକୁ ନିର୍ଦ୍ଦେଶ ଥିଲାବେଳେ ଶନିବାର ଚଣ୍ଡିଖୋଲ ସବଜଜ୍ କୋର୍ଟ ପରିସରରେ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ସବଜଜ୍ ବିଷ୍ଣୁ ପ୍ରସାଦ ମିଶ୍ର ଓ ଜେଏମ୍ଏଫ୍‌ସି ଇପ୍‌ସିତା ମହାନ୍ତିଙ୍କ ତତ୍ତ୍ୱାବଧାନରେ ମାମଲାଗୁଡ଼ିକର ସମାଧାନ କରାଯାଇଥିଲା। ୧୨ଟି ଚେକ୍ ବାଉନ୍ସ ଓ ୨ଟି ବୈବାହିକ ବିବାଦ ମାମଲା ଜେଏମ୍ଏଫ୍‌ସି ମହାନ୍ତି ସମାଧାନ କରିଥିବାବେଳେ ସବଜଜ୍ ମିଶ୍ର ୭ଟି ଜମିଜମା ମାମଲା ଫଇସଲା କରିଥିଲେ। ସେହିପରି ୨୧ ଗୋଟି ଅନାଦେୟ ଋଣ ବାବଦକୁ ବୁଝାବଣା ମାଧ୍ୟମରେ ୮୬ ହଜାର ଟଙ୍କା ଅସୁଲ କରାଯାଇଥିଲା। ଏଥିରେ ଚଣ୍ଡିଖୋଲ କୋର୍ଟର ସମସ୍ତ କର୍ମଚାରୀଙ୍କ ସମେତ ବାର ଅସୋସଏସନର ଆଇନଜୀବୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ। ଫଟୋ- ଚଣ୍ଡିଖୋଲ କୋର୍ଟ ପରିସରରେ ଅନୁଷ୍ଠିତ ଲୋକ ଅଦାଲତ।

### ଟ୍ରେନ୍‌ରେ ଲୁଚି ପଳାଇ ଆସିଥିବା ୨ ଛାତ୍ର ଉଦ୍ଧାର

**ଯାଜପୁର ରୋଡ୍,୧୫।୯(ନି.ପ୍ର.):** ଭୁବନେଶ୍ୱର ମଞ୍ଚେଶ୍ୱର ଅଞ୍ଚଳର କବାଡିପଡା ବିଦ୍ୟାଳୟର ୨ ଜଣ ଛାତ୍ରଙ୍କୁ ରବିବାର ଉଦ୍ଧାର କରାଯାଇଛି। ଏମାନେ ଖୋର୍ଦ୍ଧା ଭଦ୍ରକ୍ ଟ୍ରେନ୍‌ରେ ଚଢି ପଳାଇ ଆସିଥିଲେ। ସେମାନଙ୍କୁ ଯାତ୍ରୀମାନେ ଉଦ୍ଧାର କରି ଯାଜପୁର ଓ କେନ୍ଦୁଝର ରେଲ୍‌ୱେ ଷ୍ଟେଶନ ଆର୍‌ପିଏଫ୍ ଥାନା ଜିମା ଦେଇଛନ୍ତି। ଛାତ୍ରମାନେ ହେଲେ ସନ୍ତୋଷ ପାତ୍ର ୫ମ ଶ୍ରେଣୀ ଓ ମିହିର ସାହୁ ୨ୟ ଶ୍ରେଣୀ। ସେମାନଙ୍କୁ ଶିକ୍ଷକମାନେ ମାଡ଼ ଦେଇଥିବାରୁ ଭୟରେ ଲୁଚି ପଳାଇ ଆସିଥିବା ଆର୍‌ପିଏଫ୍ ଥାନାରେ ବୟାନ ଦେଇଛନ୍ତି। ଆର୍‌ପିଏଫ୍ କର୍ତ୍ତୃପକ୍ଷ ସେମାନଙ୍କ ସ୍କୁଲ କର୍ତ୍ତୃପକ୍ଷଙ୍କୁ ଯୋଗାଯୋଗ କରିଥିବା କହିଛନ୍ତି।

### ଜିଲା ୟୁନାଇଟେଡ୍ ଗ୍ରୁପ୍ ଗଠିତ

**ଯାଜପୁର ରୋଡ,୧୫।୯(ନି.ପ୍ର.):** ଯାଜପୁର ଜିଲାରେ ପ୍ରଥମ କରି ଏକ ଜିଲାସ୍ତରୀୟ ସୋସିଆଲ ୱାର୍କସ୍ ୟୁନାଇଟେଡ ଗ୍ରୁପ ଯାଜପୁର ରୋଡ ସେଲିବ୍ରେଶନ୍ କଲ୍ୟାଣୀମଣ୍ଡପଠାରେ ରବିବାର ଗଠନ କରାଯାଇଛି। ୧୬ଟି ସୋସିଆଲ ଗ୍ରୁପ୍‌କୁ ନେଇ ଏହା ଗଠନ କରାଯାଇଛି। ଏହାର ନାମକରଣ ସୋସିଆଲ ୟୁନାଇଟେଡ୍ ଗ୍ରୁପ୍ ନାମିତ କରାଯାଇଛି। ସ୍ମାଇଲ ଫାଉନଡେଶନ୍, ବିଶ୍ୱଜିୟ ଫାଉନଡେଶନ, ଦି ହେଲ୍ପି ଆଇ ଫାଉନଡେଶନ୍, ଉତ୍କଳ ଫାଉନଡେଶନ୍, ନୂଆ ଆଲୋକ, ବିଜୟା ଆଦର୍ଶ, ଆମେ ବିପଦର ସାଥୀ, ବିଶ୍ୱନାଥ ଟ୍ରଷ୍ଟ, ସର୍ପୋଟିଂ ହ୍ୟାଣ୍ଡ, ଇସ୍‌ଲାମିକ ୟୁଥ୍ କ୍ଲବ, ବଜରଙ୍ଗୀ ଅରଗାନାଇଜେଶନ୍, ସନରାଇଜ, ସୋସିଆଲ ୟୁନାଇଟେଡ ଗ୍ରୁପ ପ୍ରମୁଖଙ୍କୁ ନେଇ ନୂତନ କ୍ଲବ ଗଠିତ ହୋଇଛି। ଜିଲାର ବିକାଶ ଏବଂ ସମାଜର ଅବହେଳିତଙ୍କ ପାଇଁ ଜିଲା ପ୍ରଶାସନ ଉପରେ ଚାପ ପକାଇବ ବୋଲି ଜଲା ସଂଗଠନ ପକ୍ଷରୁ କୁହାଯାଇଛି।

### ନୂତନ ସଭ୍ୟ ସଂଗ୍ରହ ପାଇଁ ପୁସ୍ତକ ବଣ୍ଟନ

**ଧର୍ମଶାଳା୧୫।୯(ଡି.ଏନ୍.ଏ.):** ଧର୍ମଶାଳା ବିଜେଡି କାର୍ଯ୍ୟାଳୟ ପରିସରରେ ରବିବାର ନିର୍ବାଚନମଣ୍ଡଳୀର ୫୪ ପଞ୍ଚାୟତର ପର୍ଯ୍ୟବେକ୍ଷକଙ୍କୁ ନୂତନ ସଭ୍ୟ ସଂଗ୍ରହ ପାଇଁ ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ ସଭ୍ୟ ସଂଗ୍ରହ ପୁସ୍ତକ ବଣ୍ଟନ କରିଛନ୍ତି। ଏଥିସହ ଅକ୍ଟୋବର ୧୫ ତାରିଖ ମଧରେ ନୂତନ ସଭ୍ୟ ସଂଗ୍ରହ କାର୍ଯ୍ୟ ଶେଷ କରି ବହି ଫେରାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। କାର୍ଯ୍ୟକ୍ରମରେ ଜିଲା ସାଧାରଣ ସମ୍ପାଦକ ପ୍ରିୟନାଥ ମହାପାତ୍ର, ନିର୍ବାଚନମଣ୍ଡଳୀ ସଭାପତି ଜଳଧର ସାହୁ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଜଳଧର ମହାନ୍ତି, ଏମ୍‌ପିଙ୍କ ପ୍ରତିନିଧି ଉତ୍କଳ ଦାସ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦୁଃଶାସନ ସାହୁ, ନିର୍ମଳ ପ୍ରଧାନ ଓ ପ୍ରତାପ ପ୍ରଧାନ ପ୍ରମୁଖ ସହାୟତା କରିଥିଲେ।

## ଆବାସ ଯୋଜନା ସାତସପନ

# ଭଙ୍ଗା ଚାଳଘରେ ଚାଷୀ ପରିବାର

**ରସୁଲପୁର,୧୫।୯(ଡିଏନଏ)**

ସରକାର ଗରିବଙ୍କ ପାଇଁ ମାଳମାଳ ଯୋଜନା କରୁଛନ୍ତି। ହେଲେ ସେସବୁ ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ପହଞ୍ଚିପାରୁ ନାହିଁ। ସରକାରୀ ସୁବିଧା ସୁଯୋଗ ସବୁ ଅଯୋଗ୍ୟମାନେ ହାତେଇବାରେ ଲାଗିଛନ୍ତି। ବିଶେଷ କରି ସରକାରୀ ଆବାସ ଯୋଜନା ବଣ୍ଟନ ବେଳେ ଏଭଳି ଦୁର୍ନୀତି ଅଧିକ ଦେଖିବାକୁ ମିଳୁଛି। ଗୋଟିଏ ପରିବାରକୁ ଏକାଧିକ ଆବାସ ମିଳୁଥିବାବେଳେ ଜଣେ କ୍ଷୁଦ୍ର ଚାଷୀ ପରିବାର ସରକାରୀ ଗୃହ ପାଇବାରୁ ବଞ୍ଚିତ ହୋଇଛନ୍ତି। ଗୋଟିଏ ପରିବାରର ୪ ଜୀବନ ଭଙ୍ଗା କୁଡିଆ ତଳେ ବିତୁଛି। ଏଭଳି ଘଟଣା ଯାଜପୁର ଜିଲା ରସୁଲପୁର ବ୍ଲକ ଓଡିଶୋ ପଞ୍ଚାୟତ ଅରଡିଆ ଗ୍ରାମରେ ଦେଖାଦେଇଛି। ଏହି ଗ୍ରାମର ପୁରସ୍ତମ ପରିଡାଙ୍କ ବଡ ପୁଅ ରଞ୍ଜନ (୫୫) ଜଣେ କ୍ଷୁଦ୍ର ଚାଷୀ। ତାଙ୍କର ସମ୍ବଳ ନ ଥିବାରୁ ସେ ଏକ ଭଙ୍ଗା କୁଡିଆରେ ବସବାସ କରୁଛନ୍ତି। ବେଳେବେଳେ ପେଟ ପାଇଁ ଦିନ ମଜୁରିଆ ବି ସାଜନ୍ତି। ପରିବାରର ୪ପ୍ରାଣୀ କୁଟୁମ୍ବକୁ



ଆବାସ ଯୋଜନାରୁ ବଞ୍ଚିତ ପରିବାର।

ଚଳାଇବାକୁ ବହୁ କଷ୍ଟ ସହିବାକୁ ପଡୁଛି। ଏପରିକି କଷ୍ଟ ଉପାର୍ଜିତ ରୋଜଗାରରେ ଦୁଇ ପୁଅଙ୍କୁ ବି କଲେଜ ପଢୁଆ କରିପାରିଛନ୍ତି। ତେବେ ଏହି ପରିବାରକୁ ଏପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଆବାସ କିମ୍ବା ବିଜୁ ପକ୍କାଘରଟିଏ ମିଳିପାରି ନାହିଁ।

ଏହି ମାସରେ ଏକାଧିକ ସମୟରେ ଲଗାଣ ବର୍ଷା ଯୋଗୁ ରଞ୍ଜନଙ୍କ ଘରର କାନ୍ଥ ଭୁଶୁଡି ପଡିଥିଲା। ଘରର ଗୋଟିଏ ପାଖ ନଇଁ ଯାଇଥିଲା। ପରିବାରର ଆର୍ଥିକ ସ୍ଥିତି ଦୁର୍ବଳ ଥିବାରୁ ଘରର ମରାମତି କରିବାକୁ ସେ ସକ୍ଷମ ହୋଇପାରି ନାହାନ୍ତି। ଫଳରେ ରଞ୍ଜନ ତାଙ୍କ ଦୁଇପୁଅଙ୍କ ସହାୟତାରେ ଭଙ୍ଗା କାନ୍ଥ ଓ ଚାଳକୁ ବାଉଁଶ ଢେରା ଦେଇ ରଖିଛନ୍ତି। ଫଳରେ କେତେବେଳେ ବି ଦୁର୍ଘଟଣା ଘଟିବାର ଆଶଙ୍କା ଦେଖାଦେଇଛି। ସେ ଘର ଖଣ୍ଡିଏ ପାଇଁ ପଞ୍ଚାୟତରୁ ବ୍ଲକ ପର୍ଯ୍ୟନ୍ତ ଗୁହାରି କରିଛନ୍ତି। ଏବେ କ ଫର୍ମରେ ବି ଘର ଖଣ୍ଡେ ପାଇଁ ପଞ୍ଚାୟତରେ ଆବେଦନ କରିଛନ୍ତି। ତାଙ୍କ ଦୁଃଖ କେହି ବୁଝୁ ନାହାନ୍ତି ବୋଲି ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ସୁଧିର ଚନ୍ଦ୍ର ମହାନ୍ତିଙ୍କୁ ପଚାରିବାରୁ, ଆବାସ ପାଇବା ପାଇଁ ପ୍ରସ୍ତୁତ ହିତାଧିକାରୀଙ୍କ ତାଲିକାରେ ତାଙ୍କ ନାମ ମିଳିଲା ନାହିଁ। ତେବେ ଉକ୍ତ ଅଭିଯୋଗ ଆଧାରରେ ସେ ଶନିବାର ସେହି ଗାଁକୁ ଯାଇ ରଞ୍ଜନଙ୍କ ପରିବାରର ସ୍ଥିତି ପରଖିବେ ବୋଲି ପ୍ରକାଶ କରିଛନ୍ତି।



ରିକୁ ମେମୋରିଆଲ ବକ୍ତୃତାମାଳାରେ ମଞ୍ଚାସୀନ ଅତିଥି।

## ରିକୁ ମେମୋରିଆଲ ବକ୍ତୃତାମାଳା

# 'ଭଲ କାର୍ଯ୍ୟ ମଣିଷର ପରିଚୟ ସୃଷ୍ଟି କରିଥାଏ'

**ଚଣ୍ଡିଖୋଲ/ଛତିଆ, ୧୫।୯(ଡ଼ି.ଏନ.ଏ)**

ମଣିଷ ଯେଉଁ ଭଲ କାର୍ଯ୍ୟ କରିଥାଏ ତାହା ତାକୁ ସବୁଦିନ ପାଇଁ ଅନ୍ୟମାନଙ୍କ ହୃଦୟରେ ଜୀବିତ ରଖେ। ଭଲ କାର୍ଯ୍ୟ ମଣିଷର ଆବର୍ତ୍ତମାନରେ ପରିଚୟ ସୃଷ୍ଟି କରିଥାଏ ବୋଲି ମୁଖ୍ୟ ଅତିଥିଭାବେ ଯୋଗଦେଇ ଓଡ଼ିଆ ଭାଷା ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ବିଜୟ କୁମାର ନାୟକ ପ୍ରକାଶ କରିଛନ୍ତି। ଶନିବାର ଛତିଆସ୍ଥିତ ମହାପୁରୁଷ ହାଡ଼ିଦାସ ମହାବିଦ୍ୟାଳୟ ପରିସରରେ ରିକୁ ମେମୋରିଆଲ ବକ୍ତୃତା ମାଳାରେ ଯୋଗଦେଇ ସେ ଏହା କହିଥିଲେ। ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରହ୍ଲାଦ ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବକ୍ତୃତାମାଳା ସଭାରେ ଅଧ୍ୟକ୍ଷ ପ୍ରଦୀପ କୁମାର ଦାସ ସ୍ୱାଗତ ଭାଷଣ ଦେଇଥିଲାବେଳେ ଅତିଥି ପରିଚୟ ପ୍ରଦାନ କରିଥିଲେ ପ୍ରାଧ୍ୟାପକ ଚିତ୍ତରଞ୍ଜନ ସାହୁ। ରିକୁ ମେମୋରିଆଲ ଟ୍ରଷ୍ଟର ସମ୍ପାଦକ ରୁଦ୍ର ପ୍ରସନ୍ନ ସାମଲ ବାର୍ଷିକ ବିବରଣୀପାଠ କରିବା ସହ ରିକୁ ନାମରେ ବିଭିନ୍ନ ମହାବିଦ୍ୟାଳୟ ଓ ବିଦ୍ୟାଳୟରେ ଗଢାଯାଇଥିବା ଲାଇବ୍ରେରୀ ସମ୍ପର୍କରେ ସୂଚନା ପ୍ରଦାନ କରିଛନ୍ତି। ଏହି ଅବସରରେ ଅବସରପ୍ରାପ୍ତ ଅଧ୍ୟକ୍ଷ ରବୀନ୍ଦ୍ର ସାମଲଙ୍କ ପୁସ୍ତକ '୫ଟି ଗଳ୍ପର ଆତ୍ମ କାହାଣୀ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ମହାବିଦ୍ୟାଳୟର ଯୁକ୍ତ ୨ ବିଜ୍ଞାନରେ ରମେଶ ଚନ୍ଦ୍ର ପ୍ରଧାନ, ଯୁକ୍ତ ୨ କଳାରେ ଇତିଶ୍ରୀ ବେହେରା ସର୍ବାଧିକ ନମ୍ବର ରଖିଥିବା ଛାତ୍ରୀଛାତ୍ର ଓ ଯୁକ୍ତ ୩ ଓଡ଼ିଆ ସମ୍ମାନରେ ପୂର୍ଣ୍ଣମୟୀ ପ୍ରଧାନ, ଇତିହାସ ବିଭାଗ ସମ୍ମାନରେ ଭବାନୀ ଆଶିଷ ଓଝା ଓ ବେଷ୍ଟ ଗ୍ରାଜୁଏଟ ଭାବେ ତୃପ୍ତିଲତା ରାଉତରାୟଙ୍କୁ ଅନୁଷ୍ଠାନ ତରଫରୁ ସମ୍ମାନିତ କରାଯାଇଥିଲା। ସେମାନଙ୍କୁ ମାନପତ୍ର ସହ ନଗଦ ଆର୍ଥିକ ରାଶିର ସହାୟତା ପ୍ରଦାନ କରାଯାଇଥିଲା। ଅଧ୍ୟାପକ ବିଶ୍ୱନାଥ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଥମାଖଣ୍ଡି ପଞ୍ଚାୟତରୁ ସଭ୍ୟ ସଂଗ୍ରହ ଅଭିଯାନ ଆରମ୍ଭ

**ରସୁଲପୁର,୧୫।୯(ଡିଏନଏ)**

ରସୁଲପୁର ବ୍ଲକ ପ୍ରଥମାଖଣ୍ଡି ପଞ୍ଚାୟତରୁ ବରୀ ନିର୍ବାଚନ ମଣ୍ଡଳି ବିଜେଡି ସଭ୍ୟ ସଂଗ୍ରହ ଆରମ୍ଭ କରିଛି। ଏହି ନିର୍ବାଚନମଣ୍ଡଳୀ ପ୍ରଥମାଖଣ୍ଡି ଗ୍ରାମର ୮ ନମ୍ବର ୱାର୍ଡରୁ ସଭ୍ୟ ସଂଗ୍ରହ କରିବା ପାଇଁ ଦଳୀୟ ନେତା ଓ କର୍ମୀମାନେ ପହଞ୍ଚିଥିଲେ। ବରୀ ବିଧାୟିକା ସୁନନ୍ଦା ଦାସ ଓ ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ ସଭ୍ୟ ସଂଗ୍ରହ କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଗୋପାଳପୁରସ୍ଥିତ ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ କର୍ମୀଙ୍କ ଗହଣରେ ବିଧାୟକ ଓ ଏମ୍‌ପିମାନେ ୱାର୍ଡର ମା' ତାରିଣୀ ତନ୍ତୁବାୟ ସମିତି ସମ୍ମୁଖରେ ପହଞ୍ଚି ସଭ୍ୟ ସଂଗ୍ରହ କାର୍ଯ୍ୟ ଆରମ୍ଭ କରିଥିଲେ। ନିର୍ବାଚନ ମଣ୍ଡଳୀ ସଭ୍ୟ ସଂଗ୍ରହ ଅଭିଯାନ ସଂଯୋଜକ ଦେବେନ୍ଦ୍ର ଦାସଙ୍କ ନେତୃତ୍ୱରେ ସଭ୍ୟ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ସମସ୍ତେ ମିଳିମିଶି କାର୍ଯ୍ୟ କରି ବରୀରେ ବିଜୁ ଜନତା ଦଳକୁ ରାଜ୍ୟରେ ୧ନଂ ନିର୍ବାଚନମଣ୍ଡଳୀରେ ପରିଣତ କରିବାକୁ ବିଧାୟିକା ସୁନନ୍ଦା



ସଭ୍ୟ ସଂଗ୍ରହ ଅଭିଯାନରେ ବିଧାୟିକା ସୁନନ୍ଦା ଦାସ ଓ ଏମ୍‌ପି ଶର୍ମିଷ୍ଠା ସେଠୀ।

ଦାସ ଆହ୍ୱାନ ଜଣାଇଥିଲେ। କାର୍ଯ୍ୟକ୍ରମ ସମୟରେ ବହୁ ସଂଖ୍ୟାରେ ମହିଳାଙ୍କ ସମେତ ଦଳୀୟ କର୍ମୀମାନେ ବିଧାୟିକା ଓ ଏମ୍‌ପିଙ୍କୁ ସ୍ୱାଗତ କରିଥିଲେ। ନିଜେ ବିଧାୟିକା ଏବଂ ଏମ୍‌ପି ଲୋକଙ୍କ ସଭ୍ୟ ଫର୍ମ ପୂରଣ କରି ସେମାନଙ୍କୁ ଦଳରେ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରୀ ବ୍ଲକ ସଂଯୋଜକ ନୀଳମଣି ସାମଲ, ରସୁଲପୁର ବ୍ଲକ ସଂଯୋଜକ ତଥା ଜିଲା ବିଜେଡି ସାଧାରଣ ସମ୍ପାଦକ ପ୍ରଦୀପ ଦାସ, ଜୋନ୍‌ସ୍ତରୀୟ ସଂଯୋଜକ ବେଣୁଧର ଦାସ, ବିଜୟ ଦାସ, ଅଭିମନ୍ୟୁ ମହାଳିକ, ପଞ୍ଚାୟତ ପର୍ଯ୍ୟବେକ୍ଷକ ସନାତନ ବାରିକ, ଅର୍ଜୁନ ନାୟକ, ସୂର୍ଯ୍ୟମଣି ବେହେରା, ମହାଶ୍ୱେତା ନାୟକ, ଲକ୍ଷ୍ମୀଧର ମହାନ୍ତି, ଅଲେଖ ଚନ୍ଦ୍ର ପଲେଇ ,ଚିନ୍ତାମଣି ରାଉତ, ବିଜୟ ଖିଲାର, ଅଶୋକ ସାମଲ, କେଦାର ସାମଲ ପ୍ରମୁଖଙ୍କ ସମେତ ବହୁ ସଂଖ୍ୟାରେ ଦଳୀୟ ସଂଗଠକ ଓ କର୍ମୀମାନେ ଯୋଗ ଦେଇଥିଲେ।

## କଟିକଟାରେ ସ୍ୱାସ୍ଥ୍ୟ ଶିବିର: ୨୫୫ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

**ଦଶରଥପୁର,୧୫।୯(ଡିଏନ୍ଏ)**

ଦଶରଥପୁର ବ୍ଲକ କଟିକଟା ପଞ୍ଚାୟତ କଟିକଟା ପରିଡ଼ା ସାହିଠାରେ ଶନିବାର ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ମା' ବିମଳା କ୍ଲବ୍ ଆନୁକୂଲ୍ୟରେ ଅନୁଷ୍ଠିତ ଶିବିରରେ କଟକ ଏସ୍‌ସିବିର ହୃଦ୍‌ରୋଗ ବିଶେଷଜ୍ଞ ନିହାର ରଞ୍ଜନ ପରିଡ଼ା, ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟର ଶିଶୁରୋଗ ବିଶେଷଜ୍ଞ ସୁପ୍ରକାଶ ଶତପଥୀ ପ୍ରମୁଖ ଯୋଗଦେଇ ଅଞ୍ଚଳର ପ୍ରାୟ ୨୫୫ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରବା ସହ ଔଷଧ ବଣ୍ଟନ କରିଥିଲେ। ଏହି ଡାକ୍ତରଙ୍କ ସହ କିଛି ମେଡ଼ିସିନ୍ ରିପ୍ରେଜେନ୍‌ଟେଟିଭ ଯୋଗ ଦେଇଥିଲେ। କ୍ଲବ୍‌ର ସଭ୍ୟ ଜ୍ୟୋତିରଞ୍ଜନ ପରିଡ଼ା, ତୁଷାର ପରିଡ଼ା, ଜିତେନ୍ଦ୍ର ପରିଡ଼ା, ସୁବ୍ରତ ପରିଡ଼ା, ନାନକ ପରିଡ଼ା, ପ୍ରଦୀପ୍ତ ପରିଡ଼ା, ଅକ୍ଷୟ ପରିଡ଼ା, ଲକ୍ଷ୍ମୀଧର ଦାସ, ହରିହର ଦାସ ପ୍ରମୁଖ ଏହି ସ୍ୱାସ୍ଥ୍ୟ ଶିବିର ପରିଚାଳନାରେ ବିଶେଷ ସହାୟତା କରିଥିଲେ।

## ସୁକିନ୍ଦା ବିଜେଡି ପକ୍ଷରୁ ପଞ୍ଚାୟତ ପର୍ଯ୍ୟବେକ୍ଷକ ନିଯୁକ୍ତ

**କାଳିଆପାଣି,୧୫।୯(ଡିଏନଏ)**

ରାଜ୍ୟ ସାରା ବିଜେଡିର ସଭ୍ୟ ସଂଗ୍ରହ କାର୍ଯ୍ୟକ୍ରମ ଚାଲିଥିବାବେଳେ ଏହାକୁ ତଦାରଖ କରିବା ଓ ସରକାରଙ୍କ ବିଭିନ୍ନ ଯୋଜନାର ସୁବିନିଯୋଗ ପାଇଁ ସୁକିନ୍ଦା ବିଜେଡି ପକ୍ଷରୁ ପଞ୍ଚାୟତସ୍ତରୀୟ ପର୍ଯ୍ୟବେକ୍ଷକ ନିଯୁକ୍ତ ହୋଇଥିବା ଜଣାପଡ଼ିଛି। ବ୍ଲକର ସମୁଦାୟ ୨୫ ପଞ୍ଚାୟତ ଓ ୩ ଜିଲାପରିଷଦ ଜୋନରେ ୨୫ ଜଣ ଛାମୁଆ ନେତାଙ୍କୁ ଏହି କାର୍ଯ୍ୟରେ ନିଯୋଜିତ କରାଯାଇଛି। ବିଦ୍ୟାଧର ପାତ୍ରଙ୍କୁ କୁହିକା ପଞ୍ଚାୟତ, ଦୀପକ ନାୟକଙ୍କୁ ପିମ୍ପୁଡ଼ିଆ, ଭଗବତୀ ମହାନ୍ତଙ୍କୁ କାଙ୍କଡ଼ପାଳ, ପ୍ରଭାତ ପ୍ରଧାନଙ୍କୁ ରାଁସୋଳ, ପ୍ରତାପ ପାତ୍ରଙ୍କୁ କାଳିଆପାଣି, ଭରତ ମହାନ୍ତଙ୍କୁ କଂସ, ଆଶିଷ ଜେନାଙ୍କୁ ଚିଙ୍ଗୁଡ଼ିପାଳ, ଅମଳେନ୍ଦୁ ବେହୁରାଙ୍କୁ ଦୁଧୁଯୋରୀ, ବିକାଶ ବେହୁରାଙ୍କୁ ବନ୍ଧଗାଁ, ଗଣେଶ୍ୱର ଆଚାରୀଙ୍କୁ ଲେମ୍ବୁ, ଜୟନ୍ତ ରାଉତଙ୍କୁ ସଂସାଇଲୋ, ଚନ୍ଦ୍ରମଣି ରାଉତଙ୍କୁ ଓଳିଆ ପଞ୍ଚାୟତ ପାଇଁ ନିଯୋଜିତ କରାଯାଇଛି। ସେହିପରି ସ୍ୱର୍ଣ୍ଣପ୍ରଭା ମଲ୍ଲିକଙ୍କୁ ଡୁବୁରୀ, ବ୍ଲକ ଅଧ୍ୟକ୍ଷା ପଦ୍ମାବତୀ ଜେନାଙ୍କୁ ବାରାଗାଡ଼ିଆ, ପ୍ରହ୍ଲାଦ ମଲ୍ଲିକଙ୍କୁ ସାରଙ୍ଗପୁର, ଜ୍ୟୋତିଶଙ୍କର ସାମଲଙ୍କୁ ଗୋବରଘାଟି, ବ୍ଲକ ଉପାଧ୍ୟକ୍ଷ ଦିବ୍ୟରଞ୍ଜନ ବରାଳଙ୍କୁ ସୁକିନ୍ଦା, ସୁଜିତ ରାଉତଙ୍କୁ ଆମ୍ପୋଳବା, ପ୍ରଭାକର ଧିରଙ୍କୁ ଖରଡ଼ି, ଅକ୍ଷୟ ଭୁଇଁଆଙ୍କୁ ଅତା, ଗରିଶଦାସ ସାମନ୍ତଙ୍କୁ ହରିପୁର, ଦିଲୀପ ଦ୍ୱିବେଦୀଙ୍କୁ ବର୍ତ୍ତଣ୍ଡା, ଶଙ୍କର୍ଷଣ ମହାରଣାଙ୍କୁ ମଙ୍ଗରାଜପୁର, ଜିଲାପରିଷଦ ସଭ୍ୟା ସରୋଜିନ ରାଜଙ୍କୁ ହାତିବାରୀ, ବିବେକାନନ୍ଦ ବୋଷଙ୍କୁ ପିଙ୍ଗଳ ପଞ୍ଚାୟତ ପର୍ଯ୍ୟବେକ୍ଷକଭାବେ ନିଯୁକ୍ତି ଦିଆଯାଇଛି। ୩୭ ନଂ. ଜୋନ୍ ପାଇଁ ପ୍ରଭାତ ପ୍ରଧାନ ଓ ପ୍ରତାପ ପାତ୍ର, ୩୮ ନଂ. ପଦ୍ମାବତୀ ଜେନା, ସ୍ୱର୍ଣ୍ଣପ୍ରଭା ମଲ୍ଲିକ, ବିବେକାନନ୍ଦ ବୋଷ, ୩୯ ନଂ. ଜୋନ୍ ଦିବ୍ୟରଞ୍ଜନ ବରାଳ ଓ ସରୋଜିନ ରାଜଙ୍କୁ ଦାୟିତ୍ୱ ଦିଆଯାଇଛି।

## ଧାନ ଗଛରେ କାଣ୍ଡବିନ୍ଧା ପୋକ, ଚିନ୍ତାରେ ଚାଷୀ

**ଡୁବୁରୀ,୧୫।୯(ଡି.ଏନ୍.ଏ.)**

ଯାଜପୁର ଜିଲା ସୁକିନ୍ଦା ବ୍ଲକ ଅଧୀନ ଡୁବୁରୀ ଓ ଆଖପାଖ ଅଞ୍ଚଳର ଧାନ ଜମିରେ ଏବେ କାଣ୍ଡବିନ୍ଧା ପୋକଙ୍କ ପାଦୁର୍ଭାବ ବୃଦ୍ଧି ପାଇଛି। ଅଞ୍ଚଳର ଚାଷୀମାନେ ମୁଖ୍ୟତଃ ବର୍ଷାଜଳ ଉପରେ ନିର୍ଭର କରୁଥିବାରୁ ସ୍ୱଳ୍ପ ଦିନରେ ଅମଳ ହେଉଥିବା ସ୍ୱର୍ଣ୍ଣ ଧାନ ଚାଷ କରିଥାନ୍ତି। ଚଳିତ ବର୍ଷ ଚାଷୋପଯୋଗୀ ବର୍ଷା ଓ ଅନ୍ୟାନ୍ୟ କାରଣ ଯୋଗୁ ଚାଷ କାର୍ଯ୍ୟ ଆଗେଇ ପାରିଥିବାରୁ ଚାଷୀ ଭଲ ଅମଳ ଆଶା ରଖିଥିଲେ। ମାତ୍ର ଗତ ସପ୍ତାହ ହେବ ଧାନ ଗଛରେ କାଣ୍ଡବିନ୍ଧା ପୋକର ପାଦୁର୍ଭାବ ଚାଷୀଙ୍କୁ ଚିନ୍ତାରେ ପକାଇଦେଇଛି। ଡୁବୁରୀ ଓ ଏହାର ଆଖ ପାଖ ଅଞ୍ଚଳରେ ଏପରି ହୋଇଛି ତାହା ନୁହେଁ, ବ୍ଲକ ଅଞ୍ଚଳର ଶହ ଶହ ହେକ୍ଟର ଚାଷ ଜମିରେ ମଧ କାଣ୍ଡବିନ୍ଧା ପୋକଙ୍କ ପାଦୁର୍ଭାବ ଦେଖାଦେଇଥିବା ଜଣାପଡିଛି। ହେଲେ ନିରାକରଣ ଦିଗରେ ସୁକିନ୍ଦା ବ୍ଲକ କୃଷି କର୍ତ୍ତୃପକ୍ଷଙ୍କ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହୋଇଛି। ଅପରପକ୍ଷେ ଚାଷୀ ଧାନ ଗଛରେ ରୋଗ ପୋକ ଦମନ ପାଇଁ ବଜାରରୁ ଅତି ଚଢ଼ା ଦରରେ କୀଟନାଶକ ଔଷଧ କିଣି ଖର୍ଚ୍ଚାନ୍ତ ହେବାକୁ ବାଧ ହେଉଥିବା କହିଛନ୍ତି। ଅନୁକୂଳ ପରିସ୍ଥିତି ଚଳିତ ବର୍ଷ ଧାନ ଚାଷ ସୁରୁଖୁରୁରେ ଆରମ୍ଭ ହୋଇଥିଲା। ଏବେ ଧାନ ଗଛ ଭଲ ପିଲ ଦେଇ ହୋଇଥିବା ବେଳେ କାଣ୍ଡବିନ୍ଧା ପୋକଙ୍କ ଯୋଗୁ ଗଛ ମରିଯାଉଛି। ରୋଗ ପୋକ ଦମନ କ୍ଷେତ୍ରରେ କୃଷି ବିଭାଗ ଉଦ୍ୟମ ନ କଲେ ପରିଣତି ଅତ୍ୟନ୍ତ ଭୟଙ୍କର ହୋଇପାରେ ବୋଲି ବହୁ ଚାଷୀ ଆଶା ବ୍ୟକ୍ତ କରିଛନ୍ତି। ରୋଗ ପୋକର ଦମନ ପାଇଁ କୀଟନାଶକ ଔଷଧ ଛିଞ୍ଚନ କରୁଥିଲେ ମଧ ରୋଗ ପୋକ ଦମନ ହୋଇପାରୁ ନ ଥିବା ନୀଳମଣି ଜେନା, ଟୁକୁ ନାୟକ, ବାବାଜୀ ନାୟକ, ଲକ୍ଷ୍ମୀଧର ମହାନ୍ତ ପ୍ରମୁଖ ବହୁ ଚାଷୀ କହିଛନ୍ତି। ଏ ନେଇ ବ୍ଲକ କନିଷ୍ଠ କୃଷୀ ଅଧିକାରୀ ଜିତେନ କୁମାର ପଣ୍ଡାଙ୍କୁ ପଚାରିବାରୁ, କାଣ୍ଡବିନ୍ଧା ରୋଗ ପୋକ ଦମନ ପାଇଁ ସରକାରଙ୍କ ପକ୍ଷରୁ ରିହାତି ମୂଲ୍ୟରେ କୀଟନାଶକ ଔଷଧ ଯୋଗାଇ ଦେବାର ବ୍ୟବସ୍ଥା ରହିଛି। ଚାଷୀମାନେ ବ୍ଲକ କୃଷି ବିଭାଗ କାର୍ଯ୍ୟାଳୟରୁ ସାର ନେବା ପାଇଁ ସେ ପରାମର୍ଶ ଦେଇଛନ୍ତି।



ଦୁଇ ଚାଷୀ ନଷ୍ଟ ହୋଇଥିବା ଧାନ ଗଛ ଦେଖାଉଛନ୍ତି।

## ନାବାଳିକା ଅପହରଣ ଅଭିଯୋଗ

**କୋରେଇ, ୧୫।୯(ସ୍ୱ.ପ୍ର.)**

ପାଣିକୋଇଲି ଥାନା ଅଞ୍ଚଳରେ ଅଜା ଶୁଦ୍ଧିକ୍ରିୟାକୁ ଯୋଗ ଦେବାକୁ ଆସିଥିବା ଜଣେ ନାବାଳିକାଙ୍କୁ ଅପହରଣ ହୋଇଥିବା ରବିବାର ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୧୭୧/୧୯)ରୁଜୁକରି ତଦନ୍ତ ଜାରି ରଖିଛି। ପ୍ରକାଶ ଯେ, ଭଦ୍ରକ ଜିଲା ଭଣ୍ଡାରୀ ପୋଖରୀ ଥାନା ଅଞ୍ଚଳର ଉକ୍ତ ନାବାଳିକା ଅଜାର ଶୁଦ୍ଧିକ୍ରିୟାରେ ଯୋଗଦେବାକୁ ଆସିଥିଲେ। ହେଲେ ଗତ ୧୨ ତାରିଖ ରାତିରେ ଘରୁ ବାହାରକୁ ଆସି ଆଉ ଫେରି ନ ଥିଲେ। ବହୁ ଖୋଜାଖୋଜି ପରେ ମଧ ନ ପାଇବାରୁ ଥାନାରେ ଅଭିଯୋଗ ଆଜା ଘର ଲୋକେ କରିଥିଲେ।

## ସ୍କୁଲ ଜମିରେ ବେଆଇନ ଦୋକାନ ଘର ଅଭିଯୋଗ

**କଳିଙ୍ଗନଗର,୧୫।୯(ଡି.ଏନ୍.ଏ.)**

ଦାନଗଦୀ ହାଇସ୍କୁଲ ବୁଦ୍ଧରାଜା ବିଦ୍ୟାପୀଠର ନିଜସ୍ୱ ଜାଗାରେ ବେଆଇନ ଭାବରେ ଦୋକାନ ଘର ନିର୍ମାଣ କାଯାଇଛି। ଦୀର୍ଘବର୍ଷ ଧରି ଦୋକାନଗୁଡ଼ିକ କେତେଜଣ ବ୍ୟକ୍ତିଙ୍କ ଅକ୍ତିଆରରେ ରହିଛି। ଏହି କାର୍ଯ୍ୟ ସ୍କୁଲ କର୍ତ୍ତୃପକ୍ଷଙ୍କ ସଲାସୁତରାରେ ଚାଲିଥିବା ଅଭିଯୋଗ ହୋଇଛି। ସେହିପରି ଘରଗୁଡିକରୁ ଆଦାୟ କରାଯାଉଥିବା ଭଡ଼ା ସ୍କୁଲ କର୍ମଚାରୀଙ୍କ ମଧରେ ଭାଗବଣ୍ଟା କରାଯାଉଥିବା ଅଭିଯୋଗ ହୋଇଛି। ଦୋକାନଗୁଡିକ ବିଦ୍ୟାଳୟ ପରିସରରେ ନିର୍ମାଣ କରାଯାଇଥିବା ବେଳେ ପ୍ରାୟ ୨୦ ବଖରା ଘର ସ୍କୁଲ ଜମିରେ ରହିଛି। ତେବେ ଦୋକାନଗୁଡିକ ଶ୍ରେଣୀଗୃହ ସମ୍ମୁଖରେ ରହିବାରୁ ଅଧିକାଂଶ ସମୟରେ ଟ୍ରାଫିକ୍



ସମସ୍ୟା ଦେଖାଦେଉଛି। ଅପରପକ୍ଷେ ଦୋକାନବଜାର ସବୁବେଳେ ଭିଡ ରହୁଥିବାରୁ ଅନେକ ସମୟରେ ଗଣ୍ଡଗୋଳ ଏବଂ ମାରପିଟ ଭଳି ପରିସ୍ଥିତି ଦେଖା ଦେଉଛି। ଫଳରେ ଛାତ୍ରୀଛାତ୍ରଙ୍କ ପାଠ ପଢାରେ ବାଧା ସୃଷ୍ଟି ହେଉଛି। ଏ ସମ୍ପର୍କରେ ଅଗଷ୍ଟ ୨୫ ତାରିଖରେ ଅଭିଭାବକ ଓ ସ୍ଥାନୀୟ ଅଞ୍ଚଳବାସୀ ଦାନଗଦୀ ତହସିଲଦାରଙ୍କଠାରୁ ଆରମ୍ଭ କରି ଶିକ୍ଷା ବିଭାଗର ବରିଷ୍ଠ ଅଧିକାରୀ, ଜିଲା ପ୍ରଶାସନଙ୍କୁ ଅବଗତ କରିଛନ୍ତି। ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା କହିଛନ୍ତି। ଏ ବାବଦରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ସାହୁଙ୍କୁ ପଚାରିବାରୁ, ନୂତନଭାବେ ଦାୟିତ୍ୱ ନେଇଥିବାରୁ ଘଟଣା ବାବଦରେ ଅବଗତ ନ ଥିବା କହିଛନ୍ତି। ଏହାର ସାମାଧାନ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ସ୍ଥାନୀୟ ଲୋକେ ଚେତାବନୀ ଦେଇଛନ୍ତି।

# ବରୁହାଁ-କଳାମାଟିଆ ରାସ୍ତା ଅବସ୍ଥା ଶୋଚନୀୟ

**ବରୀ,୧୫।୯(ସ୍ୱ.ପ୍ର)**

ବରୁହାଁ-କଳାମାଟିଆ ପୂର୍ତ୍ତ ବିଭାଗ ରାସ୍ତାର ରଘୁନାଥପୁର ଛକ ନିକଟରେ ପିଚୁ ଚିମ୍ସ ଉଠିଯାଇ ଏବେ ଗର୍ତ୍ତ ସୃଷ୍ଟି ହୋଇଛି। ଏହି ଗର୍ତ୍ତ ଯୋଗୁ ରାସ୍ତା ଫାଟି ଯିବାର ଆଶଙ୍କା ଦେଖାଦେଇଛି। ବରୁହାଁଠାରୁ କଳାମାଟିଆ ୨୫ କି.ମି. ରାସ୍ତା ହୋଇଥିଲାବେଳେ ଏହାର ରକ୍ଷଣାବେକ୍ଷଣ ଅଭାବରୁ ଶୋଚନୀୟ ହୋଇପଡ଼ିଲାଣି। ଏ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ରାସ୍ତାର ଶିବା ଛକ, କେତକୀକିଆ, ବରୁହାଁ ଛକ, ସାହାସପୁର ଛକ, ମାଳଦା, ବାଲିଆପାଳ, ଶଙ୍ଖାରୀ ଗଡ଼ା, ସନ୍ଥନ ମଠ ଛକରେ ଉଠା ଦୋକାନୀମାନେ ଜବରଦଖଲ କରିନେଇଥିବା ଅଭିଯୋଗ ହୋଇଛି। ଏନେଇ ବାରମ୍ବାର ଟ୍ରାଫିକ୍ ସମସ୍ୟା ଦେଖାଯାଉଥିଲାବେଳେ ଦୈନିକ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଶନିବାର



ବରୁହାଁ-କଳାମାଟିଆ ରାସ୍ତା।

ପୂର୍ବାହ୍ନରେ ସନ୍ଥନ ଛକରେ ଜଣେ ଯୁବକ ବାଇକ୍ ନେଇ ଆସୁଥିଲାବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇ ଗୁରୁତର ହୋଇଥିବା ଜଣାପଡ଼ିଛି। ୮ବର୍ଷ ଭିତରେ ଏହି ରାସ୍ତାରେ ୪ଟି ଜୀବନ ଦୁର୍ଘଟଣାରେ ଅକାଳରେ ଟଳି ପଡ଼ିଛି। ରାସ୍ତାର ସୁରକ୍ଷା ଓ ସମ୍ପ୍ରସାରଣ ମରାମତି ବାବଦରେ ୨କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଆସିଛି। ଠିକାଦାର ଜରିଆରେ ରାସ୍ତା କାମ ହୋଇଥିଲାବେଳେ ଏବେ ରାସ୍ତାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ରାସ୍ତାର ଉଭୟ ପାର୍ଶ୍ୱର ସୌନ୍ଦର୍ଯ୍ୟକରଣ ପାଇଁ ୫୦ଲକ୍ଷ ଆସିଥିଲାବେଳେ କାଗଜ କଲମରେ ଠିକାଦାର କରିନେଇ ମାଲାମାଲ ହୋଇଥିବା ଜଣାପଡ଼ିଛି। ଜବରଦଖଲ ଉଚ୍ଛେଦ ପାଇଁ ଜିଲା ପ୍ରଶାସନ ନିକଟରେ ସ୍ଥାନୀୟ ଲୋକେ ଅଭିଯୋଗ କରୁଥିଲେ ହେଁ ପ୍ରଶାସନ ତାହାକୁ କର୍ଣ୍ଣପାତ କରୁନାହିଁ। ଏ ନେଇ ଅସନ୍ତୋଷ ଆନ୍ଦୋଳନର ଦାନା ବାନ୍ଧୁଥିବା ସୂଚନା ମିଳୁଛି। ତୁରନ୍ତ ଜବରଦଖଲ ଉଚ୍ଛେଦ କରିବା ସହିତ ରାସ୍ତା ମରାମତି ଓ ସମ୍ପ୍ରସାରଣ କରିବାକୁ ସାଧାରଣରେ ଦାବି ହୋଇଛି। ଏ ସଂକ୍ରାନ୍ତରେ ପୂର୍ତ୍ତ ବିଭାଗର ସହକାରୀ ଯନ୍ତ୍ରୀ ରାଜ କିଶୋର ସାହୁଙ୍କୁ ପଚରାରିବାରୁ ଅଭିଯୋଗ ମିଳିଛି। ତୁରନ୍ତ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

## ସଂକ୍ଷେପରେ

### ଜିଲାପାଳ ଅଫିସ ସ୍ଥାନାନ୍ତର ଉଦ୍ୟମ :ବରିଷ୍ଠ ନାଗରିକଙ୍କ ବିରୋଧ

**କେନ୍ଦ୍ରାପଡା ଅଫିସ, ୧୫।୯:** କେନ୍ଦ୍ରାପଡ଼ା ସହର ମଧ୍ୟରେ ଥିବା ଜିଲାପାଳ କାର୍ଯ୍ୟାଳୟକୁ ସ୍ଥାନାନ୍ତର କରିବାକୁ ପ୍ରଶାସନିକସ୍ତରରେ ଉଦ୍ୟମ ଆରମ୍ଭ ହୋଇଛି। ଏହାକୁ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଜଝାଙ୍ଗକୁ ନେବାପାଇଁ ପ୍ରସ୍ତୁତି ଚାଲିଥିବା ବେଳେ ବରିଷ୍ଠ ନାଗରିକ ଓ ବୁଦ୍ଧିଜୀବୀଙ୍କ ପକ୍ଷରୁ କାର୍ଯ୍ୟାଳୟ ସ୍ଥାନାନ୍ତରକୁ ବିରୋଧ କରାଯାଇଛି। ଏନେଇ ସହରର ପ୍ରେସରୁମଠାରେ ଶିକ୍ଷାବିତ ନନ୍ଦ କିଶୋର ପରିଡାଙ୍କ ଅଧକ୍ଷତାରେ ଶନିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳଙ୍କ ଠାରୁ ଘଟଣାର ସତ୍ୟାସତ୍ୟ ସମ୍ପର୍କରେ ପ୍ରଥମେ ଅବଗତ ହେବା ପାଇଁ ସ୍ଥିର କରାଯାଇଥିଲା । ବୈଠକରେ ପୂର୍ବତନ ପୌରାଧକ୍ଷ ମହମ୍ମଦ ଆକବର ଅଲ୍ଲୀ, ଆଇନଜୀବୀ ଉମେଶ ଚନ୍ଦ୍ର ସିଂ, ବୈଦ୍ୟନାଥ ଚାଟାର୍ଜୀ, ସରୋଜରାଜ ସିଂ, ଅଧିକାରୀ ପ୍ରଭାତ ଦାସ, ଶିକ୍ଷାବିତ୍ ଅଜୟ ସାମଲ, ବିଜୟକୃଷ୍ଣ ସାହୁ, ରମଣୀରଞ୍ଜନ ରାଉତରାୟ, ମୁକ୍ତାର ଖାଁ ଓ ଶରତ ବେହୁରା ପ୍ରମୁଖ ଯୋଗଦେଇଥିଲେ।

### ମାର୍ଶାଘାଇ କଲେଜରେ ଅଭିଭାବକ-ଅଧ୍ୟାପକ ସମ୍ମିଳନୀ

**ମାର୍ଶାଘାଇ, ୧୫।୯ (ଡି.ଏନ୍.ଏ.):** ମାର୍ଶାଘାଇ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଶନିବାର ଅଭିଭାବକ ଓ ଅଧାପକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ଅଧକ୍ଷ ଡା.ଅମୀୟ କୁମାର ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ମିଳନୀରେ +୩ ତୃତୀୟବର୍ଷ କଳା, ବିଜ୍ଞାନ ଓ ବାଣିଜ୍ୟ ଛାତ୍ରଛାତ୍ରୀଙ୍କ ଅଭିଭାବକମାନେ ଯୋଗଦେଇଥିଲେ। ଏଠାରେ ଉନ୍ନତ ଶୈକ୍ଷିକ ପରିବେଶ, ଗୁଣାତ୍ମକ ଶିକ୍ଷାଦାନ ଓ ଛାତ୍ର ଉପସ୍ଥାନ ବୃଦ୍ଧି ଉପରେ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅଧାପିକା ଅନୁପମା ଦାସ, କର୍ମଚାରୀ ସଂଘ ସମ୍ପାଦକ ଅଧାପକ ପ୍ରଭାତ ରଞ୍ଜନ ଲେଙ୍କା, ପ୍ରଶାସନିକ ଅଧିକାରୀ ଅଧାପକ ଗୋବିନ୍ଦ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଅଧାପକ ସୁକାନ୍ତ କୁମାର ପ୍ରଧାନ ଏବଂ ଦିଲ୍ଲୀପ କୁମାର ସାହୁ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଶେଷରେ ଅଧାପକ ଉମେଶ ଚନ୍ଦ୍ର ଦାଶ ଧନ୍ୟବାଦ ଦେଇଥିଲେ।

### ଆଦର୍ଶ ଶିକ୍ଷକ ସମ୍ବର୍ଦ୍ଧିତ

**ଡେରାବିଶ, ୧୫।୯ (ସ୍ୱ.ପ୍ର.):** ଡେରାବିଶ ବ୍ଲକ ବସୁପୁର ପଞ୍ଚାୟତ ଅଧୀନ ନରହରିପୁର ପ୍ରାଥମିକ ବିଦ୍ୟାଳୟର ଆଦର୍ଶ ଶିକ୍ଷକ ଶରତ କୁମାର ଆଚାର୍ଯ୍ୟଙ୍କୁ କଳାୟନ ସାଂସ୍କୃତିକ ଅନୁଷ୍ଠାନ ତରଫରୁ 'କଳିଙ୍ଗ ପ୍ରତିଭା ସମ୍ମାନ'ରେ ସମ୍ମାନିତ କରାଯାଇଛି। କଟକ ବାଦାମବାଡ଼ିସ୍ଥିତ କଳାୟନ ସାଂସ୍କୃତିକ ଅନୁଷ୍ଠାନର ବାର୍ଷିକ ଉତ୍ସବ ଅବସରରେ ଡା. ଦିନବନ୍ଧୁ ମହାରଣା ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଧାନଶିକ୍ଷକ ଆଚାର୍ଯ୍ୟଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ମାନିତ କରିଥିଲେ। ପ୍ରଧାନଶିକ୍ଷକ ଆଚାର୍ଯ୍ୟ ପୂର୍ବରୁ ଜିଲା ଗଣଶିକ୍ଷା ବିଭାଗ ଏବଂ ରାଜ୍ୟ କଳା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ତରଫରୁ ଉତ୍କଳ ସନ୍ତାନ, ଶିକ୍ଷା ସାରଥି, ଶିକ୍ଷାଶ୍ରୀ ଏବଂ ରାଜ୍ୟସ୍ତରୀୟ ସରକାରୀ ଓ ବେସରକାରୀ ଅନୁଷ୍ଠାନ ତରଫରୁ ସମ୍ମାନିତ ହୋଇଛନ୍ତି।

### ପୋଲିସର ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ



**ପଟ୍ଟାମୁଣ୍ଡାଇ, ୧୫।୯ (ସ୍ୱ.ପ୍ର.):** ପଟ୍ଟାମୁଣ୍ଡାଇ ବାଇପାସ ଛକଠାରେ ସ୍ଥାନୀୟ ପୋଲିସ ପକ୍ଷରୁ ଶନିବାର ସନ୍ଧ୍ୟାରେ ଟ୍ରାଫିକ ଆଇନ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ରାକେଶ କୁମାର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ବାଇପାସ ଠାରେ ହେଲମେଟ ଚେକିଂ ହୋଇଥିଲା। ବିନା ହେଲମେଟରେ ବାଇକ ଚଳାଉଥିବା ଚାଳକଙ୍କୁ ହେଲମେଟ୍ ବିକ୍ରି କରାଯାଇଥିଲା। ଏଥିସହ ଟ୍ରାଫିକ ନିୟମ ସମ୍ପର୍କରେ ଲୋକଙ୍କୁ ସଚେତନତା କରାଯାଇଥିଲା।

■ ନିର୍ମାଣର ୩ ବର୍ଷ ମଧ୍ୟରେ ରାସ୍ତା ଶୋଚନୀୟ

# ୫ ଥର ତାଳିପକା ସତ୍ତ୍ୱେ ସୁଧୁରୁନି ଅବସ୍ଥା

**କେନ୍ଦ୍ରାପଡା ଅଫିସ,୧୫।୯**

**କେନ୍ଦ୍ରାପଡା-ଗଣ୍ଡାକିଆ ରାସ୍ତା**

- ■ କଟକ-ଚାନ୍ଦବାଲି ରାଜ୍ୟ ରାଜପଥର ବିକଳ୍ପ ଭାବେ ଗଣତି ହୁଏ
- ■ ନିର୍ମାଣ ସମୟରେ ୫ ବର୍ଷ ଗ୍ୟାରେଣ୍ଟି ଦେଇଥିଲା ଠିକାସଂସ୍ଥା
- ■ ଆନ୍ଦୋଳନ ପାଇଁ ସ୍ଥାନୀୟ ଲୋକେ ସଜବାଜ

କେନ୍ଦ୍ରାପଡ଼ା ସହରଠାରୁ ଗଣ୍ଡାକିଆ ପର୍ଯ୍ୟନ୍ତ ୧୨ କିଲୋମିଟର ରାସ୍ତା ଯାତ୍ରୀଙ୍କ ପାଇଁ ମରଣଯନ୍ତା ସାଜିଛି । ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଗତ ୩ ବର୍ଷ ପୂର୍ବେ ଏହି ରାସ୍ତା ନିର୍ମାଣ କରାଯାଇଥିଲା। ଇତିମଧ୍ୟରେ ଏହା ଉପରେ ୫ ଥର ତାଳିପକା କାମ ହୋଇଛି । ଏହାସତ୍ତ୍ୱେ ରାସ୍ତା ଅବସ୍ଥା ସୁଧୁରୁନି। ସ୍ଥାନୀୟ ଲୋକେ ଯାତାୟାତ ବେଳେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସମସ୍ୟା ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ବିଭିନ୍ନ ସମୟରେ ବିକ୍ଷୋଭ ଓ ରାସ୍ତାରୋକୋ କରାଯାଇଛି । ମାତ୍ର କୌଣସି ସୁଫଳ ନ ମିଳିବାରୁ ପରେ ସ୍ଥାନୀୟ ଲୋକେ ପୁନର୍ବାର ଆନ୍ଦୋଳନ ପାଇଁ ସଜବାଜ ହେଉଛନ୍ତି।

ସୂଚନାଯୋଗ୍ୟ, ୨୦୦୯-୧୦ ଆର୍ଥିକ ବର୍ଷରେ ଏହି ରାସ୍ତା ପାଇଁ ବିଭାଗ ପକ୍ଷରୁ ଟେଣ୍ଡର ହୋଇ ନିର୍ମାଣ କାର୍ଯ୍ୟ ଗତ ୨୦୧୬ରେ ଶେଷ ହୋଇଥିଲା। ଏହି ରାସ୍ତା ପାଇଁ ସେତେବେଳେ ୮ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଥିଲା। ଟେଣ୍ଡର ସମୟରେ ଠିକାସଂସ୍ଥା ଏହି ରାସ୍ତା ପାଇଁ ୫ ବର୍ଷର ନିଶ୍ଚିତ ଗ୍ୟାରେଣ୍ଟି ଦେବା ସହ କାର୍ଯ୍ୟ ଆରମ୍ଭ କରିଥିଲେ । ମାତ୍ର ନିର୍ମାଣ ସମୟରେ ଏଠାରେ ନିମ୍ନମାନର କାର୍ଯ୍ୟ ହୋଇଛି। ଏହାପରଠାରୁ ଏଠାରେ ଉନ୍ନତୀକରଣ ନାମରେ ପ୍ରତିବର୍ଷ କୋଟି କୋଟିଟଙ୍କା ବ୍ୟୟ ହେଉ ଥିଲେ ମଧ୍ୟ ରାସ୍ତା ଅବସ୍ଥା ସୁଧୁରୁ ନାହିଁ ବୋଲି ସାଧାରଣରେ ଅଭିଯୋଗ ହୋଇଛି।

ଏ ସମ୍ପର୍କରେ କଂସାର ଗ୍ରାମର ନିରଞ୍ଜନ ପରିଡା କୁହନ୍ତି, ଏହି ରାସ୍ତାକୁ କଟକ ଚାନ୍ଦବାଲି ରାଜ୍ୟ ରାଜପଥର ବିକଳ୍ପ ଭାବେ ଗଣତି କରାଯାଏ । କେନ୍ଦ୍ରାପଡ଼ା ସହରଠାରୁ ପଟ୍ଟାମୁଣ୍ଡାଇ ଅଳଭା ପର୍ଯ୍ୟନ୍ତ ବିକଳ୍ପ ରାସ୍ତା ହୋଇଥିବାରୁ ପ୍ରତିଦିନ ୮ବସ ଓ ଗାଡି ମୋଟର ଏହି ବାଟଦେଇ ଯିବା ଆସିବା କରିଥାନ୍ତି । ତେବେ ନିମ୍ନମାନର କାର୍ଯ୍ୟ ହେତୁ ରାସ୍ତା ଖାଲଖମା ପୂରିଯାଇଥିବାରୁ ଗାଡ଼ିମୋଟରରେ ଯାତାୟାତ ସମୟରେ ଦୁର୍ଘଟଣାର ଆଶଙ୍କା ରହିଥାଏ ବୋଲି ପରିଡା କହିଛନ୍ତି। ଦେପୁରା ଗ୍ରାମର ଜଗଦୀଶ ପତି କୁହନ୍ତି, ଏହି ୧୨ କିଲୋମିଟର ରାସ୍ତା ପାଇଁ ପରବର୍ତ୍ତୀ ସମୟରେ ପୁନର୍ବାର ଅର୍ଥ ବ୍ୟୟ ହୋଇଛି। ୨୦୧୬ରେ ଏହି ରାସ୍ତାର କାଙ୍କଦିଆରୁ ସାନ୍ତସାହି ପର୍ଯ୍ୟନ୍ତ ୩ କିଲୋମିଟର ମରାମତି କରାଯାଇ ଅଧିକ ୩ କୋଟି ବ୍ୟୟ ହୋଇଥିଲା। ୨୦୧୭ ମାର୍ଚ୍ଚରେ କାଙ୍କଦିଆ ନିକଟରୁ ବ୍ଲକ ଛକ ପର୍ଯ୍ୟନ୍ତ ୧କୋଟି ଖର୍ଚ୍ଚ ହୋଇଥିବା ବେଳେ ଗତ ଡିସେମ୍ବରରେ ଏହି ରାସ୍ତା ପାଇଁ ପୁନର୍ବାର ୧୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ଅପରପକ୍ଷେ ଠିକା ସଂସ୍ଥା ନିର୍ମାଣ ସମୟରେ ୫ ବର୍ଷ ଗ୍ୟାରେଣ୍ଟି ଦେଇଥିବା ବେଳେ ଅବଧି ସରିବା ପୂର୍ବରୁ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି।

ଏବେ ଉନ୍ନତୀକରଣ ନାମରେ ବିଭାଗୀୟ ଅଧିକାରୀ ଅର୍ଥ ବ୍ୟୟ କରୁଥିବା ବେଳେ ସମ୍ପୃକ୍ତ ଠିକାସଂସ୍ଥା ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଏ ସମ୍ପର୍କରେ ବଜରଙ୍ଗ ଦଳ ନେତା ରାଜକିଶୋର ନାୟକ କୁହନ୍ତି, ରାସ୍ତା ନିର୍ମାଣରେ ଅନିୟମିତତା ଥିବା ଦର୍ଶାଇ ତତ୍କାଳୀନ ସମୟରେ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲା । ପରେ ରାସ୍ତା ଅବସ୍ଥା ଶୋଚନୀୟ ହେବାଯୋଗୁ ବାରମ୍ବାର ରାସ୍ତାରୋକୋ ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ମାତ୍ର ବିଭାଗୀୟ ଅଧିକାରୀ କେବଳ ତାଳିପକା କାମ କରି ଚୁପ୍ ରହିଯାଉଛନ୍ତି ବୋଲି ନାୟକ ଅଭିଯୋଗ କରିଛନ୍ତି। ପୁନର୍ବାର ଆନ୍ଦୋଳନ ପାଇଁ ଆମେ ଏବେ ସଜବାଜ ହେଉଛୁ। ଏଥର ରାସ୍ତା ନିର୍ମାଣ ପାଇଁ ନୁହେଁ ବରଂ ବିଭାଗୀୟ ଅଧିକାରୀ ଓ ସମ୍ପୃକ୍ତ ଠିକା ସଂସ୍ଥା ବିରୋଧରେ ଆନ୍ଦୋଳନ ହେବ ବୋଲି ସେ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଜିଲାପାଳ ସମର୍ଥ ବର୍ମା କୁହନ୍ତି, ଖୁବ ଶୀଘ୍ର ରାସ୍ତାର ଉନ୍ନତୀକରଣ ହେବ । ଏଥିପାଇଁ ଅର୍ଥବ୍ୟବସ୍ଥା ହୋଇସାରିଛି।

## ଆୟେଶା ଚଳଚ୍ଚିତ୍ର ବନ୍ଦ ଦାବିରେ ନୀରବ ଶୋଭାଯାତ୍ରା



କେନ୍ଦ୍ରାପଡା ନୌଜୱାନ ୟୁନିଅନ ପକ୍ଷରୁ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**କେନ୍ଦ୍ରାପଡା ଅଫିସ, ୧୫।୯**

ନବନିର୍ମିତ ଆୟେଶା ଚଳଚ୍ଚିତ୍ରକୁ କେନ୍ଦ୍ରାପଡ଼ାରେ ବିରୋଧ କରାଯାଇଛି। ଏହି ଚଳଚ୍ଚିତ୍ର ପ୍ରଦର୍ଶନ ବନ୍ଦ ଦାବିରେ ରବିବାର ନୀରବ ଶୋଭାଯାତ୍ରା କରାଯାଇଛି। ଏହି ଚଳଚ୍ଚିତ୍ରକୁ ବିରୋଧ କରି କେନ୍ଦ୍ରାପଡା ନୌଜୱାନ ୟୁନିଅନ ପକ୍ଷରୁ ରାଷ୍ଟ୍ରପତି, କେନ୍ଦ୍ର ଗୃହମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ଉତ୍ତରପ୍ରଦେଶ ପୋଲିସ ଡିଜି ଏବଂ ଓଡିଶା ପୋଲିସ ଡିଜିଙ୍କ ଉଦ୍ଦେଶ୍ୟରେ ଲିଖିତ ଦାବିପତ୍ର ଉପଜିଲାପାଳ ଜ୍ୟୋତିରଞ୍ଜନ ମହାପାତ୍ରଙ୍କୁ ପ୍ରଦାନ କରାଯାଇଛି । ଏସମ୍ପର୍କରେ ୟୁନିଅନ ସଭାପତି ମହମ୍ମଦ ଆମିର କହିଛନ୍ତି, ମୁସଲମାନ ସମ୍ପ୍ରଦାୟର ମହାପୁରୁଷ ମହମ୍ମଦ (ସ.ଅ.)ଙ୍କ ଧର୍ମପତ୍ନୀ ହଜରତ ବିବି ଆୟେଶା ସିଦ୍ଦିକାଙ୍କୁ ନେଇ ହୋଇଥିବା ଏହି ବିକୃତ ଚଳଚ୍ଚିତ୍ର ସମାଜରେ କୁପ୍ରଭାବ ପକାଇବ । ଏହାକୁ କୌଣସି ମୁସଲମାନ ସମ୍ପ୍ରଦାୟ ବ୍ୟକ୍ତି ଗ୍ରହଣ କରନ୍ତି ନାହିଁ । ଏହି ଦାବିପତ୍ର ପ୍ରଦାନ ସମୟରେ ସେକ୍ ଅହେସାନ, ଆବରାର ଖାନ, ମହମ୍ମଦ ସରିଫ, ମହମ୍ମଦ ମୁସ୍ତାକିମ, ହାପି ସେଖ, ସେକ୍ ମୁଜାହିଦ୍ଦିନ, ଅବଦୁଲ ମତିନ, ସେକ୍ ଅଖତର, ଆୟୁବ ଖାନ ପ୍ରମୁଖ ସାମିଲ ହୋଇଥିଲେ ।

## ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ





ସଭାରେ ଉପସ୍ଥିତ ଅତିଥି।

**ମାର୍ଶାଘାଇ, ୧୫।୯ (ଡି.ଏନ୍.ଏ.)**

ମାର୍ଶାଘାଇ ମହିଳା ମହାବିଦ୍ୟାଳୟର ୨୬ତମ ପ୍ରତିଷ୍ଠା ଦିବସ ଇତିମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଛାତ୍ରୀଛାତ୍ର ଦ୍ୱାରା ସ୍ୱାଗତ ସଂଗୀତ ଗାନ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ନାରୀ ଶିକ୍ଷାର ବିକାଶ ଓ ସମଭାଗିତା ଲକ୍ଷରେ ୨୬ ବର୍ଷ ପୂର୍ବେ ପ୍ରତିଷ୍ଠିତ ଏହି ମହାବିଦ୍ୟାଳୟ ତାର ଲକ୍ଷ ପଥରେ ଆଗେଇ ଚାଲିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏଥିରେ ମହାବିଦ୍ୟାଳୟର କାର୍ଯ୍ୟକାରୀ ଅଧକ୍ଷା ଅର୍ଚ୍ଚନା ରାଉତରାୟ, ସଂସ୍କୃତ ଅଧାପିକା ସରୋଜିନୀ କର, ରାଜନୀତି ବିଜ୍ଞାନ ଅଧାପକ ହାଡ଼ିବନ୍ଧୁ ଦାସଙ୍କ ସହ ମହାବିଦ୍ୟାଳୟ ସମସ୍ତ ଅଧାପକ ଓ ଅଧାପିକା ଉପସ୍ଥିତ ଥିଲେ।

## ଅବସରପ୍ରାପ୍ତ ଶିକ୍ଷକଙ୍କ ବିୟୋଗ

**ମାର୍ଶାଘାଇ, ୧୫।୯ (ଡି.ଏନ୍.ଏ.)**

ମାର୍ଶାଘାଇ ବ୍ଲକ ଶିଳିପୁର ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଫକୀର ଚରଣ ଦାସ(୭୬)ଙ୍କର ରବିବାର ପୂର୍ବାହ୍ନରେ ବିୟୋଗ ଘଟିଛି। ସେ ଗତ କିଛି ଦିନ ହେବ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ସେ ମାର୍ଶାଘାଇ ବ୍ଲକ ଅଞ୍ଚଳର ବିଭିନ୍ନ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରି ବହୁ ସୁନାମ ଅର୍ଜନ କରିଥିଲେ। ମାର୍ଶାଘାଇ ଅବସରପ୍ରାପ୍ତ ଶିକ୍ଷକ ସଂଘ ସଦସ୍ୟ ଭାଗବତ ସାହୁ, ଅକ୍ଷୟ ଜେନା, ଚନ୍ଦ୍ରମଣି ସାହୁ, ହୃଷୀକେଶ ଲେଙ୍କା, କେଶବ ଚନ୍ଦ୍ର ଦାସ ଏବଂ ଶିଳିପୁର ସରପଞ୍ଚ ଯୁଗଳ କିଶୋର ଦାସ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଜ୍ୟେଷ୍ଠପୁତ୍ର ନଳିନୀକାନ୍ତ ଦାସ ମୁଖାଗ୍ନି ଦେଇଥିଲେ।

## ମିଳୁନି ୟୁରିଆ ସାର, ଚିନ୍ତାରେ ଚାଷୀ

**ପଟ୍ଟାମୁଣ୍ଡାଇ, ୧୫।୯ (ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ ବ୍ଲକ ଅଞ୍ଚଳରେ ୟୁରିଆ ସାର ମିଳୁନାହିଁ। ସାର କଳାବଜାର ହେଉଥିବା ବେଳେ ସମବାୟ ସମିତିରେ ମିଳୁ ନ ଥିବାରୁ ଅନେକ ଚାଷୀ ଅଯଥା ଖର୍ଚ୍ଚାନ୍ତ ହେଉଥିବା ଦେଖାଯାଉଛି। ପଟ୍ଟାମୁଣ୍ଡାଇ ବ୍ଲକରେ ଥିବା ୧୬ଟି ପ୍ରାଥମିକ କୃଷି ସମବାୟ ସମିତି ମଧ୍ୟରୁ ମାତ୍ର ୫ ସମବାୟ ସମିତି ପଟ୍ଟାମୁଣ୍ଡାଇ ମାର୍କଫେଡ ସାର ଗୋଦାମରୁ ଚାଷ ବେଳେ ଡିଏପି, ୟୁରିଆ ଓ ପଟାସ ସାର ଆଣିଥିଲେ। ତେବେ ଏହି ମାର୍କଫେଡ ସାର ଗୋଦାମରୁ ଜିଲାର ୧୨୧ କୃଷି ସମବାୟ ସମିତି ସମେତ ଲାଇସେନ୍ସପ୍ରାପ୍ତ ରିଟେଲରଙ୍କୁ ସାର ଯୋଗାଣ ହୋଇଥାଏ। ତେବେ ମାର୍କଫେଡ ଗୋଦାମକୁ ଆସିଥିବା ୧୪୭ ମେଟ୍ରିକ ଟନ ସାର ବିକ୍ରି ସରିଥିବା ଜଣାପଡିଛି। ମାତ୍ର ଏହା ମାର୍କଫେଡ ରେଜିଷ୍ଟରରେ କଟାଯାଇ ନ ଥିବା ଏକ ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ଫଳରେ ଏବେ ସାର ୱାଗନ ଆସିଥିଲେ ମଧ୍ୟ କେନ୍ଦ୍ରାପଡ଼ା ଜିଲା ମାର୍କଫେଡ ଗୋଦାମ ପାଇଁ ସାର ଦିଆଯାଇ ନ ଥିଲା। ଫଳରେ ଏହି ଜିଲାର ୧୨୧ କୃଷି ସମବାୟ ସମିତିରେ ୟୁରିଆ ସାର ଅଭାବ ଦେଖାଦେଇଛି। ଦ୍ୱିତୀୟ ସାର ଧାନରେ ପକାଇବା ବିଳମ୍ବ ହେଉଥିବାରୁ ଚାଷୀଙ୍କ ଚିନ୍ତା ବଢ଼ିଯାଇଛି।

ପଟ୍ଟାମୁଣ୍ଡାଇ ମାର୍କଫେଡ ଗୋଦାମକୁ ଇଫ୍‌କୋ କମ୍ପାନୀର ୟୁରିଆ, ଡିଏପି, ୨୦-୨୦-୦୧୩ ଓ ପଟାସ ସାର ଆସୁଛି। କିନ୍ତୁ ଆଇପିଏଲ, ପିପିଏଲ୍ ନାଗାର୍ଜୁନ ୟୁରିଆ ଆଦି ଆସୁନାହିଁ। ଅନ୍ୟ କମ୍ପାନୀର ସାର ମାର୍କଫେଡକୁ ଆସୁ ନ ଥିବାରୁ ଅସାଧୁ ବ୍ୟବସାୟୀମାନେ ୫୦ କିଲୋ ୟୁରିଆ ପ୍ୟାକେଟକୁ ୨୬୬ ଟଙ୍କା ୫୦ ପଇସା ପରିବର୍ତ୍ତେ ପ୍ରାୟ ୩୦୦ ଟଙ୍କାରେ ବିକ୍ରି କରୁଛନ୍ତି। ତାହା ପୁଣି ପର୍ଯ୍ୟାପ୍ତ ପରିମାଣର ନ ଥିବା ଦେଖାଯାଉଛି। ସେଥିପାଇଁ ଚାଷୀମାନେ ୟୁରିଆ ସାର ନ ପାଇ ହତାଶ ହୋଇପଡିଛନ୍ତି। ଚାଷୀମାନଙ୍କୁ ତୁରନ୍ତ ୟୁରିଆ ସାର ଯୋଗାଇ ଦେବାକୁ ଚାଷୀମାନେ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି। ଏହି ସମସ୍ୟା ପ୍ରତି ତୁରନ୍ତ ଦୃଷ୍ଟି ଦିଆ ନ ଗଲେ ଚାଷୀମାନେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ତେବେ ସମବାୟ ସମିତି ପକ୍ଷରୁ କେତେ ସାର ବିକ୍ରି ହୋଇଛି, ସେ ନେଇ ମାର୍କଫେଡ୍‌ରେ ତାଲିକା ପହଞ୍ଚୁନାହିଁ। ଫଳରେ ମାର୍କଫେଡ ପକ୍ଷରୁ ସାର କମ୍ପାନୀଙ୍କୁ ଠିକ୍ ହିସାବ ଦିଆଯାଇ ପାରୁନ ଥିବା ପଟ୍ଟାମୁଣ୍ଡାଇ ମାର୍କଫେଡ ଗୋଦାମ ଦାୟିତ୍ୱରେ ଥିବା ଅଧିକାରୀ ହରମୋହନ ମହାରଣା କହିଛନ୍ତି। ଏଥିସହ ଆସନ୍ତା ଏକ ସପ୍ତାହ ମଧ୍ୟରେ ୟୁରିଆ ସାର ପହଞ୍ଚିବ ବୋଲି ସେ ସୂଚନା ଦେଇଛନ୍ତି।

## ଲକ୍ଷ୍ମୀବରାହ ହାଇସ୍କୁଲରେ ପ୍ରଧାନଶିକ୍ଷକ ସମ୍ମିଳନୀ

**ରାଜନଗର, ୧୫।୯ (ଡି.ଏନ୍.ଏ.)**



ସମ୍ମିଳନୀରେ ଯୋଗଦେଇଥିବା ପ୍ରଧାନଶିକ୍ଷକମାନେ।

ରାଜନଗର ବ୍ଲକ ଅଧୀନ ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲର ପ୍ରଧାନଶିକ୍ଷକଙ୍କ ସମ୍ମିଳନୀ ଇତିମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷାଧିକାରୀ ରାଜକିଶୋର ସ୍ୱାଇଁ ପୌରୋହିତ୍ୟରେ ହାତିନାସ୍ଥିତ ଲକ୍ଷ୍ମୀବରାହ ହାଇସ୍କୁଲ ପରିସରରେ ଏହି ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏଠାରେ ମଧ୍ୟାହ୍ନ ଭୋଜନ ଓ ପିଲାଙ୍କ ବ୍ୟାଗର ଓଜନ ହ୍ରାସ ସମ୍ପର୍କରେ ଆଲୋଚନା କରାଯାଇଥିଲା। ୧ମ ଓ ୨ୟ ଶ୍ରେଣୀ ପିଲାଙ୍କ ବ୍ୟାଗର ଓଜନ ଦେଢ଼ କେଜି, ୩ୟ ରୁ ୫ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ବ୍ୟାଗର ଓଜନ ୨ ରୁ ୩ କେଜି, ୫ମ ରୁ ୭ମ ଶ୍ରେଣୀ ପିଲାଙ୍କ ବ୍ୟାଗ ଓଜନ ୪ କେଜି, ୮ମ ଶ୍ରେଣୀ ପିଲାଙ୍କ ବ୍ୟାଗ ଓଜନ ସାଢ଼େ ୪ କେଜି ଓ ନବମ, ଦଶମ ଛାତ୍ରୀଛାତ୍ରଙ୍କ ବ୍ୟାଗ ଓଜନ ୫ କେଜି ରହିବ ବୋଲି ଆଲୋଚନା କରାଯାଇଥିଲା। ଏଥିସହ ବିଦ୍ୟାଳୟକୁ କେତେ ଜଣ ଛାତ୍ରୀଛାତ୍ର ଆସିଛନ୍ତି, ସେମାନଙ୍କ ମଧ୍ୟରୁ କେତେଜଣ ମଧ୍ୟାହ୍ନ ଭୋଜନ ଖାଇବେ ସେ ସମ୍ପର୍କରେ ପ୍ରଧାନଶିକ୍ଷକମାନେ ୧୦ ଟା ୪୫ ମିନିଟ୍ ସୁଦ୍ଧା ସିଆରସିସିଙ୍କୁ ଜଣାଇବେ। ଏହାପରେ ସିଆର୍‌ସିସି ବିଇଓଙ୍କୁ ଜଣାଇବେ ଓ ବିଇଓ ଜିଲା ଶିକ୍ଷାଧିକାରୀ(ଡିଇଓ)ଙ୍କୁ ଜଣାଇବେ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଏଥିସହ ବୈଠକରେ ପୋକ୍ ସୋ ଆକ୍ଟ, ଜାତୀୟ ଶିଶୁ ସୁରକ୍ଷା ଅଧିକାର, ଓଡ଼ିଶା ଶିଶୁ ସୁରକ୍ଷା ଅଧିକାର ଆଇନ ସମ୍ପର୍କରେ ପ୍ରଧାନ ଶିକ୍ଷକମାନଙ୍କୁ ଅବଗତ କରାଯାଇଛି। ସମ୍ମିଳନୀରେ ଜିଲା ରାମସା କୋଅର୍ଡିନେଟର ପୀତବାସ ପଣ୍ଡା, ଜିଲା ଶିକ୍ଷା ବିଭାଗ ଲିଗାଲ ଆଡଭାଇଜର ବିଷ୍ଣୁଜିତ୍ ରାଉତ, ଜିଲା ସାଇନ୍ସ ସୁପରଭାଇଜର ଅଭୟ କୁମାର ପ୍ରତିହାରୀ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଅଜିତ କୁମାର ବାରିକ, ନନ୍ଦକିଶୋର ସ୍ୱାଇଁ, ହାତିନାସ୍ଥିତ ଲକ୍ଷ୍ମୀବରାହ ହାଇସ୍କୁଲ ପ୍ରଧାନଶିକ୍ଷକ ଗଣେଶ୍ୱର ନାୟକ ପ୍ରମୁଖ ଯୋଗଦେଇଥିଲେ।

## ବ୍ଲକସ୍ତରୀୟ କ୍ରୀଡ଼ା ଉତ୍ସବ ପ୍ରସ୍ତୁତି ବୈଠକ

**ରାଜନଗର, ୧୫।୯ (ଡି.ଏନ୍.ଏ.)**

ରାଜନଗର ବ୍ଲକସ୍ତରୀୟ ଶାରଦୀୟ ଓ ଶୀତକାଳୀନ କ୍ରୀଡ଼ା ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହେବ। ଏଥିପାଇଁ ଶନିବାର ଜରିମୂଳସ୍ଥିତ ସାବିତ୍ରୀ ଦେବୀ ବାଳିକା ହାଇସ୍କୁଲ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ରାଜନଗର ବ୍ଲକ ଶିକ୍ଷାଧିକାରୀ ରାଜକିଶୋର ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ସ୍ପୋର୍ଟ୍ସ ଆଣ୍ଡ ଗେମ୍ସର ସମ୍ପାଦକ ସୀତାକାନ୍ତ ରାଉଳ, ପରିଚାଳନା କମିଟି ସଦସ୍ୟ ତଥା ଶ୍ରୀଜଗନ୍ନାଥ ହାଇସ୍କୁଲର ପ୍ରଧାନଶିକ୍ଷକ ଅନିଲ କୁମାର ବଳ, ବାସୁଦେବ ବିଦ୍ୟାପୀଠର ପ୍ରଧାନଶିକ୍ଷକ ମହେଶ୍ୱର ରାଉତ, ଅତିରିକ୍ତ ଶିକ୍ଷାଧିକାରୀ ଅଜିତ କୁମାର ବାରିକ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।

## ଅବସରପ୍ରାପ୍ତ କର୍ମଚାରୀ ସଂଘ ବୈଠକ

**ରାଜନଗର, ୧୫।୯ (ଡି.ଏନ୍.ଏ.)**

ରାଜନଗର ବ୍ଲକ କୁରଣ୍ଟିସ୍ଥିତ କଞ୍ଚନେଶ୍ୱର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ରାଜନଗର ଅବସରପ୍ରାପ୍ତ କର୍ମଚାରୀ ସଂଘ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି କୃପାସିନ୍ଧୁ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅବସରପ୍ରାପ୍ତ କର୍ମଚାରୀମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିସହ ବୃକ୍ଷରୋପଣ, ପରିବେଶ ସୁରକ୍ଷା ଓ ସାମାଜିକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବୈଠକରେ ଜିଲା ଅବସରପ୍ରାପ୍ତ କର୍ମଚାରୀ ସଂଘ ଉପସଭାପତି ଗୋଲକ ବିହାରୀ ସାହୁ, ସାଧାରଣ ସମ୍ପାଦକ ଦୁଃଶାସନ ନାୟକ, ନିରଞ୍ଜନ ଶତପଥୀ, ବିପ୍ରଚରଣ ବେହୁରା, ବୈକୁଣ୍ଠନାଥ ଦାସ, ଗୌରାଙ୍ଗ ଚରଣ ବାରିକ, ସୁରେନ୍ଦ୍ର ନାଥ ପ୍ରଧାନ, ପ୍ରଫୁଲ୍ଲ କୁମାର ଜେନା, ଜୟକୃଷ୍ଣ ରାଉତ, ଅଧିକାରୀ ଚରଣ ରାଉତ, ନିରାକାର ବେହେରା, ବିଜୟ କୁମାର ନନ୍ଦ, ଶ୍ରୀଧର ପ୍ରସାଦ ସେଠୀ, ନିମାଇଁ ଚରଣ ଖଟୁଆ, ଶୈଳେନ୍ଦ୍ର ନାରାୟଣ ଖଟୁଆ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ରବୀନ୍ଦ୍ର କୁମାର ଜେନା, କମଳାକାନ୍ତ ରାଉତ, ମାନସ କୁମାର ପରିଡ଼ା, ଦୁର୍ଯ୍ୟୋଧନ ସ୍ୱାଇଁ, କିଶୋର ଚନ୍ଦ୍ର ପ୍ରଧାନ, ଶଙ୍କର ବେହେରା, ଗୋପବନ୍ଧୁ ପ୍ରଧାନ, ଭିକାରି ଚରଣ ରାଉତରାୟ, ନଟବର ସାହୁ, ରଘୁନାଥ ପାଣି, ରବୀନ୍ଦ୍ରନାଥ ମହାନ୍ତି, ଗୋକୁଳ ଚରଣ ଦାସ, ଅର୍ଜୁନ ଚରଣ ସାହୁ, ପୂର୍ଣ୍ଣଚନ୍ଦ୍ର ଦାସ, କାଙ୍ଗାଳି ଚରଣ ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଡିଜିଟାଲ ଶିକ୍ଷା ଆଳରେ ସରକାରୀ ଅର୍ଥ ଲୁଟ୍ ଅଭିଯୋଗ

**ପଟ୍ଟାମୁଣ୍ଡାଇ,୧୫।୯ (ସ୍ୱ.ପ୍ର)**

ଗାଁ ଗହଳିର ପିଲାମାନଙ୍କୁ ମାଗଣାରେ କମ୍ପ୍ୟୁଟର ଶିକ୍ଷା ଯୋଗାଇ ଦେବା ନିମନ୍ତେ ପିଏମଜିଦୀସା (ପ୍ରଧାନମନ୍ତ୍ରୀ ଗ୍ରାମୀଣ ଡିଜିଟାଲ ଶିକ୍ଷା ଅଭିଯାନ) ସାରା ଦେଶରେ ଚାଲୁଛି। ଏଥିପାଇଁ କେନ୍ଦ୍ର ସରକାର କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି। ମାତ୍ର ଏହା କେତେଦୂର କାର୍ଯ୍ୟକାରୀ ହେଉଛି ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପଟ୍ଟାମୁଣ୍ଡାଇ ବ୍ଲକ ଅଞ୍ଚଳରେ କମ୍ପ୍ୟୁଟର ଶିକ୍ଷା ନାମରେ ଏଜେଣ୍ଟମାନେ ଟଙ୍କା ହରିଲୁଟ କରୁଥିବା ଅଭିଯୋଗ ହୋଇଛି।

ଏହି ଯୋଜନା ମୁତାବକ, ଜଣେ ପିଲା କମ୍ପ୍ୟୁଟର ଶିକ୍ଷା ଗ୍ରହଣ କରିବା ପରେ ତାଙ୍କୁ ଅନଲାଇନରେ ପରୀକ୍ଷା ଦେବାକୁ ପଡ଼ିଥାଏ। ଏହି ପରୀକ୍ଷାରେ ସେ ପାସ କଲେ ତାଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯିବା ସହିତ ଶିକ୍ଷାଦାନ କରିଥିବା ଉକ୍ତ କେନ୍ଦ୍ରର ଏଜେଣ୍ଟଙ୍କୁ ଜଣପିଛା ୩୫୦ ଟଙ୍କା ମିଳିଥାଏ। ମାତ୍ର କମ୍ପ୍ୟୁଟର ଶିକ୍ଷାଦାନ କେବଳ କାଗଜପତ୍ରରେ ଚାଲିଛି ବୋଲି କେତେଜଣ ସାମାଜିକ କର୍ମୀ ଅଭିଯୋଗ କରିଛନ୍ତି। କେତେକ ଠକ ସଂସ୍ଥାର ଏଜେଣ୍ଟ ଲୋକମାନଙ୍କୁ ମିଛ କହି ଆଧାର ନମ୍ବର ଓ ଟିପ ଚିହ୍ନ ନେଇ ସେମାନଙ୍କ ନାମ ପଞ୍ଜୀକରଣ କରାଉଛନ୍ତି। ଯେଉଁ ଲୋକମାନଙ୍କ ନାଁ ପଞ୍ଜୀକୃତ କରାଯାଉଛି, ସେମାନେ ଡିଜିଟାଲ ଶିକ୍ଷାରେ ଦକ୍ଷ ନୁହନ୍ତି। ଏହାର ପରୀକ୍ଷା ଦେବା ସେମାନଙ୍କ ପକ୍ଷେ ଆଦୌ ସମ୍ଭବ ନୁହେଁ। ଫଳରେ ଦେଶର ଜନସାଧାରଣଙ୍କୁ କମ୍ପ୍ୟୁଟର ଶିକ୍ଷା ଯୋଗାଇ ଦେବା ନିମନ୍ତେ ସରକାର ଏଜେଣ୍ଟମାନଙ୍କୁ ଦେଉଥିବା ଟଙ୍କା ହରିଲୁଟ୍ ହେଉଛି ବୋଲି ସାମାଜିକ କର୍ମୀ ପ୍ରଶାନ୍ତ ମାହାନ୍ତି, ସମରେନ୍ଦ୍ର ଜେନା, ସୁରେଶ ସାହୁ, ଗଗନ ନାୟକ, ଶୀଧର ମହାନ୍ତି, ରଶ୍ମିରଞ୍ଜନ ପତି, ପ୍ରେମ ରଞ୍ଜନ ମାହାନ୍ତି ପ୍ରମୁଖ ଅଭିଯୋଗ କରିଛନ୍ତି।

## ବୃକ୍ଷରୋପଣ, ଜଳ ସଂରକ୍ଷଣକୁ ଗୁରୁତ୍ୱ

**ଜଳଶକ୍ତି ଅଭିଯାନ ବୈଠକ**





ସଚେତନତା ରାଲିରେ ଯୋଗ ଦେଇଥିବା ଛାତ୍ରୀଛାତ୍ର ଓ ଅନ୍ୟମାନେ।

**କେନ୍ଦ୍ରାପଡା ଅଫିସ, ୧୫।୯**

କେନ୍ଦ୍ରାପଡ଼ାରେ ପାନୀୟ ଜଳ ସଙ୍କଟର ମୁକାବିଲା ପାଇଁ କେନ୍ଦ୍ର ସରକାର ରାଜ୍ୟର ଏହି ଜିଲାକୁ ପାଇଲଟ ଜିଲା ଭାବେ ଜଳ ଶକ୍ତି ଅଭିଯାନରେ ସାମିଲ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଜିଲା ପ୍ରଶାସନ, ପୌରପାଳିକା ଓ ଡିଏଭି ପବ୍ଲିକ ସ୍କୁଲର ମିଳିତ ସହଯୋଗରେ ଜଳ ଶକ୍ତି ଅଭିଯାନ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଡିଏଭି ସ୍କୁଲ ପରିସରରେ ଆୟୋଜିତ ଏହି ବୈଠକରେ ପରିଚାଳନା କମିଟି ସଭାପତି ପ୍ରଦୀପ କୁମାର ଦାଶ ଅଧକ୍ଷତା କରିଥିଲେ। ଏଥିରେ କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରା, ଜିଲା ପରିଷଦ ଅଧକ୍ଷ ମାନସ କୁମାର ପରିଡା, କେନ୍ଦ୍ର ବୟନଶିଳ୍ପ ମନ୍ତ୍ରଣାଳୟ ଯୁଗ୍ମ ସଚିବ ସଞ୍ଜୟ ଶରନ, ଉପଜିଲାପାଳ ଜ୍ୟୋତିରଞ୍ଜନ ମହାପାତ୍ର, କେନ୍ଦ୍ରାପଡା ବ୍ଲକ ଅଧକ୍ଷ ଅନାମବନ୍ଧୁ ଧଳ, ପୌରନିର୍ବାହୀ ଅଧିକାରୀ ଦେବପ୍ରସାଦ ବଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ଜିଲାରେ ବୃକ୍ଷରୋପଣ ଓ ଜଳ ସଂରକ୍ଷଣକୁ ଗୁରୁତ୍ୱ ଦେଇଥିଲେ । ଏହି ଅବସରରେ ସହରର ଗରାପୁରଠାରୁ କାଳୀମନ୍ଦିର ରାସ୍ତା ପାର୍ଶ୍ୱରେ ବୃକ୍ଷରୋପଣ କରାଯାଇ ଛାତ୍ରୀଛାତ୍ରଙ୍କ ଦ୍ୱାରା ଏକ ସଚେତନତା ରାଲି କରାଯାଇଥିଲା। ଡିଏଭି ସ୍କୁଲ ଅଧକ୍ଷ ରଞ୍ଜନ କୁମାର ବିଶ୍ୱାଳ ଓ ପୌରସଂସ୍ଥା ହିସାବରକ୍ଷକ ଗଣେଶ କୁମାର ପାତ୍ର ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ବିପ୍ଳବୀ ଆନନ୍ଦ ଜେନା ସ୍ମୃତି କମିଟି ଉପଦେଷ୍ଟା ସଞ୍ଜୟ ଜେନାଙ୍କ ନେତୃତ୍ୱରେ ଆନନ୍ଦମାର୍ଗରୁ କାଳୀ ମନ୍ଦିର ଛକ ପର୍ଯ୍ୟନ୍ତ ବୃକ୍ଷରୋପଣ କରାଯାଇଥିଲା।

## ସଂକ୍ଷେପରେ

### ଟ୍ରେନ୍‌ରେ କଟି ଯୁବକ ମୃତ

**କୁଜଙ୍ଗ,୧୫।୯(ସ୍ୱ.ପ୍ର): କଟକ-** ପାରାଦୀପ ରେଳପଥର ବଡ଼ବନ୍ଧ ରେଳ ଷ୍ଟେଶନ ପାଖରେ ଶନିବାର ଟ୍ରେନ୍‌ରେ ଚଢୁଥିବା ବେଳେ ଜଣେ ଯୁବକ ଖସିପଡିଥିଲେ। ଏଥିରେ ତାଙ୍କ ଗୋଡ଼ କଟିଯାଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ରବିବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ସେ ହେଲେ କୁଜଙ୍ଗ ନରେନ୍ଦ୍ରପୁର ଅଞ୍ଚଳର ବାଦଲ ମଲିକ୍(୨୫)। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ଚାଷଜମିରେ ଟଳିପଡ଼ିଲେ ଯୁବଚାଷୀ

**ନାଉଗାଁ,୧୫।୯(ସ୍ୱ.ପ୍ର.):** ନାଉଗାଁ ବ୍ଲକ କୋରୁଅ ଗ୍ରାମରେ ରବିବାର ସକାଳେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଗ୍ରାମର ଜଣେ ଯୁବଚାଷୀ ବିଲକୁ ସାର ନେଇ ଯାଇଥିବାବେଳେ ସେଠାରେ ଆକସ୍ମିକ ଭାବେ ତାଙ୍କର ମୃତ୍ୟୁ ଘଟିଛି। ସେ ହେଲେ ନୀଳମଣି ସେଠୀ(୪୪)। ସୂଚନା ଅନୁଯାୟୀ, ନୀଳମଣି ନିକଟସ୍ଥ ଗଙ୍ଗଦା ହାଟରୁ ସାର ନେଇ ଚାଷଜମିକୁ ଯାଇଥିଲେ। ସେଠାରେ ହିଡ଼ ଉପରେ ସାର କୁଣ୍ଡରେ ସେ ମୁହଁମାଡ଼ି ପଡିଥିବା ନିକଟରେ ଚାଷ କରୁଥିବା ତାଙ୍କ ବଡ଼ବାପାଙ୍କ ପୁଅ ଅଜୟ ଦେଖିବାକୁ ପାଇଥିଲେ। ସେ ଦୌଡ଼ି ଆସି ନୀଳମଣିଙ୍କୁ ଉଠାଇବା ସହ ଅନ୍ୟ ଚାଷୀଙ୍କ ସହଯୋଗରେ ଘରକୁ ଆଣି ସଙ୍ଗେ ସଙ୍ଗେ ଡେରିକି ପ୍ରାଥମିକ ଚିକିତ୍ସାଳୟକୁ ନେଇଥିଲେ। ସେଠାରୁ ତାଙ୍କୁ ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ନୀଳମଣି ତାଙ୍କ ଅଭାବି ପରିବାରର ଏକମାତ୍ର ରୋଜଗାରକ୍ଷମ ଥିଲେ। ତାଙ୍କ ମୃତ୍ୟୁରେ ପରିବାର ଲୋକେ ସମ୍ପୂର୍ଣ୍ଣ ଭାଙ୍ଗିପଡ଼ିଛନ୍ତି। ସରକାର ମୃତ ଚାଷୀଙ୍କ ପରିବାରକୁ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ମିନିବ୍ୟାଙ୍କ ଅର୍ଥ ହଡ଼ପ ଘଟଣା, ସହସମ୍ପାଦକ ଗିରଫ

**ତିର୍ତ୍ତୋଲ,୧୫।୯(ଡି.ଏନ.ଏ.):** ତିର୍ତ୍ତୋଲ ବ୍ଲକ କଟରାଠାରେ ଥିବା ମିନି ବ୍ୟାଙ୍କ(କଟରା ସନ୍ଥ ବିନୋବା ସେବା ସମବାୟ ସମିତି)ରେ ଜମାକାରୀଙ୍କ ଅର୍ଥ ଆତ୍ମସାତ ଘଟଣାରେ ପୋଲିସ ସମିତିର ସହ ସମ୍ପାଦକ ଦାୟିତ୍ୱରେ ଥିବା ସୁରେନ୍ଦ୍ର ନାଥ ଖଟୁଆଙ୍କୁ ରବିବାର କୋର୍ଟଚାଲାଣ କରିଛି। ଏହି ଅର୍ଥ ହଡ଼ପ ଘଟଣା ଜଣାପଡିବା ପରେ ସମିତିର ସମ୍ପାଦକ ପ୍ରଦୀପ୍ତ କୁମାର ନାୟକ ଜମାକାରୀଙ୍କ ଟଙ୍କା ସହ ସମ୍ପାଦକ ଭାବରେ ଦାୟିତ୍ୱରେ ଥିବା ଖଟୁଆ ହଡପ କରିଥିବା ତିର୍ତ୍ତୋଲ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ତେବେ ଅଭିଯୁକ୍ତ ଖଟୁଆ ଫେରାର ଥିଲେ। ତାଙ୍କୁ ରିମାଣ୍ଡରରେ ଆଣି ପଚରାଉଚରା କରାଯିବ ବୋଲି ଥାନା ଆଇଆଇସି କୃଷ୍ଣଚନ୍ଦ୍ର ମିଶ୍ର ସୂଚନା ଦେଇଛନ୍ତି।

### ସାମାଜିକ କର୍ମୀଙ୍କ ପରଲୋକ

**କୁଜଙ୍ଗ,୧୫।୯(ସ୍ୱ.ପ୍ର.):** କୁଜଙ୍ଗ ବ୍ଲକ ବାଲିଆ ପଞ୍ଚାୟତ ମଲ୍ଲିପୁରା ଗ୍ରାମର ସାମାଜିକ କର୍ମୀ ଗିରିଧାରୀ ବିଶ୍ୱାଳ(୭୦)ଙ୍କ ହୃଦଘାତରେ ପରଲୋକ ଘଟିଛି। ବିଶ୍ୱାଳ ସ୍ୱର୍ଗତ ଚିତ୍ତରଞ୍ଜନ ମିଶ୍ରଙ୍କ ଦ୍ୱାଦଶାହ ସ୍ମୃତିସଭାରେ ଯୋଗଦେବା ସହ ସ୍ତ୍ରୀଙ୍କ ସହ ପଂକ୍ତିଭୋଜନରେ ସାମିଲ ହୋଇଥିଲେ। ସେଠାରୁ ଫେରି କୁଜଙ୍ଗରେ ପହଞ୍ଚିବା ପରେ ସେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଉଥିବାବେଳେ କନ୍ଦରପୁର ନିକଟରେ ହୃଦ୍‌ଘାତରେ ମୃତ୍ୟୁ ଘଟିଥିଲା। ଖବରପାଇ ଜଗତ୍‌ସିଂହପୁରର ପୂର୍ବତନ ଏମ୍‌ପି କୁଳମଣି ସାମଲ, କୁଜଙ୍ଗ ପଞ୍ଚାୟତ ସମିତି ଅଧ୍ୟକ୍ଷ ସ୍ମିତିରଞ୍ଜନ ବେହେରା, ଉପାଧ୍ୟକ୍ଷା ପୁଷ୍ପଲତା ବେହେରା, କୁଜଙ୍ଗ ସରପଞ୍ଚ ଭାରତ ଭୂଷଣ ନାୟକ, ବାଲିଆ ସରପଞ୍ଚ ପବିତ୍ର ସେଠୀ, ପୂର୍ବତନ ସରପଞ୍ଚ ଅଟଳ ଦାସ, ରଞ୍ଜନ ବେହେରା, ନିରଞ୍ଜନ ପ୍ରଧାନ, ଅରୁପ୍ରସାଦ ମହାନ୍ତି ପ୍ରମୁଖ ଶେଷ ଦର୍ଶନ କରିବା ଶୋକ ସନ୍ତପ୍ତ ପରିବାରକୁ ସମବେଦନ ଜଣାଇଥିଲେ। ଗାଁ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

■ ଏମ୍‌ଜିଏନ୍‌ଆରଇଜିଏସ୍‌ରେ କାର୍ଯ୍ୟ, ଆମ ଗାଁ ଆମ ବିକାଶ ଯୋଜନାରେ ବିଲ୍

# ୩ ଲକ୍ଷ ଟଙ୍କା ହେରଫେରର ଉଦ୍ୟମ

**ନାଉଗାଁ, ୧୫।୯ (ସ୍ୱ.ପ୍ର.)**

ଏମ୍‌ଜିଏନଆରଇଜିଏସ୍‌ରେ ହେଉଛି କାର୍ଯ୍ୟ, କିନ୍ତୁ ଆମ ଗାଁ ଆମ ବିକାଶ ଯୋଜନାରେ ବିଲ୍ କରାଇନେବାକୁ ଚାଲିଛି ଯୋଜନା। ଏଭଳି ଘଟଣା ଦେଖିବାକୁ ମିଳିଛି ନାଉଗାଁ ବ୍ଲକ ବାଂଶ ପଞ୍ଚାୟତରେ। ଏହି ପଞ୍ଚାୟତରେ ୨୦୧୮-୧୯ ଆର୍ଥିକ ବର୍ଷରେ ଏମ୍‌ଜିଏନଆରଇଜିଏସ୍ ମାଧ୍ୟମରେ ଚାନ୍ଦପୁରାର ଗୋଛାୟତସାହି ପୋଖରୀ ପୁନଃରୁଦ୍ଧାର ପାଇଁ ଯୋଜନା ପ୍ରସ୍ତୁତ ହୋଇଥିଲା। ଏହାର କୋର୍ଡ ନଂ. ଥିଲା ୨୪୧ଜି୦୦୪୦୧୫/ ଡବ୍ଲ୍ୟୁଏଚ/ ୩୦୯୭୮୧୨। ଏହି ଯୋଜନାରେ ଜୁଲାଇ ୨୦୧୮ ରେ ଉକ୍ତ ପୋଖରୀ ଖନନ ଆରମ୍ଭ ହୋଇଥିଲା। ନିୟମ ଅନୁଯାୟୀ, ଜବ୍‌କାର୍ଡଧାରୀଙ୍କ ଦ୍ୱାରା କାର୍ଯ୍ୟ ହେବା କଥା। କିନ୍ତୁ ପୋଖରୀ ଖୋଳୁଥିବା ଠିକାଦାର ମେଶିନ ଯୋଗେ କାର୍ଯ୍ୟ କରି ବିଲ୍ କରିନେବାକୁ ଉଦ୍ୟମ କରିଥିଲେ। ଏ ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଆଉ ବିଲ୍ ହୋଇପାରି ନ ଥିଲା। ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ୨୨ ଜାନୁୟାରୀ ୨୦୧୯ରେ ଆମ ଗାଁ ଆମ ବିକାଶ ଯୋଜନା ଉଦ୍‌ଘାଟିତ ହେଲା। ଏହି ଯୋଜନାରେ ନାଉଗାଁ ବ୍ଲକର ୧୬ ପଞ୍ଚାୟତକୁ ୨୫ ଲକ୍ଷ ହିସାବରେ ୪ କୋଟି ଟଙ୍କା ଅନୁଦାନ ପ୍ରଦାନ କରାଗଲା। ନିୟମ ଅନୁଯାୟୀ, ଏହି ଯୋଜନାରେ ପ୍ରକଳ୍ପ ନିର୍ମାଣ ପୂର୍ବରୁ ପଞ୍ଚାୟତ ନିର୍ବାହୀ ଅଧିକାରୀ, ସମ୍ପୃକ୍ତ ଯନ୍ତ୍ରୀ ଓ ପଞ୍ଚାୟତ ପ୍ରତିନିଧିଙ୍କ ସହିତ ପ୍ରକଳ୍ପ ଆରମ୍ଭର ଫଟୋ ପ୍ରଦାନ କରାଯିବ। ଏଥିସହ କାମ ଆରମ୍ଭ ପୂର୍ବରୁ ସୂଚନା ଫଳକରେ ସବିଶେଷ ତଥ୍ୟ ଦିଆଯିବ। ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଅଗଷ୍ଟ ୨୦୧୯ରେ କୌଣସି ଗୋଟିଏ ବି ପଞ୍ଚାୟତରେ ଏହି ଯୋଜନା କାର୍ଯ୍ୟକାରୀ ହୋଇ ନ ଥିଲା। ବିଭିନ୍ନ ପ୍ରକଳ୍ପ ପାଇଁ ଲେଆଉଟ୍ ପ୍ରସ୍ତୁତ କରି କାର୍ଯ୍ୟ ଆରମ୍ଭ କରାଯିବ ବୋଲି ବିଡିଓ ରଶ୍ମିରେଖା ମଲିକ ପ୍ରକାଶ କରିଥିଲେ। କିନ୍ତୁ ବାଂଶ ପଞ୍ଚାୟତର ଗୋଛାୟତ ସାହି ପୋଖରୀକୁ ଆମ ଗାଁ, ଆମ ବିକାଶ ଯୋଜନାରେ ସାମିଲ କରାଯାଇଛି। ଏନେଇ ସୂଚନା ଫଳକରେ ଦର୍ଶାଯାଇଥିବା ତଥ୍ୟ ଅନୁସାରେ, ଏହାର କାର୍ଯ୍ୟ ଆରମ୍ଭ ତାରିଖ ୨ ମାର୍ଚ୍ଚ ୨୦୧୯ ଓ ଶେଷ ତାରିଖ ୨ ମେ ୨୦୧୯ ରଖାଯାଇଛି। ସେହିପରି ବ୍ୟୟ ଅଟକଳ ମୂଲ୍ୟ ୩ ଲକ୍ଷ ଟଙ୍କା ଓ କାର୍ଯ୍ୟ ନିର୍ବାହୀ ସଂସ୍ଥା ପଞ୍ଚାୟତ ସମିତି ବୋଲି ଦର୍ଶାଯାଇଛି। କିନ୍ତୁ ଏ ବିଷୟରେ ପଞ୍ଚାୟତ ନିର୍ବାହୀ ଅଧିକାରୀ କିମ୍ବା ଯନ୍ତ୍ରୀ ଜାଣି ନ ଥିବା କହିଛନ୍ତି। ପ୍ରଶାସନିକ ଅଧିକାରୀଙ୍କ ଅଗୋଚରରେ କିପରି ଆମ ଗାଁ ଆମ ବିକାଶ ଯୋଜନାର ଫଳକ ଲଗାଇ ୩ ଲକ୍ଷ ଟଙ୍କା ବିଲ୍ କରିନେବାକୁ ଉଦ୍ୟମ ଚାଲିଛି ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହା ସରକାରୀ ନିୟମକୁ ଖୋଲା ଉଲ୍ଲଂଘନ କରୁଥିବା ବେଳେ କେବଳ ପୋଖରୀ ହୁଡ଼ା ଗୋଟିଏ ଦିନ ସଫା କରି ପ୍ରକଳ୍ପ କାର୍ଯ୍ୟ ଶେଷ କରାଯାଇଛି। ଏ ସମ୍ପର୍କରେ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୀତାଂଶୁ ବିଶ୍ୱାଳଙ୍କୁ ପଚାରିବାରେ ସେ କହିଲେ ଯେ, କାର୍ଯ୍ୟ କେବେ ହୋଇଛି, କିଏ କରିଛି ତାହା ସେ ଜାଣି ନାହାନ୍ତି। ସେହିପରି ଯନ୍ତ୍ରୀ ଶାରଦା ପ୍ରସାଦ ସ୍ୱାଇଁ କହିଛନ୍ତି ଯେ, ସୂଚନା ଫଳକ କି କାର୍ଯ୍ୟ ବିଷୟରେ ସେ ଜାଣନ୍ତି ନାହିଁ। ଉକ୍ତ କାର୍ଯ୍ୟ କିଏ କରୁଛି ତାହା ମଧ୍ୟ ସେ ଅବଗତ ନାହାନ୍ତି।






ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଖୋଳାଯାଇଥିବା ପୋଖରୀ।

## କୁଜଙ୍ଗ ପରିସଂଖ୍ୟାନ କାର୍ଯ୍ୟାଳୟ

### ଉଦ୍‌ଘାଟନ ପରଠୁ ଝୁଲୁଛି ତାଲା

**କୁଜଙ୍ଗ,୧୫।୯(ସ୍ୱ.ପ୍ର.)**

କଥାରେ ଅଛି ସରକାରକା ମାଲ ଦରିଆମେଁ ଡାଲ। କୁଜଙ୍ଗସ୍ଥିତ ପରିସଂଖ୍ୟାନ କାର୍ଯ୍ୟାଳୟ କ୍ଷେତ୍ରରେ ଏହି ଉକ୍ତିର ସତ୍ୟତା ଦେଖିବାକୁ ମିଳିଛି। କାରଣ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ଏହି କାର୍ଯ୍ୟାଳୟ ଗୃହ ଦୀର୍ଘ ୨ବର୍ଷ ତଳେ ଉଦ୍‌ଘାଟିତ ହୋଇଥିଲେ ମଧ୍ୟ ବ୍ୟବହାର ନ ହୋଇ ଭୂତକୋଠିରେ ପରିଣତ ହୋଇଛି। ସୂଚନା ଅନୁଯାୟୀ, ରାଜ୍ୟ ରାଜକୋଷରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ କୁଜଙ୍ଗ-ବାଲିତୁଠ ରାସ୍ତାର ପାତ୍ରବାବୁ ଛକଠାରେ ଏହି ପରିସଂଖ୍ୟନ କାର୍ଯ୍ୟାଳୟ ନିର୍ମିତ ହୋଇଥିଲା। ତେବେ ଉଦ୍‌ଘାଟନ ପରଠାରୁ ଏହା ତାଲା ପଡିରହିଛି। ଏହାର ମୁଖ୍ୟ ଫାଟକରେ କଳଙ୍କି ଲାଗିଲାଣି। ଏହା ପରିସରରେ ଅନାବନା ଗଛଲତା ଭର୍ତ୍ତି ହୋଇଛି। ଏ ସମ୍ପର୍କରେ ପ୍ରଶାସନିକ ଅଧିକାରୀ ସବୁ ଜାଣି ମଧ୍ୟ ନୀରବ ରହୁଛନ୍ତି। ତେଣୁ ଉକ୍ତ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ କରିବାକୁ ଜିଲାପାଳ ପଦକ୍ଷେପ ନେବା ପାଇଁ ସାଧାରଣରେ ଦାବି ହୋଇଛି।

## ନବନିର୍ମାଣ କୃଷକ ସଙ୍ଗଠନର କ୍ଷତିପୂରଣ ଦାବି



ବୈଠକରେ ଉପସ୍ଥିତ ନବନିର୍ମାଣ କୃଷକ ସଂଗଠନ କର୍ମକର୍ତ୍ତା।

**ତିର୍ତ୍ତୋଲ,୧୫।୯(ଡି.ଏନ.ଏ.)**

ଲଘୁଚାପ ବର୍ଷାରେ ତିର୍ତ୍ତୋଲ ବ୍ଲକ ଅଞ୍ଚଳରେ ବ୍ୟାପକ ଫସଲ ହାନୀ ଘଟିଛି। ତେଣୁ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ କ୍ଷତିପୂରଣ ପ୍ରଦାନ କରିବାକୁ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଦାବି କରାଯାଇଛି। ଏହି ଅବସରରେ ରବିବାର ତିର୍ତ୍ତୋଲ ନିକଟ ନାଉସିରା ଆଖଣ୍ଡଳମଣୀ ମନ୍ଦିର ପରିସରରେ ସଙ୍ଗଠନର ଏକ ବୈଠକ ହୋଇଥିଲା। ଏଥିରେ ବରିଷ୍ଠ ସଭ୍ୟ ତଥା ପୂର୍ବତନ ସମିତିସଭ୍ୟ ଶରତ ଚନ୍ଦ୍ର ମଲ୍ଲ ସଭାପତିତ୍ୱ କରିଥିଲେ। ଲଘୁଚାପ ବର୍ଷା ଯୋଗୁ ଏହି ବ୍ଲକର ବିଭିନ୍ନ ଅଞ୍ଚଳରେ ଚାଷଜମିରେ ପାଣି ଜମି ରହିଥିଲା। ଫଳରେ ସେସବୁ ଜମିରେ ଧାନ ଫସଲ କ୍ଷତିଗ୍ରସ୍ତ ହୋଇଛି। ତେଣୁ ତୁରନ୍ତ କ୍ଷୟକ୍ଷତି ଆକଳନ କରି ଚାଷୀଙ୍କୁ କ୍ଷତିପୂରଣ ଦେବା ପାଇଁ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ଆସନ୍ତା ଅକ୍ଟୋବର ୨ ଓ ନଭେମ୍ବର ୬ ତାରିଖରେ ହେବାକୁଥିବା ଜିଲା ଓ ରାଜ୍ୟ ସମ୍ମିଳନୀର ସଫଳତା ପାଇଁ ମଧ୍ୟ ଆଲୋଚନା କରାଯାଇଥିଲା।

**ଲଘୁଚାପ ବର୍ଷାରେ ବ୍ୟାପକ ଫସଲ ନଷ୍ଟ**

ବୈଠକରେ ବ୍ଲକ ସଂଯୋଜକ ମଙ୍ଗୁଳି ଚରଣ ରାଉତରାୟ, ସହ ସଂଯୋଜକ ଅଶୋକ ବାରିକ, ଶିଖର ବେହେରା, ସୁନାକର ବେହେରା, ପ୍ରଫୁଲ୍ଲ ରାଉତରାୟ, ରାଜକିଶୋର ସ୍ୱାଇଁ, ଅଶୋକ ସାହୁ, ଈଶ୍ୱର ସୁତାର, ଅମୂଲ୍ୟ ନାୟକ, କୈଳାସ ସ୍ୱାଇଁ, ବନବିହାରୀ ଆଚାର୍ଯ୍ୟ, ନିମାଇଁ ମଲ୍ଲ ପ୍ରମୁଖ ଉପସ୍ଥିତ ଥିଲେ।

## ଦୁର୍ଘଟଣାରେ ଆମ୍ବୁଲାନ୍ସ ଚାଳକ ଗୁରୁତର

**ବିରିଡ଼ି/ବାଲିଆ, ୧୫।୯ (ଡି.ଏନ୍.ଏ.)**

ରବିବାର ମଧ୍ୟାହ୍ନରେ ବିରିଡ଼ି ଥାନା ଅନ୍ତର୍ଗତ କଟକ- ନୂଆଗାଁ ୫୫ ନଂ ଜାତୀୟ ରାଜପଥର ବୁଢାପଡାଠାରେ ଏକ ଘରୋଇ ଆମ୍ବୁଲାନ୍ସ ସହ ଏକ ଟାଟା ଏସିଇ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଆମ୍ବୁଲାନ୍ସ ଚାଳକ ଗୁରୁତର ଆହତ ହୋଇଛନ୍ତି। ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ପ୍ରକାଶ ଯେ, କଟକ ଆଡୁ ଏକ ଆମ୍ବୁଲାନ୍ସ (ନଂ.ଓଆର ୨୧ଏ ୭୬୫୫) ଜଗତସିଂହପୁର ଅଭିମୁଖେ ଯାଉଥିବାବେଳେ ବିପରିତ ଦିଗରୁ ଆସୁଥିବା ଟାଟା ଏସିଇ (ନଂ ଓଆର ୨୧ଇ ୨୮୭୫) ସହ ମୁହାଁମୁହିଁ ଧକା ହୋଇଥିଲା। ଏଥିରେ ଆମ୍ବୁଲାନ୍ସ ଚାଳକଙ୍କ ହାତ ଓ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ଦମକଳ ବାହିନୀ, ବିରିଡି ପୋଲିସ ଓ ସ୍ଥାନୀୟ ଲୋକଙ୍କ ସାହାଯ୍ୟରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ତେବେ ରିପୋର୍ଟ ଲେଖାଯିବା ସୁଦ୍ଧା ତାଙ୍କ ପରିଚୟ ମିଳିପାରିନାହିଁ। ଗାଡି ଦୁଇଟିକୁ ବିରିଡି ଥାନା ଅଧିକାରୀ ଜବତ କରିବା ସହ ତଦନ୍ତ ଚଳାଇଥିବା କହିଛନ୍ତି।

■ ବ୍ଲକ ବିଜେଡି ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ

## ଜନସେବାରେ ସାମିଲ ହେବାକୁ ଆହ୍ୱାନ

**ଏରସମା,୧୫।୯(ସ୍ୱ.ପ୍ର.)**

ଏରସମା ବ୍ଲକ ମୁଖ୍ୟାଳୟସ୍ଥିତ ତହସିଲ ପଡ଼ିଆରେ ରବିବାର ବିଜେଡିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଛି। ଏରସମା ବ୍ଲକ ବିଜେଡି ଉପସଭାପତି ବିଜୟ ପାଳଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଜଳ ସମ୍ପଦ, ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ଯୋଗଦେଇ କହିଲେ ଯେ, ସଙ୍ଗଠନ ମଜଭୁତ କରିବା ପାଇଁ ସମସ୍ତେ ମିଳିତ ହୋଇ କାର୍ଯ୍ୟ କରିବା ଆବଶ୍ୟକ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୫ଟି ଉପରେ ଗୁରୁତ୍ୱ ଦେଉଛନ୍ତି। ଏହାକୁ ଆଧାର କରି ସମସ୍ତେ ଜନସେବା ନିମନ୍ତେ କାର୍ଯ୍ୟ କଲେ ଲୋକଙ୍କ ଆସ୍ଥାଭାଜନ ହୋଇପାରିବା। ତେଣୁ ସମସ୍ତେ ସାମାଜିକ କାର୍ଯ୍ୟରେ ନିୟୋଜିତ ହେବାକୁ ସେ ଆହ୍ୱାନ ଦେଇଥିଲେ। ଏମପି ରାଜଶ୍ରୀ ମଲ୍ଲିକ, ଜିଲା ପର୍ଯ୍ୟବେକ୍ଷକ ଦେବାଶିଷ ସାମନ୍ତରାୟ, ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ସାରଦା ପ୍ରସନ୍ନ ଜେନା, ବ୍ଲକ ଅଧ୍ୟକ୍ଷ ପ୍ରଣବ ସ୍ୱାଇଁ, ଜିଲା ପରିଷଦ ସଭ୍ୟ ଦୀପ୍ତି ରଞ୍ଜନ କୁଅଁର, ଇତିଶ୍ରୀ ଭୂୟାଁ, ସ୍ୱର୍ଣ୍ଣଲତା ସେନାପତି, ନାରଦିଆର ପୂର୍ବତନ ସରପଞ୍ଚ ଶିଶିର କୁମାର ବିଶ୍ୱାଳ, ବାମଦେଈପୁର ସରପଞ୍ଚ ଗୋପୀନାଥ ସାମନ୍ତରାୟ, ଅକ୍ଷୟ ସ୍ୱାଇଁ, ବଳେଇପୁର ସରପଞ୍ଚ ମୂରଲୀଧର ମଲ୍ଲିକ, ପଦ୍ମପୁର ସରପଞ୍ଚ କେଶବ ପାତ୍ର ପ୍ରମୁଖ ଯୋଗଦେଇ ସାଙ୍ଗଠନିକ କାର୍ଯ୍ୟ ଓ ସଭ୍ୟ ସଂଗ୍ରହ ଅଭିଯାନ ସମ୍ପର୍କରେ କହିଥିଲେ। ଭାଜପା ମଣ୍ଡଳ ସଭାପତି ଦିଲୀପ ବର୍ଦ୍ଧନ, ରଶ୍ମିରଞ୍ଜନ ଖୁଣ୍ଟିଆ, ସରୋଜ ତ୍ରିପାଠୀ, ଅରୁଣ ଉଦୟ ସ୍ୱାଇଁ, ପ୍ରଦୀପ୍ତ ସାମଲ, ସୋମନାଥ ସ୍ୱାଇଁ, ଛବିନା ସ୍ୱାଇଁ, ରମାକାନ୍ତ ନାୟକ, କଳ୍ପନା ସେଠୀ, ରମାକାନ୍ତ ମିଶ୍ର, ନଗେନ୍ଦ୍ର ସ୍ୱାଇଁ, ଦୀନକୃଷ୍ଣ ସ୍ୱାଇଁ, ବୀରବର ପାଲ ପ୍ରମୁଖ ୨୬ ଜଣ ବିଜେଡିରେ ଯୋଗ ଦେଇଥିଲେ। ସେମାନଙ୍କୁ ମନ୍ତ୍ରୀ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ।




ବୈଠକରେ ଉପସ୍ଥିତ ମନ୍ତ୍ରୀ ରଘୁନନ୍ଦନ ଦାସ ଓ ଅନ୍ୟ ବିଜେଡି ନେତାମାନେ।

**ପାରାଦୀପ ବିଶ୍ୱକର୍ମା ପୂଜା**



## ରୁଦ୍ରାକ୍ଷ, ଝାଉଁ ମଞ୍ଜିରେ ସାଜସଜା

**ଶିଳ୍ପାଞ୍ଚଳ ଯୁବ ବିକାଶ ପରିଷଦ**

**ପାରାଦୀପ, ୧୫।୯ (ସ୍ୱ.ପ୍ର.):** ପାରାଦୀପର ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ପାଇଁ ତୋରଣ ନିର୍ମାଣ କାର୍ଯ୍ୟ ମଧ୍ୟ ଦ୍ରୁତ ବେଗରେ ଚାଲିଛି। କେବଳ ବଡ଼ପଡ଼ିଆଠାରୁ ହୋଟେଲ ଛକ ଅଞ୍ଚଳରେ ହେଉଥିବା ୧୪ ତୋରଣ ମଧ୍ୟରେ ଗତ ୩ବର୍ଷ ହେଲା ସାମିଲ ହୋଇଛି ପାରାଦୀପ ଶିଳ୍ପାଞ୍ଚଳ ଯୁବ ବିକାଶ ପରିଷଦ। ପୂର୍ବରୁ ରଙ୍ଗିଆଗଡ଼ ଗ୍ରାମ ପାଖରେ ଏହି କମିଟିର ପୂଜା ହେଉଥିଲା। ବ୍ୟୟବହୁଳ ପୂଜା ମଣ୍ଡପ ହେଉ ନ ଥିଲେ ମଧ୍ୟ ସାଜସଜା ଦୃଷ୍ଟିରୁ ଏହା ବେଶ୍ ଆକର୍ଷଣୀୟ ହୋଇଥାଏ। ଚଳିତବର୍ଷ ଏହି କମିଟି ରୁଦ୍ରାକ୍ଷ, ଝାଉଁ ମଞ୍ଜି ଓ ଅନ୍ୟାନ୍ୟ ଫଳରେ ସାଜସଜା କରିବ। ଗତବର୍ଷ ଏହି କମିଟି ମନ୍ଦିର ଆକୃତିର ତୋରଣ କରିଥିଲା। ଚଳିତବର୍ଷ ୭ରୁ ୧୦ଲକ୍ଷ ଟଙ୍କା ମଧ୍ୟରେ ପୂଜା କରିବାକୁ ଧାର୍ଯ୍ୟ ହୋଇଥିବା ସଙ୍ଗଠନର ମୁଖ୍ୟ ଉପଦେଷ୍ଟା ରାକେଶ କୁମାର ପଟ୍ଟନାୟକ କହିଛନ୍ତି। ଏଥିସହ ୩ ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ। ପ୍ଲାଷ୍ଟିକ ମୁକ୍ତ ପରିବେଶ ଗଠନ ନିମନ୍ତେ ଏହି କମିଟି ବାର୍ତ୍ତା ରଖିଥିବା ପୂଜା କମିଟି ସଭାପତି ମନୋଜ କୁମାର ରାଉତ କହିଛନ୍ତି। ଅନ୍ୟତମ କର୍ମକର୍ତ୍ତା ରାଜେନ୍ଦ୍ର ବେହେରା ଓ ବାପୁ ଶତପଥୀ ପୂଜା ଆୟୋଜନରେ ପ୍ରମୁଖ ଭୂମିକା ନିର୍ବାହ କରୁଛନ୍ତି।

■ ଜଗତ୍‌ସିଂହପୁର ଜିଲା ଟ୍ରକ୍ ମାଲିକ ସଂଘ

## ମନ ଜିଣିବ ମନ ମନ୍ଦିର



**ପାରାଦୀପ,୧୫।୯(ସ୍ୱ.ପ୍ର.):** ପାରାଦୀପ ଶିଳ୍ପାଞ୍ଚଳର ଗଣପର୍ବ ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ମଙ୍ଗଳବାରଠାରୁ ଆରମ୍ଭ ହେବ। ମଝିରେ ଆଉ ଗୋଟିଏ ଦିନ ଥିବାରୁ ଆୟୋଜକମାନେ ପୂର୍ଣ୍ଣ ପ୍ରସ୍ତୁତିରେ ଲାଗିପଡ଼ିଛନ୍ତି। କେତେକ ତୋରଣ କାମ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଲାଣି। କେବଳ ମୁଖ୍ୟ ପୂଜା ଅଞ୍ଚଳ ବଡ଼ପଡ଼ିଆଠାରୁ ହୋଟେଲ ଛକ ମଧ୍ୟରେ ୧୪ଟି ବଡ଼ ତୋରଣ ଓ ୨ଟି ଛୋଟ ତୋରଣ ହେଉଛି। ସେହି ତୋରଣ ମଧ୍ୟରେ ସବୁଠାରୁ ବ୍ୟୟବହୁଳ ଓ ସୁଦୃଶ୍ୟ ତୋରଣ କରୁଛି ଜଗତ୍‌ସିଂହପୁର ଜିଲା ଟ୍ରକ୍ ମାଲିକ ସଂଘ। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଏହାର ତୋରଣରେ ଭିନ୍ନତା ପରିଲକ୍ଷିତ ହେଉଛି। ଚଳିତଥର ମଧ୍ୟପ୍ରଦେଶ ଗ୍ୱାଲିୟରଠାରେ ଥିବା ମନ ମନ୍ଦିର ଆକୃତିର ତୋରଣ କରାଯାଉଛି। ଏଥିସହ ମନ୍ଦିର ଭଳି ଖମ୍ବ ସାଜସଜା ସନ୍ଧ୍ୟା ଆଲୋକରେ ଦ୍ୱିଗୁଣିତ ସୁନ୍ଦର ଦେଖାଯିବ ବୋଲି ପୂଜା କମିଟି ଅଧ୍ୟକ୍ଷ ତଥା ବିଜେଡି ରାଜ୍ୟ ସମ୍ପାଦକ ସନ୍ତୋଷ କୁମାର ପଟ୍ଟନାୟକ କହିଛନ୍ତି। ଆଭ୍ୟନ୍ତରିଣ ସାଜସଜା ବ୍ୟୟବହୁଳ ଓ ଆକର୍ଷଣୀୟ କରାଯାଇଛି। ରାଜମହଲ ପରି କାଚର କାନ୍ଥ, କାଚ ଓହଳ, ଚଟାଣକୁ ୩ କୋଣିଆ ମାର୍ବଲରେ ସଜାଯାଇଛି। କେବଳ ତୋରଣ, ଠାକୁର ସାଜସଜା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ୪୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେବ ବୋଲି କହିଛନ୍ତି କମିଟି ଉପାଧ୍ୟକ୍ଷ ଗୋପକୃଷ୍ଣ ପରିଜା। ଏହାବାଦ୍ ଅନ୍ୟାନ୍ୟ ଖର୍ଚ୍ଚ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରହିଛି। ପୂଜାଞ୍ଚଳର ମୁଖ୍ୟ ଛକରେ ଥିବା ଏହି ମଣ୍ଡପ ସନ୍ତୋଷଙ୍କ ପାଇଁ ସମ୍ମାନର ପ୍ରସଙ୍ଗ ହୋଇଥିବାରୁ ବିଶ୍ୱକର୍ମା ପୂଜାକୁ ସ୍ୱତନ୍ତ୍ର କରିବାକୁ ଆମେ ସମସ୍ତେ ଉଦ୍ୟମ କରୁଛୁ ବୋଲି କହିଛନ୍ତି ସମ୍ପାଦକ ରଣଜିତ ବେହୁରା। ଗତବର୍ଷ ପୂଜାରେ ବାହୁବଳି ଚଳଚ୍ଚିତ୍ରର ମାହେସ୍ମତି ପ୍ରାସାଦ ଭଳି ତୋରଣ କରାଯାଇଥିଲା। ପୂଜା ମାଧ୍ୟମରେ ଭାଇଚାରା ବାଣ୍ଟିବା ମୁଖ୍ୟ ଲକ୍ଷ୍ୟ ବୋଲି ଏହି କମିଟି ପକ୍ଷରୁ କୁହାଯାଇଛି। ପରିବେଶ ସନ୍ତୁଳନ ରକ୍ଷା ଓ ପଲିଥିନ ମୁକ୍ତ ପରିବେଶ ଗଠନ ପାଇଁ ଏହି କମିଟି ପକ୍ଷରୁ ବାର୍ତ୍ତା ଦିଆଯାଇଛି। ମା'ମାନଙ୍କ ସମ୍ମାନ ପାଇଁ ବେଟି ବଚାଓ ଓ ବେଟି ପଢାଓ ବାର୍ତ୍ତା ମଧ୍ୟ ଦିଆଯାଉଛି ବୋଲି କହିଛନ୍ତି କମିଟି ସଭାପତି ପଟ୍ଟନାୟକ। ଏଥିସହ ପୂଜା ପରେ ବିଭିନ୍ନ କାର୍ଯ୍ୟକ୍ରମ ରହିଛି ବୋଲି କହିଛନ୍ତି କମିଟିର ସଦସ୍ୟ ପ୍ରକାଶ ଦାସ, ଦୀପକ କୁମାର ଦାସ ପ୍ରମୁଖ।

ଧରିତ୍ରୀ
DHARITRI
ସୋମବାର, ୧୬ ସେପ୍ଟେମ୍ବର ,୨୦୧୯



ଆସାମ ପରେ ହରିୟାଣାରେ ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି) ଲାଗୁ ହେବ ବୋଲି ମୁଖ୍ୟମନ୍ତ୍ରୀ ମନୋହର ଲାଲ୍ ଖଟ୍ଟର ରବିବାର ଘୋଷଣା କରିଛନ୍ତି। ଅକ୍ଟୋବରରେ ହରିୟାଣା ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ଭାଜପାର ମହାସଂକଳ୍ପ ଅଭିଯାନ ଅବସରରେ ଖଟ୍ଟର ଅବସରପ୍ରାପ୍ତ ବିଚାରପତି ଏଚ୍.ଏସ୍. ଭାଲା ଏବଂ ପୂର୍ବତନ ନୌସେନା ମୁଖ୍ୟ ଆଡ୍‌ମିରାଲ ସୁନିଲ ଲାନ୍‌ବାଙ୍କୁ ଭେଟିବା ପରେ ପଞ୍ଚକୁଲାଠାରେ ଖବରଦାତାମାନଙ୍କୁ ଏହା କହିଛନ୍ତି।





ଆଞ୍ଚଳିକ ବିସ୍ତୃତ ଅର୍ଥନୈତିକ ସହଯୋଗିତା (ଆର୍‌ସିଇପି) ଚୁକ୍ତିରେ ସାମିଲ ପାଇଁ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକୁ ବିରୋଧ କରି ଅମୃତସରରେ କୃଷକମାନେ ଅମୃତସର-ଦିଲ୍ଲୀ ଜାତୀୟ ରାଜପଥ ଅବରୋଧ କରିଛନ୍ତି।



ତ୍ରିପୁରାର ମେଲାଘରରେ ପାରମ୍ପରିକ ବାର୍ଷିକ ନୌକା ପ୍ରତିଯୋଗିତାରେ ରୁଦ୍ର ସାଗର ହ୍ରଦରେ ବୋଟ୍ ଚଳାଉଛନ୍ତି ମହିଳା ନାବିକ।



ରାମବନର ଜମ୍ମୁ-ଶ୍ରୀନଗର ରାଜପଥରେ ଗୁଜ୍ଜର ସମ୍ପ୍ରଦାୟର ଜଣେ ବ୍ୟକ୍ତି ଛେଳି ଚରାଉଛନ୍ତି।

ନିଯୁକ୍ତିକୁ ନେଇ ଗଙ୍ଗୱାର୍‌ଙ୍କ ମନ୍ତବ୍ୟ

# ଉତ୍ତର ଭାରତୀୟଙ୍କ ଯୋଗ୍ୟତା ନାହିଁ

ଲକ୍ଷ୍ନୌ,୧୫।୯(ପି.ଟି.)

ଭାରତରେ ବେରୋଜଗାରୀ ହାର ୪ ଦଶନ୍ଧି ମଧ୍ୟରେ ସର୍ବାଧିକ ବୋଲି ସରକାରୀ ରିପୋର୍ଟ ପ୍ରକାଶ ପାଇଥିବାବେଳେ ଦେଶରେ ନିଯୁକ୍ତିର ଅଭାବ ନ ଥିବା କେନ୍ଦ୍ର ଶ୍ରମ ଓ ନିୟୋଜନ ମନ୍ତ୍ରୀ ସନ୍ତୋଷ ଗଙ୍ଗୱାର କହିଛନ୍ତି। ପର୍ଯ୍ୟାପ୍ତ ନିଯୁକ୍ତି ସୁଯୋଗ ରହିଥିବାବେଳେ ଏଥିପାଇଁ ଉତ୍ତର ଭାରତୀୟଙ୍କର ଯୋଗ୍ୟତାର ଅଭାବ ଥିବା ସେ କହିବା ପରେ ଏହାକୁ ନେଇ ବିବାଦ ଦେଖାଦେଇଛି।

ଗଙ୍ଗୱାର କହିଛନ୍ତି, ପୂର୍ବ ସରକାରରେ ମଧ୍ୟ ସେ ସମାନ ମନ୍ତ୍ରଣାଳୟ ଦାୟିତ୍ୱରେ ଥିଲେ। ଦୈନନ୍ଦିନ ସ୍ଥିତିକୁ ସେ ଅନୁଧ୍ୟାନ କରିଆସୁଛନ୍ତି। ଯେଉଁ ନିଯୁକ୍ତିଦାତାମାନେ ଉତ୍ତରଭାରତ ଆସୁଛନ୍ତି, ସେମାନେ ପ୍ରାର୍ଥୀଙ୍କ ଠାରେ ଆବଶ୍ୟକ ଯୋଗ୍ୟତାର ଅଭାବ ଅନୁଭବ କରୁଛନ୍ତି। ଦେଶରେ ଆର୍ଥିକ ମାନ୍ଦାବସ୍ଥା



## ଅପମାନିତ କରିଛନ୍ତି କେନ୍ଦ୍ରମନ୍ତ୍ରୀ: ପ୍ରିୟଙ୍କା

ଦେଖାଦେଇଥିବାବେଳେ ଜିଡିପି ହାର ୫ ପ୍ରତିଶତକୁ ହ୍ରାସ ପାଇଛି ଯାହା କି ଗତ ୬ ବର୍ଷ ମଧ୍ୟରେ ସର୍ବନିମ୍ନ। ଏଭଳି ସମୟରେ ସରକାରଙ୍କ ବିଫଳତାକୁ ଲୁଚାଇବାକୁ ଯାଇ ମନ୍ତ୍ରୀ ଗଙ୍ଗୱାର ଏଭଳି ମନ୍ତବ୍ୟ ଦେଇଛନ୍ତି। ଗତ ମେ ମାସରେ ପ୍ରକାଶିତ ସରକାରୀ ରିପୋର୍ଟରେ ନିଯୁକ୍ତି ହ୍ରାସ ପାଇଥିବା କୁହାଯାଇଥିବାବେଳେ ତାଙ୍କର ଏଭଳି ମନ୍ତବ୍ୟକୁ ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି।

ଏଭଳି ଅପମାନଜନକ ମନ୍ତବ୍ୟ ଦେଇ ସରକାର ଆର୍ଥିକ ମାନ୍ଦାବସ୍ଥା ଜନିତ ଛଟେଇ ଅପବାଦରୁ ନିଜକୁ ରକ୍ଷା କରିବାକୁ ଉଦ୍ୟମ କରିଛନ୍ତି ବୋଲି କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା କହିଛନ୍ତି। କେନ୍ଦ୍ରର ଏନ୍‌ଡିଏ ସରକାର ୫ ବର୍ଷ ମଧ୍ୟରେ ନିଯୁକ୍ତି ସୃଷ୍ଟିରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଯାହା ବି ନିଯୁକ୍ତି ଥିଲା ତାହା ଆର୍ଥିକ ମାନ୍ଦାବସ୍ଥା କାରଣରୁ ହରାଇବାକୁ ପଡୁଛି। ଉତ୍ତର ଭାରତୀୟଙ୍କୁ ଅପମାନିତ କରି ସରକାର ଖସିଯିବାକୁ ଉଦ୍ୟମ କରୁଛନ୍ତି ବୋଲି ପ୍ରିୟଙ୍କା ସମାଲୋଚନା କରିଛନ୍ତି। ସରକାରଙ୍କ ଏଭଳି ମନ୍ତବ୍ୟ ହାସ୍ୟାସ୍ପଦ ବୋଲି ବହୁଜନ ସମାଜ ପାର୍ଟି (ବିଏସ୍‌ପି) ଅଧ୍ୟକ୍ଷା ମାୟାବତୀ କହିଛନ୍ତି। ଏହା ଅତ୍ୟନ୍ତ ଲଜ୍ଜାଜନକ। ଏଥିପାଇଁ ସରକାର ରାଷ୍ଟ୍ର ନିକଟରେ କ୍ଷମା ମାଗନ୍ତୁ ବୋଲି ମାୟାବତୀ ଟୁଇଟ୍ କରିଛନ୍ତି।

# ଆମେରିକାକୁ ଯୁଦ୍ଧ ଧମକ ଦେଲା ଇରାନ

ଦୁବାଇ,୧୫।୯

## ସୌଦି ଆକ୍ରମଣ ନେଇ ଅଭିଯୋଗକୁ ପ୍ରତ୍ୟାଖ୍ୟାନ

ସୌଦି ଆରବର ଦୁଇଟି ତୈଳ ପ୍ରକଳ୍ପ ଉପରେ ଡ୍ରୋନ୍ ଆକ୍ରମଣ ପଛରେ ଇରାନ୍‌ର ହାତ ରହିଛି ବୋଲି ଆମେରିକା ଅଭିଯୋଗ କରିଥିବାବେଳେ ତେହେରାନ ଏହାକୁ ଖଣ୍ଡନ କରିଛି। ଅନ୍ୟପକ୍ଷରେ ଯୁଦ୍ଧ ପାଇଁ ଇରାନ ଧମକ ଦେଇଛି। ଉପସାଗରୀୟ ଅଞ୍ଚଳରେ ଆମେରିକା ବେସ୍ ଓ ବିମାନବାହୀ ଯୁଦ୍ଧଜାହାଜ ଏହାର ମିସାଇଲ ରେଞ୍ଜ୍ ପରିସରରେ ରହିଥିବା ତେହେରାନ୍ ପକ୍ଷରୁ କୁହାଯାଇଛି।

ଶନିବାର ୟେମେନ ବିଦ୍ରୋହୀ ହୁଥି ସଂଗଠନ ସୌଦି ଆରବର ତୈଳ କ୍ଷେତ୍ର ଓ ତୈଳ ପ୍ରକ୍ରିୟାକରଣ ପ୍ଲାଣ୍ଟ ଉପରେ ଡ୍ରୋନ୍ ଆକ୍ରମଣ କରିଥିବା ଦାବି କରିଥିଲା। ଏହି ସଂଗଠନକୁ ଇରାନ ସହାୟତା ଦେଉଛି। ଡ୍ରୋନ୍ ଆକ୍ରମଣ ଯୋଗୁ ସୌଦିର ତୈଳ ଯୋଗାଣ ଗୁରୁତର ବାଧାପ୍ରାପ୍ତ ହୋଇଛି। ବିଶ୍ୱର ତୈଳ ଯୋଗାଣକୁ ପ୍ରଭାବିତ କରିବା ଏହି ଆକ୍ରମଣର ଉଦ୍ଦେଶ୍ୟ ଓ ଏହା ପଛରେ ଇରାନର ହାତ ରହିଛି ବୋଲି ଆମେରିକା ପରରାଷ୍ଟ୍ର ସଚିବ ମାଇକ୍ ପମ୍ପେଓ ଅଭିଯୋଗ କରିଥିଲେ। ଆକ୍ରମଣ ଯୋଗୁ ତୈଳ ଦର ବ୍ୟାରେଲ ପିଛା ୩ରୁ ୫ ଡଲାର ବୃଦ୍ଧି ପାଇବା ଆଶଙ୍କା କରାଯାଉଛି। ଅନ୍ୟପକ୍ଷରେ ଆମେରିକାର ଅଭିଯୋଗକୁ ଇରାନ ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଆବ୍ବାସ୍ ମୌସଭି ଖଣ୍ଡନ କରିଛନ୍ତି। ଆମେରିକା ଅଭିଯୋଗ ଭିତ୍ତିହୀନ ବୋଲି ସେ କହିଛନ୍ତି। ପୂରା ଦମ୍‌ରେ ଯୁଦ୍ଧ ପାଇଁ ଇରାନ ପ୍ରସ୍ତୁତ ବୋଲି ରିଭଲ୍ୟୁଶନାରୀ ଗାର୍ଡସ୍‌ର ଜଣେ ବରିଷ୍ଠ କମାଣ୍ଡର କହିଛନ୍ତି।



ସୌଦିଆରବର ତୈଳ ପ୍ରକଳ୍ପ ଉପରେ ଶନିବାର ଡ୍ରୋନ ଆକ୍ରମଣ ପରର ଦୃଶ୍ୟ।

# ପାୱାରଙ୍କ ପାକ୍ ପ୍ରେମ

ମୁମ୍ବାଇ,୧୫।୯(ଆଇଏଏନ୍‌ଏସ୍)



ପାକିସ୍ତାନୀମାନେ ଅତ୍ୟାଚାରିତ ହେଉଥିବାରୁ ଖୁସି ନାହାନ୍ତି ବୋଲି ଏଠାକାର ଲୋକେ କହନ୍ତି, ଯାହାକି ମିଛ। ପାକିସ୍ତାନର ପ୍ରକୃତ ସ୍ଥିତିକୁ ହୃଦୟଙ୍ଗମ ନ କରି କେବଳ ରାଜନୈତିକ ଫାଇଦା ପାଇଁ ଏଭଳି ମନ୍ତବ୍ୟ ଦିଆଯାଉଛି। ପାକିସ୍ତାନୀମାନେ ଭାରତୀୟଙ୍କୁ ନିଜ ସମ୍ପର୍କୀୟ ଭଳି ବ୍ୟବହାର କରନ୍ତି ବୋଲି ଜାତୀୟବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ମୁଖ୍ୟ ଶରଦ ପାୱାର କହିଛନ୍ତି। ପାୱାରଙ୍କ ଏପରି ପାକିସ୍ତାନ ପ୍ରେମକୁ ନେଇ ବିବାଦ ସୃଷ୍ଟି ହୋଇଛି।

ମୁମ୍ବାଇସ୍ଥିତ ଏନ୍‌ସିପି କାର୍ଯ୍ୟାଳୟରେ ଶନିବାର ରାତିରେ ଆୟୋଜିତ ଏକ ବୈଠକରେ ସଂଖ୍ୟାଲଘୁ ସମୁଦାୟର ସଦସ୍ୟଙ୍କୁ ସମ୍ବୋଧିତ କରି ପାୱାର କେନ୍ଦ୍ର ସରକାରଙ୍କୁ ସମାଲୋଚନା କରି ପାକିସ୍ତାନକୁ ପ୍ରଶଂସା କରିଥିଲେ। ପାକିସ୍ତାନୀମାନେ ଭାରତକୁ ଯାତ୍ରା କରି ନ ପାରିଲେ ମଧ୍ୟ ଭାରତୀୟମାନଙ୍କୁ ସେମାନଙ୍କ ସମ୍ପର୍କୀୟ ବୋଲି ବିବେଚନା କରନ୍ତି। ସେମାନେ ଭାରତୀୟଙ୍କୁ ସମ୍ପର୍କୀୟ ଭଳି ବ୍ୟବହାର ମଧ୍ୟ ଦେଖାନ୍ତି। ହେଲେ ଏଠାରେ କ୍ଷମତାରେ ଥିବା ଲୋକେ ପାକିସ୍ତାନ ଓ ଇସ୍‌ଲାମ ନାମରେ ଲୋକଙ୍କୁ ବିଭାଜନ ପାଇଁ ଉଦ୍ୟମ କରୁଛନ୍ତି।

# ନ ସୁଧୁରିଲେ ଚିଦାମ୍ବରମ୍‌ଙ୍କ ଭଳି ଦଶା ଭୋଗିବେ

ବଲିଆ,୧୫।୯



## ମମତାଙ୍କୁ ଧମକ ଦେଇ ପୁଣି ବିବାଦରେ ସୁରେନ୍ଦ୍ର ସିଂ

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସୁଧୁରିଯାଆନ୍ତୁ। ନଚେତ ପୂର୍ବତନ ଅର୍ଥମନ୍ତ୍ରୀ ପି. ଚିଦାମ୍ବରମଙ୍କ ଭଳି ଦଶା ଭୋଗିବେ ବୋଲି ରବିବାର ଭାଜପା ନେତା ସୁରେନ୍ଦ୍ର ସିଂ ଧମକ ଦେଇଛନ୍ତି। ତାଙ୍କର ଏହି ମନ୍ତବ୍ୟକୁ ନେଇ ବିବାଦ ସୃଷ୍ଟି ହୋଇଛି।

ବିବାଦୀୟ ମନ୍ତବ୍ୟ ଦେଇ ଚର୍ଚ୍ଚାରେ ରହୁଥିବା ଉତ୍ତରପ୍ରଦେଶର ବୈରିଆ ବିଧାୟକ ସୁରେନ୍ଦ୍ର ସିଂ କହିଛନ୍ତି, ଟିଏମ୍‌ସି ସୁପ୍ରିମୋ ମମତା ବାଂଲାଦେଶର ପ୍ରଧାନମନ୍ତ୍ରୀ ହେବା ଉଚିତ। କାରଣ ସେ ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି)କୁ ବିରୋଧ କରୁଛନ୍ତି। ତାଙ୍କ ପାଇଁ ଖରାପ ସମୟ ଆରମ୍ଭ ହୋଇଯାଇଛି ବୋଲି ସେ ଭୁଲିଯାଇଥିବା ଏଥିରୁ ଜଣାପଡୁଛି। ମମତା ନିଜ ଭାଷା ଓ ବ୍ୟବହାରରେ ପରିବର୍ତ୍ତନ ଆଣନ୍ତୁ। ନ ହେଲେ ଜେଲ୍‌ରେ ଥିବା କଂଗ୍ରେସ ନେତା ଚିଦାମ୍ବରମଙ୍କ ଭଳି ତାଙ୍କ ଅବସ୍ଥା ହେବ।

# ବଙ୍ଗଳା ଛାଡ଼ିନାହାନ୍ତି ୮୨ ଏମ୍‌ପି

ନୂଆଦିଲ୍ଲୀ,୧୫।୯(ପି.ଟି.)

## ତାଗିଦ ସତ୍ତ୍ୱେ ଶୁଣୁନାହାନ୍ତି

ଲୋକ ସଭା କମିଟିର ତାଗିଦ ସତ୍ତ୍ୱେ ୮୨ ଏମ୍‌ପି ଏପର୍ଯ୍ୟନ୍ତ ସରକାରୀ ବଙ୍ଗଳା ଖାଲିକରିନାହାନ୍ତି। ତୁରନ୍ତ ଘର ଖାଲି କରାଇବା ପାଇଁ ପୂର୍ବତନ ଏମ୍‌ପିମାନଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିମନ୍ତେ ସରକାର ବିଚାର କରୁଥିବା ଜଣାପଡିଛି। ପାଖାପାଖି ୨୦୦ ପୂର୍ବତନ ଏମ୍‌ପିଙ୍କୁ ବଙ୍ଗଳା ଖାଲିକରିବା ପାଇଁ ଅଗଷ୍ଟ ୧୯ରେ ସି.ଆର୍. ପାଟିଲଙ୍କ ନେତୃତ୍ୱରେ ଲୋକ ସଭା ହାଉସିଂ କମିଟି ନିର୍ଦ୍ଦେଶ ଦେଇଥିଲେ। ୭ ଦିନ ମଧ୍ୟରେ ସେମାନଙ୍କୁ ଘର ଛାଡ଼ିବାକୁ କୁହାଯାଇଥିବାବେଳେ ୩ ଦିନ ମଧ୍ୟରେ ବିଦ୍ୟୁତ, ପାଣି ଓ ରନ୍ଧନ ଗ୍ୟାସ ସଂଯୋଗ କାଟିଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ନିର୍ଦ୍ଦେଶ ପରେ ଅଧିକାଂଶ ଏମ୍‌ପି ବଙ୍ଗଳା ଛାଡ଼ିଥିବାବେଳେ ଏବେ ବି ୮୨ ଏମ୍‌ପି ଘର ଖାଲି କରିନାହାନ୍ତି। ଏହା ଆଦୌ ଗ୍ରହଣୀୟ ନୁହେଁ ଏବଂ ସମ୍ପୃକ୍ତ ଏମ୍‌ପିମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ହାଉସିଂ କମିଟି ସୂତ୍ରରୁ କୁହାଯାଇଛି।

# ‘ନଭେମ୍ବର ପରେ ରାମମନ୍ଦିର’

ଅଯୋଧ୍ୟା,୧୫।୯(ଆଇଏଏନ୍‌ଏସ୍)




ନଭେମ୍ବର ପରେ ଅଯୋଧ୍ୟାରେ ବିଶାଳ ରାମମନ୍ଦିର ନିର୍ମାଣ ଆରମ୍ଭ ହେବ ବୋଲି ବରିଷ୍ଠ ଭାଜପା ନେତା ସୁବ୍ରମଣ୍ୟମ୍ ସ୍ୱାମୀ କହିଛନ୍ତି। ରାମ ଜନ୍ମଭୂମି-ବାବ୍ରୀ ମସ୍‌ଜିଦ ଜମି ବିବାଦ ମାମଲାର ଶୁଣାଣି ସୁପ୍ରିମକୋର୍ଟରେ ଚାଲିଥିବାବେଳେ ରାୟ ରାମମନ୍ଦିର ସପକ୍ଷରେ ଯିବ ବୋଲି ସେ କହିଛନ୍ତି। ଉପାସନା କରିବା ନାଗରିକର ମୌଳିକ ଅଧିକାର ହୋଇଥିବାରୁ ଏହାକୁ କେହି ଛଡ଼ାଇ ନେଇପାରିବେ ନାହିଁ ବୋଲି ଅଯୋଧ୍ୟା ଗସ୍ତରେ ଥିବା ସୁବ୍ରମଣ୍ୟମ୍ କହିଛନ୍ତି।

# ବାୟୁସେନାକୁ ମିଳିଲା ସ୍ପାଇସ୍-୨୦୦୦ ବୋମା

ନୂଆଦିଲ୍ଲୀ,୧୫।୯




ଭାରତୀୟ ବାୟୁସେନାକୁ ଅଟ୍ଟାଳିକା ଧ୍ୱଂସକାରୀ ସ୍ପାଇସ୍-୨୦୦୦ ବୋମା ମିଳିଛି। ଏହା ବାୟୁସେନାର ଆକ୍ରମଣ କ୍ଷମତା ବୃଦ୍ଧିରେ ସହାୟକ ହେବ। ପୁଲ୍‌ୱାମା ଆତଙ୍କବାଦୀ ଆକ୍ରମଣ ପରେ ଗତ ଫେବୃୟାରୀ ୨୬ରେ ବାୟୁସେନା ପାକିସ୍ତାନର ବାଲାକୋଟ୍‌ସ୍ଥିତ ଜୈଶ୍-ଇ-ମହମ୍ମଦ (ଜେଇଏମ୍) ଆତଙ୍କବାଦୀ ଶିବିର ଧ୍ୱଂସ କରିବାକୁ ସ୍ପାଇସ୍-୨୦୦୦ ବୋମା ବ୍ୟବହାର କରିଥିବାବେଳେ ଏହାର ବିଲ୍ଡିଂ ବ୍ଲାଷ୍ଟର ଭର୍ସନ ଇସ୍ରାଏଲ୍ ଯୋଗାଇ ଦେଇଛି। ବାୟୁସେନାର ମିରାଜ ୨୦୦୦ ଲଢୁଆ ବିମାନରୁ ଏହି ବୋମାକୁ ନିକ୍ଷେପ କରାଯିବ। ତେଣୁ ଉକ୍ତ ଅସ୍ତ୍ର ଗ୍ୱାଲିୟର ଏୟାରବେସ୍‌ରେ ରହିବ। ମାର୍କ ୮୪ ଯୁଦ୍ଧାସ୍ତ୍ର ଏବଂ ବୋମା ପାଇଁ ଭାରତୀୟ ବାୟୁସେନା ଇସ୍ରାଏଲ୍ ସହ ଗତ ଜୁନ୍ ମାସରେ ୨୫୦ କୋଟି ଟଙ୍କାର ଚୁକ୍ତିନାମା ସ୍ୱାକ୍ଷର କରିଥିଲା। ଏଥିରେ ୧୦୦ରୁ ଊର୍ଦ୍ଧ୍ୱ ସ୍ପାଇସ୍-୨୦୦୦ ବିଲ୍ଡିଂ ବ୍ଲାଷ୍ଟର ବୋମା ରହିଛି।

ଇତିହାସର ଆଇନାରେ

## ସେପ୍ଟେମ୍ବର ୧୬ର ପ୍ରମୁଖ ଘଟଣା

୧୯୭୫ ସେପ୍ଟେମ୍ବର ୧୬ରେ ପପୁଆ ନ୍ୟୁ ଗିନି ଅଷ୍ଟ୍ରେଲିଆଠାରୁ ସ୍ୱାଧୀନ ହୋଇଥିଲା। ଇଣ୍ଡୋନେସିଆ ସୀମାରେ ଅବସ୍ଥିତ ଏହି ଦେଶ ପୂର୍ବରୁ ଜର୍ମାନୀ, ବ୍ରିଟେନ ଓ ଅଷ୍ଟ୍ରେଲିଆ ଶାସନାଧୀନ ଥିଲା। ୧୯୦୨ରେ ଏହା ଅଷ୍ଟ୍ରେଲିଆ କମନୱେଲ୍‌ଥ କର୍ତ୍ତୃପକ୍ଷଙ୍କ ଅଧୀନକୁ ଆସିଥିଲା। ପ୍ରଥମ ବିଶ୍ୱଯୁଦ୍ଧ ବେଳେ ଜର୍ମାନ ଅଧୀନରେ ଥିବା ନ୍ୟୁ ଗିନିକୁ ଅଷ୍ଟ୍ରେଲିଆ ଅକ୍ତିଆର କରିଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ପପୁଆ ଅଞ୍ଚଳ ନ୍ୟୁ ଗିନି ସହ ମିଶିଯାଇଥିଲା।

୨୦୧୩ ସେପ୍ଟେମ୍ବର ୧୬ରେ ଆମେରିକା ନୌସେନା ରିଜର୍ଭ ବାହିନୀର ଜଣେ ପୂର୍ବତନ ଅଫିସର ୱାଶିଂଟନ ନ୍ୟାଭି ୟାର୍ଡରେ ପ୍ରବେଶ କରି ଆଖିବୁଜା ଗୁଳି ଚଳାଇବାରୁ ୧୨ ଜଣଙ୍କ ମୃତ୍ୟୁ ଘଟିଥିଲା। ସୁରକ୍ଷା କର୍ମୀଙ୍କ ଗୁଳିରେ ଆକ୍ରମଣକାରୀ ନିହତ ହୋଇଥିଲେ। ଆକ୍ରମଣକାରୀଙ୍କ ନାମ ଆରୋନ ଆଲେକ୍ସିସ ବୋଲି ଜଣାପଡିଥିଲା। ଏହି ଘଟଣା ସେତେବେଳେ ଦେଶବ୍ୟାପୀ ଚର୍ଚ୍ଚା ହୋଇଥିଲା।



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ବିଭିନ୍ନ ଜିଲାରେ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା ହେବା ସମ୍ଭାବନା ଅଛି। **ସ୍ଥାନୀୟ ଅଞ୍ଚଳ**– ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବା ସହ କେତେକ ସ୍ଥାନରେ ସାମାନ୍ୟ ବର୍ଷା ହୋଇପାରେ। ସୋମବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୪ ଡିଗ୍ରୀ ଏବଂ ସର୍ବନିମ୍ନ ୨୬ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ରବିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୩.୨ | ୨୫.୧ |
| ଚାନ୍ଦବାଲି | ୩୫.୫ | ୨୬.୪ |
| କଟକ | ୩୪.୮ | ୨୪.୫ |
| ପାରାଦ୍ୱୀପ | ୩୨.୦ | ୨୮.୦ |
| ଭୁବନେଶ୍ୱର | ୩୩.୮ | ୨୬.୧ |
| ଗୋପାଳପୁର | ୩୨.୦ | ୨୬.୦ |
| ପୁରୀ | ୩୩.୨ | ୨୬.୮ |
| ଅନୁଗୋଳ | ୩୪.୭ | ୨୨.୬ |
| ବାରିପଦା | --- | ୨୬.୬ |
| ଝାରସୁଗୁଡ଼ା | ୩୩.୬ | ୨୬.୦ |
| କେନ୍ଦୁଝର | ୩୨.୯ | ୨୩.୬ |
| ସମ୍ବଲପୁର | ୩୪.୦ | ୨୫.୫ |
| ସୁନ୍ଦରଗଡ଼ | ୩୦.୦ | ୨୧.୫ |
| ହୀରାକୁଦ | ୩୩.୪ | ୨୬.୩ |
| ତାଳଚେର | --- | ୨୫.୦ |
| ଭବାନୀପାଟଣା | ୩୩.୬ | ୨୪.୦ |
| ବଲାଙ୍ଗୀର | ୩୪.୫ | ୨୫.୩ |
| କୋରାପୁଟ | ୨୮.୬ | ୨୧.୦ |
| ଫୁଲବାଣୀ | ୩୨.୨ | --- |
| ଟିଟିଲାଗଡ଼ | ୩୫.୦ | ୨୨.୫ |
| ମାଲକାନଗିରି | ୩୧.୦ | |
| ସୋନପୁର | ୩୨.୮ | ୨୧.୮ |
| ଦାରିଙ୍ଗିବାଡ଼ି | --- | ୧୭.୦ |

ଡିଗ୍ରୀ ସେଲ୍‌ସିୟସ୍

# ପାକ୍‌ର ୨,୦୫୦ ଥର ଅସ୍ତ୍ରବିରତି ଉଲ୍ଲଂଘନ

ନୂଆଦିଲ୍ଲୀ,୧୫।୯(ପି.ଟି.)

ପାକିସ୍ତାନୀ ସେନା ଚଳିତବର୍ଷ ୨,୦୫୦ ଥର ଅସ୍ତ୍ରବିରତି ଉଲ୍ଲଂଘନ କରିଛି। ଏଥିରେ ୨୧ ଭାରତୀୟ ନିହତ ହେଲେଣି ବୋଲି ରବିବାର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରବୀଶ କୁମାର ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି କହିଛନ୍ତି, ପାକିସ୍ତାନ ସବୁବେଳେ ନିୟନ୍ତ୍ରଣରେଖା (ଏଲ୍‌ଓସି) ଏବଂ ଅନ୍ତର୍ଜାତୀୟ ରେଖା (ଆଇବି)ରେ ଅସ୍ତ୍ରବିରତି ଉଲ୍ଲଂଘନ କରୁଛି। ଚଳିତବର୍ଷ ପାକିସ୍ତାନୀ ସେନା ୨,୦୫୦ ଥର ଗୁଳିଗୋଳା ବର୍ଷଣ ଓ ମୋର୍ଟାର ମାଡ଼ କରି ବର୍ଡର ପୋଷ୍ଟ ଓ ସୀମାନ୍ତ ଗ୍ରାମଗୁଡ଼ିକୁ ଟାର୍ଗେଟ କରିଛି। ପାକିସ୍ତାନୀ ସେନାର ସୀମାପାର ଆକ୍ରମଣରେ ଅଦ୍ୟାବଧି ୨୧ ଭାରତୀୟ ନିହତ ହେଲେଣି। ଏଲ୍‌ଓସି ଏବଂ ଆଇବିରେ ଶାନ୍ତି ବଜାୟ ରଖିବା ପାଇଁ ୨୦୦୩ ଅସ୍ତ୍ରବିରତି ଚୁକ୍ତିକୁ ସମ୍ମାନ ଦେବାଲାଗି ଭାରତ ପାକିସ୍ତାନକୁ ବାରମ୍ବାର କହିଆସୁଛି। ହେଲେ ପାକିସ୍ତାନ ଶୁଣୁନାହିଁ। ଅସ୍ତ୍ରବିରତି ଉଲ୍ଲଂଘନ କରି ଆତଙ୍କବାଦୀଙ୍କୁ ଅନୁପ୍ରବେଶ କରାଇବାରେ ପଡ଼ୋଶୀ ଦେଶ ଉଦ୍ୟମ ଜାରି ରଖିଛି।



## ସଂକ୍ଷେପରେ

### ଶାରଳା ମହାବିଦ୍ୟାଳୟ ଶିକ୍ଷା ବିଭାଗର ସ୍ୱାଗତ ଉତ୍ସବ

**ରାହାମା,୧୫।୯(ଡି.ଏନ୍.ଏ):** ରାହାମା ସ୍ଥିତ ଶାରଳା ମହାବିଦ୍ୟାଳୟର ଶିକ୍ଷା ବିଭାଗ ପକ୍ଷରୁ ନୂତନ ଛାତ୍ରୀଛାତ୍ରଙ୍କ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଶରତ ଚନ୍ଦ୍ର ସାହୁ ଅଧ୍ୟକ୍ଷତା କରିଥିଲେ। ବିଭାଗୀୟ ମୁଖ୍ୟ ପ୍ରଫେସର୍ ଜେନାମଣି ବିନୋଦ କୁମାର ରାୟ ଅତିଥି ପରିଚୟ ଦେବା ସହ ଏହି ଉତ୍ସବର ଉଦ୍ଦେଶ୍ୟ ତଥା ବିଭାଗର ଗରିମା ବିଷୟରେ କହିଥିଲେ। କଠିନ ପରିଶ୍ରମ, ଜିଜ୍ଞାସା ଭାବ ତଥା ବିନୟ ଗୁଣ ଦ୍ୱାରା ଲକ୍ଷ ହାସଲ କରିହେବ ବୋଲି ସେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ବିଭାଗୀୟ ଡେମନଷ୍ଟ୍ରେଟର ବିଭୂତି ଭୂଷଣ ପ୍ରଧାନଙ୍କ ସମେତ ଅନ୍ୟ ସମ୍ମାନ ଶ୍ରେଣୀର ମୁଖ୍ୟମାନେ ଏହି ସ୍ୱାଗତ ଉତ୍ସବରେ ବକ୍ତବ୍ୟ ଦେବା ସହ ସଫଳତା ପାଇଁ ବିଭିନ୍ନ ମନ୍ତ୍ର ତଥା ମାର୍ଗ ଦର୍ଶନ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଅମିତ ଦାସ, ରାଜେଶ ମହାପାତ୍ର, ରାଜେଶ କୁମାର ବରାଳ, ଜ୍ୟୋତିରଞ୍ଜନ ନାୟକ ପ୍ରମୁଖ ବହୁ ଛାତ୍ରୀଛାତ୍ର ନବାଗତମାନଙ୍କୁ ସ୍ୱାଗତ କରିବା ସହ ବକ୍ତବ୍ୟ ଦେଇଥିଲେ। ପରେ ଛାତ୍ରୀଛାତ୍ରଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

### ପୁରାତନ ଛାତ୍ର ସଂଘର ପ୍ରତିଭା ଅନ୍ୱେଷଣ

**ତିର୍ତ୍ତୋଲ,୧୫।୯(ଡି.ଏନ.ଏ.):** ତିର୍ତ୍ତୋଲସ୍ଥିତ ମଣିଚରଣ ଶାରଳା ଏକାଡେମୀ ପରିସରରେ ପୁରାତନ ଛାତ୍ର ସଂଘ ତରଫରୁ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରବନ୍ଧ ଲିଖନ ପ୍ରତିଯୋଗିତା କରାଯାଇଥିଲା। ଏହି ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀ ବିଶ୍ୱଜିତ ଦାସ, ତୃପ୍ତି ରାୟ ଓ ସୁଚିସ୍ମିତା ନାଥଶର୍ମାଙ୍କୁ ପୁରସ୍କାର ସହ ଅର୍ଥରାଶି ପ୍ରଦାନ କରାଯାଇଥିଲା। ଏହି ପୁରସ୍କାର ବିତରଣ ଉତ୍ସବରେ ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ କର ସଭାପତିତ୍ୱ କରିଥିଲେ। ଦିଲ୍ଲୀ ଦୂରଦର୍ଶନର ଅବସରପ୍ରାପ୍ତ ଡେପୁଟି ଡାଇରେକ୍ଟର ନିତ୍ୟାନନ୍ଦ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷକ ଭାବଗ୍ରାହୀ ସୂତାର, କ୍ରୀଡ଼ା ଶିକ୍ଷକ ଭୁବନ ମୋହନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ର ସଂଘ କର୍ମକର୍ତ୍ତାମାନେ ଉପସ୍ଥିତ ରହି ବିଦ୍ୟାଳୟ ଆଗାମୀ ଦିନରେ ବିଭିନ୍ନ ଉନ୍ନୟନ କାର୍ଯ୍ୟକ୍ରମ କରାଯିବ ବୋଲି ସୂଚନା ଦେଇଥିଲେ।

### ଅଧ୍ୟାପକ, ଅଭିଭାବକ ସମ୍ମିଳନୀ

**ସାଲେପୁର,୧୫।୯(ଡି.ଏନ.ଏ.):** ସାଲେପୁର କଲେଜ ପକ୍ଷରୁ ଅଧ୍ୟାପକ ଓ ଅଭିଭାବକ ସମ୍ମିଳନୀ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ଡ. ବସନ୍ତ କୁମାର ରାଉତଙ୍କ ପୌରୋହିତ୍ୟରେ ଆୟୋଜିତ ସମ୍ମିଳନୀରେ ଯୁକ୍ତ ୩ ଦ୍ୱିତୀୟ ବର୍ଷ କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗର ସମସ୍ତ ଅଧ୍ୟାପିକା, ଅଧ୍ୟାପକ, ଅନ୍ୟ କର୍ମକର୍ତ୍ତାଙ୍କ ସମେତ ୧୧୨ଜଣ ଅଭିଭାବକ ଯୋଗଦେଇ ମତପ୍ରକାଶ କରିଥିଲେ। ସମ୍ମିଳନୀରେ ୭୫% ଉପସ୍ଥାନ, ପ୍ରୋକ୍ଟରିଆଲ୍ କ୍ଲାସ୍, ଉଚ୍ଚ ଶିକ୍ଷା ବିଭାଗର ମାର୍ଗଦର୍ଶିକା ଓ ଶିକ୍ଷା ବ୍ୟବସ୍ଥାର ଉନ୍ନତି ପାଇଁ ସରକାରଙ୍କ ଦ୍ୱାରା କରାଯାଇଥିବା ଯୋଜନାର ସଫଳ ରୂପାୟନ ସମ୍ପର୍କରେ ଆଲୋଚନା ହୋଇଥିଲା। ଶିକ୍ଷାର ମାନବୃଦ୍ଧି ପାଇଁ ଅଧ୍ୟାପକ ଓ ଅଭିଭାବକଙ୍କ ଗଠନମୂଳକ ମତାମତ ଉପରେ ଗୁରୁତ୍ୱ ଦିଆଯାଇଥିଲା। ପାରସ୍ପରିକ ଆଲୋଚନାରେ ୧୫ ଅଭିଭାବକ ସେମାନଙ୍କ ମତପ୍ରକାଶ କରିଥିଲେ। ଡ. ଉମେଶ ଚନ୍ଦ୍ର ପତି, ପ୍ରଫେସର ପ୍ରକାଶିନୀ ରାୟ, ଡ. ସଙ୍ଗୀତା ମିଶ୍ର, ପ୍ରଫେସର ବିଜୟ କୁମାର ଜେନା, ଡ. ଦେବେନ୍ଦ୍ର ନାରାୟଣ ପତ୍ରୀ, ପ୍ରଫେସର ଉମାକାନ୍ତ ପଣ୍ଡା, ପ୍ରସନ୍ନ ଜେନା, କଳ୍ପନା ମହାପାତ୍ର, ଦିଲୀପ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ରହି ମତ ରଖିଥିଲେ। ସଂସ୍କୃତ ବିଭାଗ ମୁଖ୍ୟ ପ୍ରଫେସର ଜ୍ୟୋତ୍ସ୍ନାରାଣୀ ରଥ ଧନ୍ୟବାଦ ଦେଇଥିଲେ।

### ସେବା ଦିବସ ପାଳିତ

**ସାଲେପୁର,୧୫।୯(ଡି.ଏନ.ଏ.):** ସାଲେପୁର ବ୍ଲକ ଅଧୀନ ବହୁଗ୍ରାମ ମଣ୍ଡଳ ପକ୍ଷରୁ ସେବା ଦିବସ ପାଳନ କରାଯାଇଛି। ସଂଗ୍ରାମ କିଶୋର ସ୍ୱାଇଁଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଲୋକନାଥ ସାହୁ, ପ୍ରଫୁଲ୍ଲ ସାହୁ, କୈଳାଶ କିଶୋର ଦାସ, ଶିଲୁ କର, ଅମରେନ୍ଦ୍ର ମହାନ୍ତି, ସତ୍ୟକାମ କର, ବିବେକାନନ୍ଦ ଜେନା, ନାରାୟଣ ମହାରଣା, ରମେଶ ମହାରଣା, ଅରକ୍ଷିତ ସାହୁ, ବ୍ରହ୍ମାନନ୍ଦ ପଣ୍ଡାଙ୍କ ସମେତ ବହୁ କର୍ମକର୍ତ୍ତା ଯୋଗଦେଇ ଦିବସ ପାଳନ ସମ୍ପର୍କରେ ଆଲୋକପାତ କରିଥିଲେ।

# ମହିଳାଙ୍କ ମୃତ୍ୟୁ, ଗ୍ରାମରେ ଉତ୍ତେଜନା

**ଜଗତ୍‌ସିଂହପୁର ଅଫିସ, ୧୫।୯**


ଗ୍ରାମବାସୀ ଅଭିଯୁକ୍ତଙ୍କ ଘର ଆଗରେ ହୋହଲ୍ଲା କରୁଛନ୍ତି।

**କାଳ ହେଲା ଫାଇନାନ୍ସ ଟଙ୍କା**
- ଅଭିଯୁକ୍ତଙ୍କ ବାରଣ୍ଡାରେ ମୃତଦେହ ରଖି ଆନ୍ଦୋଳନ
- ୪୦ ଜଣଙ୍କ ଋଣ ଟଙ୍କା ହଡ଼ପ ଅଭିଯୋଗ

ଜଗତ୍‌ସିଂହପୁର ଥାନା ଅଧୀନ ଚାଟଣା (ଗଡ) ଗ୍ରାମରେ ରବିବାର ଜଣେ ମହିଳାଙ୍କ ମୃତ୍ୟୁକୁ ନେଇ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ସେ ହେଲେ ହାଡ଼ିବନ୍ଧୁ ଭୋଇଙ୍କ ସ୍ତ୍ରୀ କାଞ୍ଚନ ଦାସ। କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ଏହି ଖବରପାଇ ଗ୍ରାମର ବହୁ ମହିଳା ପୁରୁଷ ଅପରାହ୍ନରେ ଗ୍ରାମର ବାଦଲ ଦାସଙ୍କ ଘର ଆଗରେ ପୋଡ଼ାଜଳା କରିଛନ୍ତି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ପରିସ୍ଥିତି ନିୟନ୍ତ୍ରିତ କରିବାକୁ ଉଦ୍ୟମ କରିଥିଲା। ତେବେ ହାଡ଼ିବନ୍ଧୁଙ୍କ ପରିବାର ସମେତ ବହୁ ଲୋକ ବାଦଲଙ୍କ ଘର ବାରଣ୍ଡାରେ ମୃତଦେହ ରଖି ହୋହଲ୍ଲା କରିଥିଲେ। ବାଦଲ ଓ ତାଙ୍କ ସ୍ତ୍ରୀ ଭାରତୀଙ୍କ ଯୋଗୁ କାଞ୍ଚନଙ୍କ ମୃତ୍ୟୁ ଘଟିଥିବା ସେମାନେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ପୂର୍ବରୁ ଥିବା ଏସ୍‌କେଏସ୍ ଫାଇନାନ୍ସ ତଥା ବର୍ତ୍ତମାନର ଭାରତ ଫାଇନାନ୍ସ ସଂସ୍ଥାରୁ କାଞ୍ଚନଙ୍କ ନାଁରେ ବାଦଲ ୪୫ ହଜାର ଟଙ୍କା ଋଣ ନେଇଥିଲେ। ପରେ ଟଙ୍କା ଶୁଝିଦେବେ କହି ଶୁଝି ନ ଥିଲେ। ତେଣୁ ଫାଇନାନ୍ସ ସଂସ୍ଥା କର୍ମଚାରୀମାନେ କାଞ୍ଚନଙ୍କ ଘରେ ପହଞ୍ଚି ବାରମ୍ବାର ଋଣ ଶୁଝିବାକୁ ତାଗିଦ୍ କରିଥିଲେ। ଯେହେତୁ ଏହି ଟଙ୍କା ବାଦଲ ନେଇଥିଲେ, ତେଣୁ କାଞ୍ଚନ ଏତେ ଟଙ୍କା କିପରି ଶୁଝିବେ ଚିନ୍ତାରେ ପଡିଥିଲେ। ଶନିବାର ସେ ବାଦଲଙ୍କ ଘରେ ପହଞ୍ଚି ଋଣ ଟଙ୍କା ତୁରନ୍ତ ଦେବାକୁ ଦାବି କରିଥିଲେ। ଏହି ସମୟରେ ବାଦଲ ଓ ତାଙ୍କ ସ୍ତ୍ରୀ ଭାରତି ସରବତରେ ବିଷ ମିଶାଇ ପିଆଇ ଦେବାରୁ କାଞ୍ଚନଙ୍କ ମୃତ୍ୟୁ ଘଟିଥିବା ହାଡ଼ିବନ୍ଧୁ ଅଭିଯୋଗ କରିଛନ୍ତି। କେବଳ କାଞ୍ଚନ ନୁହନ୍ତି ଗାଁର ପାଖାପାଖି ୪୦ ଜଣଙ୍କ ଋଣ ଟଙ୍କା ବାଦଲ ଚଳୁ କରି ଦେଇଥିବା ଅଭିଯୋଗ ହୋଇଛି। ଏନେଇ ଋଣ ଗ୍ରହୀତାମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ହାଡ଼ିବନ୍ଧୁଙ୍କ ଅଭିଯୋଗ କ୍ରମେ ବାଦଲ ଓ ଭାରତୀଙ୍କ ବିରୋଧରେ ଦଫା ୪୨୦/୩୦୨/୩୪ ଆଇପିସିରେ ମାମଲା ସଂଖ୍ୟା ୩୦୪/୧୯ ରୁଜୁ ହୋଇଛି। ଅନ୍ୟପକ୍ଷରେ ବାଦଲ ଋଣ ଟଙ୍କା ନ ଦେବାରୁ ଚାପଗ୍ରସ୍ତ ହୋଇ କାଞ୍ଚନ ଆତ୍ମହତ୍ୟା କରିଥିବା କୁହାଯାଉଛି। ଘଟଣାର ତଦନ୍ତ ଜାରି ରହିଥିବା ଆଇଆଇସି ରଜନୀକାନ୍ତ ମିଶ୍ର କହିଛନ୍ତି।

ସୂଚନା ଅନୁଯାୟୀ, ଶନିବାର କାଞ୍ଚନ ଋଣ ଟଙ୍କା ମାଗିବା ପାଇଁ ବାଦଲଙ୍କ ଘରକୁ ଯାଇଥିଲେ। ପରେ ଘରକୁ ଫେରି ତଳେ ପଡିଯାଇଥିଲେ। କିଛି ସମୟ ପରେ ଅପରାହ୍ଣ ୨ଟାରେ ତାଙ୍କ ମଝିଆ ପୁଅ ବଳରାମ ପହଞ୍ଚି କାଞ୍ଚନଙ୍କ ପାଟିରୁ ଫେଣ ବାହାରୁଥିବା ଦେଖି ପରିବାର ଲୋକଙ୍କ ସହାୟତାରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସନ୍ଧ୍ୟାରେ ଡାକ୍ତର କଟକ ସ୍ଥାନାନ୍ତର କରିଥିଲେ। ସେଠାରେ ବିଳମ୍ବିତ ରାତି ପ୍ରାୟ ୨.୧୫ରେ କାଞ୍ଚନଙ୍କ ମୃତ୍ୟୁ ଘଟିଥିଲା। ଖବରପାଇ ରବିବାର ଗ୍ରାମର ବହୁ ମହିଳା ପୁରୁଷ ବାଦଲଙ୍କ ଘର ଆଗରେ ପହଞ୍ଚି ତୁରନ୍ତ ଋଣ ଟଙ୍କା ଫେରାଇବା ଦାବିରେ ହୋହଲ୍ଲା କରିଥିଲେ। କିନ୍ତୁ ବାଦଲ କିମ୍ବା ତାଙ୍କ ସ୍ତ୍ରୀ ଦେଖା ନ ଦେବାରୁ ଉତ୍ତ୍ୟକ୍ତ ଲୋକେ ବାଦଲଙ୍କ ଘର ପାର୍ଶ୍ୱରେ ଥିବା ତାଙ୍କ ଦୋକାନ ଭାଙ୍ଗି ବିଭିନ୍ନ ସାମଗ୍ରୀ ଆଣି ରାସ୍ତା ଉପରେ ପୋଡ଼ି ଦେଇଥିଲେ। ପୋଲିସ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲା। କିନ୍ତୁ ସନ୍ଧ୍ୟାରେ ମୃତଦେହ ପହଞ୍ଚିବା ପରେ ସେମାନେ ବାଦଲଙ୍କ ଘର ବାରଣ୍ଡାରେ ରଖି ଆନ୍ଦୋଳନ କରିଥିଲେ। ଗାଁର ଏକାଧିକ ମହିଳା କହିଛନ୍ତି ଯେ, ଫାଇନାନ୍ସ ସଂସ୍ଥାର କର୍ମଚାରୀମାନେ ଆସିଲେ ବାଦଲଙ୍କ ବାରଣ୍ଡାରେ ବସି ଆଲୋଚନା କରନ୍ତି। କେଉଁ ମହିଳାଙ୍କୁ ଋଣ ଦିଆଯିବ ସେ ନିଷ୍ପତ୍ତିରେ ଭାରତୀଙ୍କ ଭୂମିକା ଥାଏ। ଫାଇନାନ୍ସ ସଂସ୍ଥା ଯେଉଁମାନଙ୍କ ନାଁରେ ଋଣ ମଞ୍ଜୁର କରେ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ଟଙ୍କା ଜମା କରିଥାଏ। ତେଣୁ ଭାରତୀ ଓ ବାଦଲ ଋଣ ଗ୍ରହୀତାଙ୍କୁ ବୁଝାଇ ସୁଝାଇ ଏହି ଟଙ୍କା ହାତେଇଥାନ୍ତି। ଗାଁର କାଦମ୍ବିନୀ ସିଂହ କହିଛନ୍ତି, ତାଙ୍କ ନାଁରେ ୪୦ ହଜାର ଟଙ୍କା ଋଣ ହୋଇଛି। ଏହି ଟଙ୍କା ବାଦଲ ନେଇ ଆଉ ଶୁଝୁନାହାନ୍ତି। ଏଥିପାଇଁ ଫାଇନାନ୍ସ ସଂସ୍ଥା କର୍ମଚାରୀମାନେ ତାଙ୍କଠାରୁ ଟଙ୍କା ଆଦାୟ ପାଇଁ ଚଡାଉ କରୁଛନ୍ତି। ସେହିପରି ପ୍ରେମଲତା ବାନୁଙ୍କ ନାଁରେ ୨୦,୦୦୦, ସସ୍ମିତା ବେହେରା ୨୨,୦୦୦, ଜିତନ ଦାସ ୮୦,୦୦୦, ଗୁଡି ଦେଈ ୪୦,୦୦୦, ଲକ୍ଷ୍ମୀ ଭୋଇ ୪୦,୦୦୦, କମରୁଲ ବିବି ୫୦,୦୦୦, ଦାଗି ଦାସ ୮୦,୦୦୦, ଅପସନା ବିବି ୪୦,୦୦୦, ନଗିନା ପରବିନ୍ ୧୫,୦୦୦ ଓ କମରୁନ୍ ବିବିଙ୍କ ନାମରେ ୧୨,୦୦୦ ଟଙ୍କା ଋଣ ହୋଇଛି। ଏମାନଙ୍କ ସହ ଅନେକଙ୍କ ନାମରେ ଋଣ ହୋଇଥିଲେ ସୁଦ୍ଧା ବାଦଲ ଏହି ଋଣ ରାଶି ନେଇ ଶୁଝୁ ନ ଥିବାରୁ ସେମାନେ ଚିନ୍ତାରେ ଥିବା ଅଭିଯୋଗ କରିଛନ୍ତି।

## ରୋଗଗ୍ରସ୍ତ ଛାତ୍ରଙ୍କ ଚିକିତ୍ସା ପାଇଁ ହାତ ବଢ଼ାଇଲେ ଅଭୟ

**ତିଗିରିଆ,୧୫।୯(ଡି.ଏନ.ଏ.)**

ତିଗିରିଆ ବ୍ଲକ ଅଧୀନ ଗଦାଧରପୁର ଗ୍ରାମର ଗୋପାଳ ଗୋଚ୍ଛିଙ୍କ ରୋଗଗ୍ରସ୍ତ ପୁଅ ସରୋଜ(୧୫)ଙ୍କୁ ଚିକିତ୍ସା ପାଇଁ ସହାୟତାର ହାତ ବଢ଼ାଇଛନ୍ତି ଆଠଗଡ଼ ନିର୍ବାଚନମଣ୍ଡଳୀର ଯୁବ ସଙ୍ଗଠକ ଅଭୟ ବାରିକ। ଦୀର୍ଘ ୫ବର୍ଷରୁ ଊର୍ଦ୍ଧ୍ୱ ହେବ ବିଛଣାରେ ପଡ଼ିଥିବା ସରୋଜଙ୍କୁ ତାଙ୍କ ବାପା ଅର୍ଥ ଅଭାବରୁ ଚିକିତ୍ସା କରାଇ ପାରୁ ନ ଥିଲେ। ଏହି ଖବର ପାଇବା ପରେ ଅଭୟ ସେଠାରେ ପହଞ୍ଚିଥିଲେ। ସରୋଜଙ୍କୁ ଚିକିତ୍ସା ନିମନ୍ତେ ଅଭୟ ଖୋର୍ଦ୍ଧା ଜିଲାର ଏକ ଘରୋଇ ହସ୍‌ପିଟାଲରେ ଭର୍ତ୍ତି କରିଛନ୍ତି। ଗୋପାଳ ଶ୍ରମଜୀବୀ ହୋଇଥିବା ବେଳେ ତାଙ୍କ ପୁଅ ୫ମ ଶ୍ରେଣୀରେ ପଢୁଥିବା ବେଳେ ସ୍ନାୟବିକ ଦୁର୍ବଳତା ରୋଗରେ ଶିକାର ହୋଇଥିଲେ। ହାତ ଗୋଡ଼ ଥରିବା ଏବଂ କଥାବାର୍ତ୍ତା ଠିକ୍ ଭାବେ କରିପାରି ନ ଥିଲେ। ଏଭଳି ପରିସ୍ଥିତିରେ ଗରିବ ପରିବାର ସେତେବେଳେ ସ୍ଥାନୀୟ ବିଭିନ୍ନ ଡାକ୍ତରଖାନା ସହିତ ପରେ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସା କରିବାରୁ ସ୍ୱାସ୍ଥ୍ୟାବସ୍ଥାରେ ସାମାନ୍ୟ ଉନ୍ନତି ଆସିଥିଲା। ହେଲେ ପରବର୍ତ୍ତୀ ସମୟରେ ରୋଗର ପୁନରାବୃତ୍ତି ହୋଇଥିଲା। ଅଭୟଙ୍କ ଏହି କାର୍ଯ୍ୟକୁ ଅଞ୍ଚଳରେ ପ୍ରଶଂସା କରାଯାଉଛି। ଅଭୟ ସମସ୍ତ ଅର୍ଥ ଖର୍ଚ୍ଚ କରି ଚିକିତ୍ସା କରାଇବେ ବୋଲି କହିଛନ୍ତି।

## ବନ୍ଦର ସିଏମ୍‌ଇଙ୍କୁ ଓଡ଼ିଶା ଟେକ୍ନୋଲୋଜି ଆୱାର୍ଡ


ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ବନ୍ଦର ସିଏମ୍‌ଇଙ୍କୁ ସମ୍ମାନିତ କରୁଛନ୍ତି।

**ପାରାଦୀପ,୧୫।୯(ସ୍ୱ.ପ୍ର.)**

ପାରାଦୀପ ବନ୍ଦର ସିଏମ୍‌ଇ (ଚିଫ୍ ମେକାନିକାଲ ଇଞ୍ଜିନିୟର) ସରୋଜ ଦାସଙ୍କୁ ଓଡ଼ିଶା ଟେକ୍ନୋଲୋଜି ଆୱାର୍ଡ ପ୍ରଦାନ କରାଯାଇଛି। ରବିବାର ସନ୍ଧ୍ୟାରେ ଭୁବନେଶ୍ୱରଠାରେ ଜାତୀୟ ଇଞ୍ଜିନିୟର୍ସ ଦିବସ ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶା ବିଧାନ ସଭାର ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ତାଙ୍କୁ ଏହି ସମ୍ମାନ ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ, ସ୍ୱର୍ଗତ ଏମ୍.ବିଶେଶ୍ୱରାୟଙ୍କ ଜନ୍ମ ଦିବସକୁ ଯନ୍ତ୍ରୀ ଦିବସ ଭାବେ ପାଳନ କରାଯାଉଛି। ତାଙ୍କର ୧୫୮ତମ ଜୟନ୍ତୀ ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୋର୍ଟ ସିଏମ୍‌ଇ ଦାସଙ୍କୁ ତାଙ୍କର ବିଶେଷ ଅବଦାନ ପାଇଁ ସମ୍ମାନିତ କରାଯାଇଛି। ଯନ୍ତ୍ରୀ ଦାସ ପ୍ରଥମେ ଦୀନ ଦୟାଳ ଉପାଧ୍ୟାୟ ବନ୍ଦରରେ ଚାକିରି କରିଥିଲେ। ତାଙ୍କ ଉଦ୍ୟମରେ ସେଠାରେ ୪.୮୮ କୋଟି ଟଙ୍କାରେ ୬ ମେଗାୱାଟ ବିଦ୍ୟୁତ୍ ଉତ୍ପାଦନ କରାଯାଇଥିଲା। ଏଥିରେ ୩୫ ହଜାର ଉପଭୋକ୍ତାଙ୍କୁ ବିଦ୍ୟୁତ୍ ମିଳୁଛି। ସେହିପରି କୋଚିନ୍ ବନ୍ଦରରେ ୧୫ଶହ କିଲୋୱାଟର ସୋଲାର ପ୍ଲାଣ୍ଟ ପ୍ରତିଷ୍ଠା ତାଙ୍କ ସଫଳତାର ଆଉ ଏକ ଫର୍ଦ୍ଦ। ଏବେ ପାରାଦୀପ ବନ୍ଦରରେ ବିଦ୍ୟୁତ୍ ସେବା ଓ ପୋର୍ଟର ବର୍ଥ ପୋତାଶ୍ରୟ ଫ୍ଲଟକୁ ବ୍ୟବସ୍ଥିତ କରିବା ପାଇଁ ସେ କେତେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମନ୍ତ୍ରୀ ଜଗନ୍ନାଥ ସାରକା, ପଦ୍ମିନୀ ଦିଆନ, ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ସହ ଅନ୍ୟ ଅତିଥିମାନେ ଉପସ୍ଥିତ ଥିଲେ। ପୋର୍ଟର ଯନ୍ତ୍ରୀ ଏଭଳି ଉଚ୍ଚ ସମ୍ମାନ ପାଇଥିବାରୁ ବିଭିନ୍ନ ବିଭାଗର ମୁଖ୍ୟ, ଯନ୍ତ୍ରୀ, ଅଧକ୍ଷ ଓ ସଚିବ ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଆଞ୍ଚଳିକ ଟ୍ରକ ମାଲିକ ସଂଘର ବୈଠକ

**ବାଲିଆ, ୧୫।୯**

ବିରିଡ଼ି ବ୍ଲକ ବାଲିଆସ୍ଥିତ ଭଗବତୀ ପୀଠଠାରେ ରବିବାର ଜଗତ୍‌ସିଂହପୁର ଆଞ୍ଚଳିକ ଟ୍ରକ ମାଲିକ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଛି। ନୃସିଂହ କୁମାର ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ବିରିଡ଼ି, ରଘୁନାଥପୁର, ଜଗତ୍‌ସିଂହପୁର ଓ ଅନ୍ୟ କେତେକ ବ୍ଲକର ଶତାଧିକ ଟ୍ରକ ମାଲିକ ଯୋଗ ଦେଇଥିଲେ। ବିଶେଷ କରି ସରକାରଙ୍କ ନିର୍ଦ୍ଦିଷ୍ଟ ପରିବହନ ନୀତି ନ ଥିବାରୁ ଟ୍ରକ ମାଲିକମାନେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏବେ ବହୁ ଟ୍ରକ୍ ମାଲିକ ଦୁର୍ଦ୍ଦିନ ଦେଇ ଗତି କରୁଥିବା ଏଥିରେ କୁହାଯାଇଥିଲା। ନେତ୍ରାନନ୍ଦ ପାତ୍ର, ଦେବୀପ୍ରସାଦ ତ୍ରିପାଠୀ, ସମଦ୍ ଅଲ୍ଲି, ରାମକୃଷ୍ଣ ପରିଜା, ସୁରଥ ବେହେରା, ରମେଶ ପରିଡ଼ା, ଗଦାଧର ସାହୁ, ରୋହିତ ରଞ୍ଜନ ପ୍ରଧାନ, କ୍ଷେତ୍ରବାସୀ ସାହୁ, ସଂଗ୍ରାମ ନାୟକ, ନିଗମାନନ୍ଦ ମହାନ୍ତି, ମନୋଜ ମହାନ୍ତି, ଲିଙ୍ଗରାଜ ବେହେରା, ଅଶ୍ୱିନୀ ସାହୁ ପ୍ରମୁଖ କହିଲେ ଯେ, ଗାଡ଼ି ଚଳାଇବା ବେଳେ କୌଣସି ପ୍ରକାର ଓଭର ଲୋଡିଙ୍ଗକୁ ପ୍ରଶ୍ରୟ ଦିଆଯିବ ନାହିଁ। ଟ୍ରକ ମାଲିକ ସଂଘ ନିର୍ଦ୍ଧାରଣ କରିବାକୁ ଥିବା ମୂଲ୍ୟରେ ମାଲ ପରିବହନ କରାଯିବ। ଏହା ଦ୍ୱାରା ଟ୍ରକର ସ୍ଥାୟିତ୍ୱ ବୃଦ୍ଧି ପାଇବା ସହ ରାସ୍ତାଘାଟରେ ଦେଖାଦେଉଥିବା ସମସ୍ୟା ଆଉ ରହିବ ନାହିଁ। ଏହି ନିୟମ ଯେପରି ସମସ୍ତେ ମାନି ଚଳିବେ ସେଥିପାଇଁ ପରବର୍ତ୍ତୀ ବୈଠକରେ କର୍ମକର୍ତ୍ତା ନିର୍ବାଚନ କରାଯାଇ ଦାୟିତ୍ୱ ଦିଆଯିବ ବୋଲି ସହମତି ପ୍ରକାଶ ପାଇଥିଲା। ଚିତ୍ତରଞ୍ଜନ ବେହେରା, ତପନ କୁମାର ସାହୁ, ସୁଶିଲ ଦାସ, ବ୍ରହ୍ମାନନ୍ଦ ସ୍ୱାଇଁ, ଅବଦୁଲ ରହିମ ଖାଁ, ଅଶୋକ କୁମାର ସାହୁ, ବିଜୟ ସାହୁ, ବିଜୟ ସାମଲ, ତାପସ ଜେନା ପ୍ରମୁଖ ଯୋଗ ଦେଇଥିଲେ।


ବୈଠକରେ ଉପସ୍ଥିତ ଟ୍ରକ ମାଲିକମାନେ।

## ଟଙ୍କା ଥାଇ ହୋଇପାରୁନି ପୀଠର ଉନ୍ନତି

**ରଘୁନାଥପୁର, ୧୫। ୯ (ଡି.ଏନ.ଏ.)**


ପୀଠ ପରିସର ଏହି ଘରେ ହନୁମାନଙ୍କ ମୂର୍ତ୍ତି ରହିଛି।

**ଗୋରଖନାଥ ପୀଠ**
- ଅବହେଳିତ ଅବସ୍ଥାରେ ପଡ଼ି ରହିଛି ଗଣେଶ, ହନୁମାନ ମୂର୍ତ୍ତି
- ଶ୍ରଦ୍ଧାଳୁଙ୍କ ପାଇଁ ନାହିଁ ଯାତ୍ରୀ ନିବାସ

ରଘୁନାଥପୁର ବ୍ଲକ ଛପଡା ପଞ୍ଚାୟତ କେରେକେରାସ୍ଥିତ ପ୍ରସିଦ୍ଧ ବିଭୂତି କ୍ଷେତ୍ର ପ୍ରଭୁ ଗୋରେଖନାଥ ପୀଠ ସର୍ବଦା ଚଳଚଞ୍ଚଳ। ଦୈନନ୍ଦିନ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ପୀଠକୁ ଆଗମନ କରିଥାନ୍ତି। ତେବେ ୨୦୦୭ରେ ଗ୍ରାମବାସୀଙ୍କ ଅଧୀନରୁ ଗୋରଖନାଥ ପୀଠ ଟ୍ରଷ୍ଟବୋର୍ଡ ପାଖକୁ ଚାଲିଯିବା ପରେ ଏହାର ଉନ୍ନତି ପାଇଁ ଦେବୋତ୍ତର ବିଭାଗର ରହିଲାନି ଆନ୍ତରିକତା। ଭକ୍ତଙ୍କ ଦାନ ତଥା ଅନ୍ୟାନ୍ୟ ପ୍ରକ୍ରିୟାରୁ ପ୍ରାୟ ୧୦ କୋଟି ଟଙ୍କା ଗଚ୍ଛିତ ଥାଇ ମଧ ହୋଇପାରୁନି ଆଖିଦୃଶିଆ ଉନ୍ନତି। ଇଚ୍ଛାଶକ୍ତିର ଅଭାବ ଯୋଗୁ ବିଭିନ୍ନ ସମୟରେ ଟ୍ରଷ୍ଟବୋର୍ଡ ପକ୍ଷରୁ ରିଜୋଲ୍ୟୁଶନ ମାଧ୍ୟମରେ ଦିଆଯାଉଥିବା ଉନ୍ନତିମୂଳକ କାର୍ଯ୍ୟକୁ ଅଣଦେଖା କରାଯାଇଥିବା ଅଭିଯୋଗ ହେଉଛି। ଯାହାକି ସ୍ଥାନୀୟ ଅଞ୍ଚଳବାସୀ ଓ ପୀଠକୁ ଆସୁଥିବା ଯାତ୍ରୀଙ୍କୁ ବ୍ୟଥିତ କରୁଛି। ଏଥିସହ ପୀଠ ମଧକୁ ଆସୁଥିବା ଆଗନ୍ତୁକଙ୍କ ସଂଖ୍ୟା ଧୀରେ ଧୀରେ କମିବାରେ ଲାଗିଛି। ଏହା ଚିନ୍ତାର ବିଷୟ ହୋଇଥିବାବେଳେ ପାରିପାର୍ଶିକ ବ୍ୟବସାୟ ଉପରେ ମଧ ଆଞ୍ଚ ଆସିଛି। ପୀଠ ପରିସରରେ ହନୁମାନ ମନ୍ଦିର ନିର୍ମାଣ କାର୍ଯ୍ୟ ଶେଷ ହୋଇ ସାରିଥିବା ବେଳେ ୭ ବର୍ଷ ତଳୁ ମୂର୍ତ୍ତି ଏକ ବନ୍ଦ କୋଠରିରେ ପଡି ରହିଛି। ଏହାର ସୁବ୍ୟବସ୍ଥିତ ପାଇଁ କୌଣସି ପଦକ୍ଷେପ ନିଆଯାଉନି। ଦୂରଦୂରାନ୍ତରୁ ଆସୁଥିବା ଭକ୍ତଙ୍କ ପାଇଁ ଯାତ୍ରୀ ନିବାସର ଆବଶ୍ୟକତା ଥିବା ବେଳେ ଏହା ମଧ କରାଯାଉନି। ନିଲାମପ୍ରାପ୍ତ ଭୋଗ, ଦୀପ ଦୋକାନ ଘର ଅସୁରକ୍ଷିତ ଥିବା ଏବଂ ଏହାର ସ୍ଥାନାନ୍ତର ପାଇଁ ଟ୍ରଷ୍ଟବୋର୍ଡ ମିଟିଂରେ ଆଲୋଚନା କରାଯାଇଥିଲେ ସୁଦ୍ଧା ଏହା ପୀଠର ମଧ ଭାଗରେ ରହି ସମସ୍ୟା ସୃଷ୍ଟି କରୁଛି। ସେହିପରି ପୀଠ ପରିସରରେ ଶୋଭା ବର୍ଦ୍ଧିତ ତଥା ଚଟାଣକୁ ଉଚ୍ଚା କରାଯିବା ପାଇଁ କୌଣସି ବ୍ୟବସ୍ଥା କରାଯାଉନାହିଁ। ପୀଠ ପରିସରରେ ଥିବା ପୋଖରୀର ପୁନରୁଦ୍ଧାର, ପ୍ରସାଦ ମଣ୍ଡପ ଅଧିକ ସ୍ଥାପନ, ପଦ ପ୍ରକ୍ଷାଳନ, ଝୁଲଣ ମଣ୍ଡପର ଉନ୍ନତି, ମନ୍ଦିରର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ରଙ୍ଗ ଲେପନ, ପାଦୁକା କୁଣ୍ଡର ଆଧୁନିକୀକରଣ, ଟ୍ରଷ୍ଟବୋର୍ଡ ଅଫିସ ସଭାଗୃହ ନିର୍ମାଣ ସର୍ବପରି ପୀଠ ପରିସରରେ ଭୋଗମଣ୍ଡପ ପାଇଁ ଯଥେଷ୍ଟ ଆବଶ୍ୟକତା ରହିଥିବାବେଳେ ଦେବୋତ୍ତର ବିଭାଗ ଏଥିପ୍ରତି ଗୁରୁତ୍ୱ ଦେବା ଜରୁରୀ ହୋଇପଡିଛି। ସେହିପରି ଟ୍ରଷ୍ଟ ବୋର୍ଡ ପକ୍ଷରୁ ସ୍ୱଳ୍ପ ମୂଲ୍ୟରେ ପ୍ରସାଦ ଯୋଗାଇବାର ବ୍ୟବସ୍ଥା ହୋଇଥିବାବେଳେ ମନ୍ଦିର ପୂଜକଙ୍କ ଆପତ୍ତି ଯୋଗୁ ଏହାକୁ ସ୍ଥଗିତ ରଖିଛନ୍ତି ଜିଲାପାଳ। ତେବେ ଏ ନେଇ ଅଧିକ ତର୍ଜମାର ଆବଶ୍ୟକତା ରହିଛି ବୋଲି ଯାତ୍ରୀଙ୍କ ମହଲରୁ ମତପ୍ରକାଶ ପାଇଛି। ଏଥିପ୍ରତି ଦେବୋତ୍ତର କମିଶନର ଦୃଷ୍ଟି ଦେଇ ଟ୍ରଷ୍ଟବୋର୍ଡ ପକ୍ଷରୁ ରିଜୋଲ୍ୟୁଶନ ଜରିଆରେ ଦିଆଯାଇଥିବା ପ୍ରସ୍ତାବକୁ କାର୍ଯ୍ୟକାରୀ କରିବାକୁ ଅଞ୍ଚଳବାସୀ ତଥା ଭକ୍ତଙ୍କ ମହଲରୁ ଦାବି ହେଉଛି।

### ସୁପର ସ୍ପେଶିଆଲିଟି ହସ୍ପିଟାଲ ନିର୍ମାଣ ଦାବି

## ଦୁର୍ବାର ଆନ୍ଦୋଳନ କରିବାକୁ ଆହ୍ୱାନ

**କୁଜଙ୍ଗ,୧୫।୯(ସ୍ୱ.ପ୍ର.)**


ସମାବେଶରେ ଉପସ୍ଥିତ ପଞ୍ଚାୟତ ପ୍ରତିନିଧି ଓ ଆଞ୍ଚଳିକ ସୁରକ୍ଷା ସମିତି କର୍ମକର୍ତ୍ତା।

- ଏକତ୍ରିତ ହେଲେ ବହୁ ପଞ୍ଚାୟତବାସୀ
- ମାନବ ଶୃଙ୍ଖଳ କରିବାକୁ ନିଷ୍ପତ୍ତି

ଭୂତମୁଣ୍ଡାଇଠାରେ ସୁପର ସ୍ପେଶିଆଲିଟି ହସ୍ପିଟାଲ ଓ ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ଦୀର୍ଘ ଏକ ବର୍ଷ ଧରି ଆନ୍ଦୋଳନ ଜାରି ରଖିଛି ଆଞ୍ଚଳିକ ସୁରକ୍ଷା ସମିତି। ଏହି ଅବସରରେ ରବିବାର କୁଜଙ୍ଗ ସୂଚନା କେନ୍ଦ୍ର ପରିସରରେ ସମିତି ପକ୍ଷରୁ ଏକ ସମାବେଶ କରାଯାଇଥିଲା। ସମିତି ମୁଖ୍ୟ ଆବାହକ ରଘୁନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶରେ ବହୁ ପଞ୍ଚାୟତ ପ୍ରତିନିଧି ଯୋଗଦେଇ ଦୁର୍ବାର ଆନ୍ଦୋଳନ କରିବାକୁ ଆହ୍ୱାନ ଦେଇଥିଲେ। ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ଉପରେ ଏହି ଦାବି ପୂରଣ ପାଇଁ ଚାପ ସୃଷ୍ଟି କରିବାକୁ ଆସନ୍ତା ଅକ୍ଟୋବର ୨୩ ତାରିଖରେ କୁଜଙ୍ଗରୁ ପାରାଦୀପ ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ମାନବ ଶୃଙ୍ଖଳ କରିବାକୁ ଏଥିରେ ନିଷ୍ପତ୍ତି ନିଆଯାଇଥିଲା। ଏନେଇ ସମସ୍ତ ପଞ୍ଚାୟତରେ ଜନସଚେତନତା ସୃଷ୍ଟି କରାଯିବ ବୋଲି ମତପ୍ରକାଶ ପାଇଥିଲା। ପ୍ରକାଶ ଯେ, ପାରାଦୀପରେ ବନ୍ଦରକୁ ଭିତ୍ତି କରି ବହୁ ରାସାୟନିକ ଶିଳ୍ପ କାରଖାନା ଗଢ଼ିଉଠିଛି। ଏଥିପାଇଁ ସ୍ଥାନୀୟ ଅଞ୍ଚଳବାସୀ ୨୦ ହଜାର ଏକରରୁ ଅଧିକ ଜମି ହରାଇଛନ୍ତି। ମାତ୍ର ସେମାନଙ୍କ ପରିବାରକୁ ନିଯୁକ୍ତି ମିଳୁନାହିଁ। ଶିଳ୍ପଜନିତ ପ୍ରଦୂଷଣ କାରଣରୁ ଦିନକୁ ଦିନ ଲୋକେ ବହୁ ଦୁରାରୋଗ୍ୟର ଶିକାର ହେଉଛନ୍ତି। ତେଣୁ ଭୂତମୁଣ୍ଡାଇଠାରେ ସୁପର ସ୍ପେଶିଆଲିଟି ହସ୍ପିଟାଲ ଓ ମେଡିକାଲ କଲେଜ ନିର୍ମାଣ କରାଗଲେ ଶିଳ୍ପ ପ୍ରଭାବିତ ଜଗତ୍‌ସିଂହପୁର ଓ କେନ୍ଦ୍ରାପଡ଼ା ଜିଲାର ବହୁ ଲୋକ ଉପକୃତ ହୋଇପାରିବେ ବୋଲି ବକ୍ତାମାନେ କହିଥିଲେ। ବହୁବାର ଏନେଇ ଦାବି ହୋଇଥିଲେ ମଧ ପ୍ରଶାସନ ଅଣଦେଖା କରିଆସୁଛି। ଏପରିକି ସେହି ସ୍ଥାନରେ ଟ୍ରକ ଟର୍ମିନାଲ ନିର୍ମାଣ କରିବାକୁ ମସୁଧା ଚାଲିଛି। ଏଥିପାଇଁ ଆନ୍ଦୋଳନକୁ ଦୁର୍ବଳ କରିଦେବାକୁ ପ୍ରଶାସନ ଷଡ଼ଯନ୍ତ୍ର ଚଳାଇଛି। ଏହି ସମାବେଶରେ ଗରେଇ ସରପଞ୍ଚ ସଂଗ୍ରାମ ମନ୍ତ୍ରୀ, ସାଇଲୋ ସରପଞ୍ଚ ରୋଜାଲିନୀ ମହାପାତ୍ର, ପଙ୍କପାଳ ସରପଞ୍ଚ ମିନାକ୍ଷୀ ଦାସ, ସମିତି ସଭ୍ୟ ଅକ୍ଷୟ ସାହୁ, ଅଗପାଳ ସରପଞ୍ଚଙ୍କ ପ୍ରତିନିଧି ରଞ୍ଜନ କୁମାର ବେହେରା, ସମିତିସଭ୍ୟ ନିରଞ୍ଜନ ବେହେରା, ମହ୍ଲାସାହି ସରପଞ୍ଚ ସୁଭାଷିନୀ ବେହେରା, ସୁବ୍ରତ କୁମାର ଦାଶ, ବାଗୋଇ ସମିତିସଭ୍ୟ କୈଳାସ ସାହୁ, ବାଲିଆ ସମିତି ସଭ୍ୟ କୈଳାସ ଷଡଙ୍ଗୀ, ଗୋପିଆକୁଦ ସରପଞ୍ଚ ନନ୍ଦିନୀ ପଣ୍ଡା, ଫତେପୁର ସରପଞ୍ଚ ସ୍ନେହମୟୀ ଲେଙ୍କା, ଭୂତମୁଣ୍ଡାଇ ସରପଞ୍ଚ ଜ୍ୟୋତିର୍ମୟୀ ସ୍ୱାଇଁ, ବିଶ୍ୱାଳି ସରପଞ୍ଚଙ୍କ ପ୍ରତିନିଧି ଆଲୋକ ସାହୁ, କୋଠୀ ସରପଞ୍ଚ କର୍ଣ୍ଣରାଜ ସ୍ୱାଇଁ, ସମିତି ସଭ୍ୟ ଅରକ୍ଷୀତ ଦାସ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ସେହିପରି ସୁରକ୍ଷା ସମିତି ସହଆବାହକ ସଞ୍ଜୟ କୁମାର ସ୍ୱାଇଁ, ଆଇନଜୀବୀ ସଞ୍ଜୟ କୁମାର ବେହେରା, ଶ୍ରମିକ ନେତା ପ୍ରକାଶ ଚନ୍ଦ୍ର ତ୍ରିପାଠୀ, ଶ୍ରୀବଲ୍ଲଭ କର, ତପନ କୁମାର ସାମନ୍ତରାୟ, ପ୍ରାମୋଦ କୁମାର ଜେନା, ଜାନକୀ ମହାରଥା, ନୃସିଂହ ନାରାୟଣ ଦାସ, ମିନର୍ଭା ପରିଡ଼ା, ପ୍ରମୋଦ କୁମାର ଜେନା, ବବାବୁରାମ ଚୌଧୁରୀ, ଦୁଷ୍ମନ୍ତ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ମାର୍ଟ ରୋବୋ



ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ରୋବଟ୍ ବା ରୋବୋର ବ୍ୟବହାର କିଛି ନୂଆ କଥା ନୁହେଁ। ନିକଟରେ ଜାପାନର ବୈଜ୍ଞାନିକମାନେ ଏପରି ଏକ ରୋବୋ ତିଆରି କରିଛନ୍ତି ଯାହା ରୋଗୀଙ୍କ ପାଇଁ ବରଦାନ ସାବ୍ୟସ୍ତ ହେବ। ବିଶେଷଭାବରେ ଷ୍ଟ୍ରୋକ୍ ରୋଗୀଙ୍କ ପାଇଁ ଏହି ସ୍ମାର୍ଟ ରୋବୋ ବିଶେଷ ସହାୟକ ହେବ ବୋଲି ଜଣାପଡ଼ିଛି। ରୋଗୀ ନିକଟରେ ରହି ଜଣେ ଆଟେଣ୍ଡାଣ୍ଟର କାମ ଉକ୍ତ ରୋବୋ ସୁଚାରୁରୂପେ ତୁଲାଇପାରିବ ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏପରି କି ରୋଗୀ କେଉଁ ସମୟରେ ଔଷଧ ଖାଇବ ତାହାକୁ ମନେରଖିବା ସହ ଔଷଧ ମଧ୍ୟ ଦେଇପାରିବ। କେତେଜଣ ରୋଗୀ ଏହି ରୋବୋ ସହ ଭିଡିଓ ଗେମ୍ ଖେଳିପାରିବେ। ତେବେ ଏଭଳି ରୋବୋ ବଜାରରେ ଉପଲବ୍ଧ ହେବାକୁ ଆଉ କିଛି ମାସ ଲାଗିବ ବୋଲି ରିପୋର୍ଟରେ ସୂଚିତ କରାଯାଇଛି।

## ଯକ୍ଷ୍ମାକୁ ନିୟନ୍ତ୍ରଣ କରିବ ଟି' ସେଲ୍



ଯକ୍ଷ୍ମା ରୋଗୀଙ୍କ ପାଇଁ ଖୁସି ଖବର। ଅବଶ୍ୟ ଏବେ ଏହି ରୋଗକୁ ଅନେକାଂଶରେ ନିୟନ୍ତ୍ରଣ କରାଯାଇସାରିଲାଣି। ଏହାର ସରଳ ଏବଂ ସହଜ ଚିକିତ୍ସା ପ୍ରଣାଳୀ ମଧ୍ୟ ଉପଲବ୍ଧ। ନିକଟରେ ଆଉ ଏକ ଉପାୟ ଦ୍ୱାରା ଯକ୍ଷ୍ମାକୁ ନିୟନ୍ତ୍ରଣ କରାଯାଇପାରିବ ବୋଲି ଏକ ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି। ଏ ସମ୍ପର୍କରେ ଆମେରିକାର କାଲିଫର୍ନିଆ ୟୁନିଭର୍ସିଟିର ଯକ୍ଷ୍ମା ବିଶେଷଜ୍ଞମାନଙ୍କ ଦ୍ୱାରା ହୋଇଥିବା ଗବେଷଣା ସମୟରେ ସେମାନେ ମନୁଷ୍ୟ କୋଷ (ସେଲ୍) ଉପରେ ତନ୍ନ ତନ୍ନ କରି ପରୀକ୍ଷା କରିଥିଲେ। ଏହି ସମୟରେ ସେମାନେ ଆଇଏନ୍‌ଆଇସିଟି ନାମକ ଏକ ସେଲ୍ ପାଇଥିଲେ। ଏହାକୁ ସଂକ୍ଷେପରେ ସେମାନେ 'ଟି ସେଲ୍' ନାମରେ ନାମିତ କରିଛନ୍ତି। ଯଦି ଏହି ସେଲ୍ ସକ୍ରିୟ ରହେ ତେବେ ଯକ୍ଷ୍ମା ଦ୍ୱାରା ଆକ୍ରାନ୍ତ ହେବାର ଆଶଙ୍କା ଅନେକାଂଶରେ କମ୍ ଥାଏ ବୋଲି ସେମାନେ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରିଛନ୍ତି।

# ବିଜ୍ଞାନ ଈଶ୍ୱରଙ୍କୁ ହତ୍ୟାକରେ ନାହିଁ





ପ୍ର. ରମେଶ ଚନ୍ଦ୍ର ପରିଡ଼ା

କିଛିବର୍ଷ ତଳେ ଇଂଲଣ୍ଡର କ୍ୟାଥୋଲିକ ଚର୍ଚ୍ଚଗୁଡ଼ିକ ଦ୍ୱାରା ଅନୁଷ୍ଠିତ ସର୍ବେକ୍ଷଣରୁ ଜଣା ପଡ଼ିଥିଲା ଯେ ସାଧାରଣ ଲୋକଙ୍କ ମଧ୍ୟରୁ ୮୭.୬% ଈଶ୍ୱରଙ୍କ ସ୍ଥିତିକୁ ଦୃଢ଼ ଭାବେ ବିଶ୍ୱାସ କଲାବେଳେ ୧୨.୩%ଙ୍କର ଏଥି ସମ୍ପର୍କରେ ନିର୍ଦ୍ଦିଷ୍ଟ ମତାମତ ନାହିଁ କିମ୍ବା ସେମାନେ ଏହାକୁ ନେଇ ବିଶେଷ ଚିନ୍ତା କରନ୍ତି ନାହିଁ ଏବଂ ଅବଶିଷ୍ଟ ଅର୍ଥାତ୍ ଅତି ନଗଣ୍ୟ ହୋଇଥିବା ୦.୧% ସେଥିରେ ଆଦୌ ବିଶ୍ୱାସ କରନ୍ତି ନାହିଁ। ତେବେ, କ୍ରମଶଃ ଈଶ୍ୱରବିଶ୍ୱାସୀଙ୍କ ସଂଖ୍ୟା ହ୍ରାସ ପାଉଛି ଏବଂ ଏ ବିଶ୍ୱାସ ପ୍ରତି ନିଷ୍ଠାପରତା କମିବାରେ ଲାଗିଛି ବୋଲି ଏଥିରୁ ଜଣାପଡ଼ିଛି। ଅନ୍ୟପକ୍ଷରେ, ଈଶ୍ୱର ପ୍ରତି ବିଶ୍ୱାସ ନ ଥିବା ତଥା ତାଙ୍କ ସହିତ ସମ୍ପୃକ୍ତ ନ ଥିବା ଲୋକଙ୍କ ସଂଖ୍ୟା ଧୀରେ ଧୀରେ ବଢ଼ିଚାଲିଛି। ଏଥିପାଇଁ ଅନେକେ ବିଜ୍ଞାନକୁ ଦାୟୀକରନ୍ତି। ଏହା ମଣିଷକୁ ଅଧିକ ଯୁକ୍ତିବାଦୀ ଓ ବସ୍ତୁବାଦୀ କରିଦେଉଥିବାରୁ ଏପରି ଘଟୁଛି ବୋଲି ସେମାନଙ୍କ ମତ। କାରଣ ସେଥିଯୋଗୁ ସେ ଈଶ୍ୱରଙ୍କ ସ୍ଥିତିକୁ ମଧ୍ୟ ଯୁକ୍ତି ମାଧ୍ୟମରେ ତଉଲୁଛି ଏବଂ ସେଥିରେ ସଫଳ ନ ହେବା ଫଳରେ ତାଙ୍କ ପ୍ରତି ତା'ର ବିଶ୍ୱାସ ହ୍ରାସ ପାଉଛି। ଏଣୁ ବିଜ୍ଞାନର ପ୍ରଗତି ଆଧ୍ୟାତ୍ମିକତା ତଥା ଈଶ୍ୱର ବିଶ୍ୱାସର ବିଲୟ ଘଟାଇ ଚାଲିଛି ବୋଲି କୁହାଯାଉଛି।

ଅନ୍ୟପକ୍ଷରେ, ୧୯୯୯ ମସିହାରେ ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର ପାଇଥିବା ମାର୍ଟିନସ ଜେ.ଜି. ଭେଲ୍‌ମ୍ୟାନ୍‌ଙ୍କ ମତରେ ବିଜ୍ଞାନ ଓ ଆଧ୍ୟାତ୍ମିକତା ମଧ୍ୟରେ ସେତୁବନ୍ଧଟିଏ ନିର୍ମାଣ କରିବା ସଂଗତି ଏବଂ ଅସଂଗତି ମଧ୍ୟରେ ତାହା କରିବା ଭଳି ମନେହୋଇପାରେ। କିନ୍ତୁ ବିଜ୍ଞାନକୁ ସମାଜର ସଂଖ୍ୟାଗରିଷ୍ଠ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ଏବଂ ତା'ଠାରେ ଅତ୍ୟାବଶ୍ୟକ ବୈଜ୍ଞାନିକ ମନୋଭାବର ସଞ୍ଚାର କରିବାର ଏହା ହେଉଛି ଏକ ନିର୍ଭରଯୋଗ୍ୟ ତଥା ସବୁଠାରୁ ସହଜସାଧ୍ୟ ମାର୍ଗ। ନିକଟରେ ମର୍ଯ୍ୟାଦାସମ୍ପନ୍ନ ଆନ୍ତର୍ଜାତିକ ଟେମ୍ପଲଟନ ପୁରସ୍କାର ତା'ର ଆଭିମୁଖ୍ୟକୁ ମୁଖ୍ୟତଃ ଏହି ଦିଗାଭିମୁଖୀ କରିଛି।

ଏହି ପୁରସ୍କାରଟି ଆମେରିକାର ଜନ୍ ଟେମ୍ପଲଟନଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା ୧୯୭୨ ମସିହାରେ। ତେବେ ୧୯୮୭ ମସିହାରେ ଜନ୍ ଟେମ୍ପଲଟନ ଫାଉଣ୍ଡେଶନ ଗଠନ କରାଯାଇ ତାକୁ ଏ ଦାୟିତ୍ୱ ସମର୍ପଣ କରାଯାଇଛି। ପ୍ରଥମେ ଏହାର ଆଭିମୁଖ୍ୟ ଥିଲା ଆଧ୍ୟାତ୍ମିକ ପରିସରକୁ ପ୍ରତିଷ୍ଠିତ କରିବା ଲାଗି ଅସାଧାରଣ ଯୋଗଦାନ ଦେଇଥିବା ବ୍ୟକ୍ତିଙ୍କୁ ସମ୍ମାନିତ କରିବା। ତେଣୁ ପ୍ରାଥମିକ ଅବସ୍ଥାରେ ଏଥିପାଇଁ ବିଚାରକୁ ନିଆଯାଉଥିଲା ଧର୍ମ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବ୍ୟକ୍ତିବିଶେଷଙ୍କୁ। ଅତଏବ ଏହାର ପ୍ରଥମ ପ୍ରାପ୍ତକ ଥିଲେ ମଦର ଟେରେସା ଏବଂ ତାଙ୍କ ପରେ ଆର୍କ ବିଶପ ଦେଶମଣ୍ଡ ଟୁଟୁ, ଦଲାଇଲାମା, ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଭଳି ଲୋକେ। କିନ୍ତୁ ପରବର୍ତ୍ତୀ ଅବସ୍ଥାରେ ଏହାର ପରିସର ବିସ୍ତାରିତ କରାଗଲା। ଫଳରେ ଫ୍ରିମ୍ୟାନ୍ ଡଏସନ (୧୯୯୪), ମାର୍ଟିନ ରିସ (୨୦୧୧)ଙ୍କ ଭଳି ବହୁ ପ୍ରଖ୍ୟାତ ବୈଜ୍ଞାନିକ ଏହା ଲାଭ କରିବାର ଗୌରବ ଅର୍ଜନ କଲେ। ଚଳିତବର୍ଷ (୨୦୧୯)ରେ ଏହି ୧.୪ ନିୟୁତ ଡଲାର ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି ଆମେରିକାର ନିଉହାମ୍ପସାୟାରସ୍ଥିତ ଡାର୍ଟମାଉଥ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ଏବଂ ଜ୍ୟୋତିର୍ବିଜ୍ଞାନ ପ୍ରଫେସର ମାର୍ଶେଲୋ ଗ୍ଲେଇଷ୍ଟର। ସେ ମଧ୍ୟ ଏକକାଳୀନ ଭାବେ ପ୍ରାକୃତିକ ଦର୍ଶନ ବିଭାଗର ଆପଲଟନ ପ୍ରଫେସର ରୂପେ କାର୍ଯ୍ୟନିର୍ବାହ କରୁଛନ୍ତି।

ଗ୍ଲେଇଷ୍ଟର ଜଣେ ତାତ୍ତ୍ୱିକ ପଦାର୍ଥ ବିଜ୍ଞାନୀ। ତାଙ୍କ ଅଧ୍ୟୟନ ଓ ଗବେଷଣାର ପରିସର ଖୁବ୍ ପ୍ରଶସ୍ତ। ତାହା ଆଦ୍ୟ ବିଶ୍ୱବ୍ରହ୍ମାଣ୍ଡର ପଦାର୍ଥ ବିଜ୍ଞାନଠାରୁ ଆରମ୍ଭକରି ନଭୋ-ଜୀବବିଜ୍ଞାନ, କଣିକା ପଦାର୍ଥ ବିଜ୍ଞାନ ଏବଂ ବିଶ୍ୱତତ୍ତ୍ୱ ପର୍ଯ୍ୟନ୍ତ ପରିବ୍ୟାପ୍ତ। ସେ ମଧ୍ୟ ଜଣେ ଉତ୍ତମ ଜନପ୍ରିୟ ବିଜ୍ଞାନ ଲେଖକ। ତାଙ୍କ ଲେଖାଗୁଡ଼ିକର ବିସ୍ତୃତ ପରିସର ମଧ୍ୟରେ ଥାଏ ବିଜ୍ଞାନ, ସଂସ୍କୃତି, ଦର୍ଶନ ଏବଂ ଆଧ୍ୟାତ୍ମିକତାର ଅନନ୍ୟ ସମନ୍ୱୟ।

ବ୍ରାଜିଲର ରିଓ ଡି'ଜେନିରୋଠାରେ ୧୯୫୯ ମାର୍ଚ୍ଚ ୧୯ ତାରିଖରେ ଜନ୍ମଲାଭ କରିଥିବା ଏହି ବୈଜ୍ଞାନିକଙ୍କ ପିତା ଆଇଜାକ ଥିଲେ ଜଣେ ଶିକ୍ଷାବିତ୍ ଏବଂ ମାତା ହାଲୁଜା ଜଣେ ଗୃହିଣୀ। ସେ ୧୯୮୧ ମସିହାରେ ସ୍ଥାନୀୟ ପୋଣ୍ଟିଫିକାଲ କ୍ୟାଥୋଲିକ ବିଶ୍ୱବିଦ୍ୟାଳୟରୁ ସ୍ନାତକ, ୧୯୮୨ ମସିହାରେ ସେଠାର ଫେଡେରାଲ ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ଏବଂ ୧୯୮୬ ମସିହାରେ ଲଣ୍ଡନର ସୁପ୍ରସିଦ୍ଧ କିଂସ୍ କଲେଜର ପି.ଏଚ୍‌ଡି. ଉପାଧି ଲାଭ କରିଥିଲେ। ତତ୍ପରେ ସେ ୧୯୮୮



ଜନ୍ ଟେମ୍ପଲଟନ

"୧୯୯୯ ମସିହାରେ ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର ପାଇଥିବା ମାର୍ଟିନସ ଜେ.ଜି. ଭେଲ୍‌ମ୍ୟାନ୍‌ଙ୍କ ମତରେ ବିଜ୍ଞାନ ଓ ଆଧ୍ୟାତ୍ମିକତା ମଧ୍ୟରେ ସେତୁବନ୍ଧଟିଏ ନିର୍ମାଣ କରିବା ସଂଗତି ଏବଂ ଅସଂଗତି ମଧ୍ୟରେ ତାହା କରିବା ଭଳି ମନେହୋଇପାରେ, କିନ୍ତୁ ବିଜ୍ଞାନକୁ ସମାଜର ସଂଖ୍ୟାଗରିଷ୍ଠ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ଏବଂ ତା'ଠାରେ ଅତ୍ୟାବଶ୍ୟକ ବୈଜ୍ଞାନିକ ମନୋଭାବର ସଞ୍ଚାର କରିବାର ଏହା ହେଉଛି ଏକ ନିର୍ଭରଯୋଗ୍ୟ ତଥା ସବୁଠାରୁ ସହଜସାଧ୍ୟ ମାର୍ଗ।"

### ଟେମ୍ପଲଟନ ପୁରସ୍କାର-୨୦୧୯

ମସିହା ଯାଏ ଫର୍ମି ବିଜ୍ଞାନାଗାରରେ ଏବଂ ୧୯୯୧ ମସିହା ପର୍ଯ୍ୟନ୍ତ କାଭ୍‌ଲି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଥିଓରିଟିକାଲ ଫିଜିକ୍ସରେ ଗବେଷଣା କରିବାକୁ ଲାଗିଲେ। ବର୍ତ୍ତମାନ ତାଙ୍କର କର୍ମସ୍ଥଳୀ ହେଉଛି ଡାର୍ଟମାଉଥ କଲେଜ। ପଦାର୍ଥ ବିଜ୍ଞାନକୁ ତାଙ୍କର ଅବଦାନ ପାଇଁ ଗ୍ଲେଇଷ୍ଟର ଲାଭ କରିଛନ୍ତି ବହୁ ପୁରସ୍କାର ଓ ସମ୍ମାନ। ଆମେରିକାନ ଫିଜିକାଲ ସୋସାଇଟିର ସେ ହେଉଛନ୍ତି ଜଣେ ପ୍ରାକ୍ତନ ସଦସ୍ୟ ଏବଂ ବର୍ତ୍ତମାନର ଫେଲୋ। ଅନ୍ୟପକ୍ଷରେ, ବ୍ରାଜିଲର ଏକାଡେମୀ ଅଫ୍ ଫିଲୋଶଫି ମଧ୍ୟ ତାଙ୍କୁ ସଦସ୍ୟତା ପ୍ରଦାନ କରିଛି। ସେ ଲାଭ କରିଥିବା ପୁରସ୍କାରଗୁଡ଼ିକ ମଧ୍ୟରେ ରହିଛି ଆମେରିକାର ନ୍ୟାଶନାଲ ସାଇନ୍ସ ଫାଉଣ୍ଡେଶନ ଏବଂ ହ୍ୱାଇଟ ହାଉସ ଦ୍ୱାରା ପ୍ରଦତ୍ତ ପ୍ରେସିଡେନ୍‌ସିଆଲ ଫାକଲ୍‌ଟି ଫେଲୋ ପୁରସ୍କାର। ବ୍ରାଜିଲିଆନ ସାଇନ୍ସ ରିସର୍ଚ୍ଚ କାଉନସିଲ ଦ୍ୱାରା ପ୍ରଦତ୍ତ ଜୋସ୍ ରେଇସ ଆୱାର୍ଡ ଫର୍ ଦ ପବ୍ଲିକ ଅଣ୍ଡରଷ୍ଟାଣ୍ଡିଂ ଅଫ୍ ସାଇନ୍ସ ଏବଂ ବ୍ରାଜିଲିଆନ ଡାଇୟା ସ୍ୱୋରା ପ୍ରାଇଜ।

ଗବେଷଣା ଓ ଜନପ୍ରିୟ ବିଜ୍ଞାନ ଲେଖା ଲେଖିବା ବ୍ୟତୀତ ଗ୍ଲେଇଷ୍ଟର ମଧ୍ୟ ଅନେକ ଟେଲିଭିଜନ ଓ ରେଡିଓ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଛନ୍ତି। ତନ୍ମଧ୍ୟରୁ ପ୍ରମୁଖଗୁଡ଼ିକ ଭିତରେ ରହିଛି ଷ୍ଟିଫେନ ହକିଂଙ୍କ ବିଶ୍ୱବ୍ରହ୍ମାଣ୍ଡ ବିୟଣ୍ଡ ଦ ବିଗ୍‌ବ୍ୟାଙ୍ଗ, ହାଓ ଲାଇଫ ବିଗାନ୍, ଫ୍ରେସ୍ ଏୟାର, ରେଡିଓଲାବ୍ ଇତ୍ୟାଦି। ଏସବୁ ସମଗ୍ର ବିଶ୍ୱର ୧୨୦ଟି ଦେଶରେ ବେଶ୍ ଜନାଦୃତ ହୋଇଛି। ବର୍ତ୍ତମାନ ସେ ଟେମ୍ପଲଟନ ପୁରସ୍କାର-୨୦୧୯ ଲାଭ କରିଛନ୍ତି। ବିଜ୍ଞାନ ଈଶ୍ୱରଙ୍କୁ ହତ୍ୟାକରେ ନାହିଁ ବୋଲି ଏକ ବିଜ୍ଞାନ ଓ ଦର୍ଶନ ସମ୍ମିଳିତ ପୃଷ୍ଠଭୂମି ଉପରେ ଆଧାରିତ କାର୍ଯ୍ୟକ୍ରମର ପ୍ରସାର ଲାଗି। ଏଥିରେ ସେ ଦୃଢ଼ ଭାବେ ସାବ୍ୟସ୍ତ କରିଛନ୍ତି ଯେ ବୈଜ୍ଞାନିକ ମାନସିକତା ଏବଂ ଆଧ୍ୟାତ୍ମିକତା ଯେ କେବଳ ଏକତ୍ର ତିଷ୍ଠିପାରିବେ ତା' ନୁହେଁ ବରଂ ପରସ୍ପରକୁ ଋଦ୍ଧିମନ୍ତ ମଧ୍ୟ କରିପାରିବେ। ଏହାକୁ ସେ ଯୁକ୍ତିସିଦ୍ଧ ଭାବେ ଉପସ୍ଥାପିତ କରିଛନ୍ତି ବିବିଧ ବୈଜ୍ଞାନିକ ତଥ୍ୟର ଅବତାରଣା କରି।

-ଉଷା ନିବାସ, ଖଣ୍ଡଗିରି ବିହାର,
ଭୁବନେଶ୍ୱର
ମୋ: ୯୯୩୭୯୮୫୭୬୭

# ଓଜୋନ ରଖୁଛି ଜୀବନ

**ପ୍ରତିବର୍ଷ ସେପ୍ଟେମ୍ବର ୧୬ ତାରିଖକୁ 'ବିଶ୍ୱ ଓଜୋନ ଦିବସ' ଭାବରେ ପାଳନ କରାଯାଇଥାଏ। ଏ ବର୍ଷର ବାର୍ତ୍ତା ହେଲା- '୩୨ ବର୍ଷର ଉପଶମକରଣ'। ସେ ସମ୍ପର୍କିତ ବିଷୟକୁ ନେଇ ଉପସ୍ଥାପନା...**



କମଳାକାନ୍ତ ଜେନା

ଆଜି ହେଉଛି ସେପ୍ଟେମ୍ବର ୧୬ ତାରିଖ - 'ବିଶ୍ୱ ଓଜୋନ ଦିବସ'। ଓଜୋନ ହେଉଛି ଏକ ବାଷ୍ପ, ଯାହାକି ଆମ ବାୟୁମଣ୍ଡଳରେ ରହି ଆମର ଜୀବନକୁ ରକ୍ଷା କରୁଛି। ଆମେ ବଞ୍ଚିବା ପାଇଁ ଅମ୍ଳଜାନ ବାଷ୍ପ ଗ୍ରହଣ କରୁ, ଯାହାକି ଦୁଇ ଦୁଇଟା ଅମ୍ଳଜାନ କଣିକାରେ ଗଠିତ। କିନ୍ତୁ ତିନି ତିନିଟା ଅମ୍ଳଜାନ କଣିକା ମିଶିଲେ ଓଜୋନ ବାଷ୍ପ ସୃଷ୍ଟି ହୁଏ। ଭୂଇଁଠାରୁ ୮ କି.ମି.ରୁ ୫୦ କି.ମି. ଉଚ୍ଚତା ଭିତରେ ଏହି ବାଷ୍ପର ସ୍ତର ରହିଛି। ସୂର୍ଯ୍ୟକିରଣରେ ଆସୁଥିବା କେତେକ ମାରାତ୍ମକ ବିକିରଣକୁ ଓଜୋନସ୍ତର ଭୂପୃଷ୍ଠକୁ ଛାଡେ ନାହିଁ। ସେଭଳି ଏକ ମାରାତ୍ମକ ବିକିରଣ ହେଉଛି 'ଅତିବାଇଗଣି-ଖ' (ୟୁଭି-ବି)। ଏହି ବିକିରଣ ଆମ ଶରୀରରେ ଚର୍ମରେ କର୍କଟ, ବାର୍ଦ୍ଧକ୍ୟ ଓ ଆଖିରେ ପରଳ ସୃଷ୍ଟି କରିପାରେ। ଏହି ବିକିରଣ ମଧ୍ୟ କୃଷି ଉତ୍ପାଦନ ଉପରେ କୁପ୍ରଭାବ ପକାଇଥାଏ। ସୂର୍ଯ୍ୟ କିରଣରେ ଏହି ଅତିବାଇଗଣି ବିକିରଣ ରହିଲେ ଗଛର ପତ୍ର ଛୋଟ ହୁଏ ଓ ଫୁଲ ଧରିବାରେ ବିଳମ୍ବ ହୁଏ। ମାଛ ଯାଆଁଳା ଠିକ୍ ଭାବରେ ବଢିପାରନ୍ତି ନାହିଁ। ଅତିବାଇଗଣି ବିକିରଣ ଦ୍ୱାରା ଘର, ଲୁଗାପଟା ଓ ଆସବାବ ଉପକରଣର ରଙ୍ଗ ଶୀଘ୍ର ଫିକା ପଡିଯାଏ। ପ୍ରତିବର୍ଷ ପ୍ରାୟ ୧,୩୦,୦୦୦ ବ୍ୟକ୍ତି ଚର୍ମ କର୍କଟ ଦ୍ୱାରା ଆକ୍ରାନ୍ତ ହୁଅନ୍ତି ଓ ୬୬,୦୦୦ ବ୍ୟକ୍ତି ଚର୍ମ କର୍କଟରେ ପ୍ରାଣ ହରାନ୍ତି। ତେଣୁ ଏହି ବିକିରଣ ଆମ ପାଇଁ ବିପଦ। କିନ୍ତୁ ବାୟୁମଣ୍ଡଳରେ ଥିବା ଓଜୋନସ୍ତର ଏହି ମାରାତ୍ମକ ବିକିରଣକୁ ଶୋଷି ନିଏ। ଓଜୋନସ୍ତର ନ ଥିଲେ ପୃଥିବୀ ପୃଷ୍ଠରେ ହୁଏତ ଆଜିର ଜୀବଜଗତ ସମ୍ଭବ ହୋଇପାରି ନ ଥାନ୍ତା। ତେଣୁ ଓଜୋନ ସ୍ତର ଆମର ରକ୍ଷାକାରୀ ଚଦର ପରି କାର୍ଯ୍ୟ କରୁଛି।

ଆମେ ବ୍ୟବହାର କରୁଥିବା ସିଏଫ୍‌ସି ବାଷ୍ପ ଦ୍ୱାରା ବାୟୁମଣ୍ଡଳର ଓଜୋନ ସ୍ତର ନଷ୍ଟ ହୁଏ। ବିଭିନ୍ନ ସୌଖୀନ ଦ୍ରବ୍ୟ, ଫୋମ୍, ଏରୋସୋଲ ସ୍ପ୍ରେ, ରେଫ୍ରିଜରେଟର ଓ ଏ.ସି. ଇତ୍ୟାଦିରେ ସିଏଫ୍‌ସି ବାଷ୍ପ ବ୍ୟବହାର କରାଯାଏ। ସିଏଫ୍‌ସି ବ୍ୟତୀତ ମିଥାଇଲ ବ୍ରୋମାଇଡ୍ କୀଟନାଶକର ବ୍ୟବହାର ମଧ୍ୟ ଓଜୋନ ସ୍ତରକୁ ନଷ୍ଟ କରେ। ତେଣୁ ଓଜୋନ ସ୍ତରକୁ ନଷ୍ଟ କରୁଥିବା କାରକଗୁଡିକ ସମ୍ପର୍କରେ ଆମେ ସମସ୍ତେ ଜାଣିବା ଜରୁରୀ। ସେହି ସଚେତନତା ସୃଷ୍ଟି କରିବା ସକାଶେ ମିଳିତ ଜାତିସଂଘର ପ୍ରସ୍ତାବ ଅନୁଯାୟୀ ୧୯୯୫ ମସିହାରୁ ପ୍ରତିବର୍ଷ ସେପ୍ଟେମ୍ବର ୧୬ ତାରିଖକୁ 'ବିଶ୍ୱ ଓଜୋନ ଦିବସ' ଭାବରେ ପାଳନ କରାଯାଉଛି। ଏବେ ସିଏଫ୍‌ସି ବଦଳରେ କମ୍ ବିପଦପୂର୍ଣ୍ଣ ବାଷ୍ପ ଏଚ୍‌ସିଏଫ୍‌ସି ବ୍ୟବହୃତ ହେଉଛି। ୨୦୨୦ ପରେ ତାହାକୁ ମଧ୍ୟ ବନ୍ଦ କରିବାର ପ୍ରସ୍ତାବ ରହିଛି। ପ୍ରତିବର୍ଷ ପରି ଏ ବର୍ଷ ମଧ୍ୟ ବିଶ୍ୱ ଓଜୋନ ଦିବସ ପାଇଁ ଏକ ବାର୍ତ୍ତା ରଖାଯାଇଛି, ତାହା ହେଉଛି - '୩୨ ବର୍ଷର ଉପଶମକରଣ'। ଏହାର ଅର୍ଥ ୧୯୮୭ ମସିହା ସେପ୍ଟେମ୍ବର ୧୬ ତାରିଖରେ ୩୬ଟି ଦେଶକୁ ନେଇ ମଣ୍ଟ୍ରିଲ୍‌ଠାରେ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଓଜୋନର କ୍ଷୟକୁ ରୋକିବା ପାଇଁ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଏଥିରେ ବର୍ଣ୍ଣନା କରାଯାଇଥିଲା। ଅତଏବ ଦୀର୍ଘ ୩୨ ବର୍ଷ ଧରି ଏହି ଚୁକ୍ତି ଆମର ସ୍ୱାସ୍ଥ୍ୟ ଓ ପରିବେଶକୁ ଉପଶମ କରିଆସୁଛି। ଓଜୋନ ସ୍ତର ଜୀବଜଗତର ଜୀବନ ରକ୍ଷାକାରୀ ସ୍ତର। ଏହାକୁ ସାଇତି ରଖିବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହି ବିଷୟରେ ଆମେ ନିଜେ ସଚେତନ ହେବା ଓ ଅନ୍ୟକୁ ସଚେତନ କରିବା।

"ସୂର୍ଯ୍ୟକିରଣରେ ଆସୁଥିବା କେତେକ ମାରାତ୍ମକ ବିକିରଣକୁ ଓଜୋନ ସ୍ତର ଭୂପୃଷ୍ଠକୁ ଛାଡେ ନାହିଁ। ସେଭଳି ଏକ ମାରାତ୍ମକ ବିକିରଣ ହେଉଛି 'ଅତିବାଇଗଣି-ଖ' (ୟୁଭି-ବି)। ଏହି ବିକିରଣ ଆମ ଶରୀରରେ ଚର୍ମରେ କର୍କଟ, ବାର୍ଦ୍ଧକ୍ୟ ଓ ଆଖିରେ ପରଳ ସୃଷ୍ଟି କରିପାରେ। ଏହି ବିକିରଣ ମଧ୍ୟ କୃଷି ଉତ୍ପାଦନ ଉପରେ କୁପ୍ରଭାବ ପକାଇଥାଏ।"




-ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ,
ଭଦ୍ରକ, ମୋ : ୯୪୩୯୫୦୧୬୫୧

# ସ୍ମରଣଶକ୍ତି ବଢ଼ାଇବାର ସହଜ ଉପାୟ



ସାଧାରଣତଃ ବୟସ ବଢ଼ିବା ସହ ସ୍ମରଣଶକ୍ତିରେ ତାରତମ୍ୟ ପରିଲକ୍ଷିତ ହୋଇଥାଏ। ଅପରପକ୍ଷରେ ମସ୍ତିଷ୍କଜନିତ ସମସ୍ୟାର ସମ୍ମୁଖୀନ ହୋଇଥିଲେ ଏପରି ଅସୁବିଧା ସୃଷ୍ଟି ହେବା ଆଶଙ୍କା ଥାଏ। ତେବେ ଏହାକୁ ବଢ଼ାଇବାର ଏକ ସରଳ ଉପାୟ ରହିଛି। ଏପରି ବିଷୟବସ୍ତୁ ଉପରେ ନିକଟରେ ଲଣ୍ଡନ ୟୁନିଭର୍ସିଟିର ବିଶେଷଜ୍ଞମାନେ ଗବେଷଣା କରିଥିଲେ। ଏହି ସମୟରେ ସେମାନେ ଏକ କୌତୂହଳପୂର୍ଣ୍ଣ ତଥ୍ୟ ଜାଣିବାକୁ ପାଇଥିଲେ। ସ୍ମରଣଶକ୍ତି ବଢ଼ାଇବାର ସହଜ ଉପାୟ ହେଲା 'ଗପିବା' ବୋଲି ସେମାନେ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ଏହି ସମୟରେ ସେମାନେ ଗବେଷଣା ପରିସରଭୁକ୍ତ କେତେଜଣ ବ୍ୟକ୍ତିଙ୍କୁ ଦୁଇଭାଗରେ ବିଭକ୍ତ କରିଥିଲେ। ଗୋଟିଏ ଗ୍ରୁପ୍‌ରେ ଥିବା ବ୍ୟକ୍ତିଙ୍କୁ ପରସ୍ପର ସହ ଗପିବାକୁ ପରାମର୍ଶ ଦିଆଯାଇଥିଲା। କେବଳ ସେତିକି ନୁହେଁ, ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ସ୍ମରଣଶକ୍ତି ଉପରେ ଏହାର କି ପ୍ରକାର ପ୍ରଭାବ ପଡୁଛି ତାହାକୁ ତନ୍ନ ତନ୍ନ କରି ଲକ୍ଷ୍ୟ କରିଥିଲେ। ଆଶ୍ଚର୍ଯ୍ୟର କଥା ସେମାନଙ୍କ ମଧ୍ୟରୁ ୩୫ ପ୍ରତିଶତ ବ୍ୟକ୍ତିଙ୍କର ସ୍ମରଣଶକ୍ତି ପୂର୍ବାପେକ୍ଷା ବୃଦ୍ଧି ପାଇଥିବା ଜଣାପଡ଼ିଥିଲା।

# ରାତ୍ରଭୋଜନ

ରାତ୍ରଭୋଜନ ସହଜରେ ହଜମ ହେଉଥିବା ଦରକାର। ରାତିରେ ଯଦି ଆମେ ଗରିଷ୍ଠ ଖାଦ୍ୟ ଖାଇବା ତେବେ ତାହା ହଜମଜନିତ ସମସ୍ୟା ସୃଷ୍ଟି କରିଥାଏ। ତେଣୁ ଏହି ସମୟରେ ଆମକୁ କେତୋଟି ବିଷୟ ପ୍ରତି ନଜର ଦେବାକୁ ପଡ଼େ। ରାତ୍ରଭୋଜନରେ ସବୁବେଳେ ସୁପାଚ୍ୟଯୋଗ୍ୟ ଖାଦ୍ୟ ଖାଆନ୍ତୁ। ଯଦି ଏହାର ଏକ ଚାର୍ଟ ପ୍ରସ୍ତୁତ କରିପାରିଲେ ତାହା ଆହୁରି ଭଲ। ସବୁଠାରୁ ଖାସ୍ କଥା ହେଲା, ଶୋଇବା ସମୟ ଏବଂ ରାତ୍ରଭୋଜନ କରିବ ସମୟ ଭିତରେ ଅତିକମ୍‌ରେ ଦୁଇଘଣ୍ଟା ଗ୍ୟାପ୍ ରହିବା ଭଲ। ସଙ୍ଗେ ସଙ୍ଗେ ରାତ୍ରଭୋଜନ ଶେଷକରି ଶୋଇବାକୁ ଯାଉଥିଲେ ଏପରି ଅଭ୍ୟାସ ପରିତ୍ୟାଗ କରନ୍ତୁ। କାରଣ ଏହାଦ୍ୱାରା ଖାଦ୍ୟ ସହଜରେ ହଜମ ହୋଇ ନ ଥାଏ ଏବଂ ନିଦ୍ରାଜନିତ ସମସ୍ୟା ମଧ୍ୟ ସୃଷ୍ଟି ହୋଇଥାଏ। ରାତ୍ରଭୋଜନ କରିବା ପରେ କିଛି ସମୟ ଚାଲବୁଲ କରନ୍ତୁ। କାରଣ ଏହା ଖାଦ୍ୟକୁ ହଜମ କରିବାରେ ସାହାଯ୍ୟ କରିଥାଏ। କେତେକେ ବିଳମ୍ବିତ ରାତିରେ ଭୋଜନ କରିଥାଆନ୍ତି। ଏଭଳି ଅଭ୍ୟାସ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ସାବ୍ୟସ୍ତ ହୋଇଥାଏ। ରାତିରେ ଯେତେ ହାଲୁକା ଖାଦ୍ୟ ଖାଇବେ ତାହା ସ୍ୱାସ୍ଥ୍ୟ ଲାଗି ସେତେ ଭଲ। ରାତିରେ ପେଟପୂରା ଖାଦ୍ୟ ଖାଆନ୍ତୁ ନାହିଁ।



# ୧୦ଟି କଥା

- ବ୍ୟାୟାମକୁ ଦୈନନ୍ଦିନ ଜୀବନ ତାଲିକାରେ ସାମିଲ କରନ୍ତୁ। ଏହାଦ୍ୱାରା ଟେନ୍‌ସନ ଅନେକାଂଶରେ ଦୂର ହୋଇଥାଏ।
- ପୁଷ୍ଟିକର ଖାଦ୍ୟ ଖାଆନ୍ତୁ। ଅଧିକ ମସଲାଯୁକ୍ତ ଖାଦ୍ୟ ଯେତେ ନ ଖାଇବେ ସେତେ ଭଲ। ଏହା ସହ ପ୍ରତିଦିନ ଅତିକମ୍‌ରେ ୬-୭ ଘଣ୍ଟା ଶୁଅନ୍ତୁ।
- ପ୍ରତିଦିନ କିଛି ସମୟ ଯୋଗ, ପ୍ରାଣାୟାମ ପାଇଁ ବାହାର କରନ୍ତୁ। ଏହା ଆପଣଙ୍କୁ ଅନେକାଂଶରେ ମାନସିକ ଶାନ୍ତି ପ୍ରଦାନ କରିବାରେ ସାହାଯ୍ୟ କରିଥାଏ।
- କ'ଣ ପାଇଁ ସବୁବେଳେ ଟେନ୍‌ସନର ବଶବର୍ତ୍ତୀ ହେଉଛନ୍ତି ତାହାର କାରଣ ଖୋଜି ବାହାର କରନ୍ତୁ। ଯେତେ ସମ୍ଭବ ଏହାକୁ ସମାଧାନ କରିବାକୁ ଚେଷ୍ଟା କରନ୍ତୁ।
- ଯଦି ଅଧିକାଂଶ ସମୟ ଚାପର ବଶବର୍ତ୍ତୀ ହେଉଛନ୍ତି ତେବେ ଯେତେ ସମ୍ଭବ ନିଜର ମାନସିକତାକୁ ସକାରାତ୍ମକ ରଖିବାକୁ ଚେଷ୍ଟା କରନ୍ତୁ।
- ନିଜ ସାମର୍ଥ୍ୟ ଅନୁସାରେ ହିଁ କାମ କରନ୍ତୁ। ନିଜେ ତୁଲାଇପାରୁ ନ ଥିବା କାମକୁ ଆପଣେଇ ଟେନ୍‌ସନକୁ ଡାକି ଆଣନ୍ତୁ ନାହିଁ।
- ଟେନ୍‌ସନକୁ ନେଇ ଅଧିକ ଟେନ୍‌ସନ ହୁଅନ୍ତୁ ନାହିଁ। ସବୁବେଳେ ଏହାଠାରୁ ଦୂରେଇ ରହିବାକୁ ଚେଷ୍ଟା କରନ୍ତୁ।
- ଯଦି ଅଧିକାଂଶ ସମୟ ଟେନ୍‌ସନରେ ରହୁଛନ୍ତି ତେବେ କିଛି ସମୟ ଶାନ୍ତ ପରିବେଶରେ ନିଜକୁ ରଖନ୍ତୁ। ଏହାଦ୍ୱାରା ଆପଣଙ୍କୁ ମାନସିକ ଶାନ୍ତି ମିଳିବା ଯଥେଷ୍ଟ ସମ୍ଭାବନା ରହିଛି।
- ସବୁବେଳେ ନିଜକୁ ଟେନ୍‌ସନ ଫ୍ରି ରଖିବାକୁ ଏକ ରୁଟିନ୍ ଲାଇଫ ଖସଡ଼ା ପ୍ରସ୍ତୁତ କରନ୍ତୁ।
- ଟେନ୍‌ସନକୁ ନେଇ ଯଦି ଅଧିକ ଚିନ୍ତାଗ୍ରସ୍ତ ରହୁଛନ୍ତି ତେବେ ବିଳମ୍ବ ନ କରି ଅଭିଜ୍ଞ ମାନସିକ ରୋଗ ବିଶେଷଜ୍ଞଙ୍କ ସହ ପରାମର୍ଶ କରନ୍ତୁ, ଯିଏ କି ଆପଣଙ୍କୁ ଏଥିରୁ ମୁକୁଳିବା ଲାଗି ସହଜ ବାଟ ବତାଇଦେବେ।



ରପ୍ତାନି ବୃଦ୍ଧି ଲାଗି ସରକାରଙ୍କ ପକ୍ଷରୁ ଘୋଷିତ ପ୍ରୋତ୍ସାହନ ସହାୟତା କରିବା ଏହି ପ୍ରୋତ୍ସାହନ ସ୍ୱଳ୍ପମିଆଦି ସହ ମଧ୍ୟମ ଓ ଦୀର୍ଘମିଆଦୀ କ୍ଷେତ୍ରରେ ରପ୍ତାନି ବୃଦ୍ଧି କରିବାରେ ଖୋରାକ୍ ଯୋଗାଇବ।
– ଶରଦ କୁମାର ସରାଫ୍, ଏଫ୍ଆଇଇଓ ପ୍ରେସିଡେଣ୍ଟ



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନରେ ପରିବେଶ ପ୍ରଦୂଷଣକୁ ରୋକିବା ଲାଗି ଦେଶବାସୀ ଗୋଟିଏ ଥର ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ୍ ବ୍ୟବହାରକୁ ନିଜ ଆଡୁ ବର୍ଜନ କରନ୍ତୁ।
– ଅର୍ଜୁନ ରାମ ମେଘୱାଲ୍, ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ

## ସଂକ୍ଷେପରେ

### ପୁଞ୍ଜି ବଜାରରେ ଏଫ୍‌ପିଆଇଙ୍କ ୧୮୪୧ କୋଟି ନିବେଶ

**ମୁମ୍ବାଇ,୧୫-୯:** ବିଦେଶୀ ପୋର୍ଟଫୋଲିଓ ନିବେଶକ(ଏଫ୍‌ପିଆଇ) ସେପ୍ଟେମ୍ବର ୧୩ ସୁଦ୍ଧା ପୁଞ୍ଜି ବଜାରରେ ୧୮୪୧ କୋଟି ଟଙ୍କା ନିବେଶ କରିଛନ୍ତି। ଏଥିପୂର୍ବରୁ ସେମାନେ କ୍ରମାଗତ ଦୁଇ ମାସ ହେବ ବଜାରରେ ଶେୟାର ବିକ୍ରି କରି ଅର୍ଥ କାଢ଼ି ନେଉଥିଲେ। ଆଲୋଚ୍ୟ ସମୟ ମଧ୍ୟରେ ସେମାନେ ୨୦୩୧.୦୨ କୋଟି ଟଙ୍କାର ଶେୟାର ବିକ୍ରି କରିଥିବା ବେଳେ ୩୮୭୨.୧୯ କୋଟି ଟଙ୍କା କିଣିଛନ୍ତି। ଏଭଳି ଭାବେ ସେମାନେ ମୋଟ ୧୮୪୧.୧୭ କୋଟି ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ଏଥିପୂର୍ବରୁ ଏଫ୍‌ପିଆଇ ଅଗଷ୍ଟରେ ୫୯୨୦.୦୨ କୋଟି ଟଙ୍କା, ଜୁଲାଇରେ ୨୯୮୫.୮୮ କୋଟି ଟଙ୍କାର ନେଟ୍ ଶେୟାର ବିକ୍ରି କରିଥିଲେ। ବଜାର ବିଶ୍ଳେଷକ ଫର୍ମ ଗ୍ରୋର ମୁଖ୍ୟ ପରିଚାଳନା ଅଧିକାରୀ ହର୍ଷ ଜୈନଙ୍କ କହିବାନୁଯାୟୀ, ଆମେରିକା-ଚାଇନା ମଧ୍ୟରେ ବାଣିଜ୍ୟ ଯୁଦ୍ଧ ନରମ ପଡିବା ଓ ଜୁଲାଇରେ ଔଦ୍ୟୋଗିକ ଉତ୍ପାଦନ ୪.୩% ରହିବା ଯୋଗୁ ଏଫ୍‌ପିଆଇଙ୍କ ଭାରତୀୟ ପୁଞ୍ଜି ବଜାର ପ୍ରତି ଆକର୍ଷଣ ପୁଣି ବଢ଼ିଛି।

### ଜିରୋ ବାଲାନ୍ସ ଆକାଉଣ୍ଟରେ ନେଣଦେଣ
### ୧୨୫ ଟଙ୍କା ପର୍ଯ୍ୟନ୍ତ ଚାର୍ଜ ନେବ ଆଇସିଆଇସିଆଇ ବ୍ୟାଙ୍କ

**ନୂଆଦିଲ୍ଲୀ,୧୫-୯:** ଘରୋଇ ସେକ୍ଟରର ଆଇସିଆଇସିଆଇ ବ୍ୟାଙ୍କ ନିଜର ଗ୍ରାହକଙ୍କୁ ଜୋର୍‌ଦାର ଝଟକା ଦେଇଛି। ବ୍ୟାଙ୍କ ଜିରୋ ବାଲାନ୍ସ ଆକାଉଣ୍ଟଧାରୀଙ୍କୁ ଅକ୍ଟୋବର ୧୬ରୁ ଶାଖାରେ ପ୍ରତ୍ୟେକ ନଗଦ ଉଠାଣ ପାଇଁ ୧୦୦ରୁ ୧୨୫ ଟଙ୍କା ପର୍ଯ୍ୟନ୍ତ ଚାର୍ଜ ଆଦାୟ କରିବ। ସେହିପରି ଗ୍ରାହକ ବ୍ୟାଙ୍କ ଶାଖାରେ ମେଶିନ ସହାୟତାରେ ଟଙ୍କା ଜମା କଲେ ଏଥିଲାଗି ମଧ୍ୟ ତାଙ୍କ ଠାରୁ ଶୁଳ୍କ ଆଦାୟ କରାଯିବ। ବ୍ୟାଙ୍କ ପକ୍ଷରୁ ଏକ ନୋଟିସ ଜାରି କରି କୁହାଯାଇଛି ଯେ, ଗ୍ରାହକମାନଙ୍କ ନେଣଦେଣକୁ ଡିଜିଟାଲ ମୋଡ୍‌ରେ ପରିବର୍ତ୍ତନ କରିବା ଲାଗି ବ୍ୟାଙ୍କ ପ୍ରୋତ୍ସାହିତ କରୁଛି। ସୂଚନାଥାଉ କି, ଏନ୍‌ଇଏଫ୍‌ଟି, ଆର୍‌ଟିଜିଏସ୍ ଏବଂ ୟୁପିଆଇ ଜରିଆରେ ହେଉଥିବା ପାଣ୍ଠି ସ୍ଥାନାନ୍ତର ଲାଗି ଲାଗୁଥିବା ଚାର୍ଜକୁ ଆଇସିଆଇସିଆଇ ବ୍ୟାଙ୍କ ପ୍ରତ୍ୟାହାର କରିନେଇଛି। ବର୍ତ୍ତମାନ ୧୦ହଜାରରୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଏନ୍‌ଇଏଫ୍‌ଟି ଟ୍ରାଞ୍ଜାକଶନ ଉପରେ ବ୍ୟାଙ୍କ ୨.୨୫ ଟଙ୍କାରୁ ଆରମ୍ଭ କରି ୨୪.୭୫ ଟଙ୍କା(ଜିଏସ୍‌ଟି ଅତିରିକ୍ତ) ଚାର୍ଜ ଆଦାୟ କରୁଛି। ସେହିପରି ଶାଖାରୁ ୨ ଲକ୍ଷରୁ ୧୦ ଟଙ୍କା ପର୍ଯ୍ୟନ୍ତ ଆର୍‌ଟିଜିଏସ୍ ନେଣଦେଣ ପାଇଁ ୨୦ରୁ ୪୫ ଟଙ୍କା ପର୍ଯ୍ୟନ୍ତ (ଜିଏସ୍‌ଟି ଅତିରିକ୍ତ) ଚାର୍ଜ ଆଦାୟ କରାଯାଉଛି।

### ଦକ୍ଷତା ବିକାଶ ଲାଗି ସିବିଏସ୍‌ଇ-ମାଇକ୍ରୋସଫ୍ଟ ଚୁକ୍ତି

**ନୂଆଦିଲ୍ଲୀ, ୧୫-୯:** ଉଚ୍ଚ ବିଦ୍ୟାଳୟ ଶିକ୍ଷକ ମାନଙ୍କର ଦକ୍ଷତା ବିକାଶ ଲାଗି ସେଣ୍ଟ୍ରାଲ ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେଶନ (ସିବିଏସ୍‌ଇ) ଏବଂ ମାଇକ୍ରୋସଫ୍ଟ ଇଣ୍ଡିଆ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ସିବିଏସ୍‌ଇ ସ୍କୁଲ ଗୁଡିକରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ସଞ୍ଚାଳିତ ଶିକ୍ଷା ପ୍ରଦାନ କରିବା ଦିଗରେ ଶିକ୍ଷକଙ୍କୁ ସଶକ୍ତ କରିବା ଦିଗରେ ଏଭଳି ପଦକ୍ଷେପ ସହାୟକ ହେବ। ଏହାକୁ ଗ୍ରେଡ ୮ରୁ ୧୦ମ ଶିକ୍ଷକଙ୍କ ଲାଗି ବିକଶିତ କରାଯାଇଛି। ଏହି କାର୍ଯ୍ୟକ୍ରମ ସାରା ଦେଶର ୧୦ଟି ସହରରେ ଚଳିତ ମାସ ୧୧ ତାରିଖ ଠାରୁ ଆରମ୍ଭ କରାଯାଇଛି। ଦେଶର ଅର୍ଥନୈତିକ ବିକାଶରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିବାରୁ ପଦକ୍ଷେପ ଗ୍ରହଣ କରିଥିବା କମ୍ପାନୀର ଜେନେରାଲ ମ୍ୟାନେଜର ମନିଷ ପ୍ରକାଶ କହିଛନ୍ତି।

# ବ୍ୟାଙ୍କ ମିଶ୍ରଣ ଯୋଗୁ ଫାଇଦା ହେବନି: ଏଆଇବିଓସି ଅଧ୍ୟକ୍ଷ

**ଭୁବନେଶ୍ୱର, ୧୫-୯(ବ୍ୟୁରୋ)**




- ୨୫ ମଧ୍ୟରାତ୍ରରୁ ଦୁଇ ଦିନିଆ ବ୍ୟାଙ୍କ ଧର୍ମଘଟ
- ସାମିଲ ହେବେ ୩.୫୦ ଲକ୍ଷରୁ ଉର୍ଦ୍ଧ୍ୱ ଅଧିକାରୀ-କର୍ମଚାରୀ
- ୪ ଦିନ ବନ୍ଦ ରହିବ ବ୍ୟାଙ୍କ

ଦେଶରେ ବ୍ୟାଙ୍କ ମିଶ୍ରଣର ଆବଶ୍ୟକତା ନାହିଁ। ଅର୍ଥନୀତି ଦୃଷ୍ଟିରୁ ଏହା ଫାଇଦା ଦେବ ନାହିଁ। ଭାରତ ଗ୍ରାମୀଣ ଅର୍ଥବ୍ୟବସ୍ଥା ଉପରେ ନିର୍ଭରଶୀଳ ରହିଥିବାରୁ ତୃଣମୂଳ ସ୍ତରରେ ଶାଖାଭିତ୍ତିକ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାର ଆବଶ୍ୟକତା ରହିଛି। କୃଷକ ଏବଂ କ୍ଷୁଦ୍ର ଶିଳ୍ପକୁ ଋଣ ଯୋଗାଣ ଦ୍ୱାରା ଅର୍ଥନୀତିକୁ ସୁଦୃଢ଼ କରାଯିବା ଉଚିତ୍। ଏହି ଲକ୍ଷ୍ୟ ହାସଲ ଲାଗି ଅଧିକ ବ୍ୟାଙ୍କ ଶାଖା ଖୋଲିବା ଆବଶ୍ୟକ। ମାତ୍ର ମିଶ୍ରଣ ଯୋଗୁ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଥିବା ବ୍ୟାଙ୍କର ଓଭରଲ୍ୟାପ ଶାଖା (ସମାନ ବ୍ୟାଙ୍କ ଅଧୀନରେ ଏକାଧିକ ଶାଖା) ବନ୍ଦ ହୋଇଯିବ ବୋଲି ଅଲ୍ ଇଣ୍ଡିଆ ବ୍ୟାଙ୍କ ଅଫିସର୍ସ ଆସୋସିଏଶନ (ଏଆଇବିଓସି) ଅଧ୍ୟକ୍ଷ ତଥା ବ୍ୟାଙ୍କ ଅଫ୍ ଇଣ୍ଡିଆ ଅଫିସର୍ସ ସଂଘ ବିହାର ୟୁନିଟ୍ ମୁଖ୍ୟ ସୁନୀଲ କୁମାର ଅଭିଯୋଗ କରିଛନ୍ତି।

ରବିବାର ବିଓଆଇ ଓଡ଼ିଶା ୟୁନିଟ୍ ଅଫିସର୍ସ ସଂଘର ଅଧିବେଶନରେ ଯୋଗଦେଇ ସେ କହିଛନ୍ତି, ମିଶ୍ରଣ ଯୋଗୁ ଶାଖା ବନ୍ଦ ହେବାକୁ ଯାଉଥିବାରୁ ଲୋକେ ବହୁ ସ୍ଥାନରେ ବ୍ୟାଙ୍କିଙ୍ଗ୍ ସେବାରୁ ବଞ୍ଚିତ ହେବେ। ସରକାରଙ୍କ ଏଭଳି ନିଷ୍ପତ୍ତି ଯୋଗୁ ବ୍ୟାଙ୍କଗୁଡିକ ଘରୋଇକରଣ ଆଡକୁ ମୁହାଁଉଥିବା ଅନୁଭୂତ ହେଉଛି। ସରକାର ମନମୁଖୀ ଭାବେ ବ୍ୟାଙ୍କଗୁଡିକୁ ଘରୋଇକରଣ ଆଡକୁ ଠେଲି ଦେଉଛନ୍ତି। ଏହାକୁ ସଂଘ ପକ୍ଷରୁ ବିରୋଧ କରାଯାଉଛି। କୁମାର କହିଛନ୍ତି ଯେ, ୪ ଦୁର୍ବଳ ବ୍ୟାଙ୍କକୁ ମିଶାଇ ଦେଲେ ଏହା ଭଲ କାରବାର କରିବ ବୋଲି ଭାବିବା ଭୁଲ। ଅପରପକ୍ଷରେ କେବଳ ଘରୋଇ ବ୍ୟାଙ୍କ ଭଲ କାରବାର କରୁଛି ତାହା ମଧ୍ୟ କହିହେବ ନାହିଁ। ଏପରି ହୋଇଥିଲେ ବିଶ୍ୱସ୍ତରର ଅନେକ ଘରୋଇ ବ୍ୟାଙ୍କ ବନ୍ଦ ହୋଇ ନ ଥାନ୍ତା। ଦେଶରେ ୟେସ୍ ବ୍ୟାଙ୍କ ସ୍ଥିତି ବିଗିଡି ନ ଥାନ୍ତା। ବ୍ୟାଙ୍କ ଅଫ୍ ମଦୁରାଇ, ବ୍ୟାଙ୍କ ଅଫ୍ ରାଜସ୍ଥାନର ସ୍ଥିତି ଆଜି ଭଲ ରହିଥାନ୍ତା। ବ୍ୟାଙ୍କଗୁଡିକ ବିଭିନ୍ନ ସଂସ୍କୃତି ଏବଂ ଟେକ୍ନୋଲୋଜି ସହ କାମ କରୁଥିବାରୁ ମିଶ୍ରଣ ପ୍ରକ୍ରିୟା ଚ୍ୟାଲେଞ୍ଜିଂ ହୋଇଛି। ତାଙ୍କର କହିବାନୁଯାୟୀ, ଷ୍ଟେଟ ବ୍ୟାଙ୍କ ସହ ଏହାର ସହାୟକ ବ୍ୟାଙ୍କଗୁଡିକର ମିଶ୍ରଣ ଦ୍ୱାରା ୨୦୦୦ ଶାଖା ବନ୍ଦ ହୋଇଯାଇଛି। ସେହିଭଳି ବ୍ୟାଙ୍କ ଅଫ୍ ବରୋଦାରେ ଦେନା ଏବଂ ବିଜୟା ବ୍ୟାଙ୍କର ମିଶ୍ରଣ ଫଳରେ ୯୦୦ ଶାଖା ବନ୍ଦ ହୋଇଯିବ। ଅର୍ଥ ବ୍ୟବସ୍ଥା ଉପରେ ଏହାର ପ୍ରଭାବ ପଡିବ ବୋଲି ସେ ମତ ଦେଇଛନ୍ତି।

କୁମାର କହିଛନ୍ତି ଯେ, ସରକାର ଫିନ୍‌ଟେକ୍, ପେମେଣ୍ଟ ବ୍ୟାଙ୍କ, ଏନ୍‌ବିଏଫ୍‌ସିକୁ ପ୍ରୋତ୍ସାହିତ କରୁଛନ୍ତି। ମାତ୍ର ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଗୁଡିକୁ ବନ୍ଦ କରିଦେବା ଲାଗି ପଦକ୍ଷେପ ନେଉଛନ୍ତି। ନୂଆ ନିଯୁକ୍ତି ସହ ବାଣିଜ୍ୟିକ କାର୍ଯ୍ୟଦକ୍ଷତା ବୃଦ୍ଧିଲାଗି ବ୍ୟାଙ୍କଗୁଡିକୁ ସ୍ୱାଧୀନତା ଦେବା ଜରୁରୀ। କାର୍ଯ୍ୟକ୍ରମ ଅବସରରେ ବିଓଆଇ ଅଧିକାରୀ ସଂଘ ଓଡ଼ିଶା ୟୁନିଟ ସଭାପତି ସ୍ମୃତି ରଞ୍ଜନ ସାହୁ, କର୍ନାଟକ ୟୁନିଟର ସାଧାରଣ ସମ୍ପାଦକ ବିଏନ ମଧୁସୂଦନ, ପୂର୍ବଭାରତ ୟୁନିଟ ସାଧାରଣ ସମ୍ପାଦକ ସଞ୍ଜୟ ଦାସ, ଝାଡଖଣ୍ଡ ୟୁନିଟ ସାଧାରଣ ସମ୍ପାଦକ ସୁନିଲ ଲାକ୍ରା, ଓଡ଼ିଶା ୟୁନିଟ ସାଧାରଣ ସମ୍ପାଦକ କମଲଜିତ ମହାପାତ୍ର, ଆଞ୍ଚଳିକ ପ୍ରବନ୍ଧକ ୱାଇ.ଏନ୍.ଦ୍ୱିବେଦୀ ପ୍ରମୁଖ ଉପସ୍ଥିତ ଥିଲେ।

ସରକାରଙ୍କ ବ୍ୟାଙ୍କ ମିଶ୍ରଣ ନିଷ୍ପତ୍ତି ବିରୋଧରେ ୪ ବ୍ୟାଙ୍କ ଅଧିକାରୀ ସଂଘ ଧର୍ମଘଟକୁ ଓହ୍ଲାଇବେ। ଆସନ୍ତା ୨୫ ମଧ୍ୟରାତ୍ରଠାରୁ ୨୭ ସେପ୍ଟେମ୍ବର ରାତି ୧୨ ଯାଏ ସାରା ଦେଶର ୩.୨୦ ଲକ୍ଷ ଅଧିକାରୀ ଏବଂ ୪୫ ହଜାର କର୍ମଚାରୀ ଧର୍ମଘଟରେ ସାମିଲ ହେବେ। ଦୁଇ ଦିନ ଧର୍ମଘଟ, ଦ୍ୱିତୀୟ ଶନିବାର ଏବଂ ରବିବାର ପଡୁଥିବାରୁ ମୋଟ ୪ ଦିନ ବ୍ୟାଙ୍କ ବନ୍ଦ ରହିବ। ବ୍ୟାଙ୍କ ଅଧିକାରୀଙ୍କ ଦାବିକୁ ସରକାର ନ ମାନିଲେ ନଭେମ୍ବର ଦ୍ୱିତୀୟ ସପ୍ତାହରୁ ଅନିଶ୍ଚିତ କାଳ ପର୍ଯ୍ୟନ୍ତ ଧର୍ମଘଟ ହେବ ବୋଲି କୁମାର ସ୍ପଷ୍ଟ କରିଛନ୍ତି।

### ପାସେଞ୍ଜର ଗାଡ଼ି ବିକ୍ରି
## ମାରୁତି–ଟାଟାକୁ କ୍ଷତି, ହ୍ୟୁଣ୍ଡାଇ–ମହିନ୍ଦ୍ରା ଲାଭବାନ

**ନୂଆଦିଲ୍ଲୀ,୧୫–୯**

ଚଳିତ ଆର୍ଥିକବର୍ଷର ଏପ୍ରିଲରୁ ଅଗଷ୍ଟ ମଧ୍ୟରେ ମାରୁତି ସୁଜୁକି ଇଣ୍ଡିଆ ଓ ଟାଟା ମୋଟର୍ସର ପାସେଞ୍ଜର ଗାଡ଼ି ବିକ୍ରି ହ୍ରାସ ପାଇଛି। ଅନ୍ୟପକ୍ଷରେ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଓ ହ୍ୟୁଣ୍ଡାଇ ମୋଟର୍ସର ବିକ୍ରି ବଢ଼ିଛି ବୋଲି ଅଟୋ ନିର୍ମାତା ସଂଗଠନ ସିଆମ୍ ପକ୍ଷରୁ ପ୍ରକାଶିତ ରିପୋର୍ଟରେ କୁହାଯାଇଛି। ମାରୁତିର ଏପ୍ରିଲ–ଅଗଷ୍ଟରେ ମୋଟ୍ ଗାଡ଼ି ବିକ୍ରି ୫,୫୫,୦୬୪ ଥିବା ବେଳେ ବର୍ଷକ ପୂର୍ବରୁ ଏହି ଅବଧିରେ ଏହା ୭,୫୭,୨୮୯ ଥିଲା। ଫଳରେ କମ୍ପାନୀ ବଜାର ଅଂଶ ୫୨.୧୬ରୁ ହ୍ରାସ ପାଇ ୪୯.୮୩ ପ୍ରତିଶତ ହୋଇଛି। ସେହିପରି ଟାଟା ମୋଟର୍ସର ବିକ୍ରି ଏହି ସମୟରେ ୧.୩୯% ହ୍ରାସ ପାଇଛି। ଆଲୋଚ୍ୟ ମାସ ମଧ୍ୟରେ କମ୍ପାନୀ ୬୦,୦୯୩ ଗାଡ଼ି ବିକ୍ରି କରିଥିଲା, ଯାହାକି ପୂର୍ବ ବର୍ଷ ୯୮,୭୦୨ ଥିଲା। ଏହାର ବଜାର ଅଂଶ ୬.୭୯ରୁ ୫.୪୧ ପ୍ରତିଶତକୁ ହ୍ରାସ ପାଇଛି। ଅନ୍ୟପକ୍ଷରେ ଏହି ସମୟରେ ହ୍ୟୁଣ୍ଡାଇ ମୋଟର ଇଣ୍ଡିଆର ବିକ୍ରି ୨.୭୭% ବୃଦ୍ଧି ପାଇଛି। ଏହା ଏପ୍ରିଲ–ଅଗଷ୍ଟ ମଧ୍ୟରେ ୨,୦୩,୭୨୯ ଗାଡ଼ି ବିକ୍ରି କରିଛି, ଯାହା କି ପୂର୍ବ ବର୍ଷ ୨,୨୬,୩୯୬ ବିକ୍ରି କରିଥିଲା। ତେବେ ଚଳିତ ଆର୍ଥିକ ବର୍ଷରେ କମ୍ପାନୀ କମ୍ ଗାଡ଼ି ବିକ୍ରି କରିଥିଲେ ସୁଦ୍ଧା ଏହାର ବଜାର ଅଂଶ ୧୫.୫୯ ପ୍ରତିଶତରୁ ୧୮.୩୬ ପ୍ରତିଶତକୁ ବୃଦ୍ଧିପାଇଛି। ସେହିପରି ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ୮୯,୭୩୩ ଗାଡ଼ି ବିକ୍ରି କରିଛି। କିନ୍ତୁ ଗତ ଆର୍ଥିକ ବର୍ଷର ଏହି ସମୟରେ ଏହା ୧,୦୦,୦୧୫ ଗାଡ଼ି ବିକ୍ରି କରିଥିଲା। କିନ୍ତୁ ଏହାର ବଜାର ଅଂଶ ୬.୮୯ରୁ ୮.୦୮ ପ୍ରତିଶତକୁ ବଢ଼ିଛି।

## ଏଲ୍‌ଜିର ଫେଷ୍ଟିଭ କ୍ୟାମ୍ପେନ




**ଭୁବନେଶ୍ୱର, ୧୫–୯**

ଏଲ୍‌ଜି ଇଲେକ୍‌ଟ୍ରୋନିକ୍ସ ଇଣ୍ଡିଆ ପକ୍ଷରୁ ଫେଷ୍ଟିଭ କ୍ୟାମ୍ପେନ ଖ୍ୟାହିସୋ ସେ ଖୋସିଓ ତକ୍ ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ସମୟରେ ଏଲ୍‌ଜି ପ୍ରଡକ୍ଟ କ୍ରୟ ଉପରେ ଗ୍ରାହକମାନେ ଆକର୍ଷଣୀୟ ଅଫର, ପ୍ରୋତ୍ସାହନ ଲାଭ କରିପାରିବେ। ହୋମ ଆପ୍ଲାଏନ୍ସଠାରୁ ହୋମ ଇଲେକ୍‌ଟ୍ରୋନିକ୍ସ ବର୍ଗରେ ଗ୍ରାହକମାନେ ଉକ୍ତ ସୁବିଧା ଅକ୍ଟୋବର ୩୧ ଯାଏ ଅଫର ଲାଭ କରିପାରିବେ। ଗ୍ରାହକମାନେ ପାର୍ବଣରେ ସେମାନଙ୍କ ପ୍ରଡକ୍ଟ ଅପଗ୍ରେଡ କରାଇଥାନ୍ତି। ଏଭଳି ଅଫର ଗ୍ରାହକଙ୍କୁ ସୁବିଧା ପ୍ରଦାନ କରିବ ବୋଲି ଏଲ୍‌ଜି ଇଲେକ୍‌ଟ୍ରୋନିକ୍ସ ଇଣ୍ଡିଆର ନିର୍ଦ୍ଦେଶକ କିମ୍.କି.ୱାନ ସୂଚନା ଦେଇଛନ୍ତି। କମ୍ପାନୀର ରେଫ୍ରିଜରେଟର, ଏୟାର କଣ୍ଡିଶନର, ୱାଶିଂ ମେଶିନ, ୱାଟର ପ୍ୟୁରିଫାୟର, ମାଇକ୍ରୋୱେଭ ଭଳି ପ୍ରଡକ୍ଟ କିଣି ଗ୍ରାହକ ସାପ୍ତାହିକ ଲକି ଡ୍ର ମାଧ୍ୟମରେ ଭାଗ ନେଇପାରିବେ। ଏଥିରେ ୪ କୋଟି ଟଙ୍କାରୁ ଅଧିକ ମୂଲ୍ୟର ପୁରସ୍କାର ରହିଛି। ବମ୍ପର ଲକିଡ୍ର ସହ ଗ୍ରାହକମାନେ ଅନ୍ୟାନ୍ୟ ଆକର୍ଷଣୀୟ ଡିଲ୍ ଲାଭ କରିପାରିବେ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

## ପିଓଜେ ଖୋଲିଲା ନୂଆ ଫର୍ନିଚର ଶୋ'ରୁମ

- ଓଡ଼ିଶାରେ ସମ୍ପ୍ରସାରଣ ଲକ୍ଷ୍ୟ
- ସାରା ଦେଶରେ ୨୭ ଷ୍ଟୋର ସହ ସେବା ଦେଉଛି
- ଗ୍ରାହକଙ୍କ ପାଇଁ ରହିଛି ଇନାଗୁରାଲ ଅଫର

**ଭୁବନେଶ୍ୱର, ୧୫–୯**



କଲିକତାଭିତ୍ତିକ ଫର୍ନିଚର ମାନୁଫାକ୍‌ଚରର ପିଓଜେ ପକ୍ଷରୁ ସ୍ଥାନୀୟ ସପ୍ତଶତୀ ମନ୍ଦିର ସମ୍ମୁଖରେ ନୂଆ ଶୋ'ରୁମ ଶୁଭାରମ୍ଭ ହୋଇଛି। ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ଏବଂ କମ୍ପାନୀର ବିଜନେସ୍ ଡେଭ୍‌ଲପର ସନ୍ୟାମ ଜଲାନ ଏହାକୁ ଉନ୍ମୋଚନ କରିଥିଲେ। ୮ ହଜାର ବର୍ଗଫୁଟ ପରିମିତ ସ୍ଥାନରେ ଶୋ'ରୁମଟି ଖୋଲିଛି। ଏଠାରେ ଘର ଉପଯୋଗୀ ଫର୍ନିଚର, ଅଫିସ ଫର୍ନିଚର, ଗାର୍ଡେନ ଫର୍ନିଚର ଏବଂ ମାଟ୍ରେସେସ ସୁଲଭ ମୂଲ୍ୟରେ ଉପଲବ୍ଧ ହେବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। କମ୍ପାନୀ ଆଇଏସ୍‌ଓ, ବିଆଇଏଫ୍‌ଏମ୍‌ଏ, ଗ୍ରୀନ ଗାର୍ଡ ଭଳି ମାନ୍ୟତା ପାଇଛି। ବିହାର, ଝାଡଖଣ୍ଡ, କଲିକତା ପରେ ଭୁବନେଶ୍ୱରରେ କମ୍ପାନୀ ପ୍ରଥମ ଶୋ'ରୁମ ସ୍ଥାପନା କରିଛି। ସ୍ଥାନୀୟ ପଟିଆଠାରେ ଶୀଘ୍ର ଆଉ ଏକ ଶୋ'ରୁମ ଖୋଲିବା ନେଇ ଯୋଜନା ରହିଛି। ଏହାବାଦ ରାଜ୍ୟର ଅନ୍ୟ ପ୍ରମୁଖ ସହରରେ ସୁବିଧା ମୁତାବକ ସମ୍ପ୍ରସାରଣ ଯୋଜନା କରାଯାଇଛି। ସାରା ଦେଶରେ କମ୍ପାନୀ ବର୍ତ୍ତମାନ ୨୭ଟି ଷ୍ଟୋର ସହ ସେବା ଯୋଗାଉଛି। କାର୍ଯ୍ୟକ୍ରମ ଅବସରରେ ଶାଖା ଇନଚାର୍ଜ ବିକାଶ କୁମାର ଉପସ୍ଥିତ ଥିଲେ। ବର୍ତ୍ତମାନ ଗୋଟିଏ ସପ୍ତାହ ପର୍ଯ୍ୟନ୍ତ ପ୍ରାୟ ୭୦% ରିହାତି ଗ୍ରାହକ ପାଇପାରିବେ।

### ସୁଲଭ ମୂଲ୍ୟରେ ପ୍ରଡକ୍ଟ ଯୋଗାଣ ଲକ୍ଷ୍ୟ

ଲୋକଙ୍କୁ ସୁଲଭ ମୂଲ୍ୟରେ ପ୍ରିମିୟମ ପ୍ରଡକ୍ଟ ଯୋଗାଣ ଲକ୍ଷ୍ୟ ରହିଛି। ମାନୁଫାକଚରର ହୋଇଥିବାରୁ ଲୋକଙ୍କୁ ସିଧାସଳଖ ପ୍ରଡକ୍ଟ ଯୋଗାଉଛୁ। ଅନ୍ୟ କାହାର ପ୍ରଡକ୍ଟ ଆଣି ବିକ୍ରି କରୁ ନ ଥିବାରୁ ଲୋକଙ୍କୁ ସୁବିଧାରେ ଏବଂ ସୁଲଭତାକୁ ନଜର ରଖାଯାଇଛି। କମ୍ପାନୀ ବିଭିନ୍ନ ମାନ୍ୟତା ଲାଭ କରିଛି, ଯାହା ଉନ୍ନତ ସେବା ଯୋଗାଣ ଧାରାକୁ ଦର୍ଶାଉଛି। ଭଲ ଅଭିବୃଦ୍ଧି ନେଇ ଯୋଜନା ରହିଛି। ଓଡ଼ିଶାରେ ଭଲ କାରବାର କରିବା ନେଇ ଆଶା ରହିଛି। ମାନ୍ଦାବସ୍ଥା ଆମ କାରବାରକୁ ପ୍ରଭାବିତ କରିନାହିଁ। ଲୋକଙ୍କର ଚାହିଦାରେ ପ୍ରଭାବ ଏତେଟା ନାହିଁ। କାରବାର ଭଲ ରହିଥିବାରୁ ସମ୍ପ୍ରସାରଣ ଦିଗରେ ପଦକ୍ଷେପ ନେଉଛୁ।
**- ସନ୍ୟାମ ଜଲାନ, ବିଜନେସ ଡେଭଲପର**

### ପାକିସ୍ତାନ ବାୟୁସୀମା ବନ୍ଦ୍‌ର ପ୍ରଭାବ
## ଏୟାର ଇଣ୍ଡିଆର ଅପରେଟିଂ କ୍ଷତି ୪୬୦୦ କୋଟି

**ନୂଆଦିଲ୍ଲୀ,୧୫–୯**

ରାଷ୍ଟ୍ରାୟତ୍ତ ବିମାନ କମ୍ପାନୀ ଏୟାର ଇଣ୍ଡିଆର ଚଳିତ ଆର୍ଥିକ ବର୍ଷ ୨୦୧୮–୧୯ରେ ଅପରେଟିଙ୍ଗ୍ କ୍ଷତି ୪୬୦୦ କୋଟି ଟଙ୍କା ପହଞ୍ଚିଛି। ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧି, ବୈଦେଶିକ ମୁଦ୍ରା ବିନିମୟରେ ଅସ୍ଥିରତା, ସର୍ବୋପରି ପାକିସ୍ତାନ ବାୟୁ ସୀମା ପ୍ରବେଶ ଉପରେ କଟକଣା ଲାଗୁ ହେବା ଯୋଗୁ ଏୟାର ଇଣ୍ଡିଆର ଅପରେଟିଙ୍ଗ୍ କ୍ଷତି ବଢ଼ିଛି। ତେବେ ଋଣରେ ବୁଡ଼ି ରହିଥିବା କମ୍ପାନୀ ୨୦୧୯–୨୦ରେ ଲାଭ କରିବ ବୋଲି ଜଣେ ବରିଷ୍ଠ ଅଧିକାରୀ ଆଶାବ୍ୟକ୍ତ କରିଛନ୍ତି। ସେ କହିଛନ୍ତି ଯେ, କଠିନ ବ୍ୟବସାୟୀକୁ ପରିସ୍ଥିତି କାରଣରୁ ଉକ୍ତ ଏୟାରଲାଇନ କମ୍ପାନୀର ନେଟ୍ କ୍ଷତି ୮୪୦୦ କୋଟି ଟଙ୍କା ହୋଇଥିବା ବେଳେ ମୋଟ ରାଜସ୍ୱ ଆୟ ୨୬,୪୦୦ କୋଟି ଟଙ୍କା ହୋଇଛି। ଅନ୍ୟ ଜଣେ ଅଧିକାରୀ କହିଛନ୍ତି ଯେ, ୨୦୧୯–୨୦ରେ କମ୍ପାନୀ ୭୦୦ରୁ ୮୦୦ କୋଟି ଟଙ୍କାର ଅପରେଶନାଲ ଲାଭ ହାସଲ କରିବ ବୋଲି ଅନୁମାନ କରାଯାଉଛି। ସେ କହିଛନ୍ତି ଯେ, ବର୍ତ୍ତମାନ ଆର୍ଥିକ ବର୍ଷରେ ଅଶୋଧିତ ତେଲ ଦର ବୃଦ୍ଧି ପାଇନାହିଁ।

## ପିଏଫ୍‌ଏ ପ୍ରଦର୍ଶନ କଲା ବେଦାନ୍ତ

**ଭୁବନେଶ୍ୱର, ୧୫–୯**




ବେଦାନ୍ତ ଆଲୁମିନିୟମ ପକ୍ଷରୁ ସିଆମ ବାର୍ଷିକ ସମ୍ମିଳନୀ ଅବସରରେ ପ୍ରାଇମେରୀ ଫାଉଣ୍ଡରୀ ଆଲଏ(ପିଏଫଏ)ର ପ୍ରଦର୍ଶନ କରାଯାଇଛି। ପ୍ରଥମ ଆଲୁମିନିୟମ ଉତ୍ପାଦକଭାବେ ଘରୋଇ ବଜାରରେ କମ୍ପାନୀ ପିଏଫ୍‌ଏ ଅଟୋମୋବାଇଲ କ୍ଷେତ୍ରକୁ ଯୋଗାଣ କରିବ। ମେକ୍ ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମରେ ୨.୪୦ ଲକ୍ଷ ଟନ୍ ପିଏଫ୍‌ଏ ଏହା ଉତ୍ପାଦନ କରୁଛି। ଭାରତୀୟ ଗ୍ରାହକଙ୍କ ଚାହିଦାକୁ ଧ୍ୟାନରେ ରଖି ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ବେଦାନ୍ତ ଲିମିଟେଡର ଆଲୁମିନିୟମ ଏବଂ ପାୱାର ସିଇଓ ଅଜୟ କପୁର କହିଛନ୍ତି। ଏହି ପଦକ୍ଷେପ ଦ୍ୱାରା ଭାରତୀୟ ଅଟୋମୋବାଇଲ ଶିଳ୍ପ ବେଶ୍ ଲାଭବାନ ହୋଇ ପାରିବ ବୋଲି ସେ ପ୍ରକାଶ କରିଛନ୍ତି। କାଷ୍ଟ ଆଲୁମିନିୟମରୁ ପିଏଫ୍‌ଏ ପ୍ରସ୍ତୁତ ହୋଇଥାଏ। ବର୍ତ୍ତମାନ ଦେଶରେ ଆଲୁମିନିୟମ ହ୍ୱିଲ ପରିମାଣ କମ୍ ରହିଛି। ବିଶ୍ୱ ବଜାରରେ ଏ କ୍ଷେତ୍ରରେ ସ୍ଥିତି ଦୃଢ କରିବା ଲାଗି ଏଭଳି ପଦକ୍ଷେପ ବେଶ୍ ସହାୟକ ହେବ ବୋଲି ସିଇଓ କପୁର ସ୍ପଷ୍ଟ କରିଛନ୍ତି।

### ସୌଦି ଆରବର ଆରାମ୍‌କୋ ତୈଳ ଭଣ୍ଡାରରେ ଡ୍ରୋନ ଆକ୍ରମଣ
# ମହଙ୍ଗା ହୋଇପାରେ ଅଶୋଧିତ ତେଲ ଦର

**ନୂଆଦିଲ୍ଲୀ,୧୫–୯**



ସୌଦି ଆରବର ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀ ଆରାମ୍‌କୋର ଅବକିକ୍ ଓ ଖୁରେସରେ ଥିବା ଦୁଇଟି ତୈଳ ଭଣ୍ଡାର ଉପରେ ଡ୍ରୋନ ଆକ୍ରମଣ ହୋଇଛି। ଫଳରେ ସେଠାରେ ଅସ୍ଥାୟୀ ରୂପେ ତୈଳ ଉତ୍ପାଦନକୁ ବନ୍ଦ କରିଦିଆଯାଇଛି। ସୌଦି ଆରବ ଶକ୍ତି ମନ୍ତ୍ରୀ ପ୍ରିନ୍ସ ଅବ୍‌ଦୁଲ ଅଜିଜ୍ ବିନ୍ ସଲମାନ କହିଛନ୍ତି ଯେ, ଏହି ଆକ୍ରମଣ ଯୋଗୁ ଆରାମକୋର ମୋଟ ଉତ୍ପାଦନ ଅଧା ହୋଇଗଲାଣି। ଏଥିଯୋଗୁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଯୋଗାଣ ବ୍ୟାହତ ହେବ। ଫଳସ୍ୱରୂପ ବଜାରରେ ତେଲ ଦର ବଢ଼ିବ ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି।

ସୌଦି ଶକ୍ତିମନ୍ତ୍ରୀ କହିଛନ୍ତି ଯେ, ଆରାମ୍‌କୋର ଦୈନିକ ୫୭ ଲକ୍ଷ ବ୍ୟାରେଲ ଅଶୋଧିତ ତେଲ ଉତ୍ପାଦନ ପ୍ରଭାବିତ ହେଉଛି। ତୈଳ ଉତ୍ପାଦକ ଦେଶସମୂହକୁ ନେଇ ଗଠିତ ଓପେକ୍ ପକ୍ଷରୁ ଅଗଷ୍ଟରେ ଜାରି ତଥ୍ୟ ଅନୁଯାୟୀ ସୌଦି ଆରବ ଦୈନିକ ୯୮ ଲକ୍ଷ ବ୍ୟାରେଲ ଅଶୋଧିତ ତେଲ ଉତ୍ପାଦନ କରୁଥିଲା। ଆରାମ୍‌କୋ ଉପରେ ହୋଇଥିବା ଡ୍ରୋନ ଆକ୍ରମଣର ପ୍ରଭାବ ସାରା ବିଶ୍ୱର ତୈଳ ଯୋଗାଣ ଉପରେ ପଡିବ ବୋଲି ମନେ କରାଯାଉଛି। ଆରାମ୍‌କୋର ଉତ୍ପାଦନ ମୂଳ ସ୍ଥିତିକୁ ନ ଆସିଲେ ବିଶ୍ୱ ବଜାରରେ ପ୍ରତି ମାସରେ ୧୫୦ ମିଲିୟନ ବ୍ୟାରେଲ ଅଶୋଧିତ ତେଲ କମିଯିବ। ଏହାଦ୍ୱାରା ଦର ବଢ଼ିଯିବ। ଖବରକାଗଜ ଅଏଲପ୍ରାଇସ୍ ପକ୍ଷରୁ ପ୍ରକାଶିତ ରିପୋର୍ଟରେ କୁହାଯାଇଛି ଯେ, ଦୈନିକ ତେଲ ଯୋଗାଣର ଏକ ପଞ୍ଚମାଂଶ ଉକ୍ତ ଘଟଣା ଯୋଗୁ ପ୍ରଭାବିତ ହେବ। ଆରାମ୍‌କୋ ସର୍ବାଧିକ ତେଲ ଯୋଗାଣକାରୀଙ୍କ ମଧ୍ୟରେ ଅନ୍ୟତମ ଏବଂ ଅଶୋଧିତ ତେଲ ଯୋଗାଣରେ ଏହା ସର୍ବବୃହତ୍ କମ୍ପାନୀ। ବ୍ଲୁମ୍‌ବର୍ଗ ରିପୋର୍ଟ ଅନୁସାରେ କମ୍ପାନୀ ୨୦୧୮ରେ ୧୧୧ ବିଲିୟନ ଡଲାର ଲାଭ କରିଥିଲା। ଏହା ଆପଲ୍ ଓ ଗୁଗଲର ମୂଳ କମ୍ପାନୀ ଆଲ୍‌ଫାବେଟ୍‌ର ମୋଟ ବାର୍ଷିକ ଲାଭ ଠାରୁ ବହୁ ଅଧିକ। ଫୋର୍ବ୍ସ ରିପୋର୍ଟ ଅନୁସାରେ ୨୦୧୮ ପରିସଂଖ୍ୟାନ ଅନୁଯାୟୀ, ଆରାମ୍‌କୋ ବିଶ୍ୱରେ ସବୁଠାରୁ ଲାଭ କରିବାରେ ପ୍ରଥମ ସ୍ଥାନରେ ରହିଛି। ଏହା ୨୦୧୭ରେ ୧୦୦ ବିଲିୟନ ଡଲାର ଟିକସ ଦେଇଛି। ବିବିସିର ବିଜ୍‌ନେସ ଖବରଦାତା କ୍ୟାଟି ପ୍ରେସକଟ୍ କହିଛନ୍ତି ଯେ, ଅନ୍ତର୍ଜାତୀୟ ବଜାରରେ ସୌଦି ଆରବ ୧୦ ପ୍ରତିଶତ ତେଲ ଯୋଗାଇଥାଏ। ଯୋଗାଣ କମିବା ଅର୍ଥ ତେଲ ଦର ବଢ଼ିବ। ତୈଳ ଦର ଉପରେ ନଜର ରଖୁଥିବା ମର୍ନିଂଷ୍ଟାର ନିର୍ଦ୍ଦେଶକ ସ୍ୟାଣ୍ଡି ଫିଲ୍ଡନ କହିଛନ୍ତି, ସୋମବାର ବଜାର ଖୋଲିବା ମାତ୍ରେ ତେଲ ଦର ୩୦ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ହୋଇପାରେ ବୋଲି ଆଶା କରାଯାଉଛି। ଏହାର ପ୍ରଭାବ ତୁରନ୍ତ ଦେଖାଯିବ ନାହିଁ। ତେବେ ସପ୍ତାହେ ପରେ ଲୋକଙ୍କ ପକେଟ ଉପରେ ଏହାର ପ୍ରଭାବ ଅନୁଭୂତ ହେବ ବୋଲି ସେ କହିଛନ୍ତି।

### ଆଇପିଓ ବଜାରରୁ ଦୂରେଇ ଯାଉଛନ୍ତି କମ୍ପାନୀ
## ଅଦ୍ୟାବଧି ମାତ୍ର ୧୧କମ୍ପାନୀର ବଜାର ପ୍ରବେଶ

**ମୁମ୍ବାଇ, ୧୫–୯**

ଭାରତୀୟ ଷ୍ଟକ୍ ବଜାର ପ୍ରତି ନିବେଶକଙ୍କ ଧାରଣା ନକାରାତ୍ମକ ଥିବା କାରଣରୁ ପୁଞ୍ଜି ଯୋଗାଡ କରିବା ଲାଗି ଆଗ୍ରହୀ କମ୍ପାନୀଗୁଡ଼ିକ ଇନିସିଆଲ ପବ୍ଲିକ୍ ଅଫରିଙ୍ଗ୍ (ଆଇପିଓ) ଆଣୁନାହାନ୍ତି। ଚଳିତ ଆର୍ଥିକ ବର୍ଷ ଶେଷ ହେବାକୁ ଆଉ ମାତ୍ର ୩ ମାସ ବାକି ଥିବା ବେଳେ ଅଦ୍ୟାବଧି ମାତ୍ର ୧୧ କମ୍ପାନୀ ପୁଞ୍ଜି ବଜାରରେ ପ୍ରବେଶ କରିଛନ୍ତି। ସେମାନେ ଆଇପିଓ ଜରିଆରେ ୧୦ ହଜାର କୋଟି ଟଙ୍କାରୁ ଅଧିକ ଯୋଗାଡ କରିଛନ୍ତି। ତେବେ ୨୦୧୮ରେ ୨୪ କମ୍ପାନୀ ଆଇପିଓ ଆଣିଥିଲେ ଏବଂ ଷ୍ଟକ୍ ବଜାରରୁ ୩୦,୯୫୯ କୋଟି ଟଙ୍କା ଉଠାଇଥିଲେ। ବିଶେଷଜ୍ଞଙ୍କ କହିବାନୁଯାୟୀ ବଜାର ଆସନ୍ତା କିଛି ଦିନ ପର୍ଯ୍ୟନ୍ତ ଆହ୍ୱାନପୂର୍ଣ୍ଣ ରହିବାର ସମ୍ଭାବନା ରହିଛି। ବିଶ୍ୱ ଓ ଘରୋଇ ସ୍ତରରେ ସୃଷ୍ଟି ହୋଇଥିବା କାରଣକୁ ଏଥିପାଇଁ ଦାୟୀ କରାଯାଇପାରେ ବୋଲି ସେମାନେ କହିଛନ୍ତି। ରିଲାଏନ୍ସ ସିକ୍ୟୁରିଟିଜ୍ ଗବେଷଣା ପ୍ରମୁଖ ନବୀନ କୁଲକର୍ନି କହିଛନ୍ତି ଯେ, ଆଇପିଓ ବଜାରରେ ଚଳିତ ଆର୍ଥିକ ବର୍ଷର ଶେଷ ଅବଧି ଅତ୍ୟନ୍ତ କଠିନ ରହିବ। କ୍ଷୁଦ୍ର ଓ ମଧ୍ୟମ ସ୍ତରର କମ୍ପାନୀ ଶେୟାର ମୂଲ୍ୟରେ ଜୋର୍‌ଦାର୍ ସୁଧାର ହୋଇଛି, ଯାହାର ପ୍ରଭାବ ପ୍ରାଥମିକ ବଜାର ଉପରେ ପଡିଛି।

ଇଂଲଣ୍ଡ ବିପକ୍ଷ ୫ମ ଆଶେସ ଟେଷ୍ଟରେ ଦୁଇଟି 'ଡିଆର୍‌ଏସ୍ କଲ୍' ବିଫଳ ହେବା ଆମକୁ ଆଶଙ୍କାରେ ପକାଇ ଦେଇଛି।
–ଟିମ୍ ପେନ୍, ଅଷ୍ଟ୍ରେଲିଆ ଅଧିନାୟକ



ଟି୨୦ ବିଶ୍ୱକପ୍‌କୁ ଦୃଷ୍ଟିରେ ରଖି ଯୁବ ଖେଳାଳିଙ୍କୁ ଦଳରେ ସେମାନଙ୍କ ଦକ୍ଷତା ପ୍ରତିପାଦନର ସୁଯୋଗ ଦିଆଯାଉଛି।
– ବିରାଟ କୋହଲି, ଭାରତୀୟ କ୍ରିକେଟ ଅଧିନାୟକ



## ସଂକ୍ଷେପରେ

### ଭିଏତ୍‌ନାମ ଓପନ୍ ଜିତିଲେ ସୌରଭ



ହୋ ଚି ମିନ୍ ସିଟି,୧୫।୯ (ପି.ଟି.): ଭାରତୀୟ ଯୁବ ବ୍ୟାଡମିଣ୍ଟନ ତାରକା ସୌରଭ ବର୍ମା ଆଉ ଏକ ବିଶ୍ୱସ୍ତରୀୟ ସଫଳତା ହାସଲ କରିଛନ୍ତି। ଏଠାରେ ଅନୁଷ୍ଠିତ ୭୫,୦୦୦ ଆମେରିକୀୟ ଡଲାର ପୁରସ୍କାର ରାଶିବିଶିଷ୍ଟ ଭିଏତ୍‌ନାମ ଓପନ୍ ବିଡବ୍ଲ୍ୟୁଏଫ୍ ଟୁର ସୁପର ୧୦୦ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟରେ ସୌରଭ ଟାଇଟଲ ଜିତିଛନ୍ତି। ରବିବାର ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ ଫାଇନାଲ ମ୍ୟାଚ୍‌ରେ ସେ ଚାଇନାର ସୁନ ଫେଇ ଜିଆଙ୍ଗ୍‌କୁ ହରାଇ ଚାମ୍ପିୟନ ହୋଇଛନ୍ତି। ଟୁର୍ନାମେଣ୍ଟରେ ଦ୍ୱିତୀୟ ସିଡ ମାନ୍ୟତା ପାଇଥିବା ସୌରଭ ଫାଇନାଲ ମୁକାବିଲାରେ ସୁନ୍‌ଙ୍କୁ ୨୧-୧୨, ୧୭-୨୧, ୨୧-୧୪ରେ ହରାଇ ବାଜି ମାରିଛନ୍ତି। ବିଜୟୀ ହେବା ପାଇଁ ସୌରଭଙ୍କୁ ୧ ଘଣ୍ଟା ୧୨ ମିନିଟ ସମୟ ଆବଶ୍ୟକ ହୋଇଥିଲା। ଏହାପୂର୍ବରୁ ସୌରଭ ହାଇଦ୍ରାବାଦ ଓପନ ଓ ସ୍ଲୋଭେନିଆନ ଇଣ୍ଟରନ୍ୟାଶନାଲ ଟୁର୍ନାମେଣ୍ଟରେ ଟାଇଟଲ ଜିତିଥିଲେ।

### ହାଫ୍ ମାରାଥନରେ କାମଓ୍ୱରୋର୍‌ଙ୍କ ନୂଆ ବିଶ୍ୱ ରେକର୍ଡ




ପ୍ୟାରିସ, ୧୫।୯ (ଏଏଫ୍‌ପି): କେନିଆ ଧାବକ ଜେଫ୍ରି କାମଓ୍ୱରୋର୍‌ଙ୍କ ନାମରେ ହାଫ୍ ମାରାଥନର ନୂତନ ବିଶ୍ୱ ରେକର୍ଡ ଲିପିବଦ୍ଧ ହୋଇଛି। ରବିବାର ଏଠାରେ ଅନୁଷ୍ଠିତ ହାଫ୍ ମାରାଥନ (୨୧.୧ କିଲୋମିଟର)କୁ ଜେଫ୍ରି ୫୮ ମିନିଟ୍ ୧ ସେକେଣ୍ଡରେ ଫିନିଶ୍ କରି ସ୍ୱର୍ଣ୍ଣ ପଦକ ଜିତିବା ସହ ନୂତନ ବିଶ୍ୱ ରେକର୍ଡ ସ୍ଥାପନ କରିଥିଲେ। ଗତବର୍ଷ ଭାଲେନସିଆଠାରେ ଅନୁଷ୍ଠିତ ହାଫ୍ ମାରାଥନ୍‌କୁ କାମଓ୍ୱରୋର୍‌ଙ୍କ ସାଥୀ କେନିଆ ଧାବକ ଆବ୍ରାହମ କିପତୁମ୍ ୫୮:୧୮ ସେକେଣ୍ଡରେ ଶେଷ କରି ବିଶ୍ୱ ରେକର୍ଡର ଅଧିକାରୀ ହୋଇଥିଲେ। ୨୬ ବର୍ଷୀୟ ଜେଫ୍ରି ଏବେ ୧୭ ସେକେଣ୍ଡ କମ୍ ସମୟ ନେଇ ବିଶ୍ୱ ରେକର୍ଡକୁ ନିଜ ନାମରେ କରି ନେଇଛନ୍ତି। ଅନ୍ୟତମ କେନିଆ ଧାବକ ବର୍ନାଡ୍ କିପ୍‌କୋରିର୍ (୫୯:୧୬) ଓ ଇଥିଓପିଆର ବେରେହାନୁ ଓ୍ୱେଣ୍ଡେମୁ ସେଗୁ (୫୯:୨୨) ଯଥାକ୍ରମେ ୨ୟ ଓ ୩ୟ ସ୍ଥାନ ହାସଲ କରିଥିଲେ। ମହିଳା ବିଭାଗରେ ଇଥିଓପିଆର ଡିବାବା ଏଡୁଗାନ (୧:୦୫:୫୭) ସ୍ୱର୍ଣ୍ଣ ପଦକ ଜିତିଥିଲେ।

### ଖୋଖୋ ଚୟନ ଶିବିର

ଭୁବନେଶ୍ୱର,୧୫।୯(ସ୍ପୋର୍ଟ୍ସ ବ୍ୟୁରୋ): ରାଜ୍ୟର ୩୦ତମ ସବ୍ ଜୁନିୟର ଖୋଖୋ ଚୟନ ଶିବିର ପୁରୀ ଜିଲ୍ଲା ଅନ୍ତର୍ଗତ ଡେଲାଙ୍ଗ ମହତାବ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଡେଲାଙ୍ଗ ବ୍ଲକ ଚେୟାରମ୍ୟାନ ପ୍ରସନ୍ନ ମିଶ୍ର ସମ୍ମାନିତ ଅତିଥି ଭାବେ ବିଇଓ ନିରଞ୍ଜନ ପାତ୍ର ଓ ରାଜ୍ୟ ଖୋଖୋ ସଂଘ ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର ଯୋଗ ଦେଇଥିଲେ। ଶିବିରରେ ୧୭ ଜିଲା ଓ ଗୋଟିଏ ବିଶ୍ୱବିଦ୍ୟାଳୟର ୬୬ ବାଳିକା ଏବଂ ୬୨ ବାଳକ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଶିକ୍ଷକ ହରିଶ୍ଚନ୍ଦ୍ର ପଣ୍ଡାଙ୍କୁ ପଠାଣି ସାମନ୍ତ ସମ୍ମାନ, ଦେବେନ୍ଦ୍ର ମଲ୍ଲିକଙ୍କୁ ଶିକ୍ଷକ ଗୌରବ ସମ୍ମାନ, ଶୁଭଶ୍ରୀ ପ୍ରିୟଦର୍ଶିନୀ ମିଶ୍ରଙ୍କୁ ମଦର ଟେରେସା, ଅରୁଣ କୁମାର ରାଉତରାୟଙ୍କୁ କାବ୍ୟନୀଷ୍ଠ, ରାକିନା ମଙ୍ଗରାଜଙ୍କୁ ଡ. ହରେକୃଷ୍ଣ ମହାତାବ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଛି। ସେହିପରି ରେଫରି ତପନ କୁମାର ଦାଶ, ଜୟନ୍ତ କୁମାର ରାୟ, ସୁନାକର ରାଉତ, କେ. ସି. ରାମ ହେମ୍ବ୍ରମ, କିଶୋର ଚନ୍ଦ୍ର ଜେନା, ଭୁବନ ମୋହନ ଦାଶ, ଖୋଖୋ କୋଚ୍ ପ୍ରଶାନ୍ତ ମଲ୍ଲିକ ପ୍ରମୁଖଙ୍କୁ ଶାରୀରିକ ଶିକ୍ଷା ସମ୍ମାନ ଦିଆଯାଇଛି। ଶିବିରରୁ ଉଭୟ ବର୍ଗରେ ୧୮ ଲେଖାଏ ଖେଳାଳିଙ୍କୁ ଚୟନ କରାଯାଇଛି। ଏମାନେ ୨୨ ତାରିଖଠାରୁ କେନ୍ଦୁଝରଠାରେ ହେବାକୁ ଥିବା ଖୋଖୋ ପ୍ରଶିକ୍ଷଣ ଶିବିରରେ ଯୋଗଦେବେ ବୋଲି ଚୟନ ଶିବିର ମୁଖ୍ୟ ଚୌଧାରୀ ପାର୍ଥସାରଥୀ ମହାପାତ୍ର ସୂଚନା ଦେଇଛନ୍ତି।

■ ସ୍ୱସ୍ତିକ, ସତ୍ୟେନ୍ଦ୍ର, ଅନନ୍ତଙ୍କୁ ସରୋଜ ମହାସୁଆର ସ୍ମୃତି ପୁରସ୍କାର

# 'କ୍ରିକେଟ ଯୋଗୁ ଜୀବନ ଶୃଙ୍ଖଳିତ ହୋଇଛି'



ଅତିଥିଙ୍କ ଗହଣରେ ମାନପତ୍ର ସହ ସରୋଜ ମହାସୁଆର ସ୍ମୃତି ପୁରସ୍କାର ବିଜେତା ।

ଭୁବନେଶ୍ୱର, ୧୫।୯(କ୍ରୀଡ଼ା ପ୍ରତିନିଧି)

କ୍ରିକେଟ ଏପରି ଏକ ଖେଳ ଯାହାକି ଜଣେ ଖେଳାଳିକୁ ଶୃଙ୍ଖଳିତ କରିଥାଏ। କ୍ରିକେଟ ପଢ଼ିଆରୁ ଶୃଙ୍ଖଳା ଜ୍ଞାନ ମିଳିଥାଏ। ସତ୍ୟପଥରେ ରହି ଖେଳକୁ ଭଲ ପାଇଲେ ଏବଂ ଉତ୍ସର୍ଗୀକୃତ ଭାବେ ଏକାଗ୍ରତା ରକ୍ଷା କରିପାରିଲେ ଜଣେ ନିଶ୍ଚିତ ଶ୍ରେଷ୍ଠ ଖେଳାଳିରେ ପରିଣତ ହୋଇପାରିବ। ରବିବାର ପୁରୁଣା ଭୁବନେଶ୍ୱରସ୍ଥିତ ଟାଉନ୍‌କ୍ଲବ ପଢ଼ିଆରେ ଅନୁଷ୍ଠିତ ସରୋଜ ମହାସୁଆର ସ୍ମୃତି ସମ୍ମାନ ସମାରୋହର ଅନ୍ୟତମ ଅତିଥି ତଥା ଓଡ଼ିଶା କ୍ରିକେଟର ଦ୍ରୋଣାଚାର୍ଯ୍ୟ ଭାବେ ପରିଚିତ ପ୍ରତିଷ୍ଠିତ କୋଚ୍ କିଶୋର ମାଣିଆ ଏହା ପ୍ରକାଶ କରିଛନ୍ତି। ଅତିଥିଙ୍କ ମତ ସହ ଏକମତ ହୋଇଛନ୍ତି ଶ୍ରେଷ୍ଠ ଯୁବ କ୍ରିକେଟର ପୁରସ୍କାର ବିଜେତା ସ୍ୱସ୍ତିକ ସାମଲ। କ୍ରିକେଟ ଯୋଗୁ ମୋ ଜୀବନ ଶୃଙ୍ଖଳିତ ହୋଇପାରିଛି। ଏହି ପଢ଼ିଆରୁ ମୋତେ ଅନେକ କିଛି ଶିଖିବାକୁ ମିଳିଛି ବୋଲି ସେ କହିଛନ୍ତି। ଓଡ଼ିଶାରେ କ୍ରିକେଟ ଖେଳାଳିଙ୍କ ପାଇଁ ହାତଗଣତି କେତୋଟି ପୁରସ୍କାର ରହିଛି। ଆମେ ତ ସବୁବେଳେ ଭଲ ଖେଳିବାକୁ ଚେଷ୍ଟା କରିଥାଉ। ମାତ୍ର ତାହା ଅଧିକ ସମୟ ଲୋକଙ୍କ ମାନସପଟରେ ରହି ନ ଥାଏ। ଏପରି ପୁରସ୍କାର ଏକ ସ୍ୱୀକୃତି ସଦୃଶ। ସରୋଜ ମହାସୁଆର ସ୍ମୃତି ପୁରସ୍କାର ପାଇଁ ମନୋନୀତ କରାଯାଇଥିବାରୁ ମୁଁ ବହୁତ ଖୁସି। ଏହା ମୋ ପାଇଁ ଭିନ୍ନ ଅନୁଭବ ଆଣିଛି ଏବଂ ଆହୁରି ଅଧିକ ପରିଶ୍ରମ କରି ଆଗକୁ ବଢ଼ିବା ପାଇଁ ଉତ୍ସାହିତ କରିଛି ବୋଲି ରାଉରକେଲା ଜିମ୍‌ଖାନା କ୍ଲବର ଅନ୍ୟତମ ସଦସ୍ୟ ସ୍ୱସ୍ତିକ ପ୍ରକାଶ କରିଛନ୍ତି। କୋଚ୍ ଆର. ଶ୍ରୀକାନ୍ତଙ୍କଠାରୁ କ୍ରିକେଟର ମୂଳଦୁଆ ଆରମ୍ଭ କରିଥିବା ସ୍ୱସ୍ତିକ୍ ଏବେ ସୁବାସ ମହାନ୍ତିଙ୍କ ପ୍ରଶିକ୍ଷଣରେ ଆଗକୁ ବଢ଼ୁଛନ୍ତି। ରାଜ୍ୟ ପକ୍ଷରୁ ୧୬ ବର୍ଷରୁ କମ୍ ବୟସ ବର୍ଗରେ ଏକ ବର୍ଷ ଖେଳିବା ପରେ ସେ ୧୯ ବର୍ଷରୁ କମ୍ ଦଳର ଅଧିନାୟକ ଦାୟିତ୍ୱ ତୁଲାଇଛନ୍ତି। ପ୍ରଦର୍ଶନର ପୁରସ୍କାର ସ୍ୱରୂପ ତାଙ୍କୁ ୧୯ ବର୍ଷରୁ କମ୍ ଚ୍ୟାଲେଞ୍ଜର ଟ୍ରଫିରେ ସୁଯୋଗ ମିଳିଥିଲା। ଗତଥର ୨୩ ବର୍ଷରୁ କମ୍ ସି.କେ. ନାଇଡୁ ଟ୍ରଫି ଖେଳିବାପରେ ସୟଦ ମୁସ୍ତାକ ଅଲୀ ଟ୍ରଫିରେ ଓଡ଼ିଶା ପକ୍ଷରୁ ଖେଳି ସିନିୟର କ୍ୟାରିୟର ଆରମ୍ଭ କରିଛି। ୨୦୧୯ ଫେବୃୟାରୀ ୨୪ରେ ମୋର ସିନିୟର କ୍ୟାରିୟର ଆରମ୍ଭ ହେଲା ବୋଲି କହିଛନ୍ତି ସ୍ୱସ୍ତିକ। ଭବିଷ୍ୟତରେ ଭାରତ ପକ୍ଷରୁ ଖେଳିବା ସ୍ୱପ୍ନରେ ଥିବା ଏହି ଯୁବ ପ୍ରତିଭାଙ୍କ ଆଦର୍ଶ ଖେଳାଳି ହେଲେ ବୀରେନ୍ଦ୍ର ସେହ୍ୱାଗ। ସେହ୍ୱାଗ ଜଣେ ଆକ୍ରମଣାତ୍ମକ ଓପନର ଥିଲେ। ତାଙ୍କ ଖେଳ ମୋତେ ବହୁତ ଭଲ ଲାଗେ। ମୁଁ ମଧ୍ୟ ଜଣେ ଓପନର। ଭବିଷ୍ୟତରେ ତାଙ୍କ ପରି ଖେଳାଳି ହେବାକୁ ଚାହେଁ ବୋଲି କହିଛନ୍ତି ଏହି କ୍ରିକେଟ ପ୍ରତିଭା।

ସରୋଜ ମହାସୁଆର ସ୍ମୃତି କମିଟି ଆବାହକ ମନୋଜ ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ସ୍ୱସ୍ତିକଙ୍କୁ ଶ୍ରେଷ୍ଠ ଯୁବ କ୍ରିକେଟର ଏବଂ ଦୁଇ ଅମ୍ପାୟର ସତ୍ୟେନ୍ଦ୍ର ମୋହନ ମହାନ୍ତି ଓ ଅନନ୍ତ ବାସୁଦେବ ମହାପାତ୍ରଙ୍କୁ ଯୁଗ୍ମଭାବେ ଶ୍ରେଷ୍ଠ ଅମ୍ପାୟର ପୁରସ୍କାର ପ୍ରଦାନ କରାଯାଇଥିଲା। ଉଭୟ ସତ୍ୟେନ୍ଦ୍ର ଓ ଅନନ୍ତ ଅତୀତକୁ ମନେ ପକାଇ ସରୋଜ ମହାସୁଆରଙ୍କ ସ୍ମୃତିଚାରଣ କରିଥିଲେ। ବିଜ୍ଞାନ ଓ କାରିଗରୀ କୌଶଳ ବିଭାଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ସମୀର ରଞ୍ଜନ ଦାସ, ବିଧାୟକ ତଥା ଟାଉନ୍ କ୍ଲବ ସମ୍ପାଦକ ସୁରେଶ କୁମାର ରାଉତରାୟ, ପୂର୍ବତନ କ୍ରିକେଟ ଖେଳାଳି ତଥା ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ପୂର୍ବତନ ମେୟର ତଥା ବିଧାୟକ ଅନନ୍ତ ନାରାୟଣ ଜେନା, ପ୍ରତିଷ୍ଠିତ କ୍ରିକେଟ କୋଚ୍ କିଶୋର ମାଣିଆ, ପୂର୍ବତନ କର୍ପୋରେଟର ବିରଞ୍ଚି ନାରାୟଣ ମହାସୁପକାର ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ପ୍ରକାଶ ଯୋଗ୍ୟ ଯେ, ରାଜ୍ୟର ଜଣେ ଆଗଧାଡ଼ିର ଅମ୍ପାୟରଭାବେ ପରିଗଣିତ ହେଉଥିବା ସରୋଜ ମହାସୁଆର କଟକରେ ଏକ ମ୍ୟାଚରେ ଅମ୍ପାୟରିଂ କରି ଫେରୁଥିବାବେଳେ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ। ତାଙ୍କ ସ୍ମୃତିରେ ୨୦୦୪ରୁ ଏହି ମର୍ଯ୍ୟାଦାଜନକ କ୍ରୀଡ଼ା ପୁରସ୍କାର ପ୍ରଦାନ କରାଯାଇ ଆସୁଛି। ଉତ୍ସବ ଆରମ୍ଭରେ ସରୋଜଙ୍କ ସ୍ମୃତିରେ ୧ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଅତିଥିମାନେ ପୁରସ୍କୃତ ପ୍ରତିଭାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ସରୋଜ ମହାସୁଆରଙ୍କ ସ୍ମୃତିରେ ଏହି ପୁରସ୍କାରକୁ ଜାରି ରଖିବା ପ୍ରୟାସକୁ ଭୂୟସୀ ପ୍ରଶଂସା କରିଥିଲେ। ଉତ୍ସବରେ ଅନେକ କ୍ରୀଡ଼ାପ୍ରେମୀ, ଶୁଭେଚ୍ଛୁ ଏବଂ କ୍ରୀଡ଼ା ପ୍ରତିଭା ଉପସ୍ଥିତ ଥିଲେ। ଶେଷରେ ମନୋଜ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।



ପୂର୍ବାଞ୍ଚଳ ଜୁନିୟର ଆଥଲେଟିକ ଚାମ୍ପିୟନଶିପ: ସପୋର୍ଟ ଷ୍ଟାଫ୍‌ଙ୍କ ଗହଣରେ ପଦକ ବିଜୟୀ ଓଡ଼ିଆ ଆଥଲେଟ୍।

## ୧୩ ସ୍ୱର୍ଣ୍ଣ ସହ ଓଡ଼ିଶାକୁ ୪୮ ପଦକ

କଟକ ଅଫିସ,୧୫।୯

ରାଞ୍ଚିର ବିର୍ସାମୁଣ୍ଡା ଆଥଲେଟିକ ଷ୍ଟାଡିୟମରେ ୩୧ତମ ପୂର୍ବାଞ୍ଚଳ ଜୁନିୟର ଆଥଲେଟିକ ଚାମ୍ପିୟନଶିପ ରବିବାର ଉଦଯାପିତ ହୋଇଛି। ପ୍ରତିଯୋଗିତାରେ ଓଡ଼ିଶା ମୋଟ ୪୮ପଦକ ଜିତିଥିବା ବେଳେ ଏହା ମଧ୍ୟରେ ୧୩ ସ୍ୱର୍ଣ୍ଣ, ୨୪ ରୌପ୍ୟ ଓ ୧୧ ବ୍ରୋଞ୍ଜ ପଦକ ରହିଛି। ଦ୍ୱିତୀୟ ଦିବସରେ ଓଡ଼ିଶା ୨୫ଟି ପଦକ ଜିତିଥିଲା। ଏଥିରେ ୮ଟି ସ୍ୱର୍ଣ୍ଣ ପଦକ ରହିଛି। ପୂର୍ବରୁ ଶନିବାର ତଥା ପ୍ରଥମ ଦିବସରେ ଓଡ଼ିଆ ଆଥଲେଟମାନେ ୫ଟି ସ୍ୱର୍ଣ୍ଣ ପଦକ ମିଶାଇ ମୋଟ ୨୩ଟି ପଦକ ଜିତିଥିଲେ । ୨୦ବର୍ଷରୁ କମ୍ ବାଳକ ୧୦ହଜାର ମିଟର ଚାଲିବାରେ କୃଷ୍ଣଚନ୍ଦ୍ର ଆଚାର୍ଯ୍ୟ, ୪୦୦ମିଟର ହର୍ଡଲ୍ସରେ ସାହିଲ କିରୋ, ୧୮ବର୍ଷରୁ କମ୍ ବାଳିକା ହାମରରେ ଶ୍ୱେତଲିନା ନାୟକ, ୨୦୦ମିଟର ଦୌଡ଼ରେ ସୁଖୀ ବକ୍ସି, ୨୦ବର୍ଷରୁ କମ୍ ବାଳିକା ୨୦୦ମିଟର ଦୌଡ଼ରେ ଦୀପାଳି ମହାପାତ୍ର, ୧୮ବର୍ଷରୁ କମ ବାଳକ ୮୦୦ମିଟର ଦୌଡ଼ରେ ଦିଲ୍ଲୀପ ନାୟକ, ୧୬ବର୍ଷରୁ କମ୍ ବାଳିକା ପେଣ୍ଟାଥ୍ଲନରେ ସବିତା ଟପ୍ପୋ, ୧୬ବର୍ଷରୁ କମ୍ ବାଳକ ୮୦୦ମିଟର ଦୌଡ଼ରେ ସୁରେନ୍ଦ୍ର ଖାରା ରବିବାର ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଜିତିଥିଲେ।

## ଆଡଭାନୀଙ୍କୁ ୨୨ତମ ବିଶ୍ୱ ଟାଇଟଲ



ମାଣ୍ଡଲେ(ମ୍ୟାନ୍‌ମାର), ୧୫।୯(ପି.ଟି.)

ଭାରତୀୟ ବିଲିୟାର୍ଡ୍ସ ତାରକା ପଙ୍କଜ ଆଡଭାନୀ ରେକର୍ଡ ୨୨ତମ ବିଶ୍ୱ ଟାଇଟଲ ହାସଲ କରି ଏକ ବିରଳ ସଫଳତା ହାସଲ କରିଛନ୍ତି। ଏଠାରେ ଖେଳାଯାଇଥିବା ଆଇବିଏସ୍‌ଏଫ୍ ବିଶ୍ୱ ବିଲିୟାର୍ଡ୍ସ ଚାମ୍ପିୟନଶିପ୍‌ରେ ସେ ଚାମ୍ପିୟନ ହୋଇଛନ୍ତି। ଚାମ୍ପିୟନଶିପ୍‌ର ୧୫୦- ଅପ୍ ଫର୍ମାଟରେ ସେ କ୍ରମାଗତ ଚତୁର୍ଥ ଫାଇନାଲରେ ବିଜୟୀ ହୋଇଛନ୍ତି। ଏଥିସହତ ୩୪ ବର୍ଷୀୟ ଆଡଭାନୀ ୨୦୧୪ରେ ପେସାଦାର ବିଲିୟାର୍ଡ୍ସକୁ ଫେରିବା ପରେ ପ୍ରତିବର୍ଷ ଟାଇଟଲ ଜିତିବାକୁ ସକ୍ଷମ ହୋଇଛନ୍ତି। ବିଲିୟାର୍ଡ୍ସର ଏହି ଛୋଟିଆ ଫର୍ମାଟରେ ଆଡଭାନୀ ଗତ ୬ ବର୍ଷ ମଧ୍ୟରେ ପଞ୍ଚମଥର ପାଇଁ ଟାଇଟଲ ଜିତିଛନ୍ତି। ରବିବାର ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ସେ ମ୍ୟାନ୍‌ମାରର ଫେଭରାଇଟ ଖେଳାଳି ନେ ଥ୍ୱା ଓଙ୍କୁ ୬–୨ରେ ପରାସ୍ତ କରିଛନ୍ତି।

ଗତବର୍ଷ ଫାଇନାଲରେ ଏହି ଦୁଇ ଖେଳାଳି ପରସ୍ପରକୁ ଭେଟିଥିଲେ। ଏଥର ଆଡଭାନୀ ସମ୍ପୂର୍ଣ୍ଣ ଏକପାଖିଆ ଭାବେ ମ୍ୟାଚ୍ ହାତେଇ ନେଇଥିଲେ। ଫାଇନାଲ ମୁକାବିଲାରେ ସେ ୬–୨ (୧୫୦–୪, ୧୫୧– ୬୬, ୧୫୦–୫୦, ୭– ୧୫୦, ୧୫୧– ୬୯, ୧୫୦–୦, ୧୩୩– ୧୫୦, ୧୫୦–୭୫)ରେ ନେଙ୍କୁ ପରାସ୍ତ କରିଥିଲେ। ଶନିବାର ଅନୁଷ୍ଠିତ ସେମିଫାଇନାଲ ମ୍ୟାଚ୍‌ରେ ଆଡଭାନୀ ଇଂଲଣ୍ଡର ମାଇକ୍ ରସେଲଙ୍କୁ ୫–୨ରେ ପରାସ୍ତ କରିଥିଲେ। ସେହିପରି ଅନ୍ୟ ଏକ ସେମିଫାଇନାଲରେ ନେ ଥ୍ୱା ଓ ୫–୩ରେ ଭାରତର ସୌରଭ କୋଠାରିଙ୍କୁ ହରାଇ ଫାଇନାଲରେ ପ୍ରବେଶ କରିଥିଲେ।

## ଭାରତୀୟ ରେସଲରଙ୍କ ନୈରାଶ୍ୟଜନକ ପ୍ରଦର୍ଶନ ଜାରି

ନୁର-ସୁଲତାନ (କାଜାଖସ୍ଥାନ), ୧୫।୯(ପି.ଟି.)

ଏଠାରେ ଚାଲିଥିବା ରେସଲିଂ ବିଶ୍ୱ ଚାମ୍ପିୟନଶିପ୍‌ରେ ଭାରତୀୟ ରେସଲରମାନେ ଆଶାନୁରୂପ ପ୍ରଦର୍ଶନ କରିପାରି ନାହାନ୍ତି। ରବିବାର ଭାରତୀୟ ଗ୍ରୀକୋ- ରୋମାନ ରେସଲରଙ୍କ ନୈରାଶ୍ୟଜନକ ପ୍ରଦର୍ଶନ ଜାରି ରହିଛି। ଫଳରେ ଭାରତୀୟ ରେସଲରଙ୍କ ଅଲିମ୍ପିକ୍ସ ଯୋଗ୍ୟତା ହାସଲ ନେଇ ଆଶଙ୍କା ସୃଷ୍ଟି ହୋଇଛି। ୬୭ କେ.ଜି. ବର୍ଗରେ ମନୀଷ, ୮୭ କେ.ଜି. ବର୍ଗରେ ସୁନୀଲ କୁମାର ଓ ୯୭ କେ.ଜି. ବର୍ଗରେ ରବି ବିଦାୟ ନେଇଛନ୍ତି। ପ୍ରଥମ ଦିବସରେ ୪ଜଣ ରେସଲର ପ୍ରତିଯୋଗିତାରେ ଅବତୀର୍ଣ୍ଣ ହୋଇଥିଲେ। ୩ ଜଣ ଗୋଟିଏ ହେଲେ ବି ବାଉଟ ଜିତିପାରି ନ ଥିଲେ ଓ ଗୋଟିଏ ପଏଣ୍ଟ ମଧ୍ୟ ସ୍କୋର କରି ପାରି ନ ଥିଲେ। ତେବେ ରବି ଚାଇନିଜ ତାଇପେଇର ଚେଙ୍ଗ ହାଓ ଚେନ୍‌ଙ୍କୁ ହରାଇ ଗୋଟିଏ ବାଉଟ ଜିତିବାକୁ ସକ୍ଷମ ହୋଇଥିଲେ। ସେ ୫–୦ରେ ବିଜୟୀ ହୋଇଥିଲେ। ତେବେ ପରବର୍ତ୍ତୀ ବାଉଟ୍‌ରେ ରବି ଚେକ ଗଣରାଜ୍ୟର ଅର୍ଥର ଓମାରୋଭଙ୍କଠାରୁ ୭–୦ରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି।

# ରାଜ୍ୟସ୍ତରୀୟ ସନ୍ତରଣ ଉଦ୍‌ଯାପିତ



ସମ୍ବଲପୁରରେ ରବିବାର ଅନୁଷ୍ଠିତ ଖଟେଶ୍ୱର ପାଣ୍ଡେ ସ୍ମାରକୀ ରାଜ୍ୟସ୍ତରୀୟ ସନ୍ତରଣର ଏକ ଇଭେଣ୍ଟ ଅବସରରେ ପ୍ରତିଯୋଗୀମାନେ।

■ ୨୦ ଜିଲାର ୩୧୦ ପ୍ରତିଯୋଗୀ

■ ପ୍ରଥମ ଥର ପାଇଁ ଭାଗ ନେଲେ ଦିବ୍ୟାଙ୍ଗ

■ ୫ବର୍ଷରୁ ଆରମ୍ଭ କରି ୮୦ ବର୍ଷ ବୟସ ମଧ୍ୟରେ ୧୮ଟି ବର୍ଗରେ ଇଭେଣ୍ଟ

ସମ୍ବଲପୁର, ୧୫।୯ (ବ୍ୟୁରୋ)

ସମ୍ବଲପୁରସ୍ଥିତ ଡା. ଝସକେତନ ସାହୁ ସୁଇମିଂ ପୁଲ୍‌ଠାରେ ନବମ ଖଟେଶ୍ୱର ପାଣ୍ଡେ ସ୍ମାରକୀ ରାଜ୍ୟସ୍ତରୀୟ ସନ୍ତରଣ ରବିବାର ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଉପଜିଲାପାଳ ଅନିରୁଦ୍ଧ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ରାଜ୍ୟର ୨୦ଟି ଜିଲାରୁ ୩୧୦ଜଣ ପ୍ରତିଯୋଗୀ ଏଥିରେ ଭାଗ ନେଇଥିଲେ। ଶ୍ରେଷ୍ଠ ସ୍ଥାନ ହାସଲ କରିଥିବା ଅର୍ପିତା ସାହୁ ଓ ବିକାଶ ହରିପାଲଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିସହ ଚଳିତ ବର୍ଷ ପ୍ରଥମ ଥର ଦିବ୍ୟାଙ୍ଗମାନେ ଭାଗ ନେଇ ସଫଳତା ହାସଲ କରିଛନ୍ତି । ଲିପୁ ରାଉତ, ସୁମିତ ପଣ୍ଡା, ରୋହିତ ଭୋଇ, ରାଜକିଶୋର ପ୍ରଧାନ, ପ୍ରିୟରଞ୍ଜନ ପ୍ରମୁଖ ସ୍ୱର୍ଣ୍ଣ ପଦକ ହାସଲ କରିଥିବାବେଳେ ଦଧିଚି ରୌପ୍ୟ ପଦକ ହାସଲ କରିଛନ୍ତି। ୫ବର୍ଷରୁ ଆରମ୍ଭ କରି ୮୦ ବର୍ଷ ବୟସ ମଧ୍ୟରେ ୧୮ଟି ବର୍ଗରେ ଇଭେଣ୍ଟ ହୋଇଥିଲା । ୫୦ ମିଟର ଫ୍ରି ଷ୍ଟାଇଲ, ୫୦ ମିଟର ବ୍ରେଷ୍ଟଷ୍ଟ୍ରୋକ, ୫୦ ମିଟର ବ୍ୟାକଷ୍ଟ୍ରୋକ, ୫୦ମିଟର ବଟର ଫ୍ଲାଏ ଆଦି ଇଭେଣ୍ଟରେ ପ୍ରତିଯୋଗୀ ଭାଗ ନେଇଥିଲେ। ୫୦ ମିଟର ଫ୍ରି ଷ୍ଟାଇଲ ଇଭେଣ୍ଟ କେବଳ ୫ବର୍ଷ ବୟସର ବର୍ଗ ପ୍ରତିଯୋଗୀଙ୍କ ସକାଶେ କରାଯାଇଥିଲା । ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ମୁଖ୍ୟଅତିଥି, ଡିଏଫଓ ଡ. ସଞ୍ଜିତ କୁମାର, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଉପକୁଳସଚିବ ଉମାଚରଣ ପତି ସମ୍ମାନୀତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । କ୍ଲବ ଉପଦେଷ୍ଟା ପ୍ରେମରଞ୍ଜନ ପ୍ରଧାନ ସଂଯୋଜନା କରିଥିବାବେଳେ ସଭାପତି ଜୟକୃଷ୍ଣ ପଟେଲ ପରିଚାଳନାରେ ସହଯୋଗ କରିଥିଲେ। ସମ୍ପାଦକ ଜୟନ୍ତ କୁମାର ପାଣ୍ଡେ ସୂଚନା ପ୍ରଦାନ କରିଥିବାବେଳେ ସାଂଗଠାନିକ ସମ୍ପାଦକ ସୁନ୍ଦରମଣୀ ବାରିକ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଉପସଭାପତି ରାଜେଶ ମିଶ୍ର ଓ କୋଷାଧ୍ୟକ୍ଷ ଅନୀଲ ବେରିହା ସହଯୋଗ କରିଥିଲେ । ଜଗବନ୍ଧୁ ବେହେରା, ଲକ୍ଷ୍ମଣ ନାଥ, ରମଣୀରଞ୍ଜନ ସାହୁ, ପଦ୍ମଲୋଚନ ନାୟକ, ସୁରେନ୍ଦ୍ର ନାଏକ, ମନୋଜ ବନଛୋର, କିଶୋର ଲୁହା, ରଙ୍କନିଧି ସେଠ, ଅନନ୍ତ ବେରିହା, ଗଙ୍ଗାଧର ଓରାମ, ଆର୍ତ୍ତତ୍ରାଣ ମାଝୀ, ଆଶୁତୋଷ ନାୟକ, ଈଶ୍ୱର ପ୍ରସାଦ ବାରିକ ଇଭେଣ୍ଟ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ ସ୍ୱର୍ଗତ ଖଟେଶ୍ୱର ପାଣ୍ଡେ ରାଜ୍ୟ ସନ୍ତରଣରେ ଭୀଷ୍ମ ପିତାମହ। ଏଣୁ ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଓଡିଶା ମାଷ୍ଟର୍ସ ସୁଇମର୍ସ କ୍ଲବ ପକ୍ଷରୁ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା।

## ସଂକ୍ଷେପରେ

ରାଜ୍ୟ ର୍ୟାଙ୍କିଙ୍ଗ୍ ଟିଟି ଉଦ୍‌ଯାପିତ

### ଶ୍ୱେତପଦ୍ମାଙ୍କୁ ତ୍ରିମୁକୁଟ

ଭୁବନେଶ୍ୱର, ୧୫।୯(କ୍ରୀଡ଼ା ପ୍ରତିନିଧି): ଖୋର୍ଦ୍ଧା ଜିଲା ଟେବୁଲ ଟେନିସ ଆସୋସିଏଶନ ଆନୁକୂଲ୍ୟରେ ସହିଦ ନଗରସ୍ଥିତ ଇନ୍‌ଡୋର ହଲ୍‌ରେ ୧୪ତମ ରାଜ୍ୟ ର୍ୟାଙ୍କିଙ୍ଗ୍ ଟେବୁଲ ଟେନିସ (ଟିଟି) ଚାମ୍ପିୟନଶିପ୍ ରବିବାର ଉଦ୍‌ଯାପିତ ହୋଇଛି। ଏହାର ମହିଳା ବିଭାଗ, ସବ୍‌ଜୁନିୟର ବାଳିକା ଓ ଜୁନିୟର ବାଳିକାରେ ଚାମ୍ପିୟନ ହୋଇ ଶ୍ୱେତପଦ୍ମା ଦଳାଇ ତ୍ରିମୁକୁଟ ହାସଲ କରିଛନ୍ତି। ପୁରୁଷରେ ଅସିଫ୍ ହକ୍ ଚାମ୍ପିୟନ ହୋଇଛନ୍ତି। ମହିଳା ସିଙ୍ଗଲ୍ସ ଫାଇନାଲରେ ଶ୍ୱେତପଦ୍ମା ୪-୨ରେ ମୟୂରୀ ଚାଟାର୍ଜୀଙ୍କୁ ଏବଂ ପୁରୁଷ ସିଙ୍ଗଲ୍ସରେ ଅସିଫ ୪-୦ରେ ସ୍ନେହମୟ ମଲିକଙ୍କୁ ପରାସ୍ତ କରିଛନ୍ତି। କ୍ୟାଡେଟ ବାଳକ ବିଭାଗରେ ଅନିନ୍ଦ୍ୟ ଅନୁପମ ଦାସ ୩-୧ରେ ଅର୍ଚ୍ଚିତ କୁମାର ବେହେରା, ବାଳିକାରେ ସାଦିକା ସୋଦବର୍ମା ୩-୦ରେ ଉର୍ଜା ବର୍ମା, ସବ୍‌ଜୁନିୟର ବାଳିକାରେ ଶ୍ୱେତପଦ୍ମା ୪-୦ରେ ସୁଶ୍ରୀ ପଟ୍ଟନାୟକ, ବାଳକରେ ଅଙ୍କୁର ବିଶ୍ୱାଳ ୪-୧ରେ ଦ୍ୱାରିକାନାଥ ସ୍ୱାଇଁ, ଜୁନିୟର ବାଳିକାରେ ଶ୍ୱେତପଦ୍ମା ୪-୧ରେ ଯୋଶିତା ଜାମୁଲା, ବାଳକରେ ଅବିନାଶ ତ୍ରିପାଠୀ ୪-୩ରେ ମୋହିତ ବେହୁରେଙ୍କୁ ଏବଂ ଯୁଥ ବାଳକ ସିଙ୍ଗଲ୍ସ ଫାଇନାଲରେ ଏମ.ଈଶ୍ୱର ରାଓ ୪-୧ରେ ଆର୍ଯ୍ୟା ଶଙ୍କର ମହାପ୍ରସାଦଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି। ଖୋର୍ଦ୍ଧାଜିଲା ଟେବିଲ ଟେନିସ ଆସୋସିଏଶନ ସମ୍ପାଦକ ସ୍ମୃତି ରଞ୍ଜନ ଦାସ, ଉପସଭାପତି ପି.କେ. ସାମନ୍ତରାୟ, ବୈଷୟିକ ନିର୍ଦ୍ଦେଶକ ବିଜନ ଦାସ ମହାପାତ୍ର, ଆୟୋଜକ କମିଟି ସମ୍ପାଦକ ଶଶାଙ୍କ ଶେଖର ମହାପାତ୍ର, କୋଷାଧ୍ୟକ୍ଷ ନିରଞ୍ଜନ ସେଠୀ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ବିଜନ ଦାସ ମହାପାତ୍ର, ତପନ ଖା, ଜୀବନ ବଲ୍ଲଭ ସାମଲ ଓ ସୁଜିତ ରୟ ମ୍ୟାଚ ଗୁଡ଼ିକୁ ପରିଚାଳନା କରିଥିଲେ।

### ମେଡିକାଲ ଇମର୍ଜେନ୍ସି: ନ୍ୟୁଜିଲାଣ୍ଡ ଗଲେ ସିନ୍ଧୁଙ୍କ କୋଚ୍

ହାଇଦ୍ରାବାଦ, ୧୫।୯: ଅଲିମ୍ପିକ୍ସ ରୌପ୍ୟ ତଥା ବିଶ୍ୱ ଚାମ୍ପିୟନଶିପ୍ ସ୍ୱର୍ଣ୍ଣ ପଦକ ବିଜୟିନୀ ପି.ଭି. ସିନ୍ଧୁଙ୍କ କୋରିଆ କୋଚ୍ କିମ୍ ଜି ହ୍ୟୁନ୍ ମେଡିକାଲ ଇମର୍ଜେନ୍ସି ନେଇ ନ୍ୟୁଜିଲାଣ୍ଡ ପ୍ରସ୍ଥାନ କରିଛନ୍ତି। ତାଙ୍କ ସ୍ୱାମୀ ଅସୁସ୍ଥ ଥିବାରୁ କିମ୍‌ଙ୍କୁ ହଠାତ ଯିବାକୁ ପଡିଛି। ଆଗାମୀ କିଛି ଦିନ ମଧ୍ୟରେ ଭାରତ ଫେରିବା ନିଶ୍ଚିତ ନୁହଁ ବୋଲି କିମ୍ କହିଛନ୍ତି। ତେବେ ସେ ଖୁବ୍ ଶୀଘ୍ର ଦଳରେ ଯୋଗ ଦେବେ ବୋଲି ଭାରତୀୟ ଦଳ ମୁଖ୍ୟ କୋଚ୍ ପୁଲେଲା ଗୋପୀଚାନ୍ଦ କହିଛନ୍ତି।

### ରେକର୍ଡ ୭ମ ଥର ଲାଗି ବ୍ରଡ୍‌ଙ୍କ ଶିକାର ହେଲେ ୱାର୍ନର



ଲଣ୍ଡନ, ୧୫।୯: ଅଷ୍ଟ୍ରେଲିଆ ଓପନର୍ ଡେଭିଡ୍ ୱାର୍ନର ଚଳିତ ଆଶେସ ସିରିଜକୁ ନୈରାଶ୍ୟଜନକ ଭାବେ ଶେଷ କରିଛନ୍ତି। ଏଠାରେ ଚାଲିଥିବା ଅନ୍ତିମ ତଥା ୫ମ ମ୍ୟାଚ୍‌ର ୨ୟ ଇନିଂସରେ ମଧ ୱାର୍ନର ବ୍ୟାଟିଂରେ ଫେଲ୍ ମାରିଥିଲେ। ଘରୋଇ ଇଂଲଣ୍ଡ ପକ୍ଷରୁ ଧାର୍ଯ୍ୟ ୩୯୯ ରନର ଚ୍ୟାଲେଞ୍ଜିଂପୂର୍ଣ୍ଣ ଲକ୍ଷ୍ୟକୁ ପିଛା କରୁଥିବାବେଳେ ଷ୍ଟୁଆର୍ଟ ବ୍ରଡ୍ ନୂଆ ବଲରେ ପ୍ରାରମ୍ଭରୁ ଅଷ୍ଟ୍ରେଲିଆକୁ ଡବଲ୍ ଝଟ୍‌କା ଦେଇଥିଲେ। ବ୍ରଡ୍ ତାଙ୍କ ଲଗାତର ୨ ଓଭରରେ ଯଥାକ୍ରମେ ଦୁଇ ଓପନର୍ ମାର୍କସ ହାରିସ (୯ ରନ) ଓ ୱାର୍ନର (୧୧)ଙ୍କୁ ଆଉଟ୍ କରିଥିଲେ। ୫ମ ଓଭର ଶେଷ ବଲରେ ହାରିସଙ୍କୁ କ୍ଲିନ ବୋଲ୍ଡ କରିଥିବାବେଳେ ୭ମ ଓଭର ୪ର୍ଥ ବଲରେ ୱାର୍ନରଙ୍କୁ ସ୍ଲିପରେ କ୍ୟାଚ୍ କରାଇ ଦେଇଥିଲେ। ଏଥିସହ ଚଳିତ ୫ ମ୍ୟାଚ୍‌ବିଶିଷ୍ଟ ଆଶେସ ସିରିଜରେ ରେକର୍ଡ ୭ମ ଥର ଲାଗି ବ୍ରଡ୍‌ଙ୍କ ଶିକାର ହୋଇଛନ୍ତି ୱାର୍ନର। ମୋଟ୍ ଉପରେ ଟେଷ୍ଟ କ୍ରିକେଟ୍‌ରେ ୧୩ଥର ଲାଗି ୱାର୍ନରଙ୍କୁ ବ୍ରଡ୍ ଆଉଟ୍ କରିବାରେ ସଫଳ ହୋଇଛନ୍ତି। କିନ୍ତୁ ଗୋଟିଏ ସିରିଜରେ ଜଣେ ବ୍ୟାଟ୍ସମ୍ୟାନ ସମାନ ବୋଲରଙ୍କ ଦ୍ୱାରା ୭ଥର ଆଉଟ୍ ହେବାରେ ବିଶ୍ୱରେ ଏହା ୬ଷ୍ଠ ଘଟଣା।

---



“ଗ୍ରୀଷ୍ମଋତୁରେ ପାକିସ୍ତାନ ଓ ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳାଯିବାକୁଥିବା ଟେଷ୍ଟ ସିରିଜରେ ଟିମ୍ ପେନ୍ ଅଧିନାୟକତ୍ୱ ଜାରି ରଖିବା ଉଚିତ୍।
–ରିକି ପଣ୍ଟିଂ, ପୂର୍ବତନ ଅଧିନାୟକ



“ମୁଁ ଏପର୍ଯ୍ୟନ୍ତ ବାପାଙ୍କଠାରୁ ଅଧିକ ଦୟାଳୁ ବ୍ୟକ୍ତି ଦେଖିନାହିଁ। ମୋ ସଫଳତା ପଛରେ ତାଙ୍କର ବିଶେଷ ଭୂମିକା ରହିଛି।
– ମାଇକେଲ ଓଏନ, ପୂର୍ବତନ ଫୁଟ୍‌ବଲର

# ଇଂଲଣ୍ଡ ୧୩୫ ରନରେ ବିଜୟୀ

ଲଣ୍ଡନ, ୧୫।୯

କେନିଂଟନ ଓଭାଲ ଗ୍ରାଉଣ୍ଡରେ ଚାଲିଥିବା ୫ମ ତଥା ଅନ୍ତିମ ଆଶେସ କ୍ରିକେଟ ଟେଷ୍ଟରେ ଇଂଲଣ୍ଡ ୧୩୫ ରନରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି। ୩୯୯ ରନ ବିଜୟ ଲକ୍ଷ୍ୟର ପିଛା କରିଥିବା ଅଷ୍ଟ୍ରେଲିଆ ରବିବାର ୪ର୍ଥ ଦିବସରେ ମାଥ୍ୟୁ ୱାଡେଙ୍କ ଶତକ ସତ୍ତ୍ୱେ ଦ୍ୱିତୀୟ ଇନିଂସରେ ୨୬୩ ରନ କରି ଆଉଆଉଟ ହୋଇ ଯାଇଛି। ଫଳରେ ୫ ମାଚ ବିଶିଷ୍ଟ ଆଶେସ ସିରିଜ ୨-୨ସ୍ଥିତିରେ ଶେଷ ହୋଇଛି। ଗୋଟିଏ ଟେଷ୍ଟ ଅମୀମାଂସିତଭାବେ ଶେଷ ହୋଇଥିଲା।

ତୃତୀୟ ଦିବସର ଅସମାପ୍ତ ସ୍କୋର ୩୧୩/୮ରୁ ଖେଳ ଆରମ୍ଭ କରି ଇଂଲଣ୍ଡ ଦ୍ୱିତୀୟ ଇନିଂସରେ ୩୨୯ ରନ କରି ଅଲଆଉଟ ହୋଇ ଯାଇଥିଲା। ଅର୍ଥାତ୍ ଦଳ ୧୬ ରନ ଯୋଗକରି ଅବଶିଷ୍ଟ ୨ଟି ଉଇକେଟ ହରାଇଥିଲା। ପୂର୍ବ ଦିନ ଅପରାଜିତ ଥିବା ଦୁଇ ବ୍ୟାଟ୍ସମ୍ୟାନ ଜୋଫ୍ରା ଆର୍ଚର ୩ ଓ ଜ୍ୟାକ ଲିଚ୍ ୯ ରନ କରି ଆଉଟ ହୋଇଥିଲେ। ପ୍ୟାଟ୍ କୁମିନ୍ସ ଓ ନାଥାନ ଲିୟନ ଏହି ଉଇକେଟ ୨ଟି ପାଇଥିଲେ। ୪ର୍ଥ ଇନିଂସରେ କଷ୍ଟସାଧ ବିଜୟ ଲକ୍ଷ୍ୟର ପିଛା କରିଥିବା ଅଷ୍ଟ୍ରେଲିଆର ଆରମ୍ଭ ଭଲ ହୋଇ ନ ଥିଲା। ଇଂଲଣ୍ଡର ଷ୍ଟୁଆର୍ଟ ବ୍ରଡ୍ ଚମତ୍କାର ବୋଲିଂ କରି ମାତ୍ର ୨୯ ରନ ମଧ୍ୟରେ ଅଷ୍ଟ୍ରେଲିଆର ଦୁଇ ଓପନରଙ୍କୁ ପ୍ୟାଭିଲିୟନ ପଠାଇ ଦେଇଥିଲେ। ମାର୍କୁସ ହାରିସ ୯ ଓ ଡେଭିଡ ୱାର୍ନର ୧୧ ରନ କରିବାକୁ ସକ୍ଷମ ହୋଇଥିଲେ। ଫର୍ମରେ ଥିବା ଦୁଇ ବ୍ୟାଟ୍ସମ୍ୟାନ ମାର୍ନୁସ ଲାବୁସ୍କାନ ୧୪ ଓ ଷ୍ଟିଭେନ ସ୍ମିଥ ୨୩ ରନ କରି ଆଉଟ ହେବାରୁ ଅଷ୍ଟ୍ରେଲିଆ ବ୍ୟାକ୍‌ଫୁଟକୁ ଚାଲି ଯାଇଥିଲା। ମିଡଲ ଅର୍ଡରରେ ମାଥ୍ୟୁ ୱାଡେ ଶତକ ହାସଲ କରି ଇନିଂସ ସମ୍ଭାଳିଥିଲେ ହେଁ ମିଚେଲ ମାର୍ଶ ୨୪ ଓ ଟିମ୍ ପେନ୍ ୨୧ ରନ କରି ଆଉଟ ହେବାରୁ ଅଷ୍ଟ୍ରେଲିଆ ପରାଜୟ ଆଡ଼କୁ ମୁହାଁଇଥିଲା। ୱାଡେ ଏଠାରେ ହାସଲ କରିଥିଲେ କ୍ୟାରିୟରର ୪ର୍ଥ ଟେଷ୍ଟ ଶତକ। ୧୪୭ ବଲ୍‌ର ସମ୍ମୁଖୀନ ହୋଇ ସେ ୧୫ ଚୌକା ଓ ୧ ଛକା ସହାୟତାରେ ଶତକ ପୂରଣ କରିଥିଲେ। ତାଙ୍କୁ ଉପଯୁକ୍ତ ସହାୟତା ଦେଇ ପ୍ୟାଟ୍ କୁମିନ୍ସ ମାତ୍ର ୯ ରନ କରିଥିଲେ ହେଁ ୪୧ଟି ବଲ୍ ଖେଳି ଇଂଲଣ୍ଡ ବୋଲରଙ୍କୁ ନିରାଶ କରିଥିଲେ। ୱାଡେ ୧୧୭ ରନ କରି ଜୋ ରୁଟ୍‌ଙ୍କ ଶିକାର ହୋଇଥିଲେ। ଇଂଲଣ୍ଡ ପକ୍ଷରୁ ଷ୍ଟୁଆର୍ଟ ବ୍ରଡ୍ ଓ ଜ୍ୟାକ ଲିଚ୍ ୪ଟି ଲେଖାଏ ଏବଂ ଜୋ ରୁଟ୍ ୨ଟି ଉଇକେଟ ନେଇଥିଲେ।



ଉଇକେଟ ହାସଲ ପରେ ଉଲ୍ଲସିତ ଷ୍ଟୁଆର୍ଟ ବ୍ରଡ୍।

**ପଞ୍ଚମ ଆଶେସ ଟେଷ୍ଟ**

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ପ୍ରଥମ ଇନିଂସ: ୨୯୪। ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୨୨୫। ଇଂଲଣ୍ଡ ଦ୍ୱିତୀୟ ଇନିଂସ: ୩୨୯/ଅଲଆଉଟ(ଜୋ ଡେନ୍‌ଲି-୯୪, ବେନ୍ ଷ୍ଟୋକ୍ସ-୬୭, ଜୋସ ବଟଲର-୪୭, ନାଥାନ ଲିୟନ-୪/୬୯, ପ୍ୟାଟ୍ କୁମିନ୍ସ-୨/୬୭, ପିଟର ସିଡ୍‌ଡେ-୨/୫୨, ମିଚେଲ ମାର୍ଶ-୨/୪୦)। ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ: ୨୬୩/ଅଲଆଉଟ(ୱାଡେ-୧୧୭, ବ୍ରଡ୍-୪/୬୨, ଲିଚ୍-୪/୪୯, ରୁଟ୍-୨/୨୬)।

### ଭାଙ୍ଗିଲେ ୬୧ ବର୍ଷର ରେକର୍ଡ

ଲଣ୍ଡନ, ୧୫।୯: ଚଳିତ ୫ ମ୍ୟାଚ୍‌ବିଶିଷ୍ଟ ଆଶେସ ସିରିଜରେ ବ୍ୟାଟିଂରେ ସମ୍ପୂର୍ଣ୍ଣ ଭାବେ ବିଫଳ ହୋଇଥିବା ୱାର୍ନର ମୋଟ୍ ୧୦ ଇନିଂସରୁ ୯୫ ରନ୍ ସଂଗ୍ରହ କରିଛନ୍ତି। ଯେଉଁଥିରେ ୬୫ ରନର ଏକ ଅର୍ଦ୍ଧଶତକୀୟ ଇନିଂସ ସାମିଲ ରହିଛି। ଇନିଂସ ପିଛା ତାଙ୍କ ଆଭରେଜ ୯.୫ ରହିଛି। ଫଳରେ ୫ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜରେ ଓପନର୍ ଭାବେ ସବୁଠାରୁ ଖରାପ୍ ଆଭରେଜ ୱାର୍ନରଙ୍କ ନାମରେ ଲିପିବଦ୍ଧ ହୋଇଛି। ଏହିକ୍ରମରେ ୱାର୍ନର ୬୧ ବର୍ଷର ଏକ ପୁରୁଣା ରେକର୍ଡକୁ ଭାଙ୍ଗିଛନ୍ତି। ୧୯୫୮ରେ ନ୍ୟୁଜିଲାଣ୍ଡ ଓପନର୍ ଜନ୍ ଡି ଆର୍ସି ୫ ମ୍ୟାଚ୍ ବିଶିଷ୍ଟ ସିରିଜରେ ୧୩୬ ରନ କରି ଏକ ଅଲୋଡ଼ା ରେକର୍ଡର ଅଧିକାରୀ ରହିଥିଲେ।

# ଭାରତ-ଦକ୍ଷିଣ ଆଫ୍ରିକା ଟି୨୦ ମ୍ୟାଚ ବାତିଲ

ଧର୍ମଶାଳା, ୧୫।୯ (ପି.ଟି.)

ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ରବିବାର ଖେଳାଯିବାକୁଥିବା ପ୍ରଥମ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ମ୍ୟାଚ୍‌କୁ ବାତିଲ କରିଦିଆଯାଇଛି। ପ୍ରବଳ ବର୍ଷା ଯୋଗୁ ଖେଳ ଆରମ୍ଭ ସମ୍ଭବପର ନ ଥିଲା। ମ୍ୟାଚ ଦେଖିବା ଲାଗି ଆସିଥିବା ଦର୍ଶକଙ୍କୁ ଏହା ନିରାଶ କରିଥିଲା। ଅପରାହ୍ନରେ ଘଡ଼ଘଡ଼ି ସହ ବର୍ଷା ହେବା ପରେ ମ୍ୟାଚ ଖେଳାଯିବା ନେଇ ସନ୍ଦେହ ଦେଖାଦେଇଥିଲା। ଏହାସତ୍ତ୍ୱେ ପାଗରେ ପରବର୍ତ୍ତନ ଘଟିଲେ ଏପରିକି ମ୍ୟାଚକୁ ୫ ଓଭର ବିଶିଷ୍ଟ କରିବା ଲାଗି ଚିନ୍ତା କରାଯାଇଥିଲା। ହିମାଚଳ ପ୍ରଦେଶ କ୍ରିକେଟ ଆସୋସିଏଶନ (ଏଚ୍‌ପିସିଏ) ଷ୍ଟାଡିୟମ ଗ୍ରାଉଣ୍ଡ ଷ୍ଟାଫ୍‌ଙ୍କ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି କରାଯାଇଥିଲା। ମାତ୍ର ତାହା ବୃଥାରେ ପରିଣତ ହୋଇଥିଲା। ମ୍ୟାଚ ଦେଖିବାକୁ ଲାଗି ଆଖପାଖ ଜିଲା ସମେତ ଚଣ୍ଡିଗଡ଼ ଏବଂ ଦିଲ୍ଲୀରୁ ବହୁ କ୍ରିକେଟ ପ୍ରେମୀ ଆସିଥିଲେ। ସେମାନେ ବିଶେଷ କ୍ଷତିଗ୍ରସ୍ତ ହୋଇଥିଲେ। ଷ୍ଟାଡିୟମର ଅଧିକାଂଶ ଷ୍ଟାଣ୍ଡ ଉପରିଭାଗରେ କୌଣସି ଛାତ ନ ଥିବାରୁ ବର୍ଷାରୁ ନିଜକୁ ବଞ୍ଚାଇବା ଲାଗି କିଛି ଦର୍ଶକ ଷ୍ଟାଡିୟମ ଭିତରକୁ ଚାଲିଯାଇଥିଲେ। ସେଠାରେ ରଖାଯାଇଥିବା ଅସ୍ଥାୟୀ ହୋର୍ଡିଂକୁ ସେମାନେ ସାମୟିକ 'ଛତା' ରୂପେ ବ୍ୟବହାର କରିଥିଲେ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ଆଜିକାଲି ସମସ୍ତ ମ୍ୟାଚର ବୀମା କରାଉଛନ୍ତି। ତେଣୁ ଏଚପିସିଏ ଆର୍ଥିକ କ୍ଷତିଗ୍ରସ୍ତ ହେବ ନାହିଁ। ଯେହେତୁ ମ୍ୟାଚର ଟସ୍ ପଡ଼ିନାହିଁ ଦର୍ଶକମାନେ ଟିକେଟ ମୂଲ୍ୟ ଫେରିପାଇବେ। ଦ୍ୱିତୀୟ ଅନ୍ତର୍ଜାତୀୟ ଟି୨୦ ମୋହାଲିଠାରେ ବୁଧବାର ଖେଳାଯିବ। ତୃତୀୟ ତଥା ଅନ୍ତିମ ମ୍ୟାଚ ସେପ୍ଟେମ୍ବର ୨୨ରେ ବେଙ୍ଗାଲୁରୁରେ ଖେଳାଯିବ।



ହିମାଚଳ ପ୍ରଦେଶ କ୍ରିକେଟ ଆସୋସିଏଶନ ଷ୍ଟାଡିୟମ।

# ଓଡ଼ିଶା ଏଫ୍‌ସି ଲୋଗୋ ଉନ୍ମୋଚିତ

ଭୁବନେଶ୍ୱର, ୧୫।୯ (ସ୍ପୋର୍ଟ୍ସ ବ୍ୟୁରୋ)

ଇଣ୍ଡିଆନ୍ ସୁପର୍ ଲିଗ୍ (ଆଇଏସ୍‌ଏଲ୍)ର ନୂତନ ଫ୍ରାଞ୍ଚାଇଜ୍ ଓଡ଼ିଶା ଏଫ୍‌ସି ରବିବାର ଏହାର ଅଫିସିଆଲ ଲୋଗୋ ଉନ୍ମୋଚନ କରିଛି। ଗତ ମାସରେ ଓଡ଼ିଶା ସରକାର ଓ ଦିଲ୍ଲୀ ସ୍କୋରର ପ୍ରାଇଭେଟ୍ ଲିମିଟେଡ୍ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହେବାପରେ ଓଡ଼ିଶା ଏଫ୍‌ସି କ୍ଲବ ସୃଷ୍ଟି ହୋଇଥିଲା। ଓଡ଼ିଶା ଏଫ୍‌ସି ଲୋଗୋରେ ରାଜ୍ୟର ଐତିହ୍ୟ କୀର୍ତ୍ତିରାଜି ଓ ସଂସ୍କୃତିର ଚିତ୍ର ଦେଖିବାକୁ ମିଳିଛି। ଏଥିସହ ମୂଳ କମ୍ପାନୀର ଲକ୍ଷ୍ୟ ଓ ବିଚାରଧାରା ପ୍ରତୀୟମାନ ହେଉଛି। ଓଡ଼ିଶା ଏଫ୍‌ସି ଲୋଗୋରେ ପ୍ରସିଦ୍ଧ କୋଣାର୍କ ସୂର୍ଯ୍ୟ ମନ୍ଦିରର ଚକ୍ର ସ୍ଥାନ ପାଇଛି। କୋଣାର୍କ ମନ୍ଦିରକୁ ରଥ ଭାବେ ନିର୍ମିତ କରାଯାଇଥିବାବେଳେ ଏହି ୨୪ ଚକ୍ର ଏହାର ଚକା ସଦୃଶ। ଲୋଗୋରେ ଏହାର ଉପସ୍ଥିତି ଆନ୍ଦୋଳନ ଓ ବିକାଶର ପ୍ରତିନିଧିତ୍ୱ କରୁଛି। କ୍ଲବ ସର୍ବଦା ଉତ୍କୃଷ୍ଟତା ପାଇଁ ପ୍ରୟାସ କରୁଛି ଏବଂ ଯୁବ ଶକ୍ତି ଉପରେ ବିଶ୍ୱାସ କରୁଥିବାରୁ ଏହି ପ୍ରକାର ଚକ ଲୋଗୋରେ ସ୍ଥାନିତ ହୋଇଛି। ଏହି ଲୋଗୋରେ ମଧ୍ୟ ଏକ ଜାହାଜର ଚିତ୍ର ରହିଛି, ଯାହା ମୂଳ କମ୍ପାନୀ ଜିଏମ୍‌ଏସ୍'ର ପ୍ରତିନିଧିତ୍ୱ କରୁଛି। ଜିଏମ୍‌ଏସ୍ ବିଶ୍ୱରେ ଜାହାଜ ଓ ବିଦେଶୀ ସମ୍ପତ୍ତି କାରବାରର ଏକ ପ୍ରମୁଖ କମ୍ପାନୀ। 'ଓଡ଼ିଶା ଜନସାଧାରଣଙ୍କ ସହ ଯୋଡ଼ି ହେବା ଲାଗି ଲୋଗୋ ଉନ୍ମୋଚନ ପ୍ରଥମ ପଦକ୍ଷେପ। ଏହା ବହୁତ ଜୀବନ୍ତ ଓ ରଙ୍ଗିନ ରାଜ୍ୟ, ଯାହାକୁ ଲୋଗୋ ପ୍ରତିନିଧିତ୍ୱ କରୁଛି। ସେହିଭଳି ଲୋଗୋରେ ସ୍ଥାନ ପାଇଥିବା ଚକ୍ର ଓଡ଼ିଶାର ସମୃଦ୍ଧ ପରମ୍ପରା ଓ ସଂସ୍କୃତିକୁ ପ୍ରତିଫଳନ କରୁଛି' ବୋଲି କ୍ଲବର ନିର୍ଦ୍ଦେଶକ ରୋହନ ଶର୍ମା ଏହି ଅବସରରେ କହିଛନ୍ତି। ସେହିଭଳି ଲୋଗୋ ଉନ୍ମୋଚନ ଅବସରରେ ଅଫିସିଆଲ ଟ୍ୟାଗ୍ ଲାଇନ୍ '#ଆମଟିମ୍‌ଆମଗେମ୍' କୁ ମଧ୍ୟ କ୍ଲବ ଗ୍ରହଣ କରିଛି। ଫଳରେ ଓଡ଼ିଶା ଏଫ୍‌ସି କ୍ଲବ ଏବେ ସୋସିଆଲ ମିଡିଆ ଫେସବୁକ୍, ଇନ୍‌ଷ୍ଟାଗ୍ରାମ ଓ ଟୁଇଟର୍‌ରେ ଉପଲବ୍ଧ ହୋଇଛି। ଭାରତୀୟ ଫୁଟ୍‌ବଲରେ ବୈପ୍ଲବିକ ପରିବର୍ତ୍ତନ ଆଣିଥିବା ଆଇଏସ୍‌ଏଲ୍‌ର ୬ଷ୍ଠ ସଂସ୍କରଣ ଅକ୍ଟୋବର ୨୦ ତାରିଖରୁ ଆରମ୍ଭ ହେବ। ଓଡ଼ିଶା ଏଫ୍‌ସି ଏହାର ପ୍ରଥମ ମ୍ୟାଚ୍ ନଭେମ୍ବର ୨୪ରେ କଳିଙ୍ଗ ଷ୍ଟାଡିୟମରେ ଖେଳିବାର କାର୍ଯ୍ୟସୂଚୀ ରହିଛି।

# ବସ୍ କଣ୍ଡକ୍ଟରଙ୍କ ପୁଅ ଏସିଆ କପ୍ ହିରୋ

ନୂଆଦିଲ୍ଲୀ, ୧୫।୯(ପିଟି)

୧୯ ବର୍ଷରୁ କମ୍ ଏସିଆ କପ୍ ଫାଇନାଲ ଦେଖିବା ଲାଗି ମୁମ୍ବାଇରେ ବସ୍ କଣ୍ଡକ୍ଟର ଭାବେ କାର୍ଯ୍ୟ କରୁଥିବା ବୈଦେହୀ ଅଙ୍କୋଲେକର ଶନିବାର ଛୁଟି ନେଇଥିଲେ। କିନ୍ତୁ ତାଙ୍କ ଘରେ ଥିବା କେବୁଲରେ ଖେଳ ଚ୍ୟାନେଲ ନ ଥିଲା, ଯାହା ତାଙ୍କୁ ପୁଅ ଅଥର୍ବଙ୍କ ପ୍ରଦର୍ଶନ ଦେଖିବାକୁ ରୋକିପାରି ନ ଥିଲା। ନିକଟରେ ରହୁଥିବା ଦିଅର ଘରେ ଖେଳ ଦେଖି ପୁଅର ଭଲ ପ୍ରଦର୍ଶନ ପାଇଁ ପ୍ରାର୍ଥନା କରିଥିଲେ। ଅବଶ୍ୟ ତାଙ୍କ ପ୍ରାର୍ଥନା ବେକାର ଯାଇ ନ ଥିଲା। ଅଥର୍ବ ବିନୋଦ ଅଙ୍କୋଲେକରଙ୍କ ୫ ଉଇକେଟ ସହାୟତାରେ ବାଂଲାଦେଶକୁ ହରାଇ ୧୯ ବର୍ଷରୁ କମ୍ ଭାରତୀୟ ଦଳ ଏସିଆ କପ୍ ଜିତିଥିଲା। ୧୦୭ ରନ୍‌ର ଟାର୍ଗେଟକୁ ପିଛା କରୁଥିବା ବାଂଲାଦେଶ ୧୦୧ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ୧୮ ବର୍ଷୀୟ ବାମହାତୀ ସ୍ପିନର ଅଙ୍କୋଲେକର ୮ ଓଭର ବୋଲିଂ କରି ୨୮ ରନ୍ ବ୍ୟୟରେ ୫ ଉଇକେଟ ନେଇ ଚାମ୍ପିୟନ ଭାରତୀୟ ଦଳ ପାଇଁ ହିରୋ ସାଜିଥିଲେ। ଫଳରେ ତାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ମଧ୍ୟ ମିଳିଥିଲା ଏବଂ ସେ ଟୁର୍ନାମେଣ୍ଟରେ ସର୍ବାଧିକ ୧୨ଟି ଉଇକେଟ ନେଇଥିଲେ। ମୁମ୍ବାଇ ଫେରିବା ପରେ ଭାବବିହ୍ୱଳ ମା' ବୈଦେହୀ କହିଥିଲେ ଯେ, ତାଙ୍କ ବାପା ଏହା ଦେଖିବାକୁ ଥାନ୍ତେ କି। ଏହାଦ୍ୱାରା ସେ ତାଙ୍କ ବାପା ଓ ସଭିଙ୍କୁ ଗର୍ବିତ କରିଛନ୍ତି। ପୁଅକୁ କ୍ରିକେଟର କରାଇବାର ସ୍ୱପ୍ନ ଦେଖିଥିବା ବାପା ୨୦୧୦ରେ ମ୍ୟାଲେରିଆରେ ପୀଡ଼ିତ ହୋଇ ପ୍ରାଣ ହରାଇଥିଲେ। ସେତେବେଳେ ଅଥର୍ବଙ୍କୁ ୧୦ ବର୍ଷ ହୋଇଥିଲା। ବାପାଙ୍କ ମୃତ୍ୟୁ ପରେ ବସ୍ କଣ୍ଡକ୍ଟର ଚାକିରି ତାଙ୍କ ମା ବୈଦେହୀଙ୍କୁ ମିଳିଥିଲା। ସ୍ୱାମୀଙ୍କ ମୃତ୍ୟୁ ପରେ ମଧ୍ୟ ପୁଅ ଅଥର୍ବଙ୍କୁ କ୍ରିକେଟର ହେବାକୁ ପ୍ରୋତ୍ସାହିତ କରିଥିଲେ ମା'।



ଅଥର୍ବ ଅଙ୍କୋଲେକର



ବୈଦେହୀ ଅଙ୍କୋଲେକର

# ଚୟନକର୍ତ୍ତାଙ୍କୁ ନ ଡ଼ାକି ସାରିଦେଲେ ଚୟନ ପ୍ରକ୍ରିୟା




**୧୯ବର୍ଷରୁ କମ୍ ରାଜ୍ୟ କ୍ରିକେଟ**

କଟକ ଅଫିସ,୧୫।୯

୧୯ବର୍ଷରୁ କମ୍ ରାଜ୍ୟ ବାଳକ କ୍ରିକେଟ ଦଳର ଚୟନପ୍ରକ୍ରିୟା ସରିଗଲା ପଛେ ଚୟନକର୍ତ୍ତାଙ୍କୁ ଖୋଜା ପଡ଼ିଲାନି। ଚୟନ ପ୍ରକ୍ରିୟା ନେଇ ଥରେ ଫୋନ୍ କି ମେସେଜ ମଧ୍ୟ ଦିଆଗଲାନି। ଏଭଳି ସ୍ଥିତିରେ ପହଞ୍ଚିଲାଣି ରାଜ୍ୟ କ୍ରିକେଟର ସ୍ଥିତି। ରାଜ୍ୟ ଜୁନିୟର ଚୟନ କମିଟିର ଦୁଇ ଜଣ ଚୟନକର୍ତ୍ତାଙ୍କ ଅନୁପସ୍ଥିତିରେ ସମସ୍ତ କାର୍ଯ୍ୟ ଶେଷ ହୋଇଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। କମିଟିରେ ଅଧ୍ୟକ୍ଷଙ୍କୁ ମିଶାଇ ମୋଟ ୬ ଜଣ ସଦସ୍ୟ ଅଛନ୍ତି। ଜୁନିୟର ଦଳର ଚୟନ ପ୍ରକ୍ରିୟାରେ ବିପୁଳ ଅର୍ଥ କାରବାର ହେଉଥିବା ପୂର୍ବରୁ ଅଭିଯୋଗ ଅଛି। ଜଣେ ଚୟନକର୍ତ୍ତା ଏ ସମ୍ପର୍କରେ ସୋସିଆଲ ମିଡ଼ିଆରେ ମଧ୍ୟ ପୋଷ୍ଟ ମଧ୍ୟ କରିଥିଲେ। ଓସିଏ କର୍ମଚାରୀମାନେ ନିଜର ଏପରି ମନ୍ଦ ଉଦ୍ଦେଶ୍ୟରୁ ଦୂରେଇ ରଖିବା ପାଇଁ ଏହି ଦୁଇ ଚୟନକର୍ତ୍ତାଙ୍କୁ ଚୟନପ୍ରକ୍ରିୟାକୁ ଡକାଯାଇ ନ ଥିବା କେତେଜଣ ପୂର୍ବତନ କ୍ରୀଡ଼ାବିତ କହିଛନ୍ତି ।

ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ଦ୍ୱାରା ଗତ ୧୦ ତାରିଖରୁ କଟକର ୨ଟି ଗ୍ରାଉଣ୍ଡରେ ଆରମ୍ଭ ହୋଇଥିବା ୧୯ ବର୍ଷରୁ କମ ରାଜ୍ୟ ବାଳକ କ୍ରିକେଟ ଦଳର ଚୟନପ୍ରକ୍ରିୟା ଶନିବାର ଶେଷ ହୋଇଛି। ବିଡ଼ାନାସୀ ଓ ବୋଷ ଗ୍ରାଉଣ୍ଡରେ ମୋଟ ୩ଟି ଟ୍ରାଏଲ ମ୍ୟାଚ୍ ଖେଳାଯାଇଥିଲା। ୧୧ ଓ ୧୨ ତାରିଖରେ ବର୍ଷା ହେବା ଯୋଗୁଁ ଏହାକୁ ଦୁଇ ଦିନ ଘୁଞ୍ଚାଯାଇଥିଲା। ପ୍ରଥମେ ରାଜ୍ୟରୁ ମୋଟ ୬୨ଜଣ ଖେଳାଳିଙ୍କ ନାମ ଏହି ଶିବିର ନିମନ୍ତେ ସ୍ଥିର କରିଥିଲା ଓସିଏ । ପରେ ୮୦ ଓ ଏହା ପରେ ୧୦୦ଟପିଥିଲା ଶିବିରରେ ଯୋଗଦେଇ ଥିବା ଖେଳାଳିଙ୍କ ସଂଖ୍ୟା । କେଉଁ ଜିଲାରୁ କେତେଜଣ ଲେଖାଏ ଖେଳାଳି ପଠାଯିବେ ସେନେଇ ଯେଉଁ ନିୟମ କରିଥିଲା ଓସିଏ ତାହାକୁ ପରବର୍ତ୍ତୀ ସମୟରେ ଖୋଲାଖୋଲି ଭାଙ୍ଗି ଦିଆଯାଇଥିଲା। ଓଦା ଗ୍ରାଉଣ୍ଡରେ ୧୦୦ଖେଳାଳିଙ୍କୁ ନେଇ ମାତ୍ର ୩ଟି ଟ୍ରାଏଲ ମ୍ୟାଚ୍‌ରେ ଓସିଏର ଏହି ଚୟନପ୍ରକ୍ରିୟା ଶେଷ ହୋଇଗଲା। ଆଉ କିଛି ଦିନ ପରେ ଚୂଡ଼ାନ୍ତ ଖେଳାଳି ତାଲିକା ପ୍ରକାଶ କରାଯିବ। ହେଲେ ଖେଳାଳି ଚୟନପ୍ରକ୍ରିୟାରେ ଅନେକ ଜାଲିଆତି ହୋଇଛି ଏବେ ଅଭିଯୋଗ ଉଠିଲାଣି। ଯେଉଁ ଦୁଇ ଜଣ ଚୟନକର୍ତ୍ତାଙ୍କୁ ଡକାଗଲାନି ସେମାନେ ଦୀର୍ଘବର୍ଷ ଧରି ରାଜ୍ୟ ଜୁନିୟର ଚୟନ କମିଟିରେ ଅଛନ୍ତି। ହେଲେ ଦୁଇ ଚୟନକର୍ତ୍ତାଙ୍କୁ କାହିଁକି ଡକାଗଲାନି ସେ ସମ୍ପର୍କରେ କୌଣସି ସ୍ପଷ୍ଟ ଉତ୍ତର ଦେଉନାହାନ୍ତି ଓସିଏର ଅଧିକାରୀମାନେ। ବିଗତ ବର୍ଷ ଗୁଡ଼ିକରେ ରାଜ୍ୟ ଜୁନିୟର କ୍ରିକେଟ ଦଳର ପ୍ରଦର୍ଶନ ଅତ୍ୟନ୍ତ ଶୋଚନୀୟ ରହିଛି।

ସୂଚନାଥାଉକି, ଗତ ଅଗଷ୍ଟ ୨୪ରେ ରାଜ୍ୟ ଜୁନିୟର ଚୟନ କମିଟିର ଜଣେ ସଦସ୍ୟ ସୋସିଆଲ ମିଡ଼ିଆରେ ଏକ ପୋଷ୍ଟ କରିଥିଲେ। ଯେଉଁଥିରେ ସେ ଚୟନ ପ୍ରକ୍ରିୟାରେ ଅର୍ଥ କାରବାର ହେଉଛି ବୋଲି ଉଲ୍ଲେଖ କରିବା ସହ ଏଥିରେ ଓସିଏର ଅନେକ ଅଧିକାରୀ ସାମିଲ ବୋଲି ଖୋଲାଖୋଲି ଭାବେ ପ୍ରକାଶ କରିଥିଲେ। ଫୋନ୍ କଲରେ ଟଙ୍କା ଯଚାହେଉଛିବୋଲିଏହିସଦସ୍ୟଜଣଙ୍କ ସୂଚନା ମଧ୍ୟ ଦେଇଥିଲେ।

### କଟକ, ଆରଏସ୍‌ପିର ବୃହତ୍ ବିଜୟ

କଟକ ଅଫିସ,୧୫।୯

ବାରବାଟୀ ଷ୍ଟାଡିୟମରେ ଚାଲିଥିବା ୧୭ତମ ନାଲକୋ କପ୍ ରାଜ୍ୟ ହକି ଚାମ୍ପିୟନଶିପରେ ରବିବାର ୫ଟି ମ୍ୟାଚ୍ ଖେଳାଯାଇଛି । କଟକ ଓ ଆରଏସ୍‌ପି ଦଳ ବୃହତ୍ ଗୋଲ ବ୍ୟବଧାନରେ ବିଜୟୀ ହୋଇଛନ୍ତି । କଟକ ୭-୦ ଗୋଲରେ ଢେଙ୍କାନାଳକୁ ପରାସ୍ତ କରିଥିଲା । ପ୍ରଥମ କ୍ୱାର୍ଟରରେ ଗୋଟିଏ ଓ ଦ୍ୱିତୀୟ କ୍ୱାର୍ଟରରେ ୨ଟି ଗୋଲ ସ୍କୋର କରିଥିବା କଟକ ୪ର୍ଥ କ୍ୱାର୍ଟରରେ ୪ଟି ଗୋଲ ଦେଇ ସହଜ ବିଜୟ ହାସଲ କରିଥିଲା। ଆରଏସ୍‌ପି ମଧ୍ୟ ୭-୦ ଗୋଲରେ ଜଗତସିଂପୁରକୁ ହରାଇଥିଲା । ପ୍ରଥମ କ୍ୱାର୍ଟର ଗୋଲ ଶୂନ୍ୟ ରହିବା ପରେ ୨ୟ ଓ ୩ୟ କ୍ୱାର୍ଟରରେ ୨ଟି ଲେଖାଏ, ୪ର୍ଥ କ୍ୱାର୍ଟରରେ ଆରଏସପି ପକ୍ଷରୁ ୩ଟି ଗୋଲ ହୋଇଥିଲା। ଓଡ଼ିଶା ପୋଲିସ ୬-୦ ଗୋଲରେ କନ୍ଧମାଳକୁ ହରାଇଥିଲା । ଓଡ଼ିଶା ପୋଲିସ ପକ୍ଷରୁ ସିମନ ବାର୍ଲା ହ୍ୟାଟ୍ରିକ ଗୋଲ ସ୍କୋର କରିଛନ୍ତି । ସମ୍ବଲପୁର ୫-୩ ଗୋଲରେ ବରଗଡ଼କୁ, ପାନପୋଷ ୭-୧ ଗୋଲରେ ଗଞ୍ଜାମକୁ ପରାସ୍ତ କରିଛି ।

## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ଛାତ୍ର ମୃତ

**ପଦ୍ମପୁର, ୧୫।୯(ଡି.ଏନ୍.ଏ.):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ପଦ୍ମପୁର ଗ୍ରାମରେ ରବିବାର ଅପରାହ୍ନରେ ବିଦ୍ୟୁତ୍ ଆଘାତରେ ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ଗ୍ରାମରେ ଖୁଦୁରୁକୁଣୀ ଓଷା ଚାଲିଥିବା ବେଳେ ଛାତ୍ର ଜଣକ ବିଦ୍ୟୁତ ତାର ସଂସ୍ପର୍ଶରେ ଆସିଥିଲେ। ସେଠାରେ ଅଚେତ ହୋଇପଡିବାରୁ ତାଙ୍କୁ ଚିକିତ୍ସା ଲାଗି ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ସେ ହେଲେ ଦୀପକ କୁମାର ନାୟକ(୧୭)। ସେ ଗାୟତ୍ରୀ ମାତା ସଂସ୍କୃତ ମହାବିଦ୍ୟାଳୟର ଯୁକ୍ତ ୨ ପ୍ରଥମ ବର୍ଷର ଛାତ୍ର ଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ଜେସିବି ମାଡ଼ିଯାଇ ବାଳକ ମୃତ

**ବଦଲଦା, ୧୫।୯(ଡି.ଏନ.ଏ):** ମୟୂରଭଞ୍ଜ ଜିଲା ତିରିଂ ଥାନା ଡୁମାଡାଣ୍ଡି ଗ୍ରାମରେ ରାସ୍ତାକାମ ଚାଲିଥିବା ବେଳେ ଜେସିବି ମେଶିନ ମାଡ଼ିଯାଇ ରବିବାର ଜଣେ ବାଳକଙ୍କ ମୃତ୍ୟୁ ଘଟିଛି। ମୃତ ବାଳକ ଜଣକ ହେଲେ ସେହି ଗ୍ରାମରେ ଡୁବରାଜ ମାଝୀଙ୍କ ପୁଅ ସାଲଖାନ(୮)। ଡୁମାଡାଣ୍ଡି ଗ୍ରାମରେ ପ୍ରଧାନମନ୍ତ୍ରୀ ସଡକ କାମ ଚାଲିଥିଲା। ମୃତ ସାଲଖାନଙ୍କ ମାଆ ସେଠାରେ କାମ କରୁଥିଲେ। ଅପରାହ୍ନରେ ସେ ସାଲଖାନଙ୍କୁ ରାସ୍ତା କଡ଼ରେ ଶୋଇଦେଇ କାମ କରୁଥିଲେ। ଏହି ସମୟରେ ସେଠାରେ ନିୟୋଜିତ ଏକ ଜେସିବି ମେଶିନ ସାଲଖାନଙ୍କ ଉପରେ ମାଡି ଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ତିରିଂ ପୋଲିସ ମୃତଦେହ ଜବତ କରି ରାଇରଙ୍ଗପୁର ମେଡିକାଲକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ଥାନାରେ ଏକ ମାମଲା(ନଂ.୬୪/୧୯) ରୁଜୁ ହୋଇଛି।

# କେନ୍ଦୁଝର ସହରରେ ବର୍ଷା ବିପ୍ଳାତ



ବୈତରଣୀ କଲୋନୀ ରାସ୍ତା ପାଣିରେ ବୁଡ଼ିଛି।

## ଲୋକଙ୍କ ଘରେ, ଡାକ୍ତରଖାନାରେ ପଶିଲା ପାଣି

**କେନ୍ଦୁଝର ୧୫।୯ (ସ୍ୱ.ପ୍ର.)**

କେନ୍ଦୁଝର ସହରରେ ରବିବାର ଅପରାହ୍ନରେ ମୂଷଳ ଧାରାରେ ବର୍ଷା ହେବା ଯୋଗୁ ସାରା ସହର ଜଳାର୍ଣ୍ଣବ ହୋଇପଡିଛି। ଅପରାହ୍ନ ୨ଟାରୁ ୪ଟା ମଧ୍ୟରେ ପ୍ରବଳ ବର୍ଷା ହୋଇଥିଲା। ଚାହୁଁ ଚାହୁଁ ରାସ୍ତା ଘାଟରେ ବର୍ଷା ପାଣିର ସୁଅ ଛୁଟିଥିଲା। ସହରର ବିଭିନ୍ନ ୱାର୍ଡରେ ବର୍ଷା ଜଳ ଲହଡ଼ି ଭାଙ୍ଗିଥିଲା। ଏଭଳି ଅଭୂତପୂର୍ବ ବର୍ଷା ପୂର୍ବରୁ କେବେ ହୋଇ ନ ଥିବା ସ୍ଥାନୀୟ ଲୋକ କହିଛନ୍ତି। କେହି କେହି ଏହାକୁ ବାଦଲଫଟା ବର୍ଷା ବୋଲି କହୁଛନ୍ତି। ପ୍ରଶାସନ ପକ୍ଷରୁ ଏହି ପ୍ରବଳ ବର୍ଷା ସମ୍ପର୍କରେ ଅଧିକ କିଛି ସୂଚନା ମିଳିନାହିଁ।

ଅପରାହ୍ନ ସମୟରେ ଆକାଶ ହଠାତ ମେଘାଚ୍ଛନ୍ନ ହୋଇ ବିଜୁଳି, ଘଡ଼ଘଡ଼ି ସହ ବର୍ଷା ହୋଇଥିଲା। ଜୋରରେ ପବନ ବହିଥିଲା। ପ୍ରାୟ ଦୁଇ ଘଣ୍ଟା ଧରି ମୂଷଳ ଧାରାରେ ବର୍ଷା ହେବା ଯୋଗୁ ସହର ଚତୁଃପାର୍ଶ୍ୱ ବର୍ଷା ପାଣିରେ ଉବୁଟୁବୁ ହୋଇ ଉଠିଥିଲା। କେନ୍ଦୁଝର ସହରର ପଶ୍ଚିମ ପଟେ ଜୁଡ଼ିଆ ପାହାଡ଼ ଥିବାରୁ ବର୍ଷା ଋତୁରେ ଏଠାରେ କେବେ କେବେ ପ୍ରବଳ ବର୍ଷା ହୋଇଥାଏ। କିନ୍ତୁ ରବିବାର ହୋଇଥିବା ବର୍ଷା ଅଞ୍ଚଳବାସୀଙ୍କୁ ସ୍ତମ୍ଭୀଭୂତ କରିଛି। ବର୍ଷାରେ ଜଳ ନିଷ୍କାସିତ ହୋଇ ନ ପାରି




ପାଣିରେ ଉବୁଟୁବୁ ଜିଲା ମୁଖ୍ୟ ଚିକିତ୍ସାଳୟ।

ବିଭିନ୍ନ ୱାର୍ଡରେ ଘରେ ଓ ରାସ୍ତାଘାଟ ଜଳାର୍ଣ୍ଣବ ହୋଇପଡିଛି। ଫଳରେ ଜନଜୀବନ ବ୍ୟତିବ୍ୟସ୍ତ ହୋଇ ପଡିଥିବା ବେଳେ ଯାତାୟାତ ବ୍ୟାହତ ହୋଇଛି। ପବିତ୍ରଡିହା ସାହିରେ ରାସ୍ତାଘାଟ ଜଳାର୍ଣ୍ଣବ ହୋଇଯାଇଥିବା ବେଳେ ଜଳ ନିଷ୍କାସନ ହୋଇପାରୁ ନ ଥିବାରୁ ଲୋକଙ୍କ ଘରବାଡିରେ ପଶି କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଅଣ୍ଟାଏ ପାଣିରେ ଗାଡିରେ ଲୋକ ମାନେ ଯାତାୟାତ କରୁଥିବା ଦେଖିବାକୁ ମିଳିଛି। ଚାରିଆଡେ ଘର ହୋଇଯାଇଥିବା ବେଳେ ଡ୍ରେନେଜ ବ୍ୟବସ୍ଥା ନ ଥିବା ଏବଂ ଡ୍ରେନଗୁଡିକ ସଫେଇ ହେଉ ନ ଥିବାରୁ ବର୍ଷାପାଣି ନିଷ୍କାସିତ ହୋଇ ନ ପାରି ଏଭଳି ପରିସ୍ଥିତି ଉପୁଜିଥିବା ସ୍ଥାନୀୟ ଲୋକ କହୁଛନ୍ତି। ସେହିପରି ପାର୍କଲାଇନ ରୋଡରେ ସେଟଲମେଣ୍ଟ କଲୋନୀରେ ହଠାତ ବର୍ଷା ପାଣି ନିଷ୍କାସିତ ହୋଇ ନ ପାରି ଘର ଭିତରେ ପାଣି ପଶି ଲହଡି ମାରୁଛି। କର୍ମଚାରୀଙ୍କ ବିଭିନ୍ନ ସାମଗ୍ରୀ ପାଣିରେ ବୁଡି ଯାଇ ନଷ୍ଟ ହୋଇଯାଇଛି। ପାଣି ଘରେ ପଶିଥିବାରୁ ରହିବା ପାଇଁ ସ୍ଥାନ ନାହିଁ। ସେହିପରି ସାପ ଓ ସରୀସୃପ ଭୟ ଥିବାରୁ ଲୋକମାନେ ଘରୁ ପଦାକୁ ବାହାରି ରାସ୍ତା କଡରେ ସହାୟତା ଅପେକ୍ଷାରେ ରହିଥିବା ଜଣାପଡିଛି। ସହରର କାଶୀପୁର, ବଡହଳ, ଡାଙ୍ଗରପଡା. ମାଧପୁର, କଲେଜରୋଡ, ଜଗନ୍ନାଥପୁର, ବଳଦେବଜୀଉ କଲୋନୀ, ଭାଲୁକିପତଳା ଆଦି ଅନେକ ଅଞ୍ଚଳରେ ଏହି ବର୍ଷା ଯୋଗୁ ଜଳମଗ୍ନ ହୋଇ ପଡିବା ସହ ଜନଜୀବନ ବ୍ୟତିବ୍ୟସ୍ତ ହୋଇ ପଡିଛନ୍ତି। ତ୍ରୁଟିପୂର୍ଣ୍ଣ ଓ ଅସମ୍ପୂର୍ଣ୍ଣ ଡ୍ରେନ ଅନେକ ଅଞ୍ଚଳରେ ଏଭଳି ପରିସ୍ଥିତି ସୃଷ୍ଟି କରିଥିବା ବେଳେ ଡ୍ରେନ ସଫେଇ ହେଉ ନ ଥିବା ଏବଂ ନିମ୍ନମାନର କାମ ଯୋଗୁ ଭାଙ୍ଗିଯାଇଥିବା କାରଣରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି କୁହାଯାଉଛି। ଜଳ ନିଷ୍କାସନ ପାଇଁ ପଦକ୍ଷେପ ନିଆଯାଉଥିବା ପୌରପାଳିକା ନିର୍ବାହୀ ଅଧିକାରୀ ନିରଞ୍ଜନ ଜେନା କହିଛନ୍ତି।

### ବଜ୍ରପାତରେ ମହିଳା ଗୁରୁତର ୨ ଛେଳି ମୃତ

**ପାଟଣା, ୧୫।୯(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ବ୍ଲକ ଡୁମୁରିଆ ଗ୍ରାମରେ ରବିବାର ସନ୍ଧ୍ୟାରେ ବଜ୍ରପାତରେ ଶକୁନ୍ତଳା ନାଏକ(୩୫) ଗୁରୁତର ହୋଇ ସଂଜ୍ଞାହୀନ ଅବସ୍ଥାରେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ସୂଚନା ଅନୁଯାୟୀ ଶକୁନ୍ତଳା ଘର ଅଗଣାର ଏକ ନଡ଼ିଆ ଗଛ ନିକଟରେ ଠିଆ ହୋଇଥିବା ବେଳେ ବଜ୍ରପାତର ଶିକାର ହୋଇଥିଲେ। ସେହି ଗ୍ରାମର ନୀଳ ନାଏକଙ୍କ ର ୨ ଛେଳି ବଜ୍ରପାତରେ ମୃତ୍ୟୁବରଣ କରିଥିବା ଜଣା ପଡ଼ିଛି।

### ନାବାଳିକାଙ୍କୁ ବଳାତ୍କାର କରି ଅବସରପ୍ରାପ୍ତ ଯବାନ ଗିରଫ

**ବାଲିଚନ୍ଦ୍ରପୁର, ୧୫।୯(ସ୍ୱ.ପ୍ର)–** ଜଣେ ୮ ବର୍ଷର ନାବାଳିକାଙ୍କୁ ବଳାତ୍କାର କରିବା ଅଭିଯୋଗରେ ରବିବାର ବାଲିଚନ୍ଦ୍ରପୁର ପୋଲିସ ଜଣେ ଅବସରପ୍ରାପ୍ତ ଯବାନଙ୍କୁ ଗିରଫ କରିଛି। ଗିରଫ ବୃଦ୍ଧ ଜଣକ ହେଲେ ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଅଚ୍ୟୁତବସନ୍ତ ଗ୍ରାମର ଅବସରପ୍ରାପ୍ତ ଯବାନ ଯୋଗେନ୍ଦ୍ର କୁମାର ରାୟ (୬୩)। ପ୍ରକାଶ ଥାଉକି, ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅଞ୍ଚଳର ଜଣେ ୮ ବର୍ଷର ନାବାଳିକା ଟ୍ୟୁଶନ ସାରି ଘରକୁ ଫେରୁଥିବାବେଳେ ଯୋଗେନ୍ଦ୍ର ତାଙ୍କୁ ବଜାରର ଏକ ନିଛାଟିଆ ଗୃହକୁ ଡାକି ନେଇ ବଳାତ୍କାର କରିଥିଲେ। ଏହାପରେ ନାବାଳିକା ଜଣକ ସେଠାରୁ ଯାଇ ତାଙ୍କ ମା'ଙ୍କ ଆଗରେ କାନ୍ଦି ସମସ୍ତ ଘଟଣା କହିଥିଲେ। ପରେ ଅଭିଯୁକ୍ତଙ୍କୁ ଗ୍ରାମବାସୀ ଧରି ପୋଲିସ୍ ଜିମା ଦେଇଥିଲେ। ନାବାଳିକାଙ୍କ ମା' ଏନେଇ ବାଲିଚନ୍ଦ୍ରପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୨୩୦/୧୯) ରୁଜୁ କରିଥିଲା। ସୋମବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଜଣାଯାଇଛି।

### ଯୁବକଙ୍କୁ ଲଣ୍ଡା କରି, ଚୂନକାଳି ବୋଳି ଗାଁ ବୁଲାଇଲେ

#### ଜଣେ ଅଭିଯୁକ୍ତ ଗିରଫ, ୪ ଫେରାର

**ଭଣ୍ଡାରିପୋଖରୀ, ୧୫।୯(ଡି.ଏନ୍.ଏ.)**

ରାଗ ଶୁଝାଇବା ପାଇଁ ଜଣେ ବ୍ୟକ୍ତିଙ୍କୁ କେତେକ ଲୋକ ମିଶି ମାଡ ମାରିବା ସହ ମୁହଁରେ ଚୂନକାଳି ବୋଳି, ଲଣ୍ଡା କରାଇ ଗାଁରେ ବୁଲାଇବା ଭଳି ଘଟଣା ପଦାକୁ ଆସିଛି। ଗତ ୧୧ ତାରିଖ ସନ୍ଧ୍ୟାରେ ଅରେଇକଣା ଗ୍ରାମରେ ଘଟିଥିବା ଏହି ଘଟଣା ନେଇ ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନାରେ ଅଭିଯୋଗ ହେବା ପରେ ପୋଲିସ ୫ ଜଣଙ୍କ ନାମରେ ମାମଲା ରୁଜୁ କରି ରବିବାର ଅଭିଯୁକ୍ତ ମହେଶ୍ୱର ଯେନାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅନ୍ୟ ୪ ଅଭିଯୁକ୍ତ ଫେରାର ରହିଛନ୍ତି। ପାଟୁଳି ପଞ୍ଚାୟତ ଅରେଇକଣା ଅଞ୍ଚଳର ଜଣେ ଯୁବକ ପାଟୁଳି ଗ୍ରାମକୁ ଯିବା ପାଇଁ ୧୧ ତାରିଖ ସନ୍ଧ୍ୟାରେ ଗାଁ ମୁଖ୍ୟ ରାସ୍ତାକଡରେ ବସିଥିଲେ। ଗ୍ରାମର ଜଣେ ଯୁବକ ସେଠାରେ ପହଞ୍ଚି ତାଙ୍କ ସ୍ତ୍ରୀଙ୍କ ନାମରେ କାହିଁକି ଅପପ୍ରଚାର କରୁଛ ବୋଲି ପଚାରିଥିଲେ। ଯୁବକ ଜଣଙ୍କ ଏହାକୁ ଅସ୍ୱୀକାର କରିବା ସତ୍ତ୍ୱେ ସେ ଓ ଅନ୍ୟ ୪ ଯୁବକ ମିଶି ତାଙ୍କୁ ମାଡ ମାରିବା ସହ ଲଣ୍ଡା କରି ମୁଣ୍ଡରେ ଚୂନକାଳି ବୋଳି ଗ୍ରାମରେ ବୁଲାଇଥିଲେ। ନିର୍ଯାତନାର ଶିକାର ହୋଇଥିବା ଯୁବକ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ ୧୪୮/୧୯) ରୁଜୁ କରି ତଦନ୍ତ କରିଥିଲା।



Regd. Office: Hero MotoCorp Ltd., 34, Community Centre, Basant Lok, Vasant Vihar, New Delhi - 110057, India. CIN: L35911DL1984PLC017354. Accessories and features shown may not be a part of standard fitment. Always wear a helmet while riding a two-wheeler. For further information, please contact your nearest Hero MotoCorp's dealership or contact on our Toll Free No.: 1800-266-0018 or visit our website www.heromotocorp.com.
*Terms & conditions apply. *In 125cc. **also available in FI. ##Guru-Dakshina scheme is applicable for Teachers only. As per cumulative dispatch numbers as on June, 2019.
For Institutional and Bulk Sales please write to Kolkata@heromotocorp.com
ଅଥରାଇଜଡ଼ ଡିଲର : ଭୁବନେଶ୍ୱର: ରୋହନ ହୀରୋ - 7799766422. ଭାରତ ହୀରୋ - 7799766378. ଡିଡି ହୀରୋ - 7799566329. ବାଲେଶ୍ୱର: ନୀଲମ ହୀରୋ - 7799766393. ବାରିପଦା : ଆଦିତ୍ୟ ହୀରୋ - 7799766370. ଭଦ୍ରକ : ସଞ୍ଜୀବ ହୀରୋ - 7799766380. ଚଣ୍ଡୀଖୋଲ: ଏସ୍.କେ. ହୀରୋ - 7799766362. କଟକ: ଜେଏମକି ହୀରୋ - 7799766366. ସନୀ ହୀରୋ - 7799766401. ଏସେନ୍ ହୀରୋ - 7799766425. ଜଗତସିଂହପୁର: ତ୍ରିଶୁଳ ହୀରୋ - 7799766383. ଯାଜପୁର ରୋଡ: ସୌମିକ ହୀରୋ - 7799766410. ଜଳେଶ୍ୱର: ସାଇ ହୀରୋ - 7799766407. ଜଟଣୀ: ବିଶାଳ ହୀରୋ - 7799766398. କେନ୍ଦୁଝର: ସୁପ୍ରିମ ହୀରୋ - 7799766360. ନୟାଗଡ଼: ଭଗବତୀ ହୀରୋ - 7799766417. ପୁରୀ: ସଞ୍ଜୀବ ହୀରୋ - 06752-255881, 8448389695. ଅଥରାଇଜଡ଼ ସର୍ଭିସ୍ ସେଣ୍ଟର: ବାଲିଆପାଳ : ବାବା ମୋଟର୍ସ - 253841, 9438757377. ବାଲୁଗାଁ: ମହାମୟୀ ମୋଟର୍ସ - (06756) 250280, 9337774624. ଯାଜପୁର: ଆୟୁଷ ଅଟୋମୋବାଇଲ୍ସ - 223864. କେନ୍ଦ୍ରାପଡ଼ା: ବୈଷ୍ଣବୀ ମୋଟର୍ସ - 221083. ଖୋର୍ଦ୍ଧା: ଦିନେଶ ଟ୍ରେଡିଂ କମ୍ପାନୀ - 221511. ନିମାପଡ଼ା: ବାସୁଦେବ ଅଟୋମୋବାଇଲ୍ସ - 252725. ପାରାଦୀପ: ପ୍ରଦୀପ ମୋଟର୍ସ - 9238120001. ପଟ୍ଟାମୁଣ୍ଡାଇ: ମିଶ୍ର ଅଟୋ - 220430. ପିପିଲି: ଶ୍ରୀରାମ ମୋଟର୍ସ - 240687. ପୁରୀ: ଲକ୍ଷ୍ମୀ ପ୍ରିୟା ମୋଟର୍ସ - 225552. ରାହାମା: ଶରଳା ଅଟୋମୋବାଇଲ୍ସ - 248001, 248002. ରାଇରଙ୍ଗପୁର: ନା ସାକନରୀ ମୋଟର୍ସ - 7008906387. ସୋରୋ: ଟୁଇଙ୍କିଲ ମୋଟର୍ସ - 221711, 9337375571.



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଯେଉଁ ଲୋକ କାମ ପ୍ରବୃତ୍ତି ଓ ନିଦ୍ରାକୁ ଜୟ କରିଛି, ସେ ପ୍ରକୃତ ଅର୍ଥରେ ଅମର ହୋଇ ଯାଇଛି।
- ଆରିଷ୍ଟଟଲ



## ସଂକ୍ଷେପରେ

### ସମାଜ ସେବାରେ ବ୍ରତୀ ହୁଅ

**ପୁରୀ ଅଫିସ, ୧୫।୯:** ଶ୍ରୀକ୍ଷେତ୍ର ଚିନ୍ତନ ଚକ୍ର ଆନୁକୂଲ୍ୟରେ ବାଲିଗୁଆଳିସ୍ଥିତ କଲେଜ ଅଫ୍ ଫାର୍ମାସ୍ୟୁଟିକାଲ ସାଇନ୍ସ କଲେଜ ପରିସରରେ ଅନ୍ତର୍ଜାତୀୟ ଗଣତନ୍ତ୍ର ଦିବସ ଶୀର୍ଷକ ଆଲୋଚନାଚକ୍ର ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ଡ. ହରିହର ମିଶ୍ର ଯୋଗଦେଇ କହିଲେ, ଶିକ୍ଷା ଓ ସଚେତନତା ହିଁ ସଫଳତାର ଚାବିକାଠି। ପ୍ରାଧ୍ୟାପକ ପ୍ରସନ୍ନ କୁମାର ନନ୍ଦ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ ଯେ, ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ବ୍ୟକ୍ତି ସ୍ୱାଧୀନତା, ସମାନତା ଅଧିକାର ତଥା ମୌଳିକ ଅଧିକାର ଉଜ୍ଜୀବିତ ରହିଲେ ଦେଶ ସେତିକି ସୁଦୃଢ଼ ବୋଲି କୁହାଯିବ। ଫାର୍ମାସୀ କଲେଜ ଅଧକ୍ଷ ଡ. ଅମିୟକାନ୍ତ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ ଯେ, ଜଣେ ଶୃଙ୍ଖଳିତ ନାଗରିକ ଭାବେ ଦେଶ ବିକାଶରେ ମନୋନିବେଶ କରିବା ସହ ନିଷ୍ଠାପର ଭାବେ କର୍ତ୍ତବ୍ୟ ପାଳନ ଏବଂ ସମାଜ ପ୍ରତି ଦାୟିତ୍ୱବୋଧ ରହିଲେ, ସେ ଦେଶର ଗଣତନ୍ତ୍ର ବୁଦ୍ଧିମନ୍ତ ହେବ ବୋଲି କହିଥିଲେ। ଶ୍ରୀକ୍ଷେତ୍ର ଚିନ୍ତନ ଚକ୍ରର ସଭାପତି ଅନିମା ଦାଶ କହିଲେ ଯେ, ଦେଶର ପ୍ରଗତିରେ ବିଦ୍ୟାର୍ଥୀଙ୍କ ଏକ ପ୍ରମୁଖ ଭୂମିକା ରହିଛି। ଦେଶର ବିକାଶରେ ଅଗ୍ରସର ହେବାକୁ ଆହ୍ୱାନ କରିଥିଲେ। ବରିଷ୍ଠ ଆଇନଜୀବୀ ପୁଷ୍କର ମହାପାତ୍ର ଅଧକ୍ଷତା କରି କହିଲେ ଯେ, ଯୁବସମାଜ ଦେଶର ଭବିଷ୍ୟତ। ଦେଶ ଗଣତନ୍ତ୍ରର ରକ୍ଷା ଲାଗି ସେମାନଙ୍କ ଦାୟିତ୍ୱ ରହିଛି। ଦେବାଶିଷ ମହାପାତ୍ର ସଂଯୋଜନା କରିଥିଲେ। ଏହି ଆଲୋଚନାଚକ୍ରକୁ ଇଂ. ରୋଜା ପ୍ରିୟଦର୍ଶୀ, ସୁନିତା ମିଶ୍ର, ଚିନ୍ମୟ ସାହୁ, ନିହାରିକା ମହାପାତ୍ର, ଅସିତ୍ କୁମାର ଷଡ଼ଙ୍ଗୀ, ଭକ୍ତବନ୍ଧୁ ଜେନା ପ୍ରମୁଖ ପରିଚାଳନା କରିଥିଲେ।

### ସପ୍ତାହ ବ୍ୟାପୀ ସେବା ଶିବିର, ଚାରା ରୋପଣ

**ପୁରୀ ଅଫିସ, ୧୫।୯:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିବସକୁ ଭାଜପା ସେବା ସପ୍ତାହ ଭାବେ ପାଳନ କରିବା ଲାଗି ସ୍ଥିର କରିଛି। ମୋଦିଙ୍କ ଫ୍ୟାନ୍ ଭାବେ ପରିଚିତ ପୌରସଦନ ଛକରେ ଥିବା ଜୟସିଂହ ଚା' ଦୋକାନ ମାଲିକ ଅକ୍ଷୟ ଜୟସିଂ ସେହିଦିନଠାରୁ ସପ୍ତାହ ବ୍ୟାପୀ କାର୍ଯ୍ୟକ୍ରମ ଆୟୋଜନ କରିବେ। ଜନ୍ମଦିବସରେ ଚାରା ରୋପଣ ସହ ମାଗଣା ରସଗୋଲା ବଣ୍ଟନ କରିବେ। ଏଥିସହିତ ଚା' ଦୋକାନରେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଚାଏ ପେ ଚର୍ଚ୍ଚା କାର୍ଯ୍ୟକ୍ରମ ଆୟୋଜନ କରିବେ। ଗତ ଦୁଇ ଦଶନ୍ଧି ଧରି ସେ ମୋଦିଙ୍କ ଜନ୍ମଦିବସକୁ ଧୁମ୍‌ଧାମରେ ପାଳନ କରିଆସୁଛନ୍ତି। ଏ ସମ୍ପର୍କରେ ସେ କୁହନ୍ତି, ମୋଦିଙ୍କ ନିର୍ଭୀକତା, ସଚ୍ଛୋଟତା, ନିଷ୍ଠାଭାବ ତାଙ୍କୁ ଅନୁପ୍ରାଣିତ କରିଛି। ପ୍ରଥମେ ଜନଧନ ଯୋଜନା, ନୋଟ ବନ୍ଦୀ, ପରେ ସର୍ଜିକାଲ ଷ୍ଟ୍ରାଇକ, ବର୍ତ୍ତମାନ ୩୭୦ ଧାରା ଉଚ୍ଛେଦ ଏକ ବଳିଷ୍ଠ ପଦକ୍ଷେପ। ବିକ୍ରମ ଲ୍ୟାଣ୍ଡର ଚନ୍ଦ୍ରପୃଷ୍ଠରେ ଠିକ୍ ଭାବେ ଅବତରଣ କରିବାରେ ଲକ୍ଷ୍ୟଚ୍ୟୁତ ହେବାପରେ ଇସ୍ରୋ ବୈଜ୍ଞାନିକଙ୍କୁ ପ୍ରେରଣା ପ୍ରଦାନ କରିବା ତାଙ୍କ ମହାନତାକୁ ପ୍ରକାଶ କରେ। ଦେଶର ବିକାଶ ଦିଗରେ ମୋଦିଙ୍କ ଚେଷ୍ଟା ପ୍ରଶଂସନୀୟ ବୋଲି ଜୟସିଂ କହିଥିଲେ।

### ପଞ୍ଜିକା ସଂଶୋଧନ ଲାଗି ମୁକ୍ତିମଣ୍ଡପ ପଣ୍ଡିତ ସଭାର ବିଜ୍ଞପ୍ତି

**ପୁରୀ ଅଫିସ, ୧୫।୯:** ଆଗାମୀ ୨୦୨୦-୨୧ ବର୍ଷ ଲାଗି ନୂତନ ପଞ୍ଜିକା ପ୍ରକାଶ ପାଇବ। ପଞ୍ଜିକା ସଂଶୋଧନ ଲାଗି ମୁକ୍ତିମଣ୍ଡପ ପଣ୍ଡିତସଭା ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଓଡ଼ିଶାର ବିଭିନ୍ନ ସ୍ଥାନରୁ ପଞ୍ଜିକା ପ୍ରକାଶ ପାଇଥାଏ। ଯେଉଁ ପଞ୍ଜିକା ପ୍ରକାଶକ ମୁକ୍ତିମଣ୍ଡପ ପଣ୍ଡିତସଭା ଦ୍ୱାରା ପଞ୍ଜିକା ପାଣ୍ଡୁଲିପି ସଂଶୋଧିତ ଲାଗି ଇଚ୍ଛୁକ ଅଛନ୍ତି, ସେମାନେ ନିଜ ପଞ୍ଜିକାର ୧୨ମାସର ପାଣ୍ଡୁଲିପି ସହ ଆସନ୍ତା ଅକ୍ଟୋବର ୧୧ ତାରିଖ ସୁଦ୍ଧା ମୁକ୍ତିମଣ୍ଡପ ପଣ୍ଡିତସଭା କାର୍ଯ୍ୟାଳୟରେ ଦାଖଲ କରିବାକୁ ସାଧାରଣ ସମ୍ପାଦକ ଗଙ୍ଗାଧର ମିଶ୍ର ବିଜ୍ଞପ୍ତିରେ ଉଲ୍ଲେଖ କରିଛନ୍ତି।

### ୧୨୫ ୟୁନିଟ୍ ରକ୍ତ ସଂଗ୍ରହ

**ପୁରୀ ଅଫିସ, ୧୫।୯:** ହୋପ୍ ଇନ୍ ଲାଇଫ୍ ଆନୁକୂଲ୍ୟରେ ଏବଂ ଲାୟନ୍ସ କ୍ଲବ ସହଯୋଗରେ ଏକ ମେଗା ରକ୍ତଦାନ ଶିବିର ସଦ୍‌ଭାବନା ସଭାଗୃହରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୨୫ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ହାଇକୋର୍ଟ ଓକିଲ ରିତା ଶତପଥୀ, ସଙ୍ଗଠକ ପ୍ରିୟଦର୍ଶନ ପଟ୍ଟନାୟକ, ଚନ୍ଦ୍ରଶେଖର ମିଶ୍ର, ବିପିନ ମହାନ୍ତି, ଭୀମସେନ ପଲଙ୍କଧାରୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଦୀନଭଞ୍ଜନ ପଣ୍ଡା, ସୁରେଶ ନନ୍ଦଙ୍କ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ଏଥିରେ ସହଯୋଗ କରିଥିଲେ।

## ପୁରୀ ଜିଲାରେ ବଢୁଛି ଦୁର୍ଘଟଣା

# ୫ ବର୍ଷରେ ଗଲାଣି ୧୦୦ରୁ ଊର୍ଦ୍ଧ୍ୱ ଜୀବନ

**ପୁରୀ ଅଫିସ, ୧୫।୯**

ସେପ୍ଟେମ୍ବର ପହିଲାରୁ ନୂତନ ମୋଟରଯାନ ସଂଶୋଧିତ ଆଇନ ଲାଗୁ କରାଯାଇଛି। ଦ୍ରୁତ ଏବଂ ବେପରୁଆ ବାଇକ୍ ଚାଳନା ଯୋଗୁ ଦିନକୁ ଦିନ ସଡ଼କ ଦୁର୍ଘଟଣା ବଢ଼ିଚାଲିଛି। ଏହାକୁ ରୋକିବା ତଥା ଲୋକଙ୍କ ମଧ୍ୟରେ ସଡ଼କ ସୁରକ୍ଷା ପ୍ରତି ଜାଗରଣ ସୃଷ୍ଟି ଲକ୍ଷ୍ୟରେ ଏହି ଆଇନକୁ କାର୍ଯ୍ୟକାରୀ କରାଯାଇଛି। ମିଳିଥିବା ତଥ୍ୟ ପ୍ରକାରେ, ପୁରୀ ଜିଲାର ବିଭିନ୍ନ ଥାନା ଅଞ୍ଚଳରେ ଗତ ୨୦୧୪ଠାରୁ ଜୁନ୍ ୨୦୧୯ ସୁଦ୍ଧା ୨୫୦୨ଟି ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଜଣଙ୍କ ଜୀବନ ଯାଇଥିବା ଜଣାପଡ଼ିଛି। ସେଥିରୁ ୨୦୧୪ରେ ୪୬୦, ୨୦୧୫ରେ ୪୯୫, ୨୦୧୬ରେ ୪୩୯, ୨୦୧୭ରେ ୪୫୭, ୨୦୧୮ରେ ୪୪୮ ଏବଂ ୨୦୧୯ ଜୁନ୍ ୩୦ ସୁଦ୍ଧା ୨୦୩ଟି ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି। ପ୍ରତିବର୍ଷ ହାରାହାରି ୫ଶହରୁ ଊର୍ଦ୍ଧ୍ୱ ସଡ଼କ ଦୁର୍ଘଟଣା ଘଟୁଥିବାବେଳେ ପ୍ରାୟ ୨୦ଜଣଙ୍କର ମୃତ୍ୟୁ ହେଉଥିବା ଜଣାପଡିଛି। ପ୍ରତିବର୍ଷ ସଡ଼କ ସୁରକ୍ଷା ସପ୍ତାହ ଅଭିଯାନ ପାଳିତ ହେଉଛି। ତଥାପି ଏହାର କୌଣସି ପ୍ରଭାବ ପଡୁନାହିଁ।

ପୁରୀକୁ ସଂଯୋଗ କରୁଥିବା ତିନି ଜାତୀୟ ରାଜପଥ ଏବେ ମରଣଯନ୍ତା ପାଲଟିଛି। ପୁରୀ-ଭୁବନେଶ୍ୱର, ପୁରୀ-ସାତପଡ଼ା ଏବଂ ପୁରୀ-କୋଣାର୍କ ମେରାଇନ ଡ୍ରାଇଭ୍ ରୋଡ ଜାତୀୟ ରାଜପଥରେ ଅଧିକ ଦୁର୍ଘଟଣା ଘଟୁଛି। ପୁରୀ-କୋଣାର୍କ ମେରାଇନ୍ ଡ୍ରାଇଭ୍ ରୋଡର ଲିଆଖିଆ ବ୍ରିଜ୍ ନିକଟରେ ଗତ କିଛିମାସ ମଧ୍ୟରେ ୩୦ରୁ ଊର୍ଦ୍ଧ୍ୱ ଦୁର୍ଘଟଣା ଘଟିଥିବା ବେଳେ ୧୦ରୁ ଊର୍ଦ୍ଧ୍ୱଙ୍କ ପ୍ରାଣ ଯାଇଛି। ଓଭରଟେକ୍ ବେଳେ ଭାରସାମ୍ୟ ହରାଇ ମୁହାଁମୁହିଁ ଅଥବା ଗଛରେ ପିଟିହୋଇ ମୃତ୍ୟୁ ଘଟିଥିବା ଜଣାପଡିଛି। ସେହିପରି ପୁରୀ-ସାତପଡ଼ା ଏନ୍‌ଏଚ୍‌ର ଖଡିପଦା, ଗିରଳ, କପିଳେଶ୍ୱରପୁର ଛକ, ଗୋରୁଆଳ ଛକରେ ଦୁର୍ଘଟଣାର ମାତ୍ରା ଅଧିକ ରହିଛି। ଅଣଓସାରିଆ ଏବଂ ଅଙ୍କାବଙ୍କା ରାସ୍ତା ଯୋଗୁ ଏହି ଅଞ୍ଚଳରେ ଦୈନିକ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ସେହିପରି ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ବୀରହରେକୃଷ୍ଣପୁର ଛକ, ମଙ୍ଗଳାଘାଟ ବାଇପାସ୍, ବାଟଗାଁ ଛକ, ଚନ୍ଦନପୁର ବାଇପାସ୍, ତୁଳସୀ ଚଉରା ଛକ, ସାତଶଙ୍ଖ, ପିପିଲି ବାଇପାସ୍ ପ୍ରଭୃତି ଅଞ୍ଚଳ ଦୁର୍ଘଟଣାସ୍ଥଳ ପାଲଟିଛି। ବେପରୁଆ ଭାବେ ଗାଡି ଚାଳନା, ଦ୍ରୁତଗତି, ଦୁଇ ଅଥବା ଚାରିଚକିଆ ଯାନ ଚଳାଚଳ ବେଳେ ଓଭରଟେକ କରିବା, ହେଲମେଟ ଏବଂ ସିଟ୍ ବେଲ୍ଟ ବ୍ୟବହାର ନ କରିବା ଯୋଗୁ ଦୁର୍ଘଟଣା ଘଟୁଛି ବୋଲି ଟ୍ରାଫିକ ଥାନା ଅଧିକାରୀ ଗୋକୁଳ ଚରଣ ପତି କହିଛନ୍ତି। ଲୋକଙ୍କୁ ବାରମ୍ବାର ତାଗିଦ ସତ୍ତ୍ୱେ ଲୋକଙ୍କ ଉପରେ ଏହାର କୌଣସି ପ୍ରଭାବ ପଡୁନାହିଁ। ଏସ୍‌ପି ଉମାଶଙ୍କର ଦାଶ କୁହନ୍ତି, ପ୍ରତିବର୍ଷ ସଡ଼କ ସୁରକ୍ଷା ଦିବସରେ ଏନେଇ ବ୍ୟାପକ ସଚେତନ କରାଯାଉଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନଙ୍କ ଜରିଆରେ ଟ୍ରାଫିକ ପୋଷ୍ଟମାନଙ୍କରେ ଲୋକଙ୍କୁ ସଚେତନ କରାଯାଉଛି। ଲୋକଙ୍କ ମାନସିକତାରେ ପରିବର୍ତ୍ତନ ହେବା ଜରୁରୀ। ଲୋକେ ସଚେତନ ହେଲେ ସଡ଼କ ଦୁର୍ଘଟଣାକୁ ରୋକାଯାଇପାରିବ ବୋଲି ସେ କହିଥିଲେ।

## ସିଂହଦ୍ୱାର ନିକଟରେ ରବିବାରିଆ ସକାଳ

# ଶ୍ରୀଜଗନ୍ନାଥ ମନ୍ତ୍ରଧ୍ୱନିରେ କମ୍ପିଲା ସିଂହଦ୍ୱାର



ସିଂହଦ୍ୱାର ସମ୍ମୁଖରେ ଘୋଡ଼ାନାଚ ପରିବେଷଣ।

**ପୁରୀ ଅଫିସ, ୧୫।୯**

ଜିଲା ପ୍ରଶାସନ ପକ୍ଷରୁ ସିଂହଦ୍ୱାର ନିକଟରେ ଆୟୋଜିତ ସାଂସ୍କୃତିକ ଓ ଆଧାତ୍ମିକ କାର୍ଯ୍ୟକ୍ରମ ପ୍ରତି ଲୋକଙ୍କ ମଧ୍ୟରେ ଆଗ୍ରହ ବୃଦ୍ଧି ପାଇବାରେ ଲାଗିଛି। ବିଭିନ୍ନ ସାଂସ୍କୃତିକ ନୃତ୍ୟାନୁଷ୍ଠାନ, ସାମାଜିକ ଅନୁଷ୍ଠାନ, ମହିଳା ସଙ୍ଗଠନ, ସ୍କୁଲ କଲେଜର ଛାତ୍ରୀଛାତ୍ରମାନେ ଏଥିରେ ଅଂଶଗ୍ରହଣ କରି ନିଜ କଳା କୌଶଳ ପ୍ରଦର୍ଶନ କରୁଛନ୍ତି। ସିଂହଦ୍ୱାର ଉଭୟ ପାର୍ଶ୍ୱରୁ ଉଚ୍ଛେଦ ପରେ ଏହି ସ୍ଥାନ ଆକର୍ଷଣର କେନ୍ଦ୍ର ବିନ୍ଦୁ ପାଲଟିଛି। ରବିବାର ନହଡିଆ ଜଗନ୍ନାଥ ସଂକୀର୍ତ୍ତନ ମଣ୍ଡଳୀ ଓ ଜୟଦେବ ସଂକୀର୍ତନ ମଣ୍ଡଳୀ ନାମ ସଂକୀର୍ତନ ପ୍ରଦର୍ଶନ କରି ପରିବେଶକୁ ମନ୍ତ୍ର ମୁଗ୍ଧ କରିଥିଲେ। ସିଦ୍ଧମହାବୀର ସଙ୍ଗୀତ ପରିଷଦ ପକ୍ଷରୁ ଆୟୋଜିତ ଭଜନ ଏବଂ ନୃତ୍ୟରେ ଦର୍ଶକ ବିଭୋର ହୋଇଉଠିଥିଲେ। କଣ୍ଠଶିଳ୍ପୀଙ୍କ ଗୋଟିଏ ପରେ ଗୋଟିଏ ମହାପ୍ରଭୁଙ୍କ ମନଲୋଭନୀୟ ଭଜନ ସହ ନୃତ୍ୟଶୈଳୀ ଦର୍ଶକ ଓ ଭକ୍ତଙ୍କୁ ବିମୋହିତ କରିଥିଲା। ଫଳରେ ସେଠାରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ପିପିଲି ମଙ୍ଗଳପୁର ଝିଲିମିଲି ଘୋଡାନାଚ ପରିଷଦ ଘୋଡାନାଚ ପରିବେଷଣ କରିଥିଲେ। ଓଡ଼ିଶା ଚାରୁ ଓ କାରୁକଳା ମହାବିଦ୍ୟାଳୟ ଅଧକ୍ଷ ଦୁର୍ଗାପ୍ରସାଦ କରଙ୍କ ନେତୃତ୍ୱରେ ଛାତ୍ରୀଛାତ୍ରମାନେ ଚିତ୍ର ପ୍ରଦର୍ଶନ କରିଥିଲେ।

## ଉତ୍କଳ ସାମ୍ବାଦିକ ସଂଘ ଜିଲା ଶାଖା ବାର୍ଷିକ ଉତ୍ସବ

# ଖବରଦାତା ମୌଳିକ କର୍ତ୍ତବ୍ୟ ନ ଭୁଲିବାକୁ ଆହ୍ୱାନ




ବାର୍ଷିକ ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ ।

**ନୟାଗଡ଼ ଅଫିସ, ୧୫।୯**

ଉତ୍କଳ ସାମ୍ବାଦିକ ସଂଘ ନୟାଗଡ଼ ଜିଲା ଶାଖାର ବାର୍ଷିକ ଉତ୍ସବ ରବିବାର ସ୍ଥାନୀୟ ନୀଳମାଧବ କଲ୍ୟାଣମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଶ୍ରୀକାନ୍ତ ଖଟେଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ତଥା କୃଷିମନ୍ତ୍ରୀ ଡ. ଅରୁଣ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଖବରକାଗଜ ଓ ଟିଭି ତାଙ୍କ ମାର୍ଗଦର୍ଶକ ବୋଲି କହିଥିଲେ। ପ୍ରତିଦିନ ବିଭିନ୍ନ ଖବରକାଗଜ ପଢୁଥିବାବେଳେ କେଉଁ ସ୍ଥାନରେ କ'ଣ ତ୍ରୁଟି ରହିଯାଉଛି ସେ ତାହାର ସମାଧାନ କରନ୍ତି ବୋଲି କହିଥିଲେ। ଖବରଦାତାମାନେ ସେମାନଙ୍କ ମୌଳିକ କର୍ତ୍ତବ୍ୟ ନ ଭୁଲିବା ପାଇଁ ସେ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସଭାପତି

### ସ୍ୱାସ୍ଥ୍ୟ ବୀମାରାଶି ୫ ଲକ୍ଷ ଟଙ୍କାକୁ ବୃଦ୍ଧି ଦାବି

ବିଭୂତି ଭୂଷଣ କର ଯୋଗ ଦେଇ ବିଭିନ୍ନ ସ୍ଥାନରେ ଖବରଦାତାମାନଙ୍କ ଉପରେ ହେଉଥିବା ଆକ୍ରମଣକୁ ନିନ୍ଦା କରିଥିଲେ। ଖବରଦାତାଙ୍କୁ ସୁରକ୍ଷା ଦେବା, ରାଜ୍ୟ ସରକାରଙ୍କ ପକ୍ଷରୁ କାର୍ଯ୍ୟରତ ସାମ୍ବାଦିକମାନଙ୍କ ପାଇଁ ଗୋପବନ୍ଧୁ ସ୍ୱାସ୍ଥ୍ୟବୀମା ଯୋଜନାରେ ଥିବା ୨ ଲକ୍ଷ ଟଙ୍କାକୁ ୫ ଲକ୍ଷକୁ ବୃଦ୍ଧି କରିବା, ଅବସରକାଳୀନ ଭତ୍ତା ପ୍ରଦାନ ଲାଗି ରାଜ୍ୟ ସରକାର ଧ୍ୟାନ ଦେବା ଦରକାର ବୋଲି କହିଥିଲେ। ଏହାସହ ଜିଲା ପ୍ରଶାସନ ଉତ୍କଳ ସାମ୍ବାଦିକ ସଂଘ ପାଇଁ ଏକ ଘର ପ୍ରଦାନ କଲେ ଖବରଦାତାମାନେ ସେମାନଙ୍କ ସାମଗ୍ରୀକ ଦକ୍ଷତା ବିକାଶ କରିପାରିବେ ବୋଲି ସେ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ଶଶିଭୂଷଣ ଶତପଥୀ, ଡିଏଫଓ ଧନରାଜ ଏଚ୍ଡି, ନୟାଗଡ଼ ପୌରପରିଷଦ ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ଜେନା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବରିଷ୍ଠ ଖବରଦାତା ଏସ୍ ଏ ମନାନ୍, ପ୍ରଦୀପ୍ତ କୁମାର ପଟ୍ଟନାୟକ, ପ୍ରଫୁଲ୍ଲ କୁମାର ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ଜେନାଙ୍କୁ ଉତ୍କଳ ସାଥୀ ଓ ସାମାଜିକ କର୍ମୀ ଗୋଦାବରୀ ସାହୁଙ୍କୁ ଉତ୍କଳ ବନ୍ଧୁ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଜିଲା ସମ୍ପାଦକ ଆଦର୍ଶ ପଟ୍ଟନାୟକ ବାର୍ଷିକ ବିବରଣୀ ପଠନ କରିଥିଲେ। ଖବରଦାତା ପ୍ରଦୀପ୍ତ ରଥ ମଞ୍ଚ ପରିଚାଳନା କରିଥିବା ବେଳେ ରାମକୃଷ୍ଣ ରଥ ଧନ୍ୟବାଦ ଦେଇଥିଲେ।

### ଭାଗବତ ପାଠ ସାତ୍ତ୍ୱିକ ଭାବ ଆଣେ

**ପୁରୀ ଅଫିସ, ୧୫।୯**

ଭାଗବତ ସେବା ପ୍ରତିଷ୍ଠାନର ଏକାଦଶତମ ବାର୍ଷିକୋତ୍ସବ ଓ ଭାଗବତ ଜନ୍ମୋତ୍ସବ ସ୍ଥାନୀୟ ପିକେଆର୍‌ଆଇଟିସ୍ଥିତ ପ୍ରତିଷ୍ଠାନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧକ୍ଷ ପ୍ରଫେସର ଅଦ୍ୱୈତ ଚରଣ ଧଳଙ୍କ ସଭାପତିତ୍ୱରେ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ପ୍ରାରମ୍ଭରେ କବି ସତ୍ୟନାରାୟଣ ମିଶ୍ର ଭାଗବତର ପ୍ରଥମ ସ୍କନ୍ଦ ପାଠ କରିଥିଲେ। ଶିକ୍ଷାବିତ୍ ଡ. ବଳରାମ ଦାସ କହିଲେ, ସମାଜରେ ଅଶାନ୍ତିର ବାତାବରଣ ବଢ଼ିବାରେ ଲାଗିଛି। ଆଧାତ୍ମିକ ବାତାବରଣ ନଷ୍ଟ ହେଉଛି। ଅବକ୍ଷୟମୁଖୀ ସମାଜର ଉତ୍ଥାନ ଲାଗି ଘରେ ଘରେ ଭାଗବତ ପାଠ ହେବାର ଆବଶ୍ୟକତା ରହିଛି। ଏହାଦ୍ୱାରା ଏକ ସୁସ୍ଥ ସମାଜ ଗଠନ ହୋଇପାରିବ। ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ଡ. ହରିହର ମିଶ୍ର କହିଲେ ଯେ, ଶୃଙ୍ଖଳିତ ସମାଜ ଗଠନ ଲାଗି ଭାଗବତ ପାଠର ଆବଶ୍ୟକତା ରହିଛି। ଦୈନିକ ଅଧ୍ୟୟନ ଦ୍ୱାରା ମନରେ ସାତ୍ତ୍ୱିକ ଭାବ ଜାଗ୍ରତ ହୋଇଥାଏ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ବିଶ୍ୱନାଥ ବେହେରା ଭାଗବତ ଜନ୍ମର ମହାନତା ସମ୍ପର୍କରେ କହିଥିଲେ। ଶିକ୍ଷାବିତ୍ କାର୍ତ୍ତିକ ଚନ୍ଦ୍ର ଦାସ, ପ୍ରଫେସର ପ୍ରଳୟ ନନ୍ଦ, ମୀନାକ୍ଷୀ ମିଶ୍ର, ଚାରୁଲତା ମିଶ୍ର, ଅଶୋକ କୁମାର ଦାସ, ପ୍ରଭାସିନୀ ମିଶ୍ର, ସନ୍ତୋଷ କୁମାର ମହାନ୍ତି, ବିଜୟ କୁମାର ପଣ୍ଡା, କିଶୋର ଚନ୍ଦ୍ର ପାତ୍ର, ହେମାଙ୍ଗିନୀ ମହାନ୍ତି, ବିପିନ ବିହାରୀ ଦଳେଇ, ପ୍ରଭାସିନୀ ରଥ ପ୍ରମୁଖ ଉପସ୍ଥିତ ଥିଲେ। ସୁବାସିନୀ ଧଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବଡ଼ବାଣପୁରରେ ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ



ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଉଛି।

**ଖଣ୍ଡପଡ଼ା, ୧୫।୯ (ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ ବଡବାଣପୁର ପଞ୍ଚାୟତରେ ରବିବାର ୫୬ ଜଣ ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଛି । ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆୟୋଜିତ ସମାବେଶରେ ସରପଞ୍ଚ ପ୍ରଦୀପ କୁମାର କର ୫ଜଣଙ୍କୁ ଭିନ୍ନକ୍ଷମ, ୫ଜଣ ବିଧବା, ଜଣେ ଅବିବାହିତା ଓ ଅନ୍ୟାନ୍ୟ ୩୯ ଜଣଙ୍କୁ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ୱାର୍ଡ ସଭ୍ୟ ସର୍ବେଶ୍ୱର ପ୍ରଧାନ, ଅଲେଖ ବେହେରା, ଗଦାଧର ଦାସ, ଉତ୍ସବ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

### ଜିଲା ବିଜ୍ଞାନ ପରିଷଦର ସମ୍ବର୍ଦ୍ଧନା ସଭା

**ପୁରୀ ଅଫିସ, ୧୫।୯**

ପୁରୀ ଜିଲା ବିଜ୍ଞାନ ପରିଷଦର ସମ୍ବର୍ଦ୍ଧନା ସଭା ବ୍ରହ୍ମାନନ୍ଦ ଦାଶଙ୍କ ସଭାପତିତ୍ୱରେ ସ୍ଥାନୀୟ ମୁକ୍ତେଶ୍ୱର ମନ୍ଦିର ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୂର୍ବତନ ବିଜ୍ଞାନ ଶିକ୍ଷକ ଶରତ କୁମାର ସାମନ୍ତରାୟ, ପ୍ରଭାସ କୁମାର ମିଶ୍ର, ଶିକ୍ଷାବିତ୍ ପ୍ରମୋଦ କର, ଦିବାକର ଦଳେଇ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ପରିଷଦର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ କାମଦେବ ରାଉତରାୟ, ଉପସଭାପତି ଭାବେ ସୁବାସ ଚନ୍ଦ୍ର ସାହୁ, ସମ୍ପାଦକ ଭାବେ ବିଜୟ କୁମାର ଜେନା, ସହସମ୍ପାଦକ ଭାବେ ଦିବାକର ଦଳେଇ ଏବଂ ଅନ୍ୟ କର୍ମକର୍ତ୍ତା ମନୋନୀତ ହୋଇଛନ୍ତି। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଜ୍ଞାନ ପ୍ରତି ଆଗ୍ରହ ସୃଷ୍ଟି ଲାଗି ମଣ୍ଡଳସ୍ତରରୁ ବିଜ୍ଞାନଭିତ୍ତିକ କାର୍ଯ୍ୟକ୍ରମ ଆୟୋଜନ ଲାଗି ନୂତନ ସଭାପତି ଓ ସମ୍ପାଦକ ଗୁରୁଦ୍ୱାରୋପ କରିଥିଲେ।

# ନଭେମ୍ବର ୧୬ରେ ଇଣ୍ଡିଆନ ଗ୍ଲୋରୀ ଆୱାର୍ଡ

**ପୁରୀ ଅଫିସ, ୧୫।୯**

ସୁନ୍ଦରଗଡ଼ ଜିଲା ରାଉରକେଲାର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ହାପି ମୁମେଣ୍ଟ ଇଣ୍ଡିଆ ପ୍ରଥମଥର ଲାଗି ପୁରୀଠାରେ ଆୟୋଜନ କରିବାକୁ ଯାଉଛି ଇଣ୍ଡିଆନ ଗ୍ଲୋରୀ ଆୱାର୍ଡ। ସାମାଜିକ କାର୍ଯ୍ୟରେ ସକ୍ରିୟ ଯୋଗଦାନ ରହିଥିବା ୨୫ ଜଣ ଏବଂ କଳା ସଂସ୍କୃତିର ବିକାଶ ଲାଗି ୫ଟି କଳାଭିତ୍ତିକ ଅନୁଷ୍ଠାନକୁ ଗ୍ଲୋରୀ ଆୱାର୍ଡ ପ୍ରଦାନ କରାଯିବ। ରବିବାର ୟୁଥ୍ ହଷ୍ଟେଲ ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସଂସ୍ଥାର ଆବାହକ ରାଜେନ୍ଦ୍ର ପଣ୍ଡା ଏହା କହିଛନ୍ତି। ସ୍ଥାନୀୟ ଅନ୍ୱେଷା ଅନୁଷ୍ଠାନର ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେବ। ଆୱାର୍ଡ ସିଲେକ୍ସନ ଲାଗି ଏକ କମିଟି ଗଠନ କରାଯାଇଛି। ଏଥିଲାଗି ଇଚ୍ଛୁକ ପ୍ରାର୍ଥୀ ସେମାନଙ୍କ ଯୋଗ୍ୟତା ପ୍ରମାଣପତ୍ର ସଂସ୍ଥାକୁ ପଠାଇ ପାରିବେ। ଅକ୍ଟୋବର ୨ ତାରିଖ ଆବେଦନର ଶେଷ ଦିବସ ଭାବେ ରଖାଯାଇଛି। ଆୱାର୍ଡ କାର୍ଯ୍ୟକ୍ରମ ସହ ସାଂସ୍କୃତିକ ସନ୍ଧ୍ୟା ଆୟୋଜନ କରାଯିବ। ଏହି ଖବରଦାତା ସମ୍ମିଳନୀରେ କାର୍ଯ୍ୟକ୍ରମର ମାର୍ଗଦର୍ଶକ ଐତିହ୍ୟ ଗବେଷକ ଦେବୀ ନନ୍ଦ ଏବଂ ରତ୍ନାକର ବେହେରା ମଞ୍ଚାସୀନ ଥିଲେ।

# ସଡ଼କ ସୁରକ୍ଷା ସଚେତନତା

**ଦଶପଲ୍ଲା, ୧୫।୯ (ଡି.ଏନ୍.ଏ.)**

ରବିବାର ଦଶପଲ୍ଲା ଥାନା ପୋଲିସ ପକ୍ଷରୁ ସଡ଼କ ସୁରକ୍ଷା ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଥାନା ଆଇଆଇସିଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇ ସୁବାସ ଚନ୍ଦ୍ର ଚମ୍ପତି, ଚକ୍ରଧର ସିଂ, ଏଏସ୍‌ଆଇ ଉଲ୍ଲା ଖାଁଙ୍କ ନେତୃତ୍ୱରେ ସମସ୍ତ କନଷ୍ଟେବଳ, ହାବିଲଦାର ଓ କର୍ମଚାରୀମାନେ ବାଇକ୍ ଶୋଭାଯାତ୍ରାରେ ବାହାରି ଟାଉନ, ସୁବଳୟା, ସରିଗଣ୍ଡା, ଜଗାପୁର ପ୍ରଭୃତି ଅଞ୍ଚଳ ଗସ୍ତ କରିଥିଲେ। ଏହି ସମୟରେ କର୍ମଚାରୀମାନେ ସଡ଼କ ସୁରକ୍ଷା ନେଇ ଜନସାଧାରଣଙ୍କୁ ସଚେତନ କରାଇଥିଲେ। ହେଲମେଟ୍ ପିନ୍ଧିବା, ମଦ୍ୟପାନ କରି ଗାଡ଼ି ନ ଚଳାଇବା, ଦ୍ରୁତ ଗତିରେ ନ ଯିବା ସମ୍ପର୍କରେ ବୁଝାଇଥିଲେ।



ଶୋଭାଯାତ୍ରାରେ ବାହାରୁଛନ୍ତି ପୋଲିସ କର୍ମଚାରୀ।

# ନିଜ ଭାଷାକୁ ନେଇ ଗର୍ବ କଲେ ସାହିତ୍ୟ ବଞ୍ଚିବ

**ଭଞ୍ଜନଗର, ୧୫।୯ (ଡି.ଏନ.ଏ)**




ମୁଖ୍ୟ ଅତିଥି ହୃଷୀକେଶ ପାଣିଗ୍ରାହୀ ସରୋଜ ନନ୍ଦଙ୍କୁ ସମ୍ମାନିତ କରୁଛନ୍ତି ।

ଆଗାମୀ ପିଢ଼ୀ ଉପରେ ଓଡ଼ିଆ ଭାଷା ସାହିତ୍ୟର ଭବିଷ୍ୟତ ନିର୍ଭର କରେ। ତେଣୁ ନିଜ ଭାଷା ପ୍ରତି ଆଗ୍ରହ ସୃଷ୍ଟି କରିବାକୁ ଯୁବପିଢ଼ୀଙ୍କୁ ସଚେତନ କରିବାକୁ ପଡ଼ିବ। ବିଭିନ୍ନ ସାହିତ୍ୟ ସଭାରେ ସେମାନଙ୍କ ଉପସ୍ଥିତି ଅଧିକ ରଖିବାକୁ ହେବ। ନିଜ ଭାଷାକୁ ନେଇ ସର୍ବଦା ଗର୍ବିତ ହେଲେ ସାହିତ୍ୟ ବଞ୍ଚିବ। ଓଡ଼ିଆ ଭାଷା ସାହିତ୍ୟର ଭବିଷ୍ୟତ ଉଜ୍ଜଳ। ଭଞ୍ଜନଗର ଦୀନବନ୍ଧୁ ବେହେରା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ରବିବାର ସନ୍ଧ୍ୟାରେ ଓଡ଼ିଆ ଭାଷା ସାହିତ୍ୟ ଆନ୍ଦୋଳନ ଉପରେ ଅନୁଷ୍ଠିତ ଏକ ଆଲୋଚନାଚକ୍ରରେ ଏପରି ମତ ପ୍ରକାଶ ପାଇଛି।ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ଆକାଶବାଣୀ ବ୍ରହ୍ମପୁର କେନ୍ଦ୍ରର ନିର୍ଦ୍ଦେଶକ ତଥା ବିଶିଷ୍ଟ ମଞ୍ଚ ଉପସ୍ଥାପକ ହୃଷୀକେଶ ପାଣିଗ୍ରାହୀ ଯୋଗଦେଇ ଏହି ମତ ରଖିଥିଲେ । ଏହି ଅବସରରେ ବିଶିଷ୍ଟ ପଣ୍ଡିତ ଶ୍ରୀଧର ଶତପଥୀଙ୍କ ୧୦୬ତମ ଜୟନ୍ତୀ ପାଳିତ ହୋଇଥିଲା। କବିସମ୍ରାଟ ସାହିତ୍ୟ ସଂସଦ ପକ୍ଷରୁ ଆୟୋଜିତ ସଭାରେ ସୁରେଶ ପଣ୍ଡା ଅଧକ୍ଷତା କରିଥିଲେ। ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀର ପୂର୍ବତନ ସମ୍ପାଦକ ମନ୍ମଥ କୁମାର ଶତପଥୀ ମୁଖ୍ୟବକ୍ତା, ସାହିତ୍ୟିକ ସୁରେନ୍ଦ୍ର କୁମାର ଶତପଥୀ, ବଳରାମ ସ୍ୱାଇଁ, ଗୁରୁମୂର୍ତ୍ତି ନାୟକ, ବାଳକୃଷ୍ଣ ପଟ୍ଟନାୟକ, କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ନେତାଜୀ ବିଷୋୟୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଅବସରପ୍ରାପ୍ତ ରେଞ୍ଜର ତଥା ସାହିତ୍ୟିକ ସରୋଜ କୁମାର ନନ୍ଦଙ୍କୁ ପଣ୍ଡିତ ଶ୍ରୀଧର ଶତପଥୀ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା । ସ୍ୱର୍ଣ୍ଣେନ୍ଦୁ ଶେଖର ପଣ୍ଡା, ଚିନ୍ମୟ କୁମାର ବେବର୍ତ୍ତା, ଜଗଦିଶ ପାଣିଗ୍ରାହୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



ଶତ୍ରୁକୁ ମିତ୍ରରେ ପରିଣତ କରିବା ହେଉଛି ଅହିଂସାର ଏକ ଯାଦୁକାରୀ ଶକ୍ତି।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ପରମାର୍ଥିକ ଉତ୍କଳ ପୁସ୍ତକ ଉନ୍ମୋଚିତ

ଖୋର୍ଦ୍ଧା ଅଫିସ,୧୫।୯: ଜାତୀୟ ରାଜପଥ ବରୁଣେଇ ଛକଠାରେ ଥିବା ଶ୍ରୀଚୈତନ୍ୟ ବିହାରଠାରେ ଆଧାତ୍ମିକ ଲେଖକ ଜାନକୀ ବଲ୍ଲଭ ପଟ୍ଟନାୟକ (କନିଷ୍ଠ)ଙ୍କ ରଚିତ ପାରମାର୍ଥିକ ଉତ୍କଳ ପୁସ୍ତକ ରବିବାର ଉନ୍ମୋଚିତ ହୋଇଯାଇଛି। ଐତିହାସିକ ସତ୍ୟବାଦୀ ବଳିଆରସିଂହଙ୍କ ସଭାପତିତ୍ୱରେ ପ୍ରଫେସର ଡ. ଶରତ ଚନ୍ଦ୍ର ମହାପାତ୍ର, ପ୍ରଧାପକ ଗୋପାଳକୃଷ୍ଣ ଦାସ, ଶ୍ରୀଜଗନ୍ନାଥ ସାହିତ୍ୟ ପରିଷଦର ସଭାପତି ଶିବସୁନ୍ଦର ପଟ୍ଟନାୟକ, ଗୋଧୂଳି ସମ୍ପାଦିକା ବିମଳା ସିଂହ, ପ୍ରକାଶକ ଗୋଷ୍ଠ ବିହାରୀ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପୁସ୍ତକ ଉନ୍ମୋଚନ କରିଥିଲେ। ସମ୍ବିତ ପଟ୍ଟନାୟକ ଅତିଥି ପରିଚୟ ଓ ଲେଖକ ପଟ୍ଟନାୟକ ପୁସ୍ତକ ଉପରେ ନିଜସ୍ୱ ମତାମତ ଦେଇଥିଲେ। ଗୋପବନ୍ଧୁ ପଣ୍ଡା ଓ ପ୍ରାଧାପକ ଗୋପାଳ କୃଷ୍ଣ ଦାସ ପୁସ୍ତକ ସମୀକ୍ଷା କରିଥିଲେ। ଏଥିରେ ଇତିଶ୍ରୀ ସାହୁ, ବିଶ୍ୱନାଥ ସ୍ୱାଇଁ, ନିରଞ୍ଜନ ବେହେରା ପ୍ରମୁଖ ମତାମତ ରଖିଥିବା ବେଳେ ଯୁଧିଷ୍ଠିର ଛୁଆଳସିଂହ ଧନ୍ୟବାଦ ଦେଇଥିଲେ। ଶ୍ରୀପଟ୍ଟନାୟକଙ୍କ ଏହି ପୁସ୍ତକର ୨୧ଟି ପ୍ରବନ୍ଧ ସ୍ଥାନୀତ ହୋଇଛି। ପ୍ରବନ୍ଧ ଗୁଡିକ ପାଠକୀୟ ସ୍ୱୀକୃତି ପାଇବ ବୋଲି ମତପ୍ରକାଶ ପାଇଥିଲା।

### ଧାନ ଫସଲ ନଷ୍ଟକଲେ ହାତୀପଲ





ଦଶପଲ୍ଲା,୧୫।୯ (ଡି.ଏନ୍.ଏ.): ଦଶପଲ୍ଲା ବ୍ଲକ ଟାକେରା ନିକଟ ବଡ଼କୁରୁବାରୀ ଅଞ୍ଚଳରେ ହାତୀପଲ ଫସଲ ନଷ୍ଟ କରିଛନ୍ତି। ଏହି ପଲରେ ୮ଟି ହାତୀ ଥିବା ଜଣାଯାଇଛି। ହାତୀପଲ ଗତ ରାତିରେ ଉକ୍ତ ଅଞ୍ଚଳର ଧାନଜମିରେ ପଶି ଖାଇବା ସହ ନଷ୍ଟ କରିଛନ୍ତି। ବଡ଼କୁରୁବାରୀ ଗ୍ରାମର ଜଳେଶ୍ୱର ଜାନି, ବିଭୀଷଣ ଜାନି, ବଳରାମ ଜାନି, ଗଙ୍ଗାଧର ଜାନିଙ୍କର ଧାନ ଫସଲ ନଷ୍ଟ ହୋଇଥିବା ସେମାନେ ଅଭିଯୋଗ କରିଛନ୍ତି। ବିଭାଗ ପକ୍ଷରୁ ତୁରନ୍ତ ସେମାନଙ୍କୁ କ୍ଷତିପୂରଣ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ବର୍ତ୍ତମାନ ହାତୀପଲ ବାଇଶିପଲ୍ଲୀ ଅଭୟାରଣ୍ୟ ଅଭିମୁଖେ ଯାଇଥିବା ଜଣାଯାଇଛି।

### ନାଟ୍ୟକାର ବିଜୟ ଚୌଧୁରୀ ସମ୍ମାନିତ



ନୟାଗଡ଼ ଅଫିସ,୧୫।୯: ନୟାଗଡ଼ ଭାରତ ବିକାଶ ପରିଷଦ ପକ୍ଷରୁ ନାଟ୍ୟକାର ଡ. ବିଜୟ ଚୌଧୁରୀଙ୍କୁ ସମ୍ମାନିତ କରାଯାଇଛି। ନିକଟରେ ସେ କଟକରେ ହୋଇଥିବା ଜାତୀୟ ନାଟ୍ୟ ଉତ୍ସବରେ ନାଟ୍ୟଭୂଷଣ ଉପାଧିରେ ସମ୍ମାନିତ ହୋଇଥିଲେ। ପ୍ରଦୀପ୍ତ କୁମାର ପଟ୍ଟନାୟକ, ନିରଞ୍ଜନ ମିଶ୍ର, ଗୋକୁଳ କୁମାର ଷଡ଼ଙ୍ଗୀ, ଏମ୍ ଆଉରଙ୍ଗଜେବ, ସର୍ବେଶ୍ୱର ପଟ୍ଟନାୟକ, ସବିତା ମହାନ୍ତି, ଗୀତାଞ୍ଜଳି ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ମଧ୍ୟାହ୍ନଭୋଜନରେ ପୁଷ୍ଟିକର ଖାଦ୍ୟ ଦେବା ଲକ୍ଷ୍ୟ

# ୧୮୫ ବିଦ୍ୟାଳୟରେ କିଚେନ ଗାର୍ଡେନ ବ୍ୟବସ୍ଥା



ବିଦ୍ୟାଳୟ ପରିସରରେ ଲାଗିଥିବା ବିଭିନ୍ନ ପନିପରିବା ଗଛ।



ଏକ ବିଦ୍ୟାଳୟରେ ପିଲାମାନେ କଦଳୀ ଗଛ ଲଗାଉଛନ୍ତି।

■ଜିଲାରେ ଚିହ୍ନଟ ହୋଇଛି ୨୨୮ ବିଦ୍ୟାଳୟ

■୪୩ ବିଦ୍ୟାଳୟ ଦେଇନାହାନ୍ତି ରିପୋର୍ଟ

ନୟାଗଡ଼ ଅଫିସ,୧୫।୯

ରାଜ୍ୟରେ ବିଭିନ୍ନ ସମୟରେ ମଧ୍ୟାହ୍ନଭୋଜନରେ ଛାତ୍ରୀଛାତ୍ରଙ୍କୁ ଭାତ ସହିତ ପାଣିଆ ଡାଲି ଦିଆଯାଉଥିବା ଅଭିଯୋଗ ହୋଇଥାଏ। ପିଲାଙ୍କୁ ଯେପରି ସୁଷମ ଓ ପୁଷ୍ଟିକର ଖାଦ୍ୟ ଦିଆଯିବ ସେ ଲକ୍ଷ୍ୟ ନେଇ ରାଜ୍ୟ ସରକାର ବିଦ୍ୟାଳୟରେ କିଚେନ ଗାର୍ଡେନ (ନ୍ୟୁଟ୍ରିଶନ୍ ଗାର୍ଡ଼େନ) ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ନୟାଗଡ଼ ଜିଲାରେ ୨୨୮ ବିଦ୍ୟାଳୟରେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହେବ ବୋଲି ଚିହ୍ନଟ କରାଯାଇଛି। ତନ୍ମଧ୍ୟରୁ ୧୮୫ ବିଦ୍ୟାଳୟରେ ଏହା କାର୍ଯ୍ୟକ୍ଷମ ହେଉଛି। ଅବଶିଷ୍ଟ ୪୩ ବିଦ୍ୟାଳୟ କୌଣସି ରିପୋର୍ଟ ଦେଇ ନ ଥିବା ଜିଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ଏହି ବ୍ୟବସ୍ଥା ଅନୁଯାୟୀ ବିଦ୍ୟାଳୟ ପରିସରରେ ଥିବା ଖାଲି ଜାଗାରେ ପିଲାମାନେ ଅମୃତଭଣ୍ଡା, କଦଳୀ, ଲେମ୍ବୁ, ବାଇଗଣ ଆଦି ପନିପରିବା ଗଛ ଲଗାଇ ଏଥିରୁ ଉତ୍ପାଦିତ ପରିବା ମଧ୍ୟାହ୍ନଭୋଜନ ରୋଷେଇରେ ବ୍ୟବହାର କରିବେ।

୨୬ ନଭେମ୍ବର ୨୦୧୮ରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ଜିଲାପାଳଙ୍କୁ ନିଜ ଜିଲାରେ ଥିବା ବିଭିନ୍ନ ବିଦ୍ୟାଳୟରେ କିଚେନ ଗାର୍ଡ଼େନ ତିଆରି କରାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ସେଥିରେ ଦର୍ଶାଯାଇଥିଲା ଯେ ବିଦ୍ୟାଳୟରେ ପ୍ରସ୍ତୁତ କରାଯାଉଥିବା ମଧ୍ୟାହ୍ନଭୋଜନରେ ପନିପରିବା ଆବଶ୍ୟକ ରହିଥିବା ବେଳେ ଏହା ଖାଦ୍ୟକୁ ପୋଷଣରେ ଭରି ଦେଇଥାଏ। ଯେଉଁ ବିଦ୍ୟାଳୟରେ ପାଚେରୀ ବ୍ୟବସ୍ଥା ସହ ଖାଲି ଜାଗା ଓ ପାନୀୟ ଜଳ ବ୍ୟବସ୍ଥା ଥିବ ସେଠାରେ କିଚେନ ଗାର୍ଡ଼େନ କରାଯିବା ପାଇଁ କୁହାଯାଇଥିଲା। ନୟାଗଡ଼ ଜିଲାରେ ମୋଟ ୧୧୬୦ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ଷମ ହେଉଥିବା ବେଳେ ୨୨୮ଟି ସ୍କୁଲରେ ମଧ୍ୟାହ୍ନ ଭୋଜନ ଲାଗି ନ୍ୟୁଟ୍ରିଶନ୍ ଗାର୍ଡ଼େନ ପାଇଁ ଚିହ୍ନଟ କରାଯାଇଥିଲା। ଗଣିଆ ବ୍ଲକରେ ୧୭, ଦଶପଲ୍ଲାରେ ୨୨, ଭାପୁରରେ ୧୪, ଖଣ୍ଡପଡ଼ାରେ ୨୪, ନୟାଗଡ଼ରେ ୪୦, ନୂଆଗାଁରେ ୨୫, ଓଡ଼ଗାଁରେ ୪୨ ଓ ରଣପୁରରେ ୪୪ ବିଦ୍ୟାଳୟକୁ ଚିହ୍ନଟ କରାଯାଇଥିଲା। ଦଶପଲ୍ଲା ବ୍ଲକର ୫, ଭାପୁରର ୫, ନୟାଗଡ଼ର ୧୯, ନୂଆଗାଁର ୧୧ ଓ ରଣପୁରର ୩ ଏହିଭଳି ୪୩ ବିଦ୍ୟାଳୟ ଏ ନେଇ ରିପୋର୍ଟ ଦାଖଲ କରିନାହାନ୍ତି। ନ୍ୟୁଟ୍ରିଶନ୍ ଗାର୍ଡ଼େନ ବ୍ୟବସ୍ଥା ଦ୍ୱାରା ପିଲାମାନେ ନିଜେ ପନିପରିବା ଗଛକୁ ବଢ଼ାଇ ଏହାରି ଫଳକୁ ମଧ୍ୟାହ୍ନ ଭୋଜନରେ ରୋଷେଇ କରି ଖାଉଛନ୍ତି। ବିଦ୍ୟାଳୟ ପରିସରରେ ଥିବା ଖାଲି ଜାଗାରେ ବିଭିନ୍ନ ପନିପରିବା ଗଛ ଲଗାଇ ଏଥିରେ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକ ପ୍ରତିଦିନ ଖେଳ ପିରିୟଡ଼ରେ ପାଣି ଦେଉଥିବା ଦେଖିବାକୁ ମିଳୁଛି। ଜିଲାରେ ଏଭଳି କାର୍ଯ୍ୟକ୍ରମକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି।

## ଶିକ୍ଷାବର୍ଷର ୫ମାସ ବିତିଲା

# ମିଳିଲାନି ୩ୟ ଶ୍ରେଣୀ ଇଂଲିଶ ଓ ଅଷ୍ଟମ ଶ୍ରେଣୀ ସଂସ୍କୃତ ବହି

ରଣପୁର,୧୫।୯(ସ୍ୱ.ପ୍ର.)

ଶିକ୍ଷାବର୍ଷର ୫ମାସ ବିତିଯାଇଛି। ହେଲେ ନୟାଗଡ ଜିଲା ରଣପୁର ବ୍ଲକରେ ୩ୟ ଶ୍ରେଣୀର ଇଂଲିଶ ଓ ଅଷ୍ଟମ ଶ୍ରେଣୀର ସଂସ୍କୃତ ବହି ଛାତ୍ରୀଛାତ୍ର ପାଇଲେ ନାହିଁ। ଅକ୍ଟୋବର ଶେଷ ସପ୍ତାହ କିମ୍ବା ନଭେମ୍ବରରେ ଷାଣ୍ମାସିକ ପରୀକ୍ଷା ହେବ। ଛାତ୍ରୀଛାତ୍ର କେମିତି ପାଠ ପଢ଼ି ପରୀକ୍ଷା ଦେବେ ଚିନ୍ତାରେ ପଡିଛନ୍ତି। ଏ ନେଇ ରଣପୁର ବ୍ଲକ ଶିକ୍ଷାଧିକାରୀ ଉପେନ୍ଦ୍ର ନାଥ ସାହୁଙ୍କୁ ପଚାରିବାରୁ ସେ କିଛି କହି ପାରିବେ ନାହିଁ, ଯାହା ପଚାରିବା କଥା ଜିଲା ଶିକ୍ଷାଧିକାରୀଙ୍କୁ ପଚାରନ୍ତୁ ବୋଲି କହିଥିଲେ। ଜିଲା ଶିକ୍ଷା ଅଧିକାରୀ ଶିବ ଶଙ୍କର ପ୍ରଧାନ କୁହନ୍ତି, ରାଜ୍ୟରେ ଟିବିପିଏନ ବ୍ଲକ ଶିକ୍ଷା କାର୍ଯ୍ୟାଳୟକୁ ପ୍ରଥମରୁ ଅଷ୍ଟମ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ପାଇଁ ବହି ଯୋଗାଉଛି। ଚଳିତ ଶିକ୍ଷା ବର୍ଷରେ ରଣପୁର ବ୍ଲକରେ ୨୩୬ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୩ୟ ଶ୍ରେଣୀ ଇଂଲିଶ ଓ ଅଷ୍ଟମ ଶ୍ରେଣୀର ସଂସ୍କୃତ ବହି ଆସି ନାହିଁ। ଏଣୁ ଛାତ୍ରୀଛାତ୍ରଙ୍କୁ ବହି ଦିଆଯାଇ ନାହିଁ ବୋଲି ସେ କହିଛନ୍ତି। ପ୍ରାଥମିକ ଶିକ୍ଷକ ସଂଘର ଜିଲା ସଭାପତି ଜ୍ୟୋତି ରଞ୍ଜନ ଦାଶ କୁହନ୍ତି, ରଣପୁର ବ୍ଲକରେ ୩ୟ ଶ୍ରେଣୀ ଇଂଲିଶ ଓ ଅଷ୍ଟମ ଶ୍ରେଣୀର ସଂସ୍କୃତ ବହି ଛାତ୍ରୀଛାତ୍ରଙ୍କୁ ତୁରନ୍ତ ପ୍ରଦାନ କରିବା ପାଇଁ ସଂଘ ତରଫରୁ ବ୍ଲକ ଶିକ୍ଷା ଅଧିକାରୀ, ଜିଲା ଶିକ୍ଷା ଅଧିକାରୀ, ଶିକ୍ଷାମନ୍ତ୍ରୀଙ୍କୁ ସ୍ମାରକପତ୍ର ଦିଆଯାଇଛି।



ପିଲାମାନେ ସ୍କୁଲ ଯାଉଛନ୍ତି।

# ନିମ୍ନମାନର ଚାଉଳ ନେଲେନି ହିତାଧିକାରୀ

## ନରସିଂହପୁର ପଞ୍ଚାୟତରେ ଚାପା ଉତ୍ତେଜନା

ରଣପୁର,୧୫।୯(ସ୍ୱ.ପ୍ର.)

ରଣପୁର ବ୍ଲକ ନରସିଂହପୁର ପଞ୍ଚାୟତର ରାଶନ କାର୍ଡ ହିତାଧିକାରୀମାନେ ନିମ୍ନମାନର ଚାଉଳ ନ ନେଇ ଫେରାଇ ଦେଇଛନ୍ତି। ଏହି ଘଟଣାକୁ ନେଇ ରବିବାର କିଛି ସମୟ ପାଟିତୁଣ୍ଡ ହେବା ସହ ହିତାଧିକାରୀ ଅସନ୍ତୋଷ ବ୍ୟକ୍ତ କରି ଫେରି ଯାଇଛନ୍ତି। ଏହି ପଞ୍ଚାୟତରେ ୮୦୫ କାର୍ଡଧାରୀ ଚାଉଳ ନେଉଛନ୍ତି। ଓଡଗାଁ ମିଲର ପଞ୍ଚାୟତକୁ ଚାଉଳ ଯୋଗାଉଛନ୍ତି। ହେଲେ ଚାଉଳ କଳା ଓ ନାଲି ରଙ୍ଗର ଥିବା ଦେଖିବାକୁ ମିଳିଥିଲା। ତାହା ପୁଣି ଭଲ ବାସ୍ନା ନ ଥିଲା । ଏ ନେଇ ସରପଞ୍ଚ ନିତ୍ୟାନନ୍ଦ ପରିଡା କୁହନ୍ତି, ନିମ୍ନମାନର ଚାଉଳକୁ ଦେଖି ହିତାଧିକାରୀ ଅସନ୍ତୋଷ ବ୍ୟକ୍ତ କରି ଚାଉଳ ନ ନେଇ ଫେରିଯାଇଥିଲେ। ଚାଉଳ ଦେଖିବା ପରେ ଏହା ଉତ୍କୃଷ୍ଟ ମାନର ନୁହେଁ ବୋଲି ଜଣାପଡୁଛି । ବ୍ଲକ ଯୋଗାଣ ଅଧିକାରୀ ବି.ଇ. ହରସ କୁହନ୍ତି, ରାଶନ କାର୍ଡ ହିତାଧିକାରୀଙ୍କୁ ଯୋଗାଇ ଦିଆଯାଉଥିବା ଚାଉଳ ନିମ୍ନମାନର ଆସିଥିବା ଜଣାପଡିଛି। ହିତାଧିକାରୀଙ୍କ ଅଭିଯୋଗ ପରେ ଆମେ ଯାଞ୍ଚ କରି ଏହାକୁ ଫେରସ୍ତ କରିବୁ । ପୁଣି ସେମାନଙ୍କୁ ଉତ୍କୃଷ୍ଟ ମାନର ଚାଉଳ ଯୋଗାଇ ଦିଆଯିବ ବୋଲି ସେ କହିଥିଲେ।



ନିମ୍ନମାନର ଚାଉଳ।

## ଜୀବେ ନିଷ୍ଠୁରତା ନିରୋଧ ଆଇନକୁ ଆଖିଠାର

# ଓଲଟିଲା ଗୋରୁ ବୋଝେଇ ଗାଡ଼ି, ୧ ଗାଡ଼ି ଜବତ

ନୂଆଗାଁ,୧୫।୯ (ଡି.ଏନ.ଏ.)

ନୟାଗଡ଼ ଜିଲା ନୂଆଗାଁ ଥାନା ନୂଆଗାଁ କଲେଜ ସାମ୍ନାରେ ରବିବାର ସକାଳେ ଗୋଟିଏ ଗୋରୁ ବୋଝେଇ ଗାଡି ଓଲଟି ଥିବାବେଳେ ଅନ୍ୟ ଗୋଟିଏ ଗୋରୁ ବୋଝେଇ ପିକ୍ଅପ୍ ଭ୍ୟାନ ପୋଲିସ ଜବତ କରିଛି । ଜୀବେ ନିଷ୍ଠୁରତା ଆଇନ -୧୯୬୦ (ପଶୁ ପରିବହନ) ଅନୁଯାୟୀ ମୋଟର ଯାନରେ ପଶୁ ପରିବହନ ସମୟରେ ଅନେକ ନିୟମ ରହିଛି। ଏ ସଂକ୍ରାନ୍ତରେ ଲେଖା ଥିବା ପୋଷ୍ଟର ନୂଆଗାଁ ଥାନା କାନ୍ଥରେ ଲଗାଯାଇଛି। ତଦନୁଯାୟୀ ଗୋଟିଏ ୨୦୦ କିଲୋଗ୍ରାମ ଓଜନର ଗୋରୁ ପାଇଁ ୧ ବର୍ଗମିଟର ସ୍ଥାନ ଆବଶ୍ୟକ। ସେହିପରି ଗୋରୁ ନେବା ସମୟରେ ସେମାନଙ୍କୁ ଖାଦ୍ୟ ଦେବା, ପ୍ରାଣୀଧନ ଚିକିତ୍ସକଙ୍କ ଦ୍ୱାରା ପରୀକ୍ଷା କରାଇବା, ଦିନକୁ ସର୍ବାଧିକ ୩୦ କିଲୋମିଟର ନେବା ଆଦି ନିୟମ ରହିଛି। ହେଲେ ଗୋରୁ ବେପାରୀ ଏହାକୁ ଖୁଲମ୍ଖୁଲା ଉଲ୍ଲଂଘନ କରୁଥିବାରୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଥିବା କୁହାଯାଉଛି।



ରାସ୍ତାରେ ଓଲଟିଥିବା ଗୋରୁଗାଡ଼ି।

ରବିବାର ସକାଳେ ଓଆର ୧୭ଏଚ୍-୬୩୬୮ନମ୍ବର ଟାଟା ଏସିଇ ୮ ଗୋରୁ ନେଇ ଦଶପଲ୍ଲା ହାଟକୁ ଯାଉଥିବା ସମୟରେ କଲେଜ ସାମ୍ନାରେ ଓଲଟି ପଡିଥିଲା। ଫଳରେ ସେଥିରେ ଥିବା ଗୋରୁ ଆହତ ହେବା ସହିତ ବେପାରୀ ଗୁରୁତର ଅବସ୍ଥାରେ ନୟାଗଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ସେହିପରି ଓଡି୨୫ଜି-୦୩୨୪ନଂ. ବିଶିଷ୍ଟ ପିକ୍ଅପ୍ ଭ୍ୟାନ ୧୦ ଗାଈ ଓ ୫ ବାଛୁରି ନେଇ ହାଟରୁ ଫେରୁଥିବା ସମୟରେ ନୟାଗଡ଼ ଏସଡିପିଓ ନିରଞ୍ଜନ ପାଢୀ ଏହାକୁ ଜବତ କରିଥିଲେ। ଏଥିରେ ଥିବା ଗୋରୁଙ୍କୁ ସେ ସ୍ଥାନୀୟ ଲୋକଙ୍କ ଜିମା ଦେବା ପାଇଁ ମହିପୁର ଫାଣ୍ଡି ଏଏସ୍ଆଇଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରିପୋର୍ଟ ଲେଖାହେବା ସୁଦ୍ଧା ଏ ନେଇ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା କହିଛନ୍ତି ନୂଆଗାଁ ଥାନା ଆଇଆଇସି ମନୋରମା ମଲିକ।

## ପିତୃଋଣ ଶୁଝିବା ଲକ୍ଷ୍ୟରେ ଶ୍ରାଦ୍ଧ ଓ ପିଣ୍ଡଦାନ

ଖଣ୍ଡପଡା,୧୫।୯(ସ୍ୱ.ପ୍ର.)

ରବିବାର ଭାଦ୍ରବ ଶୁକ୍ଳପକ୍ଷ ଅପରପକ୍ଷ (ପିତୃପକ୍ଷ)ଠାରୁ ପିତୃଋଣ ଶୁଝିବା ଲକ୍ଷ୍ୟରେ ଆରମ୍ଭ ହୋଇଛି ଶ୍ରାଦ୍ଧ, ତର୍ପଣ ଓ ପିଣ୍ଡଦାନ କାର୍ଯ୍ୟକ୍ରମ। ଜଣେ ଗୃହସ୍ଥ ପକ୍ଷରେ ଜୀବଦ୍ଦଶା ମଧ୍ୟରେ ପାଞ୍ଚଗୋଟି ଋଣ ଶୁଝିବାର ବ୍ୟବସ୍ଥା ଅଛି। ସେଥି ମଧ୍ୟରୁ ପିତୃଋଣ ଅନ୍ୟତମ। ଶାସ୍ତ୍ର ପୁରାଣରେ ଏହାର ଅବତାରଣା ଛଳରେ ମାତାପିତାଙ୍କ ବିଶେଷତ୍ୱ ପ୍ରତିପାଦନ କରାଯାଇଛି। ମାତାପିତାଙ୍କ ଋଣ ଶୁଝିବା ପୁତ୍ର ପକ୍ଷେ ଆଦୌ ସମ୍ଭବ ନୁହେଁ। ତେଣୁ ସେମାନଙ୍କ ତୃପ୍ତି ତଥା ପିତୃଋଣରୁ ମୁକ୍ତି ପାଇବା ପାଇଁ ଏହି ଦିନଠାରୁ ପିତୃ ପୁରୁଷଙ୍କ ନାମରେ ଶ୍ରାଦ୍ଧ, ତର୍ପଣ ଓ ପିଣ୍ଡଦାନ କରାଯାଉଛି। ଏହି ଅବସରରେ ଖଣ୍ଡପଡା ଅଞ୍ଚଳର କେତେକ ବ୍ୟକ୍ତି ଶ୍ରାଦ୍ଧ ଦେଉଥିବା ଦେଖାଯାଇଥିଲା। ଜୀବର ମୃତ୍ୟୁ ପରେ ସେହି ଆତ୍ମା ଦେବତା, ମନୁଷ୍ୟ, ପଶୁପକ୍ଷୀ, ଭୂତ ପ୍ରେତ, ବୃକ୍ଷଲତା ଆଦି ଯେ କୌଣସି ଦେହ ପାଇଥାଏ ବୋଲି ପୁରୋହିତ କାର୍ଯ୍ୟ ସମ୍ପନ୍ନ କରୁଥିବା ପ୍ରଦୀପ୍ତ କୁମାର କର କହିଥିଲେ । ସେ ଆତ୍ମା ଯେ କୌଣସି ଦେହ ପାଇଥିଲେ ମଧ ଦିଆଯାଉଥିବା ପିଣ୍ଡ ସେମାନଙ୍କ ଆବଶ୍ୟକ ହେଉଥିବା ଖାଦ୍ୟ ପଦାର୍ଥ ଛଳରେ ପ୍ରାପ୍ତ ହୋଇଥାଏ । ବେଦର ପରାମର୍ଶ ଅନୁସାରେ ମାତାପିତା ଦେବତା। ଆଉ ଦେବ ପିତୃ କାର୍ଯ୍ୟରେ ଅବହେଳା କରିବା ଉଚିତ ନୁହେଁ । ଏଣୁ ପ୍ରତ୍ୟେକ ଜ୍ୟେଷ୍ଠପୁତ୍ର ନିଜ ପିତୃଗଣଙ୍କ ତୃପ୍ତି ଓ ସେମାନଙ୍କ କଲ୍ୟାଣ ପାଇଁ ଶ୍ରାଦ୍ଧ, ତର୍ପଣ କରିବା ଜରୁରୀ ବୋଲି ଅନେକ ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି ।

## ରେଳଯାତ୍ରୀ ସୁରକ୍ଷା ସଚେତନତା ଶିବିର

ଚିଲିକା,୧୫।୯ (ଡି.ଏନ.ଏ.)

ଚିଲିକା ବ୍ଲକ ଅନ୍ତର୍ଗତ ପଞ୍ଚୁପଲ୍ଲୀ ଭୀମ ବଳବନ୍ତରାୟ ମହାବିଦ୍ୟାଳୟ, ଆଙ୍କୁଲାଚଟୀ ସଭାଗୃହରେ ରବିବାର ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ଡ଼ିଭିଜନ ପକ୍ଷରୁ ରେଳଯାତ୍ରୀ ସୁରକ୍ଷା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ବାଲୁଗାଁ ଆର୍ପିଏଫ୍ ଓ ବାଲୁଗାଁ ରେଳବାଇ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡାଙ୍କ ଦ୍ୱାରା ଏହା ଆୟୋଜିତ ହୋଇଥିଲା। ମହାବିଦ୍ୟାଳୟ ଅଧକ୍ଷ ଦେବେନ୍ଦ୍ରନାଥ ବିଶ୍ୱାଳ ଅଧକ୍ଷତା କରିଥିବାବେଳେ ସମସ୍ତ ଅଧାପକ, ଅଧାପିକା, ଅଣଶିକ୍ଷକ କର୍ମଚାରୀ ସହଯୋଗ କରିଥିଲେ।

# ନୀଳମାଧବ ମହାବିଦ୍ୟାଳୟ ପ୍ରତିଷ୍ଠା ଦିବସ

ଖଣ୍ଡପଡା,୧୫।୯(ସ୍ୱ.ପ୍ର.)

ରବିବାର କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟର ୪୩ତମ ପ୍ରତିଷ୍ଠା ଦିବସ ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ପୂର୍ବାହ୍ନରେ କଲେଜର ଶିକ୍ଷକ, ଅଣଶିକ୍ଷକ, କର୍ମଚାରୀଙ୍କ ସହିତ କେତେକ ଛାତ୍ରୀଛାତ୍ର ନୀଳମାଧବ ଜୀଉଙ୍କ ମନ୍ଦିରକୁ ଯାଇଥିଲେ । ସେଠାରେ ଶ୍ରୀ ଜୀଉଙ୍କ ସର୍ବାଙ୍ଗ ଲାଗି ହୋଇଥିବା ବେଳେ ବେଦ ଧ୍ୱନି ଓ ଶାନ୍ତି ପାଠ କରାଯାଇଥିଲା। ପରେ କଲେଜର ଉନ୍ନତି ତଥା ବିକାଶ ଦିଗରେ ସମସ୍ତେ ବ୍ରତୀ ହେବା ପାଇଁ ଶପଥ ନେଇଥିଲେ।

## ହିନ୍ଦୀ ଶିକ୍ଷକ ସଂଘ ପକ୍ଷରୁ ହିନ୍ଦୀ ଦିବସ

# ହିନ୍ଦୀ ରାଷ୍ଟ୍ରୀୟ ଏକତାର ଭାଷା

ନୟାଗଡ଼ ଅଫିସ,୧୫।୯

ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ଜିଲା ହିନ୍ଦୀ ଶିକ୍ଷକ ସଂଘ ପକ୍ଷରୁ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ଜୟକୃଷ୍ଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ଶିକ୍ଷା ଅଧିକାରୀ ଶିବଶଙ୍କର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ହିନ୍ଦୀ ରାଷ୍ଟ୍ରୀୟ ଏକତାର ଭାଷା, ବିଶ୍ୱର ସର୍ବବୃହତ୍ ତୃତୀୟ ଭାଷା ଭାବେ ଲୋକପ୍ରିୟ ବୋଲି ପ୍ରକାଶ କରିଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ନିବେଦିତା ପାଣି, କେନ୍ଦ୍ରୀୟ ବିଦ୍ୟାଳୟ ଅଧକ୍ଷ ଏସ୍ ଶ୍ରୀ ନିବାସନ, ଜବାହର ନବୋଦୟ ବିଦ୍ୟାଳୟ ଅଧକ୍ଷ ଏସ୍‌ଟି ରହମାନ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ସାହୁ, ସୁବାସ ଚନ୍ଦ୍ର ମହାପାତ୍ର, ଶରତ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ରାଜଭାଷା ହିନ୍ଦୀକୁ ସର୍ବଭାରତୀୟସ୍ତରରେ ବ୍ୟାପକ କରାଯିବା ଦିଗରେ ହିନ୍ଦୀପ୍ରେମୀ ଓ ଭାରତୀୟ ଭାବେ ଆମେ ସଂକଳ୍ପବଦ୍ଧ ହେବା ଆବଶ୍ୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶିକ୍ଷକ ସଂଘ ସମ୍ପାଦକ ଲକ୍ଷ୍ମଣ ନାଥ ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକମାନଙ୍କୁ ସମ୍ମାନିତ କରାଯାଇଥିଲା। କବି ଶରତ ଚନ୍ଦ୍ର ଆଚାର୍ଯ୍ୟ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ପ୍ରଭାକର ମିଶ୍ର ଧନ୍ୟବାଦ ଦେଇଥିଲେ।



ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ନିଜର ବକ୍ତବ୍ୟ ରଖୁଛନ୍ତି।

## ପୋତି ହୋଇଛି ଡ୍ରେନ, ରାସ୍ତା ଉପରେ ନର୍ଦ୍ଦମା ପାଣି

# ମଶା ଉପଦ୍ରବ, ଲୋକେ ଭୟଭୀତ

ଖଣ୍ଡପଡ଼ା,୧୫।୯(ସ୍ୱ.ପ୍ର.)

ଖଣ୍ଡପଡ଼ା ଅଞ୍ଚଳର ବିଭିନ୍ନ ସାହି ବସ୍ତି ଓ ମୁଖ୍ୟ ରାସ୍ତା କଡରେ ଥିବା ଡ୍ରେନଗୁଡିକ ରକ୍ଷଣାବେକ୍ଷଣ ଅଭାବରୁ ପୋତି ହୋଇଗଲାଣି। ଫଳରେ ସମ୍ପ୍ରତି ବର୍ଷା ସମୟରେ ଡ୍ରେନରେ ପାଣି ଯାଇ ନ ପାରି ରାସ୍ତା ଉପରେ ପ୍ରବାହିତ ହେଉଛି। ଅଧିକାଂଶ ସ୍ଥାନରେ ବର୍ଜ୍ୟବସ୍ତୁ ଓ ନର୍ଦ୍ଦମା ପାଣି ଜମିରହି ପୂତିଗନ୍ଧମୟ ପରିବେଶ ସୃଷ୍ଟି କରୁଛି। ଏଥିଯୋଗୁ ମଶାଙ୍କ ପ୍ରାଦୁର୍ଭାବ ବଢିବାରେ ଲାଗିଛି। ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ଲୋକେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ସୂଚନା ମିଳିଛି।

ଖଣ୍ଡପଡା ବ୍ଲକ ମର୍ଦ୍ଦରାଜପୁର ଗ୍ରାମ ପଞ୍ଚାୟତ ଅଧୀନରେ ଥିବା ତଥା କଣ୍ଟିଲୋ-ଖଣ୍ଡପଡା ପୂର୍ତ୍ତ ବିଭାଗ ରାସ୍ତାର ୧୬ ନମ୍ବର ୱାର୍ଡ ପାର୍ଶ୍ୱ ଓ ହାଟମୁଣ୍ଡପାଟଣା ଜନକଲ୍ୟାଣ କ୍ଲବ ପଛ ପାଖରେ ଥିବା ଡ୍ରେନଗୁଡିକ ଠିକ୍ ସମୟରେ ସଫା ନ ହେବା ଫଳରେ ପୋତି ହୋଇପଡିଛି । ଫଳରେ ଉଦ୍‌ବୃତ୍ତ ନର୍ଦ୍ଦମା ପାଣି ରାସ୍ତା ଉପର ଦେଇ ପ୍ରବାହିତ ହେଉଛି । ଡ୍ରେନରେ ପାଣି ନିଷ୍କାସନ ନ ହେବା ଫଳରେ ଏହି ଡ୍ରେନର ସମ୍ପୂର୍ଣ୍ଣ ଅଂଶ ଭାରି ବର୍ଜ୍ୟବସ୍ତୁ ଓ ଅଳିଆ ଆବର୍ଜନାରେ ପୋତି ହୋଇଯାଇଛି । ଆବର୍ଜନା ପଚିଶଢି ଦୂଷିତ ପରିବେଶ ସୃଷ୍ଟି କରୁଛି। ଏଥିରେ ମଶାବଂଶ ବୃଦ୍ଧି ପାଉଥିବାବେଳେ ଏମାନଙ୍କ ଉପଦ୍ରବରେ ଲୋକେ ଅତିଷ୍ଠ ହୋଇପଡୁଛନ୍ତି। ବିଶେଷ କରି ମଶା କାମୁଡାରେ ଡେଙ୍ଗୁ ହେବା ସମ୍ଭାବନା ଥିବାରୁ ସେମାନେ ଭୟଭୀତ ହୋଇପଡୁଛନ୍ତି । ଏହି ପରିପ୍ରେକ୍ଷୀରେ ପଞ୍ଚାୟତ ପକ୍ଷରୁ ଆବର୍ଜନା ସଫେଇ ଦିଗରେ ସ୍ଥାୟୀ ପଦକ୍ଷେପ ଗ୍ରହଣ ଜରୁରୀ ହୋଇପଡିଛି । ସେହିପରି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପରିମଳ ବ୍ୟବସ୍ଥା ସୁଧାରିବା ଲାଗି ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।



ରାସ୍ତା ଉପରେ ଜମି ରହିଛି ନର୍ଦ୍ଦମା ପାଣି।